

"ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହେଲେ ରାଜନୈତିକ ଦଳଗୁଡ଼ିକ ନିର୍ବାଚନ କମିଶନଙ୍କ ଭୂମିକାକୁ ନେଇ ସନ୍ଦେହ ପ୍ରକଟ କରି ସବୁ ପ୍ରକାର ଅଭିଯୋଗ ଆଣନ୍ତି। ହେଲେ ନିର୍ବାଚନ କମିଶନ ସମସ୍ତ ଚ୍ୟାଲେଞ୍ଜକୁ ଖୋଲାମନରେ ଗ୍ରହଣ କରି ନିଜ ନିରପେକ୍ଷତା ବଜାୟ ରଖନ୍ତି।

- ଓ.ପି. ରାୱତ୍, ମୁଖ୍ୟ ନିର୍ବାଚନ କମିଶନର

## ସଂକ୍ଷେପରେ

### କିଣାହେବ ୯,୧୦୦ କୋଟିର ସାମରିକ ଉପକରଣ

**ନୂଆଦିଲ୍ଲୀ,୧୮।୯:** ଭାରତୀୟ ସେନା ପାଇଁ ୯,୧୦୦ କୋଟି ଟଙ୍କାର ସାମରିକ ଉପକରଣ କିଣାଯିବ। ଏ ସଂକ୍ରାନ୍ତ ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରଣାଳୟର ଅନୁମୋଦନ ମିଳିଛି। ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ୍ ମଙ୍ଗଳବାର ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସୀତାରାମନ୍‌ଙ୍କ ଅଧକ୍ଷତାରେ ମଙ୍ଗଳବାର ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି)ର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଆକାଶ କ୍ଷେପଣାସ୍ତ୍ରର ସଦ୍ୟତମ ସଂସ୍କରଣ ସମେତ ବିଭିନ୍ନ ସାମରିକ ଉପକରଣ କିଣାଯିବା ପାଇଁ ୯,୧୦୦ କୋଟି ଟଙ୍କାର ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ମିଳିଥିବା ସୂଚନାନୁସାରେ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାରତ ଡାଇନାମିକ୍ସ ଲିମିଟେଡ୍‌ଠାରୁ 'ବାଏ ଇଣ୍ଡିଆନ୍' ବର୍ଗ ଅଧୀନରେ ୨ଟି ଆକାଶ କ୍ଷେପଣାସ୍ତ୍ର ବ୍ୟବସ୍ଥା କିଣାଯିବ। ସେହିପରି ଟି-୯୦ ଟ୍ୟାଙ୍କ ପାଇଁ ଇଣ୍ଡିଭିଜୁଏଲ୍ ଅଣ୍ଡର ୱାଟର ବ୍ରେଦିଙ୍ଗ୍ ଆପାରେଟ୍ସ (ଆଇୟୁଡବ୍ଲ୍ୟୁବିଏ)କୁ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଙ୍ଗଠନ (ଡିଆର୍‌ଡିଓ) ଦ୍ୱାରା ବିକଶିତ କରିବା ପାଇଁ ମଧ ଡିଏସି ସହମତି ପ୍ରକାଶ କରିଛି।

### ଆନ୍ନା ମାଲହୋତ୍ରାଙ୍କ ପରଲୋକ



**ମୁମ୍ବାଇ,୧୮।୯(ପି.ଟି.):** ସ୍ୱାଧୀନ ଭାରତର ପ୍ରଥମ ମହିଳା ଆଇଏଏସ୍ ଅଧିକାରୀ ପଦ୍ମଭୂଷଣ ଆନ୍ନା ରଞ୍ଜନ ମାଲହୋତ୍ରାଙ୍କ ସୋମବାର ପରଲୋକ ହୋଇଛି। ତାଙ୍କୁ ୯୧ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟଜନିତ କାରଣରୁ ଦୀର୍ଘଦିନ ହେଲା ସେ ଅସୁସ୍ଥ ରହୁଥିଲେ। ମୁମ୍ବାଇର ଅନ୍ଧେରି ଅଞ୍ଚଳରେ ନିଜ ବାସଭବନରେ ଆନ୍ନା ରଞ୍ଜନ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମଙ୍ଗଳବାର ସ୍ଥାନୀୟ ଏକ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର ହୋଇଛି। ଜୁଲାଇ ୧୯୨୭ରେ କେରଳର ଏର୍ନାକୁଲମ୍ ଜିଲାରେ ଆନ୍ନା ରଞ୍ଜନ ଜର୍ଜ ଭାବେ ସେ ଜନ୍ମଗ୍ରହଣ କରିଥିଲେ। ୧୯୫୧ରେ ସେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ଆନ୍ନା ହେଉଛନ୍ତି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ଗଭର୍ନର ଆର୍.ଏନ୍. ମାଲହୋତ୍ରାଙ୍କ ସ୍ତ୍ରୀ।

### ତ୍ରିପୁରା ପଞ୍ଚାୟତ ନିର୍ବାଚନ ୯୬% ଆସନରେ ଭାଜପା ଅପ୍ରତିଦ୍ୱନ୍ଦ୍ୱୀ

**ଅଗରତାଲା,୧୮।୯(ପି.ଟି.):** ସେପ୍ଟେମ୍ବର ୩୦ରେ ତ୍ରିପୁରାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଛି। ନିର୍ବାଚନ ପୂର୍ବରୁ ଶାସକ ଭାଜପାକୁ ବଡ଼ ସଫଳତା ମିଳିସାରିଛି। ପ୍ରାୟ ୯୬% ଆସନରେ ଗୈରିକ ଦଳ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ହୋଇଥିବା ରାଜ୍ୟ ନିର୍ବାଚନ କମିଶନର ଜି.କେ. ରାଓ ମଙ୍ଗଳବାର ସୂଚନା ଦେଇଛନ୍ତି। ମାର୍ଚ୍ଚରେ ଭାଜପା ଏବଂ ପିପୁଲ୍ସ ଫ୍ରଣ୍ଟ ଅଫ୍ ତ୍ରିପୁରା (ଆଇପିଏଫ୍‌ଟି)ର ମେଣ୍ଟ ସରକାର ତ୍ରିପୁରା ଶାସନ ଗାଦିରେ ବସିବା ପରେ ଗ୍ରାମପଞ୍ଚାୟତ, ପଞ୍ଚାୟତସମିତି ଏବଂ ଜିଲା ପରିଷଦର ୩୦୦୦ରୁ ଅଧିକ ନିର୍ବାଚିତ ସଦସ୍ୟ ଇସ୍ତଫା ଦେଇଥିଲେ। ଫଳରେ ୩୨୦୭ ଗ୍ରାମ ପଞ୍ଚାୟତ, ୧୬୧ ପଞ୍ଚାୟତ ସମିତି ଏବଂ ୧୮ ଜିଲା ପରିଷଦ ପଦ ଖାଲି ପଡ଼ିଥିଲା। ସେଥିମଧ୍ୟରୁ ୩୧୪୭ ଆସନରେ ଭାଜପା ପ୍ରାର୍ଥୀମାନେ ବିଜୟୀ ହୋଇ ସାରିଛନ୍ତି।

■ ଡେରାଡୁନ୍‌ରୁ ଦିଲ୍ଲୀ: ବର୍ବରତାର ଅନ୍ତ ନାହିଁ

# ବଳାତ୍କାରୀ ବେଲଗାମ୍

**ନୂଆଦିଲ୍ଲୀ,୧୮।୯**



ଭାରତରେ ପ୍ରତି ୧୫ ମିନିଟରେ ଜଣେ ଶିଶୁକନ୍ୟା ଯୌନ ଉତ୍ପୀଡ଼ନର ଶିକାର ହେଉଛନ୍ତି। ବିଗତ ୧୦ ବର୍ଷ ମଧ୍ୟରେ ନାବାଳିକାଙ୍କ ପ୍ରତି ବଳାତ୍କାର ଘଟଣା ୫୦୦% ବୃଦ୍ଧି ପାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି। ଏହି କ୍ଷେତ୍ରରେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଦିଲ୍ଲୀ ଓ ପଶ୍ଚିମବଙ୍ଗ ଆଗୁଆ ଥିବାବେଳେ ଅନ୍ୟ ରାଜ୍ୟଗୁଡ଼ିକ ମଧ ବାଦ୍ ପଡ଼ିନାହାନ୍ତି। ଏନ୍‌ଜିଓ କ୍ରାଏ ପକ୍ଷରୁ କରାଯାଇଥିବା ଏକ ବିଶ୍ଳେଷଣରେ ଏହି ତଥ୍ୟ ସାମ୍ନାକୁ ଆସିଛି। ୧୨ ବର୍ଷରୁ କମ ବୟସର ନାବାଳିକାଙ୍କୁ ବଳାତ୍କାର କରିଥିବା ପ୍ରମାଣିତ ହେଲେ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦେବା ପାଇଁ ପୋକ୍ସୋ ଆଇନ ପ୍ରଣୟନ କରାଯାଇଛି। ଏହି ଆଇନ କାର୍ଯ୍ୟକାରୀ ହେଲେ ଯୌନ ଲାଳସା ଚରିତାର୍ଥ ଭଳି ମନ୍ଦ ଉଦ୍ଦେଶ୍ୟ ରଖୁଥିବା ବ୍ୟକ୍ତିଙ୍କ ମନରେ ଭୟ ସଞ୍ଚାର ହେବ। ଦେଶରେ ନାବାଳିକାଙ୍କ ପ୍ରତି ଯୌନ ଅପରାଧ ହ୍ରାସ ପାଇବ ବୋଲି ଆଶା କରାଯାଉଥିଲା। ହେଲେ ସଦ୍ୟ ପ୍ରଘଟ ହୋଇଥିବା କେତୋଟି ଘଟଣାକୁ ଦୃଷ୍ଟି ଦେଲେ ନିରାଶ ହେବାକୁ ପଡ଼ୁଛି।

ଜାତୀୟ ଗଣମାଧ୍ୟମରେ ମଙ୍ଗଳବାର ସର୍ବାଧିକ ଚର୍ଚ୍ଚାକୁ ଆସିଛି ଉତ୍ତରାଖଣ୍ଡର ଡେରାଡୁନ୍ ବଳାତ୍କାର ମାମଲା। ଏହି ଜିଲାର ସାହସପୁରସ୍ଥିତ ଏକ ଆବାସିକ ସ୍କୁଲରେ ଅଗଷ୍ଟ ୧୪ରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ହଷ୍ଟେଲ ପଛପଟକୁ ନେଇ ବରିଷ୍ଠ ଛାତ୍ରମାନେ ବଳାତ୍କାର କରିଥିଲେ। ନାବାଳିକା ଅନ୍ତଃସତ୍ତ୍ୱା ହେବା ପରେ ଘଟଣାକୁ ଚପାଇଦେବାକୁ ସ୍କୁଲ କର୍ତ୍ତୃପକ୍ଷ ୨ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ଉଦ୍ୟମ କରିଥିଲେ। ପୀଡ଼ିତା ଗର୍ଭବତୀ ହେବା ପରେ ପ୍ରଥମେ ତାଙ୍କ ବଡ଼ଭଉଣୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ସ୍କୁଲ କର୍ତ୍ତୃପକ୍ଷଙ୍କୁ ଏନେଇ ଅବଗତ କରାଯିବା ପରେ ପ୍ରିନ୍ସିପାଲ ପୀଡ଼ିତାଙ୍କ ଗର୍ଭପାତ କରାଇ ଏହାକୁ ଘଣ୍ଟ ଘୋଡାଇବାକୁ ଉଦ୍ୟମ କରିଥିଲେ। ଏପରି କି ପ୍ରଘଟ କଲେ ସ୍କୁଲରୁ ଦୁଇଭଉଣୀଙ୍କୁ ବାହାର କରିଦିଆଯିବ ବୋଲି ସେ ଧମକ ଦେଇଥିଲେ। ପରେ ପୀଡ଼ିତାଙ୍କ ସମ୍ପର୍କୀୟମାନେ ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲା ସୋମବାର ଲୋକଲୋଚନକୁ ଆସିବା ପରେ ସମ୍ପୃକ୍ତ ସ୍କୁଲର ୪ ଛାତ୍ରଙ୍କ ସମେତ ୯ ଜଣଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ସ୍କୁଲ ନିର୍ଦ୍ଦେଶକ ଲତା ଗୁପ୍ତା, ପ୍ରିନ୍ସିପାଲ ଜିତେନ୍ଦ୍ର ଶର୍ମା ଓ ଅନ୍ୟ କେତେଜଣ କର୍ମଚାରୀ ଥିବା ଉତ୍ତରାଖଣ୍ଡ ପୋଲିସ ମହାନିର୍ଦ୍ଦେଶକ ଅଶୋକ କୁମାର ସୂଚନା ଦେଇଛନ୍ତି।

ସେହିପରି ଦିଲ୍ଲୀର ଶାହଦାରାସ୍ଥିତ ସୀମାପୁରୀ ଅଞ୍ଚଳରେ ସୋମବାର ରାତି ୧୦ଟା ୩୦ରେ ଜଣେ ୭ ବର୍ଷୀୟା ଝିଅଙ୍କୁ ବଳାତ୍କାର କରାଯାଇଛି। ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗକ୍ରମେ ତାଙ୍କର ଜଣେ ପଡ଼ୋଶୀଙ୍କୁ ପୋଲିସ ଗିରଫ କରିଛି। ୨୧ ବର୍ଷୀୟ ଅଭିଯୁକ୍ତ ନାବାଳିକାଙ୍କୁ ଏକ ପାର୍କକୁ ନେଇ ବଳାତ୍କାର କରିବା ପୂର୍ବରୁ ତାଙ୍କର ସମ୍ବେଦନଶୀଳ ଅଙ୍ଗରେ ଏକ ପାଣିପାଇପ୍ ପୂରାଇଦେଇଥିଲେ। ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ଗୁରୁ ତେଗ୍ ବାହାଦୁର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜାତୀୟ ରାଜଧାନୀରେ ବିଗତ ୪ ମାସ ମଧ୍ୟରେ ପ୍ରତିଦିନ ଦୁଇଜଣ ନାବାଳିକା ବଳାତ୍କାରର ଶିକାର ହେଉଥିବା ଦିଲ୍ଲୀ ପୋଲିସ ସୂଚନା ଦେଇଛି। ସୋମବାର ରାତିରେ ଉତ୍ତରପ୍ରଦେଶର ଗୋଣ୍ଡାରେ ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ୮ ବର୍ଷୀୟା ଝିଅ ନିଜ ଘରେ ଶୋଇଥିବାବେଳେ କେହି ଅଜ୍ଞାତ ବ୍ୟକ୍ତି ଉଠାଇନେଇ ଏଭଳି ଘୃଣ୍ୟକାଣ୍ଡ ଭିଆଇଛନ୍ତି। ପୀଡ଼ିତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଛି।

### 'ପ୍ରଧାନମନ୍ତ୍ରୀଙ୍କ ନୀରବତା ଲଜ୍ଜାଜନକ'

**ନୂଆଦିଲ୍ଲୀ,୧୮।୯(ପି.ଟି.)**



ଦେଶରେ ବଳାତ୍କାର ବଢ଼ିଚାଲିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀରବ। ହରିୟାଣାର ରେୱାରି ଗଣବଳାତ୍କାର ମନୋହରଲାଲ ଖଟ୍ଟାର ସରକାରଙ୍କୁ ଅଡୁଆରେ ପକାଇଥିବାବେଳେ ଏହାକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି। ୧୯ ବର୍ଷୀୟା ଟପ୍ପରଙ୍କୁ ଗଣବଳାତ୍କାର ନେଇ ପ୍ରଧାନମନ୍ତ୍ରୀ ମୁହଁ ନ ଖୋଲିବା ଲଜ୍ଜାଜନକ। ଦେଶର ମହିଳାମାନଙ୍କୁ ଅସୁରକ୍ଷିତ ଅବସ୍ଥାରେ ରଖି ବଳାତ୍କାରୀଙ୍କୁ ମୁକୁଳା ଛାଡ଼ିଦେବା କେନ୍ଦ୍ର ସରକାରଙ୍କ ପାଇଁ ଲଜ୍ଜାର ବିଷୟ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଙ୍ଗଳବାର ଟୁଇଟର୍‌ରେ ସମାଲୋଚନା କରିଛନ୍ତି।

### ନବୀନ, ମମତାଙ୍କ ବିକୃତ ଫଟୋ ପୋଷ୍ଟକରି ଭାଜପା କର୍ମୀ ଗିରଫ

**କୋଲକାତା,୧୮।୯**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପଶ୍ଚିମବଙ୍ଗ ପ୍ରତିପକ୍ଷ ମମତା ବାନାର୍ଜୀଙ୍କ ବିକୃତ ଫଟୋ ପୋଷ୍ଟ କରି ରାଜ୍ୟର ଜଣେ ଭାଜପା କର୍ମୀ ଗିରଫ ହୋଇଛନ୍ତି। ବାବୁଆ ଘୋଷ ନାମକ ଏହି ଯୁବକ ଜଣକ ଏକ ଫିଲ୍ମ ପୋଷ୍ଟରରେ ଅଭିନେତା ଏବଂ ଅଭିନେତ୍ରୀଙ୍କ ମୁହଁରେ ମମତା ଏବଂ ନବୀନଙ୍କ ଛବି ଲଗାଇ ଏହାକୁ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି। ବାବୁଆ ପଶ୍ଚିମ ମେଦିନୀପୁର ଜିଲାର ଶାଳବଣି ଥାନା ଅଞ୍ଚଳର ବୋଲି ଚିହ୍ନଟ କରାଯାଇଛି। ଦୁଇ ମୁଖ୍ୟମନ୍ତ୍ରୀଙ୍କ ଫଟୋ ପୋଷ୍ଟ କରିବା ପରେ ବାବୁଆ ଏଥିରେ ଅନେକ ଆପତ୍ତିଜନକ କମେଣ୍ଟ ମଧ କରିଛନ୍ତି। କେବଳ ସେତିକି ନୁହେଁ, ବଙ୍ଗଳା ଆର୍ଟିକିଲ୍‌ଠୁ ଆରମ୍ଭକରି ବିଭିନ୍ନ ପ୍ରକାରର ଅପମାନସୂଚକ ବିଷୟ ମଧ ସେ ସୋସିଆଲ୍ ମିଡିଆରେ ଶେୟାର୍ କରିଛନ୍ତି। ଉଚିତ ସମୟରେ ବିବାହ ନ କଲେ ଚରମ ପରିଣାମ ଭୋଗିବାକୁ ପଡ଼ିପାରେ ବୋଲି ସେ ଭାଜପା କର୍ମୀ ଲେଖିଛନ୍ତି। ଠିକ୍ ସମୟରେ ବିବାହ ନ କଲେ ଜଣେ ବ୍ୟକ୍ତି ପାଗଳ ହୋଇଯାଏ। ସମଗ୍ର ପଶ୍ଚିମବଙ୍ଗ ତାହା ଏବେ ଦେଖିପାରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଦୁଇ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଆପତ୍ତିଜନକ ମିମ୍ ଶେୟାର୍ କରିବା ଅଭିଯୋଗରେ ପଶ୍ଚିମବଙ୍ଗ ପୋଲିସ ବାବୁଆଙ୍କୁ ଗିରଫ କରିଛି। ପୂର୍ବରୁ ମଧ ରାଜ୍ୟର ଭାଜପା କର୍ମୀମାନେ ଏଭଳି ମିମ୍ ପ୍ରସ୍ତୁତ କରି ବିବାଦ ଘେରକୁ ଆସିଛନ୍ତି।

### ଭାରତ-ବାଂଲାଦେଶ ଫ୍ରେଣ୍ଡଶିପ୍ ପାଇପ୍‌ଲାଇନ୍ କାମ ଆରମ୍ଭ

**ଢାକା,୧୮।୯(ପି.ଟି.)**



ଆରମ୍ଭ ହେଲା ଭାରତ-ବାଂଲାଦେଶ ବନ୍ଧୁତାର ପ୍ରତୀକ 'ଫ୍ରେଣ୍ଡଶିପ୍ ପାଇପ୍‌ଲାଇନ୍ ପ୍ରକଳ୍ପ' ନିର୍ମାଣକାର୍ଯ୍ୟ। ଦୁଇଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଶେଖ୍ ହାସିନା ମଙ୍ଗଳବାର ଭିଡିଓ କନ୍‌ଫରେନ୍ସ ଜରିଆରେ ମିଳିତ ଭାବେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୧୩୦ କିଲୋମିଟର ବିଶିଷ୍ଟ ଭାରତ-ବାଂଲାଦେଶ ଫ୍ରେଣ୍ଡଶିପ୍ ପାଇପ୍‌ଲାଇନ୍ ପ୍ରୋଜେକ୍ଟ ପଶ୍ଚିମବଙ୍ଗର ସିଲିଗୁଡ଼ିରୁ ବାଂଲାଦେଶର ଦିନାଜ୍‌ପୁର ଜିଲାର ପାର୍ବତୀପୁର ଅଞ୍ଚଳକୁ ବିଛାଯିବ। ୩୪୬ କୋଟି ଟଙ୍କା ବିନିମୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ୩୦ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ରଖାଯାଇଛି। ପାଇପ୍‌ଲାଇନ୍‌ର କ୍ଷମତା ହେଲା ବାର୍ଷିକ ୧ ନିୟୁତ ମେଟ୍ରିକ୍ ଟନ୍। ତେବେ ଭାରତ ଏବଂ ବାଂଲାଦେଶର ମଧ୍ୟରେ ପାରସ୍ପରିକ ସହଯୋଗ ବିଶ୍ୱବାସୀଙ୍କ ପାଇଁ ଏକ ଉଦାହରଣ ବୋଲି ନିର୍ମାଣକାର୍ଯ୍ୟର ଉଦ୍‌ଘାଟନ ବେଳେ ମୋଦି ଉଲ୍ଲେଖ କରିଛନ୍ତି। ପାଇପ୍‌ଲାଇନ୍ ପ୍ରକଳ୍ପ ବ୍ୟତୀତ ଅନ୍ୟ ଦୁଇଟି ପ୍ରୋଜେକ୍ଟର ମଧ ଦୁଇ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି।

## ଫୁର୍‌ସତ

### ଗାନ୍ଧିଜୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଲୋଗୋ ଉନ୍ମୋଚିତ

**ନୂଆଦିଲ୍ଲୀ**



ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଉତ୍ସବ ପାଳନର ସ୍ମାରକୀ ସ୍ୱରୂପ ସ୍ୱତନ୍ତ୍ର ଲୋଗୋ ଏବଂ ୱେବ୍ ପୋର୍ଟାଲକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଙ୍ଗଳବାର ଅନାବରଣ କରିଛନ୍ତି। ଉକ୍ତ ଲୋଗୋ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ଡକ୍ଟର ମହେଶ ଶର୍ମାଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏହି ଲୋଗୋ ବ୍ରାଣ୍ଡକୁ ଟ୍ରେନ୍, ମେଟ୍ରୋ ରେଲ୍, ଏୟାର ଇଣ୍ଡିଆର ବିମାନ, ବିଭିନ୍ନ ରାଜ୍ୟର ବସ୍, ସରକାରୀ ୱେବସାଇଟ୍, ଇ-ମେଲ୍, ସରକାରୀ ଷ୍ଟେଶନେରି, କ୍ୟାଲେଣ୍ଡର ଏବଂ ଡାଏରି, ସରକାରୀ ବିଜ୍ଞାପନ ଓ ପ୍ରକାଶନ, ଡିଜିଟାଲ୍ ସିଗ୍‌ନେଚରରେ ବ୍ୟବହାର କରାଯାଇପାରିବ ବୋଲି ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ନୂତନ ୱେବ୍ ପୋର୍ଟାଲ୍ ଦ୍ୱାରା ବିଭିନ୍ନ ସ୍ଥାନର ପର୍ଯ୍ୟଟକ ପରିଚୟ ସହିତ ସେମାନଙ୍କ ବ୍ୟକ୍ତିଗତ ସୂଚନା ମିଳିପାରିବ। ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନ ଉକ୍ତ ଉତ୍ସବ ପାଳନରେ ଅଂଶଗ୍ରହଣ କରିବା ସହିତ ସେମାନଙ୍କ 'କାର୍ଯ୍ୟକ୍ରମ' ସହଜରେ ଅପ୍‌ଲୋଡ କରିପାରିବେ।

### ୫ରୁ କମ୍ ବର୍ଷୀୟ ଶିଶୁଙ୍କ ମୃତ୍ୟୁ କମିଛି

**ନୂଆଦିଲ୍ଲୀ**



ଜାତିସଂଘ ରିପୋର୍ଟ

ଭାରତରେ ୫ବର୍ଷରୁ କମ୍ ବୟସର ଶିଶୁଙ୍କ ମୃତ୍ୟୁହାର ହ୍ରାସ କରିବାରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିପାରିଛି ବୋଲି ଜାତିସଂଘ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି, ବିଶ୍ୱରେ ଶିଶୁ ମୃତ୍ୟୁହାର ବିଚାରକୁ ନେଲେ ଭାରତରେ ଏହି ହାର ମନ୍ଥର ଗତିରେ ହ୍ରାସ ପାଇବାରେ ଲାଗିଛି। ୨୦୧୨ରେ ଶିଶୁ ମୃତ୍ୟୁହାର ୨୨% ହୋଇଥିବା ବେଳେ ୨୦୧୭ରେ ଏହା ୧୮% ହୋଇଛି। ପ୍ରଥମ ଥର ପାଇଁ ବିଶ୍ୱ ସ୍ତରୀୟ ଶିଶୁ ଜନ୍ମହାର ଭାରତରେ ଶିଶୁ ମୃତ୍ୟୁହାର ସହିତ ସମାନ ହୋଇଛି। ଭାରତରେ ପ୍ରତି ୧୦୦୦ ଜନ୍ମିତ ଶିଶୁଙ୍କ ମଧ୍ୟରେ ୫ବର୍ଷରୁ କମ୍ ବୟସର ଶିଶୁ ମୃତ୍ୟୁହାର ୩୯ ହୋଇଥିବା ବେଳେ ଏହା ବିଶ୍ୱ ହାର ସହିତ ସମାନ ହୋଇଛି। ବିଗତ ୫ବର୍ଷ ମଧ୍ୟରେ ବିଶ୍ୱ ସ୍ତରରେ ଶିଶୁ ମୃତ୍ୟୁହାର ତୁଳନାରେ ଭାରତରେ ଏହି ହାର ଦ୍ରୁତ ଗତିରେ ହ୍ରାସ ପାଇଛି ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। ତଦନୁଯାୟୀ, ଏହି ସମୟ ମଧ୍ୟରେ ୫ବର୍ଷରୁ କମ୍ ବୟସର ପୁଅଝିଅଙ୍କ ଜୀବନଧାରଣ କ୍ଷେତ୍ରରେ ଲିଙ୍ଗଗତ ବ୍ୟବଧାନ ୪ଗୁଣ ହ୍ରାସ ପାଇଛି। ୨୦୧୨ରେ ଲିଙ୍ଗଗତ ବ୍ୟବଧାନ ହାର ପାଖାପାଖି ୧୦% ଥିବା ବେଳେ ୨୦୧୭ରେ ଏହା ୨.୫% ହୋଇଛି।

### ଇତିହାସର ଆଇନାରେ

**ସେପ୍ଟେମ୍ବର ୧୯ର ପ୍ରମୁଖ ଘଟଣା**

୧୯୭୬ ସେପ୍ଟେମ୍ବର ୧୯ରେ ତୁର୍କୀ ଏୟାରଲାଇନ୍ସର ଏକ ବିମାନ ଟାଉରସ୍ ପର୍ବତରେ ମାଡ଼ ହୋଇଥିଲା। ଏଥିରେ ୧୫୪ ଜଣଙ୍କର ମୃତ୍ୟୁ ଘଟିଥିଲା। ବିମାନଟି ଇସ୍ତାନବୁଲ ଆଟାତୁର୍କ ବିମାନବନ୍ଦରରୁ ତୁର୍କୀର ଆଣ୍ଟାଲିଆ ଅଭିମୁଖେ ଯାତ୍ରା କରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

୧୯୮୫ ସେପ୍ଟେମ୍ବର ୧୯ରେ ଏକ ୮.୦ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଏଥିରେ ଗ୍ରେଟର ମେକ୍ସିକୋ ସିଟିରେ ୫୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୮ | ୨୪.୬ |
| ଚାନ୍ଦବାଲି | ୩୪.୬ | ୨୫.୬ |
| କଟକ | ୩୪.୫ | ୨୩.୮ |
| ପାରାଦ୍ୱୀପ | ୩୪.୭ | ୨୬.୪ |
| ଭୁବନେଶ୍ୱର | ୩୫.୨ | ୨୪.୯ |
| ଗୋପାଳପୁର | ୩୬.୬ | ୨୫.୦ |
| ପୁରୀ | ୩୪.୫ | ୨୩.୯ |
| ଅନୁଗୋଳ | ୩୪.୧ | ୨୦.୬ |
| ବାରିପଦା | --- | ୨୫.୫ |
| ଝାରସୁଗୁଡ଼ା | ୩୪.୨ | ୨୪.୮ |
| କେନ୍ଦୁଝର | ୩୨.୨ | ୨୩.୦ |
| ସମ୍ବଲପୁର | ୩୪.୬ | ୨୩.୬ |
| ସୁନ୍ଦରଗଡ଼ | ୩୧.୫ | ୨୦.୫ |
| ହୀରାକୁଦ | ୩୩.୦ | ୨୩.୫ |
| ତାଳଚେର | ୩୩.୨ | ୨୪.୮ |
| ଭବାନୀପାଟଣା | ୩୨.୦ | ୨୩.୦ |
| ବଲାଙ୍ଗୀର | ୩୩.୫ | ୨୩.୭ |
| କୋରାପୁଟ | ୨୮.୦ | ୧୭.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୨.୦ | ୨୧.୦ |
| ମାଲକାନଗିରି | ୨୫.୪ | --- |
| ସୋନପୁର | ୩୪.୪ | ୨୨.୬ |
| ଦାରିଙ୍ଗିବାଡ଼ି | ୨୭.୫ | ୧୯.୦ |
| ଢେଙ୍କାନାଳ | ୩୪.୪ | ୨୪.୭ |

ଡିଗ୍ରୀ ସେଲ୍‌ସିୟସ୍

### ଲିଜାଙ୍କ କୋଳରେ ଯମଜ କନ୍ୟା

**ନୂଆଦିଲ୍ଲୀ:** ଅଭିନେତ୍ରୀ ଲିଜା ରାଏ ଏବଂ ତାଙ୍କ ପତି ଜାସନ୍ ଦେନି ଯମଜ କନ୍ୟା ସନ୍ତାନଙ୍କ ମାତାପିତା ହୋଇପାରିଛନ୍ତି। ଦୁଇ କନ୍ୟାଙ୍କ ନାମ ରଖାଯାଇଛି ସୁଫି ଏବଂ ସୋଲେଇଲ୍। ସରୋଗେସି ମାଧ୍ୟମରେ ଜନ୍ମ ନେଇଥିବା ଦୁଇ ସନ୍ତାନଙ୍କୁ ଲିଜା କୋଳରେ ଧରି ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି। ୪୬ ବର୍ଷୀୟ ଅଭିନେତ୍ରୀ ଏ ସମ୍ପର୍କରେ କହନ୍ତି, ସରୋଗେସିକୁ ନେଇ ଯେଉଁ ସାମାଜିକ ଅପବାଦ ରହିଛି ତାହାକୁ ଦୂରେଇବା ଲାଗି ସେ ତାଙ୍କ କାହାଣୀ ପ୍ରତ୍ୟେକଙ୍କୁ ଶେୟାର କରିବାକୁ ଚାହାନ୍ତି। ପିଲାଟିଏ ପାଇବା ପାଇଁ ଯେଉଁ ମାତାପିତା ଜୀବନ ତମାମ୍ ସଂଗ୍ରାମ କରିଆସୁଛନ୍ତି ସେମାନଙ୍କ ନିମନ୍ତେ ଆମ କାହାଣୀ ପ୍ରେରଣାଦାୟୀ ହେବ ବୋଲି ଆମେ ବିଶ୍ୱାସ କରୁଛୁ। ଜୀବନରେ ଅନେକ ଚ୍ୟାଲେଞ୍ଜ୍ ଏବଂ ଅଲୌକିକ ଘଟଣା ଆସିବ। ତେବେ ବର୍ତ୍ତମାନ ଦୁଇଟି କନ୍ୟା ସନ୍ତାନର ମା' ହୋଇଥିବାରୁ ମୋ କୃତଜ୍ଞତା ବର୍ଣ୍ଣନା କରିବାକୁ ଭାଷା ପାଉନାହିଁ। ମୁଁ ଏବଂ ମୋର ସ୍ୱାମୀ ପରିଣତ ବୟସରେ ମାତାପିତା ହୋଇପାରିଛୁ। ଏହା ଅଣପାରମ୍ପରିକ ହୋଇଥିଲେ ମଧ ଆମ ପାଇଁ ଯଥାର୍ଥ ସମୟ ବୋଲି ଭାବୁଛୁ। ମୁଁ ସେମାନଙ୍କ ସହିତ ଜାସନ୍‌ଙ୍କୁ ଏକତ୍ର ଦେଖିଲେ ଖୁବ୍ ଖୁସି ହୋଇପାରିବି ବୋଲି ଲିଜା ପ୍ରକାଶ କରିଛନ୍ତି।



**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ











■ ଆଇନଜୀବୀ-ପୋଲିସ ବିବାଦ ମାମଲା

# ତଦନ୍ତ କରିବେ ଡିଆଇଜି ସ୍ତରୀୟ ଅଧିକାରୀ

■କ୍ରାଇମବ୍ରାଞ୍ଚର କେସ୍ ଡାଏରୀକୁ ଅଗ୍ରାହ୍ୟ କଲେ ହାଇକୋର୍ଟ

■ସୋମବାର ସୁଦ୍ଧା ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ

କଟକ ଅଫିସ, ୧୮।୯

କଟକରେ ପୋଲିସ-ଆଇନଜୀବୀଙ୍କ ମଧ୍ୟରେ ଉପୁଜିଥିବା ବିବାଦକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ଦୁଇଟି ମାମଲାର ଏକତ୍ର ଶୁଣାଣି ଜାରି ରହିଛି। ମଙ୍ଗଳବାର କ୍ରାଇମବ୍ରାଞ୍ଚ ପକ୍ଷରୁ ମାମଲା ସମ୍ପର୍କିତ କେସ୍ ଡାଏରୀ ଦାଖଲ କରାଯାଇଛି। ମାତ୍ର ହାଇକୋର୍ଟ ଏହାକୁ ଅଗ୍ରାହ୍ୟ କରିଦେବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚର ଡିଆଇଜି ସ୍ତରୀୟ ଜଣେ ଅଧିକାରୀ କରିବାକୁ ନିର୍ଦ୍ଦେଶ ଦେବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ କ'ଣ ପାଇଁ ଗିରଫ କରାଯାଇ ନାହିଁ ସେ ସଂକ୍ରାନ୍ତରେ ଜବାବ ମାଗିଛନ୍ତି। ସୋମବାର ସୁଦ୍ଧା ରିପୋର୍ଟ ଦାଖଲ ପାଇଁ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଛନ୍ତି।

ଅଗଷ୍ଟ ୨୮ ତାରିଖ ଦିନ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓଭରବ୍ରିଜ ନିକଟରେ ହାଇକୋର୍ଟ ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କ ବାଇକ୍ ଅନ୍ୟ ବାଇକ ଧକ୍କା ହୋଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ତେବେ ଆଇନଜୀବୀ ପଟ୍ଟନାୟକଙ୍କୁ ପୋଲିସ କର୍ମଚାରୀମାନେ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଅଗଷ୍ଟ ୨୯ ତାରିଖରୁ ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବାବେଳେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଓ କ୍ଷତିପୂରଣ ନିବେଦନ କରି କଟକ ବାର୍ ଆସୋସିଏଶନ ଓ ନ୍ୟାଶନାଲିଷ୍ଟ ଲୟର୍ସ ଫୋରମ୍ ପକ୍ଷରୁ ହାଇକୋର୍ଟରେ ଦୁଇଟି ମାମଲା ରୁଜୁ ହୋଇଥିଲା। ମଙ୍ଗଳବାର ଶୁଣାଣିବେଳେ ବରିଷ୍ଠ ଆଇନଜୀବୀମାନେ ଯୁକ୍ତି ବାଢ଼ିଥିଲେ ଯେ, ଅଭିଯୁକ୍ତଙ୍କୁ ଚାକିରିରୁ ନିଲମ୍ବନ କରିଦେଇ ପୋଲିସ ନିଜର ଦାୟିତ୍ୱ ଶେଷ କରିଛି। କିନ୍ତୁ ନିଲମ୍ବନ ଉଠିଯିବା ପରେ ଜଣେ ଅଧିକାରୀ ସେହି ପଦବୀରେ ପୁନଃ ଅବସ୍ଥାପିତ ହୋଇଥାନ୍ତି। ତେଣୁ ନିଲମ୍ବନକୁ ଦଣ୍ଡବିଧାନ ଭାବିବା ଉଚିତ ନୁହେଁ। ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଆଇନଜୀବୀ ନିବେଦନ କରିଥିଲେ। ବରିଷ୍ଠ ଆଇନଜୀବୀ ତଥା ହାଇକୋର୍ଟ ବାର୍ ସଭାପତି ଶ୍ରୀକାନ୍ତ ନାୟକ, ହାଇକୋର୍ଟ ବାର୍ ସମ୍ପାଦକ ସତ୍ୟବ୍ରତ ମହାନ୍ତି, ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ଅଶୋକ ପରିଜା, ବୁଦ୍ଧଦେବ ରାଉତରାୟ ପ୍ରମୁଖ ମାମଲା ପରିଚାଳନା କରୁଛନ୍ତି।

# ବରୁଣ ଧାବନ, ଅନୁଷ୍କା ଶର୍ମା ହେଲେ ସ୍କିଲ୍ ଇଣ୍ଡିଆ ମିଶନର ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ସ୍କିଲ୍ ଇଣ୍ଡିଆ ମିଶନ ଅଭିଯାନର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଚୁକ୍ତି ସ୍ୱାକ୍ଷର କରିଛନ୍ତି ବଲିଉଡ୍ ଅଭିନେତା ବରୁଣ ଧାବନ ଓ ଅଭିନେତ୍ରୀ ଅନୁଷ୍କା ଶର୍ମା। ମୁକ୍ତିଲାଭ କରିବାକୁ ଯାଉଥିବା ବହୁ ପ୍ରତୀକ୍ଷିତ ହିନ୍ଦୀ ଫିଲ୍ମ 'ସୁଇ-ଧାଗା' ଚଳଚ୍ଚିତ୍ରର ଏହି ଦୁଇ ମୁଖ୍ୟ କଳାକାର ଫିଲ୍ମ ମାଧ୍ୟମରେ ଭାରତର ଦକ୍ଷତାଯୁକ୍ତ ମାନବ ସମ୍ବଳକୁ ଦର୍ଶକଙ୍କ ନିକଟରେ ଉପସ୍ଥାପନ କରିଛନ୍ତି। ବିଶେଷକରି ଭାରତର ଉତ୍କୃଷ୍ଟ କଳା-କାରିଗରିକୁ ସମଗ୍ର ବିଶ୍ୱରେ ପହଞ୍ଚାଇଥିବା କାରିଗର, ଶିଳ୍ପୀ ଓ ବୁଣାକାରମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି। ସେହିଭଳି ଏବେ ସ୍କିଲ୍ ଇଣ୍ଡିଆ ମିଶନ ଅଭିଯାନର ବ୍ରାଣ୍ଡ ଆମ୍ବାସାଡର ଭାବେ ଏହି ଦୁଇ କଳାକାର ଦେଶର ବିଭିନ୍ନ ସ୍ଥାନକୁ ଗସ୍ତ କରିବା ସହ ଭାରତର ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରୋତ୍ସାହିତ କରିବେ।

'ସୁଇ-ଧାଗା' ଚଳଚ୍ଚିତ୍ରରେ ଧାବନ ଜଣେ ଦର୍ଜୀ ଭୂମିକାରେ ଅଭିନୟ କରିଛନ୍ତି। ସେହିପରି ଅନୁଷ୍କା ତାଙ୍କ ପତ୍ନୀ ଭୂମିକାରେ ଅଭିନୟ କରିଥିବା ବେଳେ ଏଥିରେ ସେ ଜଣେ ଏମ୍ବ୍ରୋଡୋରୀ କାରିଗର ଭାବେ ନଜର ଆସୁଛନ୍ତି। କଠିନ ପରିଶ୍ରମ କରି ଦିନେ ବଡ଼ ହେବାକୁ ସ୍ୱପ୍ନ ଦେଖିଥିବା ଏହି ଯୋଡ଼ି ଚଳଚ୍ଚିତ୍ରରେ ଦେଶର କଳା ଓ କାରିଗରି କ୍ଷେତ୍ରରେ ଥିବା ବିକାଶର ଅପାର ସମ୍ଭାବନାକୁ ପ୍ରଦର୍ଶିତ କରିଛନ୍ତି। ଫିଲ୍ମ ଉପରେ ନିଜର ପ୍ରତିକ୍ରିୟା ରଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ବରୁଣ ଧାବନ ଓ ଅନୁଷ୍କା ଶର୍ମା ତାଙ୍କର ଚଳଚ୍ଚିତ୍ର 'ସୁଇ-ଧାଗା' ମାଧ୍ୟମରେ ଦେଶର ଅନନ୍ୟ ତଥା ନଜର ଆଢୁଆଳରେ ଥିବା ମାନବ ସମ୍ବଳ ଦକ୍ଷତାକୁ ଲୋକଲୋଚନକୁ ଆଣିବା ପାଇଁ ଏକ ନିଷ୍ଠାପର ଉଦ୍ୟମ କରିଛନ୍ତି। ଏହି ଚଳଚ୍ଚିତ୍ରରେ ଏକ ବଡ଼ ସାମାଜିକ ବାର୍ତ୍ତା ରହିଛି। ଭାରତ ବିଶ୍ୱର ଏକ ଯୁବଦେଶ। ତେଣୁ ଯୁବପିଢ଼ିଙ୍କର ଦକ୍ଷତା ଓ ଉଦ୍ୟମୀ ହେବାର ଇଚ୍ଛାଶକ୍ତି ଦେଶକୁ ବିଶ୍ୱରେ ଏକ ନୂଆ ପରିଚୟ ଦେବାରେ ସହାୟ ହେବ। ଏହି ଦୁଇ ଅଭିନେତା ସ୍କିଲ୍ ମିଶନରେ ସାମିଲ ହେବା ଦ୍ୱାରା ପ୍ରଧାନମନ୍ତ୍ରୀଙ୍କ ନୂଆ ଭାରତର ସ୍ୱପ୍ନକୁ ଅଧିକ ଶକ୍ତି ମିଳିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଉଭୟ ବରୁଣ ଧାବନ ଓ ଅନୁଷ୍କା ଶର୍ମା କେନ୍ଦ୍ର ସରକାରଙ୍କ ସ୍କିଲ୍ ଇଣ୍ଡିଆ ମିଶନକୁ ଭୂୟସୀ ପ୍ରଶଂସା କରିଛନ୍ତି। ଭାରତର ଯୁବ ସମାଜକୁ ଦକ୍ଷ ତଥା ସଙ୍ଗଠିତ କରିବା ସହ ଦେଶର ପାରମ୍ପରିକ ଶିଳ୍ପୀ, କଳାକାର ଓ ତତ୍ ସମ୍ବନ୍ଧୀୟ ମାନବ ସମ୍ବଳକୁ ଅଧିକ ରୋଜଗାରକ୍ଷମ କରିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହାସହ ଦେଶକୁ ପ୍ରଗତିର ରାସ୍ତାରେ ନେବ ବୋଲି ଏହି ଅଭିନେତ୍ରୀ ଓ ଅଭିନେତା ପ୍ରକାଶ କରିଛନ୍ତି। 'ସୁଇ-ଧାଗା' ଫିଲ୍ମରେ ବିଶ୍ୱପ୍ରସିଦ୍ଧ ପିପିଲିର ଚାନ୍ଦୁଆ କାମ ସମ୍ପର୍କରେ ଉଲ୍ଲେଖ ରହିଛି।



(ଡାହାଣରୁ) ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ବରୁଣ ଧାବନ ଏବଂ ଅନୁଷ୍କା ଶର୍ମା।

**ପ୍ରଧାନମନ୍ତ୍ରୀଙ୍କ ନୂଆ ଭାରତ ସ୍ୱପ୍ନକୁ ଅଧିକ ଶକ୍ତି ମିଳିବ: ଧର୍ମେନ୍ଦ୍ର ପ୍ରଧାନ**

# ଭିତରକନିକାରୁ ହୁଲି ଡଙ୍ଗା ଜବତ, ୫ ମତ୍ସ୍ୟଜୀବୀ ଗିରଫ

ରାଜନଗର,୧୮।୯(ଡି.ଏନ୍.ଏ.)

ରାଜନଗର ବ୍ଲକ ଅନ୍ତର୍ଗତ ଭିତରକନିକା ଜାତୀୟ ଉଦ୍ୟାନରୁ ମଙ୍ଗଳବାର ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୫ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ହୁଲି ଡଙ୍ଗା, ଜାଲ ଓ ୧୨ କିଲୋ ମାଛ ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ବିଶ୍ୱନାଥ ପାତ୍ର, ନକୁଳ ମଣ୍ଡଳ, ଭାଗିରଥୀ ବେରା, ପ୍ରଭାଂଶୁ ବେରା, ଜଗନ୍ନାଥ ସାମନ୍ତ। ରାଜନଗର ବନବିଭାଗ ପକ୍ଷରୁ ଏହି ଚଢ଼ାଉ ସମୟରେ ଗୁପ୍ତି ବନପାଳ ପ୍ରଦୀପ କୁମାର ସ୍ୱାଇଁ, ସାତଭାୟା ବନପାଳ ସଞ୍ଜୟ କୁମାର ପ୍ରଧାନ, ବନରକ୍ଷୀ ତ୍ରିଦୀପ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।











ଦେଶର ସବୁଠାରୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀ ଓ ନିତା ଅମ୍ବାନୀଙ୍କ କନ୍ୟା ଇଶା ଅମ୍ବାନୀଙ୍କର ପୁଣି ଥରେ ନିର୍ବନ୍ଧ ହେବାକୁ ଯାଉଛି। ତାହା ପୁଣି ସୁଦୂର ଇଟାଲୀରେ। ଏହା ପୂର୍ବରୁ ମୁମ୍ବାଇରେ ଏକ ପାର୍ଟି ଆୟୋଜିତ ହୋଇସାରିଛି। ହେଲେ ଆସନ୍ତା ୨୧ରେ ଇଶା ପୁଣିଥରେ ତାଙ୍କ ଭାବୀ ପତି ଆନନ୍ଦ ପିରାମଲଙ୍କୁ ମୁଦି ପିନ୍ଧାଇବେ ବୋଲି ଜଣାପଡ଼ିଛି। ବର୍ଷର ଶେଷ ଆଡ଼କୁ ଇଶାଙ୍କ ବିବାହ ଅନୁଷ୍ଠିତ ହେବ ବୋଲି ଶୁଣିବାକୁ ମିଳିଛି।



Siddhanta Mahapatra
Actor

PLEDGE 'PLASTIC-FREE' ODISHA
#PlasticFreeOdisha
ଧରିତ୍ରୀ DHARITRI
TEAM
02 OCTOBER

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ



- ସକାଳ ୯ଟାରେ ଭୁବନେଶ୍ୱରରେ ପହଞ୍ଚିବେ
- ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ସରକାରଙ୍କ ଗୁରୁତ୍ୱ

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଝାରସୁଗୁଡ଼ା ବିମାନବନ୍ଦରକୁ ଉଦ୍‌ଘାଟନ କରିବା ଲାଗି ଆସନ୍ତା ୨୨ରେ ଓଡ଼ିଶା ଗସ୍ତରେ ଆସିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଶାସନିକ ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦିଆଯାଉଛି। ମଙ୍ଗଳବାର ଏନେଇ ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ରାଜ୍ୟସ୍ତରୀୟ ସମନ୍ୱୟ ବୈଠକରେ ଆଲୋଚନା କରାଯାଇଛି। ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ଅସୀତ କୁମାର ତ୍ରିପାଠୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ଗସ୍ତ ସମ୍ବନ୍ଧୀୟ ତଥ୍ୟ ବୈଠକରେ ଉପସ୍ଥାପନ କରିଛନ୍ତି। ବିଭିନ୍ନ ବିଭାଗ ଦ୍ୱାରା କରାଯାଇଥିବା ପ୍ରାକ୍ ପ୍ରସ୍ତୁତିକୁ ମୁଖ୍ୟ ଶାସନ ସଚିବ ପାଢ଼ୀ ସମୀକ୍ଷା କରିବା ସହ ପ୍ରୋଟକଲ ଓ ନିରାପତ୍ତାକୁ ପୂର୍ଣ୍ଣଭାବେ ଅନୁପାଳନ କରିବା ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ ପ୍ରସ୍ତୁତି ଶେଷ କରିବା ଲାଗି ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକ ଶେଷରେ ପାଢ଼ୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଗସ୍ତ, ସାଧାରଣ ସଭା ଏବଂ ଯାତାୟାତ ଯେପରି ସୁରୁଖୁରୁରେ ସମ୍ପାଦିତ କରାଯିବ ସେନେଇ ବୈଠକରେ ଖସଡ଼ା ପ୍ରସ୍ତୁତ କରାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରାଯିବ ବୋଲି ସେ କହିଛନ୍ତି। ଆସନ୍ତା ୨୨ ପୂର୍ବାହ୍ନ ୯ଟା ସମୟରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ବିମାନବନ୍ଦରରେ ପହଁଚିବେ। ସେଠାରୁ ହେଲିକପ୍ଟର ଯୋଗେ ତାଳଚେର ଅଭିମୁଖେ ଯାତ୍ରା କରିବେ। ତାଳଚେର ଫର୍ଟିଲାଇଜର ପ୍ଲାଣ୍ଟର ଶିଳାନ୍ୟାସ କରି ପୂର୍ବାହ୍ନ ପ୍ରାୟ ୧୦.୩୦ମିନିଟ୍‌ରେ ବକ୍ସି ଜଗବନ୍ଧୁ ଷ୍ଟାଡିୟମଠାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ସାଧାରଣ ସଭାପରେ ପ୍ରଧାନମନ୍ତ୍ରୀ ହେଲିକପ୍ଟର ଯୋଗେ ଝାରସୁଗୁଡ଼ା ଯାତ୍ରା କରିବେ। ଅପରାହ୍ନ ୧୨.୩୫ରେ ଝାରସୁଗୁଡ଼ାଠାରେ ପହଁଚିବେ। ସେଠାରେ ଝାରସୁଗୁଡ଼ା ବିମାନବନ୍ଦର, ଏନ୍.ଟି.ପି.ସି. ଖଣି, ଏମ୍.ସି.ଏଲ ଖଣି ଏବଂ ରେଳ ଲାଇନକୁ ଜାତି ଉଦ୍ଦେଶ୍ୟରେ ସମର୍ପଣ କରିବେ। ଏହାପରେ ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ାର ଆମ୍ଲିପାଲିଠାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ସବୁ କାର୍ଯ୍ୟକ୍ରମ ପରେ ସେଦିନ ଅପରାହ୍ନ ୨.୨୦ରେ ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ାରୁ ହେଲିକପ୍ଟର ଯୋଗେ ଛତିଶଗଡ଼ ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି।

### ସିଓ୍ୱେଜ୍ ଜିଏମ୍ ହତ୍ୟା ମାମଲା: ମହିମାନନ୍ଦଙ୍କ ଅଡୁଆ ବଢ଼ିଲା

## ହାଇକୋର୍ଟ ଦେଇଥିବା ଜାମିନ ସୁପ୍ରିମକୋର୍ଟରେ ଖାରଜ

**କଟକ ଅଫିସ, ୧୮।୯:** ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ପାଇଁ ପୁଣି ବଢ଼ିଲା ଅଡୁଆ। ସିଓ୍ୱେଜ୍ କମ୍ପାନୀ ପରିଚାଳକ ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାରେ ମହିମାନନ୍ଦଙ୍କୁ ହାଇକୋର୍ଟ ୨୦୧୭ ମେ ୧୬ରେ ଜାମିନ ମଞ୍ଜୁର କରିଥିଲେ। ତେବେ ଏହା ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମଙ୍ଗଳବାର ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଏଲ୍. ନାଗେଶ୍ୱର ରାଓ ଓ ବିଚାରପତି ମୋହନ ଏମ୍. ଶାନ୍ତନାଗୌଦାରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଉକ୍ତ ଜାମିନକୁ ଖାରଜ କରିଦେଇଛନ୍ତି। ଏଥିସହିତ ମହିମାନନ୍ଦଙ୍କୁ ବିଚାର ବିଭାଗୀୟ ହାଜତକୁ ନେବା ପାଇଁ ରାଜ୍ୟ ସରକାରଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ ଖଣ୍ଡପୀଠ ହୃଦବୋଧ କରିଥିଲେ ଯେ, ମହିମାନନ୍ଦଙ୍କ ସ୍ଥାନୀୟ ଅଞ୍ଚଳରେ ଯଥେଷ୍ଟ ପ୍ରଭାବ ରହିଛି। ତାଙ୍କର ଅର୍ଥ ଓ ବାହୁବଳ ଥିବାରୁ ତଦନ୍ତ ପ୍ରଭାବିତ ହୋଇପାରେ। ଯେହେତୁ ମାମଲା ବିଚାରାଧୀନ ରହିଛି ତେଣୁ ଏହା ଦ୍ୱାରା ସାକ୍ଷୀମାନେ ମଧ୍ୟ ପ୍ରଭାବିତ ହୋଇପାରନ୍ତି ବୋଲି ଖଣ୍ଡପୀଠ ଆଶଙ୍କା କରିଛନ୍ତି। ସେହିପରି ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ହାଇକୋର୍ଟଙ୍କ ଜାମିନ ଉପରେ କେତେକ କଡ଼ା ଟିପ୍ପଣୀ ଦେଇଛନ୍ତି। ମହିମାନନ୍ଦଙ୍କର ସ୍ଥାନୀୟ ଅଞ୍ଚଳରେ ବ୍ୟବସାୟ ରହିଛି। ତେଣୁ ସେ ଫେରାର ହେବାର ସମ୍ଭାବନା ନ ଥିବା ହାଇକୋର୍ଟ ଅନୁଧ୍ୟାନ କରି ତାଙ୍କୁ ଜାମିନ ଦେଇଥିଲେ। କିନ୍ତୁ ମହିମାନନ୍ଦଙ୍କ ଅତୀତ ସମ୍ପର୍କରେ ହାଇକୋର୍ଟ ଅନୁଶୀଳନ କରିନାହାନ୍ତି। ପୂର୍ବରୁ ଆଇନକୁ ଟାଳିବା ପାଇଁ ସେ ଉଦ୍ୟମ କରିଥିଲେ। କିନ୍ତୁ ଜାମିନ ଦେବା ସମୟରେ ହାଇକୋର୍ଟ ଏହା ଉପରୁ ନଜର ହଟାଇଥିବା ଓ ଆଉ କେତେକ ପ୍ରସଙ୍ଗ ପ୍ରତି ଗୁରୁତ୍ୱ ଦେଇ ନ ଥିବା ସୁପ୍ରିମକୋର୍ଟ ଖଣ୍ଡପୀଠ କହିଛନ୍ତି।

FEW SEATS LEFT
HURRY-UP !!
B.Ed, B.P.Ed, B.H.Ed.
10th, +2, +3 (UG, PG, All stream)
PGDCA, BCA, MCA, MSW, BBA, MBA, B.Lib, M.Lib, M.Ed., M.Phil, Ph.D
Regular & Distance at lower rate
Approved by UGC, NCTE & Equivalent to Odisha Board & University
ADHAYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436

ADMISSION OPEN
GNM
Duration : 3 Years
Eligibility: 2 Arts , Science & Commerce
Age: Both Male & Female 17 to 30 Years
ANM
Duration : 2 Years
Eligibility: +2 in any Stream or its equivalent examination
Age: 17 to 30 year
Clinical Training at : □ District Head Quarter Hospital, SBP □ VIMSAR, Burla
Details Contact
KOSHAL ANM & GNM TRAINING SCHOOL
At/Po:Dhanupali(Naxapali) Sambalpur-768005(Odisha)
Phone: (0663) 2546997: Mobile 9938569414
Permitted by: Health & Family Welfare Deptt. Govt of Odisha, Bhubaneswar
Affiliated By : Indian Nursing Council New Delhi and Odisha Nursing Council, Bhubaneswar

# ସିବିଆଇ ଅଫିସରେ ହାଁସଦା

ଭୁବନେଶ୍ୱର, ୧୮।୯(ବ୍ୟୁରୋ)

ସିବିଆଇ ଅଫିସରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ହାଜର ହୋଇଥିଲେ ମୟୂରଭଞ୍ଜ ଏମ୍‌ପି ରାମଚନ୍ଦ୍ର ହାଁସଦା। ସିବିଆଇ ଅଫିସକୁ ସେ ଯିବାର କାରଣ ସ୍ପଷ୍ଟଭାବେ ଜଣାପଡ଼ି ନ ଥିବାବେଳେ ସେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନେବା ପାଇଁ ଆସିଥିବା ସିବିଆଇର ଜଣେ ଅଫିସର କହିଛନ୍ତି। ଏପରି କି ସେ ସିବିଆଇ ଅଫିସରେ ୧ ଘଣ୍ଟା ରହିବା ପରେ ବାହାରକୁ ବାହାରିଥିଲେ। ଗଣମାଧ୍ୟମର ପ୍ରତିନିଧିମାନେ ଖବରପାଇ ସେଠାରେ ପହଞ୍ଚିଥିଲେ ମଧ୍ୟ ସେ ତରବରିଆଭାବେ ଚାଲିଯାଇଥିଲେ। ଅନ୍ୟପଟେ ସିବିଆଇ ତାଙ୍କୁ ନବଦିଗନ୍ତ ଚିଟଫଣ୍ଡ ଠକେଇରେ ସଂପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କ ସମ୍ପର୍କରେ ପଚରାଉଚରା କରିଥିବା ଚର୍ଚ୍ଚା ହେଉଛି। ଗତ କିଛିଦିନ ହେବ ଚିଟଫଣ୍ଡ ଠକେଇ ମାମଲାରେ ସିବିଆଇ ତାର ତଦନ୍ତକୁ ଜୋରଦାର କରିଛି। ତେଣୁ ସିବିଆଇ ଏହି ଠକେଇ ସମ୍ପର୍କରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବା ପାଇଁ ହାଁସଦାଙ୍କୁ ଡକାଇଥାଇପାରେ ବୋଲି ଆଲୋଚନା ହେଉଛି। ଏ ନେଇ ଏମପି ହାଁସଦା ମୁହଁ ଖୋଲି ନ ଥିବାବେଳେ ସିବିଆଇ ଅଫିସରେ ସେ ହାଜର ହେବା ଘଟଣାକୁ ସାଧାରଣରେ ଭିନ୍ନ ଦୃଷ୍ଟିରେ ନିଆଯାଉଛି। ସିବିଆଇ ପୁଣି ତାର ପୁରୁଣା ପୋଥି ଖୋଲିବାକୁ ଯାଉଛି ବୋଲି ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ଚିଟ୍‌ଫଣ୍ଡ ସଂସ୍ଥା ନବଦିଗନ୍ତ କ୍ୟାପିଟାଲ ସର୍ଭିସ୍‌ର ନିର୍ଦ୍ଦେଶକ ଥିଲେ ହାଁସଦା। ଏହି ସଂସ୍ଥା ଲୋକମାନଙ୍କଠାରୁ କୋଟି କୋଟି ଟଙ୍କା ଠକେଇ କରିଥିଲା। ଏ ନେଇ ସିବିଆଇ ତଦନ୍ତ କରିବା ପରେ ୨୦୧୪ ଜୁଲାଇରେ ସିବିଆଇ ହାଁସଦାଙ୍କ ଘରେ ଚଢ଼ାଉ କରିଥିଲା। ତାଙ୍କ ଘରୁ ନଗଦ ୨୮ ଲକ୍ଷ ଟଙ୍କା ସହ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲା। ୨୦୧୪ ନଭେମ୍ବର ୪ରେ ସିବିଆଇ ତାଙ୍କୁ ଗିରଫ କରିଥିଲା। ଏହାପରେ ତାଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଥିଲା। ସେ ଦୀର୍ଘଦିନ ଧରି ଝାରପଡ଼ା ଜେଲରେ ରହିବା ପରେ ଗତ ଜୁଲାଇ ୩ରେ ତାଙ୍କୁ ସୁପ୍ରିମକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ।

## ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ ପଦବୀ ବଦଳିବ

ଭୁବନେଶ୍ୱର, ୧୮।୯(ବ୍ୟୁରୋ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟରତ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ(ପୁରୁଷ ଓ ମହିଳା)ଙ୍କ ପଦ (ଡେଜିଗ୍ନେଶନ) ବଦଳିବ। ଏଣିକି ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ(ପୁରୁଷ)ମାନେ ବହୁମୁଖୀ ସ୍ୱାସ୍ଥ୍ୟ ସହାୟକ(ଏମ୍‌ପିଏଚ୍‌ଏ) ରୂପେ ପରିଗଣିତ ହେବେ। ସେହିପରି ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ(ମହିଳା)ମାନେ ଏଏନ୍‌ଏମ୍ ଭାବେ ପରିଗଣିତ ହେବେ। ଏ ନେଇ ବିଭାଗର ପ୍ରସ୍ତାବକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଅନୁମୋଦନ କରିବା ସହିତ ପଦ ବଦଳିବା ନେଇ ଅର୍ଥ ବିଭାଗର ସହମତି ନିମନ୍ତେ ପ୍ରେରଣ କରାଯାଇଛି। ସୂଚନାଯୋଗ୍ୟ, ଏହି ଏମ୍‌ପିଏଚ୍‌ଡବ୍ଲ୍ୟୁ (ପୁରୁଷ ଓ ମହିଳା) ମାନେ ସେମାନଙ୍କ ପଦ (ଡେଜିଗ୍ନେଶନ) ପରିବର୍ତ୍ତନ ନିମନ୍ତେ ଦାବି କରିଆସୁଥିଲେ। ସେମାନଙ୍କ ଅନୁରୋଧକୁ ବିଚାରକୁ ନେଇ ସେମାନଙ୍କ ପଦ ପରିବର୍ତ୍ତନ କରାଯାଉଛି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଅର୍ଥ ବିଭାଗର ସହମତି ମିଳିବା ପରେ ପଦ ବଦଳିବା ସଂକ୍ରାନ୍ତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ।




www.gandhiinstitute.in
B.ED.
DIRECT ADMISSION
FEW SEATS LEFT - HURRY UP!!
Helpline No.: 9777988870 9348898852

बैंक ऑफ़ बड़ौदा Bank of Baroda
କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨
ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ
ବ୍ୟାଙ୍କ ଅଫ ବରୋଦା ଏହାର ଶାଖା ଖୋଲିବା ପାଇଁ ଦୁଇ ବିଡ୍ ବ୍ୟବସ୍ଥା ମାଧ୍ୟମରେ ନିମ୍ନଲିଖିତ ସ୍ଥାନରେ ଲିଜ୍ ଭିତ୍ତିରେ ଆବଶ୍ୟକ କରୁଥିବା ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି । ଗୃହ ତଳ ମହଲାରେ ହୋଇଥିବା ଆବଶ୍ୟକ।

| ପଟିଆ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | ୧୬୦୦ ରୁ ୨୦୦୦ ବର୍ଗଫୁଟ |
| --- | --- |

ସବିଶେଷ ବିବରଣୀ ନିମନ୍ତେ ଆମ୍ଭର ୱେବସାଇଟ www.bankofbaroda.com ର ଟେଣ୍ଡର ବିଭାଗକୁ ଲଗ୍ ଅନ୍ କରନ୍ତୁ କିମ୍ବା ୦୬୭୪-୨୫୨୧୨୧୦ରେ ଯୋଗାଯୋଗ କରନ୍ତୁ ।
ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ: ୧୦.୧୦.୨୦୧୮ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ।
ଉପ-ମହାପ୍ରବନ୍ଧକ

ସଂଖ୍ୟା. ୩୧୧୨୪ ତା. ୧୮.୦୯.୨୦୧୮




ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମାଂଚଳର ସମସ୍ତ ଗୃହ ମାଲିକ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ବି.ଏମ୍.ସି ରେଗୁଲେସନ୍ ଅଫ୍ ଟାକ୍ସ ଅନ୍ ଆର୍ଡଭଟାଇଜ୍‌ମେଂଟ -୨୦୦୬ ଅନୁଯାୟୀ ବି.ଏମ୍.ସି. ର ବିନା ଅନୁମତିରେ ନିଜ ଛାତ ଉପରେ ହୋର୍ଡିଂ ନିର୍ମାଣ ଓ ପ୍ରଦର୍ଶନ ବେଆଇନ ଏବଂ ଅନଧିକାର କାର୍ଯ୍ୟ।

- ଏଣୁ ଆମେ ସମସ୍ତ ଗୃହ ମାଲିକମାନଙ୍କୁ ଅନୁରୋଧ କରୁଅଛୁ କି, ସେମାନେ ବି.ଏମ୍.ସି.ର ବିନା ଅନୁମତିରେ ନିଜ ଘରର ଛାତ ଉପରେ ହୋର୍ଡିଂ ମାରିବା ପାଇଁ ବିଜ୍ଞାପନ ସଂସ୍ଥାଙ୍କୁ ଅନୁମତି ଦିଅନ୍ତୁନାହିଁ।
- ଆମେ ମଧ୍ୟ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ଏବଂ ନାମକରା ସଂସ୍ଥା ଯେଉଁମାନେ କି ଭୁବନେଶ୍ୱର ମହାନଗର ନିଗମାଂଚଳର ଘର ବାହରେ ବିଜ୍ଞାପନ ମାରିବା ପାଇଁ ଇଛୁକ, ସେମାନେ ବିଜ୍ଞାପନ ସଂସ୍ଥା ମାନଙ୍କର ଏହି ବେଆଇନ୍ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଏଥିରେ ଖିଲାପ କଲେ ବି.ଏମ୍.ସି. କଡ଼ା ପଦକ୍ଷେପ ନେବ ଏବଂ ନାମକରା ସଂସ୍ଥାମାନଙ୍କର ତାଲିକାକୁ ସର୍ବସାଧାରଣରେ ପ୍ରକାଶ କରାଯିବ, ଯାହା ସଂପୃକ୍ତ ସଂସ୍ଥାର ଭାବମୂର୍ତ୍ତୀ ଉପରେ ପ୍ରଭାବ ପକାଇବ।
- ଛାତ ଉପରେ ହୋର୍ଡିଂ ଲଗାଇ ଥିବା ସମସ୍ତ ସଂସ୍ଥା /ବ୍ୟକ୍ତିଙ୍କୁ ଅନୁରୋଧ କରାଯାଉଅଛି ଯେ, ଭୁବନେଶ୍ୱର ମହାନଗର ନିଗମାଂଚଳରେ ଛାତ ଉପର ହୋର୍ଡିଂ ଗୁଡିକୁ କାଢି ନିଅନ୍ତୁ । ନଚେତ୍ ବି.ଏମ୍.ସି. ତରଫରୁ ଏହା ଆଇନ୍ ଅନୁଯାୟୀ ଉଚ୍ଛେଦ କରାଯିବ ଏବଂ ଉଚ୍ଛେଦ ଦେୟ ସଂପୃକ୍ତ ଗୃହ ମାଲିକଙ୍କୁ ଭରଣା କରିବାକୁ ହେବ। ଆବଶ୍ୟକ ସ୍ଥଳେ ଓଡିଶା ପବ୍ଲିକ୍ ଡିମାଣ୍ଡ ରିକଭରୀ ଆକ୍ଟ-୧୯୬୨ ଅନୁଯାୟୀ ସାର୍ଟିଫିକେଟ୍ କେଶ୍ ରୁଜୁ କରାଯିବ।

ଆୟୁକ୍ତ,
ଭୁବନେଶ୍ୱର ମହାନଗର ନିଗମ




MUTUALFUNDS Sahi Hai
To know how Mutual Funds are right for you:
• Visit mutualfundssahihai.com
• Visit your nearest Mutual Fund office or contact a Mutual Fund distributor or a financial advisor today
Follow Mutual Funds Sahi Hai on:
Mutual Fund investments are subject to market risks, read all scheme related documents carefully.
AMFI
2218.2017E

ଯଦି ଭଗବାନଙ୍କର ଗୋଟିଏ ହାତ ମୋତେ ଊର୍ଦ୍ଧ୍ବସ୍ଥ ସ୍ୱର୍ଗ ଆଡକୁ ଟାଣୁଥାଏ ଏବଂ ଅନ୍ୟ ହାତଟି ମୋତେ ନିମ୍ନସ୍ଥ ନରକ ଭିତରେ ଦାବି ରଖୁଥାଏ– ତେବେ ମୁଁ ନିଶ୍ଚୟ ଊର୍ଦ୍ଧ୍ବଗାମୀ ହେବା ଲାଗି ପ୍ରୟାସ କରି ଚାଲିବି। –ଶ୍ରୀଅରବିନ୍ଦ

# ମୁକ୍ତ କରନାହିଁ

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ହତ୍ୟା ମାମଲାରେ ବନ୍ଦୀ ଥିବା ସମସ୍ତ ୭ ଦୋଷୀଙ୍କୁ ମୁକ୍ତ କରିବା ଲାଗି ନିକଟରେ ତାମିଲନାଡୁ ସରକାର ରାଜ୍ୟପାଳ ବନଓ୍ୱାରିଲାଲ ପୁରୋହିତଙ୍କୁ ସୁପାରିସ କରିଥିଲେ। ମୁଖ୍ୟମନ୍ତ୍ରୀ ଏଡାପାଡି କେ ପାଲାନିସାମୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ୍ ସମ୍ବିଧାନର ଧାରା ୧୬୧ ଅନୁଯାୟୀ ଏ ସଂକ୍ରାନ୍ତ ଏକ ସଂକଳ୍ପକୁ ଗୃହୀତ କରିଥିଲା। ଏଥିରେ ଆଜୀବନ ଜେଲଦଣ୍ଡ ଭୋଗୁଥିବା ନଳିନୀ ଶ୍ରୀହରନ୍, ମୁରୁଗାନ୍ ଓରଫ ଭି. ଶ୍ରୀହରନ୍, ଏ.ଜି. ପେରାରିଭାଲାନ୍ ଓରଫ ଆରିଭୁ, ରବର୍ଟ ପାୟସ୍, ପି. ରବିଚନ୍ଦ୍ରନ୍, ସନ୍ଥନ୍ ଏବଂ ଜୟକୁମାରଙ୍କୁ ଛାଡ଼ କରିଦେବା ଲାଗି କୁହାଯାଇଥିଲା। ପୂର୍ବରୁ ସୁପ୍ରିମକୋର୍ଟ ମଧ୍ୟ ଏମାନଙ୍କ ମୃତ୍ୟୁଦଣ୍ଡକୁ କୋହଳ କରିଦେଇଥିଲେ। ଏଭଳିସ୍ଥଳେ ତାମିଲନାଡୁ ସରକାରଙ୍କ ପଦକ୍ଷେପ ପୂର୍ବରୁ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା ଦିଆଯାଇଥିବା ରାୟକୁ ବଳ ଦେଇଛି। ଉଲ୍ଲେଖଯୋଗ୍ୟ, ଦୀର୍ଘଦିନ ଧରି ବନ୍ଦୀ ଜୀବନ ବିତାଉଥିବାରୁ ତାଙ୍କୁ ମୁକ୍ତ କରିଦେବା ନେଇ ପେରାରିଭାଲାନ୍ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଅନ୍ୟପକ୍ଷରେ ତାମିଲନାଡୁ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ସମ୍ପୃକ୍ତ ଦୋଷୀଙ୍କୁ ଛଡ଼ା ନ ଯାଉ ବୋଲି ସର୍ବୋଚ୍ଚ ଅଦାଲତଙ୍କୁ କେନ୍ଦ୍ର ଜଣାଇଥିଲା। ଏଭଳିସ୍ଥଳେ ଯେଉଁମାନେ ସୁପ୍ରିମକୋର୍ଟ ଓ ତାମିଲନାଡୁ ସରକାରଙ୍କ ନିଷ୍ପତ୍ତିକୁ ଠିକ୍ ଭାବୁଛନ୍ତି, ସେମାନଙ୍କ ଚିନ୍ତା ଆଦୌ ସମୀଚୀନ ନୁହେଁ। କାରଣ ତାମିଲ ଇଲମ୍ ପାଇଁ ଶ୍ରୀଲଙ୍କାରେ ଚାଲିଥିବା ଆନ୍ଦୋଳନର ମଧ୍ୟ ମୃତ୍ୟୁ ଘଟିସାରିଲାଣି। ସେତେବେଳେ ବିସ୍ଫୋରଣ ଯୋଗୁ ରାଜୀବ ଗାନ୍ଧୀଙ୍କ ନିକଟରେ ଥିବା ଅନ୍ୟ ଲୋକଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ପରିବାରଗୁଡ଼ିକର ମତ ବା ଯୁକ୍ତିକୁ ମଧ୍ୟ ଅଣଦେଖା କରାଯାଇ ନ ପାରେ। ଏହି ଲୋକମାନେ ବିନା କୌଣସି ଦୋଷରେ ନିହତ ହୋଇଥିଲେ ଏବଂ ଏଲ୍‌ଟିଟିଇର ଲକ୍ଷ୍ୟ ସହ ଏମାନଙ୍କର କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନ ଥିଲା।

ତାମିଲନାଡୁ ସରକାରଙ୍କ ସଂକଳ୍ପ ପରିପ୍ରେକ୍ଷୀରେ ବିସ୍ଫୋରଣର ଶିକାର ହୋଇଥିବା ଅନ୍ୟ ପୀଡ଼ିତଙ୍କ ସମ୍ପର୍କୀୟମାନେ ଦୋଷୀଙ୍କ ବିରୋଧରେ କରିଥିବା ଆବେଦନରେ ସଂଶୋଧନ ଆଣିବା ସକାଶେ ସୁପ୍ରିମକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ସଂକୀର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ ପାଇଁ ତାମିଲନାଡୁ ସରକାର ସେମାନଙ୍କ ଦୁର୍ଦ୍ଦଶାକୁ ଅଣଦେଖା କରି ଏଭଳି ପଦକ୍ଷେପ ନେଇଥିବାରୁ ନିରୀହ ପୀଡ଼ିତଙ୍କ ପରିବାର ତାହାକୁ ସମାଲୋଚନା କରିଛନ୍ତି। ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପ ଦ୍ୱାରା ପୀଡ଼ିତଙ୍କ ପରିବାରବର୍ଗଙ୍କ ଉପରେ ଖରାପ ପ୍ରଭାବ ପଡ଼ିବା ସହ ଭବିଷ୍ୟତ ପାଇଁ ଏକ ଭୁଲ ପରମ୍ପରା ସୃଷ୍ଟି ହୋଇଯିବ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି। ଏମିତି ଦେଖିଲେ କୋର୍ଟ ଆଦେଶ ପାଳନ କରିବାରେ ଅହେତୁକ ବିଳମ୍ବ ହେବା ଦର୍ଶାଇ ସୁପ୍ରିମକୋର୍ଟ ପୂର୍ବରୁ ଦୋଷୀମାନଙ୍କ ମୃତ୍ୟୁଦଣ୍ଡକୁ କୋହଳ କରିସାରିଛନ୍ତି। ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ, ଯେଉଁମାନେ ନିଜେ ସମ୍ପୃକ୍ତ ନ ରହି ଅନ୍ୟମାନଙ୍କୁ ବ୍ୟବହାର କରି ଏକପ୍ରକାର ଗଣହତ୍ୟା କରାଇ ଦିଅନ୍ତି, ସେଭଳି ମଣିଷଙ୍କୁ ଏବେ ତାମିଲନାଡୁ ସରକାର ଓ ଏହା ପୂର୍ବରୁ ସର୍ବୋଚ୍ଚ ଅଦାଲତ ମଧ୍ୟ ସ୍ୱାଧୀନ ନାଗରିକ ହୋଇ ଚାଲିବା ପାଇଁ କେଉଁ କାରଣରୁ ସୁପାରିସ କରିଥିଲେ ତାହା ବୁଝିବା ଅତ୍ୟନ୍ତ କଷ୍ଟକର। ପ୍ରତ୍ୟେକ ଘଟଣା ସହିତ ରାଜନୀତିକୁ ଯୋଡ଼ିଦେବା ସମାଜ ପାଇଁ କ୍ଷତିକାରକ ହେବାର ସବୁ ଆଶଙ୍କା ରହିଛି। ତେଣୁ ରାଜୀବ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ମୁକ୍ତ କରିଦେବା ଅନ୍ୟାୟ ହେବ।

ପାର୍ଲାମେଣ୍ଟ ଆକ୍ରମଣକାରୀଙ୍କୁ ଫାଶୀଖୁଣ୍ଟରେ ଝୁଲାଇ ଦେବା ହେଉ ବା ନାବାଳିକାଙ୍କୁ ବଳାତ୍କାର କରୁଥିବା ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡ ଦେବା ଭଳି ନୂଆ ନିୟମ ଅଣାଯାଇଥିବା ବେଳେ ରାଜୀବ ହତ୍ୟା ମାମଲାରେ ବନ୍ଦୀମାନଙ୍କୁ ମୁକୁଳାଇବା ନେଇ ହେଉଥିବା ପ୍ରୟାସ ନିଶ୍ଚିତ ଭାବେ ଭାରତୀୟ ନ୍ୟାୟ ବ୍ୟବସ୍ଥାକୁ ବଦନାମ କରିବାର ସମ୍ଭାବନା ରହିଛି। ଯେଉଁମାନେ ହତ୍ୟାକାରୀଙ୍କୁ ଛାଡ଼ିଦେବା ପାଇଁ ଯୁକ୍ତି ବାଢୁଛନ୍ତି ସେମାନଙ୍କୁ ପ୍ରଶ୍ନ ପଚରାଯାଇପାରେ ଯେ ପୀଡ଼ିତଙ୍କ ସ୍ଥାନରେ ଯଦି ସେମାନଙ୍କ ମାତାପିତା, ସ୍ୱାମୀ/ସ୍ତ୍ରୀ, ପିଲା କିମ୍ବା ଘନିଷ୍ଠ ବନ୍ଧୁମାନଙ୍କ କ୍ଷେତ୍ରରେ ଏଭଳି ଘଟିଥିଲେ, ସେମାନେ ଅପରାଧୀଙ୍କୁ କ୍ଷମା ଦେଇଥାନ୍ତେ କି। ନିଜକୁ ପ୍ରଭାବିତ କରୁ ନ ଥିବା ପରିବେଶରେ ବସି ବିଚାର କରିବା ଆମ ସମସ୍ତଙ୍କ ପାଇଁ ସହଜ। କିନ୍ତୁ ଯେତେବେଳେ ଆମ ନିଜ ଉପରେ ବିପଦ ମାଡ଼ିଆସେ, ସେତେବେଳେ ଆମେ କେତେ ନିରପେକ୍ଷ ବିଚାର କରିପାରିବା, ତାହା ହେଉଛି ଆଲୋଚ୍ୟ ବିଷୟ। ଏହି ପ୍ରଚ୍ଛଦପଟରେ ରାଜୀବ ହତ୍ୟା ଘଟଣାକୁ ରଚାଇଥିବା ବ୍ୟକ୍ତିମାନଙ୍କୁ ଯଦି ଖଲାସ କରିଦିଆଯାଏ, ତେବେ ତାହା ଅନ୍ୟାୟର ଶିକାର ହୋଇଥିବା ପ୍ରତ୍ୟେକ ମଣିଷ ପ୍ରତି ଘୋର ଅବିଚାର ବୋଲି କହିହେବ।

## ଚିରନ୍ତନୀ

ଚକିତ ହରିଣୀ–ନୟନ ଚାହିଁଛି
ମୋହରି ମିଳନ ଆଶେ,
କୁସୁମ କଳିକା ମଉନେ ରହିଛି
ମୋହରି ବିରହ ପ୍ରାସେ।

(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | D | | | | | | 9 | | E | | 3 | B |
| | | E | 6 | | | | | | | 0 | | 8 | | |
| | | | | | A | | 5 | 0 | 2 | | 4 | | | 7 |
| | 9 | 3 | | | B | | | 6 | | | | | | 4 |
| D | C | | | | | | | 4 | | | | 5 | | |
| | D | | | | | | | 2 | A | | | | | |
| | 2 | | 8 | | | | | 7 | | | 1 | | | 5 |
| 5 | | | 4 | | 6 | 3 | | 1 | | B | | A | | 2 |
| | 0 | | 3 | | 1 | | | | 4 | | | D | | |
| | | 4 | B | | | | | A | C | D | 3 | | | |
| | B | | 2 | | 4 | 1 | E | | | A | 8 | | D | |
| | 8 | 9 | | | | | | D | B | | 0 | | 1 | 6 |
| | | | | 6 | | | | | E | | 9 | 3 | | |
| | | A | | | | 4 | 0 | | | | | | 8 | E |
| | | C | | | | | B | | | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | A | 4 | 7 | 2 | E | 9 | 5 | 6 | 8 | D | 1 | 0 | C | 3 |
| 7 | 5 | 9 | D | C | B | 4 | E | 8 | 0 | A | 3 | 2 | 6 | 1 |
| 2 | 8 | 1 | 3 | 5 | 6 | B | C | 0 | E | 9 | 7 | A | D | 4 |
| 3 | 0 | D | 8 | 1 | 9 | A | 2 | 7 | 6 | C | 4 | E | 5 | B |
| E | 6 | C | 0 | A | 4 | 3 | 1 | D | 2 | B | 5 | 9 | 8 | 7 |
| 4 | 3 | A | 1 | E | 2 | C | 7 | B | 5 | 6 | D | 8 | 9 | 0 |
| 1 | 7 | 2 | 4 | B | A | 5 | D | E | 9 | 8 | 0 | C | 3 | 6 |
| 9 | B | 0 | 6 | 7 | 8 | 2 | 3 | 4 | A | E | C | 5 | 1 | D |
| 8 | C | E | 5 | D | 0 | 6 | A | 9 | 1 | 3 | B | 7 | 4 | 2 |
| 6 | D | 5 | 9 | 3 | C | 8 | 0 | 1 | 7 | 4 | 2 | B | A | E |
| 0 | 4 | 7 | C | 9 | D | E | B | 5 | 3 | 1 | 8 | 6 | 2 | A |
| C | 1 | B | A | 6 | 7 | D | 9 | 2 | 4 | 5 | E | 3 | 0 | 8 |
| A | E | 6 | 2 | 8 | 5 | 0 | 4 | 3 | D | 7 | 9 | 1 | B | C |
| D | 9 | 3 | B | 0 | 1 | 7 | 8 | A | C | 2 | 6 | 4 | E | 5 |
| 5 | 2 | 8 | E | 4 | 3 | 1 | 6 | C | B | 0 | A | D | 7 | 9 |

ଗତକାଲିର ଉତ୍ତର

# ଅତୁଲ୍ୟ ଭାରତର ଅନନ୍ୟ ନିର୍ମାତା



ସମ୍ପନ୍ନା ପାତ୍ର

ବର୍ଷତମାମ ଆମ୍ଭେମାନେ ଜାତୀୟ ହେଉ ବା ଆଞ୍ଚଳିକ ସ୍ତରରେ କିଛି ନା କିଛି ଉତ୍ସବ ପାଳନ କରିଥାଉ ଆମ ମହାନ୍ ପୂର୍ବସୂରୀମାନଙ୍କ ସମ୍ମାନାର୍ଥେ। ସେମାନଙ୍କ ବଳିଦାନକୁ ମନେପକାଇଥାଉ, ସେମାନଙ୍କ ନିଃସ୍ୱାର୍ଥ ତ୍ୟାଗକୁ ବାସ୍ତବ ଜୀବନରେ ଆପଣେଇବାକୁ ସଂକଳ୍ପ କରିଥାଉ। ସେମାନେ ଆମର ଚିର ବନ୍ଦନୀୟ, ଚିର ନମସ୍ୟ। ପ୍ରତ୍ୟେକ ଭାରତୀୟ ସର୍ବଦା ସେମାନଙ୍କଠାରେ ନତମସ୍ତକ। ସ୍ୱାଧୀନତା ପରଠାରୁ ଭାରତ ପ୍ରାୟତଃ ସବୁକ୍ଷେତ୍ରରେ ଉନ୍ନତି କରୁଛି। ବର୍ତ୍ତମାନ ସମୟରେ ସବୁଠାରୁ ଦ୍ରୁତଗତିରେ ବଢୁଥିବା ଅର୍ଥନୀତି ହେଉଛି ଭାରତ। ଏହିସବୁ ଯଶକୀର୍ତ୍ତିର ଅଧିକାରୀ ଆମେ କାହାକୁ କହିବା ? ନେତା, ମନ୍ତ୍ରୀ, ଅମଲା, ବୁଦ୍ଧିଜୀବୀ ନା ଉଦ୍ୟୋଗପତି, କହିବାକୁ ଗଲେ ଏହି ସଫଳତାର ହକ୍‌ଦାର ଆମେ ସମସ୍ତେ। ସମସ୍ତଙ୍କ ସାମଗ୍ରିକ ଉଦ୍ୟମ ଯୋଗୁ ଭାରତ ଆଜି ସଫଳ। ଭାରତକୁ ସଫଳ ହେବା ପାଇଁ ପାହାଚ ପାହାଚ ଦେଇ ଯିବାକୁ ପଡିଛି। ଆମମାନଙ୍କୁ ସବୁବେଳେ ଶୀର୍ଷ ଆଗ ଦେଖାଯାଏ, କିନ୍ତୁ କେବେ ଆମେମାନେ ବହୁତଳେ ଥିବା ପାହାଚ ସବୁର କଥା ଭାବିଚେ କି? ନିମ୍ନରେ ଥିବା ପାହାଚମାନେ ଅବହେଳାର ଶିକାର ହେଉନାହାନ୍ତି କି ? ଆମେମାନେ ସେମାନଙ୍କୁ ଅଣଦେଖା କରୁନାହେଁ ତ ?

ଏହି ଆଲେଖ୍ୟଟି ସେହି ତଳ ସୋପାନରେ ରହି କାର୍ଯ୍ୟ କରୁଥିବା ସାଧାରଣ ଭାରତୀୟଙ୍କ ପାଇଁ, ଯେଉଁମାନଙ୍କ ଯୋଗୁ ସମ୍ପୂର୍ଣ୍ଣ ବ୍ୟବସ୍ଥାର ସନ୍ତୁଳନ ବଜାୟ ରହିପାରିଛି। ପ୍ରଥମେ ଆଲୋଚନା କରିବା ଆମ ନବଭାରତର ପ୍ରଥମ ନାୟକ ଆମ ଚାଷୀଭାଇ କଥା। ଚାଷୀଭାଇଟି ଆମର ଅନ୍ନଦାତା। କିନ୍ତୁ ବର୍ତ୍ତମାନ ସମୟରେ ଆମେ ଟିଭି ପରଦାରେ ଚାଷୀ ଆତ୍ମହତ୍ୟା କଥା ଦେଖୁଛେ, ଚାଷକାମ ଛାଡି କୃଷକଟି ଦାଦନ ଖଟିବାକୁ ଯାଉଛି ବୋଲି ଖବରକାଗଜରୁ ପଢୁଛେ। ଏସବୁ କଥା ହେବା ବି ସ୍ୱାଭାବିକ, କାରଣ କୃଷକଟିକୁ ତା' ପରିଶ୍ରମର ଉଚିତ ମୂଲ୍ୟ ମିଳୁନାହିଁ। ଚାଷ ଜମି ସବୁକୁ ଏବେ ଉଦ୍ୟୋଗ ସ୍ଥାପନ ପାଇଁ ଦିଆଯାଉଛି। ଦିନ ଆସିବ ଆମ ଚାରିପାଖ କଳକାରଖାନାରେ ଭରିଯିବ। ଆମ ପାଖରେ ପର୍ଯ୍ୟାପ୍ତ ଟଙ୍କା ଥିବ କିନ୍ତୁ ଟଙ୍କାକୁ ଉପଯୋଗ କରି ମଧ୍ୟ ଆମେ ପେଟ ଭରିବା ପାଇଁ ଖାଦ୍ୟ କିଣିପାରୁ ନ ଥିବା। ଭବିଷ୍ୟତର ସେ ଦୃଶ୍ୟ କେତେ ଦୟନୀୟ ହୋଇପାରେ ତାହା ଆମେ କଳ୍ପନା କରିପାରିବା ନାହିଁ।

ଏବେ ଆଲୋଚନା କରିବା ଆମ ଚାକଚକ୍ୟଭରା ବିଳାସପୂର୍ଣ୍ଣ ସହରଗୁଡ଼ିକର ଅସଲ କାରିଗର ଆମ ଶ୍ରମିକ ଭାଇ କଥା। ଆପଣ ଯେଉଁଆଡେ ବି ଆଖି ବୁଲାନ୍ତୁ, ସେ ଉଚ୍ଚରୁ ଉଚ୍ଚତମ ଅଟ୍ଟାଳିକା ହେଉ, ଫ୍ଲାଏଓଭର, ଚକାଚକ ରାସ୍ତା କିମ୍ବା ଆମ ପ୍ରାଚୀନ ଐତିହାସିକ କୀର୍ତ୍ତିରାଜି, ସବୁଠି ଆପଣମାନେ ଶ୍ରମିକମାନଙ୍କର ଅତୁଟ ପରିଶ୍ରମର ପରିଚୟ ପାଇବେ। ନିଜ ଝାଳ ଓ ରକ୍ତକୁ ଏକ କରି, ଖରାତରାକୁ ଖାତିର ନ କରି, ବେଳେବେଳେ ନିଜ ଜୀବନକୁ ବାଜି ଲଗାଇ ସେମାନେ ଆମ ଜୀବନକୁ ସୁଖସୁବିଧାରେ ଭରିଥାନ୍ତି। କୋଣାର୍କ ଏବଂ ତାଜମହଲ କିଏ ବନେଇଛନ୍ତି ପ୍ରଶ୍ନର ଉତ୍ତର ସବୁବେଳେ ଆସେ ଜଣେ ରାଜା ଏବଂ ଜଣେ ବାଦ୍‌ଶାହ। ସେ ରାଜା ଆଉ ବାଦ୍‌ଶାହଙ୍କୁ ସମସ୍ତେ ମନେରଖିଛନ୍ତି। କିନ୍ତୁ କେତେଜଣ ଆମେ ସେଇ ଶ୍ରମିକମାନଙ୍କୁ ମନେ ରଖିଛେ ? ଯେଉଁମାନଙ୍କ ଲହୁରେ ଆଜି ଏହିସବୁ ବିଶ୍ୱଚର୍ଚ୍ଚିତ କୀର୍ତ୍ତିରାଜି ଛିଡା ହୋଇଛି। ଜଣେ ଶ୍ରମିକ କ'ଣ ଏହି ସୁନାମର ହକ୍‌ଦାର ନୁହେଁ?

ଆମେମାନେ ଭଲ ଖାଦ୍ୟ ଖାଉଛେ ଆଉ ଭଲ ଘରେ ରହୁଛେ। ନିର୍ଭୟରେ ଦେଶସାରା ବୁଲୁଛେ। କେବେ ଭାବିଛେ ଯଦି ଏମିତି ବୁଲୁବୁଲୁ ପଡୋଶୀ ଦେଶ ଆମ ଉପରେ ଆକ୍ରମଣ କରିଦିଏ, କ'ଣ ହେବ? ନିଶ୍ଚିତ ରୁହନ୍ତୁ, କାରଣ ଏଭଳି କିଛି ବିପତ୍ତି ଆସିବ ହିଁ ନାହିଁ, କାହିଁକି ନା ଆମ ଯବାନ ଭାଇମାନେ ଦିନରାତି ଆମ ଦେଶର ସୀମାରେ ପହରା ଦେଉଛନ୍ତି। ସେମାନେ ସାରାରାତି ଜାଗ୍ରତ ରହି ସୀମାର ସୁରକ୍ଷା କରୁଛନ୍ତି, ଯାହାଦ୍ୱାରା ଆମେ ନିଶ୍ଚିନ୍ତରେ ପରିବାର ସହ ଘରେ ଶୋଇପାରୁଛେ। ସେମାନେ ତାଙ୍କ ହୋଲି, ଦିୱାଲୀ, ଇଦ୍ ତ୍ୟାଗ କରୁଛନ୍ତି, ସେଥିପାଇଁ ଆମେମାନେ ବିନା ଭୟରେ ନିଜ ପରିବାର ସହ ଉତ୍ସବ ପାଳନ କରୁଛେ। ଖାଲି ସୀମାରେ ନୁହେଁ, ଦେଶର ଅଭ୍ୟନ୍ତରରେ କିଛି ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ଆମ ସେନା ସାଧାରଣ ଜନତାଙ୍କ ସେବାରେ ମଧ୍ୟ ଲାଗନ୍ତି। ନିକଟରେ କେରଳର ବିଧ୍ୱଂସକାରୀ ବନ୍ୟାରେ ପ୍ରପୀଡିତ ଲୋକଙ୍କ ଉଦ୍ଧାର କାର୍ଯ୍ୟରେ ସେନାର ଉଦ୍ୟମ ପ୍ରଶଂସନୀୟ। ସେମାନେ କୌଣସି ନେତା, ମନ୍ତ୍ରୀ, ଅଭିନେତା ଏବଂ କ୍ରିକେଟ ଖେଳାଳିଙ୍କଠାରୁ କିଛି କମ୍ ନୁହନ୍ତି, ବରଂ ସେମାନଙ୍କଠାରୁ ଢେର୍ ଅଧିକ। ସେମାନେ ଶୌର୍ଯ୍ୟ, ଅନୁଶାସନ ଏବଂ ଏକତାର ପ୍ରତୀକ।

ଗୋଟିଏ ଦେଶର ଉନ୍ନତି ଏହାର ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା ବ୍ୟବସ୍ଥା ଉପରେ ପୂର୍ଣ୍ଣଭାବରେ ନିର୍ଭରଶୀଳ। ଗୋଟିଏ ଦେଶର ସ୍ୱାସ୍ଥ୍ୟସେବା ଯେତିକି ଉନ୍ନତ ହୋଇଥାଏ, ସେ ଦେଶର ଜନସାଧାରଣଙ୍କ କାର୍ଯ୍ୟଦକ୍ଷତା ଏବଂ କର୍ମପ୍ରବଣତା ସେତିକି ଉତ୍ସାହଜନକ। ଆଉ ଏହି ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଉପାନ୍ତ ଅଞ୍ଚଳ ଏବଂ ଅଖ୍ୟାତ ପଲ୍ଲୀରେ ପହଞ୍ଚାଇଥାନ୍ତି କେତେକ ନିଃସ୍ୱାର୍ଥପର ଡାକ୍ତର। ବହୁ ଡାକ୍ତର ଅତ୍ୟାଧୁନିକ ସୁବିଧାବିହୀନ ଉପାନ୍ତ ଅଞ୍ଚଳକୁ ଯିବା ପାଇଁ ପସନ୍ଦ କରୁନାହାନ୍ତି କିମ୍ବା ଚାକିରି କାଳରେ ମଧ୍ୟ ଜନସେବା ପ୍ରତି ବିମୁଖ ରହୁଛନ୍ତି। କିନ୍ତୁ ଏହି କେତେକଙ୍କ ଦ୍ୱାହିଦେଇ ଆମେ ପୂରା ଡାକ୍ତର ସମାଜକୁ ଉପେକ୍ଷା କରିପାରିବା ନାହିଁ। ବହୁ ଡାକ୍ତରଙ୍କର ନିଃସ୍ୱାର୍ଥ ସେବା ଉଦାହରଣୀୟ। ମାଓବାଦୀପ୍ରବଣ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲାର ଡାକ୍ତର ଓମ୍‌କାର ହୋତା ଯେ କି କୌଣସି ସାହାଯ୍ୟକୁ ଅପେକ୍ଷା ନ କରି ସଦ୍ୟ ପ୍ରସବା ଜଣେ ମହିଳାଙ୍କୁ ଖଟିଆରେ ବୁହାଇ ୧୦ କିଲୋମିଟର ରାସ୍ତା ପାଦରେ ଚାଲି ଚାଲି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ଆଉ ଜଣେ ହେଉଛନ୍ତି ଡାକ୍ତର ଯଜ୍ଞଦତ୍ତ ରଥ ଯେ କି କନ୍ଧମାଳ ଜିଲା ଜଙ୍ଗଲରେ ପ୍ରସବ ବେଦନାରେ ଆକୁଳ ହେଉଥିବା ଆସନ୍ନପ୍ରସବା ମହିଳାଟି ପାଖରେ ୧୨ କିଲୋମିଟର ପାହାଡିଆ ରାସ୍ତା ପାଦରେ ଚାଲିଚାଲି ପହଞ୍ଚିଥିଲେ। ସେଇ ୨ ମହିଳାଙ୍କ ପାଇଁ ଏହି ୨ ଯୁବ ଡାକ୍ତର କୌଣସି ଦେବଦୂତଠାରୁ କମ୍ ନୁହନ୍ତି। ଏଠାରେ ଆମେ ଆଉ ଜଣେ ଡାକ୍ତର ଦମ୍ପତିଙ୍କୁ କେମିତି ଭୁଲିପାରିବା। ସେ ୨ଜଣ ହେଲେ ମହାରାଷ୍ଟ୍ରର ରମଣ ମାଗ୍‌ସେସେ ପୁରସ୍କାରପ୍ରାପ୍ତ ପ୍ରକାଶ ଏବଂ ମନ୍ଦାକିନୀ ଆମ୍‌ତେ ଯେ କି ପୂରା ଜୀବନ ଆଦିବାସୀ ଲୋକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଦେଇଛନ୍ତି। ବିଳାସପୂର୍ଣ୍ଣ ଜୀବନଠାରୁ ଦୂରରେ ବଣଜଙ୍ଗଲଘେରା ଅଞ୍ଚଳରେ ରହି ଆଦିବାସୀଙ୍କ ସେବା କରୁଛନ୍ତି।

ଏହି ଆଲେଖ୍ୟର ଅନ୍ତିମ ପର୍ଯ୍ୟାୟରେ ଆମେ ଦୃଷ୍ଟିପାତ କରିବା ଆମର ପୂଜ୍ୟ ଶିକ୍ଷକମାନଙ୍କ କଥା, ଯେଉଁମାନେ ଦେଶ ଗଠନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇଥାନ୍ତି। ସ୍ୱାସ୍ଥ୍ୟସେବା ଯଦି ଗୋଟେ ଦେଶର ହୃତ୍‌ପିଣ୍ଡ ହୁଏ ତେବେ ଶିକ୍ଷା ବ୍ୟବସ୍ଥା ହେଉଛି ମସ୍ତିଷ୍କ। କିପରି ଭୁଲିପାରିବା ଆମ ପ୍ରାଚୀନ ଭାରତର ପ୍ରଖ୍ୟାତ ଶିକ୍ଷକ ଚାଣକ୍ୟଙ୍କୁ, ଯିଏ ଚନ୍ଦ୍ରଗୁପ୍ତଙ୍କ ଭଳି ପରାକ୍ରମୀ ଏବଂ ପ୍ରଜାବତ୍ସଳ ସମ୍ରାଟ୍‌ଙ୍କୁ ଗଢିଥିଲେ କିମ୍ବା ଆଜିର ଆଧୁନିକ ଭାରତର ଆନନ୍ଦ କୁମାରଙ୍କୁ ଯିଏ ହଜାର ହଜାର ଗରିବ ଓ ମେଧାବୀ ଛାତ୍ରଙ୍କ ଆଇଆଇଟି ପଢ଼ିବାର ସ୍ୱପ୍ନକୁ ବିନା ଅର୍ଥଲୋଭରେ ପୂରଣ କରୁଛନ୍ତି। ଆଉ ମଧ୍ୟ ଚିରସ୍ମରଣୀୟ ରମଣ ମାଗ୍‌ସେସେ ପୁରସ୍କାରପ୍ରାପ୍ତ ଲଦାଖର ସୋନମ୍ ୱାଙ୍ଗ୍‌ଚୁକ୍, ଯାହାଙ୍କ ଶିକ୍ଷାଦାନ ପଦ୍ଧତି ଚିରାଚରିତ ଢଙ୍ଗଠାରୁ ସମ୍ପୂର୍ଣ୍ଣ ଭିନ୍ନ, ଯାହା ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଏକ ନୂତନ ଦିଶା ପ୍ରଦାନ କରୁଛି।

ଉପରୋକ୍ତ ବ୍ୟକ୍ତିବିଶେଷମାନେ କେହି କାହା ସହ ତୁଳନୀୟ ନୁହନ୍ତି, ସମସ୍ତେ ଅତୁଳନୀୟ, ସମସ୍ତେ ନିଜ ନିଜ ସ୍ଥାନରେ ସ୍ୱତନ୍ତ୍ର। ଦେଶ ଗଠନରେ ସମସ୍ତେ ସମାନ ଭାବେ ଅଂଶୀଦାର। ସମସ୍ତଙ୍କ ନିଃସ୍ୱାର୍ଥ ଅବଦାନରେ ଭାରତ ହୋଇଛି 'ଅତୁଲ୍ୟ ଭାରତ'। ଆମ ଦେଶର ଦିବଂଗତ ମହାପୁରୁଷମାନଙ୍କ ସହ ଏମାନେ ମଧ୍ୟ ନିତ୍ୟ ସ୍ମରଣୀୟ।

ଅଡଶପୁର, କଟକ, ମୋ:୯୪୩୯୬୯୬୬୫୭,
sampannapatra069@gmail.com

# ପୋଷାକ ଓ ପୌରୁଷ



ଡ. ରମେଶ ଚନ୍ଦ୍ର ପରିଡ଼ା

ସୁପ୍ରସିଦ୍ଧ ବିଜ୍ଞାନ ଲେଖକ ରବିନସ୍ କୁକ୍‌ଙ୍କ ବିଚାରରେ ପ୍ରତ୍ୟେକ ଜୀବର ସ୍ୱତଃସ୍ଫୂର୍ତ୍ତ ପ୍ରବୃତ୍ତି ହେଲା ନିଜ ପ୍ରତିରୂପ ବା ସନ୍ତାନ ସୃଷ୍ଟି। କ୍ଷୁଦ୍ରାତିକ୍ଷୁଦ୍ର ଜୀବାଣୁଠାରୁ ଆରମ୍ଭ କରି ବିଶାଳକାୟ ତିମି ଏବଂ ମେଧାବୀ ମଣିଷ ପର୍ଯ୍ୟନ୍ତ ସମସ୍ତଙ୍କଠାରେ ଏହା ବିଦ୍ୟମାନ। ନିମ୍ନଶ୍ରେଣୀର ଜୀବମାନେ ତାହା ସମାହିତ କରିଥାନ୍ତି ଅଲିଙ୍ଗୀ ଜନନ ମାଧ୍ୟମରେ ଏବଂ ଉନ୍ନତ ତଥା ଜଟିଳ ଗଛଲତା ଓ ପ୍ରାଣୀମାନଙ୍କ କ୍ଷେତ୍ରରେ ସେଥିପାଇଁ ଲୋଡ଼ାହୁଏ ଲିଙ୍ଗୀୟ ଜନନ। ଦୁଇ ବିପରୀତ ଲିଙ୍ଗବିଶିଷ୍ଟ ପ୍ରାଣୀଙ୍କ ମିଳନରୁ ଉତ୍ପନ୍ନ ହୁଏ ଶାବକ। ପ୍ରକୃତି ମଣିଷ ସମେତ ସମସ୍ତ ଉଚ୍ଚଶ୍ରେଣୀର ପ୍ରାଣୀଙ୍କଠାରେ ଯୌନ କାମନାକୁ ତୀବ୍ର କରିବାର ଏହା ହିଁ ଅସଲ ଉଦ୍ଦେଶ୍ୟ। ତେବେ ମଣିଷଠାରେ ବିଶେଷକରି ପୁରୁଷ କ୍ଷେତ୍ରରେ ଏ ଦକ୍ଷତା ହ୍ରାସ ପାଇବାରେ ଲାଗିଛି। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ 'ଦ ଜର୍ନାଲ ଅଫ୍ ହ୍ୟୁମାନ୍ ରିପ୍ରଡକ୍‌ଶନ୍' ପତ୍ରିକାରେ ପ୍ରକାଶିତ ବିବରଣୀ ଅନୁସାରେ, ୨୦୦୧ ମସିହା ବେଳକୁ ୩୪% ପୁରୁଷଙ୍କଠାରେ ଶୁକ୍ରକୀଟ ସାଧାରଣ ମାତ୍ରାଠାରୁ କମ୍ ଥିଲା, ଯାହାକି ୨୦୧୧ ମସିହା ବେଳକୁ ପହଞ୍ଚିଯାଇଥିଲା ୬୫%ରେ। ଏହି ସମୟ ମଧ୍ୟରେ ସମ୍ପୂର୍ଣ୍ଣ ତ୍ରୁଟିମୁକ୍ତ ଶୁକ୍ରଧାରୀଙ୍କ ସଂଖ୍ୟା ୧୯% ହ୍ରାସ ପାଇଥିଲା।

ଏହାର କାରଣ ବହୁମୁଖୀ। ସେଥିମଧ୍ୟରୁ ବିବର୍ତ୍ତନୀୟ ପରିବର୍ତ୍ତନ ସର୍ବଦା ମନ୍ଥର ହୋଇଥିବା ଦୃଷ୍ଟିରୁ ପରିବେଶ ଓ ଜୀବନଶୈଳୀରେ ପରିବର୍ତ୍ତନକୁ ଏହାର ମୁଖ୍ୟ କାରଣ ବୋଲି ଧରାଯାଇ ପାରିବ। ପରିବେଶରେ ଡିଡିଟି, ବିଏଚ୍‌ସି ଆଦି କୀଟାଣୁନାଶକ ତଥା ଅନ୍ୟାନ୍ୟ ରସାୟନର ମାତ୍ରା ବୃଦ୍ଧି ଏବଂ ପଶୁପାଳନ ଓ କୃଷିରେ ବିବିଧ ହରମୋନ୍ ଓ ରାସାୟନିକ ଦ୍ରବ୍ୟର ବ୍ୟାପକ ବ୍ୟବହାର ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ତେବେ ଆମେ ପିନ୍ଧୁଥିବା ପୋଷାକ ମଧ୍ୟ ଏହାକୁ ପ୍ରଭାବିତ କରିପାରେ ବୋଲି ନିକଟରେ ମତ ଦେଇଛନ୍ତି ଆମେରିକାସ୍ଥିତ ବୋଷ୍ଟନର ହାର୍ଭାର୍ଡ ଟି.ଏଚ୍. ଚାନ୍ ସ୍କୁଲ୍ ଅଫ୍ ପବ୍ଲିକ ହେଲ୍‌ଥରେ ଗବେଷଣାରତ ବୈଜ୍ଞାନିକ ଲିଡିଆ ମିଂଗୁଏଜ୍–ଆଲାର୍‌କୋନ୍ ଏବଂ ତାଙ୍କ ସହଯୋଗୀମାନେ।

ଦ ଜର୍ନାଲ୍ ଅଫ୍ ହ୍ୟୁମାନ୍ ରିପ୍ରଡକ୍‌ଶନ୍ (ଅଗଷ୍ଟ ୨୦୧୮)ରେ ପ୍ରଦତ୍ତ ଏକ ବିବରଣୀରେ ସେମାନେ ଦର୍ଶାଇଛନ୍ତି ଯେ, ପିତା ହେବାକୁ ଚାହୁଁଥିବା ଲୋକେ ଢିଲା ଅନ୍ତର୍ବାସ ପିନ୍ଧିବା ବାଞ୍ଛନୀୟ। କାରଣ ୧୮ରୁ ୫୬ ବର୍ଷ ବୟସ୍କ ସାଧାରଣ ସ୍ୱାସ୍ଥ୍ୟସମ୍ପନ୍ନ ସନ୍ତାନହୀନ ପୁରୁଷଙ୍କୁ ପରୀକ୍ଷା କରି ସେମାନେ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ, ଆରାମଦାୟକ ଢିଲା ଅନ୍ତର୍ବାସ ପରିଧାନ କରୁଥିବା ଲୋକଙ୍କ ଶୁକ୍ରର ଘନତ୍ୱ ଏବଂ ତହିଁରେ ଥିବା ଶୁକ୍ରକୀଟଙ୍କ ସଂଖ୍ୟା ଅଧିକ। ପୁନଶ୍ଚ ସେମାନଙ୍କ ଶୁକ୍ରକୀଟ ଅଧିକ ସକ୍ରିୟ ହେବା ସହିତ ସେମାନଙ୍କଠାରେ ପ୍ରଜନନ ହର୍‌ମୋନର ଭାରସାମ୍ୟ ସନ୍ତାନ ସୃଷ୍ଟି ପାଇଁ ଅଧିକ ଉପାଦେୟ।

ଅବଶ୍ୟ ଆଗରୁ ହୋଇଥିବା କେତେକ ଗବେଷଣାରୁ ଏପ୍ରକାର ସୂଚନା ମିଳିଥିଲା। ଶୁକ୍ରକୀଟ ଉତ୍ପାଦନ ଲାଗି ଉତ୍ତମ ପରିବେଶ ହେଲା ଶରୀରର ତାପମାତ୍ରାଠାରୁ ୨/୩ ଡିଗ୍ରୀ ସେଲ୍‌ସିୟସ୍ କମ୍ ହେବା। ସମ୍ଭବତଃ ସେଥିପାଇଁ ଏହା ଉତ୍ପନ୍ନ କରୁଥିବା ଅଣ୍ଡକୋଷକୁ ପ୍ରକୃତି ଶରୀରର ବହିର୍ଭାଗରେ ଅବସ୍ଥାପିତ କରିଛି। ଏପରିସ୍ଥଳେ ଏହାର ତାପମାତ୍ରା ବୃଦ୍ଧି ଶୁକ୍ରକୀଟର ମାତ୍ରା ଓ ମାନ ହ୍ରାସ କରିବା ସ୍ୱାଭାବିକ, ଯାହାକି ଘଟେ ଚିପା ଅନ୍ତର୍ବାସ ପରିଧାନ କାରଣରୁ।

ପଲିଷ୍ଟର, ତୁଳା ଓ ଉଲ୍ ପୋଷାକ ପରିଧାନର ପ୍ରଭାବ ଉପରେ ଅନୁଧ୍ୟାନ କରି ୨୦୧୬ ମସିହାରେ ପ୍ରଜନନ ବିଜ୍ଞାନରେ ନୋବେଲ ପୁରସ୍କାର ଲାଭ କରିଥିଲେ ମିଶରର ଅହମ୍ମଦ ଶାର୍‌ଫିକସ୍। ସେ ୧୯୯୨ ମସିହାରେ କଣ୍ଟ୍ରାସେପ୍‌ସନ୍ ଏବଂ ୧୯୯୩ ମସିହାରେ ୟୁରୋପିଆନ୍ ୟୁରୋଲୋଜିରେ ପ୍ରକାଶିତ ଦୁଇଟି ଗବେଷଣା ପତ୍ରରେ ଦର୍ଶାଇଥିଲେ ଯେ, ପଲିଷ୍ଟର୍ ପୋଷାକ ପିନ୍ଧୁଥିବା ପୁରୁଷ–ମୂଷାଙ୍କ ପ୍ରଜନନ କ୍ଷମତା କମ୍। ପଲିଷ୍ଟର ଦ୍ୱାରା ଉତ୍ପନ୍ନ ସ୍ଥିର ବୈଦ୍ୟୁତିକ କ୍ଷେତ୍ର ଏବଂ ତୁଳା ଅପେକ୍ଷା ଏହାର ଅଧିକ ଉଷ୍ମତା ସୃଷ୍ଟିକାରୀ କ୍ଷମତା ଏଥିପାଇଁ ଦାୟୀ ବୋଲି ସେ ମତ ଦେଇଥିଲେ। ତେବେ ମଣିଷ କ୍ଷେତ୍ରରେ ସେ କିଛି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହୋଇପାରି ନ ଥିଲେ। ସମ୍ଭବତଃ ବର୍ତ୍ତମାନର ଅଧ୍ୟୟନ କିଛିମାତ୍ରାରେ ଏ ସମ୍ଭାବନାକୁ ପ୍ରମାଣିତ କରୁଛି।

ଅନ୍ୟପକ୍ଷରେ, ବର୍ତ୍ତମାନ ପରୀକ୍ଷାରେ ଅନ୍ତର୍ଭୁକ୍ତ ହୋଇଥିବା ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରୁ କେତେକ ଚିପା ଅନ୍ତର୍ବାସ ପରିଧାନ କରୁଥିବା ବେଳେ ଅନ୍ୟମାନଙ୍କର ତାହା ଥିଲା ଢିଲା। ତେବେ ଏ ଉଭୟଙ୍କର ଶୁକ୍ରକୀଟ ସଂଖ୍ୟା ସାଧାରଣ ସଂଖ୍ୟାଠାରୁ ବିଶେଷ ଭିନ୍ନ ହୋଇ ନ ଥିଲେ ବି ସେମାନଙ୍କ ମଧ୍ୟରେ ଥିବା ତାରତମ୍ୟ ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ। ତଥାପି ଏ ଅଧ୍ୟୟନର ଫଳାଫଳ ଅନିଶ୍ଚିତତା ପ୍ରତି ଉନ୍ମୁକ୍ତ ବୋଲି ଅନେକ ବିଶେଷଜ୍ଞ ମତ ଦେଉଛନ୍ତି। ଏହାକୁ ସମର୍ଥନ କରନ୍ତି 'ଅକସ୍‌ଫୋର୍ଡ ସେଣ୍ଟର ଫର୍ ଡାଇବେଟିସ୍, ଏଣ୍ଡୋକ୍ରାଇନୋଲୋଜି ଏବଂ ମେଟାବୋଲିଜମ୍'ର ପ୍ରଫେସର ଆସ୍‌ଲେ ଗ୍ରାସ୍‌ମ୍ୟାନ। ତାଙ୍କ ମତରେ, ଚିପା ପୋଷାକର ପୌରୁଷ ଉପରେ କୁପ୍ରଭାବ କମ୍ ବା ବେଶି ହୋଇପାରେ ଏବଂ ତାହାକୁ ନେଇ ଅନିଶ୍ଚିତତା ଥାଇପାରେ। ତଥାପି ତାହାର ସମ୍ଭାବନା ବେଶ୍ ଉଜ୍ଜ୍ୱଳ। ତେଣୁ ଚିପା ବଦଳରେ ଢିଲା ପୋଷାକ ପରିଧାନ କରିବା ଆମ ସମସ୍ତଙ୍କ ପକ୍ଷେ ଉପକାରୀ।

ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର,ଭୁବନେଶ୍ୱର, ମୋ– ୯୯୩୭୯୮୫୭୬୭

## ଏଇ ଭାରତରେ

ସମୟର ପ୍ରବହମାନ ଧାରା ସହିତ ସବୁକିଛିର ପରିବର୍ତ୍ତନ ଘଟେ। ଯେଉଁ ଅଞ୍ଚଳରେ ଏକଦା ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ଘୃଣା ଓ ବିଦ୍ୱେଷ ଭାବ ସୃଷ୍ଟି ହୋଇଥିଲା ସେଠାରେ ଉଭୟ ସମ୍ପ୍ରଦାୟ ଏବେ ଭାଇଚାରା ସୃଷ୍ଟି କରିଛନ୍ତି। ମହାରାଷ୍ଟ୍ରର ୟଓ୍ୱତମାଲ୍ ଜିଲା ଉମରଖେଦ ତହସିଲ ଅଧୀନ ଭିଦୁଲ ଗାଁରେ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ଗୋଟିଏ ଛାତତଳେ 'ଭଗବାନ ଗଣେଶଙ୍କ ମୂର୍ତ୍ତି' ଏବଂ 'ମହରମ୍ ସଓ୍ୱାରି' ସ୍ଥାପନ କରି ଭ୍ରାତୃତ୍ୱର ଉଦାହରଣ ଦେଇଛନ୍ତି। ଅତୀତରେ ଗଣେଶ ପୂଜା ଏବଂ ରମଜାନ୍, ଇଦ୍ ଓ ମହରମ୍ ପାଳନ ବେଳେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହୋଇଥିବାର ଅନେକ ନଜିର ରହିଛି। ତେବେ ବର୍ତ୍ତମାନର ମୈତ୍ରୀଭାବ ଲାଗି ୟଓ୍ୱତମାଲ୍ ଏସ୍‌ପି ମେଗନାଥନ୍ ରାଜକୁମାରଙ୍କ ଏକତ୍ରୀକରଣ ପଦକ୍ଷେପ ଖୁବ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ଚଳିତବର୍ଷ ଗଣେଶ ଉତ୍ସବ ଏବଂ ମହରମ୍ ଏକ ସମୟରେ ପଡ଼ିଥିବାରୁ ରାଜକୁମାର ଉକ୍ତ ଗ୍ରାମରେ ଏକ ଶାନ୍ତି କମିଟି ଡାକିବା ପାଇଁ ଉମରଖେଦ ଥାନା ଇନ୍ସପେକ୍ଟରଙ୍କୁ ପରାମର୍ଶ ଦେଇଥିଲେ। ଏସ୍‌ପିଙ୍କ ପରାମର୍ଶକ୍ରମେ ସେ ଗ୍ରାମବାସୀଙ୍କୁ ଗଣେଶ ଓ ମହରମ୍ ଉତ୍ସବ ମିଳିତ ଭାବରେ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ଗ୍ରାମବାସୀମାନେ ଏଥିପାଇଁ ସର୍ବସମ୍ମତିକ୍ରମେ ରାଜି ହୋଇଯାଇଥିଲେ। ସେମାନେ ଭିଦୁଲ ଗାଁର ନାଲସାହିବ ଦେବସ୍ଥାନ ମନ୍ଦିରରେ ଏକ ପେଣ୍ଡାଲ ନିର୍ମାଣ କରି ସେଠାରେ ମିଳିତ ଭାବରେ ଧାର୍ମିକ ଉତ୍ସବ ପାଳନ କରିଛନ୍ତି। ବାସ୍ତବରେ ଉକ୍ତ ଗାଁର ଭାଇଚାରା ଅନ୍ୟ ଅଞ୍ଚଳର ସାମ୍ପ୍ରଦାୟିକ ମୈତ୍ରୀ ପାଇଁ ଦୃଷ୍ଟାନ୍ତ ସୃଷ୍ଟି କରିପାରିଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ସେପ୍ଟେମ୍ବର ୧୯୯୩

- ଇସ୍ରାଏଲ ପ୍ରଧାନମନ୍ତ୍ରୀ ୟିତ୍‌ଝାକ୍ ରାବିନ ଓ ତାଙ୍କର ବୈଦେଶିକ ମନ୍ତ୍ରୀ ସାଇମନ ପେରେଜ ଏବଂ ପି.ଏଲ୍.ଓ. ନେତା ୟାସେର ଆରାଫତ୍ ଚଳିତବର୍ଷର ହଫେଟ ବୋଗ୍ନି ଶାନ୍ତି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ।
- ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ହିମାଚଳ ପ୍ରଦେଶରେ ହେବାକୁ ଥିବା ଆଗାମୀ ବିଧାନସଭା ନିର୍ବାଚନରେ ଜନତା ଦଳର ସବୁ ବିଭାଜିତ ଗୋଷ୍ଠୀ ମୂଳ ଜନତା ଦଳ ବ୍ୟାନରରେ ନିର୍ବାଚନ ଲଢିବାକୁ ନିଷ୍ପତ୍ତି ନେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### କୃଷିରେ ପଞ୍ଚଗବ୍ୟ

ମହାଶୟ,

ପରିବେଶ ପରିଚିନ୍ତାରେ ପ୍ରକାଶିତ ମାନେକା ଗାନ୍ଧୀଙ୍କର ପଞ୍ଚଗବ୍ୟ ପ୍ରସଙ୍ଗ ଭଲ ଲାଗିଲା। ସତରେ ପ୍ରାକୃତିକ ଦ୍ରବ୍ୟର କେତେ ଗୁଣଗରିମା ରହିଛି। ଗୋମାତାର ଅମୃତରୁ ପ୍ରସ୍ତୁତ ଏହି ପଞ୍ଚଗବ୍ୟ ଆଗରୁ କୁଆଡେ ଜାତି କରିବା ପାଇଁ ଅଜାତିଆଙ୍କୁ ପିଆଉଥିଲେ। ରାସାୟନିକ ସାର ଓ କୀଟନାଶକ ବ୍ୟବହାରର ମାତ୍ରା ବଢ଼େଇ ଆଜି ମାଟି ମାଆ ଅଜାତି ହୋଇପଡିଛି। ଡ. କେ. ନଟରାଜନ ବାସ୍ତବରେ ଏକ ଦିଗହରା ଚାଷୀକୁଳକୁ ଆଲୋକବର୍ତ୍ତିକା ଦେଖାଇଛନ୍ତି। ଏହି ପଞ୍ଚଗବ୍ୟ ଅତ୍ୟନ୍ତ ଶସ୍ତା ଓ ଲାଭକାରୀ। ଏହାଦ୍ୱାରା ପରିବେଶ ରକ୍ଷା ସହ ମଣିଷ ଅନେକ ରୋଗ ଦାଉରୁ ମୁକ୍ତି ପାଆନ୍ତା।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁ ମନ୍ଦିର, ବୁର୍ଲା, ସମ୍ବଲପୁର

### ଚକାଆଖି ସବୁ ଦେଖୁଛି

କିଛି ଦିନ ତଳେ ଶ୍ରୀମନ୍ଦିରରେ ଭକ୍ତଙ୍କ ମନିପର୍ସ ଲୁଟ୍ ଘଟଣାରେ ସେବାୟତ ଗିରଫ ହେବା ହଇଚଇ ସୃଷ୍ଟି କରିଛି। ବ୍ରହ୍ମ ବିଭ୍ରାଟରେ ଗଜପତି କ୍ଷୋଭ ପ୍ରକାଶ କରିଥିଲେ ହେଁ ଅପରାଧୀମାନଙ୍କୁ ତଦନ୍ତ କମିଶନ ଆଳରେ ସୁରକ୍ଷା ଦିଆଯାଇଛି। ନୀଳାଦ୍ରି ବିଜେ ଘଟଣାରେ ଜିଲାପାଳ ଅସଦ୍‌ବ୍ୟବହାରର ଶିକାର ହୋଇ ମାମଲା ବିଚାରାଧୀନ। ପତିଆରା ଜାହିର କରି ମହାପ୍ରଭୁଙ୍କୁ ଉପବାସ ରଖାଗଲା। ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନଙ୍କୁ ମାଡ ମାରିବା ଓ ମହିଳାମାନଙ୍କୁ ଅସଦ୍‌ବ୍ୟବହାର କରିବା ଆଦିରେ ପ୍ରଶାସନ 'ସବ୍ ସେ ଚୁପ୍ ଭଲା' ନ୍ୟାୟରେ ଅପରାଧୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଦିନକୁ ଦିନ ଏହା ବୃଦ୍ଧି ପାଇବାରେ ଲାଗିଛି। ତେବେ ଚକା ଆଖି ସବୁ ଦେଖୁଛି। ବିଶୃଙ୍ଖଳିତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଏହା ଅନ୍ୟମାନଙ୍କ ପାଇଁ ଚେତାବନୀ ସଦୃଶ ହୋଇପାରନ୍ତା।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ DHARITRI
ସମ୍ବଲପୁର, ବୁଧବାର, ସେପ୍ଟେମ୍ବର ୧୯/୨୦୧୮



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ମଧୁସୂଦନପାଲ୍ଲୀ ବିସ୍ଫୋରଣ ଘଟଣା
## ବିପନ୍ନ ପରିବାରଙ୍କୁ କ୍ଷତିପୂରଣ, ଥଇଥାନ ଦାବି

ରାଉରକେଲା ଅଫିସ,୧୮।୯

ମଧୁସୂଦନପାଲ୍ଲୀ ତେଲୁଗୁପଡ଼ାରେ ସୋମବାର ମଧ୍ୟାହ୍ନରେ ଘଟିଥିବା ଭୟଙ୍କର ବିସ୍ଫୋରଣରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରଙ୍କୁ କ୍ଷତିପୂରଣ ସହ ଥାଇଥାନ ନେଇ ଦାବି ଜୋର୍‌ଦାର୍ ହୋଇଛି। ଜିଲା କଂଗ୍ରେସ ପକ୍ଷରୁ ସଭାପତି ରବି ରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ରାଉରକେଲା ଅତିରିକ୍ତ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏ ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରିଛନ୍ତି। ବିଜୁ ପକ୍କା ଘର ଯୋଜନାରେ ବାସହରାଙ୍କୁ ଥଇଥାନ କରାଯିବାକୁ ସେଥିରେ ଦର୍ଶାଯାଇଛି। ଅନ୍ୟଥା ପରିବାର ପିଛା ଲକ୍ଷେ ୫୦ହଜାର ଦିଆଯିବାକୁ ଉଲ୍ଲେଖ ରହିଛି। ଆଂଶିକ କ୍ଷତିଗ୍ରସ୍ତଙ୍କୁ ୫୦ ହଜାର ପ୍ରଦାନ କରାଯିବାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଆହତ ହୋଇଥିବା ପରିବାରଙ୍କୁ ମାଗଣାରେ ଚିକିତ୍ସା ସେବା ଯୋଗାଇ ଦେବାକୁ ଦଳୀୟ ନେତୃମଣ୍ଡଳୀ ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ ଜିଲା କଂଗ୍ରେସ କାର୍ଯ୍ୟକାରୀ କମିଟି ସଭାପତି ସବିର ହୁସେନ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସମ୍ପାଦକ ରଶ୍ମିରଞ୍ଜନ ପାଢ଼ି, ଅଜିତ ସାମଲ, ଆରପି ସିଂ, କୀର୍ତ୍ତନ ଦାସ, ବାସୁ ବାନାର୍ଜୀ, ଶିବୁ ସାହୁ ଓ ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ■ ସମବାୟ ଦୁର୍ନୀତି, ଆଇନଜୀବୀଙ୍କ ଆନ୍ଦୋଳନ ପ୍ରସଙ୍ଗ
# ସରକାରଙ୍କୁ ଘେରିଲେ ବିରୋଧୀ

- ■ ବିଧାନସଭାରେ ହଙ୍ଗାମା
- ■ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଧାରଣା ଦେଲା ଭାଜପା

ଭୁବନେଶ୍ୱର, ୧୮।୯(ବ୍ୟୁରୋ)

ଚିଲିକାରେ ହେଲିକପ୍ଟର ଉଡାଣ ଓ କୋଣାର୍କ ତାତି ମଙ୍ଗଳବାର ବିଧାନସଭାରେ ଦେଖିବାକୁ ମିଳିଥିଲା। କିନ୍ତୁ ବିରୋଧୀ କଂଗ୍ରେସ ଓ ଭାଜପା ପକ୍ଷରୁ ଆଇନଜୀବୀଙ୍କ ଆନ୍ଦୋଳନ ଏବଂ ସମବାୟ ଦୁର୍ନୀତିକୁ ନେଇ ସରକାରଙ୍କୁ ଘେରିଥିଲେ। ଗତ ୨୦ ଦିନ ଧରି ଆଇନଜୀବୀ ଚଳାଇଥିବା ଆନ୍ଦୋଳନ ଯୋଗୁ ହାଇକୋର୍ଟ ସମେତ ତଳକୋର୍ଟଗୁଡ଼ିକରେ ଅଚଳାବସ୍ଥା ସୃଷ୍ଟି ହୋଇଥିବା ପ୍ରସଙ୍ଗ ଉଠାଇ କଂଗ୍ରେସ ସରକାରଙ୍କଠାରୁ କୈଫିୟତ ତଲବ କରିଥିଲା। ଭାଜପା ସମବାୟ ବିଭାଗରେ ହୋଇଥିବା ୮୦୦ କୋଟି ଟଙ୍କା ଦୁର୍ନୀତିରେ ସିବିଆଇ ତଦନ୍ତ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଜୋରଦାର ଆକ୍ରମଣ କରିଥିଲା।

ମଙ୍ଗଳବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି, ଦେବେନ୍ଦ୍ର ଶର୍ମା, ଚିରଞ୍ଜୀବ ବିଶ୍ୱାଳ, ଅଂଶୁମାନ ମହାନ୍ତି, ପ୍ରକାଶ ବେହେରା, ଚନ୍ଦ୍ରଶେଖର ମାଝି ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ହାଇକୋର୍ଟ ଓ ତଳକୋର୍ଟ ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁ ପ୍ରଭାବିତ ହୋଇଥିବା ବିଷୟ ଉଠାଇଥିଲେ। ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି କୋର୍ଟ କାର୍ଯ୍ୟକୁ ସ୍ୱାଭାବିକ କରିବା ଲାଗି ଦାବି କରିଥିଲେ। ଭାଜପା ସଭ୍ୟ ରବି ନାୟକ, ପ୍ରଦୀପ ପୁରୋହିତ, ବିଭୂତିଭୂଷଣ ହରିଚନ୍ଦନ ପ୍ରମୁଖ କଳା ଗାଉନ୍ ପିନ୍ଧି ପ୍ରତିବାଦ କରିଥିଲେ। ସମବାୟ ବିଭାଗରେ ହୋଇଥିବା ଦୁର୍ନୀତିର ସିବିଆଇ ତଦନ୍ତ କରିବାକୁ ସେମାନେ ଦାବି କରିଥିଲେ। ହଙ୍ଗାମା ଯୋଗୁ ଗୃହ କାର୍ଯ୍ୟକୁ ବାଚସ୍ପତି ପ୍ରଦୀପ ଅମାତ୍ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଏହାପରେ ଭାଜପା ସଦସ୍ୟମାନେ ବିଧାନସଭା ପରିସରରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଧାରଣା ଦେଇ ସମବାୟ ଦୁର୍ନୀତିର ପ୍ରତିବାଦ କରିଥିଲେ।

ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ବାଚସ୍ପତି ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କୁ କହିବାକୁ ସୁଯୋଗ ଦେଇଥିଲେ। ସେ କହିଲେ ଯେ, ନ୍ୟାୟ ପାଇବାରୁ ସାଧାରଣ ଲୋକ ବଞ୍ଚିତ ହେଉଛନ୍ତି। ହାଇକୋର୍ଟ ଓ ତଳକୋର୍ଟରେ କେସ୍ ସଂଖ୍ୟା ବଢ଼ିବାରେ ଲାଗିଛି। ୨୦ ଦିନ ହୋଇଗଲା ଏଭଳି ଅଚଳାବସ୍ଥା ଲାଗିରହିଛି। ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଯେଉଁ ସରକାର ନ୍ୟାୟ ଦେଇପାରିବେ ନାହିଁ ଶାସନରେ ରହିବାର ସେ ସରକାରଙ୍କ ନୈତିକ ଅଧିକାର ନାହିଁ। ସରକାର ଏଥିରେ ହସ୍ତକ୍ଷେପ କରି ତୁରନ୍ତ ଅଚଳାବସ୍ଥା ଦୂର କରିବା ଦରକାର ବୋଲି ନରସିଂହ ଦାବି କରିଛନ୍ତି। ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ କହିଛନ୍ତି, ଗତ ୩ ଦିନ ଧରି ସମବାୟ ବିଭାଗରେ ଦୁର୍ନୀତି ହୋଇଥିବା କଥା ଉଠାଇ ଆସୁଛୁ। ସରକାରଙ୍କର ଏ ନେଇ ଆନ୍ତରିକତା ନାହିଁ। ଦୁର୍ନୀତିକୁ ଏଡାଇଦେବା ପାଇଁ ହେଲିକପ୍ଟର ଉଡାଣକୁ ରାଜ୍ୟ ସରକାର ବାହାନା କରିଛନ୍ତି । ସରକାର ଏହି ଦୁର୍ନୀତିର ସିବିଆଇ ତଦନ୍ତ କରାନ୍ତୁ ବୋଲି ସେ ଦାବି କରିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି ୨୦ ଦିନ ହେବ ହାଇକୋର୍ଟ ବନ୍ଦ ରହିଛି, ସରକାରଙ୍କର ଚିନ୍ତା ନାହିଁ। କେସ୍ ଉପରେ କେସ୍ ଲଦି ହେଲାଣି। ଏହାର ତୁରନ୍ତ ସମାଧାନ କରାଯାଉ। ଜୟପୁରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ କରିବାକୁ ଦାବି କରିଥିଲେ। ଅବିଭକ୍ତ କୋରାପୁଟରେ ଯଦି ସ୍ଥାୟୀ ବେଞ୍ଚ କରା ନ ଯାଏ ତେବେ ନିଆଁ ଜଳିବ ବୋଲି କହିଥିଲେ। ଭାଜପା ସଭ୍ୟ ପ୍ରଦୀପ ପୁରୋହିତ କହିଲେ, ସମବାୟ ବିଭାଗରେ ୮୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। ଭ୍ରଷ୍ଟ ଅଧିକାରୀଙ୍କୁ ପୁନଃ ନିଯୁକ୍ତି ଦିଆଯାଉଛି। ଚାରା ଦୁର୍ନୀତିରେ ଜଡ଼ିତ ଅଧିକାରୀଙ୍କୁ ନୟାଗଡ଼ରେ ନିଯୁକ୍ତି ଦିଆଯାଇଛି। ଦୁର୍ନୀତି ପ୍ରସଙ୍ଗକୁ ଏଡ଼ାଇବା ପାଇଁ ସରକାର ହେଲିକପ୍ଟର ଉଡାଣ ଆଳ ଦେଖାଇ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ବୋଲି ସେ କହିଛନ୍ତି।



ବିଧାନସଭା ପରିସରରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଭାଜପା ବିଧାୟକଙ୍କ ଧାରଣା।

## ଜଗତ୍‌ସିଂହପୁର ଡିପିଏସ୍‌କୁ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର

ଭୁବନେଶ୍ୱର, ୧୮।୯(ବ୍ୟୁରୋ)

କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ୨୦୧୭-୧୮ ପ୍ରଦାନ କରାଯାଇଛି। ଓଡ଼ିଶାର ଜଗତ୍‌ସିଂହପୁର ଜିଲାର ଦିଲ୍ଲୀ ପବ୍ଲିକ୍ ସ୍କୁଲ(ଡିପିଏସ୍) ପାରାଦୀପ ରିଫାଇନାରି ଏହି ପୁରସ୍କାର ଗ୍ରହଣ କରିଛି। ପୁରସ୍କାର ବାବଦରେ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଚଳିତବର୍ଷ ଏହି ପୁରସ୍କାର ପାଇଁ ସର୍ବଭାରତୀୟ ସ୍ତରରେ ସାଢ଼େ ୬ ଲକ୍ଷ ବିଦ୍ୟାଳୟ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଚଣ୍ଡୀଗଡ଼, ଗୁଜରାଟ, ହରିୟାଣା, ହିମାଚଳ ପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, ପଣ୍ଡିଚେରୀ, ଉତ୍ତରାଖଣ୍ଡ, କେରଳ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଗୋଆ, ତାମିଲନାଡୁ, ପଞ୍ଜାବ, ପଶ୍ଚିମବଙ୍ଗ ଓ ଲାକ୍ଷାଦ୍ୱୀପରୁ ମୋଟ ୫୨ ସ୍କୁଲ ଏହି ପୁରସ୍କାର ପାଇଛନ୍ତି। ଏଥିରେ ୩୭ଟି ସ୍କୁଲ ଗ୍ରାମାଞ୍ଚଳର ହୋଇଥିବା ବେଳେ ୧୫ଟି ସହରାଞ୍ଚଳର। ଏଥିରେ ୪୫ଟି ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଥିବା ବେଳେ ୭ଟି ଘରୋଇ ବିଦ୍ୟାଳୟ ରହିଛି। ସହରାଞ୍ଚଳ ବର୍ଗରେ ୯୨% ସ୍ୱଚ୍ଛତା ପାଇଁ ଜଗତ୍‌ସିଂହପୁର ଜିଲାର ଦିଲ୍ଲୀ ପବ୍ଲିକ୍ ସ୍କୁଲକୁ ପୁରସ୍କୃତ କରାଯାଇଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନଞ୍ଜୟ ପାତ୍ର କହିଛନ୍ତି। ମଙ୍ଗଳବାର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭଡେକର ନୂଆଦିଲ୍ଲୀସ୍ଥିତ ଆମ୍ବେଡକର ଇଣ୍ଟରନ୍ୟାଶନାଲ ସେଣ୍ଟରରେ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଗତ ସେପ୍ଟେମ୍ବର ୧୫ରେ ଆରମ୍ଭ ହୋଇଥିବା 'ସ୍ୱଚ୍ଛତା ହିଁ ସେବା ଅଭିଯାନ'ର ଏହା ଏକ ଅଂଶ।

## ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ ହେଉ ଝାରସୁଗୁଡ଼ା ବିମାନ ବନ୍ଦର

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ଝାରସୁଗୁଡା ବିମାନବନ୍ଦରକୁ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରାଯାଉ। ଏ ସମ୍ପର୍କିତ ଏକ ସଂକଳ୍ପ ଓଡ଼ିଶା ବିଧାନସଭାରେ ମଙ୍ଗଳବାର ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି। ରାଜ୍ୟ ସରକାରଙ୍କ ପୂର୍ବ ପ୍ରସ୍ତାବ ଓ ବିଧାନସଭା ଦ୍ୱାରା ଗୃହୀତ ସଂକଳ୍ପ ନେଇ କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦିଆଯାଇଛି। ସେହିପରି ଉକ୍ତ ବିମାନ ବନ୍ଦର ପାଇଁ ଭାରତୀୟ ବିମାନ ବନ୍ଦର ପ୍ରାଧିକରଣଙ୍କୁ ୧୧୮.୭୫ ଏକର ଜମି ଯୋଗାଇ ଦିଆଯିବା ସହ ୭୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବିମାନବନ୍ଦରରେ ସୁରକ୍ଷା କର୍ମୀ ଏବଂ ଅଗ୍ନି ନିରାପତ୍ତା କର୍ମୀ ନିୟୋଜିତ କରାଯାଇଛି। ବିନା ମୂଲ୍ୟରେ ବିଦ୍ୟୁତ ସେବା ଓ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଏତଦ୍‌ବ୍ୟତୀତ ବିମାନସ୍ଥଳ ଓ କର୍ମଚାରୀ କଲୋନୀ ପାଇଁ ଜମି ଉପରେ ଟିକସ ଛାଡ କରାଯାଇଛି। ଏ ସମ୍ପର୍କିତ ଆଲୋଚନାରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର, ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପ୍ରଦୀପ ପୁରୋହିତ, ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ, ମହେଶ ସାହୁ , ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଯୋଗେନ୍ଦ୍ର ବେହେରା, ସଞ୍ଜୀବ ସାହୁ ଏବଂ ପ୍ରଫୁଲ୍ଲ ମାଝି ଅଂଶଗ୍ରହଣ କରିଥିଲେ। ଏହି ଆଲୋଚନାରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ବଲାଙ୍ଗୀରରେ ସଦ୍ୟ ଉଦ୍‌ଘାଟିତ ହୋଇଥିବା ଭୀମ ଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲ ନାମରେ ସାମାନ୍ୟ ପରିବର୍ତ୍ତନ ପ୍ରସ୍ତାବ ଦେଇଥିଲେ। ଭୀମ ଭୋଇଙ୍କ ନାମ ପୂର୍ବରୁ ସନ୍ଥ ଶବ୍ଦ ଯୋଡିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସେ ଏକ ପ୍ରସ୍ତାବ ଦେଇଥିଲେ। ଯାହାକୁ ଶାସକ ଓ ବିରୋଧୀ ସଦସ୍ୟମାନେ ସମର୍ଥନ ମଧ୍ୟ କରିଥିଲେ। ଏ ସମ୍ପର୍କିତ ଆଲୋଚନା ସରିବା ପରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେନା ଉକ୍ତ ପ୍ରସ୍ତାବକୁ ଗ୍ରହଣ କରିଥିଲେ।

ସେହିପରି ବିଧାନସଭାରେ ଝାରସୁଗୁଡା ବିମାନ ବନ୍ଦରକୁ ବୀର ସୁରେନ୍ଦ୍ର ସାଏଙ୍କ ନାମରେନାମିତନେଇଗୃହୀତସଂକଳ୍ପକୁକେନ୍ଦ୍ରମନ୍ତ୍ରୀଧର୍ମେନ୍ଦ୍ରପ୍ରଧାନସ୍ୱାଗତକରିଛନ୍ତି।

## ପୂରଣ ହେବ ରାଜସ୍ୱ ବିଭାଗର ଖାଲିଥିବା ପଦବୀ

### ଭୁବନେଶ୍ୱରରେ ଖୋଲିବ ଆଉ ଦୁଇ ତହସିଲ କାର୍ଯ୍ୟାଳୟ

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ସରକାରଙ୍କ ପକ୍ଷରୁ ରାଜସ୍ୱ ପ୍ରଶାସନକୁ ଅଧିକ ଦକ୍ଷ କରାଯିବା। ଲୋକମାନଙ୍କ ନିକଟରେ ରାଜସ୍ୱ ସେବା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପହଞ୍ଚାଇବା ପାଇଁ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଏନେଇ ବିଭାଗ ପକ୍ଷରୁ ବିଭିନ୍ନ ଜିଲାରେ ଖାଲି ପଡିଥିବା ପଦବୀ ପୂରଣ କରିବାକୁ ପଦକ୍ଷେପ ନିଆଯାଇଛି। ରାଜ୍ୟରେ ଖାଲିଥିବା ୧୩୮ ରାଜସ୍ୱ ନିରୀକ୍ଷକ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଓ ଅମିନ ପଦବୀ ପୂରଣ କରାଯିବ। ଉକ୍ତ ପଦବୀଗୁଡିକ ଚଳିତ ବର୍ଷ ପୂରଣ ହେବ। ମନ୍ତ୍ରୀ ମହେଶ୍ୱର ମହାନ୍ତି ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହି ପଦବୀ ସବୁ ଓଡିଶା ସବ୍ ଅର୍ଡିନେଟ୍ ଷ୍ଟାଫ ସିଲେକ୍ସନ କମିଶନଙ୍କ ଦ୍ୱାରା ଚୟନ କରାଯାଇ ପୂରଣ କରାଯିବ ବୋଲି ମହାନ୍ତି କହିଛନ୍ତି।

ପ୍ରକାଶଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ରାଜସ୍ୱ ବିଭାଗ ଦ୍ୱାରା ୯୮୦ଟି ରାଜସ୍ୱ ନିରୀକ୍ଷକ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ, ୨୬୦ଟି ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଏବଂ ୩୭୬ ଅମିନ ପଦବୀ ଅନ୍ତର୍ଭୁକ୍ତ ଅଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ୮୩ଟି ରାଜସ୍ୱ ନିରୀକ୍ଷକ, ୧୩୭ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଏବଂ ୧୩୮ ଅମିନ ପଦବୀ ରାଜସ୍ୱ ବିଭାଗ ଦ୍ୱାରା ପୂରଣ ନିମନ୍ତେ ଅନୁମୋଦନ ଲାଭ କରିଛି। ଏହାଫଳରେ ରାଜସ୍ୱ ବିଭାଗ ପକ୍ଷରୁ ସମୁଦାୟ ୪୨୭ ରାଜସ୍ୱ ନିରୀକ୍ଷକ, ୩୯୭ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଓ ୫୧୪ ଅମିନ ପଦବୀ ପୂରଣ କରାଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାସହ ୪୬୨ଟି ଜୁନିୟର କ୍ଲର୍କ ପଦବୀ ପୂରଣ କରିବା ପାଇଁ ମଧ୍ୟ ସମ୍ପୃକ୍ତ ଜିଲାପାଳମାନଙ୍କ ଦ୍ୱାରା ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ରାଜସ୍ୱ ପ୍ରଶାସନକୁ ଅଧିକ କ୍ରିୟାଶୀଳ ଓ ତ୍ୱରିତ ରାଜସ୍ୱ ସେବା ପ୍ରଦାନ ଲାଗି ଭୁବନେଶ୍ୱର ତହସିଲକୁ ବିଭାଜନ କରାଯିବ। ଭୁବନେଶ୍ୱର ତହସିଲ ସମେତ ଅଧିକ ଦୁଇଟି ନୂତନ ତହସିଲ ଖୋଲିବ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ଏକ ପ୍ରସ୍ତାବ ପଠାଇଛନ୍ତି। ସ୍ଥାନୀୟ ଅଞ୍ଚଳର କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ଓ ପରିସୀମାକୁ ଦୃଷ୍ଟିରେ ରଖି ଅଧିକ ଦୁଇଟି ନୂତନ ତହସିଲ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଭୁବନେଶ୍ୱର ତହସିଲ୍ ସମେତ ତମାଣ୍ଡୋ ଓ ପଟିଆରେ ତହସିଲ ଅଫିସ ଖୋଲିବ ବୋଲି ମହେଶ୍ୱର ଆଶା ପ୍ରକାଶ କରିଛନ୍ତି।

# ବିଧାନସଭାରେ ଉଠିଲା ଭଦ୍ରକ ମେଡିକାଲ କଲେଜ ପ୍ରସଙ୍ଗ

### ଦାବି ପୂରଣ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ

ଭୁବନେଶ୍ୱର, ୧୮।୯(ବ୍ୟୁରୋ)

ବାଲେଶ୍ୱର ଓ ବାରିପଦାରେ ମେଡିକାଲ କଲେଜ ସ୍ଥାପନ ହେଲା। ବାଲେଶ୍ୱରରେ ଏମ୍ସ ସାଟେଲାଇଟ ସେଣ୍ଟରର ଶିଳାନ୍ୟାସ ଏବଂ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବା ସହ ବାରିପଦାଠାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଇଛି। ହେଲେ ଭଦ୍ରକ ଜିଲାକୁ ଅଣଦେଖା କରାଯାଇଛି। ଏହାକୁ ନେଇ ଜିଲାର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଚାଲିଛି। ଜିଲାରେ ମେଡିକାଲ କଲେଜ ସ୍ଥାପନ କରିବା ସହ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ମଙ୍ଗଳବାର ବିଧାନସଭାରେ ଦାବି ଉଠାଇଛନ୍ତି। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଛନ୍ତି ଯେ, ଭଦ୍ରକ ଜିଲାକୁ ଅବହେଳା କରାଯାଇଛି। ଭଦ୍ରକରୁ ବାଲେଶ୍ୱର ମେଡିକାଲ କଲେଜ ୮୦ କିଲୋମିଟର ହୋଇଥିବା ବେଳେ ଚାନ୍ଦବାଲିରୁ ୧୩୦ କିଲୋମିଟର। ବହୁ ଦୂର ହେଉଥିବାରୁ ଜିଲାବାସୀ ଏହା ଦ୍ୱାରା ଲାଭବାନ ହେଉନାହାନ୍ତି। ଚିକିତ୍ସା ସୁବିଧା ପାଇଁ ଜିଲାରେ ନୂତନ ମେଡିକାଲ କଲେଜ ଖୋଲିବାକୁ ସେ ଦାବି କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୮୯ ବେଡ ରହିଥିବା ବେଳେ ସେଠାକୁ ଦୈନିକ ୨ ହଜାର ରୋଗୀ ଆସୁଛନ୍ତି। ସ୍ଥାନ ଅଭାବରୁ ରୋଗୀମାନେ ତଳେ ଶୋଇବାକୁ ବାଧ୍ୟ ହେଉଛନ୍ତି। ଏହି ଜିଲାରେ ଦଳିତ ଓ ଜନଜାତି ସଂଖ୍ୟା ଅଧିକ ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତୁରନ୍ତ ମେଡିକାଲ କଲେଜ ସ୍ଥାପନ କରିବାକୁ ସେ ଦାବି କରିଛନ୍ତି। ବିଜେଡି ସଭ୍ୟ ମୁକ୍ତିକାନ୍ତ ମଣ୍ଡଳ ମଧ୍ୟ ଏହି ଜିଲାରେ ମେଡିକାଲ କଲେଜ ସ୍ଥାପନ କରିବାକୁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମଙ୍ଗଳବାର ଅପରାହ୍ନରେ ବ୍ୟୋମକେଶ, ବିଧାୟକ ପ୍ରଫୁଲ୍ଲ ସାମଲ ଏବଂ ମୁକ୍ତିକାନ୍ତ ମଣ୍ଡଳ ମୁଖ୍ୟମନ୍ତ୍ରୀ ନୀବନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରି ମେଡିକାଲ କଲେଜ ସ୍ଥାପନ କରିବାକୁ ଦାବି କରିଛନ୍ତି। ରାଜ୍ୟ ସରକାର ରାଜ୍ୟରେ ଆଉ ଦୁଇଟି ମେଡିକାଲ କଲେଜ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଯାଜପୁର ଓ ଭଦ୍ରକ ଜିଲାରେ ଉକ୍ତ ମେଡିକାଲ କଲେଜ ସ୍ଥାପନ କରିବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ ଆଲୋଚନା ବେଳେ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୁପରସ୍ପେସିଆଲିଟି ହସ୍ପିଟାଲରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୨୧ରୁ ଓଡ଼ିଶା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ମହାସମାବେଶ

ଭୁବନେଶ୍ୱର, ୧୮।୯(ବ୍ୟୁରୋ)

୬ଦଫା ଦାବି ନେଇ ଓଡ଼ିଶା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଧାରଣା ମଙ୍ଗଳବାର ୧୩ଦିନରେ ପହଞ୍ଚିଛି। ସରକାର ଦାବିଗୁଡ଼ିକୁ ପୂରଣ କରିସାରିଥିବାର ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଫଳରେ ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ମହାସମାବେଶ ଅନୁଷ୍ଠିତ ହେବ। ଯଦି ଏଥିରେ ସରକାର ବିଜ୍ଞପ୍ତି ପ୍ରକାଶ ନ କରନ୍ତି, ତେବେ ଦାବି ହାସଲ ପାଇଁ ୨୪ତାରିଖରୁ ରାଜ୍ୟର ୫୮ ହଜାର ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ୧ଲକ୍ଷ ୭୦ ହଜାର ଶିକ୍ଷକ ଆମରଣ ଅନଶନରେ ବସିବେ ବୋଲି ମହାସଂଘର ମୁଖ୍ୟ ଆବାହକ ବଙ୍କିମ ଚନ୍ଦ୍ର ସାଗର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

GOVT. OF ARUNACHAL PRADESH STATE LOTTERIES
Issued by: Commissioner, Arunachal State Lotteries, Itanagar
SHRI GANAPATHY BUMPER
1st Prize ₹ 1 CRORE
MRP ₹ 100/-
1st Draw on 25.9.2018
POSTAGE FREE
2nd Prize ₹ 10 LAKHS
And Many More Attractive Prizes



Tickets worth Rs. 1000/- will be sent by Regd. Post. Please send BANK DRAFT / MONEY ORDER with full ADDRESS and PIN CODE to the following address
Patrons are requested to give their Mobile nos., So that delivery of tickets are done without hassle
AREA STOCKIST VIRA AGENCY 173 M.G. ROAD, KOLKATA-700007 Ph: 033-22680568 / 9874285573

AXIS BANK
Registered Office: 'Trishul', 3rd Floor, Opp. Samartheswar Temple, New Law Garden, Ellisbridge, Ahmedabad-380006
Circle Office: Bhubaneswar
NOTICE

Notice is hereby given that the following persons have availed locker facilities from our Bank.

| BRANCH | LOCKER NO. | NAME OF THE LOCKER HIRER(S) MR./MS. | ADDRESS |
|---|---|---|---|
| Berhampur, Ganjam | 43 | Mohd. Abdul Safeer Tayub | Tulsi Nagar, 5th lane, Aska Road, Berhampur-760001 |
| Chandrasekharpur, Bhubaneswar | 2064 | Mr. Subrat Kumar Raj | At: Atala, P.O.: Jaypur, P.S.: Balianta, Dist.: Khurdha-752101 |
| Jharsuguda | 2051 | Mr. Jyoti Prakash De | S/o: Late Bidyut Prakash De, Opp. Shiv Mandir, Burdwan, W.B.-713102 |
| CRPF Square, Bhubaneswar | 3038 | Mr. Rabindra Kumar Jena | Flat No.: 204, Vinaydeep Apartment, Ashok Nagar, Bhubaneswar-751009 |
| Jajpur Town | 1074 | Mr. Bijaya Bhusan Mahunta | Plot No.: 210(A), Sastrinagar, Bhubaneswar - 751001 |
| Parlakhemundi | 67 | Mr. Srinivasu Kangava | New Kapu Street, Parlakhemundi, Dist.: Gajapati - 761200 |

They have failed and neglected in not operating locker for a considerable period of time. Whereas the bank has issued several notices to them from time to time calling upon to operate the locker and/or close the locker facility(ies), which were duly acknowledged by them and/or returned undelivered.

Whereas as a last chance, Notice is hereby given that if the above persons fail to operate locker **on or before 04.10.2018**, the Bank shall break and open the locks of locker at locker hirer's risk and responsibility, as per Banking Law and Practice and take inventory of items, if any, lying in the locker and keep the same in bank's custody until such time the arrears of rent along with interest, expenses, charges, etc. are paid to the bank. The Bank reserves the right to adjust the cash, if any found in the locker against the outstanding dues, if any of the persons to the Bank and it shall be treated as proper discharge on the part of the Bank and no claims, whatsoever, shall be entertained thereafter in this regard. For the balance dues, if any of locker rentals, the bank reserves its right to proceed legally against the locker hirer/s for recovery of its dues.

Date : 18.09.2018, Place : Bhubaneswar — Sd/- Circle BBO Head, Axis Bank Ltd., Bhubaneswar Circle

ସ୍ୱଚ୍ଛ ଭାରତ
एक कदम स्वच्छता की ओर

ପ୍ଲାଷ୍ଟିକ୍ ମୁକ୍ତ ରେଳ ଷ୍ଟେସନ- ଆବର୍ଜନା ମୁକ୍ତ ରାଷ୍ଟ୍ର




ପୂର୍ବ ତଟ ରେଳପଥ
D-24/18-19
ଆମକୁ ଫଲୋ କରନ୍ତୁ: www.facebook/@EASTCOASTRailway1 www.twitter/@eastcoastrail
ଆମେ ପ୍ରତିଦିନ ଏହାକୁ ସଫା କରୁଛୁ । ଏହାକୁ ପରିଷ୍କାର ରଖିବାରେ ଆମକୁ ସହାୟତା କରନ୍ତୁ ।



ଯେତେବେଳେ ନିଜ ଶକ୍ତିର ବହିର୍ଭୂତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।
- ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### ଭାରିଯାନ ଧକ୍କାରେ ଜଣେ ମୃତ

ବଡଗାଁ, ୧୮।୯ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅନ୍ତର୍ଗତ ଟିକିଲିପଡା ଗାଁ ନିକଟ ରାଜ୍ୟ ରାଜପଥ- ୧୦ରେ ମଙ୍ଗଳବାର ରାତି ୯ଟାରେ ଜଣେ ସାଇକେଲ ଆରୋହୀଙ୍କୁ କୌଣସି ଭାରିଯାନ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ସ୍ଥାନୀୟ ଗ୍ରାମର ଟିଟୁ କେର୍କେଟା । ଦୁର୍ଘଟଣା ପରେ ବଡଗାଁ ଦମକଳ ବାହିନୀର କର୍ମଚାରୀ ଉଦ୍ଧାର କରି ଡାକ୍ତରଖାନା ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଦିବ୍ୟାଙ୍ଗ ସ୍ତ୍ରୀଙ୍କୁ ପ୍ରତାରଣା: ସ୍ୱାମୀ, ମଧ୍ୟସ୍ଥିଙ୍କ ନାଁରେ ମାମଲା

ଖଇରା, ୧୮।୯(ଡି.ଏନ.ଏ.)-ଦିବ୍ୟାଙ୍ଗ ପତ୍ନୀଙ୍କୁ ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ ଖଇରା ପୋଲିସ କୁପାରୀ ପଞ୍ଚାୟତ ଅଧୀନ ହଦଶାସନ ଗ୍ରାମର ଅଶୋକ ପଣ୍ଡା ଓ ପାଣିଛତ୍ର ଗ୍ରାମର ମଧ୍ୟସ୍ଥି ଅଜୟ ଶତପଥୀଙ୍କ ନାମରେ ଏକ ମାମଲା ରୁଜୁ କରିଛି। ଅଶୋକ ୨୦୧୧ରେ କଲିକତାରେ କାମ କରୁଥିବାବେଳେ ଭବାନୀପୁର ଅଞ୍ଚଳର ଦିବ୍ୟାଙ୍ଗ ଯୁବତୀଙ୍କୁ ଅଜୟଙ୍କ ମଧ୍ୟସ୍ଥତାରେ କବିତା ରାଣୀଙ୍କୁ ବିବାହ କରିଥିଲେ। ମାତ୍ର ସେ ୨୦ଦିନ ରହିବା ପରେ ପତ୍ନୀଙ୍କୁ ଛାଡି ପଳାଇଆସିଥିଲେ।

ରାଫେଲ ଚୁକ୍ତି

# ଉପା-ଏନ୍‌ଡିଏ ଦୋଷ ଲଦାଲଦି

ନୂଆଦିଲ୍ଲୀ,୧୮।୯(ପି.ଟି.)

ରାଫେଲ ଚୁକ୍ତିକୁ ନେଇ ଥମୁନି ବିବାଦ। ଶାସକ ଭାଜପା ଏବଂ ବିରୋଧୀ କଂଗ୍ରେସ ମଧ୍ୟରେ ଜୋର ଧରିଛି କାଦୁଅ ଫିଙ୍ଗା ରାଜନୀତି। ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ ଏବଂ ତାଙ୍କ ପୂର୍ବସୂରୀ ଏ.କେ. ଆଣ୍ଟୋନୀଙ୍କ ମଧ୍ୟରେ ମଙ୍ଗଳବାର ଏହି ପ୍ରସଙ୍ଗକୁ ନେଇ ଆରୋପ ପ୍ରତ୍ୟାରୋପ ଧାରା ଆରମ୍ଭ ହୋଇଯାଇଛି।

ସୀଥାରାମନ୍‌ଙ୍କୁ ଟାର୍ଗେଟ୍ କରି ଆଣ୍ଟୋନୀ କହିଛନ୍ତି, ଏନ୍‌ଡିଏ ସରକାର କିଣୁଥିବା ରାଫେଲ୍ ବିମାନ ଶସ୍ତା ବୋଲି ଦାବି କରାଯାଉଛି। ଯଦି ଏହା ଶସ୍ତା, ତା'ହେଲେ ସରକାର କାହିଁକି ୧୨୬ରୁ ଅଧିକ ବିମାନ କିଣୁନାହାନ୍ତି। ୧୨୬ ସ୍ଥାନରେ ମାତ୍ର ୩୬ଟି କାହିଁକି କିଣୁଛନ୍ତି। ରାଫେଲ୍ ଚୁକ୍ତିକୁ ନେଇ ସୀଥାରାମନ୍ ତଥ୍ୟ ଲୁଚାଉଛନ୍ତି। ଦୁର୍ନୀତି ଅଭିଯୋଗ ହେବା ପରେ ଏହାର ତଦନ୍ତ ଲାଗି ସରକାର କାହିଁକି ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଠନ କରିନାହାନ୍ତି। ସରକାର ଜାତୀୟ ସୁରକ୍ଷାକୁ ନେଇ ସାଂଘାତିକ ସାଲିସ କରୁଛନ୍ତି। ଉପା କ୍ଷମତା ହରାଇବା ବେଳକୁ ନେଗୋସିଏଶନ୍ ପ୍ରକ୍ରିୟା ପ୍ରାୟତଃ ସମ୍ପୂର୍ଣ୍ଣ ହୋଇସାରିଥିଲା। କିନ୍ତୁ ଏନ୍‌ଡିଏ କ୍ଷମତାକୁ ଆସିବା ପରେ ୨୦୧୫ରେ ନରେନ୍ଦ୍ର ମୋଦି ଏକପାକ୍ଷିଆ ଚୁକ୍ତି କରି ୩୬ ବିମାନ କିଣିବାକୁ ରାଜିନାମା କରିଥିଲେ। ବାୟୁସେନାର ୧୨୬ ବିମାନ ଦାବି ରହିଥିବାବେଳେ ସରକାର କାହିଁ କେବଳ ୩୬ ରାଫେଲ କିଣୁଛନ୍ତି ବୋଲି ଆଣ୍ଟୋନୀ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ଉପା ସରକାରଙ୍କ ଚୁକ୍ତିକୁ ମୋଦି ସରକାର ରଦ୍ଦ କରିଛନ୍ତି। ଯଦି ଉପା ଚୁକ୍ତି ରଦ୍ଦ ହୋଇ ନ ଥାଆନ୍ତା, ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ଟେକ୍ନୋଲୋଜି ସ୍ଥାନାନ୍ତର (ଟିଓଟି) ଜରିଆରେ ରାଫେଲ ନିର୍ମାଣ କୌଶଳ (ଷ୍ଟେଟ୍ ଅଫ୍ ଆର୍ଟ ଟେକ୍ନୋଲୋଜି) ଅକ୍ତିଆର କରିପାରି ଥାନ୍ତା। ସୀଥାରାମନ କହୁଛନ୍ତି ରାଫେଲ ନିର୍ମାଣ କରିବାର କ୍ଷମତା ହାଲ୍ ନିକଟରେ ନାହିଁ। ଏଭଳି ମନ୍ତବ୍ୟ ଦେଇ ସେ ବିଶ୍ୱ ଦରବାରରେ ହାଲ୍‌ର ଛବି କଳୁଷିତ କରୁଛନ୍ତି। ଏହା ହେଉଛି ଦେଶର ଏକମାତ୍ର ବିମାନ ନିର୍ମାଣକାରୀ କମ୍ପାନୀ ଏବଂ ଏହାକୁ ନବରତ୍ନ ମାନ୍ୟତା ମିଳିଛି। ଉପା ଶାସନ କାଳରେ ହାଲ୍ ଦେଶ ପାଇଁ ଲାଭ ଆଣି ଦେଉଥିଲା। କିନ୍ତୁ ମୋଦି ସରକାରଙ୍କ ଅମଳରେ ଇତିହାସରେ ପ୍ରଥମକରି ଏହା ବିଭିନ୍ନ ବ୍ୟାଙ୍କରୁ ୧୦୦୦ କୋଟି ଟଙ୍କାର ଋଣ କରିଛି ବୋଲି ଆଣ୍ଟୋନୀ ଅଭିଯୋଗ ଆଣିଛନ୍ତି। ସେପଟେ ମାମଲାର ତଦନ୍ତ ଦାବି କରିବା ପାଇଁ କଂଗ୍ରେସ ବୁଧବାର ନିୟନ୍ତ୍ରକ ଓ ମହାଲେଖା ନିର୍ଦ୍ଦେଶକ (ସିଏଜି)ଙ୍କୁ ଭେଟିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।



ଆମେ ୯% ଶସ୍ତାରେ ବିମାନ କିଣିଛୁ।
-ନିର୍ମଳା ସୀଥାରାମନ୍



ଯଦି ଏହା ଶସ୍ତା, ତା'ହେଲେ ୧୨୬ ସ୍ଥାନରେ କାହିଁକି ୩୬ଟି ବିମାନ କିଣୁଛନ୍ତି।
-ଏ.କେ. ଆଣ୍ଟୋନୀ

ଆଣ୍ଟୋନୀଙ୍କ ଅଭିଯୋଗ ପରେ ଏକ ଖବରଦାତା ସମ୍ମିଳନୀରେ ସଫେଇ ଦେଇ ନିର୍ମଳା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ପୂର୍ବର ଉପା ସରକାରଙ୍କ ତୁଳନାରେ ୯% ଶସ୍ତାରେ ରାଫେଲ ବିମାନ କିଣିଛନ୍ତି। ଅନ୍ୟାନ୍ୟ ସମସ୍ତ ବିଷୟକୁ ଦେଖିଲେ ଏହା ୯% ଶସ୍ତା। ରାଫେଲ ଚୁକ୍ତିକୁ ନେଇ କଂଗ୍ରେସ ଯାହାସବୁ ଅଭିଯୋଗ ଆଣିଛି ସବୁ ଭିତ୍ତିହୀନ। ଉପା ଶାସନ କାଳରେ ରାଫେଲ ଉତ୍ପାଦନ ପାଇଁ ହାଲ୍ ଏବଂ ଫ୍ରେଞ୍ଚ କମ୍ପାନୀ ଦସାଲ୍ଟ ମଧ୍ୟରେ କୌଣସି ଚୁକ୍ତି ହୋଇ ନ ଥିଲା। ବରଂ ୨୦୧୩ରେ ଆଣ୍ଟୋନୀଙ୍କ ହସ୍ତକ୍ଷେପ ଯୋଗୁ ରାଫେଲ କିଣାବିକା ଆର୍ଥିକ ବୁଝାମଣା ପ୍ରକ୍ରିୟା ଶୀତଳ ଭଣ୍ଡାରକୁ ଚାଲି ଯାଇଥିଲା। ଦର ନିର୍ଦ୍ଧାରଣ କମିଟିର କାର୍ଯ୍ୟରେ ସେ ହସ୍ତକ୍ଷେପ କରିଥିବା ସ୍ପଷ୍ଟ ଜଣାପଡ଼ିଥିଲା ବୋଲି ସୀଥାରାମନ୍ ଅଭିଯୋଗ ଆଣିଛନ୍ତି।

# ସମ୍ବିଧାନ ମୁଖବନ୍ଧରେ ରହୁ 'ଅହିଂସା' ଶବ୍ଦ

- ବିଧାନସଭାରେ ସଂକଳ୍ପ ଗୃହୀତ
- ବିରୋଧୀଙ୍କ କକ୍ଷତ୍ୟାଗ

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦକୁ ସ୍ଥାନିତ କରିବା ପାଇଁ ରାଜ୍ୟ ସରକାର ବିଧାନସଭାରେ ଆଣିଥିବା ପ୍ରସ୍ତାବ ମଙ୍ଗଳବାର ଗୃହୀତ ହୋଇଛି। ହେଲେ ଏହା ଗୃହୀତ ହେବା ପୂର୍ବରୁ ବିରୋଧୀ କଂଗ୍ରେସ ଏବଂ ଭାଜପା ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ଯେଉଁଭଳି ଭାବରେ ସଂକଳ୍ପଟିକୁ ଅଣାଯାଇଥିଲା, ତାହାର ବିଭିନ୍ନ ଦିଗ ଉପରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ତଙ୍କ ପାଇଁ ବୋଧଗମ୍ୟ ହେଉ ନ ଥିବା ଏପରି ପ୍ରସ୍ତାବକୁ ଆଉ ଥରେ ଭଲ ଭାବରେ ଆଗତ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ହେଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସଂକଳ୍ପରେ ଥିବା କିଛି ତ୍ରୁଟିକୁ ବାଦ୍ ଦେବେ ବୋଲି ଗୃହରେ କହିଥିଲେ। ଏହାକୁ ବିରୋଧୀ ଦଳ ନେତା ଏବଂ ଅନ୍ୟ ବିରୋଧୀ ସଦସ୍ୟମାନେ ନାପସନ୍ଦ କରିଥିଲେ। ସରକାରୀ ଦଳ ନିଜ ସଂଖ୍ୟା ବଳରେ ସଂକଳ୍ପ ଗୃହୀତ କରାଇବାକୁ ଚାହୁଁଥିବା ଅଭିଯୋଗ କରି ଏକାଧିକ ସଦସ୍ୟ ଗୃହର ମଧ୍ୟଭାଗକୁ ଚାଲି ଆସି ହୋହଲ୍ଲା କରିଥିଲେ। ବାଚସ୍ପତି ସେମାନଙ୍କ ଦାବି ମାନି ନ ଥିବାରୁ ବିରୋଧୀ କଂଗ୍ରେସ ଏବଂ ଭାଜପାର ସଭ୍ୟମାନେ ମିଳିତ ଭାବେ କକ୍ଷତ୍ୟାଗ କରିଥିଲେ। ବିରୋଧୀ କକ୍ଷ ତ୍ୟାଗ କରିବା ପରେ ବାଚସ୍ପତି ପ୍ରଦୀପ ଅମାତ ସେମାନଙ୍କ ସହ ଆଲୋଚନା ପାଇଁ ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ, ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ପ୍ରମୁଖଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ତାହାର କୌଣସି ସୁଫଳ ମିଳି ନ ଥିଲା। ୧୫ ମିନିଟ୍ ଲେଖାଏଁ ୨ ଥର ଗୃହ ମୁଲତବୀ ହୋଇଥିଲା। ଏହା ମଧ୍ୟରେ ବିରୋଧୀଙ୍କୁ ମନାଇବାରେ ଶାସକ ଦଳ ବିଫଳ ହୋଇଥିଲେ। ବିରୋଧୀ ଦଳ ସଦସ୍ୟଙ୍କ ବ୍ୟତୀତ ଶାସକ ଦଳ ସଭ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ୍ୟ ସଂକଳ୍ପରେ ଡ୍ରାଫ୍ଟିଙ୍ଗକୁ ନେଇ ଆପତ୍ତି ଉଠାଇଥିଲେ।

ଅପରପକ୍ଷରେ ବିରୋଧୀଙ୍କ ଅନୁପସ୍ଥିତିରେ ଓଡ଼ିଶା ଭୂତଳ ଜଳ (ନିୟମାବଳୀ, ଉନ୍ନୟନ ଏବଂ ପରିଚାଳନା) ବିଧେୟକ ୨୦୧୧ରେ ଆସିଥିବା ସଂଶୋଧନକୁ ଗୃହର ମଞ୍ଜୁରୀ ମିଳିଥିଲା। ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ୨୦୧୪-୧୫ ଓ ୨୦୧୫-୧୬ ବର୍ଷର ଓଡ଼ିଶା ସୂଚନା କମିଶନର ବାର୍ଷିକ ରିପୋର୍ଟ ଗୃହରେ ଉପସ୍ଥାପନ ହୋଇଥିଲା। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ ମହାରଥୀ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କିତ ପ୍ରଶାସନିକ ବ୍ୟୟର ୨୦୧୫-୧୬, ୨୦୧୬-୧୭, ୨୦୧୭-୧୮ ରିପୋର୍ଟ ଉପସ୍ଥାପନ କରିଥିଲେ। ସେହିପରି ଗୃହରେ ଓଡ଼ିଶା ସରକାରୀ ଭାଷା(୨ୟ ସଂଶୋଧନ,୨୦୧୮) ବିଲ୍‌କୁ ଅଧିକ ତର୍ଜମା ପାଇଁ କାର୍ଯ୍ୟ ପରାମର୍ଶଦାତା କମିଟିକୁ ପଠାଯାଇଛି। ଏହା ଉପରେ ବୁଧବାର ଆଲୋଚନା ହୋଇ ଗୃହୀତ ହେବା ସମ୍ଭାବନା ରହିଛି।

# ପିଏମ୍‌ଏୱାଇ ବିଲ୍ ପାଇଁ ଲାଞ୍ଚ: ଜିଆର୍‌ଏସ୍ ଗିରଫ

ସୋନପୁର/ସିଂଘିଯୁବା,୧୮।୯ (ନି.ପ୍ର./ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ପଞ୍ଚାୟତର ଜିଆରଏସ୍(ଗ୍ରାମ ରୋଜଗାର ସେବକ) ଅମିତ କୁମାର ଅଗ୍ରୱାଲ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ପିଏମ୍‌ଏୱାଇଜି(ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ)ର ଚୂଡାନ୍ତ ବିଲ୍ ପାଇଁ ଜିଓ ଟ୍ୟାଗିଂ ସକାଶେ ଅଭିଯୁକ୍ତ ଅମିତ ସ୍ଥାନୀୟ ସର୍ଗୁଣା ଗ୍ରାମର ସତ୍ୟାନନ୍ଦ ଭୋଇଙ୍କଠାରୁ ପଞ୍ଚାୟତ କାର୍ଯ୍ୟାଳୟରେ ୫ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ। ଭିଜିଲାନ୍ସ ଅଧିକାରୀମାନେ ଜିଆରଏସ୍‌ଙ୍କୁ ଗିରଫ କରିଛନ୍ତି। ତାଙ୍କ କାର୍ଯ୍ୟାଳୟର ଅଲମିରା ଭିତରେ ଥିବା ହାତ ବ୍ୟାଗ୍‌ରୁ ରାସାୟନିକ ପ୍ରଲେପ ଥିବା ୨ଟି ଦୁଇ ହଜାର ଟଙ୍କିଆ ନୋଟ ଓ ୨ଟି ପାଞ୍ଚ ଶହ ଟଙ୍କିଆ ନୋଟ ଜବତ ହୋଇଛି। ଅଭିଯୁକ୍ତଙ୍କୁ ସନ୍ଧ୍ୟାରେ ବଲାଙ୍ଗୀରର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

ଭିଜିଲାନ୍ସ ବିଭାଗ ସୂତ୍ରରୁ ପ୍ରକାଶ ଯେ, ସର୍ଗୁଣା ଗ୍ରାମର ଗୋବିନ୍ଦ ବାଗଙ୍କ ସ୍ତ୍ରୀ ଫୁଲଙ୍କୁ ୨୦୧୭-୧୮ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିଲା। ଫୁଲ ଏହି ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି। ତାଙ୍କୁ ତିନୋଟି କିସ୍ତିରେ ପୂର୍ବରୁ ୧ଲକ୍ଷ ଟଙ୍କା ମିଳିସାରିଛି। ଶେଷ କିସ୍ତିରେ ପିଏମଏୱାଇରେ ୩୦ହଜାର ଟଙ୍କା ଓ ଏମଜିଏନଆରଇଜିଏସରେ ୯୫ଦିନର ଦୈନିକ ମଜୁରୀ ହିସାବରେ ୧୬ ହଜାର ୫୩୦ ଟଙ୍କା ହିତାଧିକାରୀଙ୍କୁ ମିଳିବା କଥା । ତେବେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାର ଫଟୋ ଜିଓ ଟ୍ୟାଗିଂ କରିବା ପାଇଁ ଜିଆରଏସ୍ କୁଆଡେ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ ସତ୍ୟାନନ୍ଦ ସମ୍ବଲପୁର ଭିଜିଲାନ୍ସ ଏସ୍‌ପିଙ୍କ ନିକଟରେ ସୋମବାର ଅଭିଯୋଗ କରିଥିଲେ। ସମ୍ବଲପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିଲା।

# ଚନ୍ଦ୍ରକୁ ଯିବେ ଜାପାନୀ କୋଟିପତି

ନୂଆଦିଲ୍ଲୀ,୧୮।୯

ପ୍ରଥମ ସାଧାରଣ ଯାତ୍ରୀ ଭାବେ ଚନ୍ଦ୍ରପୃଷ୍ଠରେ ପଦାର୍ପଣ କରିବେ ଜାପାନୀ କୋଟିପତି ତଥା କ୍ୟୁରେଟର ୟୁସାକୁ ମିଜାୱା। ସ୍ପେସ୍‌ଏକ୍ସ କମ୍ପାନୀ ଦ୍ୱାରା ପ୍ରସ୍ତୁତ ବିଗ୍ ଫାଲ୍‌କନ୍ ରକେଟ୍ (ବିଏଫ୍‌ଆର୍) ଜରିଆରେ ୟୁସାକୁ ଚନ୍ଦ୍ରକୁ ଯାତ୍ରା କରିବେ। ମହାକାଶ ପରିବହନ କମ୍ପାନୀ ସ୍ପେସ୍‌ଏକ୍ସର ମୁଖ୍ୟ ଏଲନ୍ ମସ୍କ ମଙ୍ଗଳବାର ଏ ନେଇ ଘୋଷଣା କରିଛନ୍ତି। ବିଏଫ୍‌ଆର୍ ଫ୍ୟାଶନ୍ ଇନୋଭେଟର୍ ୟୁକାସୁ ପ୍ରଥମ ପ୍ରାଇଭେଟ୍ ପାସେଞ୍ଜର ଭାବେ ଚନ୍ଦ୍ରକୁ ଯିବେ ବୋଲି ମସ୍କ କହିଛନ୍ତି। ୨୦୨୩ରେ ସେ ଚନ୍ଦ୍ରକୁ ଯିବେ। ଏଥିଲାଗି ବିଶ୍ୱର ୮ ଜଣ ଶ୍ରେଷ୍ଠ କଳାକାରଙ୍କ ସହଯୋଗ ଲୋଡ଼ିଥିବା ମସ୍କ କହିଛନ୍ତି।

# ନୀତି ନିର୍ଦ୍ଧାରଣକାରୀ ମାନୁନାହାନ୍ତି ନୀତି

- ବିଧାନସଭାରେ ନାମକୁମାତ୍ର ସଦାଚାର କମିଟି
- ସୂଚନା ଅଧିକାର ଯୋଗେ ମିଳିଲା ତଥ୍ୟ

ବଲାଙ୍ଗୀର ଅଫିସ, ୧୮।୯

ଓଡ଼ିଶା ବିଧାନସଭା ସଦସ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ଆଚରଣ ବିଧିକୁ ଅଧିକାଂଶ ସଦସ୍ୟ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ସୂଚନା ଅଧିକାର ଆଇନ ଜରିଆରେ ଏଭଳି ତଥ୍ୟ ହସ୍ତଗତ ହୋଇଛି । ଓଡ଼ିଶା ବିଧାନସଭା ଓ ରାଜ୍ୟ ପାଇଁ ନୀତି ନିର୍ଦ୍ଧାରଣ କରିବା ଏବଂ ବିଧାୟକମାନଙ୍କ ମର୍ଯ୍ୟାଦାକୁ ସୁରକ୍ଷା ଦେବା ପାଇଁ ସଦାଚାର କମିଟି ଗଠନ କରାଯାଇଛି। ସଦାଚାର କମିଟି (ଏଥିକ୍ସ କମିଟି) ଗଠନ କରାଯିବା ଦିନଠାରୁ ଏ ପର୍ଯ୍ୟନ୍ତ ୧୭ଟି ଅଭିଯୋଗ କମିଟିକୁ ଆସିଛି। ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଏ ସଂକ୍ରାନ୍ତରେ ସୂଚନା ଅଧିକାର ଆଇନ ଯୋଗେ ତଥ୍ୟ ପାଇଛନ୍ତି ।

ତଥ୍ୟରୁ ଜଣାପଡିଛି ଯେ, ଚଳିତ ପଞ୍ଚଦଶ ବିଧାନସଭାର ମାତ୍ର ୪ଟି ଅଭିଯୋଗ ବିଚାରାଧୀନ ରହିଛି। ଅବଶିଷ୍ଟ ଅଭିଯୋଗ ବିଧାନସଭାର କାର୍ଯ୍ୟକାଳ ଅବଧି ଶେଷ ହୋଇଯାଇ ଥିବାରୁ ବିନା ନିଷ୍ପତ୍ତି ତଥା ବିନା ବିଚାରରେ ଆପାତତଃ ସମାପ୍ତି ହୋଇଯାଇଥିବା ତଥ୍ୟ ବିଧାନସଭା ସଚିବାଳୟ ପକ୍ଷରୁ ପ୍ରଦାନ କରାଯାଇଛି । ଏହି ଅଭିଯୋଗଗୁଡିକରେ ବିଭିନ୍ନ ସମୟରେ ୬ଜଣ ବିଧାୟକ ଅଭିଯୁକ୍ତ ଥିବାବେଳେ ୧୧ଟି ଅଭିଯୋଗ ବିଭିନ୍ନ ଅଧିକାରୀମାନଙ୍କ ବିରୋଧରେ ଆସିଥିଲା। ୨୦୦୬-୦୭ରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଓ ଅନୁପ ସାଏଙ୍କ ବିରୋଧରେ ତତ୍କାଳୀନ ସରକାରୀ ମୁଖ୍ୟ ସଚେତକ କିଶୋର କୁମାର ମହାନ୍ତି ଅସଦାଚାର ଅଭିଯୋଗ ଆଣିଥିଲେ। ସେହିବର୍ଷ ବିଜେଡି ବିଧାୟକ ପ୍ରତାପ ଜେନାଙ୍କ ବିରୋଧରେ କଂଗ୍ରେସ ଦଳର ମୁଖ୍ୟ ସଚେତକ ସତ୍ୟଭୂଷଣ ସାହୁ ଅଭିଯୋଗ ଆଣିଥିଲେ । ୨୦୧୧-୧୨ମସିହାରେ ବିଧାୟକ ପ୍ରତାପ ଷଡଙ୍ଗୀଙ୍କ ବିରୋଧରେ ବିଧାନସଭାର ପିଟିଶନ କମିଟି ବିଷୟରେ ବକ୍ତବ୍ୟକୁ ନେଇ ବିଜେଡି ସଭ୍ୟ ବିଷ୍ଣୁଚରଣ ଦାସ ଅଭିଯୋଗ ଆଣିଥିଲେ । ୨୦୧୫-୧୬ ବର୍ଷରେ ତାରାପ୍ରସାଦ ବାହିନୀପତିଙ୍କ ବିରୋଧରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ପ୍ଲଟ ନଂ ୬୧୩/୧୩୨ ର ଲିଜ୍ ପ୍ଲଟର ଲିଜକୁ ନିୟମିତ କରାଯାଇଥିବା ଅଭିଯୋଗ ବିଚାରାଧୀନ ରହିଥିବାବେଳେ ଝାରସୁଗୁଡା ବିଧାୟକ ନବକିଶୋର ଦାସ ତାଙ୍କ ମୋବାଇଲ ଫୋନରେ ଅଶ୍ଳୀଳ ଭିଡିଓ ଦେଖୁଥିବା ଅଭିଯୋଗ ମଧ୍ୟ ବିଚାରାଧୀନ ଅବସ୍ଥାରେ ରହିଥିବା ତଥ୍ୟ ପ୍ରଦାନ କରାଯାଇଛି । ବିଧାୟକମାନଙ୍କ ପାଇଁ ରହିଥିବା ଆଚରଣ ବିଧି ପୁସ୍ତିକାର ଦ୍ୱିତୀୟ ଅଧ୍ୟାୟର ଧାରା ୩ର ୨୦ନମ୍ବର ଉପଧାରାରେ ସ୍ପଷ୍ଟ ଭାବରେ ବିଧାୟକମାନେ ଗୃହ ଭିତରକୁ ମୋବାଇଲ ଫୋନ ନେବା ପାଇଁ ବାରଣ କରାଯାଇଥିବା ଉଲ୍ଲେଖ ଅଛି। ପୋଷ୍ଟର, ବ୍ୟାଜ ପରିଧାନକୁ ବାରଣ କରାଯିବା ସହ ଜଣେ ସଭ୍ୟ ବକ୍ତବ୍ୟ ପ୍ରଦାନ କରୁଥିବାବେଳେ ପାଟିତୁଣ୍ଡ କରି ବାଧା ନଦେବା ପାଇଁ ଉଲ୍ଲେଖ ରହିଛି। ଏଭଳି ବହୁ ଆଚରଣବିଧି ରହିଛି, ଯାହାକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଛି ବୋଲି ପଣ୍ଡା ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି । ବିଧାନସଭା ଗୃହ ମଧ୍ୟରେ ସ୍ଲୋଗାନ ଦେବା ପାଇଁ ବାରଣ କରାଯାଇଥିବାବେଳେ ବାରମ୍ବାର ସ୍ଲୋଗାନ ଦେଇ ସଭ୍ୟମାନେ ଗୃହର ମର୍ଯ୍ୟାଦାକୁ କ୍ଷୁଣ୍ଣ କରି ଆଦର୍ଶ ଆଚରଣ ବିଧିକୁ ଉଲ୍ଲଂଘନ କରୁଛନ୍ତି ବୋଲି ପଣ୍ଡା କହିଛନ୍ତି । ବିଧାନସଭା ସଦସ୍ୟ ମାନଙ୍କ ପାଇଁ ସ୍ଥିରୀକୃତ ସମସ୍ତ ଆଚରଣବିଧିକୁ ପାଳନ କରାଗଲେ ଗୃହକୁ ବାସ୍ତବରେ ଗଣତନ୍ତ୍ରର ମନ୍ଦିର ଭାବେ ଜନସାଧାରଣ ଗ୍ରହଣ କରିବେ ବୋଲି ପଣ୍ଡା କହିଛନ୍ତି ।


## ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨ ପର୍ଶ୍ଵମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍ : ୦୬୭୪-୨୫୪୧୪୦୬/୨୫୪୦୦୩୨/୨୫୪୬୧୬୮

## ବନ୍ଧକ ସୁନା ଅଳଙ୍କାର ନିଲାମ ନୋଟିସ୍

ନିମ୍ନଲିଖିତ ଋଣଗ୍ରହୀତାମାନେ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ର ନିମ୍ନଲିଖିତ ଶାଖା ଗୁଡ଼ିକରୁ ସୁନା ଅଳଙ୍କାର ବନ୍ଧକ ରଖି ନେଇଥିବା ଋଣ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ପଇଠ କରିବାରେ ବିଫଳ ହୋଇଛନ୍ତି ଏବଂ ସେମାନଙ୍କୁ ରେଜିଷ୍ଟ୍ରି ଡ଼ାକ ଯୋଗେ ପଠାଇଥିବା ନୋଟିସ୍‌କୁ ମଧ୍ୟ ଗ୍ରହଣ କରିବା ପାଇଁ ମନା କରିଛନ୍ତି କିମ୍ବା ଦିଆଯାଇପାରି ନଥିବା କାରଣରୁ ଫେରସ୍ତ ଆସିଅଛି । ଏହି ନୋଟିସ୍ ମାଧ୍ୟମରେ ସେମାନଙ୍କୁ ଜଣାଇଦିଆଯାଉଅଛି ଯେ ଆଗାମୀ **ତା୨୫.୦୯.୨୦୧୮ରିଖ** ସୁଦ୍ଧା ସେମାନଙ୍କର ବକେୟା ଋଣ ସହିତ ସୁଧ ଓ ଆନୁସଙ୍ଗିକ ସମସ୍ତ ଖର୍ଚ୍ଚ ପରିଶୋଧ କରିବାରେ ବିଫଳ ହେଲେ ଆସନ୍ତା **ତା ୨୬.୦୯.୨୦୧୮ ରିଖ ପୂର୍ବାହ୍ନ ୧୧.୦୦ ଘଟିକା** କିମ୍ବା ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ କୌଣସି ସମୟରେ କୌଣସି ନୋଟିସ୍ ଦିଆନଯାଇ ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାର ଗୁଡ଼ିକ ବ୍ୟାଙ୍କର ନିମ୍ନଲିଖିତ ସଂପୃକ୍ତ ଶାଖା ପରିସରରେ ସର୍ବସାଧାରଣରେ ଖୋଲା ନିଲାମ କରାଯିବ । ଯଦି ବନ୍ଧକ ସୁନା ନିଲାମପରେ ଋଣଗ୍ରହୀତାଙ୍କର ସମସ୍ତ ଋଣ ପରିଶୋଧ ନହୁଏ ତେବେ ବ୍ୟାଙ୍କ ଆଇନ ଅନୁଯାୟୀ ଅଦାଲତର ଆଶ୍ରୟ ନେଇ ବଳକା ଋଣ ଆଦାୟ କରିପାରିବେ । ଏହି ସମ୍ବନ୍ଧୀୟ ଅନ୍ୟାନ୍ୟ ଖର୍ଚ୍ଚ ଏବଂ ତତ୍‌ପରବର୍ତ୍ତି ସୁଧ ପାଇଁ ଋଣଗ୍ରହୀତା ଦାୟୀ ରହିବେ ଏବଂ ତାଙ୍କର ଉତ୍ତରାଧୀକାରୀମାନଙ୍କର କୌଣସି ଅସୁବିଧା, ଆପତ୍ତି, ଅଭିଯୋଗ ବା କ୍ଷତି ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ସ୍ୱର୍ଣ୍ଣ ଋଣ ଆକାଉଣ୍ଟ ନଂ. | ମୋଟ ଓଜନ (ଗ୍ରାମରେ) |
|---|---|---|---|
| | **ପାତ୍ରପଡ଼ା ଶାଖା, ଫୋନ୍ ନଂ.: ୦୬୭୪ - ୨୪୭୫୦୩୩** | | |
| ୦୧. | **ଚରଣ ଚମ୍ପତି**, ପିତା-ଅଗାଧୁ ଚମ୍ପତି, ସା-ଭଗବାନପୁର, ପୋ-ପାତ୍ରପଡ଼ା, ଭୁବନେଶ୍ୱର- ୭୫୧୦୧୯ । | ୨୩୨୮୦୩୧୨୧୫୦୦୦୦୬ | ୧୨.୪୮ |
| ୦୨. | **ଚରଣ ଚମ୍ପତି**, ପିତା-ଅଗାଧୁ ଚମ୍ପତି, ସା-ଭଗବାନପୁର, ପୋ-ପାତ୍ରପଡ଼ା, ଭୁବନେଶ୍ୱର- ୭୫୧୦୧୯ । | ୨୩୨୮୦୩୧୨୧୫୦୦୦୦୫ | ୨୨.୫୦ |
| | **ଧୁରୁକୁଡ଼ିଆ ଶାଖା, ଫୋନ୍ ନଂ.: ୭୮୯୮୬୧୩୧୩୯** | | |
| ୦୩. | **ହାଡ଼ିବନ୍ଧୁ ପାତ୍ରି**, ସା-ଦଶପୁର, ପୋ-ମେଘା, ଆଠଗଡ଼, କଟକ । | ୧୧୨୪୩୨୦୨୮୦୦୦୨୨୫ | ୨୭.୨୦ |
| ୦୪. | **ତ୍ରିନାଥ ସାମଲ**, ସା/ପୋ-ମେଘା, ଆଠଗଡ଼, କଟକ । | ୧୧୨୪୦୩୭୪୧୩୦୦୦୩୧ | ୨୪.୦୦ |
| ୦୫. | **କୁଳମଣୀ ତ୍ରିପାଠୀ**, ସା-ଧୁରୁକୁଡ଼ିଆ, ପୋ-ମେଘା, ଆଠଗଡ଼, କଟକ | ୧୧୨୪୩୨୦୨୮୦୦୦୦୫୨ | ୧୫.୬୦ |
| | **କନ୍ତୋଳ ଶାଖା, ଫୋନ୍ ନଂ.: ୦୬୭୨୩ - ୨୨୦୨୬୮** | | |
| ୦୬. | **ଅର୍ଜ୍ଜୁନୀ ସାହୁ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ । | ୧୦୯୫୦୩୧୨୦୩୦୯୦୬୩ | ୪୩.୯୦ |
| ୦୭. | **ସୁଦର୍ଶନ ସାହୁ**, ସା-ଧନୁର୍ଜୟପୁର, ପୋ-ବେଣ୍ଟପଡ଼ା, ଆଠଗଡ଼-୭୫୪୦୨୯ | ୧୦୯୫୦୩୧୨୧୪୦୦୦୨୪ | ୧୫.୭୦ |
| ୦୮. | **ଶରତ ଚନ୍ଦ୍ର ସାହୁ**, ସା-ଗଜୟା, ପୋ-ତାରାଡ଼ିଙ୍ଗ, କଟକ । | ୧୦୯୫୦୩୧୨୧୪୦୦୦୦୪ | ୨୧.୩୦ |
| ୦୯. | **ମାନସ କୁମାର ପରିଡ଼ା**, ସା-ହରିଡ଼ାପୋଖି, ପୋ-ତିଗିରିଆ, କଟକ-୭୫୪୦୩୦ । | ୧୦୯୫୦୩୧୨୧୫୦୦୦୦୭ | ୧୨.୭୦ |
| ୧୦. | **ଦେବାଶିଷ ଭୋଇ**, ସା-ତାରାସିଂ, ପୋ-ଦୋରଦା, ଆଠଗଡ଼, କଟକ | ୧୦୯୫୦୩୧୨୧୫୦୦୦୪୦ | ୧୧.୪୦ |
| ୧୧. | **ଅଶୋକ କୁମାର ପ୍ରଧାନ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୧୦୦୧୬୬ | ୩୬.୬୦ |
| ୧୨. | **ଅଶୋକ କୁମାର ପ୍ରଧାନ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୧୦୦୩୨୯ | ୨୦.୧୦ |
| ୧୩. | **ଅଶୋକ କୁମାର ପ୍ରଧାନ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୨୦୦୦୦୧ | ୧୧.୨୦ |
| ୧୪. | **ଅଶୋକ କୁମାର ପ୍ରଧାନ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୨୦୦୦୦୨ | ୩୧.୨୦ |
| ୧୫. | **ପ୍ରଶନ୍ନ ମହାପାତ୍ର**, ସା/ପୋ-ଆଠଗଡ଼, କଟକ- ୭୫୪୦୨୯ । | ୧୦୯୫୦୩୭୪୧୨୦୦୨୪୫ | ୧୨ |
| ୧୬. | **ଦେବରାଜ ସ୍ୱାଇଁ**, ସା-ମୌରଥା, ପୋ-ଜୋରନ୍ଦା, କଟକ-୭୫୪୦୨୯ | ୧୦୯୫୦୩୭୪୧୨୦୦୨୮୭ | ୧୫.୯ |
| ୧୭. | **ଲଳିତ ରାୟ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ । | ୧୦୯୫୦୩୭୪୧୩୦୦୦୩୭ | ୧୬.୪୦ |
| ୧୮. | **ସଚିଦାନନ୍ଦ ବେହେରା**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୩୦୦୦୨୯ | ୩୪.୫୦ |
| ୧୯. | **ଏସ୍‌କେ ଅନିସୁଦ୍ଦିନ୍**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୩୦୦୦୧୪ | ୧୨.୨୦ |
| ୨୦. | **କୈଳାସ ଚନ୍ଦ୍ର ଦାଶ**, ସା-ଚମ୍ପାପୁର, ପୋ-ମହାକାଳବସ୍ତ, କଟକ-୭୫୪୦୨୯ | ୧୦୯୫୩୨୦୨୮୦୦୦୩୬୮ | ୮.୧୦ |
| | **ଦଶରଥପୁର ଶାଖା, ଫୋନ୍ ନଂ.: ୦୬୭୨୮ - ୨୫୪୯୯୯** | | |
| ୨୧. | **ଅମର କୁମାର ସାହୁ**, ପିତା-ସୁରଥ ଚନ୍ଦ୍ର ସାହୁ, ସା-ତୁଳତିଆସାହି, ପୋ-ଦଶରଥପୁର, ଜିଲ୍ଲା-ଯାଜପୁର । | ୨୬୩୦୦୩୧୨୧୨୦୦୦୦୨ | ୩୫.୧୬୦ |
| ୨୨. | **ବଳରାମ ସାହୁ**, ପିତା-ସନ୍ୟାସୀ ସାହୁ, ସା-ପାଟଣା, ପୋ-ଦଶରଥପୁର, ଜିଲ୍ଲା-ଯାଜପୁର । | ୨୬୩୦୦୩୧୨୧୨୦୦୦୩୨ | ୦୬.୧୬୦ |
| ୨୩. | **ସୁଜାତା ମଲ୍ଲିକ**, ସ୍ୱା-ନିକୁଞ୍ଜ ମଲ୍ଲିକ, ସା-ଓଡ଼େଇ, ପୋ-ଦଶରଥପୁର, ଜିଲ୍ଲା-ଯାଜପୁର । | ୨୬୩୦୦୩୧୨୧୩୦୦୦୩୫ | ୧୨.୪୫୦ |
| ୨୪. | **ଉମାକାନ୍ତ ନାୟକ**, ପିତା-ହାଡ଼ିବନ୍ଧୁନାୟକ, ସା/ପୋ-ନନ୍ଦିପୁର, ଜିଲ୍ଲା-ଯାଜପୁର | ୨୬୩୦୦୩୧୨୧୩୦୦୦୧୩ | ୧୪.୬୪୦ |
| ୨୫. | **ଆନନ୍ଦ ସାହୁ**, ପିତା-ମଧୁସୂଦନ ସାହୁ, ସା/ପୋ-ଦଶରଥପୁର, ଜିଲ୍ଲା-ଯାଜପୁର | ୨୬୩୦୦୩୧୩୧୨୦୦୦୦୪ | ୩୩.୨୪୦ |
| ୨୬. | **ବଳରାମ ସାହୁ**, ପିତା-ସନ୍ୟାସୀ ସାହୁ, ସା-ପାଟଣା, ପୋ-ଦଶରଥପୁର, ଜିଲ୍ଲା-ଯାଜପୁର । | ୨୬୩୦୦୩୧୩୧୨୦୦୦୧୪ | ୨୯.୨୦୦ |
| ୨୭. | **ଭରତ ଚନ୍ଦ୍ର ସାମଲ**, ପିତା-ଯୁଧିଷ୍ଠୀର ସାମଲ, ସା-ହରିପୁର, ପୋ-ରାମବାଗ୍, ଜିଲ୍ଲା-ଯାଜପୁର । | ୨୬୩୦୦୩୧୩୧୨୦୦୦୨୦ | ୦୭.୭୯୦ |
| ୨୮. | **ସୂର୍ଯ୍ୟମଣି ବେହେରା**, ପିତା-ପୁରୁଷୋତ୍ତମ ବେହେରା, ସା/ପୋ-ମେରଦା କଟିଆ ଛକ, ଜିଲ୍ଲା-ଯାଜପୁର । | ୨୬୩୦୦୩୧୩୧୪୦୦୦୦୯ | ୧୭.୯୦୦ |
| | **ବ୍ରହ୍ମଗିରି ଶାଖା, ଫୋନ୍ ନଂ.: ୦୬୭୫୨ - ୨୩୫୫୪୩** | | |
| ୨୯ | **କବି ପଲାଇ**, ସାନବନ୍ଧକେରା, ବ୍ରହ୍ମଗିରି । | ୧୧୩୫୩୨୦୨୮୦୦୦୪୫୧ | ୨୪.୯ |
| ୩୦ | **ପ୍ରଫୁଲ ସାହାଣୀ**, ସୁଆଁସବଙ୍ଗଳା, ବ୍ରହ୍ମଗିରି । | ୧୧୩୫୩୨୦୨୮୦୦୦୪୩୨ | ୨୭.୪ |
| ୩୧ | **ପ୍ରଫୁଲ ସାହାଣୀ**, ସୁଆଁସବଙ୍ଗଳା, ବ୍ରହ୍ମଗିରି । | ୧୧୩୫୩୨୦୨୮୦୦୦୬୪୧ | ୧୫.୫ |
| ୩୨ | **ଅକ୍ଷୟ କୁମାର ସାହୁ**, ହରିଦାସ, କୁସୁବେଣ୍ଟି, ବ୍ରହ୍ମଗିରି । | ୧୧୩୫୦୩୧୩୧୫୦୦୦୯୭ | ୧୯ |
| ୩୩ | **ବଂଶୀଧର ପ୍ରଧାନ**, ସୁଆଁସବଙ୍ଗଳା, ବ୍ରହ୍ମଗିରି । | ୧୧୩୫୦୩୧୩୧୫୦୦୦୭୫ | ୧୭.୧୨ |
| ୩୪ | **ସୌରୀ ଚରଣ ସାହୁ**, ଗୋଖରି, ବ୍ରହ୍ମଗିରି । | ୧୧୩୫୦୩୧୨୯୮୦୦୦୯୦ | ୨୩.୫ |
| ୩୫ | **ପ୍ରମୋଦ କୁମାର ସ୍ୱାଇଁ**, ବଡ଼ବେଣାକୁଦି, ବ୍ରହ୍ମଗିରି । | ୧୧୩୫୦୩୧୨୦୦୦୦୦୧୬ | ୫୧ |
| ୩୬ | **କୁମା ସେଠୀ**, ଗୋଖର, ବ୍ରହ୍ମଗିରି । | ୧୧୩୫୦୩୧୨୦୦୦୦୦୨୮ | ୧୫.୭ |
| ୩୭ | **ପ୍ରଶନ୍ନ କୁମାର ପଲେଇ**, ବଡ଼ଡ଼ିଆଙ୍ଗି, ଗଡ଼ରୋଡ଼ଙ୍ଗ, ବ୍ରହ୍ମଗିରି । | ୧୧୩୫୦୩୧୨୧୨୦୦୦୦୮ | ୫୪ |
| | **ଭାପୁର ଶାଖା, ଫୋନ୍ ନଂ.: ୦୬୭୫୭ - ୨୩୮୦୨୨** | | |
| ୩୮ | **ବିପିନ ପଟ୍ଟନାୟକ**, ପିତା-ବିଦ୍ୟାଧର ପଟ୍ଟନାୟକ, ସା-ଗୋପାଳ ପ୍ରସାଦ, ଭାପୁର, ନୟାଗଡ଼-୭୫୨୦୬୩ । | ୪୬୨୦୦୦୪୦୪ | ୧୨.୭ |
| ୩୯ | **ପୂର୍ଣ୍ଣଚନ୍ଦ୍ର ମହାପାତ୍ର**, ପିତା-କିର୍ତ୍ତନ ମହାରଣା, ସା-ବାଲିଆପଟା, ଭାପୁର, ନୟାଗଡ଼-୭୫୨୦୬୩ । | ୪୬୨୦୦୦୪୫୭ | ୬୦.୬ |
| ୪୦ | **ପ୍ରକାଶ ଚନ୍ଦ୍ର ସ୍ୱାଇଁ**, ପିତା-ଲଡୁ ସ୍ୱାଇଁ, ସା-ରାମପଡ଼ା, ଭାପୁର, ନୟାଗଡ଼-୭୫୨୦୬୩ । | ୪୬୨୦୦୦୫୩୩ | ୧୦.୯୦ |
| ୪୧ | **ଆରତୀ ବେହେରା**, ସ୍ୱା-ରମେଶ ମହାରଣା, ସା/ପୋ-ଗୋବର୍ଦ୍ଧନ ପ୍ରସାଦ, ଭାପୁର-୭୫୨୦୬୩ । | ୪୬୨୦୦୦୬୧୦ | ୬.୫୦ |
| ୪୨ | **ରଶ୍ମୀତା ନାୟକ**, ସ୍ୱା-ପଦ୍ମଲୋଚନ ନାୟକ, ସା-ସାନସହର, ଭାପୁର, ନୟାଗଡ଼-୭୫୨୦୬୩ । | ୨୦୨୮୦୦୦୦୩୪ | ୩୭.୨୦ |
| | **କୋଶଳା ଶାଖା, ଫୋନ୍ ନଂ.: ୦୬୭୬୧ - ୨୫୧୬୧୦** | | |
| ୪୩ | **ବୀରବର ଦେହୁରୀ**, ସା-ଦୋଳମଣ୍ଡପ ସାହି, କୋଶଳା । | ୦୯୩୪୦୩୧୨୧୨୦୦୦୦୩ | ୧୭.୦୦ |
| ୪୪ | **ଦିଲେଶ୍ୱର ସାହୁ**, ସା-ବରପଡ଼ା, କୋଶଳା । | ୦୯୩୪୦୩୧୨୧୪୦୦୦୩୨ | ୨୧.୮୦ |
| ୪୫ | **ଅର୍ଣ୍ଣ ବାରିକ**, ସା-କୁଶକିଳା, ଛେଣ୍ଡିପଦା । | ୦୯୩୪୦୩୧୨୧୪୦୦୦୬୯ | ୧୫.୮୦ |
| ୪୬ | **ଶିଳି ପ୍ରଧାନ**, ସା-ଚକ୍ରଧରପୁର । | ୦୯୩୪୦୩୧୨୧୫୦୦୦୪୬ | ୧୪.୧୧ |
| ୪୭ | **ଭରତ ନାଏକ**, ସା-ବ୍ରାହ୍ମଣବିଲ । | ୦୯୩୪୦୩୪୬୨୦୦୦୦୨୨ | ୭.୯୦ |
| ୪୮ | **ଅଖିଳ ଚନ୍ଦ୍ର ପ୍ରଧାନ**, ସା-ପିଢାସାହି । | ୦୯୩୪୦୩୪୬୨୦୦୦୦୪୧ | ୨୫.୨୦ |
| ୪୯ | **ବଳରାମ ବେହେରା**, ସା-ସିମିଳିସାହି, କୋଶଳା । | ୦୯୩୪୦୩୭୪୧୦୦୦୦୦୦୧ | ୨୫.୭୦ |
| | **ଭଦ୍ରକ ଶାଖା, ଫୋନ୍ ନଂ.: ୦୬୭୮୪ - ୨୩୦୨୯୩ / ୮୨୦** | | |
| ୫୦ | **ଅନାମ ଚରଣ ଓଝା**, ସା-ବଣିଆ, ପୋଷ୍ଟ-ସରଗରିଆ, ଭଦ୍ରକ-୭୫୬୧୦୧ | ୦୭୯୩୦୩୧୨୧୪୦୦୦୯୧ | ୧୧.୮୦ |
| ୫୧ | **କାହ୍ନୁ ଚରଣ ବାରିକ**, ବାଇପାସ୍, ଭଦ୍ରକ-୭୫୬୧୦୧ । | ୦୭୯୩୦୩୪୬୨୦୦୦୦୩୧ | ୨୪.୦୦ |
| ୫୨ | **ମମିତା ନାୟକ**, ସ୍ୱା-ପ୍ରଶାନ୍ତ କୁମାର ନାୟକ, ସା-ଅମରପୁର, ପୋ-କୋଲ୍ହା, ଭଦ୍ରକ-୭୫୬୧୩୦ । | ୦୭୯୩୦୩୪୬୨୦୦୦୦୮୬ | ୪୬.୦୦ |
| ୫୩ | **ମାନଗୋବିନ୍ଦ ଜେନା**, ସା-ବଣିଆ, ପୋ-ସରଗରିଆ, ଭଦ୍ରକ-୭୫୬୧୦୧ | ୦୭୯୩୦୩୪୬୨୦୦୦୧୬୦ | ୧୦.୫୦ |
| | **ବେଗୁନିଆ ଶାଖା, ଫୋନ୍ ନଂ.: ୦୬୭୫୮ - ୨୫୭୨୨୨** | | |
| ୫୪ | **ଅଶୋକ କୁମାର ସେନାପତି**, ପିତା-ରବିନ୍ଦ୍ର ନାଥ ସେନାପତି, ଏରବାଙ୍ଗ, ପୋଷ୍ଟ-ଗୋପ, ପୁରୀ-୭୫୨୧୧୦ । | ୩୧୫୭୦୩୪୬୨୦୦୦୦୪ | ୫.୯୦୦ |
| ୫୫ | **ରମେଶ ଚନ୍ଦ୍ର ବେହେରା**, ସା-ବେଗୁନିଆ, ପୋଷ୍ଟ-ଗୋପ, ପୁରୀ-୭୫୨୧୧୦ | ୩୧୫୭୦୩୪୬୨୦୦୦୨୬ | ୧୫.୫୦୦ |
| ୫୬ | **ଲକ୍ଷ୍ମୀଧର ବେହେରା**, ସା-ବେଦପୁର, ପୋ-ଭଇରିପୁର, ଗୋପ, ପୁରୀ-୭୫୨୧୧୦ । | ୩୧୫୭୦୩୧୨୧୪୦୦୦୧୮ | ୩୦ |
| ୫୭ | **ପବିତ୍ରମୋହନ ବେହେରା**, ସା-ବେଗୁନିଆ, ପୋଷ୍ଟ-ଗୋପ, ପୁରୀ-୭୫୨୧୧୦ | ୩୧୫୭୦୩୪୬୨୦୦୦୦୨୯ | ୭.୭୦୦ |
| | **ଯାଜପୁର ଶାଖା, ଫୋନ୍ ନଂ.: ୦୬୭୨୮ - ୨୨୨୭୦୭** | | |
| ୫୮ | **ଧର୍ମେନ୍ଦ୍ର କୁମାର ରାଉତରାୟ**, ପିତା-ଜୟନ୍ତ କୁମାର ରାଉତରାୟ, ସା/ପୋ-ଲାଲବାଗ, ଯାଜପୁର । | ୨୬୨୯୦୩୧୨୧୫୦୦୦୧୧ | ୪୦.୩ |
| ୫୯ | **ସୁଲଭ ବେହୁରିଆ**, ପିତା-ଅଦେଇତ ବେହେରା, ସା-ଲଳିତେଶ୍ୱର ନଗର, ପୋ-ଯାଜପୁର-୭୫୫୦୦୧ । | ୨୬୨୯୦୩୧୩୧୫୦୦୦୩୮ | ୩୫.୮ |
| ୬୦ | **ରାଜେନ୍ଦ୍ର କୁମାର ମଲ୍ଲିକ**, ପିତା-ଅରକ୍ଷିତ ମଲ୍ଲିକ, ସା-ଗୋବିନ୍ଦଜିଉ ନଗର, ୟୁନିଟ-୬, ଯାଜପୁର । | ୨୬୨୯୦୩୧୩୧୪୦୦୧୦୬ | ୧୫.୬ |
| ୬୧ | **ତପୋଇ ବେହେରା**, ସ୍ୱା-କାର୍ତ୍ତିକ ବେହେରା, ସା-ଶୀତଳେଶ୍ୱର, ପୋ-ଯାଜପୁର । | ୨୬୨୯୦୩୧୩୧୪୦୦୧୦୭ | ୩୨.୩ |
| | **ନୂଆଗାଁ ଶାଖା, ଫୋନ୍ ନଂ.: ୦୬୭୫୩ - ୨୬୩୦୩୩** | | |
| ୬୨ | **ହାଡ୍ଡବନ୍ଧୁ ଯାନୀ**, ପିତା-ଜଗନ୍ନାଥ ଯାନୀ, ସା/ପୋ-ଜକେଡ଼ା, ନୂଆଗାଁ, ନୟାଗଡ଼-୭୫୨୦୮୩ । | ୧୧୮୪୦୩୧୩୯୬୦୦୦୭୩ | ୧୧.୫ |
| ୬୩ | **ଧନେଶ୍ୱର ନାୟକ**, ପିତା-ମଧୁସୂଦନ ନାୟକ, ସା/ପୋ-ସିକ୍ରିଡ଼ା, ନୂଆଗାଁ, ନୟାଗଡ଼-୭୫୨୦୮୩ । | ୧୧୮୪୩୨୦୨୮୦୦୦୬୪୫ | ୧୩.୪ |
| | **ଭିମପଡ଼ା ଶାଖା, ଫୋନ୍ ନଂ.: ୦୬୭୫୫ - ୨୩୮୦୦୮** | | |
| ୬୪ | **ଅଜୟ ବେହେରା** | ୧୨୪୦୩୨୦୨୮୦୦୦୩୨୩ | ୧୨.୦୦ |
| ୬୫ | **ରୂପା ଦେଇ** | ୧୨୪୦୩୨୦୨୮୦୦୦୬୪୧ | ୩୧.୦୦ |
| | **ଉଦଳା ଶାଖା, ଫୋନ୍ ନଂ.: ୦୬୭୯୫ - ୨୩୨୦୦୧** | | |
| ୬୬ | **ଆଶିଷ କୁମାର ସାହୁ**, ପିତା-ରଞ୍ଜିତ୍ ସାହୁ, ଅସ୍ତପୁର, ବଇସିଙ୍ଗା ମୟୁରଭଞ୍ଜ-୭୫୭୦୨୮ । | ୨୬୩୧୦୩୪୬୨୦୦୦୦୪୩ | ୨୪.୬୫୦ |
| ୬୭ | **ଗଦାଧର ବୁଗୁଡ଼ି**, ପିତା-ଆଦିକନ୍ଦ ବୁଗୁଡ଼ି, କାହ୍ନୁପୁର, ଗଡ଼ିଗାଁଖୁଣ୍ଟା-୭୫୭୦୮୭ | ୨୬୩୧୦୩୪୧୧୪୦୦୦୨୦ | ୭.୪୫୦ |
| | **ଢେଙ୍କାନାଳ ଶାଖା, ଫୋନ୍ ନଂ.: ୦୬୭୬୨ - ୨୨୬୪୩୬** | | |
| ୬୮ | **ଚିତ୍ତରଞ୍ଜନ ବେହେରା**, ପିତା-ଅନାଦୀ ଚରଣ ବେହେରା, ଗ୍ରାମ-ରେଗେଡ଼ା, ପୋ-ନଦୀଆଲି, ଭାୟା-ଗୋବିନ୍ଦପୁର, ଜିଲ୍ଲା-ଢେଙ୍କାନାଳ, ପିନ୍-୭୫୯୦୨୭ | ୦୮୯୫୦୩୪୬୨୦୦୦୦୬୦ | ୩୮.୭୦୦ |
| ୬୯ | **ମିହିର ମହାନ୍ତି**, ପିତା-ମହେନ୍ଦ୍ର ମହାନ୍ତି, ସରକାରୀ ପଲିଟେକ୍ନିକ୍ ନିକଟ, ମହିସାପଟ, ଢେଙ୍କାନାଳ-୭୫୯୦୧୩ । | ୦୮୯୫୦୩୪୬୨୦୦୦୦୫୫ | ୧୬.୫୮୦ |
| | **ମଙ୍ଗଳପୁର ଶାଖା, ଫୋନ୍ ନଂ.: ୯୪୩୭୩୪୮୭୭୩** | | |
| ୭୦ | **ଅରବିନ୍ଦ ନାୟକ**, ସା/ପୋ-ମଙ୍ଗଳପୁର, ଜିଲ୍ଲା-ଯାଜପୁର । | ୦୮୭୪୦୩୧୨୧୫୦୦୦୦୧ | ୮ |
| | **ବାଲେଶ୍ୱର ଶାଖା, ଫୋନ୍ ନଂ.: ୦୬୭୮୨ - ୨୬୨୨୪୭** | | |
| ୭୧ | **ଅମରେନ୍ଦ୍ର ଦାସ** | ୦୮୩୨୦୩୧୨୧୪୦୦୦୨୯ | ୧୪୧.୬୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକ ମାନି ନିଲାମରେ ଅଂଶଗ୍ରହଣ କରିପାରନ୍ତି ।**

(୧)ନିଲାମ ଡ଼ାକିବାକୁ ଇଚ୍ଛୁକ ବ୍ୟକ୍ତିମାନେ ନିଲାମ ତାରିଖ ଦିନ ସଂପୃକ୍ତ ଶାଖାରେ ଉପସ୍ଥିତ ରହି ଟ.୨୦୦୦/- ମାତ୍ର ଅମାନତ ରୂପେ ଶାଖା ପରିଚାଳକଙ୍କ ନିକଟରେ ଜମା ରଖିବେ ।
(୨)ଅମାନତ ରାଶି ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାର ଗୁଡ଼ିକୁ ନିଲାମ ସମୟରେ ନିଲାମ ଧରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଯାଞ୍ଚ କରିପାରିବେ ।
(୩)ସର୍ବୋଚ୍ଚ ନିଲାମ ଡ଼ାକ ଡ଼ାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡ଼ାକର ଶତକଡ଼ା ୨୫ ଭାଗ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡ଼ିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡ଼ାକ ଡ଼ାକିଲା ପରେ, ଡ଼ାକର ଶତକଡ଼ା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଏବଂ ଉକ୍ତ ବ୍ୟକ୍ତିଙ୍କୁ ଆଉଥରେ ନିଲାମ ଡ଼ାକିବାକୁ ଅନୁମତି ଦିଆଯିବ ନାହିଁ ଓ ଦ୍ୱିତୀୟ ସର୍ବୋଚ୍ଚ ନିଲାମଧାରିଙ୍କ ସପକ୍ଷରେ ନିଲାମ ସିଦ୍ଧ କରାଯିବ ।
(୪)ଗୋଟିଏ ଆକାଉଣ୍ଟର ନିଲାମ ଡ଼ାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
(୫)ସର୍ବୋଚ୍ଚ ନିଲାମ ଡ଼ାକ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ବୈଧ ଘୋଷଣା ହେଲା ପରେ ହିଁ ନିଲାମ ଡ଼ାକ ସିଦ୍ଧ ହେବ ।
(୬)ପ୍ରକାଶ ଥାଉକି ଆବଶ୍ୟକ ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଧାର୍ଯ୍ୟ ନିଲାମକୁ ରଦ୍ଦ, ସ୍ଥଗିତ ବା ପରିବର୍ତ୍ତନ କରିପାରିବେ
(୭)ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡ଼ାକ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ିକରଣ ହେବା ସୂଚନା ପାଇବାର ୩ ଦିନ ମଧ୍ୟରେ ନିଲାମର ଅବଶିଷ୍ଟ ଶତକଡ଼ା ୭୫ ଭାଗ ଟଙ୍କା ଜମା କରିବାକୁ ବାଧ ହେବେ । ନଚେତ୍ ପୂର୍ବରୁ ଜମା କରିଥିବା ଶତକଡ଼ା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ବାଜ୍ୟାପ୍ତି ହେବ ।
(୮)ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡ଼ାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡ଼ା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
(୯)ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଏବଂ ବିଶୁଦ୍ଧତା ପାଇଁ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ କୌଣସି ପ୍ରକାର ଦାୟୀ ହେବେ ନାହିଁ ।
(୧୦)ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବେ ।

ତାରିଖ: ୧୮.୦୯.୨୦୧୮
ସ୍ଥାନ: ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

## ସଂକ୍ଷେପରେ

### ବଜ୍ରପାତରେ ଜଣେ ମୃତ

**ସମ୍ବଲପୁର, ୧୮।୯ (ବ୍ୟୁରୋ)-** ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ଦ୍ୱିତୀୟ ମହାନଦୀ ସେତୁ ଉପରେ ବ୍ରଜପାତ ଯୋଗୁ ଜଣଙ୍କର ମୃତ୍ୟୁ ଘଟିଛି । ସେ ହେଲେ ରାମଜୀ ମନ୍ଦିର ନିକଟସ୍ଥ ବରଣ ଯାଦବ। ପୋଲିସ ମୃତଦେହକୁ ଜବତ କରିଛି । ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି । ମଙ୍ଗଳବାର ସନ୍ଧ୍ୟାରେ କୌଣସି କାମରେ ଯାଉଥିବା ସମୟରେ ବ୍ରିଜ ଉପରେ ଏହି ଘଟଣା ଘଟିଥିଲା।

### ବିଶ୍ୱକର୍ମା ପୂଜା ଚାନ୍ଦା ମାଗି ୨ ଗିରଫ

**ସମ୍ବଲପୁର,୧୮।୯(ବ୍ୟୁରୋ)-** ସମ୍ବଲପୁର କ୍ଷେତରାଜପୁର ଥାନା ଅନ୍ତର୍ଗତ ରେଲୱେ ଷ୍ଟେଶନ ନିକଟରେ ତିୱାରୀ ଗଳିର ନରେଶ ଶର୍ମାଙ୍କୁ ଚାନ୍ଦା ମାଗିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ସଚିତ ଯାଦବ, ଚିଣ୍ଟୁ କୁନାର । ଏ ନେଇ ଥାନାରେ କେଶ ନଂ. ୨୪୦/୧୮ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ।

### ହାତୀପଲଙ୍କ ଉତ୍ପାତରେ ଉଜୁଡି ଯାଉଛି ଧାନ

**ରେଢ଼ାଖୋଲ,୧୮।୯(ଡି.ଏନ.ଏ.)-** ରେଢ଼ାଖୋଲ ବନଖଣ୍ଡର ଚାରମାଳ ଓ ବଡବାହାଲ ରେଞ୍ଜ ଅଞ୍ଚଳରେ ହାତୀପଲ ଉତ୍ପାତ ଚଳାଇଛନ୍ତି। ଏହି ପଲରେ ୧୨ରୁ ଉର୍ଦ୍ଧ୍ୱ ହାତୀ ରହିଛନ୍ତି। ଧାନ କିଆରିରେ ପଶି ଯେତିକି ଖାଉ ନାହାନ୍ତି ବରଂ ତାହାଠୁ ଅଧିକ ମାଡିଦଳି ନଷ୍ଟ କରୁଛନ୍ତି। ଚାଷୀମାନେ ଏହି ଅଭିଯୋଗ କରିଛନ୍ତି। ବଡବାହାଲ ରେଞ୍ଜ ରତ୍ନାବଡମାଳ ଗ୍ରାମରେ କୃପାସିନ୍ଧୁ ପ୍ରଧାନ, ଶଙ୍କର ପ୍ରଧାନ, ପ୍ରେମାନନ୍ଦ ବେହେରା, ସତ୍ୟାନନ୍ଦ ବେହେରା,ଲକ୍ଷ୍ମଣ ବିଶ୍ୱାଳ, ପ୍ରଫୁଲ୍ଲ ବିଶ୍ୱାଳଙ୍କ ପ୍ରାୟ ୧୦ ଏକର ପରିମିତ ଧାନ ଫସଲ ନଷ୍ଟ ହୋଇଥିବା ବନ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ଚାରମାଳ ରେଞ୍ଜ ହେଲେଇ ଗ୍ରାମର ଶେଷ ଦେବ ଦେହୁରୀ, ସୁଧନା ପ୍ରଧାନ, ବୃନ୍ଦାବନ ପ୍ରଧାନ, ପ୍ରଭାତୀ ପ୍ରଧାନ, ଶୁକଦେବ ପ୍ରଧାନ, ପ୍ରସନ୍ନ ପ୍ରଧାନ, ସପୁର ଦେହୁରୀ, ମନ୍ଦାକିନୀ ପ୍ରଧାନ, ଭୀଷ୍ମ ଦେହୁରୀ ଓ ଧନଞ୍ଜୟ ଦେହୁରୀ ପ୍ରମୁଖଙ୍କ ପ୍ରାୟ ୧୫ ଏକର ପରିମିତ ଧାନ ଫସଲ ନଷ୍ଟ ହୋଇଛି। ସରପାଳ ଗ୍ରାମର ହାଡୁ ପ୍ରଧାନ, ରାମକୃଷ୍ଣ ମେସଓ୍ୱାଙ୍କ ସମେତ ୧୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ୧୦ ଏକରରୁ ଉର୍ଦ୍ଧ୍ୱ ଧାନ ଫସଲ ନଷ୍ଟ ହୋଇଥିବା ବନ ବିଭାଗ ପାଖରେ ଅଭିଯୋଗ ହୋଇଛି। ଅଭିଯୋଗ ସତ୍ତ୍ୱେ ବନ ବିଭାଗ ପକ୍ଷରୁ କୌଣସି ଅଧିକାରୀ ନଷ୍ଟ ହୋଇଥିବା ଧାନ ଫସଲର ଅନୁଧ୍ୟାନ କରି ନ ଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। ଅଣଜଳସେଚିତ ଏହି ଅଞ୍ଚଳରେ ବର୍ଷା ଉପରେ ନିର୍ଭର କରି ଚାଷୀ ଚାଷ କାର୍ଯ୍ୟ କରୁଛି। ବର୍ଷାର ଅନିୟମିତତା ଯୋଗୁ ବିଭିନ୍ନ ସମୟରେ ମରୁଡି ପରିସ୍ଥିତିର ସମ୍ମୁଖୀନ ହେଉଛି। ଚଳିତ ବର୍ଷ ଆଶାନୁରୂପ ବର୍ଷା ଯୋଗୁ ଧାନ ଫସଲ ଭଲ ହୋଇଛି। ହେଲେ ହାତୀ ଉପଦ୍ରବରେ ଫସଲ ନଷ୍ଟ ହେଉଛି। ଏଣୁ ଫସଲ ଅମଳ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ଅନ୍ୟପକ୍ଷେ ରେଢ଼ାଖୋଲ ବନଖଣ୍ଡର ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁ ବ୍ୟାପକ ଧନ ଜୀବନ ନଷ୍ଟ ହେଉଛି। ହେଲେ ହାତୀ ପଲକୁ ଘଉଡାଇବା ଦିଗରେ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉନି। ଏଣୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି।

### ରାଧାକୃଷ୍ଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: କଂସରକୁ ହରାଇ ଗୁରୁସଙ୍ଗ ଚାମ୍ପିୟନ

**ବାରକୋଟ,୧୮।୯ (ଡି.ଏନ.ଏ)-** ଦେବଗଡ ଜିଲା ବାରକୋଟ ବ୍ଲକ୍ ବାଇଧରନଗରଠାରେ ରାଧାକୃଷ୍ଣ ଯୁବ ପରିଷଦ ଦ୍ୱାରା ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୫ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୪୬ଟି ଦଳ ଯୋଗ ଦେଇଥିଲେ । ଫାଇନାଲ ଖେଳରେ ଗୁରୁସଙ୍ଗ ଫୁଟବଲ ଟିମ୍ କଂସର ଫୁଟବଲ ଟିମକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ବିଜେଡି ନେତା ରୋମାଞ୍ଚରଞ୍ଜନ ବିଶ୍ୱାଳ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ବିଷ୍ଣୁଚରଣ ଗଡନାୟକ, ମିତ୍ରଭାନୁ ସାହୁ, ଡିଲେଶ୍ୱର ପ୍ରଧାନ ମଞ୍ଚାସୀନ ଥିଲେ । ରଞ୍ଜନ କୁମାର ସାମଲ, ରାକେଶ କୁମାର ଦାସ, ସିକନ କୁମାର ବିଶ୍ୱାଳ ଖେଳ ପରିଚାଳନା କରିଥିଲେ । ରାଧାକୃଷ୍ଣ ଯୁବ ପରିଷଦର ସଭାପତି ଭଗବାନ ଗଡନାୟକ ସମ୍ପାଦକ ବିଦ୍ୟାଧର ସାୟୁଙ୍କ ସହିତ କମିଟିର ସଭ୍ୟ ଗୌରମୋହନ ଗଡନାୟକ, ରମେଶ ଚନ୍ଦ୍ର ଗଡନାୟକ, ଧୀରେନ କୁମାର ସାହୁ, ଦୁଷ୍ମନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ସମବାୟ ସମିତିରେ ତାଲା ମାରିଲେ ଚାଷୀ

- ଧାର୍ଯ୍ୟ ବୀମା ସହାୟତାଠାରୁ କମ୍ ରାଶି ମିଳୁଛି
- ଚାଷୀଙ୍କ ନାମ ପଞ୍ଜୀକରଣ ବନ୍ଦ
- ୧୮ ସମବାୟ ସମିତିରେ ବ୍ୟବସାୟ ପ୍ରଭାବିତ
- କଥା ଦେଇ ଖସିଗଲେ କେନ୍ଦ୍ରମନ୍ତ୍ରୀ ଜୁଏଲ

**ସମ୍ବଲପୁର,୧୮।୯(ବ୍ୟୁରୋ)**

ସମ୍ବଲପୁର ଜିଲାରେ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ପ୍ରଦାନରେ ପ୍ରଶାସନ ଓ ବୀମା କମ୍ପାନୀ ବିଳମ୍ବ କରୁଛି। ତେଣୁ ପୂର୍ବ ଘୋଷଣା କ୍ରମେ ମଙ୍ଗଳବାର ଅସନ୍ତୁଷ୍ଟ ଚାଷୀମାନେ ଜିଲାର ବିଭିନ୍ନ ସମବାୟ ସମିତିରେ ତାଲା ମାରି ଦେଇଛନ୍ତି। ପଶ୍ଚିମ ଓଡିଶା କୃଷକ ସଂଗଠନ ଆହ୍ୱାନ କ୍ରମେ ଚାଷୀମାନେ ତାଲା ମାରି ସମବାୟ ସମିତି ସମ୍ମୁଖରେ ଧାରଣା ଦେଇଛନ୍ତି। ଫଳରେ ସମବାୟ ସମିତିରେ ମଙ୍ଗଳବାର ରେଜିଷ୍ଟ୍ରେଶନ ଓ ବ୍ୟବସାୟ ଠପ୍ ହୋଇପଡିଛି । ଅନ୍ୟପଟେ ରେମେଡ ସମବାୟ ସମିତିରେ ଚାଷୀଙ୍କ ଭିଡ ଦେଖି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ପହଞ୍ଚି ଥିଲେ । ସେ ସମସ୍ୟା ଉପରେ ଚାଷୀଙ୍କୁ ପଚାରି ବୁଝିବା ସହ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ଟଙ୍କା ଦିଆଯାଉ ନାହିଁ। ଏଥିରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉ। ଶୀଘ୍ର ଏହାର ସମାଧାନ କରଯାଉ ବୋଲି ଅନେକ ଦାବି କରିଥିଲେ। ତେବେ ଶୀଘ୍ର ସମାଧାନ କରାଯିବ ବୋଲି କହି ମନ୍ତ୍ରୀ ସେଠାରୁ ଚାଲି ଯାଇଥିଲେ । ଜିଲାରେ ରେମେଡ ସମେତ ଶଙ୍କରମା, ଏ କଟପାଲି, ଚାଆଁରପୁର, ଠେମରା, ଟାମ୍ପରକେଲା, କୁସମି, ମାନେଶ୍ୱର, ଝାଙ୍କରପାଲି, ବରଗାଁ, ଧମା, ଶାସନ, ତାଲବ, ବାହାମ ପ୍ରମୁଖ ସମବାୟ ସମିତିରେ ତାଲା ପଡିଥିଲା। ସୂଚନା ଯୋଗ୍ୟ ଯେ ଚାଷୀଙ୍କ ବାରମ୍ବାର ଦାବି ପରେ ଜିଲାର କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ଟଙ୍କା ଦେବା ପାଇଁ କମ୍ପାନୀ ଘୋଷଣା କରିଥିଲା। ହେଲେ ପ୍ରାୟତଃ ସମସ୍ତ ପଞ୍ଚାୟତକୁ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ମହାନଗର ନିଗମର ୧୨ ପଞ୍ଚାୟତ ଏଥିରୁ ବାଦ ପଡିଥିଲା। ୨୧ଟି ପଞ୍ଚାୟତକୁ ଘୋଷଣା କରିଥିବା ଟଙ୍କାଠାରୁ କମ୍ ଟଙ୍କା ପ୍ରଦାନ କରାଯାଇଛି । ଏହାକୁ ନେଇ ଚାଷୀ ସଂଗଠନ ପ୍ରାୟ ଦେଢ ମାସ ହେବ ଆନ୍ଦୋଳନ କରିଆସୁଛନ୍ତି । ଦାବି ପୂରଣ ନ ହେବାରୁ ଶେଷରେ ଚାଷୀ ତାଲା ମାରିଛନ୍ତି ।

**ଧମା, (ଡି.ଏନ.ଏ)–**ମାନେଶ୍ୱର ବ୍ଲକର ବରଗାଁ ପେକ୍ସକୁ ମାଁ ଝାଡେଶ୍ୱରୀ କୃଷକ ସଂଗଠନ ତରଫରୁ ତାଲା ପକାଇ ଦିଆଯାଇଛି । ସଂଗଠନର ସମ୍ପାଦକ ଭକ୍ତବନ୍ଧୁ ସାହୁଙ୍କ ନେତୃତ୍ୱରେ ଡକରା ପଞ୍ଚାୟତର ଶତାଧିକ ଚାଷୀ ଧମା ପେକ୍ସ ସମ୍ମୁଖରେ ସକାଳ ୧୦ଟାରୁ ତାଲା ପକାଇ ଧାରଣାରେ ବସିଥିଲେ। ଫଳରେ ପେକ୍ସ କର୍ମଚାରୀ ବାହାରେ ଛିଡା ହୋଇ ରହିଥିଲେ। ଚାଷୀ ଗିରିଗୋବର୍ଦ୍ଧନ ପଣ୍ଡା କହିଛନ୍ତି ଯେ, ୨୦୧୬–୧୭ ଖରିଫ ଋତୁରେ ଚାଷରେ କ୍ଷୟକ୍ଷତି ହୋଇଥିଲା। ଏହାର ଆକଳନ କରିଥିଲା ଜିଲା କୃଷି ବିଭାଗ। ଡକରା ପଞ୍ଚାୟତ ପାଇଁ ୭୯.୪୨ ପ୍ରତିଶତ କ୍ଷତିପୂରଣ ଦିଆଯିବ ବୋଲି ରିପୋର୍ଟରେ କୁହା ଯାଇଥିଲା । ହେଲେ ବୀମା କମ୍ପାନୀ ଟଙ୍କା ପ୍ରଦାନ ବେଳେ ୩୮ ପ୍ରତିଶତ ହିସାବରେ ଚାଷୀଙ୍କୁ ବୀମା ଟଙ୍କା ପଇଠ କରୁଛି। ଏ ବାବଦରେ କୃଷି ବିଭାଗ ଓ ବୀମା କମ୍ପାନୀକୁ ଲିଖିତ ଅଭିଯୋଗ ହୋଇଛି। ହେଲେ କୌଣସି ସୁଫଳ ମିଳିନି। ଏଣୁ ପେକ୍ସରେ ତାଲା ପକାଇ ଦିଆଯାଇଛି। ବୁଧବାର ମଧ୍ୟ ପେକ୍ସରେ ତାଲା ପକାଯିବ ବୋଲି ଅସନ୍ତୁଷ୍ଟ ଚାଷୀ ନିଷ୍ପତ୍ତି ନେଇଛନ୍ତି। ଏହି ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ଚାଷୀ ଚକ୍ରଧର ପୂଜାରୀ, ଶେଷଦେବ ବେହେରା, ପର୍ଶୁରାମ କୁଅଁର, ପୀତବାସ ପଧାନ, କୃପାସିନ୍ଧୁ ସାଲିମା, ସ୍ୱରୂପରଞ୍ଜନ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ପେକ୍ସ ସମ୍ପାଦକ ସରୋଜ ଦାସଙ୍କୁ ଏହି ଅବସରରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

**ଜମନକିରା,(ଡି.ଏନ.ଏ.)–**ଜମନକିରା ବ୍ଲକ୍ କୁଲୁଣ୍ଡି ସେବା ସମବାୟ ସମିତି ଆଗରେ ମଧ୍ୟ ଚାଷୀ ଧାରଣା ଦେଇଛନ୍ତି। ମୁଣ୍ଡେନପାଲି ବନ ଦୁର୍ଗା କୃଷକ ସଙ୍ଗଠନ ଆନ୍ଦୋଳନର ନେତୃତ୍ୱ ନେଇଛି। କୁଲୁଣ୍ଡି, ଖର୍ସନମାଲ ଓ ବଡ଼ରମା ପଞ୍ଚାୟତ ଚାଷୀ ଘୋଷିତ ବୀମା ଟଙ୍କା ପାଇଛନ୍ତି। ହେଲେ ମୁଣ୍ଡେନପାଲି ପଞ୍ଚାୟତ ଚାଷୀ ୬୭.୦୨ ପ୍ରତିଶତ କ୍ଷତିପୂରଣ ପାଇବେ ବୋଲି ଯେଉଁ ଘୋଷଣା ହୋଇଥିଲା ବୀମା କମ୍ପାନୀ ତାହା ପାଳନ କରିନି। ଏଣୁ ଏହି ଆନ୍ଦୋଳନରେ ମୁଣ୍ଡେନପାଲି ପଞ୍ଚାୟତ ଚାଷୀ ସାମିଲ ହୋଇଛନ୍ତି। ବୁଧବାର ମଧ୍ୟ ସମବାୟ ସମିତିରେ ତାଲା ମରାଯିବ।


ମଙ୍ଗଳବାର ସମ୍ବଲପୁର ମାନେଶ୍ୱର ସମବାୟ ସମ୍ମୁଖରେ ଚାଷୀମାନେ ଆନ୍ଦୋଳନ କରୁଛନ୍ତି ।


ମଙ୍ଗଳବାର ସମ୍ବଲପୁର ଝାଙ୍କରପାଲି ସମବାୟ ସମ୍ମୁଖରେ ଚାଷୀମାନେ ଆନ୍ଦୋଳନ କରୁଛନ୍ତି ।


ଜମନକିରା ବ୍ଲକ୍ କୁଲୁଣ୍ଡି ସେବା ସମବାୟ ସମିତି ଆଗରେ ଚାଷୀ ଧାରଣା ଦେଇଛନ୍ତି।


ଧମା ପେକ୍ସରେ ତାଲା ପକାଇ ଆନ୍ଦୋଳନରତ ଡକରା ପଞ୍ଚାୟତ ଚାଷୀ ବୃନ୍ଦ ।


ମଙ୍ଗଳବାର ସମ୍ବଲପୁର ଶାସନ ସମବାୟ ସମ୍ମୁଖରେ ଚାଷୀମାନେ ଆନ୍ଦୋଳନ କରୁଛନ୍ତି ।


ମଙ୍ଗଳବାର ସମ୍ବଲପୁର ଧନକଉଡା ବ୍ଲକ ଅଞ୍ଚଳରେ ଚାଷୀମାନେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ସହ ଆଲୋଚନା କରୁଛନ୍ତି ।

# ଧାରଣାରେ ସାର୍, ଫେରି ଯାଉଛନ୍ତି ପିଲା

- ୧୨ ଦିନ ହେଲା ସ୍କୁଲ କଲେଜରେ ତାଲା
- ଆନ୍ଦୋଳନରେ ଅଧାପକ, ଶିକ୍ଷକ ଓ କର୍ମଚାରୀ
- ଆନ୍ଦୋଳନକୁ ମାସେ, ପାଠ ପଢ଼ା ବନ୍ଦ

**ରେଢ଼ାଖୋଲ,୧୮।୯ (ଡି.ଏନ.ଏ.)**

ରେଢ଼ାଖୋଲରେ ସ୍କୁଲ କଲେଜ ଶିକ୍ଷକ ଅଧ୍ୟାପକ କର୍ମଚାରୀ ମିଳିତ ମଞ୍ଚର ଆନ୍ଦୋଳନକୁ ମାସେ ପୂରିଛି। ଅର୍ଦ୍ଧାଧିକ ଶିକ୍ଷକ ଅଧ୍ୟାପକ କର୍ମଚାରୀ ମାସେ ହେଲା ଭୁବନେଶ୍ୱରରେ ଡେରା ପକାଇ ଆନ୍ଦୋଳନ କରୁଛନ୍ତି। ଫଳରେ ରେଢ଼ାଖୋଲ ବ୍ଲକରେ ଗତ ୧୨ ଦିନ ହେବ ୭ଟି ହାଇସ୍କୁଲ ଓ ୨ଟି କଲେଜରେ ତାଲା ଝୁଲୁଛି। ଏଥିଯୋଗୁ ପାଠ ପଢା ଠପ ହୋଇ ପଡିଛି। ଏହାକୁ ନେଇ ଛାତ୍ରୀ ଛାତ୍ର, ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଛାତ୍ରୀଛାତ୍ରଙ୍କ ମୁଣ୍ଡ ଉପରେ ମାଟ୍ରିକ ପରୀକ୍ଷା ଓ ଦ୍ୱାଦଶ ପରୀକ୍ଷା ରହିଛି। ସରକାର କୌଣସି ପଦକ୍ଷେପ ନେଉ ନ ଥିବା ଯୋଗୁ ପିଲାଙ୍କ ଭବିଷ୍ୟତରେ ପ୍ରଶ୍ନ ଉଠୁଛି।

ଗତ ୬ ତାରିଖଠାର ଲୁହାପଙ୍କ ହରିହରାନନ୍ଦ ହାଇସ୍କୁଲ, କୁକୁଡା ବାହାଲି ସନ୍ଥ କବି ଭୀମ ଭୋଇ ହାଇସ୍କୁଲ, ତ୍ରୀବଣପୁର ହାଇସ୍କୁଲ, ସାନନୂଆଁପଡା ହାଇସ୍କୁଲ. ବ୍ରାହ୍ମଣୀପାଲି ହାଇସ୍କୁଲ, ଗରଗଡବାହାଳ ହାଇସ୍କୁଲ,ବଡନୁଆପଡା ହାଇସ୍କୁଲରେ ଶିକ୍ଷକ କର୍ମଚାରୀମାନେ ତାଲା ପକାଇ ସ୍କୁଲ ସମ୍ମୁଖରେ ଧାରଣାରେ ବସୁଛନ୍ତି। ସେହିପରି ବଡମାଳ ଜୟଜଗନ୍ନାଥ କଲେଜ ଓ ରେଢ଼ାଖୋଲ ଯୁକ୍ତ ୨ ମହିଳା କଲେଜରେ ମଧ୍ୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀମାନେ ତାଲା ପକାଇ ଧାରଣା ଦେଉଛନ୍ତି। ଛାତ୍ରୀଛାତ୍ର ପ୍ରତିଦିନ ସ୍କୁଲ କଲେଜକୁ ଆସି ନିରାଶ ହୋଇ ଫେରୁଛନ୍ତି। ପ୍ରକାଶଯୋଗ୍ୟ, ଓଡିଶା ମିଳିତ ମଞ୍ଚର ଆହ୍ୱାନ କ୍ରମେ ଗତ ୭ ତାରିଖ ଅଧ୍ୟାପକ, ଶିକ୍ଷକ, କର୍ମଚାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବ୍ଲକ ଗ୍ରାଣ୍ଟ ଉଚ୍ଛେଦ କରାଯାଇ ପୂର୍ଣ୍ଣ ଅନୁଦାନ ପ୍ରଦାନ ଓ ଚାକିରି ସର୍ତ୍ତାବଳୀ ନିର୍ଦ୍ଧାରଣ, ଅବସର କାଳିନ ସୁବିଧା ସୁଯୋଗ ପ୍ରଦାନ, ସତ୍ୟପାଠ ନିର୍ଦ୍ଦେଶନାମା ପ୍ରତ୍ୟାହାର, ଚାକିରି କାର୍ଯ୍ୟକାଳ ୬୨ ବର୍ଷକୁ ବୃଦ୍ଧି ପ୍ରଭୃତି ୭ଦଫା ଦାବି ନେଇ ମିଳିତ ମଞ୍ଚ ପକ୍ଷରୁ ଆନ୍ଦୋଳନ ଚାଲୁ ରହିଛି।

# ଜିଲା ପୋଲିସ ପକ୍ଷରୁ ୩୪୨ ୟୁନିଟ ସଂଗ୍ରହ

**ସମ୍ବଲପୁର,୧୮।୯(ବ୍ୟୁରୋ)**

ସମ୍ବଲପୁର ଜିଲା ପୋଲିସ ପକ୍ଷରୁ ମଙ୍ଗଳବାର ରିଜର୍ଭ ପୋଲିସ କମ୍ୟୁନିଟି ସେଣ୍ଟରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଉତ୍ତରାଞ୍ଚଳ ପୋଲିସ ଆଇଜି ସତ୍ୟବ୍ରତ ଭୋଇ, ସମ୍ମାନୀୟ ଅତିଥି ଭାବେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି ସଞ୍ଜୀବ ଅରୋରା, ଡିଏଫଓ ସଞ୍ଜିତ କୁମାର ଯୋଗ ଦେଇଥିଲେ । ଏହି ଅବସରରେ ମୋଟ ୩୪୨ ୟୁନିଟ ସଂଗ୍ରହ କରାଯାଇଥିଲା । ଜିଲା ସଦର ଡାକ୍ତରଖାନା ଓ ବୁର୍ଲା ଭୀମସାର ରକ୍ତ ଭଣ୍ଡାର କର୍ମଚାରୀ ଏଥିରେ ସହଯୋଗ କରିଥିଲେ । ଜିଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ପୋଲିସ କର୍ମଚାରୀ ଯୋଗ ଦେଇ ରକ୍ତଦାନ କରିଥିଲେ।





ଲେଖନୀ ଓ ତରବାରୀ ଉଭୟ ଶକ୍ତିଶାଳୀ, କିନ୍ତୁ ଲେଖନୀର ହିଁ ଜୟ ହୁଏ।
- ନେପୋଲିୟନ୍



## ସଂକ୍ଷେପରେ

### ବିଦ୍ୟୁତ୍ ତାର ଲାଗି ଗାଈ ମୃତ

ଭେଡ଼େନ,୧୮।୯(ଡ଼ି.ଏନ.ଏ)- ବରଗଡ଼ ଜିଲା ଭେଡ଼େନ ଜୀରା ନଦୀ କୂଳରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମଙ୍ଗଳବାର ପ୍ରମୋଦ ବେହେରାଙ୍କ ଏକ ଗାଈର ମୃତ୍ୟୁ ଘଟିଛି। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି।

### ପୋଡ଼ାପଦର ଗଣେଶଙ୍କ ଭସାଣି ଯାତ୍ରା

ଘଣ୍ଟାପଡ଼ା, ୧୮।୯ (ଡି.ଏନ.ଏ)- କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ପୋଡାପଦର ଗ୍ରାମରେ ପାଟଖଣ୍ଡା କ୍ଲବ ଆନୁକୂଲ୍ୟରେ ୫ ଦିନ ଧରି ଚାଲିଥିବା ଗଣେଶ ପୂଜାର ମଙ୍ଗଳବାର ଭଷାଣି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଘଣ୍ଟା, ଶଙ୍ଖ, ବାଦ୍ୟରେ ଗଣେଶଙ୍କୁ ଏକ ଶୋଭାଯାତ୍ରରେ ଗ୍ରାମ ପରିକ୍ରମା କରି ତେଲ ନଦୀରେ ବିସର୍ଜନ କରାଯାଇଥିଲା। କ୍ଲବର ସଭାପତି ଉଗ୍ରେସନ ସିଂ କଅଁର, ସମ୍ପାଦକ ନିରଞ୍ଜନ ମଲିକ, କୋଷାଧ୍ୟକ୍ଷ ରାଜେନ୍ଦ୍ର ନାଏକ, ସଦସ୍ୟ ମହେଶ୍ୱର ରଣା, ସୁଦର୍ଶନ ନାଏକ, ଅଭିନାଶ ମଲିକ, ସୁବଳ ନାଏକ, ପ୍ରତାପ ସିଂ କଅଁର, ଜିତେନ୍ଦ୍ର ନାଏକ, କାର୍ତ୍ତିକ ଚୌହାନ, ପରମା କର, ପିଙ୍କୁ କର, ବସୁ ସିଂ କଅଁର, ବଳ ସାହୁ, କଣ୍ଢେଶ୍ୱର ନାଏକଙ୍କ ସହ ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଶ୍ୟାମ ମେଟାଲିକ୍ସରେ କ୍ରେନ୍ ଅପରେଟରଙ୍କ ମୃତ୍ୟୁ ଘଟଣା

# କମ୍ପାନୀ ପରିସରରେ ଆକ୍ରମଣ, ପ୍ରତି ଆକ୍ରମଣ

ରେଙ୍ଗାଲି,(ଡି.ଏନ.ଏ.)

ସମ୍ବଲପୁର ଜିଲା ପଣ୍ଡଲୋଇସ୍ଥିତ ଶ୍ୟାମ ମେଟାଲିକ୍ସ କାରଖାନାରେ ସୋମବାର ରାତିରେ କ୍ରେନ ଅପରେଟର୍ ଜଗନ ଯାଦବଙ୍କ ମୃତ୍ୟୁ ଘଟିଛି। ଏଣୁ ସୋମବାର ରାତିରୁ ଦେଖା ଦେଇଥିବା ଶ୍ରମିକ ଅଶାନ୍ତି ମଙ୍ଗଳବାର ଭିନ୍ନ ମୋଡ ନେଇଛି। ସୋମବାର ରାତିରେ କାରଖାନା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଇଁ କାରଖାନାର ଆମ୍ବୁଲାନ୍ସ କର୍ମଚାରୀ ମୃତଦେହ ଉଠାଇବାକୁ ଯାଇଥିଲେ। ହେଲେ ମୃତ ଶ୍ରମିକଙ୍କ ବିହାରୀ ସାଥୀମାନେ ମାନଙ୍କୁ ଆକ୍ରମଣ କରିଥିଲେ। ହେଲେ ଆମ୍ବୁଲାନ୍ସ କର୍ମଚାରୀମାନେ ସ୍ଥାନୀୟ ଲୋକେ ହୋଇଥିବାରୁ ଏହା ବିସ୍ଫୋରକ ରୂପ ନେଇଥିଲା। ରାତାରାତି ଏହି ଆମ୍ବୁଲାନ୍ସ କର୍ମଚାରୀଙ୍କ ଗାଁ ଲୋକେ ଖବର ପାଇଯାଇଥିଲେ ଯେ ସେମାନଙ୍କୁ ବିହାରୀ ଗୋଷ୍ଠୀ ଆକ୍ରମଣ କରିଛନ୍ତି। ଏଣୁ ସେମାନେ ଉତ୍ତେଜିତ ହୋଇ ଉଠିଥିଲେ। ପ୍ରତିଶୋଧ ନେବାକୁ ଯାଇ ମଙ୍ଗଳବାର ସକାଳୁ ସକାଳୁ କାରଖାନା ଭିତରକୁ ଧସେଇ ପଶି ବିହାରୀ ଗୋଷ୍ଠୀଙ୍କ ଉପରେ ପ୍ରତି ଆକ୍ରମଣ କରିଥିଲେ। ତେବେ କାରଖାନା କର୍ତ୍ତୃପକ୍ଷ, ଆନ୍ଦୋଳନକାରୀ ଏବଂ ପୋଲିସ ଉପସ୍ଥିତିରେ ସମାଧାନ ପାଇଁ ଆଲୋଚନା ହୋଇଥିଲା । ବିହାରୀ ଗୋଷ୍ଠୀଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇଥିବା ଆମ୍ବୁଲାନ୍ସ କର୍ମଚାରୀଙ୍କ ସମସ୍ତ ଖର୍ଚ୍ଚ କମ୍ପାନୀ ଦେବ। ଆହତମାନେ



ପଣ୍ଡଲୋଇସ୍ଥିତ ଶ୍ୟାମ ମେଟାଲିକ୍ସ କାରଖାନାରେ ମଙ୍ଗଳବାର ବୈଠକ ଚାଲିଛି।

ସୁସ୍ଥ ନ ହେବା ପର୍ଯ୍ୟନ୍ତ ସେମାନଙ୍କର ଦରମା କଟାଯିବ ନାହିଁ । ବିହାରୀ ଗୋଷ୍ଠୀଙ୍କ ଉପରେ ପ୍ରତି ଆକ୍ରମଣ କରିଥିବା ସ୍ଥାନୀୟ ଲୋକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ । ୧୦ ଦିନ ଭିତରେ ଠିକା ସଂସ୍ଥା ଲାଇସେନ୍ସ ଯାଞ୍ଚ କରି ରଦ୍ଦ କରାଯିବ। ଏହି ଘଟଣାରେ ଜଡିତ ଠିକା ସଂସ୍ଥାର ବିହାରୀ ଗୋଷ୍ଠୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମ୍ପାନୀ ପ୍ରତିଶ୍ରୁତି ଦେଇଛି। ଏହା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସମ୍ବଲପୁର ସଦର ଏସ୍‌ଡିପିଓ ଭବାନୀ ଉଦଗାତା, ରେଙ୍ଗାଲି ଥାନା ଅଧିକାରୀ ରଜନୀକାନ୍ତ ସାମଲ, ଶାସନ ଥାନା ଅଧିକାରୀ ଜୟରଶ୍ମି ସେଠୀ, କତରବଗା ଥାନା ଅଧିକାରୀ ଡୋଳାମଣୀ ଭୋଇ ପ୍ରମୁଖ ଏହି ଆଲୋଚନାରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆମ୍ବୁଲାନ୍ସ ଡ୍ରାଇଭର ଗଣେଶ ନଗରର ମନଭଞ୍ଜନ ମାହାଣା ଏବଂ ତାଙ୍କ ତିନି ସାଥି ରଜିନ ଓରାମ, ବରପଡା ଅଞ୍ଚଳର ବିଶ୍ୱନାଥ ଓରାମ ଏବଂ ରାମଚନ୍ଦ୍ର ନଗର ଅଞ୍ଚଳର ହେମନ୍ତ ମେହେରଙ୍କୁ ମୃତ ଜଗନଙ୍କ ବିହାରୀ ସାଥିମାନେ ଆକ୍ରମଣ କରିଥିଲେ। ଏହି ଖବର ପାଇ ମଙ୍ଗଳବାର ସକାଳୁ ଗଣେଶ ନଗର, ରାମଚନ୍ଦ୍ର ନଗର ଓ ବରପଡା ଅଞ୍ଚଳର ଶତାଧିକ ଗ୍ରାମବାସୀ ଶ୍ୟାମ ମେଟାଲିକ୍ସ କାରଖାନାକୁ ଯାଇ ହୋହାଲ୍ଲା କରିଥିଲେ। ପ୍ରକାଶ ଯୋଗ୍ୟ, ମୃତ କ୍ରେନ ଅପରେଟରଙ୍କ ପରିବାରକୁ କମ୍ପାନୀ ପକ୍ଷରୁ ୧୨ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ଅନ୍ତେଷ୍ଟିକ୍ରିୟା ପାଇଁ ୫୦ ହଜାର ଟଙ୍କା ଦିଆ ଯାଇଛି।

■ଆମ୍ବୁଲାନ୍ସ କର୍ମଚାରୀଙ୍କ ଉପରେ ଆକ୍ରମଣ
■ମୃତ ଶ୍ରମିକଙ୍କ ସାଥୀ ଶ୍ରମିକଙ୍କ କାରନାମା
■ପ୍ରତିଶୋଧ ନେଲେ ୩ ଗାଁ ଲୋକେ
■କମ୍ପାନୀ ପରିସରରେ ବସିଲା ବୈଠକ

## ଚାଷୀଙ୍କ ବ୍ଲକ ଅଫିସ ଘେରାଉ, ତାଲାବନ୍ଦ ଆନ୍ଦୋଳନ

ଅମ୍ବାଭୋନା,୧୮।୯ (ଡ଼ି.ଏନ୍.ଏ.)

୨୦୧୭ ଖରିଫରେ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକରେ ମରୁଡି ସାଙ୍ଗକୁ ଚକଡ଼ା ରୋଗପୋକ ପ୍ରାଦୁର୍ଭାବରେ ଧାନ ଚାଷ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା। ଏନେଇ ଚାଷୀମାନଙ୍କ ଉପସ୍ଥିତିରେ କ୍ରପକଟିଂ ସହ କ୍ଷୟକ୍ଷତିର ଆକଳନ ହୋଇଥିଲା। ମାତ୍ର ଇନ୍‌ପୁଟ ସବ୍‌ସିଡି ଓ ଶସ୍ୟବୀମା ପ୍ରଦାନରେ ପାତରଅନ୍ତର ନୀତି ଯୋଗୁ ବହୁ ଚାଷୀ କ୍ଷୟକ୍ଷତି ବାବଦକୁ ଅନୁକମ୍ପା ରାଶି ସହ ବୀମା ରାଶି ପାଇବାରୁ ବଞ୍ଚିତ ରହିଛନ୍ତି। ଏନେଇ ଲାଲବାହାଦୁର ଶାସ୍ତ୍ରୀ କୃଷକ ସଂଗଠନ ଅମ୍ବାଭୋନା ବ୍ଲକ ପକ୍ଷରୁ ମଙ୍ଗଳବାର ଅମ୍ବାଭୋନା ବ୍ଲକ ସମ୍ମୁଖରେ ଶତାଧିକ ଚାଷୀ ପହଞ୍ଚି ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଗେଟରେ ତାଲା ପକାଇ ପ୍ରଶାସନକୁ ଅଚଳ କରିଦେଇଥିଲେ। ବ୍ଲକ ସମ୍ମୁଖରେ ଆୟୋଜିତ ବିକ୍ଷୋଭ ସମାବେଶରେ ସଂଗଠନ ସମ୍ପାଦକ ଶଙ୍କର ଖମାରୀ, ଉପସଭାପତି ଠାକୁରରାମ ପଟେଲ, ଶଶିଭୂଷଣ ପଧାନ ପ୍ରମୁଖଙ୍କ ସହ ୩ଶହରୁ ଉର୍ଦ୍ଧ୍ୱଚାଷୀ ଯୋଗଦେଇଥିଲେ। ଆନ୍ଦୋଳନ ସ୍ଥଳକୁ ଅମ୍ବାଭୋନା ତହସିଲଦାର ମଦାକର କୁମ୍ଭାର, ବିଡିଓ ଅଲଫାନସ୍ ବିଲଙ୍ଗ, ଏବିଡିଓ ପ୍ରୀତିଶ କୁମାର ଦୋରା ଆନ୍ଦୋଳନରତ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ସେପ୍ଟେମ୍ବର ୩୦ ସୁଦ୍ଧା ସମସ୍ତ ଚାଷୀଙ୍କୁ ବୀମା ଓ ଇନ୍‌ପୁଟ ସବ୍‌ସିଡି ପ୍ରଦାନ ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କୃଷକ ସଂଗଠନ ପକ୍ଷରୁ ଅମ୍ବାଭୋନା ବିଡିଓଙ୍କ ଜରିଆରେ ବରଗଡ଼ ଜିଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା।

# ମହିଳା ଫୁଟବଲ ଖେଳାଳିଙ୍କୁ ଖେଳ ସାମଗ୍ରୀ ବଣ୍ଟନ

ସମ୍ବଲପୁର,୧୮।୯ (ବ୍ୟୁରୋ)

ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ମହିଳା ଫୁଟବଲ ଖେଳାଳିଙ୍କୁ ଫୁଟବଲ ସମାଗ୍ରୀ ବଣ୍ଟନ କରାଯାଇଛି । ଏହି ଅବସରରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ସମର୍ଥ ବର୍ମା ଉପସ୍ଥିତ ରହି ୧ ଲକ୍ଷ ଟଙ୍କାର ଫୁଟବଲ ଖେଳ ସାମଗ୍ରୀ ବଣ୍ଟନ କରିଥିଲେ । ଆଦିବାସୀ ଝିଅମାନଙ୍କୁ ନେଇ ପ୍ରଶିକ୍ଷଣ ଦେଉଥିବା ବଳରାମ ମଟାରୀ ଗଠନ କରିଥିବା ଅନୁଷ୍ଠାନର ଖେଳାଳିମାନଙ୍କୁ ଏହି ସାମଗ୍ରୀ ଦିଆ ଯାଇଛି। ତେବେ ଏହି କାର୍ଯ୍ୟକ୍ରମରେ ଜିଲା ଭୂ-ଅର୍ଜନ ଅଧିକାରୀ ସିତାଂଶୁ ତ୍ରିପାଠୀ, ଜିଲା କ୍ରୀଡା ଅଧିକାରୀ ଉପେନ୍ଦ୍ର ବେହେରା ଉପସ୍ଥିତ ଥିଲେ।



ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିଥି ।

## ପପଙ୍ଗାରେ ନୃତ୍ୟ ପ୍ରତିଯୋଗିତା

ଭେଡ଼େନ,୧୮।୯ (ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ପପଙ୍ଗାଠାରେ ବୁଢ଼ାରଜା ଡ୍ରାଇଭର ଆସୋସିଏଶନ ପକ୍ଷରୁ ହୋଇଥିବା ବିଶ୍ୱକର୍ମା ପୂଜା ତଥା ଚାଳକ ଦିବସ ପାଳନ ଅବସରରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶମ୍ଭୁ ପ୍ରସାଦ ଦୋରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ଡ୍ରାଇଭର ସଂଘ ଜିଲା ସଭାପତି ରାହୁଲ ଲୁହା ମୁଖ୍ୟ ଅତିଥି, କବି ନାରାୟଣ ଭୋଇ ମୁଖ୍ୟ ବକ୍ତା, ଜିଲା ସମ୍ପାଦକ ଯୋଗୀନ୍ଦ୍ର ଭୋଇ, ବରଗଡ଼ ଶାଖା ସଭାପତି ଜିତୁ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ନୃତ୍ୟ ପ୍ରତିଯୋଗିତାରେ ଗ୍ରୁପ ଡ୍ୟାନ୍ସ ବିଭାଗରେ ହିଲ୍ଲିପାଲି ଗ୍ରୁପ, ମେଟାକାନି ଗ୍ରୁପ, ବାଘ ବାହାଲ ଷ୍ଟାର ଗ୍ରୁପ ଏବଂ ଏକକ ନୃତ୍ୟରେ ସଦାନନ୍ଦ ଛୁରିଆ, କିଙ୍ଗ ବରଗଡ଼ ଓ ସୁଶାନ୍ତ ଭୋଇ ପ୍ରମୁଖ ବିଜୟୀ ହୋଇଥିଲେ। କାର୍ତ୍ତିକ ମେହେର, ସୁରେଶ ମେହେର, ସଞ୍ଜୀବ ବିଶି ପ୍ରମୁଖ ବିଚାରକ ଭାବେ ରହିଥିବା ବେଳେ ସୁବାସ ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ପପଙ୍ଗା ଶାଖା ଉପସଭାପତି ଟିଂକିନା କଠାର, ସମ୍ପାଦକ ମନୋରଞ୍ଜନ ମହାକୁର, କୋଷାଧ୍ୟକ୍ଷ ସତୀଶ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଅଟୋ ଓଲଟି ୭ ଛାତ୍ରୀଛାତ୍ର ଲହୁଲୁହାଣ

ସମ୍ବଲପୁର,୧୮।୯ (ବ୍ୟୁରୋ)

ସମ୍ବଲପୁର ସହରର ସାକ୍ଷିପଡା ରାସ୍ତାରେ ମଙ୍ଗଳବାର ସ୍କୁଲ ପିଲାଙ୍କୁ ନେଇ ଫେରୁଥିବା ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ସେଣ୍ଟଜନ ସ୍କୁଲର ପିଲାମାନଙ୍କୁ ନେଇ ଯାଉଥିବା ଏହି ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ୨ ଜଣ ଛାତ୍ର ଗୁରୁତର ହୋଇଥିଲେ। ୫ ଜଣ ଛାତ୍ରୀଛାତ୍ର ଜିଲା ସଦର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ଦୁଇ ଗୁରୁତର ପିଲା ହେଲେ ଚତୁର୍ଥ ଶ୍ରେଣୀ ଛାତ୍ର ଶୋହମ ଗୋଖୁରା ଓ ପ୍ରଥମ ଶ୍ରେଣୀର ଛାତ୍ର ପ୍ରତ୍ୟୁଷ ସାହୁ । ନମିତା କେରକେଟା, ଅଂଶୁପା ଭୋଇ, ପାୟଲ କେରକଟୋ, ଏଲିକେଣ୍ଟ ସୋରେନ, ପ୍ରଜ୍ଞା ଜସମିନ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ସ୍କୁଲ ଛୁଟି ପରେ ଅଟୋଟି ଛାତ୍ରୀଛାତ୍ରଙ୍କୁ ନେଇ ଘରକୁ ଫେରୁଥିଲା । ସାକ୍ଷୀପଡା ଅଞ୍ଚଳରେ କିଛି ପିଲାଙ୍କୁ ଓହ୍ଲାଇ ଦେଇ ରେଳ କଲୋନୀକୁ ଯାଉଥିଲା । ଏକ ଗଳିରୁ ଅଟୋ ବାହାରୁଥିବା ବେଳେ ଦ୍ରୁତ ଗତିରେ ଏକ ସ୍କୁଟି ଆସିଥିଲା । ଏଣୁ ଅଟୋଟି ଭାରସାମ୍ୟ ହରାଇ





ଆହତ ଦୁଇ ଛାତ୍ରୀଛାତ୍ର।

ରାସ୍ତା କଡକୁ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ଆସି ପିଲାମାନଙ୍କୁ ଉଦ୍ଧାର କରିଥିଲେ। ଏହି ରାସ୍ତା ଦେଇ ଯାଉଥିବା ମିଶନାରୀ ଆମ୍ବୁଲାନ୍ସରେ ପିଲାଙ୍କୁ ଜିଲା ସଦର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ଚିକିତ୍ସା କରି ୫ ଜଣଙ୍କୁ ଛାଡି ଦେଇଥିଲେ। ୨ ଜଣ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର ହୋଇଛନ୍ତି। ସମ୍ବଲପୁର ସହରରେ ସ୍କୁଲ ପିଲାଙ୍କୁ ନେବା ଆଣିବା କରୁଥିବା ଗୋଟିଏ ପରେ ଗୋଟିଏ ଅଟୋ ଦୁର୍ଘଟଣାଗ୍ରସ୍ତ ହେଉଛି। ଯଦିଓ ସ୍କୁଲ ପିଲାଙ୍କୁ ନେବା ଆଣିବାକୁ ଅଟୋ ଉପରେ ରାଜ୍ୟ ସରକାର ରୋକ୍ ଲଗାଇଛନ୍ତି ଏହା କିନ୍ତୁ ପାଳନ କରାଯାଉନି। ଅଭିଭାବକମାନେ ସଚେତନ ହେଉ ନାହାନ୍ତି। ଅଟୋରେ ଅଳ୍ପ ଖର୍ଚ୍ଚରେ ପିଲାଙ୍କୁ ଛାଡି ଦେଉଛନ୍ତି। ସ୍କୁଲ କର୍ତ୍ତୃପକ୍ଷ ବି ଅଭିଭାବକମାନଙ୍କୁ ତାଗିଦ କରୁ ନାହାନ୍ତି। ସେହିଭଳି ପୋଲିସ ଓ ପରିବହନ ବିଭାଗ ବି ଚୁପ୍। ଏଣୁ ସମସ୍ତଙ୍କ ଜାଣତରେ ସ୍କୁଲ ପିଲାମାନେ ଅଟୋରେ ଯାଉଛନ୍ତି। ସରକାରୀ କଟକଣାକୁ ଖୋଲାଖୋଲି ଅବମାନନା କରାଯାଉଛି।

# ଗଣେଶଙ୍କ ଭସାଣି ଯାତ୍ରା

ବରଗଡ଼ ଅଫିସ୍,୧୮।୯

ବରଗଡ଼ ସହରର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ଆଡ଼ମ୍ବର ସହକାରେ ପାଳନ କରାଯାଇଥିଲା । ତେବେ ପୂଜା ପାଳନ ପରେ ଏବେ ଭସାଣୀରେ ସହର ଉତ୍ସବ ମୁଖର ହୋଇ ପଡ଼ିଛି। ସହର ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ଗଣେଶଙ୍କ ମୃଣ୍ମୟ ମୂର୍ତ୍ତିର ଭସାଣୀ ଚାଲିଛି। ଭସାଣିରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ରହୁଛନ୍ତି। ତେବେ ଭସାଣି ଶୋଭାଯାତ୍ରାକୁ ସୁରକ୍ଷିତ, ନିରାପଦ କରିବା ପାଇଁ ସହରରେ ୩ଟି ପର୍ଯ୍ୟାୟରେ ଅର୍ଥାତ୍ ତାରିଖରେ ଗଣେଶ ବିସର୍ଜନ ଶୋଭାଯାତ୍ରା କରିବା ପାଇଁ ପୂର୍ବରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି କ୍ରମରେ ସହର ସମସ୍ତ ପୂଜା କମିଟି ନିର୍ଦ୍ଧାରିତ ଦିବସରେ ଭସାଣୀ ଚଳିତ ମାସ ୧୮, ୧୯ ଓ ୨୩ ତାରିଖରେ ସମ୍ପନ୍ନ କରିବାକୁ ବରଗଡ଼ ଟାଉନ ଥାନା ଆଇଆଇସି ବିଭୁତି ଭୂଷଣ ଭୋଇ ଜଣାଇଛନ୍ତି।



ବରଗଡ଼ ଧର୍ମଶାଳା ଛକରୁ ବାହାରିଥିବା ଗଣେଶ ଭସାଣି ଶୋଭାଯାତ୍ରା।




ଚିପିଲିମା ଗୋବିନ୍ଦପାଲିସ୍ଥିତ ଚାରପାଲି ମାର୍କେଟ ୟାର୍ଡ ପ୍ରାଙ୍ଗଣରେ ଭାଜପାର ଏକ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ସହ ଭାଜପାର ଅନ୍ୟାନ୍ୟ ନେତୃବୃନ୍ଦ।

# ଭାଜପାରେ ମିଶିଲେ ୪୨୧ କର୍ମୀ

ବୁର୍ଲା,୧୮।୯ (ଡି.ଏନ.ଏ)

ଚିପିଲିମା ଗୋବିନ୍ଦପାଲିସ୍ଥିତ ଚାରପାଲି ମାର୍କେଟ ୟାର୍ଡ ପ୍ରାଙ୍ଗଣରେ ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ନାଉରୀ ନାଏକ ନେତୃତ୍ୱ ନେଇଥିଲେ। ଏହି ଅବସରରେ ଧନକଉଡା ବ୍ଲକ ଜୋନ-୧ ଓ ଜୋନ-୨ରୁ ୪୨୧ ଜଣ ସଦସ୍ୟ ଭାଜପାରେ ଯୋଗ ଦେଇଛନ୍ତି। କେନ୍ଦ୍ର ଆଦିବାସୀ କଲ୍ୟାଣ ଓ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଯୁଗଳ କିଶୋର ଅଗ୍ରୱାଲ, ଲଳିତ ମଗର, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ପ୍ରଭାତ ପଣ୍ଡା, ସଂଯୁକ୍ତା ପ୍ରଧାନ ଓ ସରସ୍ୱତ ମିର୍ଦ୍ଧା, ଧନକଉଡା ବ୍ଲକ ଅଧ୍ୟକ୍ଷା ସୀତା ଛୁରିଆ, ଉପାଧ୍ୟକ୍ଷା ସୁଷମା ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଧନକଉଡା ବ୍ଲକ ଜୋନ-୨ର ବରିଷ୍ଠ କଂଗ୍ରେସ ନେତା ତଥା ଚାଷୀନେତା ଘନଶ୍ୟାମ କରଙ୍କ ନେତୃତ୍ୱରେ ଦୁଃଖିଶ୍ୟାମ ତରିଆ, ରବି ଝାଙ୍କର, ଅଶୋକ ତନସନା, ନାରାୟଣ ବଡ଼ାଇ, ଅଞ୍ଜଳୀ ସାହୁ, ଅନୀଲ ସାହୁ, ବିମଳ ସାହୁ, କାହ୍ନୁ ଭୋଇ, ନକୁଳ ନାଏକ ପ୍ରମୁଖ ଭାଜପାରେ ଯୋଗ ଦେଇଛନ୍ତି। ତେବେ ଦେବେନ୍ଦ୍ର ନାୟକ ସଭା ପରିଚାଳନା କରିଥିବା ବେଳେ ଧୀରେନ୍ଦ୍ର ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ମନୋଜ ସାହୁ, କ୍ଷୀରଶ୍ୱର ପ୍ରଧାନ, ମୁରଲୀ ଛୁରିଆ, ସୁଧୀର ପୂଜାରୀ, ସଞ୍ଜୀବ ଠାକୁର, ମନଜିତ୍ କଅଁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



"ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

**ଖଡ଼ିଆଳ,୧୮।୯(ଡି.ଏନ.ଏ.)-** ନୂଆପଡା ଜିଲା ଖଡିଆଳ ଥାନା ପଦମପୁର ଗାଁରେ ସୋମବାର ବିଳମ୍ବିତ ରାତିରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତ ଯୁବକଙ୍କ ନାମ ସୀମାଞ୍ଚଳ ପଟେଲ (୧୮)। ଖଡିଆଳ ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ମୃତ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ମିଳିଥିବା ସୂଚନା ଅନୁସାରେ ସୀମାଞ୍ଚଳ ସୋମବାର ସନ୍ଧ୍ୟାରେ ଗାଁରେ ଅନୁଷ୍ଠିତ ଗଣେଶ ପୂଜା ବିସର୍ଜନ ସାରି ରାତିରେ ନିଜ ସାଥିମାନଙ୍କ ସହ ପୂଜା ପେଣ୍ଡାଲରେ ଶୋଇଥିବା ସମୟରେ ଏକ ବିଷାକ୍ତ ସାପ କାମୁଡିଥିଲା । ଫଳରେ ଅଚେତ ହୋଇ ଗୁରୁତର ହୋଇ ପଡିଥିଲେ । ପ୍ରାଥମିକ ଅବସ୍ଥାରେ ଝଡାଫୁଙ୍କା ସହ ପରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରିଥିଲେ ହେଁ କିଛି ସୁଫଳ ମିଳି ନ ଥିଲା । ଡାକ୍ତର ମୃତ ଘୋଷଣା କରିଥିଲେ ।

### ନିଆଁରେ ପୋଡ଼ି ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ସିମୁଳିଆ,୧୮।୯(ଡି.ଏନ.ଏ.):** ମଙ୍ଗଳବାର ମଧ୍ୟାହ୍ନରେ ସିମୁଳିଆ ଥାନା ମଇତାପୁର ପଞ୍ଚାୟତ ଅଧୀନ କମାରପାଟଣା ଅଞ୍ଚଳର ଊର୍ମିଳା ଶିଅଳ (୧୯) ନାମ୍ନୀ ମହିଳା ନିଆଁରେ ପୋଡ଼ି ହୋଇ ମୃତ୍ୟୁବରଣ କରିଛନ୍ତି। ଏହି ଘଟଣାରେ ସନ୍ଧ୍ୟାରେ ପୋଲିସ ଊର୍ମିଳାଙ୍କ ସ୍ୱାମୀଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖିଛି। ଊର୍ମିଳା ଚୁଲିରେ ରୋଷେଇ କରୁଥିବା ବେଳେ ତାଙ୍କ ପିନ୍ଧା ଶାଢୀରେ ନିଆଁ ଲାଗିଯାଇଥିବା ପରିବାର ଲୋକେ କହୁଛନ୍ତି। ପାରିବାରିକ କଳହକୁ ନେଇ ଊର୍ମିଳା ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିବା ଆଲୋଚନା ହେଉଛି। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଘଟଣାର ତଦନ୍ତ କରୁଛି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }





ସମ୍ବଲପୁର ଜିଲା ଧନକଉଡା ବ୍ଲକ ଅନ୍ତର୍ଗତ ନିର୍ଗୁଣପଡା ପକ୍କା ରାସ୍ତାକୁ ପାଣି ପାଇପ ବିଛାଇବା ପାଇଁ ଖୋଳି ଦିଆଯାଇଛି । ରାସ୍ତାର ଉଭୟ ପାର୍ଶ୍ୱରେ ସ୍ଥାନ ରହିଥିବା ସତ୍ତ୍ୱେ ପକ୍କା ରାସ୍ତାକୁ ଖୋଳିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି (ବାମ) । ମଙ୍ଗଳବାର ରାତିରେ ସମ୍ବଲପୁର କ୍ଷେତରାଜପୁର ପୋଦ୍ଦାର କଲୋନୀଠାରେ ଗଣେଶ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରାରେ ମହିଳା ଓ ଯୁବତୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ଆମ ଦାବି ପୂରଣ କର




ମଙ୍ଗଳବାର ସମ୍ବଲପୁର ଜିଲା କୁଚିଣ୍ଡା ଉପଜିଲାପାଳ ଅଫିସ ସମ୍ମୁଖରେ ଚାଷୀମାନେ ୩ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ସମ୍ବଲପୁର/କୁଚିଣ୍ଡା,୧୮।୯(ବ୍ୟୁରୋ/ଡି.ଏନ.ଏ)**

୩ ଦଫା ଦାବି ନେଇ ଚାଷୀ ସଂଗଠନ ମଙ୍ଗଳବାର କୁଚିଣ୍ଡା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି। ଗତ ବର୍ଷର ଇନ୍‌ପୁଟ ସବସିଡି ପ୍ରଦାନ, ରିହାତି ଦରରେ ଚାଷୀଙ୍କୁ ସାର ଓ କୀଟନାଶକ ଔଷଧ ଯୋଗାଇବା ଏବଂ ୟୁରିଆ ସାରା ଅଭାବି ଦୂର କରିବାକୁ ଦାବି କରିଛନ୍ତି। ନ ଚେତ ଆଗାମୀ ଦିନରେ ଆନ୍ଦୋଳନ ଦୁର୍ବାର ହେବ ବୋଲି କହିଛନ୍ତି । ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ପାରୁଆଭାଡି, ଖଣ୍ଡକଟା ଓ ବାଉରୀପଡା ଗ୍ରାମର ଚାଷୀ ସଂଗଠନ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାପରେ ଜିଲାପାଳ ସମର୍ଥ ବର୍ମାଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ବିଶ୍ୱରଞ୍ଜନ ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପାରୁଆଭାଡି କୃଷକ ସୁରକ୍ଷା ସଂଗଠନର କିଶୋରଚନ୍ଦ୍ର ନାୟକ, ବିରଞ୍ଚି ଦରକା, ଶିବନାରାୟଣ ନାୟକ, ରାଧେଶ୍ୟାମ ଧାନ, ଖଣ୍ଡକଟା ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ର ପଟେଲ, ମହେନ୍ଦ୍ର ନାଏକ, ରାଜେଶ ପଟେଲ ଏବଂ ବାଉରୀଗଡା ଗ୍ରାମର ଚାଷୀ ସଂଗଠନର ମନିଶ ତିୱାରୀ, ପୁରୁଷୋତ୍ତମ ପାଣ୍ଡେ, ପ୍ରଦୀପ ନାୟକ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

## ଗାଈ ମାରି ଖାଇଲା ସୁନ୍ଦରୀ ବନ ବିଭାଗ ଦେଲା କ୍ଷତିପୂରଣ

**ଆଠମଲ୍ଲିକ,୧୮।୯(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ନଅଗାଁ ପଞ୍ଚାୟତର ଲେହେଡି ଗ୍ରାମରେ ସୁନ୍ଦରୀ ଆତଙ୍କ। ମଙ୍ଗଳବାର ଗ୍ରାମ ନିକଟରେ ବାଘୁଣୀ ସୁନ୍ଦରୀ ଏକ ଗାଈ ମାରି ଖାଇଥିବା ଜଣାପଡ଼ିଛି। ମୃତ ଗାଈ ଲେହେଡି ଗ୍ରାମର ଅକ୍ଷୟ କୁମାର ପଣ୍ଡାଙ୍କର ବୋଲି ଜଣାପଡିବା ପରେ ତୁରନ୍ତ ବନ ବିଭାଗ ପକ୍ଷରୁ ତାଙ୍କୁ କ୍ଷତିପୂରଣ ସ୍ୱରୂପ ୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଘଟଣା ସମ୍ପର୍କରେ ଖବରପାଇ ଡେରାଡୁନ୍‌ରୁ ଆସିଥିବା ବିଶେଷଜ୍ଞ ଦଳ ଉକ୍ତ ଜଙ୍ଗଲରେ ପହଞ୍ଚି ବାଘୁଣୀର ଗତିବିଧି ଅନୁଧ୍ୟାନ କରୁଛନ୍ତି। ସକାଳେ ଅକ୍ଷୟଙ୍କ ଗାଈ ଗାଁ ନିକଟରେ ଚରୁଥିବା ବେଳେ ବାଘୁଣୀ ଆକ୍ରମଣ କରିଥିଲା। ଗାଈକୁ ମାରି ଘୋଷାରି ବୁଦା ଭିତରକୁ ନେଇ ଅଧା ଖାଇ ସେଠାରେ ଶୋଇ ରହିଥିଲା। ନିକଟସ୍ଥ ଜମିରୁ ପାଣି ପିଉଥିବା ମଧ୍ୟ ଦେଖାଯାଇଥିଲା। ଖବର ପାଇ ବନବିଭାଗ କର୍ମଚାରୀଙ୍କ ସମେତ, ବନ୍ୟଜନ୍ତୁ ସଂରକ୍ଷଣ ବିଭାଗ, ଟ୍ରାଙ୍କୁଲାଇଜ ଟିମ୍, ଡେରାଡୁନରୁ ଆସିଥିବା ବିଶେଷଜ୍ଞ ଦଳ ପହଞ୍ଚି ବାଘୁଣୀ ଥିବା ସ୍ଥାନକୁ କର୍ଡନ୍ କରି ରଖିଥିଲେ। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ସେଠାରେ ପୋଲିସ ମୁତୟନ କରାଯାଇଥିଲା। ଉକ୍ତ ଜଙ୍ଗଲ ମଧ୍ୟରୁ ସୁନ୍ଦରୀକୁ ଘଞ୍ଚ ଜଙ୍ଗଲ ମଧ୍ୟକୁ ନେବା ପାଇଁ ଚେଷ୍ଟା ଚାଲିଥିବା ବେଳେ ନିକଟବର୍ତ୍ତୀ ୪ଟି ପଞ୍ଚାୟତ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଡିଏଫଓ ସମ୍ୟକ ସାମନ୍ତରା କହିଛନ୍ତି, ବାଘୁଣୀ ହାତୀଧରା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଛି। ତା'ର ପ୍ରତ୍ୟେକ ଗତିବିଧି ଉପରେ ବିଭାଗ ନଜର ରଖାଯାଇଛି।

## ସମୂହ ଛୁଟିରେ ଯିବେ ଡିପ୍ଲୋମା ଇଞ୍ଜିନିୟର

**ସମ୍ବଲପୁର, ୧୮।୯ (ବ୍ୟୁରୋ)**

ସମ୍ବଲପୁର ଓଡିଶା ଡିପ୍ଲୋମା ସଂଘ ସମ୍ବଲପୁର ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ହେମନ୍ତ କୁମାର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ସେପ୍ଟେମ୍ବର ୧୮ରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ସମୂହ ଛୁଟିରେ ଯିବା ପାଇଁ ସ୍ଥିର କରାଯାଇଛି । ବାରମ୍ବାର ଦାବି କରିବା ସତ୍ତ୍ୱେ ମଧ୍ୟ ରାଜ୍ୟ ସରକାରଙ୍କ ପଞ୍ଚାୟତ ରାଜ୍ୟ ବିଭାଗ ବିପିଟିଏମାନଙ୍କୁ ନିୟମିତ କରୁନାହିଁ । ତେଣୁ ସେମାନେ ସମୂହ ଛୁଟି ପାଇଁ ସ୍ଥିର କରିଛନ୍ତି। ଏହି ସଭାରେ ଇନ୍ଦ୍ରମଣି ସାହୁ, ସୁଶାନ୍ତ ଶେଖର ନାଥ, କିଶୋର କୁମାର ପଣ୍ଡା, କୃଷ୍ଣ ତ୍ରିପାଠୀ, ଅଶୋକ ଦାଶଙ୍କ ସମେତ ଜିଲାର ସମସ୍ତ ବ୍ଲକର ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ।

# ଆଇନ ସଚେତନତା ଶିବିର



ଆଇନ ସଚେତନତା ଶିବିରରେ ଅତିଥିମାନେ।

**ଦେବଗଡ,୧୮।୯(ସ୍ୱ.ପ୍ର.)**

ସଡୋ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶ୍ରମିକମାନଙ୍କ ନିମନ୍ତେ ଏକ ଆଇନ୍ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ହେଉଥିବା ଶ୍ରମିକ ପଞ୍ଜୀକରଣ ଏବଂ ସରକାରୀ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରାଯାଇଥିଲା। ଜିଲା ଆଇନ୍ ସେବା ପ୍ରାଧିକରଣର ସମ୍ପାଦକ ପ୍ରିୟରଂଜନ ମିଶ୍ର ଶ୍ରମିକମାନଙ୍କ ନିମନ୍ତେ ଥିବା ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ। ଶ୍ରମିକମାନେ କିଭଳି ଭାବେ ସୁବିଧାରେ ଜିଲା ଶ୍ରମ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରିପାରିବେ, ସେମାନଙ୍କ ପାଇଁ ମିଳୁଥିବା ସରକାରୀ ସୁବିଧା ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସରପଞ୍ଚ ସୁଶୀଳ କୁମାର ପ୍ରଧାନ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ଦଳବେହେରା, ରାସେଶ୍ୱରୀ ପଟେଲ, ଉଗେର ଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ କୁଲଦୀପ୍ ସିଂ ଧନ୍ୟବାଦ ଦେଇଥିଲେ ।

## ରାସ୍ତାରୁ ତଳକୁ ଖସିଲା ସ୍କୁଲ ଭ୍ୟାନ, ବର୍ତ୍ତିଲେ ୧୦ ଛାତ୍ରୀଛାତ୍ର

**ଲୋଇସିଂହା,୧୮।୯(ଡି.ଏନ.ଏ.):** ପିଲାଙ୍କୁ ନେଇ ସ୍କୁଲ ଯାଉଥିବା ଏକ ଭ୍ୟାନ ମଙ୍ଗଳବାର ରାସ୍ତାରୁ ତଳକୁ ଖସିଯାଇଥିଲା । ହେଲେ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ ବଲାଙ୍ଗୀର ଜିଲା ଲୋଇସିଂହା ଆଦର୍ଶ ବିଦ୍ୟାଳୟର ୧୦ ଛାତ୍ରୀଛାତ୍ର । ଲୋଇସିଂହା ବ୍ଲକ ଝାରମୁଣ୍ଡାସ୍ଥିତ ଆଦର୍ଶ ବିଦ୍ୟାଳୟକୁ ତଲିଉଡାର ଅଞ୍ଚଳରୁ ଏହି ଛାତ୍ରୀଛାତ୍ର ଏକଭ୍ୟାନରେ ନିୟମିତ ପାଠପଢିବାକୁ ଆସିଥାନ୍ତି । ଉକ୍ତଭ୍ୟାନରେ ସ୍କୁଲ ଆସୁଥିବାବେଳେ ଝାରମୁଣ୍ଡା ଓ ଆଦର୍ଶ ବିଦ୍ୟାଳୟ ମଝିରେ ଭ୍ୟାନ ଡ୍ରାଇଭର ଭାରସାମ୍ୟ ହରାଇବାର ରାସ୍ତାରୁ ତଳକୁ ଗାଡି ଖସି ଯାଇଥିଲା । ସୌଭାଗ୍ୟକୁ ଭ୍ୟାନ ନ ଓଲଟିବାରୁ ସେଥିରେ ଥିବା ୧୦ଛାତ୍ରୀଛାତ୍ର ସୁରକ୍ଷିତ ରହିଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସ୍କୁଲରେ ଛାଡିଥିଲେ ।

# ସଫେଇରେ ସାମିଲ ହେଲେ ଆର୍‌ପିଏଫ୍ ଯବାନ




ବାରକୋଟସ୍ଥିତ ୧୨-ବାଟାଲିୟନ ସିଆରପିଏଫ୍ ଯବାନମାନେ ସଫେଇରେ ସାମିଲ ହୋଇଛନ୍ତି।

**ଦେବଗଡ,୧୮।୯(ସ୍ୱ.ପ୍ର.)**

ବାରକୋଟସ୍ଥିତ ୧୨-ବାଟାଲିୟନ ସିଆରପିଏଫ୍ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଇନ୍ସପେକ୍ଟର ବାଲ୍ୟ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅଞ୍ଚଳର ଲୋକଙ୍କୁ ପରିବେଶ ସ୍ୱଚ୍ଛ ରଖିବା ପାଇଁ ଆହ୍ୱାନ ଦିଆଯାଇଛି। ଏହି ଅବସରରେ ଯବାନମାନେ ସ୍ଥାନୀୟ କାଳୀପୂଜା ପଡିଆ ଓ ଏସ୍‌ବିଆଇ ଛକ ନିକଟରେ ସଫେଇ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଏସ୍‌ଆଇ ଗଙ୍ଗାଧର ମାଣ୍ଡି, ରାକେଶ ଶର୍ମା, ଏଏସ୍‌ଆଇ ବିପିନ ଦାଶ, ବିଜୟ ମୁଣ୍ଡା, ରମାକାନ୍ତ ଦୁର୍କା, ଜଳନ୍ଧର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଦେବଗଡ଼ ଗଣେଶ ମେଳାରେ ପଦ୍ମଶ୍ରୀ ହଳଧର ନାଗ




ଦେବଗଡ଼ ଗଣେଶ ପୂଜାରେ ପଦ୍ମଶ୍ରୀ ହଳଧର ନାଗ ବକ୍ତବ୍ର ଦେଉଛନ୍ତି।

**ଦେବଗଡ଼,୧୮।୯(ସ୍ୱ.ପ୍ର.)**

ଦେବଗଡ ଗଣେଶ ମେଳାର ମଙ୍ଗଳବାର ଥିଲା ୬ଷ୍ଠ ସନ୍ଧ୍ୟା। ଏହି ଅବସରରେ ବିଶିଷ୍ଟ କବି ତଥା ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗଣେଶଙ୍କୁ ସନ୍ଧ୍ୟା ଆଳତି କରିଥିଲେ । ପୂଜକ ମନୋରଞ୍ଜନ ଶତପଥୀ ଓ ଫକୀର ଆଚାର୍ଯ୍ୟ ମନ୍ତ୍ର ଉଚାରଣ କରିଥିଲେ। ଏହି ଅବସରରେ ଶ୍ରଦ୍ଧାଳୁଙ୍କୁ ଅନ୍ନ ଭୋଗ ପ୍ରଦାନ ପାଇଁ ଖୋଲିଥିବା ଆନନ୍ଦ ବଜାର ଓ ସାଂସ୍କୃତିକ ମଣ୍ଡପ ଉଦ୍‌ଘାଟନ କରି ହଳଧର ବକ୍ତବ୍ୟ ରଖିଥିଲେ। ତେବେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ସ୍ଥାନୀୟ ଗୋପବନ୍ଧୁ ଛକ ଅସ୍ଥାୟୀ ମଣ୍ଡପରେ ଅର୍କେଷ୍ଟ୍ରା ଦେଖିବାକୁ ଲୋକଙ୍କ ଭିଡ ହୋଇଥିଲା। ପୂଜା ମଣ୍ଡପ ପାଖ ପେଣ୍ଡାଲରେ ପାଲା ପରିବେଷିତ ହୋଇଛି। ଗୋପାଳଜୀଉ ମନ୍ଦିର ପରିସର, ପ୍ରଧାନପାଟ ବଡ ବଗିଚା ପଡିଆ ପରିସରରେ ପଡିଥିବା ଅପେରାରେ ଲୋକେ ଭିଡ ଜମାଇଥିଲେ। ସ୍ଥାନୀୟ ସଭାଗୋଲି ଠାରେ ପଡିଥିବା ମୀନାବଜାର, କିଡ୍‌ସ ୱାଟର ବୋଟିଂ ସମେତ ପରିବା ବଜାର ଓ ଗୋହିରୀ ବନ୍ଧ ନିକଟରେ ଖୋଲା ଯାଇଥିବା ଶତାଧିକ ମୀନାବଜାର ଷ୍ଟଲ୍ ଓ ଚାଟ୍, ଗୁପଚୁପ୍, ଫାଷ୍ଟଫୁଡ୍, ଟାଉନହଲ ପରିସରରେ ବାଣିଜ୍ୟ ମେଳା ଷ୍ଟଲ୍‌ରେ ଲୋକେ ଗହଳି ଜମାଇଥିଲେ। ମୋତିଲାଲ ଶର୍ମା, ସୁଶାନ୍ତ ନନ୍ଦ, ପିଣ୍ଟୁ ଦ୍ୱିବେଦୀ, ପିଲୁ ରାଜେଶ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଏମ୍‌କେସିଜି ମେଡିକାଲ୍ କଲେଜରେ ଏମ୍‌ସିଆଇ ଟିମ୍

**ବ୍ରହ୍ମପୁର ଅଫିସ୍,୧୮।୯**

ମେଡିକାଲ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ଏମ୍‌ସିଆଇ)ର ଏକ ଟିମ୍ ମଙ୍ଗଳବାର ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ୍ କଲେଜକୁ ପରିଦର୍ଶନରେ ଆସିଥିବା ଜଣାପଡିଛି । ଏହି ଟିମ୍ ଦୁଇ ଦିନ ଧରି ଏମ୍‌କେସିଜି ମେଡିକାଲ୍ କଲେଜର ସମସ୍ତ ବିଭାଗ ଏବଂ ୱାର୍ଡ ପରିଦର୍ଶନ କରିବେ ବୋଲି ସୂଚନା ମିଳିଛି।

ପ୍ରକାଶଯେ, ଆଜକୁ ତିନିବର୍ଷ ହେଲା ଏମ୍‌କେସିଜି ମେଡିକାଲ୍ କଲେଜରେ ସିଟ୍ ସଂଖ୍ୟା ୧୫୦ରୁ ୨୫୦କୁ ବୃଦ୍ଧି ପାଇଥିବା ବେଳେ ଚଳିତବର୍ଷ ଚତୁର୍ଥ ଫେଜ୍‌ର ଛାତ୍ରୀଛାତ୍ର ଆଡ୍‌ମିଶନ୍ ହୋଇଛନ୍ତି । ଏମ୍‌ସିଆଇ ଟିମ୍ ପ୍ରତି ବର୍ଷ ଆସି ସମସ୍ତ ବିଭାଗ ପରିଦର୍ଶନ କରି ଭିତ୍ତିଭୂମି ପରଖି ଅନୁମତି ପ୍ରଦାନ କଲେ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଶିକ୍ଷାଗ୍ରହଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥାଏ । ମଙ୍ଗଳବାର ଏହି ଟିମ୍ ମେଡିକାଲ୍ କଲେଜ୍ ଏବଂ ବଡମେଡିକାଲର କେତେକ ବିଭାଗ ବୁଲି ପରିଦର୍ଶନ କରିଥିବା ବେଳେ ବୁଧବାର ପରିଦର୍ଶନ ଏବଂ ଯାଞ୍ଚ କାର୍ଯ୍ୟକ୍ରମ ଶେଷ ହେବ ବୋଲି ସୂଚନା ମିଳିଛି। ବନାରସ ଆଇଏମ୍‌ଏସ୍(ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ)ଶିଶୁ ରୋଗ ବିଶେଷଜ୍ଞ ତଥା ଏମ୍‌ସିଆଇର ସଂଯୋଜକ ପ୍ରଫେସର୍ ଡାକ୍ତର ବି.କେ.ଦାସ, ଉତ୍ତରାଖଣ୍ଡ ରାଜ୍ୟର ହାଲଦୱାନୀ ସରକାରୀ ମେଡିକାଲ୍ କଲେଜର ମାଇକ୍ରୋବାୟୋଲୋଜି ବିଭାଗ ପ୍ରଫେସର ଡାକ୍ତର ଉମେଶ, ସୁରଟ ସରକାରୀ ମେଡିକାଲ୍ କଲେଜର ଟ୍ୟୁବରକିଲୋସିସ୍ ବିଭାଗ ପ୍ରଫେସର ଡାକ୍ତର ଏମ.ଜେଡ୍. ପଟେଲ୍ ଏବଂ ଇମ୍ଫାଲ୍ ଜବାହରଲାଲ ନେହରୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ ଫିଜିଓଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ଦେବାନ୍ ଲାଇଶ୍ରାମ୍ ପ୍ରମୁଖ ଟିମ୍‌ର ସଦସ୍ୟ ଭାବେ ପରିଦର୍ଶନରେ ଆସି ସମସ୍ତ ବିଭାଗ ବୁଲି ଭିତ୍ତିଭୂମି ପରୀକ୍ଷା କରୁଥିବା ସୂଚନା ମିଳିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏମ୍‌କେସିଜି ମେଡିକାଲ୍ କଲେଜର ସିଟ୍ ସଂଖ୍ୟା ବୃଦ୍ଧି ହୋଇଥିବା ବେଳେ ଚତୁର୍ଥ ସେସନ୍ ଶିକ୍ଷାଦାନ ପାଇଁ ଭିତ୍ତିଭୂମି ନିରୀକ୍ଷଣ କରି ଅନୁମତି ପ୍ରଦାନ ଲାଗି ଏହି ଟିମ ଏମ୍‌କେସିଜିକୁ ଆସିଥିବା ଜଣାପଡିଛି। ଏମ୍‌ସିଆଇ ଟିମ୍ ପରିଦର୍ଶନ କାର୍ଯ୍ୟକ୍ରମ ଶେଷ ହେବା ପରେ ସବିଶେଷ ତଥ୍ୟ ଗଣମାଧ୍ୟମକୁ ପ୍ରଦାନ କରାଯିବ ବୋଲି ମେଡିକାଲ୍ କଲେଜ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ରାଧାମାଧବ ତ୍ରିପାଠୀ ସୂଚନା ଦେଇଛନ୍ତି।



ବିପଦରେ ପଡ଼ି ଘାଣ୍ଟି ହେଲେ ଓ କ୍ଷତି ସହିଲେ ହିଁ ଲୋକ ବିଜ୍ଞ ଓ ନମ୍ର ହୋଇଯାଏ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଚଣ୍ଡିଭଟାରେ କୋଶଳୀ କବି ସମ୍ମିଳନୀ

ଝାରବନ୍ଧ,୧୮।୯(ଡି.ଏନ୍.ଏ.)- ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅଧୀନ ଚଣ୍ଡିଭଟାଠାରେ ଗଣେଷ ପୂଜା ଉପଲକ୍ଷେ କୋଶଳୀ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସାମନ୍ତ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅରୁଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମନୋଜ ନାୟକ, ଶ୍ୟାମ ସୁନ୍ଦର ସେଠ, ଉମାକାନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କବି କିଶୋର କୁମାର ସାହୁ, ରଞ୍ଜୀତ ପ୍ରଧାନ, ଦେବେନ୍ଦ୍ର ସାହୁ, ନକୁଳ ମେହେର, ସୁନିରାମ କୁମ୍ଭାର ପ୍ରମୁଖ ଯୋଗଦେଇ ସ୍ୱରଚିତ କୋଶଳୀ କବିତା ଆବୃତ କରିଥିଲେ। ସମ୍ମିଳନୀକୁ ଦୟାସାଗର ନାୟକ ସଂଯୋଜନା କରିଥିଲେ। ଭାସ୍କର ବୁଡେକ ଧନ୍ୟବାଦ ଅର୍ପଣ କରିଥିଲେ।

# ସମୂହ ଛୁଟିରେ ଗଲେ ଡିପ୍ଲୋମା ଇଞ୍ଜିନିୟର

ବରଗଡ଼ ଅଫିସ୍,୧୮।୯

- ପଞ୍ଚାୟତିରାଜ, ପାନୀୟଜଳ ଯୋଗାଣ ବିଭାଗରେ କାର୍ଯ୍ୟ ବାଧାପ୍ରାପ୍ତ
- ଡିପ୍ଲୋମା ଇଞ୍ଜିନିୟରଙ୍କୁ ଅଣଦେଖା ସଂଘର ଅଭିଯୋଗ

ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଚାଲିଥିବା ଆନ୍ଦୋଳନ ବ୍ୟାପକ ରୂପ ନେଇଛି। ଆନ୍ଦୋଳନରେ ସଂଘର ବରଗଡ଼ ଜିଲା ଶାଖା ମଧ୍ୟ ସାମିଲ ହୋଇଛି। ମଙ୍ଗଳବାଠାରୁ ସଂଘର ସମସ୍ତ ଡିପ୍ଲୋମା ଇଞ୍ଜିନିୟର ଆସନ୍ତା ଅକ୍ଟୋବର ୧୦ତାରିଖ ପର୍ଯ୍ୟନ୍ତ ସମୂହ ଛୁଟି ନେଇଛନ୍ତି। ଫଳରେ ପଞ୍ଚାୟତିରାଜ, ପାନୀୟଜଳ ଯୋଗାଣ ଆଦି ବିଭାଗରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ରାଜ୍ୟ ସରକାର ଡିପ୍ଲୋମା ଇଞ୍ଜିନିୟରଙ୍କୁ ବାରମ୍ବାର ଅଣଦେଖା କରି ଚାଲିଥିବା ଯୋଗୁ ସଂଘ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସୂଚନା ଦିଆଯାଇଛି। ବରଗଡ଼ରେ ଜିଲା ସଭାପତି ସରୋଜ କୁମାର ମହାପାତ୍ର, ସମ୍ପାଦକ ସୁନୀଲ କୁମାର ମହାପାତ୍ର, ଆହ୍ବାନ କମିଟି ଚେୟାରମ୍ୟାନ ପୃଥ୍ୱୀରାଜ ଭୋଇ, ଉପଦେଷ୍ଟା ରେବତୀ ରଞ୍ଜନ ମହାନ୍ତି, ସତ୍ୟଜିତ ଦାଶ, ଅତିରିକ୍ତ ଜୋନାଲ ସମ୍ପାଦକ ଟେକଚାନ୍ଦ କାଲୋ, ମନବୋଧ ଶତପଥୀ ପ୍ରମୁଖ ନେତୃତ୍ୱ ନେଉଛନ୍ତି।

ପ୍ରକାଶଥାଉକି, ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ କ୍ୟାଡ଼ର ପୁନର୍ଗଠନରେ ଡିପ୍ଲୋମା ଇଞ୍ଜିନିୟରମାନଙ୍କୁ ସମାନ ନ୍ୟାୟ ମିଳୁ ନ ଥିବା ଅଭିଯୋଗ ହୋଇଛି। ପଦୋନ୍ନତି କ୍ଷେତ୍ରରେ ମଧ୍ୟ ଅବହେଳା କରାଯାଉଛି। ଗତ ମାର୍ଚ୍ଚ ମାସରୁ କ୍ୟାବିନେଟ ନିଷ୍ପତ୍ତି ହୋଇ ସାରିଥିବା ସତ୍ତ୍ୱେ ପଞ୍ଚାୟତିରାଜ ବିଭାଗରେ ପଞ୍ଚାୟତ ଟେକ୍ନିକାଲ ଆସିଷ୍ଟାଣ୍ଟମାନଙ୍କୁ କନିଷ୍ଠ ଯନ୍ତ୍ରୀ ପଦବୀରେ ନିୟମିତ କରିବା, ଗ୍ରାମାଞ୍ଚଳ ପାନୀୟଜଳ ଯୋଗାଣରେ ସେବାରତ କନିଷ୍ଠ ଯନ୍ତ୍ରୀ-୨ଙ୍କୁ ନିୟମିତ ପଦବୀରେ ଅବସ୍ଥାପିତ କରିବା ଓ ନିୟମ ଥିବା ସତ୍ତ୍ୱେ ଉକ୍ତ ବିଭାଗର କନିଷ୍ଠ ଯନ୍ତ୍ରୀମାନଙ୍କୁ ସହକାରୀ ଯନ୍ତ୍ରୀ ପଦବୀରେ ଉନ୍ନୀତ କରିବାରେ ଅହେତୁକ ବିଳମ୍ବ କରାଯାଉଥିବା ସଂଘ ଅଭିଯୋଗ କରିଛି। ସେହିପରି ଆର୍‌ଏସିପି ନ ପାଇବା, ଡିପ୍ଲୋମା ଇଞ୍ଜିନିୟରଙ୍କ କ୍ୟାଡର ପୁନର୍ଗଠନ ନ ହେବା, କୃଷିବିଭାଗରେ ଅବସ୍ଥାପିତ ଡିପ୍ଲୋମା ଇଞ୍ଜିନିୟରମାନଙ୍କୁ ଉପଯୁକ୍ତ ନିୟମ ନ ମିଳିବା, ମେକାନିକାଲ ବିଭାଗରେ ପଦବୀ ପୂରଣ କରା ନ ଯିବା ଯୋଗୁ ସାମଗ୍ରିକ ଭାବେ ଡିପ୍ଲୋମା ଇଞ୍ଜିନିୟରଙ୍କ ଆର୍ଥିକ, ସାମାଜିକ ଅବହେଳିତ ଓ କ୍ଷତିଗ୍ରସ୍ତ ହୋଇ ପଡୁଥିବା ସଂଘ ଅଭିଯୋଗ କରିଛି। ଏଭଳି ଅଭିଯୋଗ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ୪୪ଦିନର ସମୂହ ଛୁଟିରେ ଯିବାକୁ ସେମାନେ ବାଧ ହୋଇଛନ୍ତି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ବ୍ଲକସ୍ତରୀୟ ଦକ୍ଷତା ପରାମର୍ଶ ଶିବିର

ପଦ୍ମପୁର, ୧୮।୯ (ଡି.ଏନ.ଏ)

ପଦ୍ମପୁର ଟାଉନହଲଠାରେ ମଙ୍ଗଳବାର ଏକ ଦକ୍ଷତା ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଓରମାସ୍ ଏବଂ ଓଡ଼ିଶା ଜୀବିକା ମିଶନ ବରଗଡ଼ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ ରାଜବୋଡାସମ୍ବର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏଲିଜା ମିଶ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଏବିଡିଓ ସୋନୁ ବାଗ, ଏସ୍‌ଡିଆଇପିଆର୍‌ଓ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ବିଏସ୍ଏସ୍ଏ ରଜନୀକାନ୍ତ ବହିଦାର, ଜିଲା ସଂଯୋଜକ ମନୋଜ ବେହେରା, ଦୀପାରାଣୀ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଜୀବିକା ସଂଯୋଜକ ନିତ୍ୟାନନ୍ଦ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ବିଡିଓ ମିଶ୍ର ସରକାରଙ୍କ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ନାମ ପଞ୍ଜୀକରଣ କରି ମାଗଣାରେ ତାଲିମ ପାଇବା ସହ ଚାକିରୀ କରିବାକୁ ଯୁବତୀ ଯୁବକମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ବ୍ଲକ ପ୍ରକଳ୍ପ ପରିଚାଳକ ସତ୍ୟ କୁମ୍ଭାର ପଦ୍ମପୁର ପଞ୍ଚାୟତ ସମିତିର ପ୍ରତ୍ୟେକ ବେରୋଜଗାରୀ ଶିକ୍ଷିତ ଯୁବତୀଯୁବକଙ୍କୁ ଏହି ଯୋଜନାରେ ସାମିଲ ହୋଇ ଚାକିରୀ କରିବାକୁ ଆହ୍ୱାନ ଦେଇଥିଲେ। ଶିବିରରେ ୧୩ଟି ବିଭିନ୍ନ ତାଲିମ ପ୍ରଦାନକାରୀ ଅନୁଷ୍ଠାନ ଯୋଗ ଦେଇଥିଲେ। ବ୍ଲକର ୨୨ଟି ପଞ୍ଚାୟତରୁ ୨୪୦ ଯୁବତୀଯୁବକ କାର୍ଯ୍ୟକ୍ରମରେ ଯୋଗଦେଇ ନାମ ପଞ୍ଜୀକରଣ କରିଥିଲେ । ପିଏ ଝସକେତନ ବାରିକ, ବିଏଲ୍‌ସି ଯୋଗେଶ୍ୱରୀ ଧରୁଆ, ଦେବ ମହାନନ୍ଦ, ନିରଞ୍ଜନ ଲୁହାଙ୍କ ସହ ସମସ୍ତ ଏମ୍‌ବିକେ ଓ ସିଆର୍‌ପି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିସର୍ଜନରେ ହାତାହାତି, ପିସିଆର ଭ୍ୟାନ ଭାଙ୍ଗିଲା

ବରଗଡ଼ ଅଫିସ୍,୧୮।୯



ଢ଼େଲା ମାଡ଼ରେ କ୍ଷତିଗ୍ରସ୍ତ ପିସିଆର ଭ୍ୟାନ।

ବରଗଡ଼ ସହର ଉପକଣ୍ଠ ତୋରା ଗ୍ରାମର ଆଦର୍ଶପଡ଼ାରେ ଗଣେଶ ବିସର୍ଜନକୁ କେନ୍ଦ୍ର କରି ସୋମବାର ରାତ୍ରିରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିସର୍ଜନ ବେଳେ ଗ୍ରାମର ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ସହିତ ହାତାହାତି ହୋଇଥିଲେ। ଏଥିରେ ଉଭୟ ଗୋଷ୍ଠୀର ୬ଜଣ ଆହତ ହୋଇଥିଲେ। ଅନ୍ୟପକ୍ଷେ ପରିସ୍ଥିତି ନିୟନ୍ତ୍ରଣ ପାଇଁ ସେଠାରେ ପହଞ୍ଚି ଥିବା ପିସିଆର ଭ୍ୟାନ୍(ଓଡି୦୪ପି-୨୭୫୬) ମଧ୍ୟ ବର୍ତ୍ତି ନ ଥିଲା । ଢ଼େଲା, ପଥର ମାଡ଼ରେ ପିସିଆର ଭ୍ୟାନର ପଛପଟ କାଚ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା । ଏନେଇ ବରଗଡ଼ ଟାଉନ ଥାନା ପୋଲିସ ପୃଥକ ଭାବେ ୨ଟି ମାମଲା(ନଂ.୩୬୮/୧୮, ୩୬୯/୧୮) ରୁଜୁ କରିଛି। ଶିବାଜିତଙ୍କ ଏତଲା କ୍ରମେ ମାମଲା(ନଂ.୩୬୮/୧୮)ରେ ରାଜୁ ଭୋଇ, ବକ ସୁନା, ବିଟୁ ପଟ୍ଟନାୟକ, ପରେଶ କୁମ୍ଭାର, ମୁନା ନେପାଳୀ ପ୍ରମୁଖ ନାମରେ ପୋଲିସ ମାମଲା ରୁଜୁ କରିଛି। ସେହିପରି ମୁନାଙ୍କ ଏତଲା କ୍ରମେ ଅନ୍ୟ ଏକ ମାମଲା(ନଂ.୩୬୯/୧୮)ରେ ପ୍ରଶାନ୍ତ, ନରେନ, ରଚେ, ଟିଁହିଲୁ, ସୋନୁ, ଶିବାଜିତ ନାମରେ ପୋଲିସ ମାମଲା ରୁଜୁ କରିଛି। ଉଭୟ ପକ୍ଷରୁ ୮ଜଣଙ୍କୁ ପୋଲିସ ରାତାରାତି ଥାନାକୁ ଆଣିଥିଲା। ପରେ ସେମାନଙ୍କ ମଧ୍ୟରେ ଆପୋସ ବୁଝାମଣା ହେବାରୁ ସେମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ି ଦିଆଯାଇଛି ବୋଲି ଟାଉନ ଥାନା ଆଇଆଇସି ବିଭୂତି ଭୂଷଣ ଭୋଇ କହିଛନ୍ତି।

ପ୍ରକାଶ ଯେ, ସୋମବାର ରାତ୍ରିରେ ତୋରା ଆଦର୍ଶପଡ଼ାର ମୁନା ନେପାଳୀ ଓରଫ ପ୍ରଧାନ ଓ ଅନ୍ୟ କେତେକ ଯୁବକ ଗଣେଶ ଭସାଣି ଶୋଭାଯାତ୍ରାରେ ଯାଉଥିଲେ । ତେବେ ଭସାଣୀ ଯିବା ବାଟରେ ଶିବାଜିତ କର ଓ ଅନ୍ୟ କେତେକ ଯୁବକଙ୍କ ସହିତ ସେମାନେ ମୁହାଁମୁହିଁ ହୋଇଥିଲେ । ସେଠାରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହେବା ସହିତ ମାରପିଟ ଓ ଢ଼େଲାପଥର ମାଡ଼ ହୋଇଥିଲା । ଏଥିରେ ଉଭୟ ଗୋଷ୍ଠୀର ଲୋକେ ଆହତ ହୋଇଥିଲେ । ଖବର ପାଇ ପିସିଆର ଭ୍ୟାନ ସହିତ ପୋଲିସ ପହଞ୍ଚି ଥିଲା । ତେବେ ପୋଲିସ ପରିସ୍ଥିତି ଆୟତ୍ତ କରିବାକୁ ଯାଉଥିବାବେଳେ ଢ଼େଲା, ପଥର ମାଡ଼ରେ ପିସିଆର ଭ୍ୟାନର ପଛପଟ କାଚ ଭାଙ୍ଗି ଚୂରମାର ହୋଇ ଯାଇଥିଲା। ପରେ ଟାଉନ ଥାନାରୁ ବ୍ୟାପକ ପୋଲିସ ଫୋର୍ସ ପଠାଯାଇଥିଲା। ପୋଲିସ କର୍ମଚାରୀ ଉଭୟ ଗୋଷ୍ଠୀର ଯୁବକଙ୍କୁ କାବୁ କରି ଥାନାକୁ ଆଣିଥିଲେ। ଆହତ ଯୁବକଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା ଏବଂ ଥାନାରେ ଅଟକ ରଖି ପୋଲିସ ସେମାନଙ୍କୁ ପଚରାଉଚୁରା କରିଥିଲା । ଏହି ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ଭୋଇ କହିଛନ୍ତି।

# ନୂଆଁଖାଇ ଭେଟ୍‌ଘାଟ୍, ସାଂସ୍କୃତିକ କାର୍ଯ୍ୟକ୍ରମ

ପଦ୍ମପୁର,୧୮।୯ (ଡି.ଏନ୍.ଏ.)

ପଦ୍ମପୁର ବ୍ଲକ ଅଧୀନ ଦହିଗାଁରେ ମା’ ବିନ୍ଧ୍ୟବାସିନୀ କ୍ଲବ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବିଜୟ ରଞ୍ଜନ ସିଂ ବରିହା ଯୋଗଦେଇ ନୂଆଁଖାଇର ମହତ୍ତ୍ୱ ସହ ଏହା ଭାବ ଆଦାନପ୍ରଦାନର ଏକ ସ୍ୱତନ୍ତ୍ର ପର୍ବ ବୋଲି ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ବିଜେଡ଼ି ସଭାପତି ପରମାନନ୍ଦ ସାହା, ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ସାହୁ, ହାଡୁ ବରିହା, ସୁଦାମ ବିଶି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବାଳିକା, ବାଳକମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏପରି କି କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ପିଙ୍କୁ ବରିହା, ରାଧାକାନ୍ତ ପଟେଲ ମଞ୍ଚ ପରିଚାଳନା କରିଥିବା ବେଳେ ଯୁବନେତା ଜୟକୃଷ୍ଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ନୂଆଁଖାଇ ଭେଟଘାଟ୍‌ରେ ସମ୍ବର୍ଦ୍ଧିତ କୁଳିତା ସମାଜର ପ୍ରତିଭାମାନେ।

# କୁଳିତା ସମାଜର ନୂଆଁଖାଇ ଭେଟ୍‌ଘାଟ୍

ବରଗଡ଼ ଅଫିସ୍,୧୮।୯

ବରଗଡ଼ ଜିଲା କୁଳିତା ସମାଜ ପକ୍ଷରୁ ରଣେଶ୍ୱର ରାମଚଣ୍ଡୀ ପୀଠ କମଗାଁରେ ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କମଗାଁ କୁଳିତା ସମାଜ ଏବଂ ଜିଲା କୁଳିତା ସମାଜର ମିଳିତ ଆନୁକୂଲ୍ୟରେ ଏହା ଅଧକ୍ଷତା କରିଥିଲେ। ରୀତି, ପରମ୍ପରା ଅନୁଯାୟୀ ଧୂପଦୀପ ନୈବେଦ୍ୟରେ ରଣେଶ୍ୱର ବାବା ଓ ମା’ ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପାରମ୍ପରିକ ଜାଉ, କାକରା ପିଠାରେ ମା’ଙ୍କ ଷୋଡ଼ଶଉପଚାର ପୂଜା କରାଯାଇଥିଲା। ପରେ ମା’ ରାମଚଣ୍ଡୀ ଓ ବାବା ରଣେଶ୍ୱରଙ୍କ କୀର୍ତ୍ତିରାଜିର ବହୁଳ ପ୍ରସାର ଏବଂ ବହୁ ପୁରାତନ କମଗାଁ ପୀଠର ବିକାଶକୁ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଗ୍ରାମର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କୁଳିତା ସମାଜର ସମ୍ପାଦକ ଡ. ପର୍ଶୁରାମ ବାରିକ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ମହୁଲ ଗୋଟାଇବା ଯନ୍ତ୍ର ତିଆରି କରିଥିବା ଲିପ୍‌ସା ପ୍ରଧାନ, ବିଶିଷ୍ଟ ଚାଷୀ ସୁଦାମ ସାହୁ, କମଗାଁ କଲେଜର ଛାତ୍ରୀ ପ୍ରତୀକ୍ଷା ଭୋଇ, ପ୍ରଶାନ୍ତ ଭୋଇ ଏବଂ ସ୍ୱାଗତ ଭୋଇଙ୍କୁ କୃତିତ୍ୱ ପାଇଁ ସମ୍ବର୍ଦ୍ଧନା ଦିଆଯାଇଥିଲା। କୁଳିତା ଜାତିର ଅଭିବୃଦ୍ଧି ପାଇଁ ସଭାପତି ପ୍ରଧାନ, ସମ୍ପାଦକ ବାରିକ, ଗୁପ୍ତେଶ୍ୱର ପ୍ରଧାନ, ସତ୍ୟାନନ୍ଦ ପ୍ରଧାନ, ଆନନ୍ଦ ଖମାରୀ, ସମାରୁ ପ୍ରଧାନ, ରାମେଶ୍ୱର ସାହୁ, ସୌରିଚରଣ ବାରିକ, ହରିହର ପ୍ରଧାନ, ଯୁବ ସଂଗଠନର ସମ୍ପାଦକ ଲଲାଟେନ୍ଦୁ ବେହେରା, ସୁବାସ ଭୋଇ, ଅଭିମନ୍ୟୁ ପ୍ରଧାନ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସରପଞ୍ଚ ଆନନ୍ଦ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସର ବ୍ଲକ ଘେରାଉ, ଦାବିପତ୍ର ପ୍ରଦାନ

କଲମପୁର,୧୮।୯(ଡି.ଏନ.ଏ.)




କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ବ୍ଲକକୁ ଯାଉଛନ୍ତି ।

କଳାହାଣ୍ଡି ଜିଲା କଲମପୁର ବ୍ଲକର ବିଭିନ୍ନ ସମସ୍ୟା ସମାଧାନ ଦାବିରେ ମଙ୍ଗଳବାର କଂଗ୍ରେସ ପକ୍ଷରୁ ବ୍ଲକ ଘେରାଉ ଏବଂ ଦାବିପତ୍ର ପ୍ରଦାନ କରାଯାଇଛି। କଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ ଆସି ଦୁର୍ଗା ମଣ୍ଡପ ସମ୍ମୁଖରେ ଏକ ପ୍ରତିବାଦ ସଭା କରିଥିଲେ। ପରେ ଦଳୀୟ ଶତାଧିକ କର୍ମୀ ଏବଂ କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ବ୍ଲକକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ୯ ଦଫା ସମ୍ବଳିତ ଦାବିପତ୍ର ବିଡିଓ ହେମ ସାଗର ଭୋଇଙ୍କୁ ପ୍ରଦାନ କରିଥିଲେ ।

ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ଏଥିରେ ଯୋଗଦେଇ ଗତ ରବି ଚାଷ ସମୟରେ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲ ମରାମତି କରାଯିବା ଆଳରେ ଜଳ ଯୋଗାଣ କରାଯାଇ ନ ଥିବାରୁ କଲମପୁର, ଜୟପାଟଣା ଏବଂ ଜୁନାଗଡ ବ୍ଲକର ହଜାର ହଜାର ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। ସେମାନଙ୍କୁ ଜଳ ସେଚନ ବିଭାଗ କ୍ଷତି ପୂରଣ ପ୍ରଦାନ କରୁ ନ ଚେତ ମୁଖ୍ୟମନ୍ତ୍ରୀଙ୍କୁ କଳାହାଣ୍ଡିରେ ପାଦ ପକାଇବାକୁ ଦେବୁ ନାହିଁ ବୋଲି ଚେତାବନୀ ଦେଇଥିଲେ । ବିଳମ୍ବ ହେଲେ ମୁଖିଗୁଡା ଇନ୍ଦ୍ରବତୀ କେନାଲ ଡିଭିଜନ କାର୍ଯ୍ୟାଳୟରେ ତାଲା ପକାଇବା ପାଇଁ ବାଧ୍ୟ ହେବୁ ବୋଲି କହିଥିଲେ । ଆସନ୍ତା ୨୨ ତାରିଖରେ କଳାହାଣ୍ଡି ଜିଲାର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜିଲାପାଳ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସୂଚନା ଦେଇଥିଲେ। ପୂର୍ବତନ ଜୁନାଗଡ ବିଧାୟକ ଗୋବର୍ଦ୍ଧନ ଦାଶ ପୂର୍ବତନ ଧର୍ମଗଡ ବିଧାୟକ ଭାରତ ବେମାଲ, ଘନଶ୍ୟାମ ଅଗ୍ରୱାଲ, ଦିଗାମ୍ବର ଦୋରିଆ, ତରୁଣ ନାଏକ, ବ୍ଲକ ସଭାପତି ବିପିନ ପ୍ରଧାନୀ, ପୀତାମ୍ବର ସାହୁ, ବାୟା ନାଏକ ପ୍ରମୁଖ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ତୀବ୍ର ନିନ୍ଦା କରିଥିଲେ ।

# ମରେକେଲ,କେନ୍ଦମୁଣ୍ଡିରେ ନୂଆଁଖାଇ ଭେଟ୍‌ଘାଟ୍

ସୋହେଲା,୧୮।୯ (ଡି.ଏନ୍.ଏ.)

ବରଗଡ଼ ଜିଲା ସୋହେଲା ବ୍ଲକ ଟୁଂଗିବନ୍ଧଲୀ ପଞ୍ଚାୟତ ଅଧୀନ ମରେକେଲ ଗ୍ରାମ ନିଆଲି ଛକ ଗଣେଶ ପୂଜା କମିଟି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବିଜେଡି ଯୁବନେତା ସୁବ୍ରତ ସିଂ ଯୋଗଦେଇ ଗଣପର୍ବ ନୂଆଁଖାଥର ବୈଶିଷ୍ଟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗ୍ରାମ ଗୌନ୍ତିଆ ଛାୟାକାନ୍ତ ଦିଶ୍ରି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଗିରିଶ ଚନ୍ଦ୍ର ଦିଶ୍ରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂର୍ବତନ ସରପଞ୍ଚ ସଞ୍ଜୟ ଚୌହାନ ଅତିଥି ପରିଚୟ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଗୋବିନ୍ଦ ଖମାରୀ, ମାନଭଞ୍ଜନ ପଧାନ ଏବଂ ରବି ନାୟକ। ଏହି ଅବସରରେ ପବିତ୍ର ନୂଆଁଖାଇ ଅବସରରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପୂଜା କମିଟି ସଦସ୍ୟ ଜାଗିର ରଞ୍ଜନ ଦିଶ୍ରୀ, ସତ୍ୟବ୍ରତ ଦିଶ୍ରୀ, ଅଜିତ ଦିଶ୍ରୀ, ପ୍ରହଲ୍ଲାଦ ସାହା, ଗୁଣନିଧି ଦିଶ୍ରୀ, ନିରଞ୍ଜନ ସାହା ଓ ମାନସ ଦିଶ୍ରୀ ସହଯୋଗ କରିଥିଲେ। ଶେଷରେ କମିଟି ସଭାପତି ବିକ୍ରମ ଦିଶ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସୋହେଲା ବ୍ଲକ ଡୁମେରପାଲି ପଞ୍ଚାୟତ ଅଧୀନ କେନ୍ଦମୁଣ୍ଡି ଗ୍ରାମରେ ଜୟ ଗଣେଶ କ୍ଲବ ପକ୍ଷରୁ ନୂଆଁଖାଇ ଜୁହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଲେଖ ବେହେରା ସଭାପତିତ୍ୱ କରିଥିଲେ। ସଭା ପ୍ରାରମ୍ଭରେ ମା’ ସମଲେଇଙ୍କ ପୂଜାର୍ଚ୍ଚନା ପରେ ପ୍ରମୋଦ କୁମାର ମିଶ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଗ୍ରାମର ବୟୋଜ୍ୟେଷ୍ଠ ନାଗରିକ କ୍ଷେତ୍ର ପଧାନ ଏବଂ ଧୀରା ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମର ଦୁଲଦୁଲି ବାଦ୍ୟ ଓ ନୂଆଁଖାଇ ଉପରେ ଆଧାରିତ ଏକ ନାଟକ ରାଷ୍ଟ୍ରପତି ପଧାନ, ସତ୍ୟ ପଧାନ, ଅଲେଖ ପଧାନ ଓ ପ୍ରସନ୍ନ କୁମାର ସାହୁଙ୍କ ଦ୍ୱାରା ଅଭିନିତ ହୋଇଥିଲା। ୨୦୧୭-୧୮ ଶିକ୍ଷା ବର୍ଷରେ ସର୍ବାଧିକ ନମ୍ବର ରଖି କୃତିତ୍ୱ ହୋଇଥିବା ମାଟ୍ରିକ, ଯୁକ୍ତ ୨ ଓ ଯୁକ୍ତ ୩ର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରେ ଢ଼ୋଲବନ୍ଧର କଳାକାରମାନେ ରାଜକୁମାର ସାହୁଙ୍କ ନିର୍ଦ୍ଦେଶିତ ଓ ଅଭିନିତ ନାଟକ ମୋର କାଏଁ ଦୋଶ ନାଟକ ମଞ୍ଚସ୍ଥ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ କ୍ଲବର ଉପଦେଷ୍ଟା କୃଷ୍ଣଚନ୍ଦ୍ର ଦେବତା ସଂଯୋଜନା କରିଥିଲେ ।

# ଏସ୍.ଏସ୍. ମ୍ୟୁଜିକ୍‌ର ନୂଆଁଖାଇ ଭେଟ୍‌ଘାଟ୍



ଭେଟ୍‌ଘାଟ କାର୍ଯ୍ୟକ୍ରମରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

ସେରଗଡ଼, ୧୮।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଘୋଡ଼ାବନ୍ଧ ଗ୍ରାମରେ ନବ ଗଠିତ ଏସ୍.ଏସ୍. ମ୍ୟୁଜିକ୍ ଆନୁକୂଲ୍ୟରେ ପ୍ରଥମ ନୂଆଁଖାଇ ଭେଟଘାଟ-୨୦୧୮ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ସାଂସ୍କୃତିକ ଆସରରେ ମୁଖ୍ୟଅତିଥି ନୀଳମଣି ସାହୁ, ପୂର୍ବତନ ନର୍ଲା ବ୍ଲକ ଅଧ୍ୟକ୍ଷ ମୁଖ୍ୟବକ୍ତା ବିଶେଶ୍ୱର ପଧାନ, ସମ୍ମାନିତ ଅତିଥି ଚର୍ତୁଭୁଜ ସାହୁ, ସର୍ବେଶ୍ୱର ସାହୁ ଓ ଥବିର ହାତୀ ପ୍ରମୁଖ ଉଦ୍‌ବୋଧନ ଦେଇ ନୂଆଁଖାଇ ସମ୍ପର୍କରେ ବୁଝାଇବା ସହ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ସନ୍ଧ୍ୟାରେ ନୃତ୍ୟ, ସଙ୍ଗୀତ ଓ କମେଡ଼ି ଆସର ଦର୍ଶକଙ୍କୁ ମନମୁଗ୍ଧ କରିଥିଲା। ପ୍ରଥମ ଥର ପାଇଁ ନୂତନ ଘୁମୁରା ଦଳ ଅଭିଳାଷ ପଧାନଙ୍କ ନେତୃତ୍ୱରେ ପରିବେଷଣ କରାଯାଇଥିଲା। ନିଲୁ, ଟିଙ୍କୁ ଓ କୃଷ୍ଣଚନ୍ଦ୍ର ଭାଟି ମଞ୍ଚ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ସଙ୍ଗୀତ ଶିକ୍ଷକ କ୍ଷୀରସିନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ଏସ୍.ଏସ୍. ମ୍ୟୁଜିକ୍‌ର ଏହି କାର୍ଯ୍ୟକ୍ରମକୁ ଦର୍ଶକ ମନଭରି ଉପଭୋଗ କରିବା ସହ ପ୍ରତିବର୍ଷ ଏହିଭଳି କାର୍ଯ୍ୟକ୍ରମ କରିବା ପାଇଁ ମତାମତ ଦେଇଥିଲେ। ଅର୍ଚ୍ଚନା ସାହୁ, ଭୋଳାନାଥ, ମିଟୁ, ସୌମ୍ୟ ରଞ୍ଜନ, ଲକ୍ଷ୍ମଣ, ବୈଦ୍ୟନାଥ ଓ ଶେଷ କୁଅଁର କାର୍ଯ୍ୟକ୍ରମର ନୃତ୍ୟ, ଗୀତ ଓ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ସାହିତ୍ୟିକ କୁଳମଣି ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଏସିଡ୍ ଆକ୍ରମଣ ଉପରେ ଆଇନ ସଚେତନତା କାର୍ଯ୍ୟକ୍ରମ

ସୋହେଲା,୧୮।୯ (ଡି.ଏନ୍.ଏ.)




ଆଇନ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ବରଗଡ଼ ଜିଲା ସୋହେଲା ଶ୍ରୀରାମ ଜୁନିୟର କଲେଜରେ ଆଇନ ସେବା ସମିତି ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ଏସିଡ୍ ଆକ୍ରମଣ ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ । ସେବା ସଂସ୍ଥା ଅଧ୍ୟକ୍ଷା ତଥା ଜେଏମ୍‌ଏଫସି ମାଜିଷ୍ଟ୍ରେଟ ଶାନ୍ତା ସାମଲ ସଭାରେ ପୌରହିତ୍ୟ କରିଥିଲେ । ସଭା କାର୍ଯ୍ୟକ୍ରମକୁ ସଂଯୋଜନା କରି ଆଇନଜୀବୀ ଅଶୋକ କୁମାର ବାରିକ ଏସିଡ୍ ଆକ୍ରମଣରେ କ୍ଷଣିକ ଉତ୍ତେଜନାରେ କିପରି ଭୟାବହ ପରିଣାମ ହୋଇ ଜଣେ ବ୍ୟକ୍ତିର ଜୀବନ ନଷ୍ଟ ହୋଇଥାଏ ସେ ନେଇ ଆଲୋଚନା କରିଥିଲେ। ଏସିଡ୍ ଆକ୍ରମଣରେ ପୀଡିତାଙ୍କ ପାଇଁ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଓ ସହାୟତା ଉପରେ ଆଡଭୋକେଟ ବାରିକ ଆଲୋକପାତ କରିଥିଲେ। ଆଡଭୋକେଟ ବିକାଶ ଚନ୍ଦ୍ର ନାୟକ ତାଲୁକ ଆଇନ ସେବା ସମିତିର ଆଭିମୁଖ୍ୟ ଉପରେ ଆଲୋଚନା କରି ୨ଲକ୍ଷରୁ କମ୍ ବାର୍ଷିକ ଆୟ ଥିବା ବ୍ୟକ୍ତିଙ୍କ ପାଇଁ ତାଲୁକ ଆଇନ ସେବା ସମିତି ପକ୍ଷରୁ ବିନା ପଇସାରେ କିପରି ଆଇନ ସହାୟତା ଯୋଗାଇ ଦିଆଯାଏ, ସେ ନେଇ ଆଲୋଚନା କରିଥିଲେ ।

ଆପୋସ ସମାଧାନ ଜରିଆରେ କିପରି ଛୋଟ ଛୋଟ ମାମଲାଗୁଡ଼ିକ ସମାଧାନ କରାଯିବ ସେ ନେଇ ସେବା ସଂସ୍ଥା ପକ୍ଷରୁ ପଦକ୍ଷେପ ନିଆଯାଇଥାଏ ବୋଲି ଆଡଭୋକେଟ ନାୟକ ପ୍ରକାଶ କରିଥିଲେ। ଆଡଭୋକେଟ ମିର୍ଜା ଆକବର ବେଗ ଏସିଡ୍ ଆକ୍ରମଣର କାରଣ ଓ ନିରାକରଣ ଉପରେ ଆଲୋଚନା କରିଥିଲେ। ଆଡଭୋକେଟ ପ୍ରମୋଦ କୁମାର ସାହୁ ଖାଉଟି ସୁରକ୍ଷା ଆଇନ ବିଶେଷ କରି ଗ୍ରାମାଞ୍ଚଳରେ ଛୋଟ ଛୋଟ କଥାକୁ ନେଇ ଆଇନ ଅଦାଲତର ଆଶ୍ରୟ ନ ନେଇ ସଜାଗ ହେଲେ ସମାଜରେ ଅପରାଧ ନିୟନ୍ତ୍ରଣହୋଇ ପାରିବ ବୋଲି ମତ ରଖି ଛାତ୍ରୀଛାତ୍ରମାନେ ସଜାଗ ହେବା ସହିତ ସଚେତନତା ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ମାଜିଷ୍ଟ୍ରେଟ ସାମଲ ଦିଲ୍ଲୀର ନିର୍ଭୟା ଘଟଣା(୨୦୧୩) ପରେ କିପରି ଆଇନର ସଂଶୋଧନ କରାଯାଇ ଆଇନକୁ କଡାକଡି କରାଯାଇଛି ସେ ନେଇ ଆଲୋଚନା କରିବା ସହିତ ଏକ ସତ୍ୟ ଘଟଣା ଉପରେ ଆଧାରିତ ଜଣେ ଯୁବତୀଙ୍କ ଉପରେ ହୋଇଥିବା ଏସିଡ୍ ଆକ୍ରମଣର ଏକ ଉଦାହରଣ ଦେଇ ଛାତ୍ରୀଛାତ୍ର କି ପ୍ରକାର ପଦକ୍ଷେପ ନେଲେ ଏସିଡ୍ ଆକ୍ରମଣରୁ ରକ୍ଷା ପାଇ ପାରିବେ ସେନେଇ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହିତ ସେ ଆଇନ ସେବା ସମିତିର ଫ୍ରଣ୍ଟ ଅଫିସର କାମ ଏବଂ ନିର୍ଭୟା ଘଟଣା ପରେ ଗଠିତ ଜଷ୍ଟିସ ବର୍ମା କମିଟି ଉପରେ ମାଜିଷ୍ଟ୍ରେଟ ସାମଲ ଆଲୋକପାତ କରିଥିଲେ। ଶେଷରେ କଲେଜ ଅଧ୍ୟକ୍ଷ ନୀଳାଞ୍ଚଳ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ରଣଜିତ ଓରାମ ମଞ୍ଚାସୀନ ଥିଲେ।

# ଗୋରୁଙ୍କ ଫାଟୁଆ ରୋଗ



ଡା. ବୀର କିଶୋର ପରିଡ଼ା

ଫାଟୁଆ ଏକ ମାରାତ୍ମକ ଭୂତାଣୁଜନିତ ସଂକ୍ରାମକ ରୋଗ । ଗୃହପାଳିତ ପ୍ରାଣୀ ବିଶେଷ ଭାବେ ଗୋରୁ, ମଇଁଷି, ଛେଳି, ମେଣ୍ଢା ଓ ଘୁଷୁରି ଏହି ରୋଗରେ ସଂକ୍ରମିତ ହୋଇଥାନ୍ତି । ଦୁଧିଆଳୀ ଗାଈ ଓ ମଇଁଷି ଏହି ରୋଗରେ ସଂକ୍ରମିତ ହେଲେ ସେମାନଙ୍କ ଦୁଗ୍ଧ ଦେବା କ୍ଷମତା ୮୦ ପ୍ରତିଶତ କମିଯାଏ, ଯାହା ଫଳରେ ଗୋପାଳକମାନେ ଘୋର ଆର୍ଥିକ କ୍ଷତିର ସମ୍ମୁଖୀନ ହୁଅନ୍ତି ।

ଲକ୍ଷଣ – ଶାରୀରିକ ଉତ୍ତାପ ବୃଦ୍ଧି ଘଟେ, ପାଟିରୁ ଅତ୍ୟଧିକ ଲାଳ ନିର୍ଗତ ହେବା ସହିତ ନାକରୁ ପତଳା ସିଂଘାଣି ବାହାରେ । ପାଟି, ଜିଭ, ନାକ, ଗୋଡ଼ କ୍ଷୁରା ମଝିସନ୍ଧି ଓ ପହ୍ନାଁ ବା ଚିରରେ ନାଲି ଫୋଟକା ହୋଇ ଏହା ଫାଟିଯିବା ଦ୍ୱାରା ଘା’ ସୃଷ୍ଟି ହୁଏ । ଗୋଡ଼ର ଦୁଇ କ୍ଷୁରା ମଝିସନ୍ଧି ଓ ଏହାର ଉପର ଅଂଶରେ ଘା’ ବା କ୍ଷତ ହୁଏ । ସଂକ୍ରମିତ ଗୋରୁ ଚାଲିବାରେ କଷ୍ଟ ଅନୁଭବ କରନ୍ତି। ପାଟି ଓ ଜିଭରେ ଘା’ ସୃଷ୍ଟି ହେବା ଯୋଗୁ ଖାଦ୍ୟ ଖାଇପାରନ୍ତି ନାହିଁ । ଗାଈ ଓ ମଇଁଷି ହଠାତ୍ ଦୁଗ୍ଧ ଦେବା କମେଇ ଦିଅନ୍ତି । ବଳଦଙ୍କ କାର୍ଯ୍ୟଦକ୍ଷତା କମିଯାଏ । ପ୍ରାପ୍ତ ବୟସ୍କ ଗୋରୁ ଏହି ରୋଗରେ ପୀଡ଼ିତ ହୋଇ ଆରୋଗ୍ୟଲାଭ କରୁଥିବାବେଳେ ସଙ୍କର ଜାତୀୟ ଛୋଟ ବାଛୁରି ଏହି ରୋଗରେ ସଂକ୍ରମିତ ହେଲେ ହୃତ୍‌ପିଣ୍ଡରେ ମାଂସପେଶୀ ସଂକ୍ରମିତ ହେବା ଯୋଗୁ ମୃତ୍ୟୁବରଣ କରନ୍ତି । ଫାଟୁଆ ରୋଗରେ ପୀଡ଼ିତ ଗୋରୁଙ୍କ ଯତ୍ନ ନେଲେ ଖୁବ୍ ଶୀଘ୍ର ଆରୋଗ୍ୟଲାଭ କରନ୍ତି । ନଚେତ୍ ଏହି ରୋଗରୁ ଭଲହେବା ପାଇଁ ଅଧିକଦିନ ଲାଗିଥାଏ। କ୍ଷେତ୍ରୀୟ ସ୍ତରରେ ଦେଖାଦେଇଛି ଯେ – ଫାଟୁଆ ରୋଗରେ ସଂକ୍ରମିତ ପ୍ରାପ୍ତ ବୟସ୍କ ଗୋରୁ ବେଳେବେଳେ ଜୀବାଣୁଜନିତ ପାଶ୍ଚୁରେଲୋସସ୍ ସଂକ୍ରମଣ ଯୋଗୁ କାଁ ଭାଁ ମୃତ୍ୟୁବରଣ କରିବାର ଆଶଙ୍କା ଥାଏ ।

**ଚିକିତ୍ସା:** ପାଟିରେ ଘା’ ହୋଇଥିଲେ ଖାଇବା ସୋଡ଼ା ମିଶ୍ରିତ ଉଷୁମ ପାଣି (୧୦୦ଗ୍ରାମ୍ ଖାଇବା ସୋଡ଼ା ସହିତ ୧ ଲିଟର ପାଣି) ପାଟି ଭିତର ଓ ଗୋଡ଼ର କ୍ଷୁରା ଘା’, ପହ୍ନାଁର ଚିର ଘା’କୁ ଦିନକୁ ଥରେ ଭଲଭାବେ ଧୁଅନ୍ତୁ। ପାଟିରେ ଘା’ ହୋଇଥିଲେ ଘା’କୁ ଉପରୋକ୍ତ ଦ୍ରବଣରେ ଧୋଇ ସାରିବା ପରେ ବୋରୋଗ୍ଲିସେରିନ୍ ତରଳ (ଗ୍ଲିସେରିନ୍ ୮୫୦ମି.ଲି. ଓ ବୋରିକ୍ ପାଉଡର ୧୨୦ ଗ୍ରାମ ମିଶ୍ରଣରେ ପ୍ରସ୍ତୁତ) ଜିଭ ଘା’ ଉପର, ଦାନ୍ତମୂଳ ଘା’ ଓ ପାଟିରେ ଲଗାଇ ଦିଅନ୍ତୁ । ଏହିପରି ଭାବେ ୩–୫ ଦିନ ପର୍ଯ୍ୟନ୍ତ ଅନ୍ୟୁନ ପାଟିରେ ଲଗାନ୍ତୁ । ମହୁ ସହିତ ମାଣ୍ଡିଆ (ରାଗି) ଗୁଣ୍ଡ ମିଶାଇ ଜିଭରେ ଲଗାଇଲେ ମଧ୍ୟ ଉପଶମ ମିଳେ। ଗୋରୁ ଏହି ଫାଟୁଆ ରୋଗରେ ଅତ୍ୟଧିକ ପୀଡ଼ିତ ହେଲେ ୩–୫ଦିନ ପର୍ଯ୍ୟନ୍ତ ବିଭିନ୍ନ ଆଣ୍ଟିବାଓଟିକ୍ସ ଇଞ୍ଜେକସନ୍ ସହିତ ଦରଜ ଓ ଜ୍ୱର କମାଇବା ପାଇଁ ଆନାଲଜେସିକ୍ ଏବଂ ଆଣ୍ଟିପାଇରେଟିକ୍ ଆଦି ଔଷଧ ଇଞ୍ଜେକସନ୍ ଆକାରରେ ଦେଲେ ଗୋରୁଙ୍କୁ ଆରାମ ମିଳେ ।

ଏତଦ୍‌ବ୍ୟତୀତ, ଗୋଡ଼ରେ ଘା’ ହୋଇଥିଲେ, ଘା’କୁ ଖାଇବା ସୋଡ଼ା କିମ୍ବା ପୋଟାସିୟମ୍ ପରମାଙ୍ଗାନେଟ୍ ମିଶ୍ରିତ ଉଷୁମ ପାଣିରେ ଭଲ ଭାବେ ଧୁଅନ୍ତୁ। ଏହାପରେ ମାଛି ନ ବସିବା ପାଇଁ ବିଭିନ୍ନ ମଲମ ଯଥା ହିମାକ୍ସ, ସ୍କାଭନ୍, ଡ୍ରେସଲ୍ ସ୍ପ୍ରେ, ନିମ୍ବ ତେଲ, ଡ୍ରାଏ ଡ୍ରେସିଂ ପାଉଡ଼ର ଆଦି ଔଷଧ ଲଗାଇଲେ ଗୋଡ଼ ଘା’ ଶୀଘ୍ର ଭଲହୁଏ । ଗୋଡ଼ରେ ପୋକ ହୋଇଥିଲେ, ଟର୍‌ପେଣ୍ଟାଇନ୍ ଅଏଲ (ତେଲ) ସଂକ୍ରମିତ ପୋକରା ଘା’ରେ ପକାଇଲେ ପୋକ ଆପେ ଆପେ ବାହାରିଯାଏ ବା ମରିଯାଏ ।

ସେହିପରି ଅସୁସ୍ଥ ପ୍ରାଣୀଙ୍କୁ ଚାଉଳ, ଗହମ ଓ ମାଣ୍ଡିଆ ଗୁଣ୍ଡ ସମ ପରିମାଣରେ ପାଣିରେ ସିଝାଇ ପେଜ ଆକାରରେ ଦୈନିକ ଖାଇବାକୁ ଦେଲେ ୭–୧୦ ଦିନ ମଧ୍ୟରେ ଦୁଧିଆଳୀ ଗାଈଙ୍କ ଦୁଗ୍ଧ ଦେବା କ୍ଷମତା ପୂର୍ବାବସ୍ଥାକୁ ଫେରିଆସେ । ଏଥିସହିତ ଗୁଡ଼ (୧୦–୧୫%), ପୁଷ୍ଟିସାର (କୋଳଥ, ପିଡ଼ିଆ, ମୁଗଚୁନି, ବିରିଚୁନି) ଓ ଧାତବଲବଣ ଆଦି ଖାଇବାକୁ ଦେଲେ ସଂକ୍ରମିତ ଗୋରୁ ଓ ମଇଁଷି ଶୀଘ୍ର ଆରୋଗ୍ୟଲାଭ ହୋଇଥାନ୍ତି ।

**ରୋଗ ନିୟନ୍ତ୍ରଣ:**

ରାଜ୍ୟରେ ଫାଟୁଆ ରୋଗର ନିୟନ୍ତ୍ରଣ ଓ ଏହାକୁ ସୀମିତ ରଖିବା ଲାଗି ନିମ୍ନମତେ ପଦକ୍ଷେପ ଗ୍ରହଣ କରିପାରିବେ...

– ୪ ମାସରୁ ଊର୍ଦ୍ଧ୍ୱ ବୟସ୍କର ସମସ୍ତ ସୁସ୍ଥ ଗୋରୁ ଓ ମଇଁଷିଙ୍କୁ ଫାଟୁଆ ରୋଗର ପ୍ରତିଷେଧକ ଟିକା ପ୍ରଦାନ କରାନ୍ତୁ ଏବଂ ପ୍ରତି ୬ ମାସରେ ଥରେ ଏହି ରୋଗ ଟିକା ସମସ୍ତ ପ୍ରାଣୀଙ୍କୁ ଦିଅନ୍ତୁ।

– ପ୍ରତି ୪ ମାସରେ ଥରେ ପ୍ରାଣୀଙ୍କ ମଳ ପରୀକ୍ଷା କରି କୃମିନାଶକ ଔଷଧ ଡାକ୍ତରଙ୍କ ପରାମର୍ଶ କ୍ରମେ ଦିଅନ୍ତୁ ।

– ପ୍ରାଣୀଙ୍କୁ ଫାଟୁଆ ରୋଗ ସଂକ୍ରମଣରୁ ରକ୍ଷା ଲାଗି ଗୋରୁ ରହୁଥିବା ଗୁହାଳ ବା ଫାର୍ମର ଜୈବ–ନିରାପତ୍ତା ଓ ଜୈବ–ନିରାପଦ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ।

– ବାହାରୁ ଆସୁଥିବା ନୂତନ ପ୍ରାଣୀଙ୍କୁ ଅନ୍ୟୁନ ୨୧ ଦିନ ବାହାରେ ଅଲଗା ରଖିବା ପରେ (କ୍ୱାରେଣ୍ଟାଇନ୍) ରୋଗ ନ ଥିଲେ ସୁସ୍ଥ ପ୍ରାଣୀଙ୍କ ସହିତ ମିଶାନ୍ତୁ ।

– ସଂକ୍ରମିତ ଫାର୍ମ ମଧ୍ୟକୁ ଯେତେ ସମ୍ଭବ କମ୍ ସଂଖ୍ୟକ ଲୋକ ଚଳାଚଳ କରନ୍ତୁ।

– ସଂକ୍ରମିତ ଅଞ୍ଚଳରୁ ଖାଦ୍ୟ, ନଡ଼ା, କୁଟା, କୁଣ୍ଡା, ପାଣି ଆଦି ସୁସ୍ଥ ପ୍ରାଣୀଙ୍କୁ ଖାଇବାକୁ ଦେବା ଅନୁଚିତ ।

–ଡାକ୍ତରଖାନାକୁ ନ ଆଣି ସଂକ୍ରମିତ ଗୋରୁଙ୍କ ଚିକିତ୍ସା ଘରେ ରଖି ଚିକିତ୍ସା କରାନ୍ତୁ ।

– ଫାଟୁଆ ରୋଗ ପ୍ରାଦୁର୍ଭାବ ଅଞ୍ଚଳରେ ସଂକ୍ରମିତ ଗୋଚରରେ ଗୋରୁଙ୍କୁ ଚରିବାକୁ ଛାଡ଼ନ୍ତୁ ନାହିଁ ।

– ଫାଟୁଆ ରୋଗ ସଂକ୍ରମିତ ଅଞ୍ଚଳରେ ମଶା, ଡାଆଁଶ ଓ ଟିଙ୍କ ମାଧ୍ୟମରେ ବିଶେଷ କରି ସମୁଦ୍ର ଉପକୂଳବର୍ତ୍ତୀ ଜିଲାରେ ଅନ୍ୟାନ୍ୟ ଏକକୋଷୀ ପ୍ରାଣୀଜନିତ ରକ୍ତକୃମି ରୋଗ ମଧ୍ୟ ଫାଟୁଆ ରୋଗରେ ପୀଡ଼ିତ ଗୋରୁଙ୍କୁ ହେବାର ଆଶଙ୍କା ଥାଏ । ତେଣୁ ଏହି ରକ୍ତକୃମି ରୋଗର ଚିହ୍ନଟ ପାଇଁ ରକ୍ତ ପରୀକ୍ଷା କରାନ୍ତୁ । ରକ୍ତ ପରୀକ୍ଷାରେ ରକ୍ତକୃମି ବାହାରିଲେ ଫାଟୁଆ ରୋଗର ଚିକିତ୍ସା ସହିତ ରକ୍ତକୃମିର ଚିକିତ୍ସା ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ କ୍ରମେ କରନ୍ତୁ।

– ଫାଟୁଆ ରୋଗ ନ ହେବା ପାଇଁ ଶହେ ପ୍ରତିଶତ ପ୍ରାଣୀଙ୍କୁ ଫାଟୁଆ ରୋଗର ପ୍ରତିଷେଧକ ଟିକା ଦେବା ଆବଶ୍ୟକ ।



### ନମୁନା ସଂଗ୍ରହ

ଫାଟୁଆ ରୋଗରେ ସଂକ୍ରମିତ ଗୋରୁଙ୍କ ଘା’ ହେଉଥିବା ଜିଭର ଉପରସ୍ତର, ଗୋଡ଼କ୍ଷୁରା ମଝି ଅଂଶର ଘା’ ବକଳା ଓ ଚିର ଘା’ ବକଳା ଆଦି ୫୦ ପ୍ରତିଶତ ଗ୍ଲିସେରିନ୍ ବଫର୍ (ଜି.ଏସ୍.ଏସ୍.) ମାଧ୍ୟମରେ ସଂଗୃହୀତ କରି ପରୀକ୍ଷାଗାରକୁ ପଠାଯାଇଥାଏ । ଏତଦ୍‌ବ୍ୟତୀତ, ସଂକ୍ରମିତ ଗୋରୁ, ଆରୋଗ୍ୟ ଲାଭ କରିଥିବା ଗୋରୁ ଓ ସୁସ୍ଥ ଗୋରୁଙ୍କଠାରୁ ସିରମ୍ ସଂଗ୍ରହ କରାଯାଇ ଫାଟୁଆ ରୋଗର ଭୂତାଣୁ ଓ ଏହାର ପ୍ରତିପିଣ୍ଡ ଚିହ୍ନଟ ପାଇଁ ପରୀକ୍ଷାଗାରକୁ ପଠାଯାଏ ।

### ଫାଟୁଆ ରୋଗ ଦେଖାଦେଲେ ...

**କ’ଣ କରିବେ:** ରୋଗ ଦେଖାଦେଲେ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କୁ ତୁରନ୍ତ ଜଣାନ୍ତୁ ।

–ଅସୁସ୍ଥ ପ୍ରାଣୀଙ୍କୁ ସୁସ୍ଥ ପ୍ରାଣୀଙ୍କଠାରୁ ଅଲଗା ରଖନ୍ତୁ ।

–ରୋଗ ନ ବ୍ୟାପିବା ପାଇଁ ୪% ଖାଇବା ସୋଡ଼ା ଦ୍ରବଣ ସିଞ୍ଚନ (୪୦୦ଗ୍ରାମ ସୋଡ଼ିୟମ୍ ବାଇ କାର୍ବୋନେଟ ସହିତ ୧୦ ଲିଟର ପାଣିରେ) କିମ୍ବା ଲାଇମ୍ ବା ବ୍ଲିଚିଂ ପାଉଡ଼ର ଅନ୍ୟୁନ ୧୦ଦିନ ପର୍ଯ୍ୟନ୍ତ ପ୍ରତ୍ୟେକଦିନ ଗୁହାଳ ଭିତରେ, ବାହାରେ, ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରରେ ପକାଇବା ଆବଶ୍ୟକ ।

– ସଂକ୍ରମିତ ପ୍ରାଣୀଙ୍କ ସହିତ ମିଶୁଥିବା ଲୋକଙ୍କ ହାତ, ଜୋତା, ପୋଷାକ ଆଦିକୁ ୪% ଖାଇବାସୋଡ଼ା ମିଶ୍ରିତ ପାଣିରେ ଧୁଅନ୍ତୁ ।

– ପ୍ରଥମେ ସୁସ୍ଥ ଗାଈ ବା ମଇଁଷିଙ୍କଠାରୁ ଦୁଗ୍ଧ ଦୁହିଁବା ପରେ ସଂକ୍ରମିତ ଗାଈର ଦୁଗ୍ଧ ଦୁହିଁବା ଆବଶ୍ୟକ ଏବଂ ଦୁହିଁବା ପରେ ହାତକୁ ଭଲଭାବେ ବିଶୋଧକ ଦ୍ରବଣରେ ଧୁଅନ୍ତୁ ।

–ଦୁଗ୍ଧ ଦୁହିଁବା ପାତ୍ରକୁ ୪% ସୋଡ଼ିୟମ୍ କାର୍ବୋନେଟ ବା ସୋଡ଼ା ପାଣିରେ ଧୋଇଦେବା ଆବଶ୍ୟକ ।

–ସଂକ୍ରମିତ ଗ୍ରାମର ଚତୁଃପାର୍ଶ୍ୱ ଅଞ୍ଚଳ ବା ଗ୍ରାମରେ ଫାଟୁଆ ରୋଗର ପ୍ରତିଷେଧକ ଟିକା ଦିଅନ୍ତୁ। ଟିକା ଦେବା ସମୟରେ ଅଲଗା ଅଲଗା ଛୁଞ୍ଚି ବ୍ୟବହାର କରନ୍ତୁ।

–ଯାନବାହନଗୁଡ଼ିକୁ ଫାର୍ମଠାରୁ ଦୂରେଇ ରଖନ୍ତୁ ।

*–ଉପନିର୍ଦ୍ଦେଶକ (ରୋଗ ନିୟନ୍ତ୍ରଣ), ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, କଟକ, ମୋ : ୯୪୩୭୬୦୭୩୧୨*

## କୋଳଥ କିସମ



କୋଳଥର ଉର୍ମି,ଡିଏସ୍–୧–୨,ଡିଏସ୍–୧–୨–୨ ଆଦି କିସମ ସଂଗ୍ରହ କରନ୍ତୁ ଓ ବୁଣାବୁଣି ଶୀଘ୍ର କରନ୍ତୁ। ଏକର ପ୍ରତି ୨୦କି.ଗ୍ରା. ବିହନ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ସହିତ ଗୋଳାଇ ବିଶୋଧନ କରନ୍ତୁ। ଧାଡିକୁ ଧାଡି ୩୦ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ। ବୁଣିବା ପୂର୍ବରୁ ଏକର ପ୍ରତି ୫କି.ଗ୍ରା. ଯବକ୍ଷାରଜାନ, ୧୦କି.ଗ୍ରା. ଫସଫରସ ପ୍ରୟୋଗ କରନ୍ତୁ। ବୁଣିବାର ଦିନକ ପରେ ଘାସମରା ଔଷଧ ପେଣ୍ଡିମେଥାଲିନ୍ ଏକର ପ୍ରତି ୦.୩୦କି.ଗ୍ରା. ହିସାବରେ କ୍ରିୟାଶୀଳ ଉପାଦାନ ସିଞ୍ଚନ କରନ୍ତୁ।

## ଜଡା ଲଗାଉଥିଲେ

ଅରୁଣା,ଜ୍ୟୋତି,କ୍ରାନ୍ତି,ଏସ୍ ଏ–୧, ଏବଂ ଜିସି–୨ ଆଦି ଜଡା କିସମ ସଂଗ୍ରହ କରନ୍ତୁ। ଜଡା ଚାଷ ଲାଗି ବୁଣାବୁଣି ଶୀଘ୍ର ଶେଷ କରନ୍ତୁ। ଜଡାକୁ ଅନ୍ତଃ ଫସଲ ଭାବେ ନ ନେଇ ଏକକ ଫସଲ ଭାବେ ଚାଷ କରନ୍ତୁ। ଭଲ ଗଜା ହେବା ପାଇଁ ଲଗାଇବା ପୂର୍ବରୁ ବିହନକୁ ୨୪–୪୮ଘଣ୍ଟା ପାଣିରେ ବତୁରାଇ ଦିଅନ୍ତୁ। ଏକର ପ୍ରତି ୮କି.ଗ୍ରା. ବିହନ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ଏକ କି.ଗ୍ରା. ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ସହିତ ଗୋଳାଇ ବିଶୋଧନ କରନ୍ତୁ। ଧାଡିକୁ ଧାଡି ୬୦ସେ.ମି. ଓ ଗଛକୁ ଗଛ ୩୦–୪୫ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ। ବୁଣିବା ପୂର୍ବରୁ ଏକର ପ୍ରତି ୧୦କି.ଗ୍ରା. ଯବକ୍ଷାରଜାନ,୧୨କି.ଗ୍ରା. ଫସଫରସ ଓ ୧୨କି.ଗ୍ରା. ପଟାସ ପ୍ରୟୋଗ କରନ୍ତୁ।



## ତଥାପି ଚାଲିଛି ସଂଘର୍ଷ

ସଫଳ ଚାଷୀ

ଦାମୋଦର ସାହୁ



ବଡ ହେବେ, ନିଜେ ରୋଜଗାର କରିବେ ଆଉ ଅନେକଙ୍କୁ ରୋଜଗାରର ବାଟ ଦେଖାଇବେ। ଏଇ ସ୍ୱପ୍ନ ତାଙ୍କର ପିଲାଟି ବେଳୁ। ମାତ୍ର ମାଟ୍ରିକ୍‌ରୁ ହିଁ ତାଙ୍କର ପାଠପଢାରେ ଡୋରି ବନ୍ଧା ହୋଇଗଲା। ପରିବାରର ଆର୍ଥିକ ଅବସ୍ଥା ସୁଧାରିବାକୁ ସେ ଅଣ୍ଟା ଭିଡ଼ିଲେ। ବିଲରେ କାମ କରିବା ସହ କାଗଜ ଠୁଙ୍ଗା ତିଆରିଠୁ ଆରମ୍ଭ କରି ଗାଁ ଗାଁ ବୁଲି କୁକୁଡ଼ା ଚିଆଁ ବିକ୍ରି କଲେ। ମାତ୍ର ଏଥିରେ ତାଙ୍କ ମନ ବୁଝିଲାନି। ଉଦ୍ୟାନ ବିଭାଗ ସହିତ ଯୋଗାଯୋଗ କରି ୧୯୯୮ ମସିହାରେ ଭୁବନେଶ୍ୱରରୁ ଛତୁଚାଷ ତାଲିମ ନେଲେ। ଆଉ ଗାଁରେ ଆରମ୍ଭ କଲେ ଛତୁଚାଷ । ମାତ୍ର ବର୍ଷ କେଇଟାରେ ସେ ଛତୁଚାଷ ମାଧ୍ୟମରେ ସ୍ୱାବଲମ୍ବୀ ହେବା ସହ ଆଖପାଖ ଗାଁର ଶତାଧିକ ବ୍ୟକ୍ତିଙ୍କୁ ଛତୁଚାଷ ପ୍ରଣାଳୀ ଶିଖାଇ ସେମାନଙ୍କୁ ରୋଜଗାର ବାଟ ଦେଖାଇବାରେ ସକ୍ଷମ ହେଲେ। ଆଉ ବନିଗଲେ ଜଣେ ସଫଳ ଛତୁଚାଷ ପ୍ରଶିକ୍ଷକ। ସେ ହେଲେ ଦାମୋଦର ସାହୁ (ମୋ:୯୨୩୮୫୯୬୧୭୬)। ଭଦ୍ରକ ଜିଲା ଧାମନଗର ବ୍ଲକ ରାଧାବଲ୍ଲଭପୁର ଗ୍ରାମରେ ତାଙ୍କର ଘର। ପିତା ପଞ୍ଚାନନ ସାହୁ ଓ ମା’ଙ୍କ ନାମ ଡାଳି ସାହୁ।

ଛତୁଚାଷ ମାଷ୍ଟର ଭାବେ ପରିଚିତ ଦାମୋଦର ଛତୁଚାଷ ସହ ଛତୁମଞ୍ଜି ଫାର୍ମ ମଧ୍ୟ ଆରମ୍ଭ କଲେ। ତେବେ ଛତୁ ଚାଷରେ ବ୍ୟବହାର ହୋଇ ନଷ୍ଟ ହେଉଥିବା ପଚା ନଡାକୁ କିପରି ପୁଣି ବ୍ୟବହାର କରାଯାଇପାରିବ ତାହା ତାଙ୍କ ମନକୁ ଆନ୍ଦୋଳିତ କଲା । କୃଷି ବିଜ୍ଞାନ କେନ୍ଦ୍ର ଏବଂ ଉଦ୍ୟାନ ବିଭାଗର ପରାମର୍ଶ ନେଲେ। ତା’ପରେ ଆରମ୍ଭ କଲେ ଜିଆଖତ ପ୍ରସ୍ତୁତି। ପ୍ରଥମେ ଦୁଇ ଚାରିଟି ବେଡ ପକାଇ ପରୀକ୍ଷା କରିଥିଲେ। ଜିଆଙ୍କୁ ବ୍ୟବହାର, ସେମାନଙ୍କ ସୁରକ୍ଷା, ବଂଶ ବୃଦ୍ଧିର ପ୍ରଣାଳୀ ଶିଖି ଏବେ ସେ ୬୦ ଟି ବେଡ ପକାଇ ଆରମ୍ଭ କରିଛନ୍ତି ଜିଆଖତ ଫାର୍ମ। ଏହି ଫାର୍ମର ନାମ ରଖିଛନ୍ତି ଜୟଗୁରୁ ଅର୍ଗାନିକ ଫର୍ଟିଲାଇଜର। ଜୈବିକ ସାର ବ୍ୟବହାର ଉପରେ ଗୁରୁତ୍ୱ ବଢୁଥିବାରୁ ବ୍ୟବସାୟ ମଧ୍ୟ ବଢୁଛି । ଖତ ତିଆରି ପ୍ରଣାଳୀରେ ଦାମୋଦର ନୂଆ ନୂଆ କୌଶଳ ବାହାର କରି ସେଥିରେ ସଫଳ ହୋଇଛନ୍ତି । କେବଳ ଗୋବର ଯୋଗାଡ କରିବା ଛଡା ପଚା ନଡା, ବାଡିଘରର ଅଳିଆ, ଗଛପତ୍ର ଇତ୍ୟାଦିରୁ ପ୍ରସ୍ତୁତ ହେଉଛି ଜିଆଖତ । ବର୍ତ୍ତମାନ ସେ ଏହି ଜିଆଖତରୁ ମାସିକ ୨୦ରୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା କୁହନ୍ତି ଦାମୋଦର। ଭଦ୍ରକ ଜିଲାରେ ବଡ ଜିଆଖତ ଚାଷୀଭାବେ ପରିଚିତ ହେବା ସହ ବର୍ତ୍ତମାନ ଭୁବନେଶ୍ୱର, ବାଲେଶ୍ୱର, ବାହାନଗା, ଭଦ୍ରକ ଇତ୍ୟାଦି ବଡ ସାର ଡିପୋକୁ ଟନ ଟନ ଓଜନର ଜିଆଖତ ଯୋଗାଇ ଆସୁଛନ୍ତି ।

ନିଜର ଏତାଦୃଶ କାର୍ଯ୍ୟ ଲାଗି ଭଦ୍ରକ ତ୍ୟାଗଭୂମି ମହୋତ୍ସବ, ବାଣିଜ୍ୟିକ ଛତୁଚାଷରେ ଶ୍ରେଷ୍ଠ ମେରିଟ ସାର୍ଟିଫିକେଟ,୨୦୦୫ ମସିହାରେ ଜିଲା ଉଦ୍ୟାନ କୃଷି ପ୍ରଦର୍ଶନୀ, ୨୦୦୯ ମସିହାରେ ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ରର କିଷାନ ମେଳା, ୨୦୧୧ ମସିହାରେ ରାଜ୍ୟସ୍ତରୀୟ କୃଷକ ସମ୍ମାନ ମହୋତ୍ସବରେ ସମ୍ମାନିତ ହୋଇଛନ୍ତି ସେ। ନିଜର ଅକ୍ଳାନ୍ତ ପରିଶ୍ରମ ସହିତ ପତ୍ନୀ ପ୍ରିୟତମା ସାହୁଙ୍କ ସଂପୂର୍ଣ୍ଣ ସହଯୋଗକୁ ସେ ଶ୍ରେୟ ଦିଅନ୍ତି ।

ଧାମନଗର ଉଦ୍ୟାନ ବିଭାଗ, ଭଦ୍ରକ ଜିଲା ଉପକୃଷି ନିର୍ଦ୍ଦେଶାଳୟ ତରଫରୁ ତାଙ୍କୁ ଉତ୍ସାହିତ କରାଯାଉଛି। ହେଲେ ସମଗ୍ର ରାଜ୍ୟରେ ଜିଆଖତ ପ୍ରସ୍ତୁତିରେ ଅଗ୍ରଣୀ ହେବାକୁ ଉଦ୍ୟମ ଜାରି ରଖିଥିଲେ ବି ଅର୍ଥାଭାବରୁ ନିଜର ସ୍ୱପ୍ନ ଅଧୁରା ରହିଯିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ସେ । କୌଣସି ସରକାରୀ ସହାୟତା ମିଳିଲେ ସେ ନିଜର ଫାର୍ମର ସଂପ୍ରସାରଣ କରି ସମଗ୍ର ଜିଲାକୁ ଗୌରବାନ୍ୱିତ କରିପାରନ୍ତେ ବୋଲି ଦୃଢୋକ୍ତି ବ୍ୟକ୍ତ କରିଛନ୍ତି ଦାମୋଦର।

– ଅଜିତ କୁମାର ରାଉତ



ପ୍ରଥମ ପୃଷ୍ଠାରୁ...

## ବୈଜୟନ୍ତଙ୍କ ସମେତ...

ଏହାସହିତ ପୁରୀ ପୋଲିସ ଭୁବନେଶ୍ୱର ଇମ୍ପା କାର୍ଯ୍ୟାଳୟକୁ ଯାଇ ହେଲିକପ୍ଟରର ଉଡ଼ାଣ ସମ୍ପର୍କରେ ଛାନ୍‌ଭିନ୍ କରିଥିବା ପୁରୀ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ଚିଲିକାରେ ବୈଜୟନ୍ତଙ୍କ ହେଲିକପ୍ଟର ଉଡ଼ାଣ ସଂକ୍ରାନ୍ତରେ ଏସ୍‌ପି ଷଡ଼ଙ୍ଗୀ ସୂଚନା ଦେଇ କହିଛନ୍ତି ଯେ, ଅରଖକୁଦା ଓ ବାଘମୁଣ୍ଡା ଅଞ୍ଚଳର ୧୦ରୁ ଅଧିକ ଲୋକଙ୍କୁ ଆମେ ପଚରାଉଚରା କରିଛୁ। ଏକ ଧଳାରଙ୍ଗର ହେଲିକପ୍ଟର ଚିଲିକାର କମ୍ ଉଚ୍ଚତାରେ ଜୋର ଶବ୍ଦ କରି ଉଡିବା ସହ ଚିଲିକା ଜଳରାଶିରେ ଅବତରଣ କରିଥିବା ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଚିଲିକା ଅଞ୍ଚଳରେ ଉଡ଼ାଣ ପାଇଁ ଇମ୍ପାର ହେଲିକପ୍ଟରକୁ କେବଳ ଅନୁମତି ମିଳିଥିବା ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦର ନିର୍ଦ୍ଦେଶକ ଜଣାଇଛନ୍ତି। ଚିଲିକା ମଧ୍ୟରେ ସକାଳ ୯ଟାରୁ ୧୦ଟା ମଧ୍ୟରେ ଉକ୍ତ ହେଲିକପ୍ଟର ଚକ୍କର କାଟିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ବୈଜୟନ୍ତଙ୍କ ହେଲିକପ୍ଟରକୁ ଚିଲିକାର ୫ଶହ ଫୁଟ୍ ଉପରେ ଉଡ଼ାଣ ନିମନ୍ତେ ଅନୁମତି ରହିଥିଲା। କିନ୍ତୁ ତାହାକୁ ଉଲ୍ଲଂଘନ କରାଯାଇ ବହୁତ କମ୍ ଉଚ୍ଚତାରେ ହେଲିକପ୍ଟର ଉଡାଣ କରାଯାଇଛି ବୋଲି ଏସ୍‌ପି ଷଡ଼ଙ୍ଗୀ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, ହେଲିକପ୍ଟର ଯେଉଁ ଅଞ୍ଚଳରେ ଚକ୍କର କାଟିଛି ସେଠାରେ ଡଲଫିନ୍ ମଧ୍ୟ ରହିଛନ୍ତି। ଅରଖକୁଦା ସାମୁଦ୍ରିକ ଥାନାରେ ରୁଜୁ ହୋଇଥିବା ୧୬/୧୮ କେସ୍‌ରେ ଆଉ ଏକ ଦଫା ଯୋଡାଯାଇଛି। ବନ୍ୟପ୍ରାଣୀ ସୁରକ୍ଷା ଆଇନର ୫୧ ଧାରାକୁ ଏଥିରେ ଯୋଡା ହୋଇଛି। ବୈଜୟନ୍ତ ଚଳାଉଥିବା ହେଲିକପ୍ଟରରେ ଗ୍ଲାଇଡର ରହିଛି। ଉକ୍ତ ହେଲିକପ୍ଟର ଜଳଭାଗ ଓ ସ୍ଥଳଭାଗ ଉଭୟ ସ୍ଥାନରେ ଅବତରଣ କରିପାରିବ। ବିଜୁ ପଟ୍ଟନାୟକ ବିମାନ ବନ୍ଦର ଇମ୍ପା ହେଙ୍ଗର(ହେଲିକପ୍ଟର ରହୁଥିବା ପ୍ରକୋଷ୍ଠ)ରେ ବୈଜୟନ୍ତ ଚଳାଉଥିବା ହେଲିକପ୍ଟର ସହିତ ସମୁଦାୟ ୩ଟି ଏୟାରକ୍ରାଫ୍ଟ ରହିଛି। ବୈଜୟନ୍ତ ଉଡାଣ କରିଥିବା ହେଲିକପ୍ଟର ନମ୍ବର ହେଉଛି ରବିନସନ୍ ଆର–୪୪। ପୁରୀ ସଦର ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି ଅରଖକୁଦା ସାମୁଦ୍ରିକ ଥାନା ଦାୟିତ୍ୱରେ ରହିଛନ୍ତି। ସେ ଏହି କେସ୍‌ର ତଦନ୍ତ ଅଧିକାରୀ ରହିଛନ୍ତି। ସେ ଇମ୍ପା କାର୍ଯ୍ୟାଳୟକୁ ଯାଇ ଇମ୍ପାର ଉକ୍ତ ହେଲିକପ୍ଟର କାଗଜପତ୍ର ଯାଞ୍ଚ କରିଛନ୍ତି। ଏହାସହିତ ନୋଟିସ ମଧ୍ୟ ପ୍ରଦାନ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ସମ୍ପର୍କରେ ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷ ଡିଜିସିଏ (ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ)କୁ ଅବଗତ କରାଇଛନ୍ତି। ଡିଜିସିଏଙ୍କ ପକ୍ଷରୁ ଆଭ୍ୟନ୍ତରୀଣ ତଦନ୍ତ ମଧ୍ୟ ଆରମ୍ଭ ହୋଇଛି। ବର୍ତ୍ତମାନ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଏତଲା, ସ୍ଥାନୀୟ ଲୋକଙ୍କ ଅଭିଯୋଗ ଓ ସୋସିଆଲ ମିଡିଆ ପୋଷ୍ଟ ଆଦିକୁ ନେଇ ତଦନ୍ତ ଚଳାଇଛୁ। ବୈଜୟନ୍ତଙ୍କ ହେଲିକପ୍ଟର ଚିଲିକାର ନିର୍ଦ୍ଧାରିତ ଉଚ୍ଚତାଠାରୁ କମ୍ ଉଚ୍ଚତାରେ ଉଡିଥିବା ମଧ୍ୟ ସ୍ପଷ୍ଟ ହୋଇସାରିଛି। କିନ୍ତୁ ଡିଜିସିଏଙ୍କ ତଦନ୍ତ ରିପୋର୍ଟ ଆସିବା ପରେ ହିଁ ଏହି କେସ୍‌ର ଗତି କ’ଣ ହେବ ତାହା ସ୍ପଷ୍ଟ ହେବ। ଉକ୍ତ ରିପୋର୍ଟକୁ ଭିତ୍ତିକରି ହିଁ ତଦନ୍ତ ପ୍ରକ୍ରିୟା ଆଗକୁ ବଢିପାରିବ ବୋଲି ଏସ୍‌ପି କହିଛନ୍ତି।

ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶାନ୍ତ ନନ୍ଦ ଗଣମାଧ୍ୟମକୁ କହିଛନ୍ତି ଯେ, ଚିଲିକା ଉପରେ ବିମାନ ଉଡାଣକୁ ମନାକରିବା ନେଇ ସିଡିଏର କୌଣସି ନିୟମ ନାହିଁ। ଗଣାମଧମ ରିପୋର୍ଟ ଏବଂ ସାତପଡ଼ା କନିଷ୍ଠ ଯନ୍ତ୍ରୀଙ୍କ ଲିଖିତ ରିପୋର୍ଟ ପରେ ଏସିଏଫ୍ ଘଟଣାର ଅନୁଧ୍ୟାନ କରିଥିଲେ। ସେ ଯେଉଁ ରିପୋର୍ଟ ଦେଇଥିଲେ ତାହାକୁ ପୋଲିସକୁ ଦିଆଯାଇଛି। ଉକ୍ତ ରିପୋର୍ଟକୁ ମଧ୍ୟ ବିଭାଗ ପକ୍ଷରୁ ତର୍ଜମା କରାଯାଉଛି।

ଏ ନେଇ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା କହିଛନ୍ତି, ହେଲିକପ୍ଟର ଉଡ଼ାଣରେ ଆଇନ ଉଲ୍ଲଂଘନ ହୋଇଛି କି ନାହିଁ ତାହାର ତଦନ୍ତ ଡିଜିସିଏ କରିବ। ବୈଜୟନ୍ତଙ୍କ ହେଲିକପ୍ଟର ଅନୁମତି ନେଇ ସକାଳ ୮ଟା ୪୬ମି.ରେ ଉଡ଼ାଣ କରିଥିଲା। ହେଲିକପ୍ଟର ନୋ ଫ୍ଲାଇଂ ଜୋନ୍‌ରେ ଉଡ଼ାଣ କରିଛି କି ନାହିଁ ଏବଂ ଏହା ଚିଲିକାରେ ଲ୍ୟାଣ୍ଡ କରିଛି କି ନାହିଁ ସେ ନେଇ ଆମ ପାଖରେ କୌଣସି ସୂଚନା ନାହିଁ।

ଜଙ୍ଗଲ, ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ କହିଛନ୍ତି ଯେ, ଚିଲିକା ଉପରେ ହେଲିକପ୍ଟର ଉଡିବା ଦ୍ୱାରା ଜୈବବିବିଧତା ନଷ୍ଟ ହେବାର କୌଣସି ସମ୍ଭାବନା ନାହିଁ। ହେଲିକପ୍ଟର ଶବ୍ଦରେ ଚିଲିକାର କୌଣସି ଜୈବବିବିଧତା ନଷ୍ଟ ହୋଇନାହିଁ। ଏହାଦ୍ୱାରା ମତ୍ସ୍ୟଜୀବୀମାନେ ଭୟଭୀତ ହୋଇଛନ୍ତି। ଯାହା କିଛି ହୋଇଛି ସେନେଇ ଥାନାରେ ଏତଲା ହୋଇଥିବା ସେ କହିଛନ୍ତି।

ଚିଲିକାରେ ହେଲିକପ୍ଟର ଉଡ଼ାଣ ନେଇ ଚିଲିକା ପରିବେଶ ପର୍ଯ୍ୟଟନ ମହାସଂଘର ସମ୍ପାଦକ ସଦାଶିବ ଜେନା ଅରଖକୁଦା ସାମୁଦ୍ରିକ ଥାନାରେ ମଙ୍ଗଳବାର ଏକ ଏତଲା ଦାୟର କରିଛନ୍ତି। ଚିଲିକାର କମ୍ ଉଚ୍ଚତାରେ ଏବଂ ପାଣିକୁ ଲାଗିଲା ଭଳି ବୈଜୟନ୍ତ ଉଡ଼ାଣ କରିଛନ୍ତି। ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସେହିପରି ସଚେତନ ନାଗରିକ ମଞ୍ଚର ଆବାହକ ପୁରୀ ଏସ୍‌ପିଙ୍କ ନିକଟରେ ଏକ ଅଭିଯୋଗ ଦାଖଲ କରିଛନ୍ତି। ଆଇନ ସମସ୍ତଙ୍କ ପାଇଁ ସମାନ। ବୈଜୟନ୍ତଙ୍କ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସଞ୍ଜୟ ଦାସବର୍ମା, ପିନାକୀ ମିଶ୍ର ଏବଂ ମନ୍ତ୍ରିମଣ୍ଡଳର ବିଭିନ୍ନ ନେତୃମଣ୍ଡଳୀ ବେନିୟମ ଭାବେ ଚିଲିକା ଉପରେ ଉଡ଼ାଣ କରିଛନ୍ତି। ତେଣୁ ସେମାନଙ୍କ ବିରୋଧରେ ମାମଲା ରୁଜୁକରି ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।

## ଅସନ୍ତୋଷ ତେଜିଲା...

ଏବଂ କୋଣାର୍କ ସୂର୍ଯ୍ୟମନ୍ଦିର ଉପରେ ହେଲିକପ୍ଟର ଉଡାଣ କରୁଥିବା ଭିଡିଓକୁ ସେ ଟୁଇଟରରେ ଅପଲୋଡ କରିଛନ୍ତି। ଏହାସହିତ ଶିମିଳିପାଳ ଅଭୟାରଣ୍ୟର ବରେହିପାଣି ଜଳପ୍ରପାତ ଫଟୋ ଟୁଇଟର ଆକାଉଣ୍ଟରେ ଅପଲୋଡ କରି ମତ ରଖିଛନ୍ତି। ଏହି ଭିଡିଓ ଭାଇରାଲ ହେବା ପରେ ନୂଆ ବିବାଦ ମୁଣ୍ଡ ଟେକିଛି। ପୁରୀ ଶ୍ରୀମନ୍ଦିର ଓ ସୂର୍ଯ୍ୟମନ୍ଦିର ଉପରେ ହେଲିକପ୍ଟର ଉଡ଼ାଣ ନେଇ ସିଂହଦ୍ୱାର ଥାନାରେ ଦୁଇଟି ଏତଲା ଦାୟର ହୋଇଛି। ଅନ୍ୟପକ୍ଷରେ କୋଣାର୍କ ସୂର୍ଯ୍ୟମନ୍ଦିରକୁ ନେଇ ଅଭିଜିତ ତାଙ୍କ ଟୁଇଟରରେ ଏକ ଭିଡିଓ ଅପଲୋଡ କରିଛନ୍ତି। ଉକ୍ତ ଭିଡିଓରେ ସୂର୍ଯ୍ୟମନ୍ଦିର କାରୁକାର୍ଯ୍ୟକୁ ନେଇ ବିବାଦୀୟ ମନ୍ତବ୍ୟ ରଖିଛନ୍ତି। ସେ ଉକ୍ତ ଭଡିଓରେ କୋଣାର୍କ ମନ୍ଦିର ଶୃଙ୍ଗାରକଳା ଓ ବାସ୍ତୁକଳାକୁ ସମାଲୋଚନା କରି ଏହା କୌଣସି ପବିତ୍ର ସ୍ଥାନ ହୋଇପାରେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାକୁ ଆମ ହିନ୍ଦୁ ସମାଜରେ ବିରୋଧରେ କରାଯାଇଛି। ଏହା ମୁସଲମାନଙ୍କ ଏକ ଷଡ଼ଯନ୍ତ୍ର। ଆମକୁ ଚାପି ରଖିବା ପାଇଁ ଏଭଳି କରାଯାଇଥିଲା ବୋଲି ଉକ୍ତ ଭିଡିଓରେ ଅଭିଜିତ କହିଛନ୍ତି। ଏପରି କି ଅଭିଜିତ ତାଙ୍କର ଟୁଇଟର ଆକଉଣ୍ଟରେ ଆହୁରି ଦର୍ଶାଇଛନ୍ତି ଯେ, ସେ ଧନୀମାନଙ୍କ ସପକ୍ଷବାଦୀ ଏବଂ ଗରିବଙ୍କ ବିରୋଧୀ। ମୁଁ ଯେତିକି ସିଗାରେଟ ଟାଣେ ସେଥିରେ ଜଣକର ପାଠପଢା ଖର୍ଚ୍ଚ ହୋଇପାରିବ। ଭାରତବର୍ଷର କୃଷକମାନେ ପରଜୀବୀ (ପାରାସାଇଟ୍)। ଅଭିଜିତଙ୍କ ବିବାଦୀୟ ଟୁଇଟର ଭିଡିଓ ଭାଇରାଲ ହେବା ପରେ ସବୁଠି ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି।

ପୁରୀର ଏକ ସଂଗଠନ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ଶ୍ରୀମନ୍ଦିର ଓ ସୂର୍ଯ୍ୟମନ୍ଦିର ଉପରେ ହେଲିକପ୍ଟର ଉଡାଣ କରି ଭିଡିଓ ଓ ଫାଟୋ ଉତ୍ତୋଳନ କରିଥିବା ନେଇ ଅଭିଯୋଗ ଦର୍ଶାଯାଇଛି। ହେଲିକପ୍ଟର କ୍ୟାପ୍‌ଟେନ ଏବଂ ତାଙ୍କ ସାଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଏତଲାରେ ଦର୍ଶାଯାଇଛି।

ଅନ୍ୟପକ୍ଷରେ କୋଣାର୍କ ସୂର୍ଯ୍ୟମନ୍ଦିରକୁ ନେଇ ଅଭିଜିତ ରଖିଥିବା ବିବାଦୀୟ ମନ୍ତବ୍ୟକୁ ପୁରୀ ବିଜେଡି ନଗର ସଭାପତି ସବ୍ୟସାଚୀ ମହାପାତ୍ର ବିରୋଧ କରିଛନ୍ତି। ସେ ଏ ସଂକ୍ରାନ୍ତରେ ସିଂହଦ୍ୱାର ଥାନାରେ ଏକ ଏତଲା ଦେଇଛନ୍ତି। ଶ୍ରୀମନ୍ଦିର ଓ ସୂର୍ଯ୍ୟମନ୍ଦିର ଉପରେ ହେଲିକପ୍ଟର ଉଡାଣ ଏବଂ ସୂର୍ଯ୍ୟମନ୍ଦିର ସଂକ୍ରାନ୍ତରେ କଦର୍ଥ ମନ୍ତବ୍ୟ ରଖିଥିବା ଅଭିଜିତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସେ ଏତଲାରେ ଦର୍ଶାଇଛନ୍ତି। ପୁରୀ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ କହିଛନ୍ତି ଯେ, ସୋସିଆଲ ମିଡିଆରେ ଯେଉଁ ସବୁ ପୋଷ୍ଟ ହୋଇଛି ତାହାକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ଅଭିଜିତ ଆୟର ମିତ୍ର ଏବଂ ଆରତୀ ଟିକୋଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ। ଯେଉଁ ବିବାଦୀୟ ମନ୍ତବ୍ୟ ରଖିଛନ୍ତି ତାହା ବି ତଦନ୍ତ ପରିସର ଭୁକ୍ତ ହେବ।

## ବିଧାନସଭାରେ ହେଲିକପ୍ଟର,...

ଶ୍ରୀମନ୍ଦିର ଉପରେ ହେଲିକପ୍ଟର ଉଡାଇବା ଓ କୌଣାର୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର ବୋଲି ନରସିଂହ କହିଛନ୍ତି। ବିଜେଡି ସଭ୍ୟ ସଞ୍ଜୟ ଦାସବର୍ମା କହିଲେ ଚିଲିକାରେ ହେଲିକପ୍ଟର ଉଡ଼ାଇବାକୁ ନେଇ ଦଳଗତ ନିର୍ବିଶେଷରେ ଉଦ୍‌ବେଗ ପ୍ରକାଶ କରାଯାଇଛି। ଏହା ଏକ ବିଶ୍ୱପ୍ରସିଦ୍ଧ ଜୈବ ମଣ୍ଡଳ। ଏଠାରେ ୩୫୦ ପ୍ରକାର ମତ୍ସ୍ୟ ଓ ବିରଳ ଇରାୱାଡି ଡଲଫିନଙ୍କ ବାସସ୍ଥଳୀ। ୨ ଲକ୍ଷ ମତ୍ସ୍ୟଜୀବୀ ଏହା ଉପରେ ନିର୍ଭର କରୁଛନ୍ତି। ସରକାର ଏହାର ତଦନ୍ତ କରୁଛନ୍ତି। ବୈଜୟନ୍ତଙ୍କ ସହଯୋଗୀ ଅଭିଜିତ୍ କୋଣାର୍କ ମନ୍ଦିର ଉପରେ ଯେଉଁ ଭିଡିଓ ସୋସିଆଲ ମିଡିଆରେ ଛାଡ଼ିଛନ୍ତି ତାହା ଅତ୍ୟନ୍ତ ଆପତ୍ତିଜନକ। ଆମେ ଏହାକୁ କଦାପି ବରଦାସ୍ତ କରିବୁ ନାହିଁ। ଭାଜପା ସଭ୍ୟ କେ.ଭି. ସିଂଦେଓ କହିଲେ, ଚିଲିକାରେ ଶହ ଶହ ମୋଟର ଚାଳିତ ଡଙ୍ଗା ଚଳାଚଳ ହେଉଛି। ଏହା କ’ଣ ପରିବେଶକୁ କ୍ଷତି କରୁନାହିଁ। ହେଲିକପ୍ଟର ଉଡ଼ିଲେ ଯଦି ସମସ୍ୟା ହେଉଛି ତେବେ ଏହି ବୋଟଗୁଡ଼ିକୁ ମଧ୍ୟ ବନ୍ଦ କରିବା ଦରକାର। ବିଜେଡି ଦୋମୁହାଁ ନୀତି ଅବଲମ୍ବନ ନ କରିବା ଉଚିତ। ଅଭିଜିତ୍‌ଙ୍କ ସହ ଭାଜପାକୁ ଯୋଡ଼ି ରାଜନୀତି କରା ନ ଯାଉ। ସେହି ବ୍ୟକ୍ତିଙ୍କ ସହ ଦଳର କୌଣସି ସମ୍ପର୍କ ନାହିଁ। ଯଦି କୌଣସି ବ୍ୟକ୍ତି ଆଇନ ଖିଲାପ କରିଛନ୍ତି ତେବେ ଡିଜିସିଏଙ୍କ ରିପୋର୍ଟ ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି ସେ କହିଥିଲେ। ବିଜେଡି ସଭ୍ୟ ସମୀର ରଞ୍ଜନ ଦାଶ, ଅମର ଶତପଥୀ, କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି କୋଣାର୍କ ଉପରେ ଅଭିଜିତ୍ ଦେଇଥିବା ମନ୍ତବ୍ୟକୁ କଡ଼ା ସମାଲୋଚନା କରିବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଭାଜପା ସଭ୍ୟ ପ୍ରଦୀପ ପୁରୋହିତ କହିଲେ, ଧର୍ମର ସୁରକ୍ଷା ଠିକା ବିଜେଡି ନେଇନାହିଁ। ସରକାର ହିସାବରେ ସୁରକ୍ଷା ଦେଇ ପାରିବେ। ଓଡ଼ିଶାକୁ ଯିଏ ଅସମ୍ମାନ କରିବ ତାକୁ ଛଡ଼ାଯିବ ନାହିଁ। ଚିଲିକାରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଗଲେ ପରିବେଶ ନିୟମ ଉଲ୍ଲଂଘନ ହେଉନାହିଁ । ଅନ୍ୟ ଯିଏ ଯିବେ ଉଲ୍ଲଂଘନ ହେଉଛି। ମୁଖ୍ୟମନ୍ତ୍ରୀ କ’ଣ ଆଇନର ଊର୍ଦ୍ଧ୍ୱରେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସମବାୟ ଦୁର୍ନୀତି ବିଷୟକୁ ଏଡାଇବା ପାଇଁ ଶାସକ ଦଳ ଏଭଳି ଚାଲ କରିଛି ବୋଲି ସେ ଅଭିଯୋଗ କରିଥିଲେ। ବିଜେଡି ସଭ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁକ୍ତିକାନ୍ତ ମଣ୍ଡଳ, ବ୍ୟୋମକେଶ ରାୟ ଅଭିଜିତ୍‌ଙ୍କ ବିରୋଧରେ ବିକ୍ଷୋଦ୍‌ଗାର କରିବା ସହ ଉଭୟଙ୍କ ଗିରଫ ଦାବି କରିଥିଲେ।



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

## ସଂକ୍ଷେପରେ

### କାଠ ଫାଳିଆରେ ପିଟି ଯୁବକଙ୍କୁ ହତ୍ୟା

ନୂଆଗାଁ, ୧୮।୯ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ ଲିଣ୍ଡା ଗ୍ରାମରେ ସୋମବାର ରାତ୍ରି ପ୍ରାୟ ୧୦ଟାରେ ଏକ ହତ୍ୟାକାଣ୍ଡ ଘଟିଛି। ବୁଦ୍ଧେଶ୍ୱର ମୁଣ୍ଡାରୀ (୪୦)ଙ୍କୁ କୌଣସି ଦୁର୍ବୃତ୍ତ କାଠ ଫାଳିଆରେ ପିଟି ହତ୍ୟା କରିଥିବା ମଙ୍ଗଳବାର ବିଶ୍ରା ଥାନାରେ ଅଭିଯୋଗ ହୋଇଛି। ଏନେଇ ବିଶ୍ରା ପୋଲିସ ଏକ ହତ୍ୟା ମାମଲା (ନଂ. ୭୮/୧୮) ରୁଜୁ କରି ତଦନ୍ତ କରୁଛି। ମଙ୍ଗଳବାର ପୋଲିସ ମୃତଦେହ ଜବତ କରିଛି। ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବିଶ୍ରା ଥାନା ଅଧିକାରୀ ବିକାଶ ରଞ୍ଜନ ସ୍ୱାଇଁଙ୍କ କହିବା ଅନୁଯାୟୀ ସୋମବାର ରାତିରେ ଲିଣ୍ଡା ଗ୍ରାମରେ ରହୁଥିବା ଜନୈକା ବିଧବା ମହିଳାଙ୍କ ଘରକୁ ବୁଦ୍ଧେଶ୍ୱର ଜୋରଜବରଦସ୍ତ ପଶି ତାଙ୍କୁ ଅସଦାଚରଣ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ କେହି ବୁଦ୍ଧେଶ୍ୱରଙ୍କୁ କାଠ ଫାଳିଆରେ ପିଟି ହତ୍ୟା କରିଥିବା ପୋଲିସ ପ୍ରକାଶ କରିଛି। ତେବେ ତାଙ୍କୁ କାଠ ଫାଳିଆରେ କିଏ ଆକ୍ରମଣ କଲା କିମ୍ବା ଏହା ପଛରେ ଅସଲ ଉଦ୍ଦେଶ୍ୟ କଣ ସେ ନେଇ ପୋଲିସକୁ କୌଣସି ଠୋସ ତଥ୍ୟ ମିଳିପାରିନାହିଁ। ସମ୍ପୃକ୍ତା ବିଧବା ମହିଳାଙ୍କ ସମେତ ସେହି ଗାଁର କେତେଜଣ ଲୋକ ଫେରାର ଥିବାରୁ ଏହାର ପ୍ରକୃତ କାରଣ ଏବେବି ଅସ୍ପଷ୍ଟ ଥିବା ଥାନା ଅଧିକାରୀ ସ୍ୱାଇଁ ପ୍ରକାଶ କରିଛନ୍ତି। ତେବେ ଘଟଣା ସମ୍ପର୍କରେ ଗ୍ରାମର ୱାର୍ଡ଼ ସଭ୍ୟ ପୋଲିସକୁ ପ୍ରଥମେ ସୂଚନା ଦେଇଥିଲେ।

# ବରିଷ୍ଠ ନାଗରିକଙ୍କ ରାଜ୍ୟସ୍ତରୀୟ ଆସୋସିଏଶନ ଗଠିତ

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ବରିଷ୍ଠ ନାଗରିକମାନଙ୍କର ଏକ ରାଜ୍ୟସ୍ତରୀୟ ଆସୋସିଏଶନ ଗଠିତ ହୋଇଛି। ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବରିଷ୍ଠ ନାଗରିକଙ୍କୁ ଆସୋସିଏଶନର ପରାମର୍ଶଦାତା କମିଟିରେ ରଖାଯାଇଥିବା ବେଳେ ବରିଷ୍ଠ ସାମ୍ବାଦିକ, ଲେଖକ ତଥା ସ୍ତମ୍ଭକାର ଜୀମୂତ ମଙ୍ଗରାଜ ଏହାର ସଭାପତି ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ଆସୋସିଏଶନର ଆଭିମୁଖ୍ୟ ହେଉଛି, ରାଜ୍ୟର ବିଭିନ୍ନ ଅଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରାଇବା। ଏଥିସହ ବରିଷ୍ଠ ନାଗରିକମାନେ ରାଜ୍ୟ, ଦେଶ ଏବଂ ବିଦେଶକୁ ବୁଲିଯିବା ନିମନ୍ତେ ବ୍ୟବସ୍ଥା କରିବା। ଏ ସବୁ ଛଡ଼ା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ଯେଉଁ ସହାୟତା ଯୋଗାଇ ଦିଆଯାଉଛି, ତାହା ଯେପରି ସେମାନେ ପାଇପାରିବେ, ସେ ନେଇ ଆସୋସିଏଶନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ। ସେମାନେ ଯେପରି ପୋଲିସଠାରୁ ସୁରକ୍ଷା ପାଇପାରିବେ, ସେ କ୍ଷେତ୍ରରେ ମଧ୍ୟ ଆସୋସିଏଶନ ବିଭିନ୍ନ ସମୟରେ ପୋଲିସ ସହ ଯୋଗାଯୋଗ ରକ୍ଷା କରିବ। ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ବିଶେଷକରି ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ପଦକ୍ଷେପ ନିଆଯିବ। ସେହିଭଳି ବରିଷ୍ଠ ନାଗରିକଙ୍କ ସୁବିଧା, ସୁଯୋଗ, ସୁରକ୍ଷା ଆଦି ସମ୍ପର୍କରେ ଅବଗତ କରାଇବା ନିମନ୍ତେ ଆସୋସିଏଶନ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରିବ। ପଞ୍ଚାୟତରୁ ଆରମ୍ଭ କରି ରାଜଧାନୀ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ଆସୋସିଏଶନର ସଭ୍ୟ କରାଯିବ। ଜିଲା, ବ୍ଲକ ଓ ପଞ୍ଚାୟତସ୍ତରରେ ଏହାର ଶାଖା ରହିବ।

ଆସୋସିଏଶନର ସାଧାରଣ ସମ୍ପାଦକ ଭାବେ ନିରଞ୍ଜନ ସ୍ୱାଇଁ ମନୋନୀତ ହୋଇଛନ୍ତି। ପରାମର୍ଶଦାତା କମିଟିରେ ପୂର୍ବତନ ଏମ୍‌ପି ଦ୍ୱିତୀକୃଷ୍ଣ ପଣ୍ଡା, ପୂର୍ବତନ ବାଚସ୍ପତି ଶରତ କୁମାର କର, ଭୁବନେଶ୍ୱରର ପୂର୍ବତନ ନଗରପାଳ ତଥା ବିଶିଷ୍ଟ ଚିକିତ୍ସାବିତ୍ ଡା. ଜଗନ୍ନାଥ ମହାପାତ୍ର, ବିଶିଷ୍ଟ ସାମ୍ବାଦିକ ତଥା ଇଣ୍ଡିଆନ୍ ଏକ୍ସପ୍ରେସର ପୂର୍ବତନ ସମ୍ପାଦକ ଶ୍ରୀମୟ କର, ବିଶିଷ୍ଟ ପ୍ରଶାସକ ସର୍ବେଶ୍ୱର ମହାନ୍ତି, ସାମାଜିକ କର୍ମୀ କସ୍ତୁରୀ ମହାପାତ୍ର, ପୂର୍ବତନ ମୁଖ୍ୟ ଆୟକର କମିଶନର ଅଶୋକ କୁମାର ଚାଟାର୍ଜୀ, ଅବସରପ୍ରାପ୍ତ ଜିଲା ଦୌରାଜଜ୍ କିଶୋର ଚନ୍ଦ୍ର ମହାପାତ୍ର ପ୍ରମୁଖ ରହିଛନ୍ତି। ସେହିପରି ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ନରେନ୍ଦ୍ର ମିଶ୍ର, ବିଶିଷ୍ଟ ଆଡ୍‌ଭୋକେଟ ନିରୋଜ ମହାପାତ୍ର, ଆଇନଜୀବୀ ତଥା ସାମାଜିକ କର୍ମୀ ଶୁଭ୍ରାଂଶୁ ସିଂ, ବରିଷ୍ଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଚନ୍ଦ୍ରଶେଖର ସାମନ୍ତରାୟ, ବିଶିଷ୍ଟ ସାମାଜିକ କର୍ମୀ ସିବିଆଇର ପୂର୍ବତନ ଆଡ୍‌ଭୋକେଟ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ବିମଳେନ୍ଦୁ ମହାନ୍ତି, ଡ. ଉମାକାନ୍ତ ଦାଶ, ଶିକ୍ଷାବିତ୍ ସବିତା ରାଉତରାୟ, ଇଞ୍ଜିନିୟର ସୂର୍ଯ୍ୟନାରାୟଣ ଚୂଡ଼ାମଣି ଓ ଅବସରପ୍ରାପ୍ତ ପୋଲିସ ଅଫିସର ଶରତ ଚନ୍ଦ୍ର ମିଶ୍ର ମଧ୍ୟ ଉକ୍ତ କମିଟିର ସଦସ୍ୟ ରହିଛନ୍ତି।

# କୁନି ହାତ ଗଢ଼ୁଛି ମୂର୍ତ୍ତି

ରାଉରକେଲା ଅଫିସ,୧୮।୯



କୁନି ହାତ ଗଢ଼ୁଛି ମୂର୍ତ୍ତି। ମାଟିରେ ବିଭିନ୍ନ ଦେବାଦେବୀ ପ୍ରତିମାକୁ ଗଢ଼ିବା ପରେ ରଙ୍ଗ ତୁଳିର ସ୍ପର୍ଶ ଦେଉଛି। ଏହି କୁନି ମୂର୍ତ୍ତିଶିଳ୍ପୀଜଣକ ହେଲେ ରାଉରକେଲା ମଧୁସୂଦନପାଲ୍ଲୀ ଅଞ୍ଚଳର ଅଶୋକ ବେରାଙ୍କ ୧୧ ବର୍ଷର ପୁଅ ଆୟୁଷ। ୪ର୍ଥ ଶ୍ରେଣୀର ଛାତ୍ର। ଚମତ୍କାର ହେଉଛି, ସେ ଏହି ବିଦ୍ୟା କାହାଠାରୁ ଶିଖିନାହାନ୍ତି କି କେହି ତାଙ୍କୁ ପ୍ରେରିତ କରିନାହାନ୍ତି। ପିଲାଟି ବେଳୁ ଚିତ୍ର ଆଙ୍କିବା ପ୍ରତି ଥିବା ଆଗ୍ରହ ତାଙ୍କୁ ଏହି କଳା ଶିଖାଇଛି। ବାପା ଅଶୋକ କୁହନ୍ତି ୩ ବର୍ଷ ହୋଇଥିବା ବେଳେ ଆୟୁଷ ରଙ୍ଗତୁଳୀ ଧରି ଚିତ୍ର ଆଙ୍କିବା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଏହାକୁ ମାଟିର ରୂପ ଦେବାର ସଉକ ତାଙ୍କଠାରେ ଦେଖିବାକୁ ମିଳିଥିଲା। ବିଦ୍ୟାଳୟ ଆସିବା ବାଟରେ ଯେଉଁଠି ତାଙ୍କୁ ନିଜ ମନ ପସନ୍ଦର ମାଟି କାଦୁଅ ମିଳିଯାଏ ସଂଗ୍ରହ କରି ଆଣି ଘରେ ସାଇତି ରଖନ୍ତି। ପାଠପଢ଼ାରୁ ବିରତି ପରେ ସେହି ମାଟିରେ ମୂର୍ତ୍ତି ଗଢ଼ି ବସନ୍ତି। ଏହା ଏବେ ତାଙ୍କର ନିଶା ପାଲଟିଛି। ଏଥର ତାଙ୍କ ହାତ ତିଆରି ମୃଣ୍ମୟ ମାଟିର ଗଣେଶ ପୂଜା ପାଇଛନ୍ତି। ଆଗକୁ ଦୁର୍ଗା ପୂଜା। ମା' ଦୁର୍ଗାଙ୍କ ମାଟିର ପ୍ରତିମା ଗଢ଼ିବାରେ ଏବେ ଆୟୁଷ ବ୍ୟସ୍ତ। ପର୍ବପର୍ବାଣୀ ଆସିଲେ ଗଣେଷ, ସରସ୍ୱତୀ, ଦୁର୍ଗା, ଲକ୍ଷ୍ମୀ ଓ ମା କାଳୀଙ୍କୁ ରୂପ ନ ଦେବା ଯାଏ ତାଙ୍କୁ ଶାନ୍ତି ମିଳେନା। ଏଥିରେ କେହି ବାଧା ଦେଲେ ତାଙ୍କ ପାଠପଢ଼ାରେ ସମସ୍ୟା ହୋଇଥାଏ ବୋଲି ପରିବାର ଲୋକେ କହିଛନ୍ତି। କାଦୁଅ, ନଡ଼ା, କୁଣ୍ଡା, କରତଗୁଣ୍ଡ ଆଦି ମିଶ୍ରଣ କରି ସେ ଛୋଟ ଆକାରର ମୂର୍ତ୍ତି ଗଢ଼ିଥାନ୍ତି। ଆୟୁଷଙ୍କ ହାତ ତିଆରି ହନୁମାନଙ୍କୁ ପରିବାର ଲୋକେ ଅତି ଆଦରରେ ଏବେ ଘରେ ପୂଜା କରୁଛନ୍ତି। ପାଠପଢ଼ାରେ ମଧ୍ୟ ସେ କିଛି କମ ନୁହଁନ୍ତି। ଶ୍ରେଣୀରେ ପ୍ରଥମ ହେବା ପାଇଁ ସବୁବେଳେ ଚେଷ୍ଟିତ। ବୃତ୍ତି ପରୀକ୍ଷା ଦେଇଛନ୍ତି। ସେଥିରେ ନିଶ୍ଚିତ ସଫଳ ହେବେ ସେ ଆଶା ରହିଛି କହିଛନ୍ତି ବାପା ଅଶୋକ। ଆୟୁଷ ଜଣେ ଭଲ ଚିତ୍ରକର ହେବାକୁ ଲକ୍ଷ୍ୟ ରଖିଛନ୍ତି।

# ୨୪ରୁ ବିଜେଡିର ରାଜ୍ୟବ୍ୟାପୀ ମହିଳା ସମାବେଶ

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ସର୍ବଭାରତୀୟ ପୋଲିସ କଣ୍ଟ୍ରୋଲ ବୋର୍ଡର ଦିଗ୍‌ଦର୍ଶନରେ ଓଡ଼ିଶା ପୋଲିସ ଏହି ପ୍ରତିଯୋଗିତାର ଆୟୋଜନ କରୁଛି। ଏଥିପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗର ସହାୟତା ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ପ୍ରତିଯୋଗିତାରେ ରାଜ୍ୟ ଏବଂ କେନ୍ଦ୍ରୀୟ ପୋଲିସ ଦଳରୁ ୪୦ଟି ଦଳରୁ ୩୦୦ ପ୍ରଶିକ୍ଷକଙ୍କ ସମେତ ୧୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେବେ ବୋଲି ସୂଚନା ଦିଆଯାଇଛି। ମୁଖ୍ୟତଃ ଜିମ୍ନାଷ୍ଟିକ, ଜୁଡୋ, ଟାଏକୋଣ୍ଡୋ, ଉଷୁ ବିଭାଗର ପ୍ରତିଯୋଗିତାମାନ ହେବ। ଏହାର ପରିଚାଳନା ପାଇଁ ଡିଜିପିଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ଅତିରିକ୍ତ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆଙ୍କୁ କମିଟିର ଉପାଧ୍ୟକ୍ଷ ନିଯୁକ୍ତ କରାଯାଇଥିବା ବେଳେ ଅତିରିକ୍ତ ପୋଲିସ ଡିଜି ବିନୟତୋଷ ମିଶ୍ରଙ୍କୁ ପରିଚାଳନା ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ପ୍ରତିଯୋଗିତା ପାଇଁ ସମ୍ଭାବ୍ୟ ବ୍ୟୟ ଅଟକଳ କରାଯିବା ସହ ବୈଠକରେ ଏହା ଗୃହୀତ କରାଯାଇଛି। ପ୍ରତିଯୋଗିତାର ସୁପରିଚାଳନା ପାଇଁ ରାଜ୍ୟରେ ଥିବା ବିଭିନ୍ନ କ୍ରୀଡ଼ା ସଙ୍ଗଠନଗୁଡ଼ିକର ସହାୟତା ନିଆଯିବ। ପ୍ରତିଯୋଗିତା ପାଇଁ ଯଥେଷ୍ଟ କ୍ରୀଡ଼ା ଉପକରଣ ନ ଥିବାରୁ ଆବଶ୍ୟକ ସହାୟତା ପାଇଁ ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ କ୍ରୀଡା ସଚିବଙ୍କୁ ଚିଠି କରାଯାଇଛି। ଖେଳାଳି, ପ୍ରଶିକ୍ଷକ ଏବଂ ସେମାନଙ୍କ ଟିମ୍ ରହିବା ପାଇଁ ବାରବାଟୀ ଷ୍ଟାଡିୟମ, ଷଷ୍ଠ ଓଏସ୍ଏପି ବାଟାଲିୟନ, କିଟ୍ ବିଶ୍ୱବିଦ୍ୟାଳୟ ଆଦି ସ୍ଥାନ ଚୟନ କରାଯାଇଛି। ପ୍ରତିଯୋଗିତା ପାଇଁ ଆସନ୍ତା ନଭେମ୍ବର ୭ ତାରିଖରୁ ରାଜ୍ୟ ମୁଖ୍ୟ ପୋଲିସ କାର୍ଯ୍ୟାଳୟରେ ୨୪ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରତିଯୋଗିତାର ଉଭୟ ଉଦ୍‌ଘାଟନ ଓ ଉଦ୍‌ଯାପନୀ ବକ୍ସିବଜାର ସ୍ଥିତ ରିଜର୍ଭ ପୋଲିସ ପଡିଆଠାରେ ହେବ ବୋଲି ଡିଜିପି କହିଛନ୍ତି। ଖେଳାଳିଙ୍କ ରହଣି, ଖାଦ୍ୟପେୟ, ଅଭ୍ୟର୍ଥନା, ଯାତାୟାତ ଏବଂ ପ୍ରତିଯୋଗିତା ପରିଚାଳନାରେ ଯେପରି କୋଣସି ତ୍ରୁଟି ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ଡିଜିପି ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।




ସିନିୟର ମହିଳା ହକି: ହରିୟାଣା ଓ ତାମିଲନାଡୁ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ଫାଇନାଲରେ ସାଜନ

**ନୂଆଦିଲ୍ଲୀ, ୧୮।୯ (ପି.ଟି.):** ଭାରତୀୟ ରେସଲର ସାଜନ ଭାନୱାଲ ସ୍ଲୋଭାକିଆର ଟ୍ରାନଭାଠାରେ ଚାଲିଥିବା ଜୁନିୟର ବିଶ୍ୱ ରେସଲିଂ ବିଶ୍ୱଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ୭୭ କେ.ଜି. ଗ୍ରିକୋ- ରୋମାନ ଇଭେଣ୍ଟ ଫାଇନାଲକୁ ଉଠିଛନ୍ତି। ଫଳରେ ସେ ଅତିକମ୍‌ରେ ରୌପ୍ୟ ପଦକ ହାସଲ କରିବା ନିଶ୍ଚିତ ହୋଇଛି। ହରିୟାଣାର ସାଜନ ସେମିଫାଇନାଲରେ ୟୁକ୍ରେନର ଡିମିଟ୍ରୋ ଗାରଡୁବେଇଙ୍କୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି। ସେହିପରି କ୍ୱାର୍ଟର ଫାଇନାଲ ମୁକାବିଲାରେ ସେ ନରୱେର ପେର ଆଣ୍ଡେର୍ସ କୁରେଙ୍କୁ ହରାଇଥିଲେ। ଏବେ ଟାଇଟଲ ପାଇଁ ଫାଇନାଲ ମ୍ୟାଚରେ ସାଜନ ରୁଷିଆର ଇସ୍‌ଲାମ ଓପିଏଭଙ୍କୁ ଭେଟିବେ। ପୂର୍ବରୁ ସାଜନ ଜୁଲାଇ ମାସରେ ଜୁନିୟର ଏସିଆ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ସେ ପୁଣି ଫିନଲାଣ୍ଡର ଟାମ୍ପେରେଠାରେ ଖେଳାଯାଇଥିବା ୨୦୧୭ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ରେ ମଧ୍ୟ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସାଜନଙ୍କୁ ବାଦ୍ ଦେଲେ ଅନ୍ୟ ଦୁଇ ଭାରତୀୟ ରେସଲର ବିଜୟ ଓ ସାଗର ଯଥାକ୍ରମେ ୫୫ ଓ ୬୩ କେ.ଜି. ବର୍ଗର ସେମିଫାଇନାଲରେ ପ୍ରବେଶ କରିଥିଲେ। ତେବେ ଏହି ଦୁଇ ରେସଲର ସେମିରେ ପରାସ୍ତ ହେବା କାରଣରୁ ଫାଇନାଲରେ ପ୍ରବେଶ କରିପାରି ନ ଥିଲେ।

# ବିଜୟ ସହ ଓଡ଼ିଶାର ଅଭିଯାନ ଆରମ୍ଭ

**ଜାତୀୟ ସିନିୟର ୫-ଏ-ସାଇଡ୍ ମହିଳା ହକି**

ବେଙ୍ଗାଲୁରୁ, ୧୮।୯

ହକି ଇଣ୍ଡିଆ ୫-ଏ-ସାଇଡ୍ ଜାତୀୟ ସିନିୟର ମହିଳା ହକି ଟୁର୍ନାମେଣ୍ଟର ୩ୟ ସଂସ୍କରଣ ମଙ୍ଗଳବାର ଏଠାରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶା ୬-୩ ଗୋଲରେ ପଞ୍ଜାବକୁ ହରାଇ ସମ୍ପୂର୍ଣ୍ଣ ଷ୍ଟାଇଲ୍‌ରେ ଅଭିଯାନ ଆରମ୍ଭ କରିଛି। ନରିନ୍ଦର କୌର ମ୍ୟାଚର ୧ମ ମିନିଟରେ ଗୋଲ ଦେଇ ପଞ୍ଜାବକୁ ଅଗ୍ରଣୀ କରାଇଥିଲେ। ଇଲିମା ମିଞ୍ଜ ୩ୟ ମିନିଟରେ ଗୋଲଟିକୁ ପରିଶୋଧ କରି ଦେଇଥିବାବେଳେ ମାରିଆନା କୁଜୁର ୩ୟ ଓ ଇଲିମା ୪ର୍ଥ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେବାରୁ ଓଡ଼ିଶା ୩-୧ରେ ଅଗ୍ରଣୀ ହାସଲ କରିଥିଲା। ନରିନ୍ଦର ୭ମ ଓ ୯ମ ମିନିଟରେ ଗୋଲ ପରିଶୋଧ କରିବାରୁ ମ୍ୟାଚ ୩-୩ ସ୍ତରକୁ ଚାଲି ଆସିଥିଲା। ମାତ୍ର ଅଜମିନା କୁଜୁର ୯ମ, ମାରିଆନା କୁଜୁର ୧୧ ଓ ରଶ୍ମିତା ମିଞ୍ଜ ୧୩ତମ ମିନିଟରେ ଗୋଲ ଦେଇ ଓଡ଼ିଶାକୁ ବିଜୟୀ କରାଇଥିଲେ। ଅନ୍ୟ ମ୍ୟାଚ ଗୁଡ଼ିକରେ ଆୟୋଜକ କର୍ଣାଟକ ୪-୧ ଗୋଲରେ ଉତ୍ତର ପ୍ରଦେଶକୁ ହରାଇଥିବାବେଳେ ଗତବର୍ଷର ଚାମ୍ପିୟନ ହରିୟାଣା ୧୫-୨ ଗୋଲରେ ତାମିଲନାଡୁକୁ ପରାସ୍ତ କରିଛି। ଅନ୍ତର୍ଜାତୀୟ ଖେଳାଳି ପୁନମ ରାଣୀ, ଗଗନଦୀପ କୌର ଓ ସୋନିକା ହ୍ୟାଟ୍ରିକ ଗୋଲ ଦେଇ ହରିୟାଣାକୁ ବୃହତ ବ୍ୟବଧାନରେ ବିଜୟୀ କରାଇଥିଲେ। ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୩-୩ ଗୋଲରେ ଡ୍ର ରହିଛି।

# ଚାଇନା ଓପନ: ପ୍ରିକ୍ୱାର୍ଟରରେ ସିନ୍ଧୁ, ସାଇନା ଆଉଟ୍

ଚାନଝୌ, ୧୮।୯ (ପି.ଟି.)

ଏଠାରେ ଚାଲିଥିବା ୧୦ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଚାଇନା ଓପନ୍ ବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟରେ ଭାରତୀୟ ତାରକା ମହିଳା ଖେଳାଳି ପି.ଭି. ସିନ୍ଧୁ ପ୍ରିକ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ଅନ୍ୟତମ ଭାରତୀୟ ତାରକା ମହିଳା ଖେଳାଳି ସାଇନା ନେହ୍ୱାଲ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

ଅଲିମ୍ପିକ ତଥା ବିଶ୍ୱଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜୟିନୀ ସିନ୍ଧୁ ମହିଳା ସିଙ୍ଗଲ୍ସ ଓପନିଂ ରାଉଣ୍ଡରେ ବିଶ୍ୱର ୩୯ ନମ୍ବର ଖେଳାଳି ଜାପାନର ସାଏନା କାୱାକାମୀଙ୍କୁ ୨୧-୧୫, ୨୧-୧୩ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସ୍ଥାନୀୟ ଅଲିମ୍ପିକ ସ୍ପୋର୍ଟ୍ସ ସେଣ୍ଟରରେ ଅନୁଷ୍ଠିତ ହୋଇଥିବା ଏହି ମ୍ୟାଚ୍‌ରେ ତୃତୀୟ ସିଡ ମାନ୍ୟତା ପାଇଥିବା ସିନ୍ଧୁଙ୍କୁ ବିଜୟୀ ହେବା ପାଇଁ ସେତେଟା କଷ୍ଟ କରିବାକୁ ପଡି ନ ଥିଲା ଓ ସେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ। ଅନ୍ୟପଟେ ଦୁଇଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜୟିନୀ ତଥା ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ଜିତିଥିବା ସାଇନା ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ କୋରିଆର ସଙ୍ଗ୍ ଜି ହ୍ୟୁନ୍‌ଙ୍କଠାରୁ ୨୨-୨୦, ୮-୨୧, ୧୪-୨୧ରେ ପରାସ୍ତ ହାଇ ବିଦାୟ ନେଇଛନ୍ତି। ଏହି ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ସାଇନାଙ୍କୁ ହରାଇବା ପାଇଁ ହ୍ୟୁନଙ୍କୁ ୪୮ ମିନିଟ ସମୟ ଆବଶ୍ୟକ ହୋଇଥିଲା।

■ ଅଲ୍ ଓଡ଼ିଶା ୬-ରେଡ୍ ସ୍ନୁକର

# ଆକାଶ ଚାମ୍ପିୟନ



ଜିତେନ ଷଡ଼ଙ୍ଗୀ ଓ ଆକାଶ ମହାପାତ୍ର।

ଭୁବନେଶ୍ୱର, ୧୮।୯(କ୍ରୀଡ଼ା ପ୍ରତିନିଧି)

ପଟିଆସ୍ଥିତ ୬ପକେଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସର୍ବପ୍ରଥମ ଅଲ୍ ଓଡ଼ିଶା ୬-ରେଡ୍ ସ୍ନୁକର ଚାମ୍ପିୟନଶିପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ ଆକାଶ ମହାପାତ୍ର ୬-୧ ଫ୍ରେମ୍‌ରେ ଜିତେନ ଷଡ଼ଙ୍ଗୀଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ପୂର୍ବରୁ ଅନୁଷ୍ଠିତ ସେମିଫାଇନାଲରେ ଆକାଶ ୬-୨ରେ ସୁବ୍ରତ ଦାସଙ୍କୁ ଏବଂ ଜିତେନ ୬-୨ ଫ୍ରେମ୍‌ରେ ଆକ୍ରମ ଖାଁଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଚାମ୍ପିୟନ ଆକାଶ ଟ୍ରଫି ସହ ୧୦,୦୦୦ଟଙ୍କା ପୁରସ୍କାର ଆକାରରେ ପାଇଥିଲେ। ରନର୍ସଅପ୍ ଜିତେନଙ୍କୁ ଟ୍ରଫି ଏବଂ ୫,୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ପରାଜିତ ଦୁଇ ସେମିଫାଇନାଲିଷ୍ଟ ସୁବ୍ରତ ଓ ଆକ୍ରମ ୨,୫୦୦୦ ହଜାର ଲେଖାଏ ଏବଂ ପରାଜିତ ୪ କ୍ୱାର୍ଟର ଫାଇନାଲିଷ୍ଟ ୧,୦୦୦ଟଙ୍କା ଲେଖାଏ ପାଇଥିଲେ। ଅବନିଶ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ବ୍ରିଟିଶ ଆଇନଜ୍ଞଙ୍କ ସହାୟତା ନେବ ବିସିସିଆଇ

**ପିସିବି କ୍ଷତିପୂରଣ ମାମଲା**

ନୂଆଦିଲ୍ଲୀ,୧୮।୯(ପି.ଟି.)

ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) କ୍ଷତିପୂରଣ ମାମଲାର ଶୁଣାଣି ଆସନ୍ତା ମାସରେ କରିବ। ବିସିସିଆଇ ଏଥିପାଇଁ ଦୁବାଇସ୍ଥିତ ଏକ ଫାର୍ମ ଏବଂ ଜଣେ ବ୍ରିଟିଶ ଆଇନଜ୍ଞଙ୍କ ସହାୟତା ନେଇଛି। ଭାରତ ଓ ପାକିସ୍ତାନ କ୍ରିକେଟ ବୋର୍ଡ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ବୁଝାମଣା ପତ୍ର ଅନୁସାରେ ଦୁଇ ପଡୋଶୀ ଦେଶ ୨୦୧୫ରୁ ୨୦୨୩ ମଧ୍ୟରେ ୬ଟି ଦ୍ୱିପାକ୍ଷିକ ସିରିଜ ଖେଳିବା କଥା। ମାତ୍ର ତାହା କାର୍ଯ୍ୟକାରୀ ହୋଇ ପାରି ନାହିଁ। ଏଥିପାଇଁ ବିସିସିଆଇଠାରୁ ପିସିବି ପ୍ରାୟ ୪୪୭ କୋଟି ଟଙ୍କା କ୍ଷତିପୂରଣ ଦାବି କରିଛି। କିନ୍ତୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ କହିଛି, ବୁଝାମଣାପତ୍ରକୁ ମାନିବା ଲାଗି ବୋର୍ଡ ବାଧ୍ୟ ନୁହେଁ। ଡକ୍ୟୁମେଣ୍ଟରେ ଉଲ୍ଲେଖଥିବା କେତୋଟି ବିଷୟକୁ ପିସିବି ସମ୍ମାନ ଦେଉ ନାହିଁ ବୋଲି ବିସିସିଆଇ ପାଲଟା ଅଭିଯୋଗ ଆଣିଛି। ଆଇସିସିର ଡିସ୍‌ପ୍ୟୁଟ୍ ରିଜୋଲୁଶନ କମିଟି ଏହି ମାମଲାର ଶୁଣାଣି ଅକ୍ଟୋବର ୧ରୁ ୩ ପର୍ଯ୍ୟନ୍ତ କରିବ। ବିସିସିଆଇ ତରଫରୁ ଦୁବାଇସ୍ଥିତ ଲ'ଫାର୍ମ ହର୍ବର୍ଟ ସ୍ମିଥ୍ ଫ୍ରିହିଲ୍ସ ଏବଂ ବ୍ରିଟିଶ ଆଇନଜ୍ଞ ଇଆନ ମିଲ୍ସ ମକଦ୍ଦମା ପରିଚାଳନା କରିବେ। ଯେହେତୁ ଦୁବାଇରେ ମକଦ୍ଦମା ହୋଇଛି। ଆମକୁ ସେଠିକାର ଫାର୍ମର ସହାୟତା ନେବାକୁ ପଡ଼ିଛି। ମାମଲାର ଶେଷ ପର୍ଯ୍ୟନ୍ତ ଆମେ ଲଢ଼ିବୁ ବୋଲି ବିସିସିଆଇର ଜଣେ ବରିଷ୍ଠ ଅଫିସିଆଲ ପ୍ରକାଶ କରିଛନ୍ତି। ବିସିସିଆଇ ଦୁବାଇରେ ଏହାର ଲିଗାଲ ଟିମ୍ ସହିତ ଆଲୋଚନା କରି ସାରିଛି। ଏଥିରେ କାର୍ଯ୍ୟକାରୀ ସମ୍ପାଦକ ଅମିତାଭ ଚୌଧାରୀ ଓ ସିଇଓ ରାହୁଲ ଜୋହରି ଯୋଗ ଦେଇଥିଲେ।

## ଫାଓ ଲିଗ୍: ୟଙ୍ଗ୍ ଉତ୍କଳ କ୍ଲବ ବିଜୟୀ

କଟକ ଅଫିସ,୧୮।୯

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ୟଙ୍ଗ ଉତ୍କଳ କ୍ଲବ ୪-୦ ଗୋଲରେ କିଶୋର କ୍ଲବକୁ ପରାସ୍ତ କରିଛି । ୧୮ତମ ମିନିଟରେ ରାକେଶ ସାହୁଙ୍କ ପ୍ରଥମ ଗୋଲ ବଳରେ ୟଙ୍ଗ ଉତ୍କଳ ପ୍ରଥମାର୍ଦ୍ଧକୁ ୧-୦ରେ ଅଗ୍ରଣୀ ରହିଥିଲା । ଦ୍ୱିତୀୟାର୍ଦ୍ଧର ୫୯ଓ ୭୦ତମ ମିନିଟରେ ତପନ ସିଂ ୨ଟି ଓ ୭୭ତମ ମିନିଟରେ ବନ୍ଧୁ ଦାସ ଗୋଟିଏ ଗୋଲ ସ୍କୋର କରିବା ଯୋଗୁଁ ୟଙ୍ଗ ଉତ୍କଳ କ୍ଲବ ମ୍ୟାଚ୍‌କୁ ସହଜରେ ଜିତିଥିଲା ।

# ରାଜ୍ୟ ଓପନ୍ ଜୁଡୋ ଚାମ୍ପିୟନଶିପ୍ ଉଦ୍‌ଯାପିତ

ଭୁବନେଶ୍ୱର, ୧୮।୯

ପାରାଦୀପସ୍ଥିତ ମ୍ୟୁନିସିପାଲ କଲ୍ୟାଣ ମଣ୍ଡପଠାରେ ରାଜ୍ୟ ଓପନ ଜୁଡୋ ଚାମ୍ପିୟନଶିପ୍ ଏବଂ ୨୦୧୮ ପାଇଁ କ୍ୟାଡେଟ୍, ଜୁନିୟର ଏବଂ ସିନିୟର ବିଭାଗରେ ସିଲେକ୍ସନ ଟ୍ରାଏଲ ଅନୁଷ୍ଠିତ ହୋଇଯାଇଛି।

କିସ୍, ବରଗଡ଼ ଓ କିସ୍ ଯଥାକ୍ରମେ କ୍ୟାଡେଟ୍, ଜୁନିୟର ଓ ସିନିୟର କାଟେଗୋରିରେ ଟିମ୍ ଚାମ୍ପିୟନ ହୋଇଛନ୍ତି। ଏହି ଇଭେଣ୍ଟରେ କିସ୍ ଓ ଭୁବନେଶ୍ୱର ସମେତ ୧୫ଟି ଜିଲା/ୟୁନିଟ୍‌ର ୨୦୦ରୁ ଅଧିକ ଖେଳାଳି ଓ ଅଫିସିଆଲ ଅଂଶଗ୍ରହଣ କରିଥିଲେ। ଓଏସଜେଏର ସିଇଓ ଗୀତାଞ୍ଜଳୀ ପଣ୍ଡା ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟେକ୍ନିକାଲ ସେକ୍ରେଟାରି କନ୍ଦନ ମୁର୍ମୁ ଏବଂ ଜଗତ୍‌ସିଂହପୁର ଜୁଡୋ ଆସୋସିଏଶନର ସମ୍ପାଦକ ଲୋପାମୁଦ୍ରା ପତି ପ୍ରମୁଖ ଉପସ୍ଥିତ ଥିଲେ। ବାଉଟ୍‌ଗୁଡ଼ିକ ପୁରୁବ ମହାପାତ୍ର, ସାଗର ଜେନା, ବସନ୍ତ ଦଳେଇ, ବିଶ୍ୱଜିତ୍ ମାହାରିଙ୍କ ସମେତ ଓଡ଼ିଶା ରାଜ୍ୟ ଜୁଡ଼ୋ ଆସୋସିଏଶନର ଅନ୍ୟ ଟେକ୍ନିକାଲ ଅଫିସିଆଲମାନେ ପରିଚାଳନା କରିଥିଲେ। ଉଦ୍‌ଯାପନୀ ତଥା ପଦକ ବିତରଣ ଉତ୍ସବରେ ପାରାଦୀପ ଏଏସପି ବି. ସି. ମିଶ୍ର ଏବଂ ପାରାଦୀପ ପୋର୍ଟ ସ୍ପୋର୍ଟ୍ସ କାଉନ୍‌ସିଲ ସମ୍ପାଦକ ରବି ଦାସ ପ୍ରମୁଖ ଯୋଗ ଦେଇଥିଲେ।




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ଉଦ୍‌ଘାଟନୀ ମ୍ୟାଚ୍‌ରେ ଓଡ଼ିଶା ବିଜୟୀ

**ଜାତୀୟ ସିନିୟର ମହିଳା ଫୁଟବଲ**

କଟକ ଅଫିସ,୧୮।୯

୨୪ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ ମଙ୍ଗଳବାରଠାରୁ କଟକରେ ଆରମ୍ଭ ହୋଇଛି । ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଘରୋଇ ଓଡ଼ିଶା ୫-୦ ଗୋଲରେ ଛତିଶଗଡ଼କୁ ପରାସ୍ତ କରିଥିଲା । ଓଡ଼ିଶା ପକ୍ଷରୁ ଅଞ୍ଜୁ ତମାଙ୍ଗ ସର୍ବାଧିକ ୪ଟି ଗୋଲ ଦେଇଥିଲେ । ୨୭ତମ ମିନିଟରେ ଅଞ୍ଜୁ ଏକ ଗୋଲ ଦେଇ ଦଳକୁ ପ୍ରଥମାର୍ଦ୍ଧରେ ୧-୦ ଗୋଲରେ ଅଗ୍ରଣୀ ରଖିଥିଲେ । ପରେ ଦ୍ୱିତୀୟାର୍ଦ୍ଧର ୫୩ତମ, ୭୩ତମ ଓ ୮୫ତମ ମିନିଟରେ ଅଞ୍ଜୁ ୩ଟି ଗୋଲ ସ୍କୋର କରିଥିଲେ । ୮୨ତମ ମିନିଟରେ ସୁଭଦ୍ରା ସାହୁ ଅନ୍ୟଏକ ଗୋଲ ଦେଇଛନ୍ତି । ଅନ୍ୟ ମ୍ୟାଚ୍‌ରେ ହରିୟାଣା ୧୦-୦ ଗୋଲରେ କର୍ନାଟକକୁ, ପଶ୍ଚିମବଙ୍ଗ ୧୨-୦ ଗୋଲରେ ଆନ୍ଧ୍ରପ୍ରଦେଶକୁ ଓ ଭାରତୀୟ ରେଲୱେ ୧୪-୦ ଗୋଲରେ ହିମାଚଳପ୍ରଦେଶକୁ ପରାସ୍ତ କରିଛି । ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା, ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ବିଜୟ ଦାସ, ଭକ୍ତବଲ୍ଲଭ ଦାସ, ତଡ଼ିତ କୁମାର ରାଉତ, ଦିଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ସଙ୍ଗୀତା ଶର୍ମା, କର୍ପୋରେଟର ରଞ୍ଜନ କୁମାର ବିଶ୍ୱାଳ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଅଧିକାରୀ ଅଞ୍ଜନ କୁମାର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ ।



ରେଭେନ୍‌ଶା ଗ୍ରାଉଣ୍ଡରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।



"ଆଇଏଏଏଫ୍ କଣ୍ଟିନେଣ୍ଟାଲ କପ୍‌ରେ ଏକ ପଦକ ଜିତିବା ଦ୍ୱାରା ୨୦୨୦ ଟୋକିଓ ଅଲିମ୍ପିକ୍ସରେ ପୋଡିୟମ ଫିନିଶ କରିପାରିବି ବୋଲି ମୋ ଦୃଢ଼ ଆଶା ପୋଷଣ କରିଛି।

–ଅର୍ପିନ୍ଦର ସିଂ, ଭାରତୀୟ ଟ୍ରିପଲ ଜମ୍ପର



"ପୋଲାଣ୍ଡରେ ବକ୍ସିଂ ପ୍ରତିଯୋଗିତା ପୂର୍ବରୁ ଷ୍ଟ୍ରେଚିଂ ଓ ସ୍କିପିଙ୍ଗ ଏକ୍ସରସାଇଜ୍ ଦ୍ୱାରା ୪ଘଣ୍ଟାରେ ୨କେଜି ଓଜନ କମାଇ ପାରିଥିଲି।

–ଏମ୍. ସି. ମେରୀକମ୍, ଭାରତୀୟ ମହିଳା ବକ୍ସର

## ସଂକ୍ଷେପରେ

### ବିଶ୍ୱ ଚାମ୍ପିୟନଶିପ୍ ଖେଳିପାରିବେନି ଚାନୁ, ସତୀଶ

**ନୂଆଦିଲ୍ଲୀ, ୧୮।୯(ପି.ଟି.):** ସିନିୟର ଭାରୋତ୍ତୋଳକ ତଥା ଡିଫେଣ୍ଡିଂ ଚାମ୍ପିୟନ ମୀରାବାଈ ଚାନୁ, ସତୀଶ ଶିବଲିଙ୍ଗମ ଓ ଭେଙ୍କଟ ରାହୁଲ ଆଘାତଜନିତ ସମସ୍ୟା ଲାଗି ଚଳିତବର୍ଷ ଶେଷଭାଗରେ ହେବାକୁ ଥିବା ବିଶ୍ୱ ଚାମ୍ପିୟନଶିପ୍ ଖେଳିପାରିବେ ନାହିଁ। ନଭେମ୍ବର ୧ରୁ ତୁର୍କମେନିସ୍ତାନରେ ଏହି ସମ୍ମାନଜନକ ଇଭେଣ୍ଟ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରୁ ୨୦୨୦ ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ କରିବାର ସୁଯୋଗ ରହିଛି। ସିନିୟର ପ୍ରତିଯୋଗୀଙ୍କ ଅନୁପସ୍ଥିତି ଯୋଗୁ ଭାରତ ତା'ର ଜୁନିୟର ଖେଳାଳିଙ୍କୁ ନେଇ ବିଶ୍ୱ ଚାମ୍ପିୟନଶିପ୍ ଖେଳିବାକୁ ଯିବ। 'ଗତ ଏପ୍ରିଲରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପରଠାରୁ ଭାରତୀୟ ଭାରୋତ୍ତୋଳକ ଲଗାତର ଭାବେ ଖେଳିଆସୁଛନ୍ତି। ଏହା ତାଙ୍କୁ ବିଶ୍ରାମ ସଦୃଶ ହେବ' ବୋଲି ଭାରତୀୟ ଦଳର କୋଚ୍ ବିଜୟ ଶର୍ମା କହିଛନ୍ତି। ନିକଟରେ ଜାକର୍ତ୍ତାରେ ଶେଷ ହୋଇଥିବା ଏସିଆନ ଗେମ୍ସରେ ଭାରତୀୟ ଲିଫ୍ଟର ପଦକଶୂନ୍ୟ ଭାବେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ।

### ୧୬ ବର୍ଷରୁ କମ୍ ମହିଳା ଫୁଟବଲ
### ଆଜି ପାକିସ୍ତାନକୁ ଭେଟିବ ଭାରତ

**ଉଲାନବାତର(ମଙ୍ଗୋଲିଆ), ୧୮।୯(ପି.ଟି.):** ୧୬ ବର୍ଷରୁ କମ୍ ମହିଳା ଏଏଫ୍‌ସି କପ୍ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ବୁଧବାର ଭାରତୀୟ ମହିଳା ଫୁଟ୍‌ବଲ ଦଳ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବାକୁ ଯାଉଛି। ପ୍ରତିଯୋଗିତାରେ ଭାରତୀୟ ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ହଂକଂକୁ ୬-୧ ଗୋଲର ବୃହତ ବ୍ୟବଧାନରେ ପରାସ୍ତ କରିଥିବାରୁ ଖେଳାଳିଙ୍କ ମନୋବଳ ବେଶ୍ ଦୃଢ଼ ରହିଛି। ଆମେ ଏହି ମ୍ୟାଚ୍ ପାଇଁ ପୂରା ପ୍ରସ୍ତୁତ ବୋଲି ଭାରତୀୟ ଜୁନିୟର ମହିଳା ଫୁଟ୍‌ବଲ ଦଳର କୋଚ୍ ଫିର୍‌ମିନ ଡି'ସୁଜା କହିଛନ୍ତି। ଗତ ମାସରେ ଡି'ସୁଜାଙ୍କ ତତ୍ତ୍ୱାବଧାନରେ ଭାରତୀୟ ୧୫ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ଦଳ ଭୁଟାନରେ ଅନୁଷ୍ଠିତ ସାଫ୍ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଥିଲା। ଏଏଫ୍‌ସି ଯୋଗ୍ୟତା ପର୍ଯ୍ୟାୟରେ ପାକିସ୍ତାନ ବର୍ତ୍ତମାନ ସୁଦ୍ଧା ୨ଟି ମ୍ୟାଚ୍ ଖେଳି ଉଭୟରେ ପରାଜୟବରଣ କରିଛି। ପ୍ରଥମ ମ୍ୟାଚ୍‌ରେ ଦଳ ୮-୦ରେ ଆୟୋଜକ ମଙ୍ଗୋଲିଆଠାରୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ୩-୦ରେ ଲାଓସଠାରୁ ପରାସ୍ତ ହୋଇଥିଲା।

### ସର୍ବିୟାଠାରୁ ପୁଣି ହାରିଲା ଭାରତ

**ନୂଆଦିଲ୍ଲୀ, ୧୮।୯ (ପି.ଟି.):** ଆସନ୍ତା ବର୍ଷ ୧୯ ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଯାଉଥିବା ବେଳେ ଭାରତ ପ୍ରସ୍ତୁତି ତଥା ଅଭ୍ୟାସ ପାଇଁ ୟୁରୋପ ଗସ୍ତ କରିଛି। ତେବେ ଭାରତ ଆୟୋଜକ ସର୍ବିୟାଠାରୁ କ୍ରମାଗତ ଦ୍ୱିତୀୟ ପରାଜୟବରଣ କରିଛି। ସର୍ବିୟା ୩-୧ ଗୋଲରେ ଭାରତକୁ ପରାସ୍ତ କରିଛି। କୋଚ୍ ଫ୍ଲଏଡ ପିଣ୍ଟୋଙ୍କ ତତ୍ତ୍ୱାବଧାନରେ ଭାରତ ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ୦-୨ ଗୋଲରେ ପରାସ୍ତ ହୋଇଥିଲା।






# ଇଣ୍ଡୋ-ପାକ୍ ହାଇଭୋଲ୍ଟେଜ ମ୍ୟାଚ୍ ଆଜି

**ଦୁବାଇ, ୧୮।୯ (ପି.ଟି.)**

ଚଳିତ ଏସିଆ କପ ୧୪ତମ ସଂସ୍କରଣର ପଞ୍ଚମ ମ୍ୟାଚ୍‌ରେ ବୁଧବାର ଉପମହାଦେଶର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ଗ୍ରୁପ୍ ଏ'ର ଏହି ମ୍ୟାଚ ଉପରେ ସାରା ବିଶ୍ୱର ନଜର ରହିଛି। ଶେଷଥର ପାଇଁ ଏହି ଦୁଇ ଦେଶ ୨୦୧୭ ଜୁନ ୧୮ ତାରିଖରେ ଲଣ୍ଡନର ଓଭାଲ ଗ୍ରାଉଣ୍ଡରେ ଚାମ୍ପିୟନ୍ସ ଟ୍ରଫି ଫାଇନାଲ ମ୍ୟାଚରେ ପରସ୍ପରକୁ ଭେଟିଥିଲେ। ପାକିସ୍ତାନ ଓପନର ଫକର ଜମାନଙ୍କ ଶତକ ସହାୟତାରେ ବିଜୟୀ ହୋଇ ଟାଇଟଲ ହାସଲ କରିଥିଲା। ପାକିସ୍ତାନ ଇତିମଧ୍ୟରେ ଦିନିକିଆ ଫର୍ମାଟରେ ଯଥେଷ୍ଟ ଉନ୍ନତି କରିଛି। ସର୍ଫରାଜ ଅହମ୍ମଦଙ୍କ ନେତୃତ୍ୱରେ ପାକିସ୍ତାନ ଭଲ ପ୍ରଦର୍ଶନ କରୁଛି।

ଅନ୍ୟପଟେ ନିୟମିତ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ତାରକା ଓପନର ରୋହିତ ଶର୍ମାଙ୍କୁ ଭାରତର ନେତୃତ୍ୱ ପ୍ରଦାନ କରାଯାଇଛି। କ୍ରମାଗତ ଦୁଇ ଦିନରେ ଦୁଇଟି ମ୍ୟାଚ ଖେଳିବା ଭାରତ ପାଇଁ ଅବଶ୍ୟ ସମସ୍ୟା ସୃଷ୍ଟି କରିବ। ଦିନିକିଆରେ ଏପର୍ଯ୍ୟନ୍ତ ଭାରତ ଓ ପାକିସ୍ତାନ ୧୨୯ଟି ମ୍ୟାଚ୍‌ରେ ପରସ୍ପରକୁ ଭେଟିଛନ୍ତି। ଏଥିରେ ପାକିସ୍ତାନ ୭୩ଟିରେ ବିଜୟୀ ହୋଇଥିବା ବେଳେ ଭାରତ ୫୨ଟିରେ ବାଜି ମାରିଛି ଓ ୪ ଟି ମ୍ୟାଚ ଅମୀମାଂସିତ ରହିଛି। ପୁଣି ଏସିଆ କପ୍‌କୁ ବିଚାର କଲେ ଉଭୟ ଦେଶ ୧୨ଟିରେ ମୁହାଁମୁହିଁ ହୋଇଛନ୍ତି। ଏଥିରେ ଭାରତ ୬ଥର ବିଜୟୀ ହୋଇଛି। ସେହିପରି ପାକିସ୍ତାନ ୫ଟି ମ୍ୟାଚ୍ ଜିତିଥିବା ବେଳେ ଗୋଟିଏ ମ୍ୟାଚ୍‌ର ଫଳାଫଳ ମିଳିପାରି ନ ଥିଲା।




ରୋହିତ ଶର୍ମା ଓ ସର୍ଫରାଜ ଅହମ୍ମଦ।

ପାକିସ୍ତାନ ଦଳରେ ଏକାଧିକ ପ୍ରତିଭା ସମ୍ପନ୍ନ ଖେଳାଳି ରହିଛନ୍ତି। ଓପନର ଫକର ଜମାନ, ବାବର ଆଜମ ଓ ଇମାମ- ଉଲ - ହକଙ୍କ ଭଳି ଯୁବ ଖେଳାଳି ପାକିସ୍ତାନ କ୍ରିକେଟକୁ ନୂଆ ରୂପ ଦେଇଛନ୍ତି। ପାକିସ୍ତାନ ଦଳରେ ବିଶ୍ୱସ୍ତରୀୟ ବୋଲର ରହିଛନ୍ତି। ମହମ୍ମଦ ଆମୀର ଓ ହାସନ ଅଲୀ ଦ୍ରୁତ ଗତିରେ ବୋଲିଂ କରିବା ସହ ଉଭୟ ପଟକୁ ବଲ୍ ସୁଇଙ୍ଗ୍ କରିବାର କ୍ଷମତା ରଖୁଛନ୍ତି। ସେହିପରି ସ୍ପିନ୍ ବିଭାଗରେ ଶଦାବ ଖାଁ, ଅଭିଜ୍ଞ ସୋଏବ ମଲିକ, ହାରିସ ସୋହେଲ ମଧ୍ୟ ପାକିସ୍ତାନ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବେ। ଅଲରାଉଣ୍ଡର ଫାହିମ ଆଶ୍ରଫ୍ ଓ ୧୮ ବର୍ଷୀୟ ଦ୍ରୁତ ବୋଲର ଶାହିନ ଆଫ୍ରିଦିଙ୍କ ଉପରେ ସମସ୍ତଙ୍କ ନଜର ରହିବ। କୋହଲିଙ୍କ ଅନୁପସ୍ଥିତି କାରଣରୁ ଆମେ ଭାରତକୁ ଆଦୌ ହାଲକା ଭାବେ ନେବୁନାହିଁ ବୋଲି ପାକିସ୍ତାନ ଅଧିନାୟକ ସର୍ଫରାଜ ଅହମ୍ମଦ କହିଛନ୍ତି।

କୋହଲିଙ୍କ ଅନୁପସ୍ଥିତିରେ ମହେନ୍ଦ୍ର ସିଂ ଧୋନୀଙ୍କ ଉପରେ ଗୁରୁଦାୟିତ୍ୱ ରହିଛି। ଉଭୟ ଦଳରେ ଏକାଧିକ ବିଶ୍ୱସ୍ତରୀୟ ଖେଳାଳି ରହିଛନ୍ତି। ଏସିଆ କପ୍ ରେକର୍ଡ ଦୃଷ୍ଟିକୋଣରୁ ଭାରତ ପାଦେ ଆଗରେ ଥିବାପରି ମନେହେଉଛି। କୋହଲିଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତୀୟ ଦଳ ସନ୍ତୁଳନରେ ପ୍ରଭାବ ପଡିବ ନାହିଁ। ଭାରତୀୟ ଦଳରେ ରୋହିତଙ୍କ ସମେତ ଶିଖର ଧାୱନ, ଲୋକେଶ ରାହୁଲ, କେଦାର ଯାଦବଙ୍କ ଭଳି ବ୍ୟାଟ୍ସମ୍ୟାନ ରହିଛନ୍ତି। ସେହିପରି ଯଶପ୍ରୀତ ବୁମରା, ଭୁବନେଶ୍ୱର କୁମାର, କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କ ଭଳି ବିଶ୍ୱସ୍ତରୀୟ ବୋଲର ଦଳରେ ରହିଛନ୍ତି। ଧୋନୀ ଓ ଭୁବନେଶ୍ୱରଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ଦୁବାଇର ଗରମ ପରିବେଶରେ ଏହି ମ୍ୟାଚ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ଯଦି ପାକିସ୍ତାନ ଓ ଭାରତ ଫାଇନାଲକୁ ଉତ୍ତୀର୍ଣ୍ଣ ହୁଅନ୍ତି ତେବେ ଏହି ଟୁର୍ନାମେଣ୍ଟରେ ଏହି ଦୁଇ ଦେଶ ୩ଥର ଭେଟାଭେଟି ହେବା ଏକପ୍ରକାର ନିଶ୍ଚିତ। ତେଣୁ ଏହି ମ୍ୟାଚ୍‌ରେ ଉଭୟ ଦଳ ପରୀକ୍ଷାର ସମ୍ମୁଖୀନ ହେବେ।

- **ଭାରତୀୟ ଦଳ:** ରୋହିତ ଶର୍ମା(ଅଧିନାୟକ), ଶିଖର ଧାୱନ, ଲୋକେଶ ରାହୁଲ, ଅମ୍ବାତି ରାୟୁଡୁ, ମନୀଷ ପାଣ୍ଡେ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ, ହାର୍ଦ୍ଦିକ ପାଣ୍ଡ୍ୟା, ଭୁବନେଶ୍ୱର କୁମାର, ଯଶପ୍ରୀତ ବୁମରା, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଶାର୍ଦ୍ଦୁଳ ଠାକୁର, ଦୀନେଶ କାର୍ତ୍ତିକ ଓ ଖଲିଲ ଅହମ୍ମଦ।
- **ପାକିସ୍ତାନ ଦଳ:** ସର୍ଫରାଜ ଅହମ୍ମଦ (ଅଧିନାୟକ), ଫକର ଜମାନ, ଇମାମ-ଉଲ ହକ, ବାବର ଆଜମ, ଶାନ ମାସୁଦ, ସୋଏବ ମଲିକ, ହାରିସ ସୋହେଲ, ଶଦାବ ଖାନ, ମହମ୍ମଦ ନୱାଜ, ଫହିମ ଅଶ୍ରଫ୍, ହାସନ ଅଲୀ, ଜୁନେଦ ଖାଁ, ଉସମାନ ଖାଁ, ଶାହୀନ ଆଫ୍ରିଦି, ଆସିଫ୍ ଅଲୀ ଓ ମହମ୍ମଦ ଆମୀର।

**ସ୍ଥାନ:** ଦୁବାଇ
**ସମୟ:** ସନ୍ଧ୍ୟା ୫ଟା

**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ**

### ମ୍ୟାଚ୍ ଦେଖିବେ ପାକିସ୍ତାନ ପ୍ରଧାନମନ୍ତ୍ରୀ



**କରାଚୀ, ୧୮।୯, (ପି.ଟି.)**

ବୁଧବାର ଖେଳାଯିବାକୁ ଥିବା ଭାରତ-ପାକିସ୍ତାନ ଏସିଆ କପ୍ ଗ୍ରୁପ୍ ମ୍ୟାଚ୍ ଦେଖିବାକୁ ପାକିସ୍ତାନ ନବ ନିର୍ବାଚିତ ପ୍ରଧାନମନ୍ତ୍ରୀ ତଥା କିମ୍ବଦନ୍ତୀ କ୍ରିକେଟର ଇମ୍ରାନ ଖାଁ ଦୁବାଇ ଯିବେ। ଏନେଇ ସ୍ଥାନୀୟ ଗଣମାଧ୍ୟମ ଗୁଡ଼ିକ ଖବର ପ୍ରକାଶ କରିଛନ୍ତି। ଇମ୍ରାନଙ୍କ ନେତୃତ୍ୱରେ ପାକିସ୍ତାନ ୧୯୯୨ ବିଶ୍ୱକପ୍ ଟାଇଟଲ ହାସଲ କରିଥିଲା। ଜଣେ କିମ୍ବଦନ୍ତୀ ଅଲରାଉଣ୍ଡର ଭାବେ ଇମ୍ରାନଙ୍କର ସାରା ବିଶ୍ୱରେ ଖ୍ୟାତି ରହିଛି। ସେ ମଧ୍ୟ ଏବେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ପୃଷ୍ଠପୋଷକ ରହିଛନ୍ତି। ଇମ୍ରାନ ଏହି ହାଇଭୋଲ୍ଟେଜ ମ୍ୟାଚ୍ ଦେଖିବେ ବୋଲି ଜିଓ ଟିଭି ତରଫରୁ କୁହାଯାଇଛି। ପ୍ରଧାନମନ୍ତ୍ରୀ ହେବା ପରେ ପାକିସ୍ତାନ ପ୍ରଥମ ବିଦେଶ ଗସ୍ତରେ ସୌଦି ଆରବ ଓ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଗସ୍ତ କରିଛନ୍ତି। ୨୦୦୬ ପରେ ପ୍ରଥମଥର ପାଇଁ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ୟୁଏଇରେ ମୁହାଁମୁହିଁ ହେବାକୁ ଯାଉଛନ୍ତି। ସୂଚନାଯୋଗ୍ୟ ଯେ, ଇମ୍ରାନଙ୍କ ନେତୃତ୍ୱରେ ପାକିସ୍ତାନ ସାରଜାରେ ଅନୁଷ୍ଠିତ ଭାରତ ବିପକ୍ଷ ମ୍ୟାଚଗୁଡ଼ିକରେ ଭଲ ପ୍ରଦର୍ଶନ କରିଥିଲା। ୮୦ ଦଶକର ମଧ୍ୟ ଭାଗରୁ ୯୦ ଦଶକର ପ୍ରାରମ୍ଭ ପର୍ଯ୍ୟନ୍ତ ସାରଜାରେ ଭାରତ ଓ ପାକିସ୍ତାନ ଏକାଧିକବାର ମୁହାଁମୁହିଁ ହୋଇଥିଲେ।

## ଆଫଗାନିସ୍ତାନଠାରୁ ହାରି ଶ୍ରୀଲଙ୍କା ବିଦା

**ଦୁବାଇ,୧୮।୯(ପି.ଟି.)**

୫ଥର ଟାଇଟଲ ହାସଲ କରିଥିବା ଶ୍ରୀଲଙ୍କା ଏଥର ଏସିଆ କପ୍‌ରୁ ବାଦ ପଡିଛି। ଗ୍ରୁପ୍-ବି'ରେ ପ୍ରଥମେ ବାଂଲାଦେଶ ଓ ପରେ ଆଫଗାନିସ୍ତାନଠାରୁ ପରାସ୍ତ ହୋଇ ଶ୍ରୀଲଙ୍କା ଏହି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ସ୍ଥାନୀୟ ସେଖ ଜାୟେଦ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଟୁର୍ନାମେଣ୍ଟର ତୃତୀୟ ମ୍ୟାଚ୍‌ରେ ଆଫଗାନିସ୍ତାନ ବୃହତ୍ ୯୧ ରନରେ ଶ୍ରୀଲଙ୍କାକୁ ହରାଇ ଇତିହାସ ସୃଷ୍ଟି କରିଛି। ଟସ୍ ଜିତି ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୨୪୯ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଶ୍ରୀଲଙ୍କା ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ ୪୧.୨ ଓଭରରେ ୧୫୮ ରନ କରି ଅଲଆଉଟ ହେବା ସହ ଆତ୍ମସମର୍ପଣ କରିଥିଲା। ୭୨ ରନର ଉପଯୋଗୀ ପାଳି ଖେଳିଥିବା ଆଫଗାନିସ୍ତାନ ବ୍ୟାଟ୍ସମ୍ୟାନ ରହମତ ଶାହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୫୦ ରନ ଟାର୍ଗେଟର ପିଛା କରି ଶ୍ରୀଲଙ୍କା ଆଫଗାନ ବୋଲରଙ୍କ ସମ୍ମୁଖୀନ ହୋଇପାରି ନ ଥିଲା। ଦଳ ଆରମ୍ଭରୁ ଝଟ୍‌କା ଖାଇଥିଲା। ଇନିଂସର ଦ୍ୱିତୀୟ ବଲରେ ଓପନର କୁଶଲ ମେଣ୍ଡିସ୍ ମୁଜିବ ଉର ରହମାନଙ୍କ ଦ୍ୱାରା ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଉପୁଲ ଥରଙ୍ଗା ଓ ଧନଞ୍ଜୟ ଡି ସିଲଭା ଦ୍ୱିତୀୟ ଉଇକେଟରେ ୫୪ ରନ କରିଥିଲେ। ତେବେ ଧନଞ୍ଜୟ ୨୩ ରନ କରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ। କୁଶଲ ପେରେରା ୧୭ ରନ କରି ରସିଦ ଖାଁଙ୍କ ଶିକାର ହେବା ପରେ ଉପୁଲ ଥରଙ୍ଗାଙ୍କ ପାଳି ପଡିଥିଲା। ସେ ୩୬ ରନ କରିଥିବା ବେଳେ ଗୁଲବଦିନ ନାଇବଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହା ପରେ ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ଅଧିନାୟକ ଆଞ୍ଜେଲୋ ମାଥ୍ୟୁସ୍ ୨୨, ଶେହାନ ଜୟସୁରିୟା ୧୪, ଥିସାରା ପେରେରା ୨୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ୪ଜଣ ଟେଲ ଏଣ୍ଡର ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଆଫଗାନିସ୍ତାନ ତରଫରୁ ରହମାନ, ଗୁଲବଦିନ ନାଇବ, ମହମ୍ମଦ ନବି ଓ ରସିଦ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନର ମହମ୍ମଦ ଶାହଜାଦ ୩୪, ଇଶାନୁଲ୍ଲା ଜନତ ୪୫ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ଅସଘର ଆଫଗାନ ୧ ରନ କରି ଆଉଟ ହୋଇଥିଲେ। ଏହା ପରେ ରହମତ ଶାହ ସର୍ବାଧିକ ୭୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ହାସମାତୁଲ୍ଲା ଶହିଦି ୩୭, ମହମ୍ମଦ ନବି ୧୫, ନାଜିବୁଲ୍ଲା ଜଦ୍ରାନ ୧୨, ରସିଦ୍ ଖାଁ ୧୩ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ଥିସାରା ପେରେରା ସର୍ବାଧିକ ୫ ଉଇକେଟ ହାସଲ କରିଥିଲେ।

## ଧାୱନ-ରାୟୁଡୁଙ୍କ ଶତକୀୟ ଭାଗୀଦାରି

**ଦୁବାଇ, ୧୮।୯**

ଚଳିତ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଭାରତ ଏହାର ପ୍ରଥମ ମ୍ୟାଚ ମଙ୍ଗଳବାର ହଂକଂ ବିପକ୍ଷରେ ଖେଳିଛି। ଶତକ ହାସଲକାରୀ ଶିଖର ଧାୱନ ଓ ଅମ୍ବାତି ରାୟୁଡୁଙ୍କ ଶତକୀୟ ଭାଗୀଦାରି ସହାୟତାରେ ଟିମ୍ ଇଣ୍ଡିଆ ୫୦ ଓଭରରେ ୭ ଉଇକେଟ ହରାଇ ୨୮୫ ରନ ସଂଗ୍ରହ କରିଛି।

ହଂକଂ ଦଳର ନେତୃତ୍ୱ ନେଉଥିବା ଓଡ଼ିଶାର ଅଂଶୁମାନ ରଥ ଟସ୍ ଜିତି ଭାରତକୁ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଅଧିନାୟକ ରୋହିତ ଶର୍ମା ଓ ଶିଖର ଧାୱନ ପ୍ରଥମ ଉଇକେଟରେ ୪୫ ରନ ଯୋଗ କରିଥିଲେ। ୨୨ ବଲ୍‌ରୁ ୨୩ ରନ କରି ରୋହିତ ପ୍ରଥମ ଖେଳାଳିଭାବେ ପ୍ୟାଭିଲିୟନ ଫେରିଥିଲେ। ୩ ନମ୍ବର ସ୍ଥାନରେ କ୍ରିଜରେ ଯୋଗ ଦେଇଥିବା ଅମ୍ବାତି ରାୟୁଡୁ ଓ ଧାୱନଙ୍କ ଶତକୀୟ ଭାଗୀଦାରି ଯୋଗୁ ଭାରତ ଏକ ବଡ଼ ସ୍କୋର ଆଡ଼କୁ ମୁହାଁଇଥିଲା। ଦ୍ୱିତୀୟ ଉଇକେଟ ଯୋଡ଼ିରେ ୧୧୬ ରନ ସଂଗ୍ରହ ପରେ ରାୟୁଡୁ ବ୍ୟକ୍ତିଗତ ୬୦(୭୦ ବଲ, ୩ ଚୌକା, ୨ ଛକା) ରନ କରି ଆଉଟ ହୋଇଥିଲେ। ୪ ନମ୍ବର ସ୍ଥାନରେ କ୍ରିଜକୁ ଆସିଥିବା ଦୀନେଶ କାର୍ତ୍ତିକ ୩୩ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଧାୱନ ଓ କାର୍ତ୍ତିକଙ୍କ ୩ୟ ଉଇକେଟ ଯୋଡ଼ିରେ ୭୯ ରନ ସଂଗୃହୀତ ହୋଇଥିଲା। ଇଂଲଣ୍ଡ ଗସ୍ତରେ ଫେଲ୍ ମାରିଥିବା ଧାୱନ କିନ୍ତୁ ହଂକଂ ବିପକ୍ଷରେ ୧୨୦ ବଲ୍‌ରୁ ୧୫ ଚୌକା ଓ ୨ ଛକା ସହାୟତାରେ ୧୨୭ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ସେତେବେଳକୁ ଦଳୀୟ ସ୍କୋର ୪୦.୪ ଓଭରରେ ୨୪୦ ହୋଇ ସାରିଥିଲା। ତେବେ ଭାରତ ଶେଷ ୧୦ ଓଭରରେ ଆଶାନୁରୂପ ବ୍ୟାଟିଂ କରି ନ ପାରିବାରୁ ଦଳୀୟ ଇନିଂସ ୫୦ ଓଭରରେ ୨୮୫/୭ରେ ସୀମିତ ରହି ଯାଇଥିଲା। ମହେନ୍ଦ୍ର ସିଂ ଧୋନୀ ଖାତା ଖୋଲି ପାରି ନ ଥିବାବେଳେ କେଦାର ଯାଦବ ୨୭ ବଲ୍‌ରୁ ୨୮ ରନ ସ୍କୋର କରି ଅପରାଜିତ ରହିଥିଲେ। ଶେଷଭାଗରେ ଭୁବନେଶ୍ୱର କୁମାର ୧୮ ବଲ୍‌ରୁ ୯ ରନ କରି ଏବଂ ଶାର୍ଦ୍ଦୁଳ ଠାକୁର ଡକ୍(୦)ରେ ଆଉଟ ହୋଇଥିଲେ। ହଂକଂ ପକ୍ଷରୁ କିଞ୍ଚିତ ଶାହ ୩ଟି, ଏହସାନ ଖାଁ ୨ଟି ଏବଂ ଏହସାନ ନୱାଜ ଓ ଏଜାଜ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଭାରତର ବାମହାତୀ ପେସର ଖଲିଲ ଅହମ୍ମଦ ଏଠାରେ ଦିନିକିଆ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ।

**ସଂକ୍ଷିପ୍ତ ସ୍କୋର:** ଭାରତ ୫୦ ଓଭରରେ ୨୮୫/୭(ଧାୱନ-୧୨୭, ରାୟୁଡୁ-୬୦, କାର୍ତ୍ତିକ-୩୩, କିଞ୍ଚିତ ଶାହ-୩/୩୯, ଏହସାନ ଖାଁ-୨/୬୫, ଏହସାନ ନୱାଜ-୧/୫୦, ଏଜାଜ ଖାଁ-୧/୪୧)।



ଶତକ ହାସଲ ପରେ ଶିଖର ଧାୱନ।









## ଜାତୀୟ ସଫ୍ଟବେସବଲ ପାଇଁ ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୧୮।୯**
**(କ୍ରୀଡ଼ା ପ୍ରତିନିଧି)**

ପୁରୀ ଇନ୍‌ଡୋର ଷ୍ଟାଡିୟମରେ ୪ର୍ଥ ଜାତୀୟ ସଫ୍ଟ ବେସବଲ ଚାମ୍ପିୟନଶିପ୍ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତା ପାଇଁ ମଙ୍ଗଳବାର ୧୮ ଜଣିଆ ଓଡ଼ିଶା ବାଳିକା ଓ ବାଳକ ଦଳ ଘୋଷିତ ହୋଇଛି। ବାଳିକା ଦଳରେ ଅର୍ଚ୍ଚନା ଲାକ୍ରା, ସବିତା ହାଁସଦା, ଝରଣା ନାୟକ, ସ୍ୱାତୀ କିର୍ତ୍ତନିଆ, ବିନିତା ନାୟକ, ଶୃଙ୍ଖଲ୍ୟା ଟୋପ୍, ନିକିତା କୁଜୁର, ଅମ୍ରିତା କହଁର, ଅଲିଭା ପ୍ରଧାନ, ପଦ୍ମିନୀ ସିଂ, ଚାନ୍ଦିନୀ ସିଂ, ସୁଲୋଚନା ମଲିକ, ଚାନ୍ଦିନୀ ମୃତିକା, ତୃପ୍ତିରେଖା ସୋରେନ, ପୂର୍ଣ୍ଣିମା ସୋରେନ, ଲକ୍ଷ୍ମୀ ସୋରେନ, ମମତା ସିଂ, ଲକ୍ଷ୍ମୀ ମୁର୍ମୁ ସ୍ଥାନ ପାଇଛନ୍ତି। ସେହିପରି ବାଳକ ଦଳରେ ରହିଛନ୍ତି ସିଦ୍ଧାନ୍ତ ପ୍ରଧାନ, ଲିପୁନ ସିଂ, ସଞ୍ଜୟ ସିଂ, ଗୌତମ ସିଂ, ଅମରେନ୍ଦ୍ର କ୍ରିଷାନୀ, ସୁବିତ ଥନପତି, ସୋମା ସିଂ, ଟୁନା କହଁର, ମନହରି ମାଝି, ରଞ୍ଜିତ ସିଂ, ଜିହ୍ନୁଦସୁନା ମାଝି, ସୋନୁ ଜାନି, ଓମ୍ ପୁରନ, ଚୌଧୁରୀ ଶାଶ୍ୱତ ମହାନ୍ତି, ନିଶାନନ୍ଦ ମହାନ୍ତି, ଏମ.ଡି.ଅମନ୍, ଶୁଭମ୍ ନାୟକ, ମୁନା ଦାସ। ବାଳିକା କୋଚ୍‌ଭାବେ ବିନୁ ସାହୁ, ମ୍ୟାନେଜର ରୂପଶ୍ରୀ ତ୍ରିପାଠୀ, ବାଳକ ଦଳର କୋଚ୍‌ଭାବେ ସନ୍ଦିପ କୁମାର ଦାସ ଓ ମ୍ୟାନେଜର ଉମେଶ କୁମାର ପ୍ରଧାନ ପୁରୀ ଯାତ୍ରା କରିଛନ୍ତି।



ଜାତୀୟ ସଫ୍ଟବେସ୍‌ବଲ୍ ପାଇଁ ମନୋନୀତ ଓଡ଼ିଶା ଦଳ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ସେପ୍ଟେମ୍ବର ୧୯/୨୦୧୮ Sambalpur, Wednesday, September 19/ 2018

# ଟ୍ରେନ୍‌ରେ ଶ୍ରମିକଙ୍କ ଗୋଡ଼ କଟିଲା

ଟିଟିଲାଗଡ଼,୧୮।୯(ଡି.ଏନ୍.ଏ.)

- ରକ୍ତରେ ଭିଜିଲା ଡାକ୍ତରଖାନା
- ଆର୍‌ପିଏଫ୍ ଭୂମିକା ସନ୍ଦେହପୂର୍ଣ୍ଣ



ବଲାଙ୍ଗୀର ଜିଲା ଟିଟିଲାଗଡ଼ ରେଳ ଜଙ୍କଶନରେ ମଙ୍ଗଳବାର ଜଣେ ଶ୍ରମିକ ଚଳନ୍ତା ଟ୍ରେନରୁ ଖସି ପଡ଼ିବାରୁ ତାଙ୍କ ଗୋଡ଼ କଟିଯାଇଛି। ଶ୍ରମିକ ଜଣକ ଝାଡ଼ଖଣ୍ଡ ଖାଦରି ଗ୍ରାମର ବିନୋଦ ସିଂ (୧୯)। ବିନୋଦ ଏବଂ ତାଙ୍କ ତିନି ଜଣ ସାଙ୍ଗ ସୂର୍ଯ୍ୟପ୍ରସାଦ ଭୂୟାଁ, ଭଗବାନ ଭୂୟାଁ ଓ ଅମିତ କୁମାର ଟ୍ରେନ ବଗିର ଗେଟ୍ ପାଖରେ ବସିଥିଲେ। ଟିଟିଲାଗଡ଼ ଷ୍ଟେଶନରେ ଆର୍‌ପିଏଫ୍ କନଷ୍ଟେବଲ ସେମାନଙ୍କୁ ଡାକି ନେଇ ମାଡ଼ ମାରିବା ସହ ଟଙ୍କା ମାଗିଥିଲେ। ଏହି ସମୟରେ ଟ୍ରେନ୍ ଛାଡ଼ିଦେଇଥିଲା। ଚଳନ୍ତା ଟ୍ରେନରେ ଚଢ଼ିବାକୁ ଉଦ୍ୟମ କରୁଥିବାବେଳେ ବିନୋଦ ଖସିପଡ଼ିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ବିନୋଦଙ୍କୁ ଉଦ୍ଧାର କରାଯାଇ ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ବଲାଙ୍ଗୀର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

ବିନୋଦଙ୍କ ସାଥୀ ଶ୍ରମିକମାନଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ବେଙ୍ଗାଲୁରୁ ନିକଟସ୍ଥ ଏକ ଅଞ୍ଚଳରେ କାର୍ଯ୍ୟ କରୁଥିଲେ। ଯଶବନ୍ତପୁର-ହାଟିଆ ସୁପରଫାଷ୍ଟ ଏକ୍ସପ୍ରେସ୍ ଯୋଗେ ସେମାନେ ନିଜ ଗାଁକୁ ଫେରୁଥିଲେ। ରାଉରକେଲା ପର୍ଯ୍ୟନ୍ତ ସେମାନଙ୍କ ପାଖରେ ଟିକେଟ ରହିଥିଲା। ତେବେ ଯାତ୍ରୀଙ୍କ ଭିଡ଼ ଯୋଗୁ ସିଟ୍ ନ ମିଳିବାରୁ ସେମାନେ ବଗିର ଗେଟ୍ ପାଖରେ ବସିଥିଲେ। ମଙ୍ଗଳବାର ସକାଳେ ଟିଟିଲାଗଡ଼ ଷ୍ଟେଶନରେ ଟ୍ରେନ୍ ପହଞ୍ଚିବା ପରେ ସେମାନଙ୍କୁ ଆର୍‌ପିଏଫ୍ ଧରିଥିଲା। ଗେଟ୍ ପାଖରେ କାହିଁକି ବସିଥିଲ ବୋଲି ପଚାରି ଆର୍‌ପିଏଫ୍ କର୍ମଚାରୀ ସେମାନଙ୍କୁ ମାଡ଼ ମାରିବା ସହ ୫୦୦ ଟଙ୍କା ଲେଖାଏଁ ଜରିମାନା ମାଗିଥିଲେ। ପାଖରେ ଏତେ ଟଙ୍କା ନ ଥିବାରୁ ଛାଡ଼ିଦେବାକୁ ଅନୁରୋଧ କରିଥିଲେ। ଏହି ସମୟ ମଧ୍ୟରେ (ପୂର୍ବାହ୍ନ ୧୦ଟା୨୦) ଟ୍ରେନ୍ ଛାଡ଼ି ଦେଇଥିଲା। ଶ୍ରମିକମାନେ ତରବରିଆ ଭାବେ ଆର୍‌ପିଏଫ୍ କର୍ମଚାରୀଙ୍କୁ ୧୦୦ ଟଙ୍କା ଲେଖାଏଁ ଦେଇ ଚଳନ୍ତା ଟ୍ରେନ୍‌ରେ ଚଢ଼ିବାକୁ ଉଦ୍ୟମ କରିଥିଲେ। ତେବେ ବିନୋଦଙ୍କ ଗୋଡ଼ ଖସିଯିବାରୁ ସେ ତଳେ ପଡ଼ିଯାଇଥିଲେ। ଟ୍ରେନ୍ ଚକ ମାଡ଼ିଯାଇ ବିନୋଦଙ୍କ ଡାହାଣ ଗୋଡ଼ କଟିଯାଇଥିଲା। ତେବେ ଟଙ୍କା ମାଗୁଥିବା ଆର୍‌ପିଏଫ୍ କର୍ମଚାରୀ କୌଣସି ସହାୟତା କରି ନ ଥିବା ଶ୍ରମିକମାନେ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ବିନୋଦଙ୍କୁ ଉଦ୍ଧାର କରାଯାଇ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନା ନିଆଯାଇଥିଲା। ପୂର୍ବାହ୍ନ ପ୍ରାୟ ୧୧ଟାରେ ବିନୋଦ ଡାକ୍ତରଖାନା ପହଞ୍ଚିଥିଲେ ମଧ୍ୟ ତାଙ୍କୁ ବାରଣ୍ଡାରେ ବସାଇ ରଖାଯାଇଥିଲା। କଟା ଗୋଡ଼ରୁ ପ୍ରବଳ ରକ୍ତସ୍ରାବ ହୋଇ ୱାର୍ଡ ସମ୍ମୁଖ ରାସ୍ତା ଭିଜିଯାଇଥିଲା। ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ସେ ସେଠାରେ ପଡ଼ିରହିବା ପରେ ସ୍ଥାନୀୟ ସାମାଜିକ କର୍ମୀ ଏଥିରେ ହସ୍ତକ୍ଷେପ କରି ଏସ୍‌ଡିଏମ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଏହି ମେଡିକାଲରେ ସର୍ଜରି ବିଶେଷଜ୍ଞ ନ ଥିବାରୁ ଅଧିକ ଚିକିତ୍ସା ସମ୍ଭବ ନୁହେଁ ବୋଲି ଏସ୍‌ଡିଏମ୍‌ଓ ଅକ୍ଷମତା ପ୍ରକାଶ କରିଥିଲେ। କେବଳ ପ୍ରାଥମିକ ଚିକିତ୍ସା କରାଯାଇ ଅପରାହ୍ନ ପ୍ରାୟ ୨ଟାରେ ବିନୋଦଙ୍କୁ ଆମ୍ବୁଲାନ୍ସ ଯୋଗେ ବଲାଙ୍ଗୀର ପଠାଯାଇଛି। ଅପରପକ୍ଷରେ ବିନୋଦଙ୍କ ସାଙ୍ଗରେ ଥିବା ତିନି ସାଥୀ ଶ୍ରମିକଙ୍କ ପାଖରେ ଟଙ୍କାଟିଏ ମଧ୍ୟ ନ ଥିଲା। ଏପରି ପରିସ୍ଥିତିରେ ଆର୍ଥିକ ସହାୟତା ଯୋଗାଇ ଦେବା ମଧ୍ୟ ତାଙ୍କ କ୍ଷମତା ପରିସରରେ ନାହିଁ ବୋଲି ଏସ୍‌ଡିଏମ୍‌ଓ କହିଥିଲେ। ବଲାଙ୍ଗୀରରେ ସିଡିଏମ୍‌ଓଙ୍କୁ ଭେଟି ଆର୍ଥିକ ସହାୟତା ପାଇଁ ଅନୁରୋଧ କରିବାକୁ ସେ ପରାମର୍ଶ ଦେଇଥିଲେ। ଆର୍‌ପିଏଫ୍ କର୍ମଚାରୀ ଯାତ୍ରୀଙ୍କୁ ଟ୍ରେନ୍‌ରୁ ଓହ୍ଲାଇବା ନେଇ ଆମେ କିଛି କହିପାରିବୁ ନାହିଁ ବୋଲି ଟିଟିଲାଗଡ଼ ଜିଆର୍‌ପି ଅଧିକାରୀ ମୋହନ ନାୟକ କହିଛନ୍ତି। ଏ ସମ୍ପର୍କରେ ଆର୍‌ପିଏଫ୍ ଅଧିକାରୀ ସୁଶୀଳ ପାଠକଙ୍କୁ ପଚାରିବାରୁ ସେ କହିଲେ, କାହାକୁ ଟଙ୍କା ମଗାଯାଇନାହିଁ। ଲେଡିଜ୍ କମ୍ପାର୍ଟମେଣ୍ଟ ଗେଟ୍ ପାଖରେ ବସିଥିବା ଭଗବାନ ବିଭାର, ସୁମିତ କୁମାର, ଜ୍ଞାନଜିତ ନାୟକ ଏବଂ ସ୍ୱଗତ କୁମାରଙ୍କୁ ଆମେ ଧରିଥିଲୁ ବୋଲି ସେ ସଫେଇ ଦେଇଛନ୍ତି। ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ସାଙ୍ଗରେ ଥିବା ଭଗବାନ ଭୂୟାଁ ଏବଂ ଅମିତ କୁମାରଙ୍କ ସହ ଆର୍‌ପିଏଫ୍ ଧରିଥିବା ଦୁଇ ଯୁବକଙ୍କ ନାମର ମେଳ ଏକ ସଂଯୋଗ ବୋଲି ସେ କହିଛନ୍ତି। ଅପରପକ୍ଷରେ ସକାଳ ୧୦ଟା୨୦ରେ ଏହି ଘଟଣା ଘଟିଥିବା ବେଳେ ସେଠାରୁ ମାତ୍ର ୧୫୦ ମିଟର ଦୂର ଡାକ୍ତରଖାନା ପହଞ୍ଚିବାକୁ ୪୦ ମିନିଟ ଲାଗିବା, କଟା ଗୋଡ଼ର କିଛି ଅଂଶ ଡାକ୍ତରଖାନା ନିଆଯାଇଥିବା ବେଳେ ଷ୍ଟେଶନ ପରିସରରେ ବିକ୍ଷିପ୍ତ ଅବସ୍ଥାରେ ପଡ଼ିଥିବା ଆଣ୍ଠୁ ହାଡ଼, ମାଂସ କୁକୁର ବୋହିନେବା, ଦୀର୍ଘ ସମୟ ପର୍ଯ୍ୟନ୍ତ ବିନୋଦ ଡାକ୍ତରଖାନା ବାରଣ୍ଡାରେ ପଡ଼ି ଛଟପଟ ହେବା ଆଦି ଘଟଣା ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏନେଇ ରେଳ ସୁରକ୍ଷା ଅଧିକାରୀ ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ଓଲଟିଲା ବିଅର ବୋଝେଇ ଭ୍ୟାନ୍

ଧମା,୧୮।୯(ଡି.ଏନ.ଏ.)

ସମ୍ବଲପୁର-ସୋନପୁର ୧୫ ନଂ. ରାଜ୍ୟ ରାଜପଥର ନୂଆଗାଁ ଛକରେ ମଙ୍ଗଳବାର ଅପରାହ୍ନରେ ଏକ ବିଅର୍ ବୋଝେଇ ପିକଅପ୍ ଭ୍ୟାନ୍ ଦୁର୍ଘଟଣା ଗ୍ରସ୍ତ ହୋଇଛି। ସମ୍ବଲପୁରରୁ ଏକ ମହିନ୍ଦ୍ରା ପିକ୍‌ଅପ୍ (ଓଡି ୩୧ ବି- ୪୪୩୭)ରେ ୨୪୦ ପେଟି ବିଅର୍ ବୋଝେଇ ହୋଇ କଣ୍ଟାମାଳ ଯାଉଥିଲା। ହେଲେ ନୂଆଗାଁ ଛକରେ ଗାଡିର ଆଗ ଚକ ଫାଟି ଯିବାରୁ ଭାରସାମ୍ୟ ହରାଇ ରାସ୍ତା ଉପରେ ଏହା ଓଲଟି ପଡିଥିଲା। ଖବର ପାଇ ଧମା ପୋଲିସ ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିଛି।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଯେତେବେଳେ ନିଜ ଶକ୍ତିର ବହିର୍ଭୂତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।
- ପଣ୍ଡିତ ନୀଳକଣ୍ଠ ଦାସ

## ସଂକ୍ଷେପରେ

### ରାସ୍ତାରୁ ତଳକୁ ଖସିଲା ସ୍କୁଲ ଭ୍ୟାନ, ବର୍ତ୍ତିଲେ ୧୦ ଛାତ୍ରୀଛାତ୍ର

ଲୋଇସିଂହା,୧୮।୯(ଡି.ଏନ.ଏ.): ସ୍କୁଲ ଆସୁଥିବା ବେଳେ ସ୍କୁଲ ଭ୍ୟାନ ରାସ୍ତାରୁ ତଳକୁ ଖସିଯାଇଥିଲା । ଅଳ୍ପକେ ଲୋଇସିଂହା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ବର୍ତ୍ତି ଯାଇଥିବା ଜଣାପଡିଛି । ଲୋଇସିଂହା ବ୍ଲକ ଝାରମୁଣ୍ଡାସ୍ଥିତ ଆଦର୍ଶ ବିଦ୍ୟାଳୟକୁ ତଳିଉଡାର ଅଞ୍ଚଳରୁ ୧୦ଜଣ ଛାତ୍ରୀଛାତ୍ର ଏକଭ୍ୟାନରେ ନିୟମିତ ପାଠପଢିବାକୁ ଆସିଥାନ୍ତି । ମଙ୍ଗଳବାର ଉକ୍ତଭ୍ୟାନରେ ସ୍କୁଲ ଆସୁଥିବାବେଳେ ଝାରମୁଣ୍ଡା ଓ ଆଦର୍ଶ ବିଦ୍ୟାଳୟ ମଝିରେ ଭ୍ୟାନ ଡ୍ରାଇଭର ଭାରସାମ୍ୟ ହରାଇବାର ରାସ୍ତାରୁ ତଳକୁ ଗାଡି ଖସି ଯାଇଥିଲା । ସୌଭାଗ୍ୟକୁ ଭ୍ୟାନ ନ ଓଲଟିବାରୁ ସେଥିରେ ଥିବା ୧୦ଜଣ ଛାତ୍ରୀଛାତ୍ର ସୁରକ୍ଷିତ ରହିଥିଲେ । ସ୍ଥାନୀୟ ଲୋକେ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରି ସ୍କୁଲରେ ଛାଡିଥିଲେ ।

### କେନ୍ଦୁଉଡାରରେ ନୂଆଁଖାଇ ଭେଟ୍

ଟିକ୍ରାପଡା,୧୮।୯(ଡି.ଏନ.ଏ.) : ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରୀ ପଞ୍ଚାୟତ ଅଧିନ କେନ୍ଦୁଉଡାରଠାରେ ଆମ୍ବେଦକର ଯୁବକ ସଂଘ ଆନୁକୂଲ୍ୟରେ ନୂଆଁଖାଇ ଭେଟ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପ୍ରେମରାଜ ହରପାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସ୍ୱୟଂ ସହାୟକ ଦଳ ସଭାନେତ୍ରୀ ବିଲାସ ବାଗ ଅଧ୍ୟକ୍ଷତା କରିଥିଲେ। ସ୍ୱୟଂ ସହାୟକ ଦଳର ସିଆରପି ସରୋଜିନୀ ଦୀପ, ସମ୍ବଲପୁରୀ ଗୀତିକାର ଗୋପାଳ ନାଗ ସମ୍ମାନିତ ଅତିଥି ରହିଥିଲେ। ମାଠିଆ ଭଙ୍ଗା ପ୍ରତିଯୋଗିତାରେ ତରୁଣ ନାଗ, ଗୀତରେ ଆଶା ବାଗ, ଜନନୀ ଦୀପ, ବାଡିଘିଚାଣିରେ ପ୍ରୀୟରନ ହରପାଲ, ଚୌକି ବସାରେ ମୁ ନାଗ, ପ୍ରବନ୍ଧ ଲିଖନରେ ସୁନ୍ଦରମଣି ବାଗ, ଶାନ୍ତ କୁମାର ବାଗ ବିଜୟୀ ହୋଇ ପୁରସ୍କୃତ ହୋଇଥିଲେ।

କୁକୁରଖାଇ ଭେଣ୍ଟୋ ସୋଲାର ପାୱାର ପ୍ଲାଣ୍ଟ

# ବେଆଇନ ଜମି ଠକେଇ ଅଭିଯୋଗ

ବଲାଙ୍ଗୀର ଅଫିସ, ୧୮।୯



ଭେଣ୍ଟୋ ସୋଲାର ପାୱାର ପ୍ଲାଣ୍ଟ ଅଫିସ ସମ୍ମୁଖରେ ଜମି ହରାଇଥିବା ଚାଷୀମାନେ ଧାରଣାରେ ବସିଛନ୍ତି ।

- ନିର୍ମାଣ କାମ ବନ୍ଦ କଲେ କ୍ଷତିଗ୍ରସ୍ତ ଚାଷୀ
- ପରିବେଶ ନିୟମ ଉଲ୍ଲଂଘନ ଅଭିଯୋଗ
- ଉଚିତ୍ କ୍ଷତିପୂରଣ, ଚାକିରି ପ୍ରତିଶ୍ରୁତି ପାଳନ କରିନାହିଁ
- ତୁଷରା ଥାନାରେ ଅଭିଯୋଗପତ୍ର ଦାଖଲ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମହଲେଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁକୁରଖାଇ ଗାଁରେ ନିର୍ମାଣାଧୀନ ଭେଣ୍ଟୋ ସୋଲାର ପାୱାର ପ୍ଲାଣ୍ଟ ବିରୋଧରେ ଜମି ହରାଇଥିବା ଚାଷୀମାନେ ମଙ୍ଗଳବାର ଆନ୍ଦୋଳନ ଆରମ୍ଭ କରିଛନ୍ତି । ଏହି ଘରୋଇ କମ୍ପାନୀ ବିରୋଧରେ କ୍ଷତିଗ୍ରସ୍ତ ଚାଷୀମାନେ ତୁଷରା ଥାନାରେ ଠକେଇ ଅଭିଯୋଗ କରିବା ସହ ମଙ୍ଗଳବାର ନିର୍ମାଣ କାମକୁ ବନ୍ଦ କରିଛନ୍ତି । ନ୍ୟାର୍ଯ୍ୟ ଜମି କ୍ଷତିପୂରଣ ଏବଂ ଅନ୍ୟ ଦାବିପୂରଣ ନହେବା ପର୍ଯ୍ୟନ୍ତ ସେମାନେ ନିର୍ମାଣ କାର୍ଯ୍ୟ କରାଇବାକୁ ଦେବେନାହିଁ ବୋଲି ଚେତାବନୀ ଦେଇଛନ୍ତି । ମଙ୍ଗଳବାର ପ୍ରାୟ ୪୦ ଜଣ ଚାଷୀ କମ୍ପାନୀ ତରଫରୁ ନିର୍ମାଣାଧିନ ସୋଲାର ପାୱାର ପ୍ଲାଣ୍ଟ ସାଇଟ୍‌କୁ ଆସିଥିଲେ । ସେମାନଙ୍କ ଜମି କ୍ଷତିପୂରଣ ଓ ଅନ୍ୟାନ୍ୟ ପ୍ରତିଶ୍ରୁତି ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ଆସିଥିଲେ । ତେବେ ଚାଷୀମାନେ ସେଠାକୁ ଆସିବା ପରେ କମ୍ପାନୀ ଭିତରେ ଥିବା କେତେକ କର୍ମଚାରୀ ଓ ଅଧିକାରୀ ସେଠାରୁ ପଳାଇ ଯାଇଥିଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ଚାଷୀମାନେ ସେଠାରେ ଚାଲିଥିବା ନିର୍ମାଣ କାମ ତୁରନ୍ତ ବନ୍ଦ କରିବାକୁ କହିଥିଲେ। ଯେଉଁ ଶ୍ରମିକମାନେ ସେଠାରେ କାମ କରାଉଥିଲେ କାମ ନ କରିବାକୁ କହିବାରୁ ସେମାନେ କାମ ବନ୍ଦ କରିଥିଲେ । ଏହାପରେ ଘଟଣା ସମ୍ପର୍କରେ ତୁଷରା ଥାନାକୁ ଯାଇ ଲିଖିତ ରିପୋର୍ଟ କରିଥିଲେ। କିଭଳି ଭାବେ କମ୍ପାନୀ ଚାଷୀମାନଙ୍କୁ ଠକାମି କରିଛି ତାହା ଥାନାଧିକାରୀଙ୍କୁ ଜଣାଇଥିଲେ । ଏ ଦିଗରେ ଜିଲାପାଳ ଏବଂ ଏସପିଙ୍କୁ ମଧ୍ୟ ଲିଖିତ ଜଣାଇବେ ବୋଲି ଚାଷୀମାନେ ନିଷ୍ପତ୍ତି ନେଇଥିଲେ । ତୁରନ୍ତ ପ୍ରଶାସନ ହସ୍ତକ୍ଷେପ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରି ସୋଲାର ପାୱାର ପ୍ଲାଣ୍ଟ ଅଫିସ ସମ୍ମୁଖରେ ଜମି ହରାଇଥିବା ଚାଷୀମାନେ ଧାରଣାରେ ବସିଛନ୍ତି ।

ମହଲେଇ ଗ୍ରାମ ପଞ୍ଚାୟତର ମହଲେଇ, କଟାପାଲି, କୁକୁରଖାଇ, ସର୍ଗିପାଲି, ଥାଲବନ୍ଧ ଓ ବନ୍ଧପାଲି ଗାଁର ପ୍ରାୟ ୨ଶହ ଏକର ଜମିରେ ଭେଣ୍ଟୋ ପାୱାର ପ୍ରାଇଭେଟ୍ ଲିମିଟେଡ ନାମକ ଏକ କମ୍ପାନୀ ସୋଲାର ପାୱାର ପ୍ଲାଣ୍ଟ ପାଇଁ ଜମି କିଣିଛନ୍ତି । ଏହି ପାୱାର ପ୍ଲାଣ୍ଟ ପାଇଁ ପ୍ରଶାସନିକ ସ୍ତରରେ ଜମି ଅଧିଗ୍ରହଣ ହୋଇନାହିଁ । ବ୍ୟକ୍ତିଗତ ଭାବେ କେତେକ ମଧ୍ୟସ୍ଥଙ୍କ ଜରିଆରେ ଜମି କିଣାଯାଇଥିବା ଚାଷୀମାନେ କହିଛନ୍ତି । ଉପରୋକ୍ତ ୬ଟି ଗାଁର ପ୍ରାୟ ୪୦ ଜଣ ଚାଷୀଙ୍କଠାରୁ ୨ଶହ ଏକର ଜମି କିଣାଯାଇଥିବା କୁହାଯାଇଛି । ଜମି କିଣାଯିବା ସମୟରେ ଏକର ପିଛା ୫ଲକ୍ଷ ଟଙ୍କା ଏବଂ ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ଜମି ହରାଉଥିବା ପରିବାରର ଜଣେ ସଦସ୍ୟଙ୍କୁ ସୋଲାର ପାୱାର ପ୍ଲାଣ୍ଟରେ ଚାକିରି ଦିଆଯିବ ବୋଲି କୁଆଡେ କମ୍ପାନୀ ଲୋକ ପ୍ରତିଶ୍ରୁତି ଦେଇଥିଲେ । ଜମି ଏକର ପିଛା ୫ ଲକ୍ଷ ଟଙ୍କା ଦିଆଯିବାକୁ ଧାର୍ଯ୍ୟ କରାଯାଇଥିଲେ ମଧ୍ୟ ତୁଷରା ତହସିଲର ବେଞ୍ଚମାର୍କ ଭେଲ୍ୟୁଏସନ୍ ଅନୁସାରେ ଜମି ରେଜିଷ୍ଟ୍ରି କରାଯିବ ଏବଂ ବଳକା ଟଙ୍କାକୁ ଚାଷୀଙ୍କ ଆକାଉଣ୍ଟରେ ଜମା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଚାଷୀମାନେ ସେତେବେଳେ କମ୍ପାନୀ ଲୋକଙ୍କ ପ୍ରତିଶ୍ରୁତିକୁ ବିଶ୍ୱାସ କରି ଜମି ଏକର ପିଛା ପ୍ରାୟ ଦୁଇ ଲକ୍ଷ ଟଙ୍କାରେ ରେଜିଷ୍ଟ୍ରି କରାଇ ନେଇଥିଲେ । ଜମି ରେଜିଷ୍ଟ୍ରି ପରେ ଏହି ସୋଲାର ପାୱାର ପ୍ଲାଣ୍ଟର କର୍ମଚାରୀମାନେ ଆଉ ଧରାଛୁଆଁ ଦେଉନାହାନ୍ତି । ଫଳରେ ଚାଷୀମାନେ ଜମି ଏକର ପିଛା ୫ ଲକ୍ଷ ଟଙ୍କା ପାଇନାହାନ୍ତି। କେଉଁ ଚାଷୀ ୧ ଲକ୍ଷ ତ ଆଉ କେଉଁ ଚାଷୀ ୨ଲକ୍ଷ ଟଙ୍କା ଭିତରେ ପାଇଛନ୍ତି । କ୍ଷତିଗ୍ରସ୍ତ ଚାଷୀଙ୍କ ପରିବାର ସଦସ୍ୟଙ୍କୁ ଚାକିରି ମଧ୍ୟ ଦିଆଯାଇନାହିଁ। ଏ ନେଇ କ୍ଷତିଗ୍ରସ୍ତ ଚାଷୀମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଆଉ କେହି କିଛି ଶୁଣୁନାହାନ୍ତି। ଏଣୁ ମଙ୍ଗଳବାର କ୍ଷତିଗ୍ରସ୍ତ ଚାଷୀମାନେ ନିର୍ମାଣ କାମ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ । ସୋଲାର ପାୱାର ପ୍ଲାଣ୍ଟ ସାଇଟ୍‌ରେ କମ୍ପାନୀ ଲୋକ ନ ଥିବାରୁ ସେମାନଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଏ ନେଇ ବଲାଙ୍ଗୀର ଉପଜିଲାପାଳ ଭୈରବ ସିଂ ପଟେଲଙ୍କୁ ପଚରାଯିବାରୁ ଘଟଣା ସମ୍ପର୍କରେ ତୁଷରା ତହସିଲଦାର, ସବ୍‌ରେଜିଷ୍ଟ୍ରି ଅଫିସରଙ୍କୁ ପଚାରି ବୁଝିବା ପରେ ଉପଯୁକ୍ତ ପଦକ୍ଷେପ ନେବେ ବୋଲି କହିଛନ୍ତି । ଭେଣ୍ଟୋ ସୋଲାର ପାୱାର ପ୍ଲାଣ୍ଟ ବିରୋଧରେ ଜମି ଠକେଇ ଅଭିଯୋଗ ଆଣିବା ପରେ ଜିଲାର ଅନ୍ୟତମ ବହୁଚର୍ଚ୍ଚିତ ଘୁମେର ଜମି ଜାଲିଆତି ଘଟଣା ମନେ ପଡିଯାଇଛି । ଏଦିଗରେ ବିଧିବଦ୍ଧ ତଦନ୍ତ କରାଗଲେ ଅନେକ ରହସ୍ୟ ପଦାକୁ ଆସିବ ବୋଲି ଚାଷୀମାନେ କହିଛନ୍ତି ।

ନିର୍ମାଣର ସପ୍ତାହକ ମଧ୍ୟରେ କଂକ୍ରିଟରେ ଫାଟ

### କ୍ଷେତ୍ର ପରିଦର୍ଶନ କଲେ ବ୍ଲକ ସହକାରୀ ଯନ୍ତ୍ରୀ

ଲୋଇସିଂହା,୧୮।୯(ଡି.ଏନ.ଏ.)

ପନେସରା-କେଉଁଟିପାଲି ରାସ୍ତାର କଂକ୍ରିଟକରଣର ସପ୍ତାହକ ମଧ୍ୟରେ କଂକ୍ରିଟରେ ଫାଟ ଦେଖାଦେଇଛି। ବିଡିଓଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ସହକାରୀ ଯନ୍ତ୍ରୀ ବିଦ୍ୟାଧର ସାମଲ ମଙ୍ଗଳବାର କ୍ଷେତ୍ର ଅନୁଧ୍ୟାନ କରିଥିଲେ । ଅଭିଯୋଗ ଅନୁଯାୟୀ ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅଧୀନ ପନେସରାରୁ କେଉଁଟିପାଲିକୁ ସଂଯୋଗ କରୁଥିବା ରାସ୍ତା ଦୀର୍ଘବର୍ଷ ହେଲା ଅବହେଳିତ ହୋଇ ପଡ ରହିଥିଲା । ବର୍ତ୍ତମାନ ଏହି ରାସ୍ତାରେ ଲୋକେ ଯାତାୟାତବେଳେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହାର ପ୍ରତିକାର ପାଇଁ ପ୍ରାୟ୨ଶହମିଟର ରାସ୍ତା ନୂଆଁଖାଇ ପୂର୍ବରୁ କଂକ୍ରିଟକରଣ କରାଯାଇଛି । ନିର୍ମାଣ କାମ ଗତ ୧୩ ତାରିଖରେ ସରିଛି । କାମ ସରିଥିଲେ ସୁଦ୍ଧା ଏଠାରେ କୌଣସି ସୂଚନା ଫଳକ ଦିଆଯାଇ ନାହିଁ । ଫଳରେ କେଉଁ ଅନୁଦାନ ଓ କେତେ ବ୍ୟୟରେ ରାସ୍ତା ଉନ୍ନତୀକରଣ କରାଯାଇଥିଲ ତାହାକୁ ନେଇ ଗ୍ରାମବାସୀ ଦ୍ୱନ୍ଦ୍ୱରେ ପଡିଥିଲେ। ସୋମବାର ଗ୍ରାମର କେତେକ ଲୋକ ବିଡିଓ ରାମଚନ୍ଦ୍ର ଖାଡିଆଙ୍କୁ ଅନିୟମିତତାର ତଦନ୍ତ କରିବାକୁ ଫେରାଦ ହୋଇଥିଲେ । ଏହି ଘଟଣାରେ ବିଡିଓ ବ୍ଲକ ସହକାରୀ ଯନ୍ତ୍ରୀଙ୍କୁ ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ସହକାରୀ ଯନ୍ତ୍ରୀ କ୍ଷେତ୍ରକୁ ଯାଇ ନିୟମ ଅନୁୟାୟୀ କାମ କରାଯାଇ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ ।


ଧାମନଡଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ବିକ୍ଷୋଭ ପ୍ରଦର୍ଶନ।

## ବ୍ଲକଗ୍ରାଣ୍ଟ ଶିକ୍ଷକଙ୍କ ପଞ୍ଚାୟତ ଅଫିସ ଘେରାଉ

କଣ୍ଟାବାଞ୍ଜି,୧୮।୯(ଡି.ଏନ.ଏ.)

ବ୍ଲକଗ୍ରାଣ୍ଟ ଶିକ୍ଷୟିତ୍ରୀଶିକ୍ଷକ,ଅଧ୍ୟାପିକା ଓ ଅଧ୍ୟାପକ ନିଜର ଦାବି ଉପସ୍ଥାପନ କରି ବିଭିନ୍ନ ପଞ୍ଚାୟତ ସଦର ମହକୁମା କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ କରିଛନ୍ତି । ମଙ୍ଗଳବାର କଣ୍ଟାବାଞ୍ଜି କେ.ଭି. କଲେଜର ଅଧ୍ୟାପିକାଅଧ୍ୟାପକମାନେ ତୁରେକେଲା ବ୍ଲକ ଧାମନଡଙ୍ଗା ପଞ୍ଚାୟତ ସଦର ମହକୁମା କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବାହ୍ନ ୧୦ଟାରୁ ୧୨ଟା ଯାଏ ଦୁଇଘଣ୍ଟା କାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି । ଅଧ୍ୟାପକ ରାଜେଶ ମହାନ୍ତି ଓ ଯଶୋବନ୍ତ ମିଶ୍ରଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କରାଯାଇଛି । ସେହି ପରି ଧାମନଡଙ୍ଗା ପଞ୍ଚାୟତର ଜାମୁଟଝୁଲା ଆଦିବାସୀ ହାଇସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀମାନେ ମଧ୍ୟ ଗାଁ ପରିକ୍ରମା କରି ସରକାର ବିରୋଧି ସ୍ଲୋଗାନମାନ ଦେଇ ବିଦ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

# ନୀତି ନିର୍ଦ୍ଧାରଣକାରୀ ମାନୁନାହାନ୍ତି ନୀତି

ବଲାଙ୍ଗୀର ଅଫିସ, ୧୮।୯

- ବିଧାନସଭାରେ ନାମକୁମାତ୍ର ସଦାଚାର କମିଟି
- ସୂଚନା ଅଧିକାର ଯୋଗେ ମିଳିଲା ତଥ୍ୟ

ଓଡ଼ିଶା ବିଧାନସଭା ସଦସ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ଆଚରଣ ବିଧିକୁ ଅଧିକାଂଶ ସଦସ୍ୟ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ସୂଚନା ଅଧିକାର ଆଇନ ଜରିଆରେ ଏଭଳି ତଥ୍ୟ ହସ୍ତଗତ ହୋଇଛି । ଓଡିଶା ବିଧାନସଭା ଓ ରାଜ୍ୟ ପାଇଁ ନୀତି ନିର୍ଦ୍ଧାରଣ କରିବା ଏବଂ ବିଧାୟକମାନଙ୍କ ମର୍ଯ୍ୟାଦାକୁ ସୁରକ୍ଷା ଦେବା ପାଇଁ ସଦାଚାର କମିଟି ଗଠନ କରାଯାଇଛି । ସଦାଚାର କମିଟି (ଏଥିକ୍ସ କମିଟି) ଗଠନ କରାଯିବା ଦିନଠାରୁ ଏ ପର୍ଯ୍ୟନ୍ତ ୧୭ଟି ଅଭିଯୋଗ କମିଟିକୁ ଆସିଛି। ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଏ ସଂକ୍ରାନ୍ତରେ ସୂଚନା ଅଧିକାର ଆଇନ ଯୋଗେ ତଥ୍ୟ ପାଇଛନ୍ତି ।

ତଥ୍ୟରୁ ଜଣାପଡିଛି ଯେ, ଚଳିତ ପଞ୍ଚଦଶ ବିଧାନସଭାର ମାତ୍ର ୪ଟି ଅଭିଯୋଗ ବିଚାରାଧୀନ ରହିଛି। ଅବଶିଷ୍ଟ ଅଭିଯୋଗ ବିଧାନସଭାର କାର୍ଯ୍ୟକାଳ ଅବଧି ଶେଷ ହୋଇଯାଇ ଥିବାରୁ ବିନା ନିଷ୍ପତ୍ତି ତଥା ବିନା ବିଚାରରେ ଆପାତତଃ ସମାପ୍ତି ହୋଇଯାଇଥିବା ତଥ୍ୟ ବିଧାନସଭା ସଚିବାଳୟ ପକ୍ଷରୁ ପ୍ରଦାନ କରାଯାଇଛି । ଏହି ଅଭିଯୋଗଗୁଡିକରେ ବିଭିନ୍ନ ସମୟରେ ୬ଜଣ ବିଧାୟକ ଅଭିଯୁକ୍ତ ଥିବାବେଳେ ୧୧ଟି ଅଭିଯୋଗ ବିଭିନ୍ନ ଅଧିକାରୀମାନଙ୍କ ବିରୋଧରେ ଆସିଥିଲା । ୨୦୦୬-୦୭ରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଓ ଅନୁପ ସାଏଙ୍କ ବିରୋଧରେ ତତ୍କାଳୀନ ସରକାରୀ ମୁଖ୍ୟ ସଚେତକ କିଶୋର କୁମାର ମହାନ୍ତି ଅସଦାଚାର ଅଭିଯୋଗ ଆଣିଥିଲେ। ସେହିବର୍ଷ ବିଜେଡି ବିଧାୟକ ପ୍ରତାପ ଜେନାଙ୍କ ବିରୋଧରେ କଂଗ୍ରେସ ଦଳର ମୁଖ୍ୟ ସଚେତକ ସତ୍ୟଭୂଷଣ ସାହୁ ଅଭିଯୋଗ ଆଣିଥିଲେ । ୨୦୧୧-୧୨ମସିହାରେ ବିଧାୟକ ପ୍ରତାପ ଷଡଙ୍ଗୀଙ୍କ ବିରୋଧରେ ବିଧାନସଭାର ପିଟିଶନ କମିଟି ବିଷୟରେ ବକ୍ତବ୍ୟକୁ ନେଇ ବିଜେଡି ସଭ୍ୟ ବିଷ୍ଣୁଚରଣ ଦାସ ଅଭିଯୋଗ ଆଣିଥିଲେ । ୨୦୧୫-୧୬ ବର୍ଷରେ ତାରାପ୍ରସାଦ ବାହିନୀପତିଙ୍କ ବିରୋଧରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ପ୍ଲଟ ନଂ ୬୧୩/୧୩୨ ର ଲିଜ୍ ପ୍ଲଟର ଲିଜକୁ ନିୟମିତ କରାଯାଇଥିବା ଅଭିଯୋଗ ବିଚାରାଧୀନ ରହିଥିବାବେଳେ ଝାରସୁଗୁଡା ବିଧାୟକ ନବକିଶୋର ଦାସ ତାଙ୍କ ମୋବାଇଲ ଫୋନରେ ଅଶ୍ଲୀଳ ଭିଡିଓ ଦେଖୁଥିବା ଅଭିଯୋଗ ମଧ୍ୟ ବିଚାରାଧୀନ ଅବସ୍ଥାରେ ରହିଥିବା ତଥ୍ୟ ପ୍ରଦାନ କରାଯାଇଛି । ବିଧାୟକମାନଙ୍କ ପାଇଁ ରହିଥିବା ଆଚରଣ ବିଧି ପୁସ୍ତିକାର ଦ୍ୱିତୀୟ ଅଧ୍ୟାୟର ଧାରା ୩ର ୨୦ନମ୍ବର ଉପଧାରାରେ ସ୍ପଷ୍ଟ ଭାବରେ ବିଧାୟକମାନେ ଗୃହ ଭିତରକୁ ମୋବାଇଲ ଫୋନ ନେବା ପାଇଁ ବାରଣ କରାଯାଇଥିବା ଉଲ୍ଲେଖ ଅଛି। ପୋଷ୍ଟର, ବ୍ୟାଜ ପରିଧାନକୁ ବାରଣ କରାଯିବା ସହ ଜଣେ ସଭ୍ୟ ବକ୍ତବ୍ୟ ପ୍ରଦାନ କରୁଥିବାବେଳେ ପାଟିତୁଣ୍ଡ କରି ବାଧା ନଦେବା ପାଇଁ ଉଲ୍ଲେଖ ରହିଛି। ଏଭଳି ବହୁ ଆଚରଣବିଧି ରହିଛି, ଯାହାକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଛି ବୋଲି ପଣ୍ଡା ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି । ବିଧାନସଭା ଗୃହ ମଧ୍ୟରେ ସ୍ଲୋଗାନ ଦେବା ପାଇଁ ବାରଣ କରାଯାଇଥିବାବେଳେ ବାରମ୍ବାର ସ୍ଲୋଗାନ ଦେଇ ସଭ୍ୟମାନେ ଗୃହର ମର୍ଯ୍ୟାଦାକୁ କ୍ଷୁଣ୍ଣ କରି ଆଦର୍ଶ ଆଚରଣ ବିଧିକୁ ଉଲ୍ଲଂଘନ କରୁଛନ୍ତି ବୋଲି ପଣ୍ଡା କହିଛନ୍ତି । ବିଧାନସଭା ସଦସ୍ୟ ମାନଙ୍କ ପାଇଁ ସ୍ଥିରୀକୃତ ସମସ୍ତ ଆଚରଣବିଧିକୁ ପାଳନ କରାଗଲେ ଗୃହକୁ ବାସ୍ତବରେ ଗଣତନ୍ତ୍ରର ମନ୍ଦିର ଭାବେ ଜନସାଧାରଣ ଗ୍ରହଣ କରିବେ ବୋଲି ପଣ୍ଡା କହିଛନ୍ତି ।


## ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍ : ୦୬୭୪-୨୫୪୧୪୦୬/୨୫୪୦୦୩୨/୨୫୪୬୧୬୮

### ବନ୍ଧକ ସୁନା ଅଳଙ୍କାର ନିଲାମ ନୋଟିସ୍

ନିମ୍ନଲିଖିତ ଋଣଗ୍ରହୀତାମାନେ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ର ନିମ୍ନଲିଖିତ ଶାଖା ଗୁଡ଼ିକରୁ ସୁନା ଅଳଙ୍କାର ବନ୍ଧକ ରଖି ନେଇଥିବା ଋଣ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ପଇଠ କରିବାରେ ବିଫଳ ହୋଇଛନ୍ତି ଏବଂ ସେମାନଙ୍କୁ ରେଜିଷ୍ଟ୍ରି ଡ଼ାକ ଯୋଗେ ପଠାଇଥିବା ନୋଟିସ୍‌କୁ ମଧ୍ୟ ଗ୍ରହଣ କରିବା ପାଇଁ ମନା କରିଛନ୍ତି କିମ୍ବା ଦିଆଯାଇପାରି ନଥିବା କାରଣରୁ ଫେରସ୍ତ ଆସିଅଛି । ଏହି ନୋଟିସ୍ ମାଧ୍ୟମରେ ସେମାନଙ୍କୁ ଜଣାଇଦିଆଯାଉଅଛି ଯେ ଆଗାମୀ **ତା୨୫.୦୯.୨୦୧୮ରିଖ** ସୁଦ୍ଧା ସେମାନଙ୍କର ବକେୟା ଋଣ ସହିତ ସୁଧ ଓ ଆନୁସଙ୍ଗିକ ସମସ୍ତ ଖର୍ଚ୍ଚ ପରିଶୋଧ କରିବାରେ ବିଫଳ ହେଲେ ଆସନ୍ତା **ତା ୨୬.୦୯.୨୦୧୮ ରିଖ ପୂର୍ବାହ୍ନ ୧୧.୦୦ ଘଟିକା** କିମ୍ବା ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ କୌଣସି ସମୟରେ କୌଣସି ନୋଟିସ୍ ଦିଆନଯାଇ ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାର ଗୁଡ଼ିକ ବ୍ୟାଙ୍କର ନିମ୍ନଲିଖିତ ସଂପୃକ୍ତ ଶାଖା ପରିସରରେ ସର୍ବସାଧାରଣରେ ଖୋଲା ନିଲାମ କରାଯିବ । ଯଦି ବନ୍ଧକ ସୁନା ନିଲାମପରେ ଋଣଗ୍ରହୀତାଙ୍କର ସମସ୍ତ ଋଣ ପରିଶୋଧ ନହୁଏ ତେବେ ବ୍ୟାଙ୍କ ଆଇନ ଅନୁଯାୟୀ ଅଦାଲତର ଆଶ୍ରୟ ନେଇ ବଳକା ଋଣ ଆଦାୟ କରିପାରିବେ । ଏହି ସମ୍ବନ୍ଧୀୟ ଅନ୍ୟାନ୍ୟ ଖର୍ଚ୍ଚ ଏବଂ ତତ୍‌ପରବର୍ତ୍ତି ସୁଧ ପାଇଁ ଋଣଗ୍ରହୀତା ଦାୟୀ ରହିବେ ଏବଂ ତାଙ୍କର ଉତ୍ତରାଧୀକାରୀମାନଙ୍କର କୌଣସି ଅସୁବିଧା, ଆପତ୍ତି, ଅଭିଯୋଗ ବା କ୍ଷତି ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ସ୍ୱର୍ଣ୍ଣ ଋଣ ଆକାଉଣ୍ଟ ନଂ. | ମୋଟ ଓଜନ (ଗ୍ରାମରେ) |
|---|---|---|---|
| | **ପାତ୍ରପଡ଼ା ଶାଖା, ଫୋନ୍ ନଂ.: ୦୬୭୪ - ୨୪୭୫୦୩୩** | | |
| ୦୧. | **ଚରଣ ଚମ୍ପତି**, ପିତା-ଅଗାଧୁ ଚମ୍ପତି, ସା-ଭଗବାନପୁର, ପୋ-ପାତ୍ରପଡ଼ା, ଭୁବନେଶ୍ୱର- ୭୫୧୦୧୯ । | ୨୩୨୮୦୩୧୨୧୫୦୦୦୦୬ | ୧୨.୪୮ |
| ୦୨. | **ଚରଣ ଚମ୍ପତି**, ପିତା-ଅଗାଧୁ ଚମ୍ପତି, ସା-ଭଗବାନପୁର, ପୋ-ପାତ୍ରପଡ଼ା, ଭୁବନେଶ୍ୱର- ୭୫୧୦୧୯ । | ୨୩୨୮୦୩୧୨୧୫୦୦୦୦୫ | ୨୨.୫୦ |
| | **ଧୁରୁକୁଡ଼ିଆ ଶାଖା, ଫୋନ୍ ନଂ.: ୭୮୯୮୬୧୩୧୩୯** | | |
| ୦୩. | **ହାଡ଼ିବନ୍ଧୁ ପାତ୍ରି**, ସା-ଦଶପୁର, ପୋ-ମେଘା, ଆଠଗଡ଼, କଟକ । | ୧୧୨୪୩୨୦୨୮୦୦୦୨୨୫ | ୨୭.୨୦ |
| ୦୪. | **ତ୍ରିନାଥ ସାମଲ**, ସା/ପୋ-ମେଘା, ଆଠଗଡ଼, କଟକ । | ୧୧୨୪୦୩୭୪୧୩୦୦୦୩୧ | ୨୪.୦୦ |
| ୦୫. | **କୁଳମଣୀ ତ୍ରିପାଠୀ**, ସା-ଧୁରୁକୁଡ଼ିଆ, ପୋ-ମେଘା, ଆଠଗଡ଼, କଟକ | ୧୧୨୪୩୨୦୨୮୦୦୦୦୫୨ | ୧୫.୬୦ |
| | **କନ୍ତୋଳ ଶାଖା, ଫୋନ୍ ନଂ.: ୦୬୭୨୩ - ୨୨୦୨୬୮** | | |
| ୦୬. | **ଅର୍ଜୁନୀ ସାହୁ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ । | ୧୦୯୫୦୩୧୨୦୩୦୯୦୬୩ | ୪୩.୯୦ |
| ୦୭. | **ସୁଦର୍ଶନ ସାହୁ**, ସା-ଧନୁର୍ଜୟପୁର, ପୋ-ବେଣ୍ଟପଡ଼ା, ଆଠଗଡ଼-୭୫୪୦୨୯ | ୧୦୯୫୦୩୧୨୧୪୦୦୦୨୪ | ୧୫.୭୦ |
| ୦୮. | **ଶରତ ଚନ୍ଦ୍ର ସାହୁ**, ସା-ଗଜୟା, ପୋ-ତାରାଡ଼ିଙ୍ଗ୍, କଟକ । | ୧୦୯୫୦୩୧୨୧୪୦୦୦୦୪ | ୨୧.୩୦ |
| ୦୯. | **ମାନସ କୁମାର ପରିଡ଼ା**, ସା-ହରିଡ଼ାପୋଷି, ପୋ-ତିଗିରିଆ, କଟକ-୭୫୪୦୩୦ । | ୧୦୯୫୦୩୧୨୧୫୦୦୦୦୭ | ୧୨.୭୦ |
| ୧୦. | **ଦେବାଶିଷ ଭୋଇ**, ସା-ତାରାସିଂ, ପୋ-ଦୋରଦା, ଆଠଗଡ଼, କଟକ | ୧୦୯୫୦୩୧୨୧୫୦୦୦୪୦ | ୧୧.୪୦ |
| ୧୧. | **ଅଶୋକ କୁମାର ପ୍ରଧାନ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୧୦୦୧୬୬ | ୩୬.୬୦ |
| ୧୨. | **ଅଶୋକ କୁମାର ପ୍ରଧାନ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୧୦୦୩୨୯ | ୨୦.୧୦ |
| ୧୩. | **ଅଶୋକ କୁମାର ପ୍ରଧାନ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୨୦୦୦୦୧ | ୧୧.୨୦ |
| ୧୪. | **ଅଶୋକ କୁମାର ପ୍ରଧାନ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୨୦୦୦୦୨ | ୩୧.୨୦ |
| ୧୫. | **ପ୍ରଶନ୍ନ ମହାପାତ୍ର**, ସା/ପୋ-ଆଠଗଡ଼, କଟକ- ୭୫୪୦୨୯ । | ୧୦୯୫୦୩୭୪୧୨୦୦୨୪୫ | ୧୨ |
| ୧୬. | **ଦେବରାଜ ସ୍ୱାଇଁ**, ସା-ମୌରଥା, ପୋ-ଜୋରନ୍ଦା, କଟକ-୭୫୪୦୨୯ | ୧୦୯୫୦୩୭୪୧୨୦୦୨୮୭ | ୧୫.୯ |
| ୧୭. | **ଲଳିତ ରାୟ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ । | ୧୦୯୫୦୩୭୪୧୩୦୦୦୩୭ | ୧୬.୪୦ |
| ୧୮. | **ସଚିଦାନନ୍ଦ ବେହେରା**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୩୦୦୦୨୯ | ୩୪.୫୦ |
| ୧୯. | **ଏସ୍‌କେ ଅଜିମୁଦ୍ଦିନ୍**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୩୦୦୦୧୪ | ୧୨.୨୦ |
| ୨୦. | **କୈଳାସ ଚନ୍ଦ୍ର ଦାଶ**, ସା-ଚମ୍ପାପୁର, ପୋ-ମହାକାଳବସ୍ତ, କଟକ-୭୫୪୦୨୯ | ୧୦୯୫୩୨୦୨୮୦୦୦୩୭୮ | ୮.୧୦ |
| | **ଦଶରଥପୁର ଶାଖା, ଫୋନ୍ ନଂ.: ୦୬୭୨୮ - ୨୫୪୯୯୯** | | |
| ୨୧. | **ଅମର କୁମାର ସାହୁ**, ପିତା-ସୁରଥ ଚନ୍ଦ୍ର ସାହୁ, ସା-ତୁଳତିଆସାହି, ପୋ-ଦଶରଥପୁର, ଜିଲ୍ଲା-ଯାଜପୁର । | ୨୬୩୦୦୩୧୨୧୨୦୦୦୦୨ | ୩୫.୧୬୦ |
| ୨୨. | **ବଳରାମ ସାହୁ**, ପିତା-ସନ୍ୟାସୀ ସାହୁ, ସା-ପାଟଣା, ପୋ-ଦଶରଥପୁର, ଜିଲ୍ଲା-ଯାଜପୁର । | ୨୬୩୦୦୩୧୨୧୨୦୦୦୩୨ | ୦୬.୧୬୦ |
| ୨୩. | **ସୁଜାତା ମଲ୍ଲିକ**, ସ୍ୱା-ନିକୁଞ୍ଜ ମଲ୍ଲିକ, ସା-ଓଡ଼େଇ, ପୋ-ଦଶରଥପୁର, ଜିଲ୍ଲା-ଯାଜପୁର । | ୨୬୩୦୦୩୧୨୧୩୦୦୦୩୫ | ୧୨.୪୫୦ |
| ୨୪. | **ଉମାକାନ୍ତ ନାୟକ**, ପିତା-ହାଡ଼ିବନ୍ଧୁନାୟକ, ସା/ପୋ-ନନ୍ଦିପୁର, ଜିଲ୍ଲା-ଯାଜପୁର | ୨୬୩୦୦୩୧୨୧୩୦୦୦୧୩ | ୧୪.୬୪୦ |
| ୨୫. | **ଆନନ୍ଦ ସାହୁ**, ପିତା-ମଧୁସୂଦନ ସାହୁ, ସା/ପୋ-ଦଶରଥପୁର, ଜିଲ୍ଲା-ଯାଜପୁର | ୨୬୩୦୦୩୧୩୧୨୦୦୦୦୪ | ୩୩.୨୪୦ |
| ୨୬. | **ବଳରାମ ସାହୁ**, ପିତା-ସନ୍ୟାସୀ ସାହୁ, ସା-ପାଟଣା, ପୋ-ଦଶରଥପୁର, ଜିଲ୍ଲା-ଯାଜପୁର । | ୨୬୩୦୦୩୧୩୧୨୦୦୦୧୪ | ୨୯.୨୦୦ |
| ୨୭. | **ଭରତ ଚନ୍ଦ୍ର ସାମଲ**, ପିତା-ଯୁଧିଷ୍ଠୀର ସାମଲ, ସା-ହରିପୁର, ପୋ-ରାମବାଗ୍, ଜିଲ୍ଲା-ଯାଜପୁର । | ୨୬୩୦୦୩୧୩୧୨୦୦୦୨୦ | ୦୭.୭୯୦ |
| ୨୮. | **ସୂର୍ଯ୍ୟମଣି ବେହେରା**, ପିତା-ପୁରୁଷୋତ୍ତମ ବେହେରା, ସା/ପୋ-ମେରଦା କଟିଆ ଛକ, ଜିଲ୍ଲା-ଯାଜପୁର । | ୨୬୩୦୦୩୧୩୧୪୦୦୦୦୯ | ୧୭.୯୦୦ |
| | **ବ୍ରହ୍ମଗିରି ଶାଖା, ଫୋନ୍ ନଂ.: ୦୬୭୫୨ - ୨୩୫୫୪୩** | | |
| ୨୯ | **କବି ପଲାଇ**, ସାନବନ୍ଧକେରା, ବ୍ରହ୍ମଗିରି । | ୧୧୩୫୩୨୦୨୮୦୦୦୪୫୧ | ୨୪.୯ |
| ୩୦ | **ପ୍ରଫୁଲ ସାହାଣୀ**, ସୁଆଁସବଙ୍ଗଳା, ବ୍ରହ୍ମଗିରି । | ୧୧୩୫୩୨୦୨୮୦୦୦୪୩୨ | ୨୭.୪ |
| ୩୧ | **ପ୍ରଫୁଲ ସାହାଣୀ**, ସୁଆଁସବଙ୍ଗଳା, ବ୍ରହ୍ମଗିରି । | ୧୧୩୫୩୨୦୨୮୦୦୦୬୪୧ | ୧୫.୫ |
| ୩୨ | **ଅକ୍ଷୟ କୁମାର ସାହୁ**, ହରିଦାସ, କୁସୁବେଣ୍ଟି, ବ୍ରହ୍ମଗିରି । | ୧୧୩୫୦୩୧୩୧୫୦୦୦୯୭ | ୧୯ |
| ୩୩ | **ବଂଶୀଧର ପ୍ରଧାନ**, ସୁଆଁସବଙ୍ଗଳା, ବ୍ରହ୍ମଗିରି । | ୧୧୩୫୦୩୧୩୧୫୦୦୦୭୫ | ୧୭.୧୨ |
| ୩୪ | **ସୌରୀ ଚରଣ ସାହୁ**, ଗୋଖରି, ବ୍ରହ୍ମଗିରି । | ୧୧୩୫୦୩୧୨୯୮୦୦୦୯୦ | ୨୩.୫ |
| ୩୫ | **ପ୍ରମୋଦ କୁମାର ସ୍ୱାଇଁ**, ବଡ଼ବେଣାକୁଦି, ବ୍ରହ୍ମଗିରି । | ୧୧୩୫୦୩୧୨୦୦୦୦୦୧୬ | ୫୧ |
| ୩୬ | **କୁମା ସେଠୀ**, ଗୋଖର, ବ୍ରହ୍ମଗିରି । | ୧୧୩୫୦୩୧୨୦୦୦୦୦୨୮ | ୧୫.୭ |
| ୩୭ | **ପ୍ରଶନ୍ନ କୁମାର ପଲେଇ**, ବଡ଼ଡ଼ିଆଙ୍ଗି, ଗଡ଼ରୋଡ଼ଙ୍ଗ, ବ୍ରହ୍ମଗିରି । | ୧୧୩୫୦୩୧୨୧୨୦୦୦୦୮ | ୫୪ |
| | **ଭାପୁର ଶାଖା, ଫୋନ୍ ନଂ.: ୦୬୭୫୭ - ୨୩୮୦୨୨** | | |
| ୩୮ | **ବିପିନ ପଟ୍ଟନାୟକ**, ପିତା-ବିଦ୍ୟାଧର ପଟ୍ଟନାୟକ, ସା-ଗୋପାଳ ପ୍ରସାଦ, ଭାପୁର, ନୟାଗଡ଼-୭୫୨୦୬୩ । | ୪୬୨୦୦୦୪୦୪ | ୧୨.୭ |
| ୩୯ | **ପୂର୍ଣ୍ଣଚନ୍ଦ୍ର ମହାପାତ୍ର**, ପିତା-କିର୍ତ୍ତନ ମହାରଣା, ସା-ବାଲିଆପଟା, ଭାପୁର, ନୟାଗଡ଼-୭୫୨୦୬୩ । | ୪୬୨୦୦୦୪୫୭ | ୬୦.୬ |
| ୪୦ | **ପ୍ରକାଶ ଚନ୍ଦ୍ର ସ୍ୱାଇଁ**, ପିତା-ଲଡୁ ସ୍ୱାଇଁ, ସା-ରାମପଡ଼ା, ଭାପୁର, ନୟାଗଡ଼-୭୫୨୦୬୩ । | ୪୬୨୦୦୦୫୩୩ | ୧୦.୯୦ |
| ୪୧ | **ଆରତୀ ବେହେରା**, ସ୍ୱା-ରମେଶ ମହାରଣା, ସା/ପୋ-ଗୋବର୍ଦ୍ଧନ ପ୍ରସାଦ, ଭାପୁର-୭୫୨୦୬୩ । | ୪୬୨୦୦୦୬୧୦ | ୬.୫୦ |
| ୪୨ | **ରଶ୍ମୀତା ନାୟକ**, ସ୍ୱା-ପଦ୍ମଲୋଚନ ନାୟକ, ସା-ସାନସହର, ଭାପୁର, ନୟାଗଡ଼-୭୫୨୦୬୩ । | ୨୦୨୮୦୦୦୦୩୪ | ୩୭.୨୦ |
| | **କୋଶଳା ଶାଖା, ଫୋନ୍ ନଂ.: ୦୬୭୬୧ - ୨୫୧୬୧୦** | | |
| ୪୩ | **ବୀରବର ଦେହୁରୀ**, ସା-ଦୋଳମଣ୍ଡପ ସାହି, କୋଶଳା । | ୦୯୩୪୦୩୧୨୧୨୦୦୦୦୩ | ୧୭.୦୦ |
| ୪୪ | **ଦିଲେଶ୍ୱର ସାହୁ**, ସା-ବରପଡ଼ା, କୋଶଳା । | ୦୯୩୪୦୩୧୨୧୪୦୦୦୩୨ | ୨୧.୮୦ |
| ୪୫ | **ଅର୍ଣ୍ଣ ବାରିକ**, ସା-କୁଶକିଳା, ଛେଣ୍ଡିପଦା । | ୦୯୩୪୦୩୧୨୧୪୦୦୦୬୯ | ୧୫.୮୦ |
| ୪୬ | **ଶିଳି ପ୍ରଧାନ**, ସା-ଚକ୍ରଧରପୁର । | ୦୯୩୪୦୩୧୨୧୫୦୦୦୪୬ | ୧୪.୧୧ |
| ୪୭ | **ଭରତ ନାଏକ**, ସା-ବ୍ରାହ୍ମଣବିଲ । | ୦୯୩୪୦୩୪୬୨୦୦୦୦୨୨ | ୭.୯୦ |
| ୪୮ | **ଅଖିଳ ଚନ୍ଦ୍ର ପ୍ରଧାନ**, ସା-ପିଢାସାହି । | ୦୯୩୪୦୩୪୬୨୦୦୦୦୪୧ | ୨୫.୨୦ |
| ୪୯ | **ବଳରାମ ବେହେରା**, ସା-ସିମିଳିସାହି, କୋଶଳା । | ୦୯୩୪୦୩୭୪୧୦୦୦୦୦୦୧ | ୨୫.୭୦ |
| | **ଭଦ୍ରକ ଶାଖା, ଫୋନ୍ ନଂ.: ୦୬୭୮୪ - ୨୩୦୨୯୩ / ୮୨୦** | | |
| ୫୦ | **ଅନାମ ଚରଣ ଓଝା**, ସା-ବଣିଆ, ପୋଷ୍ଟ-ସରଗରିଆ, ଭଦ୍ରକ-୭୫୬୧୦୧ | ୦୭୯୩୦୩୧୨୧୪୦୦୦୯୧ | ୧୧.୮୦ |
| ୫୧ | **କାହ୍ନୁ ଚରଣ ବାରିକ**, ବାଇପାସ୍, ଭଦ୍ରକ-୭୫୬୧୦୧ । | ୦୭୯୩୦୩୪୬୨୦୦୦୦୩୧ | ୨୪.୦୦ |
| ୫୨ | **ମମିତା ନାୟକ**, ସ୍ୱା-ପ୍ରଶାନ୍ତ କୁମାର ନାୟକ, ସା-ଅମରପୁର, ପୋ-କୋଲ୍‌ହା, ଭଦ୍ରକ-୭୫୬୧୩୦ । | ୦୭୯୩୦୩୪୬୨୦୦୦୦୮୬ | ୪୬.୦୦ |
| ୫୩ | **ମାନଗୋବିନ୍ଦ ଜେନା**, ସା-ବଣିଆ, ପୋ-ସରଗରିଆ, ଭଦ୍ରକ-୭୫୬୧୦୧ | ୦୭୯୩୦୩୪୬୨୦୦୦୧୬୦ | ୧୦.୫୦ |
| | **ବେଗୁନିଆ ଶାଖା, ଫୋନ୍ ନଂ.: ୦୬୭୫୮ - ୨୫୭୨୨୨** | | |
| ୫୪ | **ଅଶୋକ କୁମାର ସେନାପତି**, ପିତା-ରବିନ୍ଦ୍ର ନାଥ ସେନାପତି, ଏରବାଙ୍ଗ, ପୋଷ୍ଟ-ଗୋପ, ପୁରୀ-୭୫୨୧୧୦ । | ୩୧୫୭୦୩୪୬୨୦୦୦୦୪ | ୫.୯୦୦ |
| ୫୫ | **ରମେଶ ଚନ୍ଦ୍ର ବେହେରା**, ସା-ବେଗୁନିଆ, ପୋଷ୍ଟ-ଗୋପ, ପୁରୀ-୭୫୨୧୧୦ | ୩୧୫୭୦୩୪୬୨୦୦୦୨୬ | ୧୫.୫୦୦ |
| ୫୬ | **ଲକ୍ଷ୍ମୀଧର ବେହେରା**, ସା-ବେଦପୁର, ପୋ-ଭଇରିପୁର, ଗୋପ, ପୁରୀ-୭୫୨୧୧୦ । | ୩୧୫୭୦୩୧୨୧୪୦୦୦୧୮ | ୩୦ |
| ୫୭ | **ପବିତ୍ରମୋହନ ବେହେରା**, ସା-ବେଗୁନିଆ, ପୋଷ୍ଟ-ଗୋପ, ପୁରୀ-୭୫୨୧୧୦ | ୩୧୫୭୦୩୪୬୨୦୦୦୦୨୯ | ୭.୭୦୦ |
| | **ଯାଜପୁର ଶାଖା, ଫୋନ୍ ନଂ.: ୦୬୭୨୮ - ୨୨୨୭୦୭** | | |
| ୫୮ | **ଧର୍ମେନ୍ଦ୍ର କୁମାର ରାଉତରାୟ**, ପିତା-ଜୟନ୍ତ କୁମାର ରାଉତରାୟ, ସା/ପୋ-ଲାଲବାଗ, ଯାଜପୁର । | ୨୬୨୯୦୩୧୨୧୫୦୦୦୧୧ | ୪୦.୩ |
| ୫୯ | **ସୁଲଭ ବେହୁରିଆ**, ପିତା-ଅଦେଇତ ବେହେରା, ସା-ଲଳିତେଶ୍ୱର ନଗର, ପୋ-ଯାଜପୁର-୭୫୫୦୦୧ । | ୨୬୨୯୦୩୧୩୧୫୦୦୦୩୮ | ୩୫.୮ |
| ୬୦ | **ରାଜେନ୍ଦ୍ର କୁମାର ମଲ୍ଲିକ**, ପିତା-ଅରକ୍ଷିତ ମଲ୍ଲିକ, ସା-ଗୋବିନ୍ଦଜିଉ ନଗର, ୟୁନିଟ-୬, ଯାଜପୁର । | ୨୬୨୯୦୩୧୩୧୪୦୦୧୦୬ | ୧୫.୬ |
| ୬୧ | **ତପୋଇ ବେହେରା**, ସ୍ୱା-କାର୍ତ୍ତିକ ବେହେରା, ସା-ଶୀତଳେଶ୍ୱର, ପୋ-ଯାଜପୁର । | ୨୬୨୯୦୩୧୩୧୪୦୦୧୦୭ | ୩୨.୩ |
| | **ନୂଆଗାଁ ଶାଖା, ଫୋନ୍ ନଂ.: ୦୬୭୫୩ - ୨୬୩୦୩୩** | | |
| ୬୨ | **ହାଡ଼ୁବନ୍ଧୁ ଯାନୀ**, ପିତା-ଜଗନ୍ନାଥ ଯାନୀ, ସା/ପୋ-ଜକେଡ଼ା, ନୂଆଗାଁ, ନୟାଗଡ଼-୭୫୨୦୮୩। | ୧୧୮୪୦୩୧୩୯୬୦୦୦୭୩ | ୧୧.୫ |
| ୬୩ | **ଧନେଶ୍ୱର ନାୟକ**, ପିତା-ମଧୁସୂଦନ ନାୟକ, ସା/ପୋ-ସିକ୍ରିଡ଼ା, ନୂଆଗାଁ, ନୟାଗଡ଼-୭୫୨୦୮୩। | ୧୧୮୪୩୨୦୨୮୦୦୦୬୪୫ | ୧୩.୪ |
| | **ଭିମପଡ଼ା ଶାଖା, ଫୋନ୍ ନଂ.: ୦୬୭୫୫ - ୨୩୮୦୦୮** | | |
| ୬୪ | **ଅଜୟ ବେହେରା** | ୧୨୪୦୩୨୦୨୮୦୦୦୩୨୩ | ୧୨.୦୦ |
| ୬୫ | **ରୂପା ଦେଇ** | ୧୨୪୦୩୨୦୨୮୦୦୦୬୪୧ | ୩୧.୦୦ |
| | **ଉଦଳା ଶାଖା, ଫୋନ୍ ନଂ.: ୦୬୭୯୫ - ୨୩୨୦୦୧** | | |
| ୬୬ | **ଆଶିଷ କୁମାର ସାହୁ**, ପିତା-ରଞ୍ଜିତ୍ ସାହୁ, ଅସ୍ତପୁର, ବଇସିଙ୍ଗା ମୟୂରଭଞ୍ଜ-୭୫୭୦୨୮ । | ୨୬୩୧୦୩୪୬୨୦୦୦୦୪୩ | ୨୪.୬୫୦ |
| ୬୭ | **ଗଦାଧର ବୁଗୁଡ଼ି**, ପିତା-ଆଦିକନ୍ଦ ବୁଗୁଡ଼ି, କାହ୍ନୁପୁର, ଗଡ଼ିଗାଁଖୁଣ୍ଟା-୭୫୭୦୮୭ | ୨୬୩୧୦୩୪୧୧୪୦୦୦୨୦ | ୭.୪୫୦ |
| | **ଢେଙ୍କାନାଳ ଶାଖା, ଫୋନ୍ ନଂ.: ୦୬୭୬୨ - ୨୨୬୪୩୬** | | |
| ୬୮ | **ଚିତ୍ତରଞ୍ଜନ ବେହେରା**, ପିତା-ଅନାଦୀ ଚରଣ ବେହେରା, ଗ୍ରାମ-ରେଗେଡ଼ା, ପୋ-ନଦୀଆଳି, ଭାୟା-ଗୋବିନ୍ଦପୁର, ଜିଲ୍ଲା-ଢେଙ୍କାନାଳ, ପିନ୍-୭୫୯୦୨୭ | ୦୮୯୫୦୩୪୬୨୦୦୦୦୬୦ | ୩୮.୭୦୦ |
| ୬୯ | **ମିହିର ମହାନ୍ତି**, ପିତା-ମହେନ୍ଦ୍ର ମହାନ୍ତି,ସରକାରୀ ପଲିଟେକ୍ନିକ୍ ନିକଟ, ମହିସାପଟ, ଢେଙ୍କାନାଳ-୭୫୯୦୧୩। | ୦୮୯୫୦୩୪୬୨୦୦୦୦୫୫ | ୧୬.୫୮୦ |
| | **ମଙ୍ଗଳପୁର ଶାଖା, ଫୋନ୍ ନଂ.: ୯୪୩୭୩୪୮୭୭୩** | | |
| ୭୦ | **ଅରବିନ୍ଦ ନାୟକ**, ସା/ପୋ-ମଙ୍ଗଳପୁର, ଜିଲ୍ଲା-ଯାଜପୁର । | ୦୮୭୪୦୩୧୨୧୫୦୦୦୦୧ | ୮ |
| | **ବାଲେଶ୍ୱର ଶାଖା, ଫୋନ୍ ନଂ.: ୦୬୭୮୨ - ୨୬୨୨୪୭** | | |
| ୭୧ | **ଅମରେନ୍ଦ୍ର ଦାସ** | ୦୮୩୨୦୩୧୨୧୪୦୦୦୨୯ | ୧୪୧.୬୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକ ମାନି ନିଲାମରେ ଅଂଶଗ୍ରହଣ କରିପାରନ୍ତି ।**

(୧)ନିଲାମ ଡ଼ାକିବାକୁ ଇଚ୍ଛୁକ ବ୍ୟକ୍ତିମାନେ ନିଲାମ ତାରିଖ ଦିନ ସଂପୃକ୍ତ ଶାଖାରେ ଉପସ୍ଥିତ ରହି ଟ.୨୦୦୦/- ମାତ୍ର ଅମାନତ ରୂପେ ଶାଖା ପରିଚାଳକଙ୍କ ନିକଟରେ ଜମା ରଖିବେ ।
(୨)ଅମାନତ ରାଶି ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାର ଗୁଡ଼ିକୁ ନିଲାମ ସମୟରେ ନିଲାମ ଧରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଯାଞ୍ଚ କରିପାରିବେ ।
(୩)ସର୍ବୋଚ୍ଚ ନିଲାମ ଡ଼ାକ ଡ଼ାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡ଼ାକର ଶତକଡ଼ା ୨୫ ଭାଗ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡ଼ିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡ଼ାକ ଡ଼ାକିଲା ପରେ, ଡ଼ାକର ଶତକଡ଼ା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଏବଂ ଉକ୍ତ ବ୍ୟକ୍ତିଙ୍କୁ ଆଉଥରେ ନିଲାମ ଡ଼ାକିବାକୁ ଅନୁମତି ଦିଆଯିବ ନାହିଁ ଓ ଦ୍ୱିତୀୟ ସର୍ବୋଚ୍ଚ ନିଲାମଧାରିଙ୍କ ସପକ୍ଷରେ ନିଲାମ ସିଦ୍ଧ କରାଯିବ ।
(୪)ଗୋଟିଏ ଆକାଉଣ୍ଟର ନିଲାମ ଡ଼ାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
(୫)ସର୍ବୋଚ୍ଚ ନିଲାମ ଡ଼ାକ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ବୈଧ ଘୋଷଣା ହେଲା ପରେ ହିଁ ନିଲାମ ଡ଼ାକ ସିଦ୍ଧ ହେବ ।
(୬)ପ୍ରକାଶ ଥାଉକି ଆବଶ୍ୟକ ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଧାର୍ଯ୍ୟ ନିଲାମକୁ ରଦ୍ଦ, ସ୍ଥଗିତ ବା ପରିବର୍ତ୍ତନ କରିପାରିବେ
(୭)ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡ଼ାକ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ିକରଣ ହେବା ସୂଚନା ପାଇବାର ୩ ଦିନ ମଧ୍ୟରେ ନିଲାମର ଅବଶିଷ୍ଟ ଶତକଡ଼ା ୭୫ ଭାଗ ଟଙ୍କା ଜମା କରିବାକୁ ବାଧ ହେବେ । ନଚେତ୍ ପୂର୍ବରୁ ଜମା କରିଥିବା ଶତକଡ଼ା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ବାଜ୍ୟାପ୍ତି ହେବ ।
(୮)ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡ଼ାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡ଼ା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
(୯)ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଏବଂ ବିଶୁଦ୍ଧତା ପାଇଁ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ କୌଣସି ପ୍ରକାର ଦାୟୀ ହେବେ ନାହିଁ ।
(୧୦)ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବେ ।

ତାରିଖ: ୧୮.୦୯.୨୦୧୮
ସ୍ଥାନ: ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୯ ସେପ୍ଟେମ୍ବର, ୨୦୧୮



"ଯେତେବେଳେ ନିଜ ଶକ୍ତିର ବହିର୍ଭୂତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।
- ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### ବିଦ୍ୟାଳୟ ପରିଚାଳନା କମିଟିର ତାଲିମ କାର୍ଯ୍ୟକ୍ରମ

ବୌଦ୍ଧ,୧୮।୯(ସ୍ୱ.ପ୍ର.): ସ୍ବେଚ୍ଛାସେବୀ ଅନୁଷ୍ଠାନ ୱାଇସିଡିଏ (ବାଉଁଶୁଣୀ) ପକ୍ଷରୁ ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତରେ ବିଦ୍ୟାଳୟ ପରିଚାଳନା କମିଟିର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଣ୍ଡାପଡ଼ା ସରପଞ୍ଚ ତଥା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିଦ୍ୟାଧର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଅଭିଭାବକଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ମୁଣ୍ଡାପଡ଼ା ଆଞ୍ଚଳିକ ସାଧନକର୍ମୀ ଶେଷଦେବ ପ୍ରଧାନ ଯୋଗଦେଇ ଶିକ୍ଷାର ମାନ ବୃଦ୍ଧି ଉପରେ ଆଲୋଚନା କରିଥିଲେ। ୱାଇସିଡିଏର ପ୍ରକାଶ ପାଣ୍ଡେ ସ୍ୱାଗତ ଭାଷଣ ପ୍ରଦାନ ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ତାଲିମଦାତା ଭାବେ ତାଲସରଡ଼ାର ଆଞ୍ଚଳିକ ସାଧାନକର୍ମୀ ସଞ୍ଜୟ ଦେହୁରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶିଶୁ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୱାଇସିଡିଏ ପକ୍ଷରୁ ରୋଜାଲିନ ପରିଡ଼ା, କୁଞ୍ଜବିହାରୀ ନାଏକ ଓ ଅଚ୍ୟୁତ ମହଲା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ମୁଣ୍ଡାପଡ଼ା ପଞ୍ଚାୟତର ୭୦ ଅଭିଭାବକ ତଥା ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଅଂଶଗ୍ରହଣ କରିଥିଲେ।

# ଧାନ ଫସଲରେ ପୋକ

ଅମରପାଲି, ୧୮।୯ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇ ଅଞ୍ଚଳରେ ଚାଷଜମିରେ କାଣ୍ଡବିନ୍ଧା ଓ ନଳିପୋକ ଲାଗୁଥିବା ଦେଖିବାକୁ ମିଳୁଛି। ଫଳରେ କ୍ଷେତରେ ଥିବା ଧାନଗଛ ସବୁ ଶୁଖିଯାଉଛି। ବିଶେଷ କରି ଯେଉଁ ଚାଷୀମାନେ ସଅଳ ଅମଳକ୍ଷମ ଧାନ କରିଛନ୍ତି ସେମାନେ ବିଶେଷ କ୍ଷତିର ସମ୍ମୁଖୀନ ହେବା ଆଶଙ୍କା ଦେଖାଦେଇଛି। ରୋଗପୋକ ଯୋଗୁ ଏହି ସବୁ ଜମିର ଧାନଗଛ କ୍ଷୀର ଢୋକି ପାରୁନାହିଁ। ତେଣୁ ଚିନ୍ତାରେ ପଡ଼ିଛି ଚାଷୀ । କେତେବେଳେ ଅନାବୃଷ୍ଟି ତ କେତେବେଳେ ଠିକ୍ ସମୟରେ ଚାଷ ହେଉ ନ ଥିବାରୁ ଅନେକ ସମୟରେ ଚାଷୀ ଭଲ ଉତ୍ପାଦନ ପାଇ ନଥାଏ। ଏପରିକି ଭଲ ଫସଲ ନହେଲେ କିମ୍ବା ମରୁଡ଼ି ହେଲେ ସରକାରଙ୍କ ତରଫରୁ ଅନେକ ସମୟରେ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଥାଏ ଚାଷୀ ।

ଚଳିତ ବର୍ଷ ଠିକ୍ ସମୟରେ ଓ ଆବଶ୍ୟକ ଅନୁସାରେ ବୃଷ୍ଟିପାତ ହୋଇଥିବାରୁ ଭଲ ଫସଲ ମଧ୍ୟ ହୋଇଛି। ଭଲ ଅମଳର ଆଶା ରଖିଥିବା ଚାଷୀ ଜମିରେ କାଣ୍ଡବିନ୍ଧା ଓ ନଳି ପୋକ ଲାଗିଥିବା ଦେଖି ହତାଶ ହୋଇପଡ଼ିଛି। ଏହି ପୋକମାନଙ୍କ ଦ୍ୱାରା ଧାନ ଫସଲରୁ ଧାନ ଅମଳ ହେବାରେ ଆଶଙ୍କା ଦେଖାଯାଉଛି। ଏହି ପୋକମାନେ ଧାନ ଗଛର କାଣ୍ଡକୁ ଖାଇ ଦେଉଥିବାରୁ କ୍ଷୀର ଢୋକି ପାରୁନାହିଁ। ଏବେ ସାଧାରଣତଃ ଗଛରେ ଧାନ ଫୁଲିବାର ସମୟ। ଚାଷୀମାନେ ଏହାର ପ୍ରତିକାର ପାଇଁ କୀଟନାଶକ ସିଞ୍ଚନ କରୁଛନ୍ତି । ମାତ୍ର ସରକାରଙ୍କ ଉକ୍ତ ବିଭାଗ ପକ୍ଷରୁ କୀଟନାଶକ ଦିଆଯାଉ ନଥିବା ଅଭିଯୋଗ କରୁଛନ୍ତି ଚାଷୀ। କୋଟସମଲାଇ ଗ୍ରାମର କୃଷ୍ଣଚନ୍ଦ୍ର ସେଠୀ, ସୁବାଶିନୀ ମନ୍ତ୍ରୀ, ରବିନାରାୟଣ ସାହୁ, ଚମରା ସେଠୀ, ଭିକାରୀ ସେଠୀ, ନରେନ୍ଦ୍ର ବାଘ, ହୁଂକାରୁ ଗଡ଼ୁଆ, ନରସିଂହ ମନ୍ତ୍ରୀ, ପଞ୍ଚାନନ ମନ୍ତ୍ରୀ, ଖେତ୍ରୁ କମ୍ପ, ରାମ ସମର୍ଥ, ଖେତ୍ରୁ ମେଣ୍ଡିଲି ପ୍ରମୁଖ ଚାଷୀଙ୍କର ପ୍ରାୟ ୫୦ରୁ ଅଧିକ ଏକର ଚାଷ ଜମିରେ ଏହି ରୋଗ ଲାଗିଛି। ଏହି ଚାଷୀମାନେ ନିଜ ଖର୍ଚ୍ଚରୁ ଔଷଧ କିଣି ଦେଉଥିଲେ ମଧ୍ୟ ନିମ୍ନମାନର ଯୋଗୁଁ ରୋଗ କମୁ ନାହିଁ। ଏପରିସ୍ଥଳେ ଚାଷୀ ଖୋଜୁଥିବା ଔଷଧ ସରକାରୀ ଭାବେ ମିଳୁ ନ ଥିବା କେତେକ ଚାଷୀ ଅଭିଯୋଗ କରିଛନ୍ତି । ଏନେଇ ଉଲୁଣ୍ଡା ଉପ କୃଷି ନିର୍ଦ୍ଦେଶକ ରାକେଶ ମାଝୀଙ୍କୁ ପଚାରିବାରୁ ଧାନ ଫସଲରେ କାଣ୍ଡବିନ୍ଧା ପୋକ ଲାଗିଛି। ଦୁଇଦିନ ମଧ୍ୟରେ କୀଟନାଶକ ଚାଷୀଙ୍କୁ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି ।



କାଣ୍ଡବିନ୍ଧା ପୋକ ଲାଗି ଧାନ ଫସଲକୁ କ୍ଷତିଗ୍ରସ୍ତ କରିଛି।

**ଉଲୁଣ୍ଡା ବ୍ଲକ**
- ଏକର ଏକର ଚାଷଜମି ପୋକ ଚରିଲେ
- ଶୁଖି ଯାଉଛି ଧାନଗଛ
- ସଅଳ ଅମଳକ୍ଷମ ଧାନଗଛ କ୍ଷୀର ଢୋକି ପାରୁନି
- ମିଳୁନି କୀଟନାଶକ ଔଷଧ
- ଚାଷୀ ମହଲରେ ବଢୁଛି ଅସନ୍ତୋଷ

## ପଞ୍ଚାୟତ ସ୍ତରକୁ ବ୍ୟାପିଲା ଶିକ୍ଷକ ଆନ୍ଦୋଳନ

ବୌଦ୍ଧ,୧୮।୯(ସ୍ୱ.ପ୍ର.)

ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ହରଭଙ୍ଗା ବ୍ଲକ ଶାଖାର ଆନ୍ଦୋଳନ ପଞ୍ଚାୟତ ସ୍ତରକୁ ବ୍ୟାପିଛି। ସୋମବାର ବୌଦ୍ଧରେ ସ୍ଥାନୀୟ ସଂଗଠନ ପକ୍ଷରୁ ମଥୁରା, ସରସରା, ବନ୍ଧାପଥର ଆଦି ପଞ୍ଚାୟତରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ସାମ୍ପ୍ରତିକ ସ୍ଥିତ ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ମଙ୍ଗଳବାର ଛତରଙ୍ଗ ପଞ୍ଚାୟତରରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଛତରଙ୍ଗ ସରପଞ୍ଚ ସୁଶୀଲ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟ ଅବକାଶ ସାହୁ ଯୋଗଦେଇ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ପରବର୍ତ୍ତୀ ସମୟରେ ଛତରଙ୍ଗ, ଧୁଙ୍ଗିଆମୁଣ୍ଡା, ଖରଭୂଇଁ, ଭାଲିଆଗୋରା ଓ ହରଭଙ୍ଗା ପଞ୍ଚାୟତରେ ସଚେତନତା ସଭା କରାଯାଇଥିଲା। ସ୍କୁଲ, କଲେଜଗୁଡ଼ିକୁ ପୂର୍ଣ୍ଣ ଅନୁଦାନ ଓ ବ୍ଲକଗ୍ରାଣ୍ଟ ଉଚ୍ଛେଦ ଦାବିରେ ଶିକ୍ଷକ, କର୍ମଚାରୀମାନେ ଦୀର୍ଘ ୩୫ ଦିନ ଧରି ଆନ୍ଦୋଳନ ଜାରି ରଖିଥିବା ସୂଚନା ଦେଇଥିଲେ। ଶିକ୍ଷକଙ୍କ ଆନ୍ଦୋଳନ ଫଳରେ ଛାତ୍ରୀଛାତ୍ର ଉପେକ୍ଷିତ ହେଉଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ହରଭଙ୍ଗା ବ୍ଲକର ୩ କଲେଜ, ୭ ହାଇସ୍କୁଲ ଓ ବ୍ଲକଗ୍ରାଣ୍ଟ ହାଇସ୍କୁଲର ପ୍ରାୟ ୫୦ ଶିକ୍ଷକ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ହରଭଙ୍ଗା କଲେଜ ଅଧ୍ୟକ୍ଷ ପ୍ରିୟନାଥ ଶର୍ମା, ଅଧ୍ୟାପକ ହିମାଂଶୁ ରାଉତ, ଭୈରବୀ ଡିଗ୍ରୀ କଲେଜର ଅଧ୍ୟାପକ ପ୍ରମୋଦ ଚନ୍ଦ୍ର ମହାପାତ୍ର, ରମେଶ ଚନ୍ଦ୍ର ତାରେଣିଆ, ଛତରଙ୍ଗ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ ମିଶ୍ର, ସଙ୍କୁଲୋଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାଗୀରଥି ରାଉତ, ଚାରିଛକ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶ୍ରୀଧର ପ୍ରଧାନ, ଲୁଣିବାହାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତୃପ୍ତିରଞ୍ଜନ ଦାନୀ ଏହାର ନେତୃତ୍ୱ ନେଇଥିଲେ।

# ବିଦ୍ୟୁତ୍ ତାର ଚୋରି କରିନେଲେ ଦୁର୍ବୃତ୍ତ

ଅମରପାଲି, ୧୮।୯ (ଡି.ଏନ.ଏ.)

ବୀରମହାରାଜପୁର ବ୍ଲକ ସୁବଳୟା ସେକ୍ସନ ଅନ୍ତର୍ଗତ ଖଣ୍ଡହତା ଫିଡର୍‌ର ଖଣ୍ଡହତା କଳାସିଘାଟରୁ କୁଶାଦାଦର ଗ୍ରାମ ପର୍ଯ୍ୟନ୍ତ ଟଣା ହୋଇଥିବା ୧୧କେଭି ବିଦ୍ୟୁତ ତାରକୁ ଗତ ରାତିରେ ଦୁର୍ବୃତ୍ତମାନେ କାଟି ନେଇଛନ୍ତି। ଫଳରେ ଏବେ ଉକ୍ତ ଫିଡରର ଖଣ୍ଡହତା ପଞ୍ଚାୟତ କୁଶାଦାଦର ଓ ପୁଇପାନ ଏବଂ ବହଲପଦର ପଞ୍ଚାୟତର ହାତିଲିମୁଣ୍ଡା ଓ କୁନ୍ଦପାଲିକୁ ବିଦ୍ୟୁତ ସେବା ବିଚ୍ଛିନ୍ନ ହୋଇଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ସୋମବାର ବିଳମ୍ବିତ ରାତିରେ ପ୍ରାୟ ୧୦ରୁ ୧୨ଜଣ ଥିବା ଏକ ଦଳ ଲୋକ ଆସି ତାର କାଟି ତାକୁ ଗୁଡାଇ ରଖୁଥିଲେ । ଆହୁରି ତାର ନେବା ପାଇଁ ସେମାନେ ଚେଷ୍ଟା କରୁଥିବା ବେଳେ ସେହି ରାସ୍ତା ଦେଇ କିଛି ଲୋକ ପାଖ ଗ୍ରାମରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖି ଫେରୁଥିଲେ । ସେମାନେ ତାର ଚୋରଙ୍କୁ ଦେଖି ପାଟି କରିବାରୁ ସେମାନେ କିଛି ତାର ନେଇ ପଳାଇଯିବା ସହିତ ୨ବଣ୍ଡଲ ତାର ଛାଡି ଯାଇଛନ୍ତି । ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଫୋନ କରି ଲୋକେ ଜଣାଇଥିଲେ । ସକାଳୁ ଦେଖିଲା ବେଳକୁ ପ୍ରାୟ ୧୦ଟି ଖମ୍ବରୁ ତାର ଚୋରି କରି ନେଇଛନ୍ତି । ତେଣୁ ଏବେ ଉକ୍ତ ଫିଡର୍‌ର ୪ ଗ୍ରାମବାସୀ ଅନ୍ଧାରରେ ଅଛନ୍ତି । ସୂଚନାଯୋଗ୍ୟ ଯେ, ଉକ୍ତ ଅଞ୍ଚଳରେ ଏହି ତାର ଚୋରି ଏକ ର୍‍ୟାକେଟ କାମ କରୁଥିବା ଲୋକେ ଅଭିଯୋଗ କରୁଛନ୍ତି । ପ୍ରାୟ ୧୫ ଦିନ ପୂର୍ବରୁ ଖଣ୍ଡହତା ପଞ୍ଚାୟତର ରିଜୁ ମୁଣ୍ଡା ଗ୍ରାମରୁ ୫ଟି ପୋଲରୁ ୧୧ କେଭି ବିଦ୍ୟୁତ ତାର ଚୋରି କରିନେଇଥିଲେ। ଏପରିକି ଉପାନ୍ତ ଅଞ୍ଚଳରେ ଥିବା ପିତାମହୁଲ ପଞ୍ଚାୟତର ବୁଟୁଖମନ ଗ୍ରାମକୁ ଯାଇଥିବା ବିଦ୍ୟୁତ ତାର ମଧ୍ୟ ୨୦ଦିନ ପୂର୍ବରୁ ଚୋରି କରିନେଇ ଥିବା ଉକ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ନେଇ ବୁଟୁଖମନ ଗ୍ରାମବାସୀ ବିଭାଗକୁ ଜଣାଇଥିଲେ ମଧ୍ୟ ବିଭାଗ ନିରବଦ୍ରଷ୍ଟା ରହିଛି । ଉକ୍ତ ଅଞ୍ଚଳରୁ ଲଗାତାର ଭାବେ ବିଦ୍ୟୁତ୍ ତାର ଚୋରି ହେଉଥିବାରୁ ସାଧାରଣରେ ବିଦ୍ୟୁତ ଉପଭୋକ୍ତା ଚିନ୍ତାରେ ଅଛନ୍ତି। ଏନେଇ ବିଭାଗୀୟ ଏସଡିଓଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା। ଉକ୍ତ ଅଞ୍ଚଳରେ ହୋଇଥିବା ବିଦ୍ୟୁତ ତାର ଚୋରଙ୍କୁ ଗିରଫ କରିବା ସହିତ ବିଦ୍ୟୁତ ବିଭାଗ ଉକ୍ତ ଅଞ୍ଚଳରେ ନୂତନ ବିଦ୍ୟୁତ ତାର ଲଗାଇ ବିଦ୍ୟୁତ୍ ଯୋଗାଇ ଦେବାକୁ ପୂର୍ବତନ ଖଣ୍ଡହତା ସରପଞ୍ଚ ପ୍ରଦୀପ ବିଶ୍ୱାଳ ଅଭିଯୋଗ କରିଛନ୍ତି ।

**୪ ଗ୍ରାମକୁ ବିଦ୍ୟୁତ୍ ସେବା ବିଚ୍ଛିନ୍ନ**



ଖଣ୍ଡହତାର କୁଶାଦାଦର ଗ୍ରାମରୁ ବିଦ୍ୟୁତ୍ ତାର ଚୋରି ବେଳେ ଛାଡି ପଳାଇଥିବା ୨ବଣ୍ଡଲ ବିଦ୍ୟୁତ ତାର ।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

# କୋର୍ଟ କଚେରି ଅଚଳ କଲେ ଆଇନଜୀବୀ

ବୀରମହାରାଜପୁର, ୧୮।୯(ଡି.ଏନ.ଏ.)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବୀ ନେଇ ଆଇନଜୀବୀଙ୍କ ତରଫରୁ ଚାଲିଥିବା ଆନ୍ଦୋଳନ ପୁଣିଥରେ ତୀବ୍ରତର ହେବାକୁ ଲାଗିଛି। ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି (ସିଏସି)ର ଆହ୍ୱାନକ୍ରମେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ଆଇନଜୀବୀମାନେ ମଙ୍ଗଳବାରଠାରୁ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଉକ୍ତ ଆନ୍ଦୋଳନ ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ବାର ଆସୋସିଏଶନର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ ସୂଚନା ଦେଇଛନ୍ତି। ଗଣେଷ ପୂଜା, ନୂଆଁଖାଇ ଓ ବିଶ୍ୱକର୍ମା ପୂଜା ଛୁଟି ଅବକାଶ ପରେ ମଙ୍ଗଳବାର କୋର୍ଟ ଖୋଲିବାକୁ ଥିବା ବେଳେ ଆଇନଜୀବୀମାନେ ଦଳଦଳ ହୋଇ ବିଭିନ୍ନ ଅଦାଲତ ସମ୍ମୁଖରେ ପିକେଟିଂ କରିଥିଲେ। ଫଳରେ ସ୍ଥାନୀୟ ବରିଷ୍ଠ ଦେୱାନୀ ତଥା ସହକାରୀ ଦୌରାଜଜ ଜଜ୍ ମାନସ ରଞ୍ଜନ ରଥ, ଏସ୍‌ଡିଜେଏମ୍ ଅବକାଶ ଚୌଧୁରୀ କୋର୍ଟ ଫାଟକ ନିକଟରୁ ଫେରି ଯାଇଥିଲେ। କୋର୍ଟ ଷ୍ଟାଫ୍ ମଧ୍ୟ ଭିତରକୁ ଯାଇ ପାରି ନ ଥିଲେ। ସେହିଭଳି ଉପଜିଲାପାଳ, ରାଜସ୍ୱ ଅଧିକାରୀ ଏବଂ ତହସିଲଦାରଙ୍କ କୋର୍ଟ ତଥା କାର୍ଯ୍ୟାଳୟରେ ଆଇନଜୀବୀଗଣ ତାଲା ପକାଇ ଦେବାରୁ ସେସବୁ ଆପେ ଆପେ ବନ୍ଦ ରହିଥିବାର ଦେଖିବାକୁ ମିଳିଥିଲା। ବାର ଆସୋସିଏଶନ୍‌ର ମଙ୍ଗଳବାର ଆନ୍ଦୋଳନରେ ସଭାପତି ଖଣ୍ଡଗିରୀ, ସହସମ୍ପାଦକ ସନ୍ତୋଷ କୁମାର ଚାନ୍ଦଙ୍କ ସହ ବରିଷ୍ଠ ଆଇନଜୀବୀ ବିଷ୍ଣୁଚରଣ ପଣ୍ଡା, ଅଜିତ କୁମାର ପାଣିଗ୍ରାହୀ, ଶ୍ରୀନିବାସ ଚାନ୍ଦ, ଶଙ୍କର୍ଷଣ ପଣ୍ଡା, ସୁବ୍ରତ କୁମାର ମିଶ୍ର, ସୁରେନ୍ଦ୍ର କୁମାର ତ୍ରିପାଠୀ, କୁନ୍ଦନ କୁମାର ପ୍ରଧାନ, ସମରେନ୍ଦ୍ର ସ୍ୱାଇଁ, ଯୁଧିଷ୍ଠିର ସାହୁ ଓ ପ୍ରଦୀପ ମିଶ୍ର ପ୍ରମୁଖ ସାମିଲ ଥିଲେ।



ଆଇନଜୀବୀମାନେ ବରିଷ୍ଠ ଦେୱାନୀ ତଥା ସହକାରୀ ଜଜ୍ ବୀରମହାରାଜପୁରଙ୍କ କୋର୍ଟ ସମ୍ମୁଖରେ ପିକେଟିଂ କରୁଛନ୍ତି।

# ପିଏମ୍‌ଏୱାଇ ବିଲ୍ ପାଇଁ ଲାଞ୍ଚ: ଜିଆର୍‌ଏସ୍ ଗିରଫ

ସୋନପୁର/ସିଂଘିଯୁବା,୧୮।୯ (ନି.ପ୍ର./ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ପଞ୍ଚାୟତର ଜିଆରଏସ୍(ଗ୍ରାମ ରୋଜଗାର ସେବକ) ଅମିତ କୁମାର ଅଗ୍ରୱାଲ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି । ପିଏମ୍‌ଏୱାଇଜି(ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ)ର ଚୂଡାନ୍ତ ବିଲ୍ ପାଇଁ ଜିଓ ଟ୍ୟାଗିଂ ସକାଶେ ଅଭିଯୁକ୍ତ ଅମିତ ସ୍ଥାନୀୟ ସର୍ଗୁଣା ଗ୍ରାମର ସତ୍ୟାନନ୍ଦ ଭୋଇଙ୍କଠାରୁ ପଞ୍ଚାୟତ କାର୍ଯ୍ୟାଳୟରେ ୫ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ। ଭିଜିଲାନ୍ସ ବିଭାଗର ଅଧିକାରୀମାନେ ଜିଆରଏସ୍‌ଙ୍କୁ ଗିରଫ କରିଛନ୍ତି। ତାଙ୍କ କାର୍ଯ୍ୟାଳୟର ଅଲମିରା ଭିତରେ ଥିବା ହାତ ବ୍ୟାଗ୍‌ରୁ ରାସାୟନିକ ପ୍ରଲେପ ଥିବା ୨ଟି ଦୁଇ ହଜାର ଟଙ୍କିଆ ନୋଟ ଓ ୨ଟି ପାଞ୍ଚ ଶହ ଟଙ୍କିଆ ନୋଟ ଜବତ ହୋଇଛି। ଅଭିଯୁକ୍ତଙ୍କୁ ସନ୍ଧ୍ୟାରେ ବଲାଙ୍ଗୀରର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ଜେଲ ହାଜତକୁ ପଠାଇ ଦିଆଯାଇଛି ।

ଭିଜିଲାନ୍ସ ବିଭାଗ ସୂତ୍ରରୁ ପ୍ରକାଶ ଯେ, ସର୍ଗୁଣା ଗ୍ରାମର ଗୋବିନ୍ଦ ବାଗଙ୍କ ସ୍ତ୍ରୀ ଫୁଲ(୬୫)ଙ୍କୁ ୨୦୧୭-୧୮ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିଲା। ଫୁଲ ଏହି ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି। ତାଙ୍କୁ ତିନୋଟି କିସ୍ତିରେ ପୂର୍ବରୁ ୧ଲକ୍ଷ ଟଙ୍କା ମିଳିସାରିଛି। ଶେଷ କିସ୍ତିରେ ପିଏମଏୱାଇରେ ୩୦ହଜାର ଟଙ୍କା ଓ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୯୫ଦିନର ଦୈନିକ ମଜୁରୀ ହିସାବରେ ୧୬ ହଜାର ୫୩୦ ଟଙ୍କା ହିତାଧିକାରୀଙ୍କୁ ମିଳିବା କଥା । ତେବେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାର ଫଟୋ ଜିଓ ଟ୍ୟାଗିଂ କରିବା ପାଇଁ ଜିଆରଏସ୍ କୁଆଡେ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ ସର୍ଗୁଣା ଗ୍ରାମର ସତ୍ୟାନନ୍ଦ ସମ୍ବଲପୁର ଭିଜିଲାନ୍ସ ଏସ୍‌ପିଙ୍କ ନିକଟରେ ସୋମବାର ଅଭିଯୋଗ କରିଥିଲେ। ସମ୍ବଲପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଏନେଇ ଏକ ମାମଲା (ନଂ୬୦/୧୮୦ ରୁଜୁ ହୋଇଥିଲା। ମଙ୍ଗଳବାର ଅଭିଯୁକ୍ତଙ୍କ ବିନିକା ଜାମପାଲିସ୍ଥିତ ପୈତୃକ ବାସଭବନ ଓ ସୋନପୁର ସହରର ଗୋକର୍ଣ୍ଣେଶ୍ୱର ପଡାସ୍ଥିତ ଭଡା ଘରେ ଭିଜିଲାନ୍ସ ବିଭାଗର ଅଧିକାରୀମାନେ ଯାଞ୍ଚ କରିଥିଲେ। ଅଭିଯୁକ୍ତ ୨୦୦୮ରୁ ସମ୍ପୃକ୍ତ ପଞ୍ଚାୟତରେ ଜିଆରଏସ୍ ଭାବେ କାର୍ଯ୍ୟ କରି ଆସୁଥିଲେ। ବଲାଙ୍ଗୀର ଡିଏସ୍‌ପି ତଥା ସୁବର୍ଣ୍ଣପୁର ୟୁନିଟ୍‌ର ଭାରପ୍ରାପ୍ତ ଡିଏସ୍‌ପି ପରମେଶ୍ୱର କିଷାନ ମାମଲାର ତଦନ୍ତକାରୀ ଅଧିକାରୀ ଅଛନ୍ତି। ବରଗଡ ଡିଏସ୍‌ପି ବୀରେନ୍ଦ୍ର କୁମାର ନାୟକ, ଇନ୍ସପେକ୍ଟର ସୁବାଷ ଚନ୍ଦ୍ର ମିଶ୍ର, ସଦାନନ୍ଦ ପାଣି, କନଷ୍ଟେବଲ ପ୍ରଭାସ ଚନ୍ଦ୍ର ଗୁରୁ ଓ ନନ୍ଦକିଶୋର ବଗର୍ତ୍ତି ଏହି ଚଢାଉରେ ସାମିଲ ଥିଲେ।



ଗିରଫ ଜିଆରଏସ୍ ଅମିତ କୁମାର ଅଗ୍ରୱାଲ ।

## ସମୂହ ଛୁଟିରେ ଗଲେ ୭୦ ଡିପ୍ଲୋମା ଇଞ୍ଜିନିୟର

ବୌଦ୍ଧ,୧୮।୯(ସ୍ୱ.ପ୍ର.)

ରାଜ୍ୟରେ କାର୍ଯ୍ୟରତ ୮୫୦୦ ଡିପ୍ଲୋମା ଇଞ୍ଜିନିୟର ଦୀର୍ଘ ୬ ବର୍ଷ ଧରି ବିଭିନ୍ନ ସମସ୍ୟା ନେଇ ଦାବି ଜଣାଇ ଆସୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ମଙ୍ଗଳବାରଠାରୁ ସେମାନେ ସମୂହ ଛୁଟିରେ ଯାଇଛନ୍ତି। ଏହି କ୍ରମରେ ବୌଦ୍ଧରେ କାର୍ଯ୍ୟରତ ୭୦ ଜଣ ଡିପ୍ଲୋମା ଇଞ୍ଜିନିୟର ମଧ୍ୟ ଛୁଟିରେ ଯାଇଛନ୍ତି। ସମୂହ ଛୁଟିରେ ଯିବା ପାଇଁ ସୋମବାର ବୌଦ୍ଧ ଡିପ୍ଲୋମା ଇଞ୍ଜିନିୟର ସଂଘ ପକ୍ଷରୁ କର୍ମଚାରୀ ଭବନରେ ଆୟୋଜିତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସଂଘର ବୌଦ୍ଧ ଶାଖା ସଭାପତି ସ୍ମୃତିରଞ୍ଜନ ସେଠୀଙ୍କ କହିବା ଅନୁଯାୟୀ ୮ଦଫା ଦାବି ନେଇ ସାରା ରାଜ୍ୟରେ ଆନ୍ଦୋଳନ ଚାଲିଛି। କିନ୍ତୁ ସରକାର କର୍ଣ୍ଣପାତ କରୁନାହାନ୍ତି। ଦାବି ପୂରଣ ହେବା ପର୍ଯ୍ୟନ୍ତ ସମସ୍ତେ ଛୁଟିରେ ରହିବେ ବୋଲି ସେ ପ୍ରକାଶ କରିଛନ୍ତି। ସୋମବାର ବୈଠକରେ ସଂଘ ସମ୍ପାଦକ ଦିବ୍ୟଲୋଚନ ନାଏକ, ଉପସଭାପତି ମଧୁସୂଦନ ଦୋରାଙ୍କ ସମେତ ସମସ୍ତ ଡିପ୍ଲୋମା ଇଞ୍ଜିନିୟର ଯୋଗଦେଇଥିଲେ।

## ସ୍ୱଚ୍ଛତା ହିଁ ସେବା ପକ୍ଷ କାର୍ଯ୍ୟକ୍ରମ

ସୋନପୁର,୧୮।୯(ନି.ପ୍ର.)

ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ହିଁ ସେବା ପକ୍ଷ କାର୍ଯ୍ୟକ୍ରମ ପାଳନ କରାଯାଉଛି । ୧୫ ସେପ୍ଟେମ୍ବରରୁ ଅକ୍ଟୋବର ୨ତାରିଖ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପର୍ଯ୍ୟନ୍ତ ଏହା ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ସମ୍ପର୍କରେ ଲୋକମାନଙ୍କୁ ସଚେତନ ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି । ମଙ୍ଗଳବାର କେନ୍ଦ୍ର ପରିସରରେ ଜିଲା ଉପ କୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା, ଜଳଛାୟା ପ୍ରକଳ୍ପ ଅଧିକାରୀ ବ୍ରଜବନ୍ଧୁ ପାଣିଗ୍ରାହୀ, ଏଲଡିଏମ ସରୋଜ କୁମାର ଦାଶ, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଜୀବନଜିତ୍ ସେନ୍, ଉଦ୍ୟାନ କୃଷି ବୈଜ୍ଞାନିକ ଗୀତାଞ୍ଜଳି ପ୍ରଧାନ, କ୍ଷେତ୍ର ବିଜ୍ଞାନ ବୈଜ୍ଞାନିକ ସୁରଜ୍ୟୋତି ପ୍ରଧାନ, କୃଷି ସମ୍ପ୍ରସାରଣ ବୈଜ୍ଞାନିକ ସୁପ୍ରଭା ସେଠୀ, କୃଷି ବିଜ୍ଞାନ କେନ୍ଦ୍ରର କର୍ମଚାରୀ, ଅତିରିକ୍ତ ପ୍ରାଣୀଧନ ଅଧିକାରୀ ଡ. ଭୁବନ ମୋହନ ସାହୁ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ହିତେଶ କୁମାର ବଡେଇ ଓ ଚାଷୀମାନେ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟଦ୍ୱାର, ପ୍ରାଙ୍ଗଣ ଓ ଚଲାପଥକୁ ସଫାସୁତୁରା କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ଗ୍ରାମ୍ୟ ରାସ୍ତା, ନଳକୂପ, ସ୍କୁଲ ପରିସର, ଜିଲା ମୁଖ୍ୟ ଡାକ୍ତରଖାନା ଆଦି ସଫା କରି ସଚେତନତା ସୃଷ୍ଟି ସହିତ ଆବର୍ଜନା ଓ ବର୍ଜ୍ୟବସ୍ତୁର ସୁପରିଚାଳନା ଉପରେ ବ୍ୟବହାରିକ ଜ୍ଞାନ କୌଶଳ କରିବାର ଯୋଜନା ରହିଛି । କୃଷି ବର୍ଜ୍ୟବସ୍ତୁ ତଥା ଜିଆଖତ ଉପାଦେୟ ଘରର ଆବର୍ଜନାକୁ ଜିଆଖତ ପ୍ରସ୍ତୁତିରେ ବ୍ୟବହାର କରି ପାରିବା ପାଇଁ ଚାଷୀମାନଙ୍କୁ ତାଲିମ ଦେବା ସହିତ ଗାଁରେ ପ୍ରସ୍ତୁତି ହେବାର ପ୍ରଣାଳୀ ପ୍ରଦର୍ଶନ କରାଯାଉଛି । ସ୍କୁଲ ପିଲା ମାନଙ୍କୁ ମଧ୍ୟ ସ୍ୱଚ୍ଛ ଭାରତ ଅଭିଯାନ ସମ୍ପର୍କରେ ସଚେତନ କରାଯାଉଛି ।

# ଚିକିତ୍ସା ଅଭାବରୁ ଶିଶୁ ମୃତ୍ୟୁ ଅଭିଯୋଗ

ପୁରୁଣାକଟକ, ୧୮।୯ (ଡି.ଏନ.ଏ.)

ବୌଦ୍ଧ ଜିଲା ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ବିଳମ୍ବିତ ରାତ୍ରିରେ ଚିକିତ୍ସା ଅଭାବରୁ ଜଣେ ଆଠବର୍ଷର ଝିଅର ମୃତ୍ୟୁ ହୋଇଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏହାକୁ ନେଇ ପୁରୁଣାକଟକ ମେଡିକାଲରେ ମଙ୍ଗଳବାର ସକାଳେ ଉତ୍ତେଜନା ଦେଖାଦେଇଥିଲା। ଡାକ୍ତରଖାନା ସମ୍ମୁଖରେ ମୃତଦେହ ରଖି ଉତ୍ତ୍ୟକ୍ତ ଲୋକେ ପ୍ରତିବାଦ କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଏବଂ ଆବଶ୍ୟକ ଡାକ୍ତର ନିଯୁକ୍ତି ଦେବାକୁ ସେମାନେ ଦାବି କରିଥିଲେ। ପରେ ସେମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ଖବର ପାଇ ବୌଦ୍ଧ ଉପଜିଲାପାଳ ଏନ.ସି.ଜ୍ୟୋତିରଞ୍ଜନ ନାଏକଙ୍କ ନିର୍ଦ୍ଦେଶକ୍ରମେ ହରଭଙ୍ଗା ବିଡିଓ ରବିନ୍ଦ୍ର କୁମାର ଶତପଥୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ନାଏକ, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। କ୍ଷତିପୂରଣ ବାବଦକୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଏବଂ ହରଶ୍ଚନ୍ଦ୍ର ଯୋଜନାରୁ ୨ହଜାର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ହ୍ରାସ ପାଇଥିଲା। ଘଟଣାସ୍ଥଳରେ ବୌଦ୍ଧ ଏଡିଏମଓ ଗୌର ପ୍ରସାଦ ମିଶ୍ର ଓ ଡାକ୍ତର କିଶୋର ପଟ୍ଟନାୟକ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିବା ସହ ଖୁବ୍‌ଶୀଘ୍ର ଏଠାରେ ଖାଲିଥିବା ଡାକ୍ତର ପଦବୀ ପୂରଣ ପାଇଁ ପ୍ରତିଶ୍ରୁତି ଦେବାପରେ ତାଲା ଖୋଲା ଯାଇଥିଲା । ଏଡିଏମଓ ମିଶ୍ର ଶିଶୁକନ୍ୟା ମୃତ୍ୟୁ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ଟି ଡାକ୍ତର ପଦବୀ ଥିଲେ ମଧ୍ୟ ଏଠାରେ କାର୍ଯ୍ୟରତ ଜଣେ ମାତ୍ର ଡାକ୍ତର ୩ ଦିନ ହେଲା ଛୁଟିରେ ଯାଇଥିବା ଜଣାପଡ଼ିଛି । ସୂଚନାଥାଉକି ଦୁଇଦିନ ପୂର୍ବରୁ ଜିଲାପାଳ ସୀତାଂଶୁ କୁମାର ରାଉତ ପୁରୁଣାକଟକ ମେଡିକାଲ ପରିଦର୍ଶନ ସମୟରେ ଡାକ୍ତର ଅନୁପସ୍ଥିତିକୁ ନେଇ ବିରକ୍ତି ପ୍ରକାଶ କରିଥିଲେ । ସେହିଦିନ ସିଡିଏମଓଙ୍କୁ ମେଡିକାଲରେ ସବୁବେଳେ ଜଣେ ଡାକ୍ତର ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶର ୪୮ଘଣ୍ଟା ନପୁରୁଣ ଏଭଳି ଘଟଣା ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟକଳାପ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ପ୍ରକାଶ ଯେ, ଯେ ସୋମବାର ବିଳମ୍ବିତ ରାତିରେ ପୁରୁଣାକଟକ ଗଡସାହିର ଅକ୍ରୁର ଭୋକ୍ତା ଅସୁସ୍ଥ ଥିବା ତାଙ୍କର ଆଠବର୍ଷର ଝିଅ ତପସ୍ୱିନୀଙ୍କୁ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ମେଡିକାଲରେ ଡାକ୍ତର ନଥିବାରୁ ତପସ୍ୱିନୀ ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୋଇ ଦୁଇ ଘଣ୍ଟା ପରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।



ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଉତ୍ତ୍ୟକ୍ତ ଲୋକେ ତାଲା ପକାଇ ଦେଇଛନ୍ତି।

- ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା
- କ୍ଷତିପୂରଣ, ଡାକ୍ତର ନିଯୁକ୍ତି ଦାବି
- ମେଡିକାଲରେ ତାଲା ପକାଇଲେ ଲୋକେ

ଧରିତ୍ରୀ DHARITRI
ସମ୍ବଲପୁର, ବୁଧବାର, ୧୯ ସେପ୍ଟେମ୍ବର, ୨୦୧୮



## ସଂକ୍ଷେପରେ

### ବିଦ୍ୟୁତ୍ ତାର ଲାଗି ଗାଈ ମୃତ

**ଭେଡ଼େନ,୧୮।୯(ଡ଼ି.ଏନ.ଏ)-** ବରଗଡ଼ ଜିଲା ଭେଡ଼େନ ଜୀରା ନଦୀ କୂଳରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମଙ୍ଗଳବାର ପ୍ରମୋଦ ବେହେରାଙ୍କ ଏକ ଗାଈର ମୃତ୍ୟୁ ଘଟିଛି। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି।

### ପପଙ୍ଗାରେ ନୃତ୍ୟ ପ୍ରତିଯୋଗିତା

**ଭେଡ଼େନ,୧୮।୯ (ଡ଼ି.ଏନ.ଏ)-** ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ପପଙ୍ଗାଠାରେ ବୁଢ଼ାରଜା ଡ୍ରାଇଭର ଆସୋସିଏଶନ ପକ୍ଷରୁ ହୋଇଥିବା ବିଶ୍ୱକର୍ମା ପୂଜା ତଥା ଚାଳକ ଦିବସ ପାଳନ ଅବସରରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶମ୍ଭୁ ପ୍ରସାଦ ଦୋରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ଡ୍ରାଇଭର ସଂଘ ଜିଲା ସଭାପତି ରାହୁଲ ଲୁହା ମୁଖ୍ୟ ଅତିଥି, କବି ନାରାୟଣ ଭୋଇ ମୁଖ୍ୟ ବକ୍ତା, ଜିଲା ସମ୍ପାଦକ ଯୋଗୀନ୍ଦ୍ର ଭୋଇ, ବରଗଡ଼ ଶାଖା ସଭାପତି ଜିତୁ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ନୃତ୍ୟ ପ୍ରତିଯୋଗିତାରେ ଗ୍ରୁପ ଡ୍ୟାନ୍ସ ବିଭାଗରେ ହିଲ୍ଲିପାଲି ଗ୍ରୁପ, ମେଟାକାନି ଗ୍ରୁପ, ବାଘ ବାହାଲ ଷ୍ଟାର ଗ୍ରୁପ ଏବଂ ଏକକ ନୃତ୍ୟରେ ସଦାନନ୍ଦ ଛୁରିଆ, କିଙ୍ଗ ବରଗଡ଼ ଓ ସୁଶାନ୍ତ ଭୋଇ ପ୍ରମୁଖ ବିଜୟୀ ହୋଇଥିଲେ। କାର୍ତ୍ତିକ ମେହେର, ସୁରେଶ ମେହେର, ସଞ୍ଜୀବ ବିଶି ପ୍ରମୁଖ ବିଚାରକ ଭାବେ ରହିଥିବା ବେଳେ ସୁବାସ ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ପପଙ୍ଗା ଶାଖା ଉପସଭାପତି ଟିକିନା କଠାର, ସମ୍ପାଦକ ମନୋରଞ୍ଜନ ମହାକୁର, କୋଷାଧ୍ୟକ୍ଷ ସତୀଶ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ପୋଡ଼ାପଦର ଗଣେଶଙ୍କ ଭସାଣି ଯାତ୍ରା

**ଘଣ୍ଟାପଡ଼ା, ୧୮।୯ (ଡି.ଏନ.ଏ)-** କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ପୋଡାପଦର ଗ୍ରାମରେ ପାଟଖଣ୍ଡା କ୍ଲବ ଆନୁକୂଲ୍ୟରେ ୫ ଦିନ ଧରି ଚାଲିଥିବା ଗଣେଶ ପୂଜାର ମଙ୍ଗଳବାର ଭଷାଣି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଘଣ୍ଟା, ଶଙ୍ଖ, ବାଦ୍ୟରେ ଗଣେଶଙ୍କୁ ଏକ ଶୋଭାଯାତ୍ରରେ ଗ୍ରାମ ପରିକ୍ରମା କରି ତେଲ ନଦୀରେ ବିସର୍ଜନ କରାଯାଇଥିଲା। କ୍ଲବର ସଭାପତି ଉଗ୍ରେସନ ସିଂ କଅଁର, ସମ୍ପାଦକ ନିରଞ୍ଜନ ମଲିକ, କୋଷାଧ୍ୟକ୍ଷ ରାଜେନ୍ଦ୍ର ନାଏକ, ସଦସ୍ୟ ମହେଶ୍ୱର ରଣା, ସୁଦର୍ଶନ ନାଏକ, ଅଭିନାଶ ମଲିକ, ସୁବଳ ନାଏକ, ପ୍ରତାପ ସିଂ କଅଁର, ଜିତେନ୍ଦ୍ର ନାଏକ, କାର୍ତ୍ତିକ ଚୌହାନ, ପରମା କର, ପିଙ୍କୁ କର, ବସୁ ସିଂ କଅଁର, ବଳ ସାହୁ, କଣ୍ଟେଶ୍ୱର ନାଏକଙ୍କ ସହ ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସାଇପାଲିରେ ବ୍ଲକସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍

**ବିଜେପୁର,୧୮।୯ (ଡି.ଏନ.ଏ)**

ବରଗଡ଼ ଜିଲା ବିଜେପୁର ବ୍ଲକ ସାଇପାଲି ଗ୍ରାମରେ ସୋମବାର ସନ୍ଧ୍ୟାରେ ବ୍ଲକସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍-୨୦୧୮ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗବେଷକ ଉତ୍ପନ୍ନ କୁମାର ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସ୍ତମ୍ଭକାର ତଥା ଅଧ୍ୟାପକ କିଶୋର ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ମା' ସମଲେଇଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଖଗେଶ୍ୱର ସାହିତ୍ୟ କଳା ପରିଷଦର ସଭାପତି ନାଟ୍ୟକାର ମୋହନ ସିଂ ସଭାରେ ଅଧ୍ୟକ୍ଷତା କରିଥିଲେ।



ସାଇପାଲିରେ ଆୟୋଜିତ ବ୍ଲକସ୍ତରୀୟ ନୂଆଁଖାଇ ଭେଟଘାଟରେ ମଞ୍ଚାସୀନ ଅତିଥିବୃନ୍ଦ।

ଅନ୍ୟମାନଙ୍କ ମଧ୍ୟରେ ଗୌନ୍ତିଆ ସୁରେନ୍ଦ୍ର ଧରୁଆ, ଆକାଶବାଣୀ ଗୀତିକାର ଅରକ୍ଷିତ ଧରୁଆ, ସାମାଜିକ କର୍ମୀ ଦିବ୍ୟକିଶୋର ସିଂ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ମଞ୍ଚାସୀନ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ପ୍ରାରମ୍ଭରେ କଣ୍ଠଶିଳ୍ପୀ ଅଜିତ ପାଣିଗ୍ରାହୀ ସାଂସ୍କୃତିକ ଚେତନା ଧର୍ମୀ ସଂଗୀତ ପରିବେଷଣ କରିଥିଲେ। ଠାକୁର ପ୍ରସାଦ ଧରୁଆ ଉଦ୍ଦେଶ୍ୟ ଜ୍ଞାପନ, କବି ସନୟ ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ । ଉପସଭାପତି ଦିଲୀପ କୁମାର ଦେବତା ସଭା ସଞ୍ଚାଳନ କରିଥିଲେ। ରାଜେନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସମ୍ବଲପୁରୀ ହାସ୍ୟକବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଯୁବକବି ତରଣୀସେନ ପଧାନଙ୍କ ସଂଯୋଜନାରେ କ୍ରାନ୍ତୀକବି ହରିଲାଲ ସାହୁ, ଅଧିକାରୀ ସା, ଧର୍ମୁ ଭୋଇ, ରାମପ୍ରସାଦ ବାଗ, ଈଶ୍ୱର ମେହେର, ସୁରେଶ ଚନ୍ଦ୍ର ଭୋଇ, ସନୟ ମେହେର, ବୀରେନ୍ଦ୍ର ସାହୁ ପ୍ରମୁଖ ଅତିଥି କବି କବିତା ପାଠ କରିଥିଲେ । ବିଜେପୁର ଖଗେଶ୍ୱର ସାହିତ୍ୟ କଳା ପରିଷଦ ଓ ସାଇପାଲି ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା । ପିଣ୍ଟୁ ରଣା, ହରିବୋଲ ଦେହେରୀ, ସାଧୁଚରଣ ମେହେର, ସୁନୀଲ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବୌଦ୍ଧରେ ସ୍ୱଚ୍ଛତା ପକ୍ଷ ଶୁଭାରମ୍ଭ

**ବୌଦ୍ଧ,୧୮।୯ (ସ୍ୱ.ପ୍ର.)**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ରାଜ୍ୟରେ ସେପ୍ଟେମ୍ବର ୧୫ତାରିଖରୁ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବୌଦ୍ଧ ଜିଲା ଜଳ ଓ ପରିମଳ ମିଶନ ଓ ୟୁନିସେଫ ସହାୟତରେ ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷଠାରେ ସ୍ୱଚ୍ଛତା ପକ୍ଷ ଶୁଭାରମ୍ଭ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ସୀତାଂଶୁ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାଜନ୍ଦ୍ରେ କୁମାର ପଟ୍ଟନାୟକ, ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଦିପ୍ତିପ୍ରଭା ସ୍ୱାଇଁ, ବୌଦ୍ଧ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଯୋଗ ଦେଇଥିଲେ। ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିବାହୀ ଯନ୍ତ୍ରୀ ଭଞ୍ଜକିଶୋର ମନୋହର ଜିଲାରେ ପରିମଳ ବ୍ୟବସ୍ଥା ନେଇ ସୂଚନା ଦେବା ସହ ରାଜ୍ୟରେ ବର୍ତ୍ତମାନ ପାଇଖାନା ନିର୍ମାଣରେ ବୌଦ୍ଧ ଜିଲା ୧୬ ନମ୍ବରରେ ଥିବା ବେଳେ ୧୦ ନମ୍ବରରେ ରହିବାକୁ ବିଭାଗ ପକ୍ଷରୁ ପ୍ରୟାସ ଚାଲୁ ରହିଥିବା କହିଥିଲେ।

ଏହା ସହ ନଭେମ୍ବର ମାସରେ ହରଭଙ୍ଗା ବ୍ଲକକୁ ବାହ୍ୟ ମଳମୂତ୍ର ବ୍ଲକ ଭାବେ ଘୋଷଣା କରିବାର ଯୋଜନା ରହିଥିବା ସୂଚନା ଦେଇଥିଲେ। ଜିଲାର ୩ଟି ବ୍ଲକରେ ଡିସେମ୍ବର ମାସ ସୁଦ୍ଧା ୩୭ହଜାରେ ପାଇଖାନା ନିର୍ମାଣ କରାଯିବ ବୋଲି କହିଥିଲେ। ଜିଲାରେ ୧୫ ଦିନ ଲୋକଙ୍କୁ ପରିମଳ ସଂକ୍ରାନ୍ତରେ ସଚେତନ କରାଯିବା ସହ ପ୍ରତି ବ୍ଲକ ଏବଂ ପଞ୍ଚାୟତରେ ବୈଠକ କରି ଜନସାଧାରଣଙ୍କୁ ପାଇଖାନା ନିର୍ମାଣ ଏବଂ ବ୍ୟବହାର ନେଇ ସଚେତନ କରାଯିବ। ପାଇଖାନା ନିର୍ମାଣ ପାଇଁ ସରକାର ମାଗଣାରେ ଅର୍ଥ ପ୍ରଦାନ କରାଯାଉଥିବା ସେ ପ୍ରକାଶ କରିଥିଲେ। ଜିଲାର ୧୧ଟି ପଞ୍ଚାୟତରେ ୨୫୧ ଗ୍ରାମକୁ ବାହ୍ୟ ମଳମୂତ୍ର ଭାବେ ଘୋଷଣା କରାଯାଇଥିବା ସୂଚନା ଦେଇଥିଲେ। ସ୍ୱଚ୍ଛତା ନେଇ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ, ମୋଟିଭେଟର, ଏନ୍‌ଜିଓଙ୍କ ସହାୟତାରେ ସଚେତନ କରାଯିବାର କାର୍ଯ୍ୟକ୍ରମ ରହିଛି। ଜିଲାପାଳ ରାଉତ କହିଥିଲେ ଯେ, ସରକାର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ଲୋକେ ସଚେତନ ହେବା ସହ ସ୍ୱଚ୍ଛ ରହିଲେ ମୁଖ୍ୟମନ୍ତ୍ରୀଙ୍କ ସୁସ୍ଥ ଓଡ଼ିଶା ଓ ସୁଖି ଓଡ଼ିଶା ନାରା ସଫଳ ହୋଇପାରିବ ସହ ଜିଲାକୁ ବାହ୍ୟ ପରିମଳ ମୁକ୍ତ ଜିଲା ଭାବେ ଗଠନ କରା ଯାଇପାରିବା ବୋଲି କହିଥିଲେ। ଅଧ୍ୟକ୍ଷା ସ୍ୱାଇଁ ଲୋକଙ୍କୁ ଏଣେତେଣେ ମଇଳା ନ ପକାଇ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବାକୁ କହିଥିଲେ। ଏପରି କି ଘରକୁ ସଫା ସୁତୁରା ରଖିବାକୁ କହିଥିଲେ। କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

# କୃଷିକାର୍ଯ୍ୟ ବୁଲି ଦେଖିଲେ କେନ୍ଦ୍ରୀୟ ଟିମ୍

**ବରଗଡ଼ ଅଫିସ୍,୧୮।୯**

ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ଆର୍‌କେଭିୱାଇ) ଅଧୀନ ପୂର୍ବ ଭାରତରେ ଦ୍ୱିତୀୟ ସବୁଜ ବିପ୍ଳବ (ବିଜିଆର୍‌ଇଆଇ) ଅନ୍ତର୍ଭୁକ୍ତ କୃଷି ପରିଦର୍ଶନରେ ମଙ୍ଗଳବାର ଏକ କେନ୍ଦ୍ରୀୟ ଟିମ୍ ବରଗଡ଼ ଗସ୍ତରେ ଆସିଥିଲେ। ପାଟନା କୃଷି ବିଶ୍ୱବିଦ୍ୟାଳୟର ମୁଖ୍ୟ ବୈଜ୍ଞାନିକ ଡ.ସୁମିତ ମିଶ୍ରଙ୍କ ନେତୃତ୍ୱରେ କଟକର ବି.ବି ପଣ୍ଡା, ସରୋଜ କୁମାର ଚାନ୍ଦ ପ୍ରମୁଖ ଏହି ଟିମ୍‌ରେ ରହିଥିଲେ। କେନ୍ଦୀୟ ଟିମ୍ ଅତାବିରା, ଭେଡ଼େନ ଓ ବରପାଲି ବ୍ଲକର ବିଭିନ୍ନ ଅଞ୍ଚଳ ବୁଲି ଧାଡ଼ିରୁଆ ଧାନଚାଷ, କୃଷି ଯନ୍ତ୍ରପାତି, କୃଷି ପ୍ରଣାଳୀ ଆଦି ବୁଲି ଦେଖିଥିଲେ। ସେହିପରି ଚାଷୀମାନଙ୍କୁ ଭେଟି ସେମାନଙ୍କ କୃଷିକାର୍ଯ୍ୟ ଉପରେ ପଚାରି ବୁଝିବା ସହିତ ଚାଷ ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ଦେଇଥିଲେ। ବରଗଡ଼ ଜିଲା କୃଷି ଉପନିର୍ଦ୍ଦେଶକ ଦିନବନ୍ଧୁ ଗାନ୍ଧୀ, ବରଗଡ଼ ଡିଏଓ ବିନୋଦ କୁମାର ଲାକ୍ରା, ଭଟଲି ଡିଏଓ ପ୍ରସନ୍ନ ମହାପାତ୍ର ପ୍ରମୁଖ ଏହି ଟିମ୍ ସହିତ ସାମିଲ ଥିଲେ। ସନ୍ଧ୍ୟାରେ ଜିଲା କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ହୋଇଥିଲା। ବୈଠକରେ କେନ୍ଦ୍ରୀୟ ଟିମ୍ ଉପସ୍ଥିତ ଅଧିକାରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ।



କେନ୍ଦ୍ରୀୟ ଟିମ୍ କୃଷି ଯନ୍ତ୍ରପାତି ଦେଖୁଛନ୍ତି।

# ଟି.ଗଣ୍ଡପାଲିରେ ଜଣ୍ଡିସ ଆତଙ୍କ, ପହଞ୍ଚିଲା ଡାକ୍ତରୀ ଟିମ୍

**ବିଜେପୁର,୧୮।୯ (ଡି.ଏନ୍.ଏ)**

ବରଗଡ଼ ଜିଲା ବିଜେପୁର ବ୍ଲକ ଅଧୀନ ଟି.ଗଣ୍ଡପାଲିରେ ଜଣ୍ଡିସ ବ୍ୟାପୁଛି । ଏହି ଖବର ପାଇ ମଙ୍ଗଳବାର ବିଜେପୁର ଡାକ୍ତରଖାନାର ଏକ ଡାକ୍ତରୀ ଟିମ୍ ଗାଁରେ ପହଞ୍ଚି ଥିଲା। ଏଡ଼ିଏମ୍‌ଓ ଡ. ଚୂଳବତୀ ସାହୁଙ୍କ ତତ୍ତ୍ୱାବଧାନରେ ଯାଇଥିବା ଏହି ଟିମ୍ ଗାଁରେ ରହିଥିବା ସ୍କୁଲର ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହା ସହିତ ଗ୍ରାମର ପ୍ରତି ଘର ବୁଲି ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷାରେ ଗ୍ରାମର ପ୍ରାଥମିକ ସ୍କୁଲର ପ୍ରାୟ ୨୫ଜଣ ଜଣ୍ଡିସ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା । ସେହିପରି ଗ୍ରାମର ଅନ୍ୟ ୪ଜଣ ମଧ୍ୟ ଏଥିରେ ଆକ୍ରାନ୍ତ ଅଛନ୍ତି । ଉକ୍ତ ଗ୍ରାମରେ ଜଣ୍ଡିସ୍ ନିୟନ୍ତ୍ରଣ ପାଇଁ ଗତ ୧୫ଦିନ ହେଲା ଔଷଧ ବଣ୍ଟନ ଚାଲିଛି ଏବଂ ଜଣ୍ଡିସ ବର୍ତ୍ତମାନ ନିୟନ୍ତ୍ରଣାଧୀନ ରହିଛି ବୋଲି ବିଜେପୁର ମେଡ଼ିକାଲ ଅଫିସର ରାଧେଶ୍ୟାମ ଅଗ୍ରୱାଲ କହିଛନ୍ତି ।




ବରଗଡ଼ ଶିକ୍ଷା ଜିଲାସ୍ତରୀୟ ବିଜ୍ଞାନ ସେମିନାରରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

# ଜିଲାସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ

**ବରଗଡ଼ ଅଫିସ୍,୧୮।୯**

ବରଗଡ଼ ଶିକ୍ଷା ଜିଲାସ୍ତରୀୟ ବିଜ୍ଞାନ ସେମିନାର-୨୦୧୮ ମଙ୍ଗଳବାର ସ୍ଥାନୀୟ ରାଣାପ୍ରତାପ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ସେମିନାରରେ ୧୨ଟି ବ୍ଲକରୁ ୧୨ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଜିଲା ବିଜ୍ଞାନ ନିରୀକ୍ଷକ ଡ. ମନୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହକୁ ରାଣାପ୍ରତାପ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ମିଶ୍ର ଉଦ୍‌ଘାଟନ କରିଥିଲେ । ସହକାରୀ ବିଜ୍ଞାନ ନିରୀକ୍ଷକ ଭାର୍ଗବ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ସେମିନାରରେ ପାଇକମାଲ ହାଇସ୍କୁଲର ଛାତ୍ର ଆକାଶ ଅଗ୍ରୱାଲ ପ୍ରଥମ ସ୍ଥାନ ଅଧିକାର କରି ଆସନ୍ତା ୨୮ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିଜ୍ଞାନ ସେମିନାରରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି । ଝାରବନ୍ଧ ପଞ୍ଚାୟତ ହାଇସ୍କୁଲର ମୁସ୍କାନ ଅଗ୍ରୱାଲ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ମେଲଛାମୁଣ୍ଡା ହାଇସ୍କୁଲର ଅଂଶୁମାନ ମିଶ୍ର ଏବଂ ଲେବିଡ଼ି ହାଇସ୍କୁଲର ଶାଶ୍ୱତ ପ୍ରଧାନ ସ୍ୱାନ୍ତନାମୂଳକ ପୁରସ୍କାର ପାଇଥିଲେ। ପୁରସ୍କାର ବିତରଣୀ ସମାରୋହରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କଳ୍ପନା ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଡ.ସୌଭାଗ୍ୟ କୁମାର ପଧାନ, ଡ. ଅଶ୍ୱିନୀ ପାଣିଗ୍ରାହୀ, ଅଧ୍ୟାପକ ରାଜକିଶୋର ପ୍ରଧାନ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିବାବେଳେ ଜିଲା ବିଜ୍ଞାନ ନିରୀକ୍ଷକ ଡ. ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ପ୍ରସ୍ତୁତି

**ବରଗଡ଼ ଅଫିସ୍,୧୮।୯**

ଆସନ୍ତା ୨୧ରୁ ୨୩ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟସ୍ତରୀୟ ୧୭ବର୍ଷରୁ କମ୍ ବାଳିକା ବାଳକ ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହ ପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ରାଜ୍ୟର ୩୧ଟି ଶିକ୍ଷାଜିଲାରୁ ପ୍ରାୟ ୭୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କମିଟି ଗଠନ କରାଯାଇଛି। ବରଗଡ଼ ଜିଲା ଶିକ୍ଷା ବିଭାଗ, ସ୍କୁଲ ସ୍ପୋର୍ଟ୍ସ ଆସୋସିଏଶନ ଏବଂ ଓଡ଼ିଶା ରାଜ୍ୟ ସ୍କୁଲ ସ୍ପୋର୍ଟ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଏକ ହଜାରରୁ ଅଧିକ ଛାତ୍ରୀଛାତ୍ର ସମ୍ମିଳିତ ହୋଇ ମାସ୍‌ଡ୍ରିଲ ଏବଂ ବରଗଡ଼ ଜିଲାର କଳା, ସଂସ୍କୃତି ଉପରେ ଆଧାରିତ ସଙ୍ଗୀତରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ପ୍ରତିଯୋଗୀଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଏଥିପାଇଁ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଅଭ୍ୟାସ ଜାରି ରଖିଛନ୍ତି ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଗଣେଶଙ୍କ ଭସାଣି ଯାତ୍ରା

**ବରଗଡ଼ ଅଫିସ୍,୧୮।୯**

ବରଗଡ଼ ସହରର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ଆଡ଼ମ୍ବର ସହକାରେ ପାଳନ କରାଯାଇଥିଲା । ତେବେ ପୂଜା ପାଳନ ପରେ ଏବେ ଭସାଣୀରେ ସହର ଉତ୍ସବ ମୁଖର ହୋଇ ପଡ଼ିଛି। ସହର ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ଗଣେଶଙ୍କ ମୃଣ୍ମୟ ମୂର୍ତ୍ତିର ଭସାଣୀ ଚାଲିଛି। ଭସାଣିରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ରହୁଛନ୍ତି। ତେବେ ଭସାଣି ଶୋଭାଯାତ୍ରାକୁ ସୁରକ୍ଷିତ, ନିରାପଦ କରିବା ପାଇଁ ସହରରେ ୩ଟି ପର୍ଯ୍ୟାୟରେ ଅର୍ଥାତ୍ ତାରିଖରେ ଗଣେଶ ବିସର୍ଜନ ଶୋଭାଯାତ୍ରା କରିବା ପାଇଁ ପୂର୍ବରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି କ୍ରମରେ ସହର ସମସ୍ତ ପୂଜା କମିଟି ନିର୍ଦ୍ଧାରିତ ଦିବସରେ ଭସାଣୀ ଚଳିତ ମାସ ୧୮, ୧୯ ଓ ୨୩ ତାରିଖରେ ସମ୍ପନ୍ନ କରିବାକୁ ବରଗଡ଼ ଟାଉନ ଥାନା ଆଇଆଇସି ବିଭୁତି ଭୂଷଣ ଭୋଇ ଜଣାଇଛନ୍ତି।



ବରଗଡ଼ ଧର୍ମଶାଳା ଛକରୁ ବାହାରିଥିବା ଗଣେଶ ଭସାଣି ଶୋଭାଯାତ୍ରା।

## ଫସଲବୀମା, ଇନ୍‌ପୁଟ ସବ୍‌ସିଡି ପ୍ରଦାନ ଦାବି

# ଚାଷୀଙ୍କ ବ୍ଲକ ଅଫିସ ଘେରାଉ, ତାଲାବନ୍ଦ ଆନ୍ଦୋଳନ

**ଅମ୍ବାଭୋନା,୧୮।୯ (ଡି.ଏନ୍.ଏ.)**

୨୦୧୭ ଖରିଫରେ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକରେ ମରୁଡି ସାଙ୍ଗକୁ ଚକଡ଼ା ରୋଗପୋକ ପ୍ରାଦୁର୍ଭାବରେ ଧାନ ଚାଷ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା। ଏନେଇ ଚାଷୀମାନଙ୍କ ଉପସ୍ଥିତିରେ କ୍ରପକଟିଂ ସହ କ୍ଷୟକ୍ଷତିର ଆକଳନ ହୋଇଥିଲା। ମାତ୍ର ଇନ୍‌ପୁଟ ସବ୍‌ସିଡି ଓ ଶସ୍ୟବୀମା ପ୍ରଦାନରେ ପାତରଅନ୍ତର ନୀତି ଯୋଗୁ ବହୁ ଚାଷୀ କ୍ଷୟକ୍ଷତି ବାବଦକୁ ଅନୁକମ୍ପା ରାଶି ସହ ବୀମା ରାଶି ପାଇବାରୁ ବଞ୍ଚିତ ରହିଛନ୍ତି। ଏନେଇ ଲାଲବାହାଦୁର ଶାସ୍ତ୍ରୀ କୃଷକ ସଂଗଠନ ଅମ୍ବାଭୋନା ବ୍ଲକ ପକ୍ଷରୁ ମଙ୍ଗଳବାର ଅମ୍ବାଭୋନା ବ୍ଲକ ସମ୍ମୁଖରେ ଶତାଧିକ ଚାଷୀ ପହଞ୍ଚି ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଗେଟରେ ତାଲା ପକାଇ ପ୍ରଶାସନକୁ ଅଚଳ କରିଦେଇଥିଲେ। ବ୍ଲକ ସମ୍ମୁଖରେ ଆୟୋଜିତ ବିକ୍ଷୋଭ ସମାବେଶରେ ସଂଗଠନ ସମ୍ପାଦକ ଶଙ୍କର ଖମାରୀ, ଉପସଭାପତି ଠାକୁରରାମ ପଟେଲ, ଭଜନ ପଧାନ, ଚାଷୀନେତା ଗୁନାରୁ ପଧାନ, ଭଜନ ପଧାନ, ଡୋଲାମଣୀ ସା, ପାଣ୍ଡବ ଦୁଆନ, ସୁରେନ୍ଦ୍ର ଦେହେରି, ସୁରେଶ ଚନ୍ଦ୍ର ବେହେରା, ବ୍ରହ୍ମଚାରୀ ବେହେରା, ହର୍ଷ ଦେହେରି, ଚମରା ବାରିକ, ସୁଧୀର ପଧାନ, ବାସୁଦେବ ପଟେଲ, ଗୌରାଙ୍ଗ ପଧାନ, ଶଶିଭୂଷଣ ପଧାନ ପ୍ରମୁଖଙ୍କ ସହ ୩ଶହରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। ଆନ୍ଦୋଳନ ସ୍ଥଳକୁ ଅମ୍ବାଭୋନା ତହସିଲଦାର ମଦାକର କୁମ୍ଭାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଲଫାନସ୍ ବିଲଙ୍ଗ, ଏବିଡିଓ ପ୍ରୀତିଶ କୁମାର ଦୋରା ପହଞ୍ଚି ଆନ୍ଦୋଳନରତ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ସମସ୍ତ ଚାଷୀଙ୍କୁ ବୀମା ଓ ଇନ୍‌ପୁଟ ସବ୍‌ସିଡି ପ୍ରଦାନ ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କୃଷକ ସଂଗଠନ ପକ୍ଷରୁ ଅମ୍ବାଭୋନା ବିଡିଓଙ୍କ ଜରିଆରେ ବରଗଡ଼ ଜିଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ଅମ୍ବାଭୋନା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



ଆନ୍ଦୋଳନରେ ସାମିଲ ହୋଇଥିବା କୃଷକ ସଙ୍ଗଠନ କର୍ମକର୍ତ୍ତାଙ୍କ ଚାଷୀମାନେ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ

**ସଂକ୍ଷେପରେ**

## ସମ୍ବିଧାନ ମୁଖବନ୍ଧରେ ରହୁ 'ଅହିଂସା' ଶବ୍ଦ

- ବିଧାନସଭାରେ ସଂକଳ୍ପ ଗୃହୀତ
- ବିରୋଧୀଙ୍କ କକ୍ଷତ୍ୟାଗ

**ଭୁବନେଶ୍ୱର,୧୮।୯(ବ୍ୟୁରୋ)**

ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦକୁ ସ୍ଥାନିତ କରିବା ପାଇଁ ରାଜ୍ୟ ସରକାର ବିଧାନସଭାରେ ଆଣିଥିବା ପ୍ରସ୍ତାବ ମଙ୍ଗଳବାର ଗୃହୀତ ହୋଇଛି। ହେଲେ ଏହା ଗୃହୀତ ହେବା ପୂର୍ବରୁ ବିରୋଧୀ କଂଗ୍ରେସ ଏବଂ ଭାଜପା ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ଯେଉଁଭଳି ଭାବରେ ସଂକଳ୍ପଟିକୁ ଅଣାଯାଇଥିଲା, ତାହାର ବିଭିନ୍ନ ଦିଗ ଉପରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ତଙ୍କ ପାଇଁ ବୋଧଗମ୍ୟ ହେଉ ନ ଥିବା ଏପରି ପ୍ରସ୍ତାବକୁ ଆଉ ଥରେ ଭଲ ଭାବରେ ଆଗତ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ।
ହେଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସଂକଳ୍ପରେ ଥିବା କିଛି ତ୍ରୁଟିକୁ ବାଦ୍ ଦେବେ ବୋଲି ଗୃହରେ କହିଥିଲେ। ଏହାକୁ ବିରୋଧୀ ଦଳ ନେତା ଏବଂ ଅନ୍ୟ ବିରୋଧୀ ସଦସ୍ୟମାନେ ନାପସନ୍ଦ କରିଥିଲେ। ସରକାରୀ ଦଳ ନିଜ ସଂଖ୍ୟା ବଳରେ ସଂକଳ୍ପ ଗୃହୀତ କରାଇବାକୁ ଚାହୁଁଥିବା ଅଭିଯୋଗ କରି ଏକାଧିକ ସଦସ୍ୟ ଗୃହର ମଧ୍ୟଭାଗକୁ ଚାଲି ଆସି ହୋହଲ୍ଲା କରିଥିଲେ। ବାଚସ୍ପତି ସେମାନଙ୍କ ଦାବି ମାନି ନ ଥିବାରୁ ବିରୋଧୀ କଂଗ୍ରେସ ଏବଂ ଭାଜପାର ସଭ୍ୟମାନେ ମିଳିତ ଭାବେ କକ୍ଷତ୍ୟାଗ କରିଥିଲେ। ବିରୋଧୀ କକ୍ଷ ତ୍ୟାଗ କରିବା ପରେ ବାଚସ୍ପତି ପ୍ରଦୀପ ଅମାତ ସେମାନଙ୍କ ସହ ଆଲୋଚନା ପାଇଁ ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ, ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ପ୍ରମୁଖଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ତାହାର କୌଣସି ସୁଫଳ ମିଳି ନ ଥିଲା। ୧୫ ମିନିଟ୍ ଲେଖାଏ ୨ ଥର ଗୃହ ମୁଲତବୀ ହୋଇଥିଲା। ଏହା ମଧ୍ୟରେ ବିରୋଧୀଙ୍କୁ ମନାଇବାରେ ଶାସକ ଦଳ ବିଫଳ ହୋଇଥିଲେ। ବିରୋଧୀ ଦଳ ସଦସ୍ୟଙ୍କ ବ୍ୟତୀତ ଶାସକ ଦଳ ସଭ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ୍ୟ ସଂକଳ୍ପଟିର ଡ୍ରାଫ୍ଟିଙ୍ଗକୁ ନେଇ ଆପତ୍ତି ଉଠାଇଥିଲେ।
ଅପରପକ୍ଷରେ ବିରୋଧୀଙ୍କ ଅନୁପସ୍ଥିତିରେ ଓଡ଼ିଶା ଭୂତଳ ଜଳ (ନିୟମାବଳୀ, ଉନ୍ନୟନ ଏବଂ ପରିଚାଳନା) ବିଧେୟକ ୨୦୧୧ରେ ଆସିଥିବା ସଂଶୋଧନକୁ ଗୃହର ମଞ୍ଜୁରୀ ମିଳିଥିଲା। ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ୨୦୧୪-୧୫ ଓ ୨୦୧୫-୧୬ ବର୍ଷର ଓଡ଼ିଶା ସୂଚନା କମିଶନର ବାର୍ଷିକ ରିପୋର୍ଟ ଗୃହରେ ଉପସ୍ଥାପନ ହୋଇଥିଲା। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ ମହାରଥୀ ଏମ୍‌ଜିଏନ୍‌ଆରଇଜିଏସ୍ ସମ୍ପର୍କିତ ପ୍ରଶାସନିକ ବ୍ୟୟର ୨୦୧୫-୧୬, ୨୦୧୬-୧୭, ୨୦୧୭-୧୮ ରିପୋର୍ଟ ଉପସ୍ଥାପନ କରିଥିଲେ। ସେହିପରି ଗୃହରେ ଓଡ଼ିଶା ସରକାରୀ ଭାଷା(୨ୟ ସଂଶୋଧନ,୨୦୧୮) ବିଲ୍‌କୁ ଅଧିକ ତର୍ଜମା ପାଇଁ କାର୍ଯ୍ୟ ପରାମର୍ଶଦାତା କମିଟିକୁ ପଠାଯାଇଛି। ଏହା ଉପରେ ବୁଧବାର ଆଲୋଚନା ହୋଇ ଗୃହୀତ ହେବା ସମ୍ଭାବନା ରହିଛି।

■ ସ୍କୁଲ କର୍ତ୍ତୃପକ୍ଷଙ୍କ ଅପରିଣାମଦର୍ଶିତା

# ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ପାଣିରେ ବୁଡ଼ି ଛାତ୍ର ମୃତ

**ପାଟଣାଗଡ, ୧୮।୯(ଡି.ଏନ.ଏ.)**

- ମୃତଦେହ ରଖି ଲୋକଙ୍କ ରାସ୍ତାରୋକୋ
- ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି
- ତଦନ୍ତ ରିପୋର୍ଟ ଆଧାରରେ ହେବ କାର୍ଯ୍ୟାନୁଷ୍ଠାନ

ବଲାଙ୍ଗୀର ଜିଲା ପାଟଣାଗଡ ଥାନା ଅନ୍ତର୍ଗତ ସିଆଲବନ୍ଧ ଗ୍ରାମରେ ମଙ୍ଗଳବାର ଗଣେଶ ମୂର୍ତ୍ତୀ ବିସର୍ଜନ କରିବାକୁ ଯାଇ ପାଣିରେ ବୁଡି ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ଜଣକ ହେଲେ ରୂପାନନ୍ଦ ସା(୧୩)। ସେ ସିଆଲବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ସେ ଅନ୍ୟ ପାଞ୍ଚ ସହପାଠୀଙ୍କ ସହ ସ୍କୁଲର ଗଣେଶ ମୂର୍ତ୍ତି ବିସର୍ଜନ କରିବାକୁ ଗାଁ ପୋଖରୀକୁ ଯାଇଥିଲେ। ସେଠାରେ ଅସାବଧାନବଶତଃ ସେ ପାଣିରେ ବୁଡି ଯାଇଥିଲେ। ସହପାଠୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ରୂପାନନ୍ଦଙ୍କୁ ଉଦ୍ଧାର କରି ପାଟଣାଗଡ ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଛାତ୍ରମାନଙ୍କ ସହ ବିସର୍ଜନ କରିବାକୁ କୌଣସି ଶିକ୍ଷକ ନ ଯିବାରୁ ଏପରି ଘଟଣା ଘଟିଥିବା ମୃତକଙ୍କ ପରିବାର ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୃତ ଛାତ୍ରଙ୍କ ପିତା ଯୋଗିନ୍ଦ୍ର ସା ସ୍କୁଲର ପ୍ରଧାନଶିକ୍ଷୟିତ୍ରୀଙ୍କୁ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ବୋଲି କହିଛନ୍ତି। ପାଟଣାଗଡ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୩୬/୧୮) ରୁଜୁ କରି ତଦନ୍ତ ଜାରି ରଖିଛି। ପାଟଣାଗଡ ଉପଖଣ୍ଡ ଡାକ୍ତରଖାନାରେ ଛାତ୍ରଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରାହ୍ନରେ ମୃତଦେହ ସିଆଲବନ୍ଧରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ପାଟଣାଗଡ ରାମଜୀ ଛକଠାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ରୂପାନନ୍ଦଙ୍କ ମୃତ୍ୟୁ ପାଇଁ ଦାୟି ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଅନୁକମ୍ପାମୂଳକ ସହାୟତା ରାଶି ଯୋଗାଇ ଦେବାକୁ ଆନ୍ଦୋଳନକାରୀ ଦାବି କରିଥିଲେ। ଘଟଣାସ୍ଥଳରେ ସହକାରୀ ଜିଲାପାଳ ପଦ୍ମନାଭ ପୁରୋହିତ, ଉପଜିଲାପାଳଙ୍କ କିରାଣୀ କିଶୋର କୁମାର ନନ୍ଦ, ପାଟଣାଗଡ ଥାନା ଅଧିକାରୀ ବାରିଣୀ ଦାସ ପହଞ୍ଚି ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ମୃତକଙ୍କ ବାପାଙ୍କୁ ପ୍ରଦାନ କରିଥିଲେ। ତଦନ୍ତ ପରେ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଅପରାହ୍ନ ପ୍ରାୟ ୪ଟାରେ ବ୍ଲକ ଶିକ୍ଷାଧିକାରୀ ଷଷ୍ଠୀ ଝାଙ୍କର ଏବିଇଓ ସୁରେଶ ମିଶ୍ରଙ୍କ ସହ ସିଆଲବନ୍ଧ ସ୍କୁଲରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ହେଲେ ଏଥିରେ ସନ୍ତୁଷ୍ଟ ନ ହୋଇ ମୃତକଙ୍କ ପରିବାର ଲୋକେ ଗ୍ରାମବାସୀଙ୍କ ସହ ଉପଜିଲାପାଳ ଯଦୁମଣି ମହଲାଙ୍କୁ ସନ୍ଧ୍ୟାରେ ଫେରାଦ ହୋଇ କର୍ତ୍ତବ୍ୟରେ ଅବହେଳା କରିଥିବା ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ଛାତ୍ର ମୃତ୍ୟୁ ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଜିଲା ଶିକ୍ଷାଧିକାରୀଙ୍କୁ କହିଥିବା ଉପଜିଲାପାଳ ମହଲା ଗ୍ରାମବାସୀଙ୍କୁ ଜଣାଇଥିଲେ।



ପାଟଣାଗଡ ରାମଜୀ ଛକଠାରେ ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

## ନୂଆଁଖାଇ ଭେଟ୍‌ଘାଟ ପ୍ରସ୍ତୁତି

**ମୁରିବାହାଲ, ୧୮।୯(ଡି.ଏନ.ଏ)**

ଜଙ୍ଗଲ ବିଭାଗ ଡାକ ବଙ୍ଗଳାଠାରେ ମୁରିବାହାଲ ପଞ୍ଚାୟତ ସମିତି ସ୍ତରୀୟ ନୂଆଁଖାଇ ଭେଟଘାଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ହଂସରାଜ ଜୈନଙ୍କ ଅବାହନକ୍ରମେ ଅନୁଷ୍ଠିତ ଏହି ବୈଠକରେ ସରପଞ୍ଚ ସଂଘ ସଭାପତି ଗୋପୀନାଥ ପାଣିଗ୍ରାହୀ, ଏମପି ପ୍ରତିନିଧି ନିମାଇଁ ଚରଣ ବଘାର, ବ୍ଲକ ବିଜେଡି ସଭାପତି ସିଦ୍ଧେଶ୍ୱର ଦାସ, ଅଭିମନ୍ୟୁ ମହାନନ୍ଦ, ପୂର୍ବତନ ଜିଲା ପରିଷଦ ସଭ୍ୟ ଯୁଧିଷ୍ଠିର ପୁଟେଲ, ପୂର୍ବତନ ସରପଞ୍ଚ ପ୍ରତାପ ପୋଢ଼, ପଞ୍ଚାୟତ ସିମିତି ଉପାଧ୍ୟକ୍ଷ ସୁନ୍ଦରମତି ବାଗ ଓ ୨୨ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମକୁ ସଫଳଭାବେ ସମ୍ପୂର୍ଣ୍ଣ କରିବା ଉପରେ ମତପ୍ରକାଶ ପାଇଥିଲା। ଭେଟ୍‌ଘାଟ ଅବସରରେ ଅଞ୍ଚଳରେ ପ୍ରତିଭା ସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ହଳଦୀ ସମିତି ସଭ୍ୟ ମଧୁସୂଦନ ମହାନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ବ୍ଲକ ଉପାଧ୍ୟକ୍ଷା ସୁନ୍ଦରମତି ବାଗ ।

# ୱାର୍ଡମେମ୍ବର ସଂଘର ଦାବିପତ୍ର ପ୍ରଦାନ

**ଉଲୁଣ୍ଡା ୧୮।୯ (ଡି.ଏନ.ଏ.)**

ନଅଦଫା ଦାବି ନେଇ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ୱାର୍ଡମେମ୍ବର ସଂଘ ମଙ୍ଗଳବାର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ପଞ୍ଚାନନ ମେହେରଙ୍କୁ ପ୍ରଦାନ କରିଛି। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ୱାର୍ଡମେମ୍ବରମାନେ ତୃଣମୂଳସ୍ତରରେ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ କାମ କରୁଛନ୍ତି। ହେଲେ ସେମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ ପାଇଁ ସରକାର କୌଣସି ବ୍ୟବସ୍ଥା ଗ୍ରହଣ କରୁନାହାନ୍ତି। ମାସିକ ଦରମା ୭ହଜାର ଟଙ୍କା ପ୍ରଦାନ, ଅବସର ପରେ ଭତ୍ତା, ୱାର୍ଡମେମ୍ବର ମାନଙ୍କୁ ନିଜ ୱାର୍ଡର ଉନ୍ନୟନ କାମର ଖସଡା ପ୍ରସ୍ତୁତି ଓ ତର୍ଜମା କରିବା ଦାୟିତ୍ୱ ପ୍ରଦାନ, ଧାରା ୪୭ରେ ୱାର୍ଡମେମ୍ବରମାନଙ୍କୁ ସାମିଲ କରାଯିବା ପ୍ରଭୃତି ୯ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିଛନ୍ତି। ତେବେ ଏକ ମାସ ମଧ୍ୟରେ ସମସ୍ତ ଦାବି ପୂରଣ ନହେଲେ ୱାର୍ଡମେମ୍ବରମାନେ ପଞ୍ଚାୟତ କାର୍ଯ୍ୟାଳୟର ମାସିକ ବୈଠକ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରଥମେ ସ୍ଥାନୀୟ କଲେଜ ପଡିଆରେ ବ୍ଲକର ସମସ୍ତ ୱାର୍ଡମେମ୍ବର ଏକତ୍ରିତ ହୋଇ ବ୍ଲକସ୍ତରୀୟ ସଂଘ ଗଠନ କରିବା ସହ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ କୀର୍ତ୍ତନ ମୁନା ସଭାପତି, ଅନୀଲ କୁମାର ସାହୁ ଉପସଭାପତି, ମାର୍କଣ୍ଡ ପଧାନ ସମ୍ପାଦକ, ତପସ୍ୱିନୀ ମହାକୁରଙ୍କୁ କୋଷାଧ୍ୟକ୍ଷ ଚୟନ କରାଯାଇଥିଲା। ପରେ କଲେଜ ପଡିଆରୁ ଏକ ରାଲିରେ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସି ଏବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।



ୱାର୍ଡମେମ୍ବରମାନେ ଏବିଡିଓ ପଞ୍ଚାନନ ମେହେରଙ୍କୁ ପ୍ରଦାନ କରୁଛନ୍ତି।

■ ଗଣେଷ ମୂର୍ତ୍ତି ବିସର୍ଜନକୁ ନେଇ ଗୋଷ୍ଠୀ ବିବାଦ ଘଟଣା

# ପୋଲିସ ପ୍ରଶାସନ ପ୍ରୟାସରେ ଶାନ୍ତି ଫେରିଲା

**ବୀରମହାରାଜପୁର, ୧୮।୯ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅଧିନ ଦୀପପାଲି ଗ୍ରାମରେ ଗଣେଷ ମେଢ଼ ବିସର୍ଜନକୁ ନେଇ ସୃଷ୍ଟି ହୋଇଥିବା ସବର୍ଣ୍ଣ-ଅସବର୍ଣ୍ଣ ଗୋଷ୍ଠୀ ବିବାଦରେ ମଙ୍ଗଳବାର ପୂର୍ଣ୍ଣଚ୍ଛେଦ ପଡିଛି। ପୋଲିସ ଏବଂ ପ୍ରଶାସନର ସମୟୋଚିତ ପଦକ୍ଷେପ ଯୋଗୁଁ ଉକ୍ତ ଗାଁରେ ଶାନ୍ତି ବାତାବରଣ ଫେରି ଆସିଛି । ଉଲ୍ଲେଖଯୋଗ୍ୟ ଯେ, ଉଲୁଣ୍ଡା ବ୍ଲକର ସୀମାନ୍ତବର୍ତ୍ତି ଯଡଁରାଭଡଁରା ପଞ୍ଚାୟତ ଅନ୍ତର୍ଗତ ଏହି କ୍ଷୁଦ୍ରପଲ୍ଲୀରେ ଏଥର ୨ଟି ସ୍ଥାନରେ ଗଣେଷ ପୂଜନୋତ୍ସବ ଅନୁଷ୍ଠିତ ହୋଇଥିଲା। ଦଳିତ ପଡା ଏବଂ ସବର୍ଣ୍ଣପଡା ଆନୁକୂଲ୍ୟରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିବା ବେଳେ ଡାକବାଜି ଯନ୍ତ୍ର ବ୍ୟବହାରକୁ କେନ୍ଦ୍ରକରି ଉଭୟ ଗୋଷ୍ଠୀ ଭିତରେ ବିବାଦର ସୂତ୍ରପାତ ହୋଇଥିଲା । ପରିଣାମ ସ୍ୱରୂପ ଗତ ରବିବାର ଦଳିତ ସମ୍ପ୍ରଦାୟର ଶତାଧିକ ମହିଳା, ପୁରୁଷ ପିଲାଛୁଆଙ୍କୁ ନେଇ ଉଲୁଣ୍ଡାଠାରେ ରାତି ପଯର୍‌ୟନ୍ତ ରାସ୍ତାରୋକ କରିଥିଲେ । ବୁଝାସୁଝା ପରେ ଏହାର ସାମୟିକ ସମାଧାନ ହୋଇଥିଲେ ହେଁ ଉତ୍ତେଜନା ଲାଗି ରହିଥିଲା। ଏଭଳି ଉତ୍ତେଜକ ପରିସ୍ଥିତି ବଜାୟ ରହିଥିବା ବେଳେ ମଙ୍ଗଳବାର ଉଲୁଣ୍ଡା ତହସିଲଦାର ଶରତ ଚନ୍ଦ୍ର ସେଠୀ, ବୀରମହାରାଜପୁର ଏସଡିପିଓ ଧିରଜ ଚୌପଦାର ଏବଂ ଉଲୁଣ୍ଡା ଥାନା ଆଇଆଇସି ରୀନା ବେହେରା ଗାଁରେ ପହଞ୍ଚି ଶାନ୍ତି କମିଟି ମାଧ୍ୟମରେ ସ୍ଥାୟୀ ସମାଧାନ ଉଦ୍ୟମ କରିଥିଲେ। ଯାହାକି ଦୀର୍ଘ ଆଲୋଚନା ପରେ ସଫଳ ହୋଇଥିଲା। ପୂର୍ବଭଳି ଭାଇଚାରା ବଜାୟ ରଖିବାକୁ ଗ୍ରାମବାସୀ ଶପଥ ନେଇଥିବା ଜଣାଯାଏ । ଶାନ୍ତି କମିଟିରେ ଗ୍ରାମବାସୀଙ୍କ ସହିତ ଯଡଁରାଭଡଁରା ଗ୍ରାମପଞ୍ଚାୟତର ସରପଞ୍ଚ ଝରଣା ସାହୁ, ସମିତି ସଭ୍ୟ ଶିଶୁ ତରାଇ ଏବଂ ବଳରାମ ସୁନା ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ଗ୍ରାମବାସୀ।

# ଅଣସଂକ୍ରାମକ ରୋଗ ସଚେତନତା କାର୍ଯ୍ୟକ୍ରମ

**ଉଲୁଣ୍ଡା, ୧୮।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଳାପଥର ସତ୍ୟବାଦୀ ବିଦ୍ୟାପୀଠରେ ମଙ୍ଗଳବାର ଅଣସଂକ୍ରାମକ ରୋଗ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କନ୍ଧୁଧର ଛୁରାଙ୍କ ସଭାପତିତ୍ୱ ଏବଂ ସତ୍ୟବାଦୀ ବିଜ୍ଞାନ କ୍ଲବ ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ଅନ୍ନପୂର୍ଣ୍ଣା ମହାପାତ୍ର, ଜନସ୍ୱାସ୍ଥ୍ୟ ଅଧିକାରୀ ମାଝିଗୌରୀ ପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଅଣସଂକ୍ରାମକ ରୋଗର କାରଣ ଓ ନିରାକରଣ ଉପରେ ସଚେତନ କରାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ରଶ୍ନ ମଞ୍ଚ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଦମୟନ୍ତୀ ବାରିକ, ସୋନାଲି ମେହେର, ଜୟଦେବ ମେହେର, ଅଜିତ ମେହେର, ମାନସୀ ମେହେର, ମାମି, ମେହେର, ଶ୍ରୀତମ ଭୋଇ, ମାଣିକ ପଧାନ, ପୁଷ୍ପାଞ୍ଜଳି ମିଶ୍ର ଓ କମଳୀ ରଣାଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ରାଧେଶ୍ୟାମ ପୁରୋହିତ ସଂଯୋଜନା କରିଥିବା ବେଳେ କାହ୍ନା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ-୧୯ ପାଇଁ ବିଶେଷ ଅଭିଯାନ

# ଯୁବ ଭୋଟରଙ୍କୁ ସାମିଲ ଉପରେ ଗୁରୁତ୍ୱ

**ବୀରମହାରାଜପୁର, ୧୮।୯(ଡି.ଏନ.ଏ)**

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭାରତୀୟ ନିର୍ବାଚନ ଅୟୁକ୍ତଙ୍କ ପକ୍ଷରୁ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ରାଜ୍ୟ ମୁଖ୍ୟନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶରେ ବିଭିନ୍ନ ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ-୨୦୧୯ଅଭିଯାନ ଆଗେଇ ଚାଲିଛି। ଏହିକ୍ରମରେ ବଲାଙ୍ଗୀର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏହି ପ୍ରକ୍ରିୟାକୁ ଜୋରଦାର କରାଯାଇଛି। ସୁବର୍ଣ୍ଣପୁର ଜିଲାର ୩ଟି ବ୍ଲକ ବିନିକା, ଉଲୁଣ୍ଡା ଓ ବୀରମହାରାଜପୁରକୁ ନେଇ ଗଠିତ ଉକ୍ତ ସଂରକ୍ଷିତ ନିର୍ବାଚନ ମଣ୍ଡଳୀରେ ୨୨୫୮ ଜଣ ଭୋଟରଙ୍କ ନାମ ଏକାଧିକ ସ୍ଥାନରେ ଉଲ୍ଲେଖଥିବା ଚିହ୍ନଟ କରାଯାଇଛି। ଅନ୍ୟପକ୍ଷରେ ୧୮ରୁ ୧୯ବର୍ଷ ବୟସର ବହୁ ଯୁବ ଭୋଟରଙ୍କ ନାମ ସ୍ଥାନିତ ହୋଇ ପାରି ନ ଥିବାରୁ ସଂଶୋଧିତ ତାଲିକାରେ ସୁଧାର ଆଣିବାକୁ ପ୍ରଶାସନ ଗୁରୁତ୍ୱ ଦେଇଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ନିର୍ବାଚନ ମଣ୍ଡଳୀର ଇଲୋକଟ୍ରୋଭାଲ ରେଜିଷ୍ଟ୍ରେଶନ୍ ଅଫିସର ତଥା ବୀରମହାରାଜପୁର ଉପଜିଲାପାଳ ସୁବ୍ରତ କୁମାର ବେହେରା ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ତିନୋଟି ଯାକ ବ୍ଲକ ସଦର ମହକୁମାଠାରେ ପ୍ରଶିକ୍ଷଣ ଦେବା ସହ ସଚେତନତା ବୈଠକ କରିଥିଲେ । ଏଥିରେ ବୁଥ ଲେଭେଲ ସୁପରଭାଇଜର୍ ଓ ବିଭିନ୍ନ କଲେଜର ଅଧ୍ୟକ୍ଷଙ୍କ ସହିତ ଜିଲା ଉଚ୍ଚ ଶିକ୍ଷା ପରାମର୍ଶଦାତାଙ୍କୁ ସାମିଲ କରାଯାଇଥିଲା। ସେହିପରି ପ୍ରଶାସନ ପକ୍ଷରୁ ଉପଜିଲାପାଳ ବେହେରା ରାଜସ୍ୱ ଅଧିକାରୀ ଅମୂଲ୍ୟ କୁମାର ସାହୁ, ବୀରମହାରାଜପୁର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ, ଉଲୁଣ୍ଡା ଜିପିଇଓ ସଚ୍ଚିନନ୍ଦନ ପ୍ରଧାନ ଏବଂ ବିନିକା ତଥା ବୀରମହାରାଜପୁର ବ୍ଲକର ଗ୍ରାମ ପଞ୍ଚାୟତର ସାଂପ୍ରସାରଣ ଅଧିକାରୀ ଯୋଗଦେଇଥିଲେ ।

■ ଜିଲାସ୍ତରୀୟ ଶିଶୁ ସଞ୍ଚୟନ କାର୍ଯ୍ୟକ୍ରମ

# ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ

**ସୋନପୁର,୧୮।୯(ନି.ପ୍ର.)**

ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦୈନନ୍ଦିନ ସଞ୍ଚୟର ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଜିଲାସ୍ତରୀୟ ଉଦ୍‌ଘାଟନୀ ଉତ୍ସବ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ କିପରି ନିୟମିତ ପାଠପଢା ସହିତ କିଛି ସଞ୍ଚୟ କରିପାରିବେ, ବ୍ୟାଙ୍କରେ ଜମାଖାତା କରି ପରିଚାଳନା କରିବା ସହ ନିଜର ଆର୍ଥିକ ପରିଚାଳନା ଦକ୍ଷତା ବୃଦ୍ଧି କରିବେ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଛାତ୍ରୀଛାତ୍ରମାନଙ୍କୁ ସ୍ୱାବଲମ୍ବୀ, ସୁରକ୍ଷିତ ଓ ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ଉପରେ ଜିଲାପାଳ ମିଶ୍ର ଗୁରୁତ୍ୱ ଦେଇଥିଲେ। ଜିଲାରେ ଏହି କାର୍ଯ୍ୟକ୍ରମକୁ ସଫଳ ଭାବେ ରୂପାୟିତ କରିବା ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗର ଆବଶ୍ୟକତା ରହିଛି ବୋଲି କହିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାଶ, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଜିଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ମହାପାତ୍ର, ଜିଲା ମଙ୍ଗଳ ଅଧିକାରୀ ପାଲାକା ରବିନ୍ଦ୍ର, ଜଳ ଓ ପରିମଳ ବିଭାଗର ନିର୍ବାହୀଯନ୍ତ୍ରୀ ଇଂ ବିପିନ ବିହାରୀ ଦାଶ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ପ୍ରମୁଖ ସ୍ୱଳ୍ପ ସଞ୍ଚୟର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଜିଲାପାଳ ସ୍ୱଳ୍ପ ସଞ୍ଚୟ ଅଭିଯାନର ଶୁଭାରମ୍ଭ କରି ଛାତ୍ରୀଛାତ୍ର ମାନଙ୍କ ପିଗିଫଣ୍ଡ କୁପି ଉନ୍ମୋଚନ କରିଥିଲେ । ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ବେଣୁଧର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସୋନପୁର ବିଇଓ ଘନଶ୍ୟାମ ମେହେର ଧନ୍ୟବାଦ ପ୍ରଦାନ କରିଥିଲେ। ଶିକ୍ଷକ ଅମ୍ବୁଜ ବିହାରୀ ଶତପଥୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଇଓ ବୀରମହାରାଜପୁର ଶାନ୍ତନୁ କୁମ୍ଭକାର, ବିଇଓ ତରଭା କେଶବ ମେହେର ଓ ବିଇଓ ଉଲୁଣ୍ଡା ଭଗବାନ ବନକିରା, ସୋନପୁର ଏବିଇଓ ଫକୀର ଚରଣ ଭୋଇ, ପ୍ରୋଗ୍ରାମର ରାଜ ନାରାୟଣ ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାହୁ ସମସ୍ତ ସିଆରସିସି ଓ ଅଭିଭାବକ ବୃନ୍ଦ ଉପସ୍ଥିତ ଥିଲେ। ସିଆରସିସି ହେମନ୍ତ ମେହେର, ଶିକ୍ଷକ ଦିଲ୍ଲିପ କୁମାର ମିଶ୍ର, ବୁଦ୍ଧଦେବ ସା, ବ୍ରତାନନ୍ଦ ଭୋଇ, ଜ୍ୟୋତିରାଣୀ ମିଶ୍ର, ନିଳୀମା ପାଣ୍ଡିଆ, ଭାରତୀ କର୍ଣ୍ଣ ଓ କବିତା ପାଢୀ ପ୍ରମୁଖ କାଯର୍‌ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।




ଜିଲାସ୍ତରୀୟ ସଞ୍ଚୟନ କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୯ ସେପ୍ଟେମ୍ବର, ୨୦୧୮



ଯେଉଁମାନେ କମ୍ କାମ କରନ୍ତି,
ସେମାନେ ବେଶି କଥା କୁହନ୍ତି।
- ମହାତ୍ମା ଗାନ୍ଧୀ



**ସଂକ୍ଷେପରେ**

## ସାପ କାମୁଡ଼ାରେ ଯୁବକ ମୃତ

**ଖଡ଼ିଆଲ,୧୮।୯ (ଡି.ଏନ.ଏ.)-** ନୂଆପଡା ଜିଲା ଖଡିଆଲ ଥାନା ପଦମପୁର ଗାଁରେ ସୋମବାର ବିଳମ୍ବିତ ରାତିରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତ ଯୁବକଙ୍କ ନାମ ସୀମାଞ୍ଚଳ ପଟେଲ (୧୮)। ଖଡିଆଳ ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ମୃତ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ମିଳିଥିବା ସୂଚନା ଅନୁସାରେ ସୀମାଞ୍ଚଳ ସୋମବାର ସନ୍ଧ୍ୟାରେ ଗାଁରେ ଅନୁଷ୍ଠିତ ଗଣେଶ ପୂଜା ବିସର୍ଜନ ସାରି ରାତିରେ ନିଜ ସାଥିମାନଙ୍କ ସହ ପୂଜା ପେଣ୍ଡାଲରେ ଶୋଇଥିବା ସମୟରେ ଏକ ବିଷାକ୍ତ ସାପ କାମୁଡିଥିଲା । ଫଳରେ ଅଚେତ ହୋଇ ଗୁରୁତର ହୋଇ ପଡିଥିଲେ । ପ୍ରାଥମିକ ଅବସ୍ଥାରେ ଝଡାଫୁଙ୍କା ସହ ପରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରିଥିଲେ ହେଁ କିଛି ସୁଫଳ ମିଳି ନ ଥିଲା । ଡାକ୍ତର ମୃତ ଘୋଷଣା କରିଥିଲେ ।

## ୩୪୨ ୟୁନିଟ ରକ୍ତ ସଂଗ୍ରହ

**ସମ୍ବଲପୁର,୧୮।୯(ବ୍ୟୁରୋ)-** ସମ୍ବଲପୁର ଜିଲା ପୋଲିସ ପକ୍ଷରୁ ମଙ୍ଗଳବାର ରିଜର୍ଭ ପୋଲିସ କମ୍ୟୁନିଟି ସେଣ୍ଟରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଉତ୍ତରାଞ୍ଚଳ ପୋଲିସ ଆଇଜି ସତ୍ୟବ୍ରତ ଭୋଇ, ସମ୍ମାନୀୟ ଅତିଥି ଭାବେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି ସଞ୍ଜୀବ ଅରୋରା, ଡିଏଫଓ ସଞ୍ଜିତ କୁମାର ଯୋଗ ଦେଇଥିଲେ । ଏହି ଅବସରରେ ମୋଟ ୩୪୨ ୟୁନିଟ ସଂଗ୍ରହ କରାଯାଇଥିଲା । ଜିଲା ସଦର ଡାକ୍ତରଖାନା ଓ ବୁର୍ଲା ଭୀମସାର ରକ୍ତ ଭଣ୍ଡାର କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।

### ଲୋୟର ଇନ୍ଦ୍ର ବିସ୍ଥାପିତଙ୍କ ସମସ୍ୟା ବଢୁଛି

# ବିସ୍ଥାପିତ ଟିମ୍ ଜଳ ସମ୍ପଦ ମନ୍ତ୍ରୀଙ୍କୁ ଭେଟିଲେ

**ନୂଆପଡ଼ା ଅଫିସ,୧୮।୯**

ନୂଆପଡ଼ା ଜିଲା ତିଖାଲିଠାରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କାମ ରାଜ୍ୟର ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ହାତକୁ ନିଆଯାଇଛି । ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ହୋଇଥିବାବେଳେ ବିସ୍ଥାପତି ପରିବାରଗୁଡିକ ନାନା ସମସ୍ୟାରେ ତଳିତଳାନ୍ତ ହେଉଛନ୍ତି । ସେମାନଙ୍କୁ ଠିକ ଭାବେ ଥଇଥାନ ଏବଂ ବିସ୍ଥାପନ ସହାୟତା ପ୍ରଦାନ କରିବା ପରବର୍ତ୍ତେ ବିଭାଗ ନାନାଦି ଜଞ୍ଜାଳରେ ଛନ୍ଦି ଦେଉଥିବା ଅଭିଯୋଗ ନେଇ ବିସ୍ଥାପିତଙ୍କ ତରଫରୁ ଏକ ଟିମ ରାଜ୍ୟ ରାଜଧାନୀକୁ ଯାଇ ଜଳସମ୍ପଦ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ତାଙ୍କ ସହ ଖୋଲାଖୋଲି

**ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ**

- ରାଜଧାନୀରେ ବିସ୍ଥାପିତ ଟିମ୍
- ବିସ୍ଥାପିତଙ୍କ ସ୍ୱାର୍ଥକୁ ଦୃଷ୍ଟି ଦିଆଯିବ

ଆଲୋଚନା କରି ସମସ୍ୟାଗୁଡିକୁ ଉପସ୍ଥାପନ କରିଛନ୍ତି ।

ଦାବି ଅନୁଯାୟୀ ୧୯୯୪ ଥଇଥାଇନ ନୀତି ଅନୁସାରେ ପ୍ରକଳ୍ପରେ ୨୯୩୭ ମୂଳ ବିସ୍ଥାପିତ ପରିବାରବର୍ଗଙ୍କୁ ବଭାଗୀୟ କର୍ତ୍ତୃପକ୍ଷ ପଲିସି ବାହାରେ ମନମୁଖୀ ୪ କିସ୍ତି କରି ଟଙ୍କା ବଣ୍ଟନ କରୁଥିବାରୁ



ଭୁବନେଶ୍ୱରରେ ଜଳ ସମ୍ପଦ ମନ୍ତ୍ରୀଙ୍କ ସହ ବିସ୍ଥାପିତ କମିଟି ସଦସ୍ୟମାନେ ଆଲୋଚନା କରୁଛନ୍ତି ।

ବିସ୍ଥାପତି ପରିବାର ଲୋକେ ଠିକ ଭାବରେ କୌଣସି ଜାଗାରେ ଯାଇ ଥଇଥାନ ହୋଇପାରୁନାହାନ୍ତି । ତେଣୁ ଦ୍ୱିତୀୟ ଥର ପାଇଁ ଅନୁଗ୍ରହ ରାଶି ପ୍ରଦାନ କରିବାକୁ ଦାବି କରାଯାଇଛି । ସରକାରଙ୍କ ଧାର୍ଯ୍ୟ ୧।୧।୨୦୧୪ତାରିଖକୁ କଟ ଅପ ତାରିଖ ରଖି ପ୍ରକଳ୍ପ ନିର୍ଦ୍ଦେଶକ ଦରଖାସ୍ତ ଆହ୍ୱାନ କରିଥିଲେ । ଏଥିରେ ଅନ୍ୟୁନ ୪୦୦୦ଜଣ ବିସ୍ଥାପିତ ଆବେଦନ କରିଥିଲେ । ସେଥିମଧ୍ୟରୁ ହଜାରେ ଜଣଙ୍କ ଦରଖାସ୍ତ ଯୋଗ୍ୟ ବିବେଚିତ ହୋଇଥିଲା । ସେଗୁଡିକୁ ଆଜିଯାଏଁ ମଞ୍ଜୁରୀ ଦିଆଯାଇନାହିଁ । ଏହା ଆଂଶିକ ବୁଡି ଗ୍ରାମର ସାବାଳିକାସାବାଳକଙ୍କୁ ବିଚାରକୁ ନେଇ ସହାୟତା ପ୍ରଦାନ କରିବାକୁ ଦାବି କରାଯାଇଛି । ବିସ୍ଥାପିତମାନଙ୍କ ଦ୍ୱାରା ବିଭିନ୍ନ ଜାଗାରେ କିଣିଥିବା ଜମିଜମାର ଷ୍ଟାମ୍ପିଂ ମିଳିପାରୁନାହିଁ । ଏସବୁ ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ପରିବାରଙ୍କ ନୂତନ କଲୋନୀରେ ପାନୀୟ ଜଳ, ରାସ୍ତା, ବିଜୁଳି, ଗୋଷ୍ଠୀ ଗୃହ ବ୍ୟବସ୍ଥା କରିବା ଆଦି ଦାବି ରହିଛି । ଏଗୁଡିକ ଉପରେ ବିସ୍ଥାପିତ କମିଟି ବାରମ୍ବାର ଜିଲା ପ୍ରଶାସନକୁ ଜଣାଇବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନାହିଁ ବୋଲି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ନିକଟରେ ଏହାକୁ ନେଇ ବିସ୍ଥାପିତ ସହାୟତା ସମିତି ଆହ୍ୱାନରେ ଜାତୀୟ ରାଜପଥ ଆବରୋଧ କରି ଦାବି କରାଯାଇଥିଲା। ଏହା ଉପରେ ଜିଲା ପ୍ରଶାସନ ରାଜ୍ୟ ସରକାରଙ୍କୁ ଜଣାଇଦେବେ ବୋଲି କହିଥିଲେ । ହେଲେ ସେସବୁ ଧୂଆଁବାଣ ପାଲଟିଯାଇଥିବା ନେଇ କର୍ମକର୍ତ୍ତାମାନେ ସିଧା ରାଜ୍ୟ ରାଜଧାନୀକୁ ଦୌଡିଥିଲେ । ଜନସଚେତନ ମଞ୍ଚ ଏବଂ ବିସ୍ଥାପିତ ସହାୟତା ସମିତି ତରଫରୁ ଏକ ୬ ଜଣିଆ ଟିମ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଏହି ଟିମରେ କିଶୋର କୁମାର କଠାର, ନିତ୍ୟାନନ୍ଦ ପ୍ରଧାନ, କ୍ଷମା ସିଂ ନିଆଲ, ପିରିତ ରାମ ରାଉତ ପ୍ରମୁଖ ସାମିଲ ଥିଲେ । ଦୀର୍ଘ ସମୟ ଧରି ମନ୍ତ୍ରୀ ବିସ୍ଥାପିତ ନେତାଙ୍କ ସହ ଆଲୋନା କରିଥିଲେ । ଏହି ଅଞ୍ଚଳରେ ପ୍ରକୃତ ସମସ୍ୟା କ'ଣ ରହିଛି । ସେ ସବୁ ଉପରେ ଆଲୋଚନା କରିଥିଲେ । ମନ୍ତ୍ରୀ ପୂଜାରୀ ବୁଡି ଅଞ୍ଚଳର ସବୁ ସମସ୍ୟା ଉପରେ ବିସ୍ତାର ଭାବେ ଆଲୋଚନା କରିଥିଲେ । ଏହା ଉପରେ ସେ ଅଧିକାରୀମାନଙ୍କ ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ କରାଯିବ । ଯାହାବି କରାଯିବ ବିସ୍ଥାପିତଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଇ କରିବେ ବୋଲି କହିଥିଲେ । ଏହା ଏକ ବିରାଟ ପ୍ରକଳ୍ପ । ଏହା ଦ୍ୱାରା ଉଭୟ ନୂଆପଡା ଏବଂ ବଲାଙ୍ଗୀର ଜିଲା ହଜାର ହଜାର ଚାଷୀ ଉପକୃତ ହେବେ । ଏହାକୁ କାର୍ଯ୍ୟକାରୀ କରିବାରେ କିଛି ଲୋକଙ୍କ ଉତ୍ସର୍ଗ ଆବଶ୍ୟକତା ରହିଛି । ତେବେ ସେ ଯାହେଉ ବର୍ତ୍ତମାନ ଡ୍ୟାମରେ ପାଣି ରଖାଯାଇଛି । ଘର ସବୁ ପାଣିରେ ବୁଡିଯାଉଥିବାରୁ ଲୋକେ ଛିନ୍ନଛତ୍ର ହୋଇ ଯେ ଯା ବାଟରେ ଦୌଡୁଛନ୍ତି । ଏହା ଉପରେ ବିଭାଗ ଦୃଷ୍ଟି ଦେଉବୋଲି କମିଟି କର୍ମକର୍ତ୍ତାମାନେ କହିଥିଲେ ।

## ନୂଆପଡ଼ା ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

**ନୂଆପଡା ଅଫିସ,୧୮।୯**

ସ୍ଥାନୀୟ ନ୍ୟାଶନାଲ ହାଇସ୍କୁଲରେ ନୂଆପଡା ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ନାଏକ ସଭାପତିତ୍ୱ କରିଥିବା ବେଳେ ବ୍ଲକ ଶିକ୍ଷାଧକାରୀ ରେଶମଲାଲ ନାୟକ ମୁଖ୍ୟଅତିଥି, ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରସାୟନ ବିଜ୍ଞାନ ଅଧ୍ୟାପକ ମଣିରାଜ ସାହୁ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ଅଭିଲିପସା ଦାସ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ । ଏଥିରେ ବିଷୟ ବସ୍ତୁ ଔଦ୍ୟୋଗିକ କ୍ରାନ୍ତି ୪.୦ ଆମେ ପ୍ରସ୍ତୁତ କି ? ଉପରେ ଆଲୋଚନା ହୋଇଥିଲା । ଆଲୋଚନାଚକ୍ରରେ ନୂଆପଡା ବ୍ଲକର ୧୭ଟି ହାଇସ୍କୁଲ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ଉଲ୍ଲେଖନୀୟ ପ୍ରଦର୍ଶନ ସକାଶେ ସ୍ଥାନୀୟ ଡୁମେରପାଣି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ କୋମୋଲିକା ସାହୁ ପ୍ରଥମ ଏବଂ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଭାଲେଶ୍ୱରର ଭୁପତି ଭୁଷଣ ସାହୁ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଏମାନେ ଆସନ୍ତା ୨୨ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମକୁ ବ୍ଲକ ବିଜ୍ଞାନ ସଂଯୋଜକ ରାଧେଶ୍ୟାମ ସା ପରିଚାଳନା କରିଥିବା ବେଳେ ଚିତେଶ୍ୱରୀ ସାହୁ, ଜୟକୃଷ୍ଣ ଭୋଇ, ପ୍ରମିଳା କୁଣ୍ଡୁ, ଅନୀଲ ସାବତ, ଚନ୍ଦ୍ରକୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ନୂଆପଡ଼ାରେ ମୁଁ ହିରୋ, ମୋ ଓଡ଼ିଶା କାର୍ଯ୍ୟକ୍ରମ

**ନୂଆପଡା ଅଫିସ,୧୮।୯**

- ରଥକୁ ଜିଲାପାଳ ଶୁଭାରମ୍ଭ କଲେ
- ୫ଜଣ ପ୍ରତିଭା ସମ୍ମାନିତ

ରାଜ୍ୟ କ୍ରୀଡା ବିଭାଗ ତରଫରୁ ରାଜ୍ୟବ୍ୟାପୀ ଚାଲିଥିବା ମୁଁ ହିରୋ ମୋ ଓଡିଶା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ମଙ୍ଗଳବାର ସ୍ଥାନୀୟ ନୂଆପଡା କଲେକ୍ଟୋରେଟରେ ଜିଲାପାଳ ଏହାକୁ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିଛନ୍ତି । ପୂର୍ବାହ୍ନ ୧୦ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଡା. ପୋମା ଟୁଡୁ ମୁଁ ହିରୋ ମୋ ଓଡିଶା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିବା ବେଳେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ପିଡି ଡିଆରଡିଏ ବୃଷଭ ଚନ୍ଦ୍ର ନାଏକ, ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ, ପୂର୍ବତନ ବିଧାୟକ ତଥା ବିଜେଡି ଜିଲା ସଭାପତି ରାଜେନ୍ଦ୍ର ଢୋଲକିଆ, ରାଜ୍ୟ ସମ୍ପାଦକ ସରୋଜ କୁମାର ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ସକାଶେ ଖେଳରେ କ୍ରିକେଟ ଖେଳାଳି ପ୍ରୟାସ ସିଂ ଠାକୁର, ଯୁବ ରାଜନେତା ଭାବରେ ପ୍ରିୟ ରଞ୍ଜନ ମେହେର, ପରଖିତ ସତନାମୀ, ଜାତୀୟ ସ୍ତରରେ ସମାଜ ସେବାରେ କୃତୀତ୍ୱ ରଖିଥିବା ପ୍ରତିମା ମାଝିଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଜିଲା କ୍ରିଡାଧିକାରୀ ଅଜୟ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ । ଏହା ପରେ ବିଜୁ ଯୁବ ବାହିନୀ ତରଫରୁ କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ବାହାରି ମିନିଷ୍ଟାଡିୟମରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଭୁଦତ ମିଶ୍ର ପରିଚାଳନା କରିଥିଲେ ।



ମୁଁ ହିରୋ ମୋ ଓଡିଶା କାର୍ଯ୍ୟକ୍ରମରେ ଜିଲାପାଳ କୃତୀ ଯୁବ ପ୍ରତିଭାମାନଙ୍କୁ ସମ୍ମାନିତ କରୁଛନ୍ତି ।

## ଭବାନୀପାଟଣାରେ ନିଆରା ଗଣେଶ ପୂଜା

**ଭବାନୀପାଟଣା, ୧୮।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବନୀପାଟଣା ସହରରେ ସିନେପ୍ଲେକ୍ସଠାରେ ସମର୍ସ ଧର୍ମାବଲମ୍ବୀଙ୍କ ସାମ୍ପ୍ରଦାୟିକ ସଦଭାବନାର ନିଦର୍ଶନ ଦେଖିବାକୁ ମିଳିଛି । ଭାଇଚାରା ଗଣେଶ ପୂଜା କମିଟି ପକ୍ଷରୁ ପ୍ରଥମ ଥର ପାଇଁ ଏହି ନିଆରା ଗଣେଶ ପୂଜା ଦେଖିବାକୁ ମିଳିଛି। କମିଟି ସଭାପତି ପ୍ରଶାନ୍ତ ନାଏକଙ୍କ ନେତୃତ୍ୱରେ ହିନ୍ଦୁ, ମୁସଲିମ, ଶିଖ୍, କ୍ରିଷ୍ଟିୟାନ୍ ସମେତ ବିଭିନ୍ନ ଧର୍ମାବଲମ୍ବୀ ସଦସ୍ୟ ଅଛନ୍ତି । ଏହି ଉପଲକ୍ଷେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବ ଜିଲା ସମାଜ ମଙ୍ଗଳ ଅଧିକାରୀ ସଂଘମିତ୍ରା କାନୁନଗୋ ମୁଖ୍ୟଅତିଥି, ସିନେପ୍ଲେକ୍ସର ମାଲିକ ନିରୋଜ ପଟ୍ଟନାୟକ, ଏଆଇସିସି ସଦସ୍ୟ ତରୁଣ ମାଝି, ସତ୍ୟ ବେହେରା, ସୁନିଲ ନାଏକ, ନିଳାମ୍ବର ନାଏକ, ନୁପୁର ପଟ୍ଟନାୟକ, କୁମୁଦିନି ମିଶ୍ର, ଲିଲି କାନୁନଗୋ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଡ୍ୟାନ୍ସ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସଭାପତି ପ୍ରଶାନ୍ତ ନାଏକ ଓ ସମ୍ପାଦକ ରେହେମାନ ଅଲ୍ଲି ଖାନ୍ ମଞ୍ଚ ପରିଚାଳନା କରିଥିଲେ ।

# କୋଦୋମେରୀ ପଞ୍ଚାୟତ ଘେରାଉ କଲେ ଶିକ୍ଷକ

**ନୂଆପଡା ଅଫିସ,୧୮।୯**

ଓଡିଶା ସ୍କୁଲ, କଲେଜ ଶିକ୍ଷକ ମିଳିତ ମଞ୍ଚ ତରଫରୁ ରାଜ୍ୟବ୍ୟାପି ଆନ୍ଦୋଳନ ଚାଲିଥିବା ବେଳେ ମଙ୍ଗଳବାର ନୂଆପଡା ବ୍ଲକର କୋଦୋମେରୀ ଗ୍ରାମପଞ୍ଚାୟତ ଘେରାଉ କରି ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସରପଞ୍ଚଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ପୂର୍ବାହ୍ନ ୧୦ଟାରେ ନୂଆପଡା ବ୍ଲକ ୫ଟି ବ୍ଲକଗ୍ରାଣ୍ଟ ହାଇସ୍କୁଲ ଯଥା କୋଦୋମେରୀ, ଜାମପାଣି, ପାୱାରତଲା, ବିଶୋରା, ଗୋଡଫୁଲାର ପ୍ରଧାନ ଶିକ୍ଷକମାନଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକମାନେ ଏକ ଶୋଭାଯାତ୍ରାରେ ବାହାରି କୋଦୋମେରୀ ଗ୍ରାମପଞ୍ଚାୟତର ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲେ । ଏପରିକି ପ୍ରତି ପରିବାର ଲୋକଙ୍କୁ ଯାଇ ସରକାରଙ୍କ ଶିକ୍ଷକ ମାରଣ ନୀତି ସମ୍ପର୍କରେ ଅବଗତ କରିଥିଲେ । ମଧ୍ୟାହ୍ନ ୧୨ଟାରେ ସରପଞ୍ଚ ଅସୀତ କୁମାର ପୁଞ୍ଜିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏଥିରେ ସରକାର ବ୍ଲକଗ୍ରାଣ୍ଟ ଉଚ୍ଛେଦ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ହେଁ ତାକୁ ପାଳନ କରୁନାହାନ୍ତି । ଏହା ଶିକ୍ଷକ ସମାଜକୁ ସରକାରଙ୍କ ଏକ ଶକ୍ତ ଧୋକ୍କା ବୋଲି କୁହାଯାଇଛି । ଏହିଭଳି ଯୋଗ୍ୟ ବିବେଚିତ ଦିନଠାରୁ ସ୍କୁଲ ଓ କଲେଜଗୁଡିକୁ ଅନୁଦାନ ପରିସରଭୁକ୍ତ କରାଯାଇ ଚାକିରୀ



ମିଳିତ ଶିକ୍ଷକ ମଞ୍ଚ ତରଫରୁ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରୁଥିବା ଶିକ୍ଷକମାନେ ।

**ମିଳିତ ଶିକ୍ଷକ ମଞ୍ଚ**

- ପ୍ରତିପରିବାରକୁ ବୁଲି ବାର୍ତ୍ତା ଦେଲେ ଶିକ୍ଷକ
- ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ କରିବା, ସରକାର ଦେଇଥିବା ପ୍ରତିଶ୍ରୁତି ମୁତାବକ ସପ୍ତମ ବେତନ କମିଶନ ଲାଗୁ କରିବା, ଅନୁଦାନ ଦେବା ଆଳରେ ସତ୍ୟପାଠ କିମ୍ବା ଲିଖିତ ସୂଚନା ଦେବା ପାଇଁ ହୋଇଥିବା ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିବା ଆଦି ଦାବି କରାଯାଇଛି। ଘେରାଉରେ ପ୍ରଧାନଶିକ୍ଷକମାନଙ୍କ ମଧ୍ୟରେ ଭୃଙ୍ଗରାଜ ହଂସ, ପଣ୍ଡୁରାମ ପାଣ୍ଡେ, ହେମସାଗର ରାଉତ, ପ୍ରଫୁଲ୍ଲ ମହାରଣା, ଆଦମ ପାଣ୍ଡେ ପ୍ରମୁଖ ସାମିଲ ଥିଲେ ।

# ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ଖଡିଆଲ,୧୮।୯ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ରାଜା ଆର୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ନୂଆପଡା ଜିଲା ବିଦ୍ୟାଳୟ କ୍ରୀଡା ସଙ୍ଗଠନ ଆନୁକୂଲ୍ୟରେ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗୀତା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଦୁଇ ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି କ୍ରୀଡା ପ୍ରତିଯୋଗୀତା ପ୍ରଥମେ ଖଡିଆଳ ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ମଶାଳ ଯାତ୍ରା ସହର ପରିକ୍ରମା ପରେ ପଡିଆଠାରେ ପହଞ୍ଚିଥିଲା । ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ । ଅନୁଷ୍ଠିତ ଉଦଘାଟନୀ ସଭାରେ ଏନଏସି ଅଧକ୍ଷା ଖୁଲଣା ବେହେରା, ବ୍ଲକ ଅଧକ୍ଷ ବାଳକୃଷ୍ଣ ଶବର, ଜିଲା ପରିଷଦ ସଭ୍ୟ ଉଜ୍ଜଳ ଗୁପ୍ତା, ଯୁବ ଉଦ୍ୟୋଗୀ ରଶ୍ମିରଞ୍ଜନ ଚଳାନ, କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକ ଅଧିରାଜ ପାଣିଗ୍ରାହୀ, ବ୍ଲକ ଶିକ୍ଷା ଅଧିକାରୀ ଜଗଦିଶ ପ୍ରସାଦ ଖମାରୀ ପ୍ରମୁଖ ଯୋଗଦେଇ କ୍ରୀଡା କେବଳ ଶରୀରକୁ ସୁସ୍ଥ ରଖିଥାଏ ତାହା ନୁହେଁ ଏକ ସୁସ୍ଥ ସମାଜ ଗଠନ ଦିଗରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ମହେଶ କୁମାର ଦଣ୍ଡସେନା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପ୍ରଧାନଶିକ୍ଷକ ନକୁଳ ଶବର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଗୌରାଙ୍ଗ କୁମାର ସାହୁ ମଞ୍ଚ ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ୧୪ରୁ ୧୭ ବର୍ଷରୁ କମ୍ ଛାତ୍ରୀଛାତ୍ରମାନଙ୍କୁ ନେଇ କବାଡି, ଖୋଖୋ, ଭଲିବଲ, ଫୁଟବଲ ଓ ତୀରନ୍ଦାଜ୍ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ୫ଟି ବ୍ଲକରୁ ଶତାଧିକ ସଂଖ୍ୟାରେ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଆଦିକନ୍ଦ ଦାସ, ବୋଡେନ ବ୍ଲକ ଶିକ୍ଷା ଅଧିକାରୀ ଇନ୍ଦ୍ରମଣି ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।





ଉଦଘାଟନୀ ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ ।

### କେବିକେ ପ୍ରଶାସକଙ୍କ କଳାହାଣ୍ଡି ଜିଲା ଗସ୍ତ

# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ

**ଭବାନୀପାଟଣା/ଗୋଲାମୁଣ୍ଡା, ୧୮।୯ (ଡି.ଏନ.ଏ.)**

କେବିକେ ପ୍ରଶାସକ ସୁଦର୍ଶନ ପାଲ ଠାକୁର ସୋମବାର କଳାହାଣ୍ଡି ଜିଲା ଗସ୍ତରେ ଆସି ଜିଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। କେବିକେ ପ୍ରଶାସକ ବିଭିନ୍ନ ବିଭାଗର ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ କରିଥିଲେ। ସେ ବୋର୍ଡା ପଞ୍ଚାୟତର ଜୟପଦରଠାରେ ନିର୍ମିତ ବିଭିନ୍ନ ହିତାଧିକାରୀଙ୍କ ପ୍ରଧାନମନ୍ତ୍ରୀ ଆବାସ, ବିଜୁ କୁଡିଆ ଘର ବୁଲି ଦେଖିଥିଲେ। କିଛି ହିତାଧିକାରୀଙ୍କ ଘର ଅସମ୍ପୂର୍ଣ୍ଣ ହୋଇଥିବା ବେଳେ ସେମାନଙ୍କୁ ଫାଇନାଲ ବିଲ୍ ପୈଠ କରାଯାଇଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ବୋର୍ଡାଠାରେ ନିର୍ମାଣାଧୀନ ଷ୍ଟାଡିୟମ ବୁଲି ଦେଖିଥିଲେ। ଚେଞ୍ଜିଂରୁମ ଓ ପାଚେରୀ ନିର୍ମାଣ ହୋଇଥିଲେ ହେଁ ପଡିଆରେ ଆବଶ୍ୟକ ମାଟି କାମ ହୋଇ ନ ଥିବାରୁ ଖେଳ ପରିଚାଳନା ହୋଇ ପାରୁ ନ ଥିବାରୁ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଭବାନୀପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୋର୍ଡା ସରପଞ୍ଚ ରୀନାରାଣୀ ଜାଲ ଏ ସମ୍ପର୍କରେ ରାଜ୍ୟ କ୍ରୀଡାମନ୍ତ୍ରୀଙ୍କୁ ଭେଟି ଦାବି କରିଥିବା କେବିକେ ପ୍ରଶାସନ ପ୍ରକାଶ କରିଥିଲେ। ଏହି ଗସ୍ତରେ ଏ.ପି.ଡି. ଗୋପାଳ ନାରଙ୍ଗ, ପି.ଡି.ଆଇ.ଟି.ଡି.ଏ. ବିରଞ୍ଚି ଦରୁଆନ, ଭବାନୀପାଟଣା ବି.ଡି.ଓ. ପ୍ରଭାଷ ଚନ୍ଦ୍ର ଦଣ୍ଡସେନା, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ସାମଲ, ସହକାରୀ ଯନ୍ତ୍ରୀ ନିହାର ରଞ୍ଜନ ମାଝି ଉପସ୍ଥିତ ଥିଲେ। ପରେ ମାଙ୍ଗେପଦରଠାରେ ନିର୍ମାଣାଧୀନ ଆର୍.ଡି. ରାସ୍ତା କାମ ତଦାରଖ କରିଥିଲେ।



କେବିକେ ପ୍ରଶାସକ ଜିଲା ପଦାଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

କେବିକେ ପ୍ରଶାସକ ସୁଦର୍ଶନ ପାଲ ଠାକୁର ମଙ୍ଗଳବାର ଗୋଲାମୁଣ୍ଡା ବ୍ଲକ ପରିଦର୍ଶନ କରିଛନ୍ତି । ସେ ପ୍ରଥମେ ଖମାରହଲଦୀ ଗ୍ରାମପଞ୍ଚାୟତକୁ ଆସି କୃଷି ବିଭାଗ ପ୍ରୋତ୍ସାହନରେ ହୋଇଥିବା ଚିନାବାଦାମ ଚାଷ ବୁଲି ଦେଖିଥିଲେ । ବୃନ୍ଦାବାହାଲ ପାଖରେ ବିଜୁ ଏକ୍ସପ୍ରେସ ୱେ କାର୍ଯ୍ୟ ତଦାରଖ କରିଥିଲେ । ପରେ ଗଣ୍ଡାମେର ଗ୍ରାମପଞ୍ଚାୟତକୁ ଯାଇ ସମ୍ମନ୍ବିତ ଶିଶୁ ବିକାଶ ପ୍ରକଳ୍ପର ମମତା ଯୋଜନାର ତଦାରଖ କରିଥିଲେ । ଏକ ସ୍କୁଲ ଘର ବୁଲି ଦେଖି ଥିବାବେଳେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା କେତେକ ଘର ଦେଖିଥିଲେ । ନିର୍ମାଣାଧୀନ ଏକ ଅଙ୍ଗନୱାଡି କେନ୍ଦ୍ର ଦେଖିଥିଲେ । ବୃନ୍ଦବାହାଲ ଗ୍ରାମପଞ୍ଚାୟ ସମ୍ମନ୍ବିତ ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା ମମତା ଯୋଜାନା, ଅଙ୍ଗନୱାଡି କେନ୍ଦ୍ର, ଉଦ୍ୟାନ ବିଭାଗ ପ୍ରୋତ୍ସାହନରେ ଚଞ୍ଚରାମୁଣ୍ଡା ଗ୍ରାମରେ ହୋଇଥିବା ପନିପରିବା ଓ କଦଳି ଚାଷ ଦେଖିଥିଲେ । ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବୁଲି ଦେଖି ଥିବା ବେଳେ ସେଠାରେ ସ୍ଥାନୀୟ ବାସିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଡାକ୍ତର ଓ ଷ୍ଟାଫ ନର୍ସ ପଦବୀ ପୂରଣ ପାଇଁ ଦାବି କରିଥିଲେ । ଏହି ଗସ୍ତ ସମୟରେ କଳାହାଣ୍ଡି ଜିଲାପାଳ ଡ.ପରାଗ ହର୍ଷଦ ଗାଭାଲି, ଗୋଲାମୁଣ୍ଡା ବିଡିଓ ସ୍ନିଗ୍ଧା ରାଣୀ ପ୍ରଧାନ, ଏବିଡିଓ ପଦ୍ମନାଭ ମହାପାତ୍ର, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରମିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କାଳାହାଣ୍ଡି କଂଗ୍ରେସ ସେବାଦଳର କର୍ମକର୍ତ୍ତା ମନୋନୀତ

**ଭବାନୀପାଟଣା,୧୮।୯(ଡି.ଏନ.ଏ.)-** ପ୍ରଦେଶ କଂଗ୍ରେସର ସେବାଦଳର ଅଧକ୍ଷ ବୀରେନ ମୋହନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ କଳାହାଣ୍ଡି ଜିଲା ସେବାଦଳର କର୍ମକର୍ତ୍ତା ମନୋନୀତ କରାଯାଇଛି । ଏଥିରେ ଉପସଭାପତି ତଥା ଜିଲା ସଙ୍ଗଠକ ଭାବେ ଦୁଆନ ବାଗ, ସୁଦାମ ପ୍ରଧାନ, ବେଦବ୍ୟାସ ଚୌଧୁରୀ, ନିତ୍ୟାନନ୍ଦ ସାହୁ, ପରମେଶ୍ୱର ନାଏକ, ତରୁଣ ମାଝି, ଖଗେନ୍ଦ୍ର ନାଏକ, ଅଭିରାମ ପଣ୍ଡା, କାର୍ଯ୍ୟାଳୟ ଦାୟିତ୍ୱରେ ଚନ୍ଦ୍ର ଶେଖର ଯୋଷୀ, ଭବାନୀପାଟଣା ବ୍ଲକ ସଭାପତି ଗଗନ ପ୍ରଧାନ ଓ ମହିଳା ସଙ୍ଗଠିକା ଭାବେ କାଦମ୍ବିନୀ ମାଝି ଓ ଗଗନ ରଣା ଯୁବ ବ୍ରିଗେଡ ସେବାଦଳ ଭାବେ ମନୋନୀତ ହୋଇଛନ୍ତି । ସେହିଭଳି କର୍ଲାମୁଣ୍ଡା ବ୍ଲକ୍ ସଭାପତି ରାଜୁ ବାରିକ, ସଙ୍ଗଠିକା କଲ୍ୟାଣୀ ପ୍ରଧାନ ଓ ଜଗମୋହନ ଭୋଇ, ମଦନପୁର ରାମପୁର ସଭାପତି ପୁରୁଷୋତ୍ତମ ହାତୀ, ସଙ୍ଗଠିକା କାଦମ୍ବିନୀ ନାଗ ଓ ସୁବାସ ଚନ୍ଦ୍ର ରାଉତ, ନର୍ଲା ବ୍ଲକ ସଭାପତି ଦୀନବନ୍ଧୁ ମାଝି, ସଙ୍ଗଠିକା ଏଲିସା ନାଗ ଓ ନବୀନ ଦୁର୍ଗା, ବିଶ୍ୱନାଥପୁର ସଭାପତି ନବିନ ସୁନା, ସଂଗଠିକା କୁସୁମ ହରିଜନ ଓ ରବୀନ୍ଦ୍ର ଚନ୍ଦ୍ର ପ୍ରଧାନୀ ମନୋନୀତ ହୋଇଛନ୍ତି । ଥୁଆମୂଳ ରାମପୁର ସଭାପତି ନୀଳକଣ୍ଠ ପାତ୍ର, ସଙ୍ଗଠିକା ଯଶୋଦା ନାଏକ ଓ ଧନୁର୍ଯ୍ୟ ନାଏକ, କଲମପୁର ସଭାପତି ସୁଶାନ୍ତ ବିହାରୀ ଓ ସଙ୍ଗଠିକା ପ୍ରେମଶୀଳା ବାଗ ଓ ବସନ୍ତ ମାଝି, ଜୟପାଟଣା ସଭାପତି ଶିବ ସମରଥ, ସଙ୍ଗଠିକା କୁମୁଦିନୀ ନାଏକ ଓ ଯୁଗଳ ମାଝି ମନୋନୀତ ହୋଇଛନ୍ତି । କୋକସରା ସଭାପତି ଚୈତନ୍ୟ ପାତ୍ର ଓ ସଙ୍ଗଠିକା ମାଧୁରୀ ନିଆଲ ଓ ହରିଶ୍ଚନ୍ଦ୍ର ନାଏକ, ଧର୍ମଗଡ ସଭାପତି ରୂପଧର ନିଆଲ, ସଙ୍ଗଠିକା କୁନି ସୁନାନୀ, ସଭ୍ୟା ଖାମରୀ ଓ ପାଟଯୋଷୀ ପଟେଲ, ଗୋଲାମୁଣ୍ଡା ସଭାପତି ବଟକୃଷ୍ଣ ଜଗତ, ସଙ୍ଗଠିକା ପୁଷ୍ପାଞ୍ଜଳି ସେଠିଆ, ଜୁନାଗଡ ସଭାପତି କୁଶଧ୍ୱଜ ରାଉତ ଓ ଯୁବ ବ୍ରିଗେଡ ସେବାଦଳ ଗୋକୁଳ ଚନ୍ଦ୍ର ନାଗ ପ୍ରମୁଖ ସନୋନୀତ ହୋଇଛନ୍ତି । ସେହିଭଳି ଜିଲା ସଂଯୋଜିକା ଭାବେ ଜୟକାନ୍ତ ଭୋଇ, ମହିମା ବାଗ, ବିଲାସିନୀ ମଲ୍ଲିକ, କୌଶଲ୍ୟା ବିହାରୀ, ବେଲମତି ନାଏକ ଓ ପ୍ରଭାତି ନାୟକ ମନୋନୀତ ହୋଇଛନ୍ତି ।

### ଜୁନାଗଡର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା

**ଜୁନାଗଡ,୧୮।୯ (ସ୍ୱ.ପ୍ର.)-** କଳାହାଣ୍ଡି ଜିଲା ଜୁନାଗଡ ସହର ବିଭିନ୍ନ ସରକାରୀ ଅଫିସ ସହିତ ବେସରକାରୀ ଅନୁଷ୍ଠାନରେ ଦେବ ଶିଳ୍ପି ବିଶ୍ୱକର୍ମାଙ୍କ ପୂଜା ଧୁମଧାମରେ ପାଳିତ ହେଉଛି। ବିଶେଷ କରି ଜୁନାଗଡ ସହରରେ ମୋଟର କର୍ମଚାରୀ ସଂଘ, ଟ୍ରକ ମାଲିକ ସଂଘ, ଜଳ ଯୋଗାଣ ଓ ପରିମଳ ବିଭାଗ ତଥା ୱେଷ୍କୋ ବିଭାଗରେ ଏହା ସୁଉଚ୍ଚ ତୋରଣ, ଆଲୋକ ମାଳାରେ ସଜ୍ଜିତ ହୋଇ ପୂଜା ପାଉଛନ୍ତି। ଏହା ସହ ଘରୋଇ ସଂସ୍ଥାମାନେ ମଧ ନିଜ ଉଦ୍ୟମରେ ବିଶ୍ୱକର୍ମାଙ୍କ ପ୍ରତିମୂର୍ତ୍ତୀ ନିର୍ମାଣ କରି ପୂଜା କରିଛନ୍ତି। ଜଳ ଯୋଗାଣ ଓ ପରିମଳ ବିଭାଗରେ କର୍ତ୍ତା ଭାବରେ ଗୁପ୍ତେଶ୍ୱର ନାଏକ, ପୁରୋଧା ଭାବରେ ଅଭିଳାଷ ବାଗ, ପୂଜକ ଭାବରେ ରବିନ୍ଦ୍ର ଦାଶ, ସରୋଜ କୁମାର ଦାଶ, ଦୈତାରୀ ନାଏକ ପ୍ରମୁଖ ସହଯୋଗ କରିଥିଲେ।

### ଭାଗବତ ସପ୍ତାହ ଉଦ୍‌ଯାପିତ

**ଜୁନାଗଡ,୧୮।୯(ସ୍ୱ.ପ୍ର.)-** ସ୍ଥାନୀୟ ଅଗ୍ରସେନ ଭବନଠାରେ ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ଭାଗବତ ସପ୍ତାହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପଣ୍ଡିତ ଶ୍ରୀ ରମାକାନ୍ତ ଜୀ ବ୍ୟାସ କଥା ବାଚକ ଭାବରେ ପ୍ରତହ୍ୟ ଭାଗବତ କଥା ଅମୃତ ପଠନ କରିଥିଲେ। ଜୁନାଗଡ ଖେମକା ସମାଜ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଏଥିରେ କୃଷ୍ଣ ଜନ୍ମୋତ୍ସବ, ରୁକ୍ମଣୀ ବିବାହ, ଗିରି ଗୋବର୍ଦ୍ଧନ ପୂଜା, ସୁଦାମା ମିଳନ ଭଳି ନୃତ୍ୟ ନାଟିକା ମଧ ଅନୁଷ୍ଠିତ ହୋଇଥିଲା। ପ୍ରତହ୍ୟ ଖେମକା ପରିବାର ସମୂହ ଭୋରରୁ ଜୁନାଗଡ ସହର ମଧରେ ପ୍ରଭାତ ଫେରି କରିବା ସହିତ ଅତ୍ୟନ୍ତ ନିଷ୍ଠାର ସହ ଏହି କର୍ଯ୍ୟକ୍ରମକୁ ପାଳନ କରିଥିଲେ। ଏହାକୁ ହରି ଭଗତ ଖେମକା, ଓମ ପ୍ରକାଶ ଖେମକା, ବଜରଙ୍ଗ ଖେମକା, ଶ୍ୟାମସୁନ୍ଦର ଖେମକା, ମାଣିକଚାନ୍ଦ ଖେମକା, ସନ୍ତୋଷ ଖେମକା, ଲକ୍ଷ୍ମୀ ଖେମକା, ଅରବିନ୍ଦ ଖେମକା, ସନ୍ଦିପ ଖେମକା, ପ୍ରେମଚାନ୍ଦ ଖେମକା, ଉତ୍ତମ ଖେମକା, ମନୋଜ ଖେମକା, ରୁପେଶ ଖେମକା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




ନୂଆଁଖାଇ ପାଇଁ ଭବାନୀପାଟଣା ତିହାର ହାଟରେ ମାଟି ପାତ୍ର ବିକ୍ରି ଲାଗି ରଖାଯାଇଛି (ବାମ) । ହାଟରେ ଲୋକେ କିଣାବିକା କରୁଛନ୍ତି ।

# ନୂଆଁଖାଇ ପାଇଁ ତିହାର ହାଟରେ ଭିଡ଼

**ଭବାନୀପାଟଣା,୧୮।୯ (ଡି.ଏନ.ଏ.)**

ପଶ୍ଚିମ ଓଡିଶାର କଳାହାଣ୍ଡି ଜିଲାର ଭବାନୀପାଟଣା, ଥୁ.ରାମପୁର, ଲାଞ୍ଜିଗଡ, ଜୟପାଟଣା, ଜୁଗସାଇପାଟଣା ଭଳି ଗଡଜାତ ଅଞ୍ଚଳରେ ଆସନ୍ତା ୧୯ ତାରିଖରେ ନୂଆଁଖାଇ ଗଣପର୍ବ ପାଳିତ ହେବ । ଏଥିପାଇଁ ଜିଲାର ପୁରପଲ୍ଲୀ ଚଳଚଞ୍ଚଳ ହୋଇଉଠିଛି । ଜିଲାର ବିଭିନ୍ନ ସ୍ଥାନରେ ତିହାରୀ ହାଟରେ ପ୍ରବଳ ଭିଡ ପରିଲକ୍ଷିତ ହେଉଛି । ଜିଲାର ଭବାନୀପାଟଣା ସହରରେ ଥିବା ମଙ୍ଗଳବାର ଓ ଶନିବାର ବଜାର, ସାପ୍ତାହିକ ହାଟରେ ପ୍ରବଳ ଭିଡ ହୋଇଥିଲା । ନୂଆଁଖାଇର ପୂର୍ବ ହାଟପାଳିକୁ ତିହାରୀ ହାଟ ବୋଲି କୁହାଯାଏ । ଏଥର ତିହାରୀ ହାଟରେ ପ୍ରାୟ ଦୁଇ କୋଟି ଟଙ୍କାର କାରବାର ହୋଇଛି । ଚଳିତବର୍ଷ ବୁଧବାର ନୂଆଁଖାଇ ପଡୁଥିବାରୁ ମଙ୍ଗଳବାର ତିହାରୀ ହାଟ ଥିଲା । ନୂଆଁଖାଇ ପାଇଁ ବିଭିନ୍ନ ପୂଜା ସାମଗ୍ରୀଠାରୁ ଆରମ୍ଭ କରି ନୂଆଁ ଲୁଗା, ଘରୋଇ ଉପକରଣ, ପନିପରିବା କିଣାବିକା ଲାଗି ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଗ୍ରାହକ ଓ ବେପାରୀଙ୍କ ଭିଡ ଜମିଥିଲା । ଆଦିବାସୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ସମ୍ପ୍ରଦାୟର ଲୋକେ ହାଟକୁ ଆସିଥିଲେ । ଅନ୍ୟ ହାଟପାଳିଠାରୁ ଏହି ତିହାରୀ ହାଟପାଳି ସମ୍ପୂର୍ଣ୍ଣ ନିଆରା । ପ୍ରାୟ ଏକରୁ ଦେଢ କି.ମି. ବ୍ୟାପୀ ଏହି ସାପ୍ତାହିକ ହାଟ ବସିଥିଲା । ଏଥିରେ ନୂଆଁଲୁଗାଠାରୁ ଆରମ୍ଭ କରି ମାଟିହାଣ୍ଡି, ଖଲିଦନା, ବାଉଁଶା ତିଆରି କୁଲାଟୁପା, ମସଲା ବାଟିବା ପାଇଁ ପଥର ଶିଳ ଏବଂ ଶିଳ୍ପା ପ୍ରଭୃତିଠାରୁ ଆରମ୍ଭ କରି ଯିଏ ଯାହା ଖୋଜିଲା ହାଟରୁ ପାଇ କିଣିକି ନୂଆଁଖାଇ ପାଇଁ ନିଜ ଘରକୁ ନେଉଥିବା ଦେଖିବାକୁ ମିଳିଥିଲା ।

ଦୂର ଦୂରାନ୍ତରୁ ବହୁ ବ୍ୟାପାରୀ ମଧ ଲୋକଙ୍କ ଚାହିଦା ମୁତାବକ ଆବଶ୍ୟକ ଜିନିଷ ଆଣି ସେମାନଙ୍କ ପସରା ମେଲିଥିବା ଦେଖିବାକୁ ମିଳିଥିଲା । ମଙ୍ଗଳବାର ସକାଳ ପ୍ରାୟ ସାଢେ ୫ଟାରୁ ତିହାରି ହାଟ ଆରମ୍ଭ ହୋଇଥିବା ବେଳେ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଲାଗି ରହିଥିବା ଦେଖିବାକୁ ମିଳିଛି । ସେହିପରି ସନ୍ଧ୍ୟାରେ ରାସନ ଦୋକାନ, କିରାନା ଦୋକାନ, ଲୁଗା ଦୋକାନ, ମିଠା ଦୋକାନରେ ଲୋକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି । ବାଛି ବାଛି ନୂଆଁଖାଇବା ପାଇଁ ଲୁଗାପଟାଠାରୁ ଆରମ୍ଭ କରି ନୂଆଁଖାଇ ପାଇଁ ଆବଶ୍ୟକ ସାମଗ୍ରୀ କିଣୁଥିବା ଦେଖାଯାଇଥିଲା । ନୂଆଁଖାଇ ପରଦିନ 'ବାସି' ପର୍ବ ପାଳନରେ ମଦ ମାଂସରେ ଲୋକେ ବୁଡିଯାନ୍ତି । ତେଣୁ ଏହି ହାଟରେ ଛେଳି, ମେଣ୍ଢା, କୁକୁଡା ମଧ ବହୁଳ ଭାବେ ବିକ୍ରି ହୋଇଥିଲା । ତେବେ ହାଟରେ ନୂଆଁଧାନ ବିକ୍ରି ହେଉଥିବା ବେଳେ ଏବର୍ଷ ତାହା ମିଳି ନ ଥିଲା । ନୂଆଁଖାଇ ଏକ ପ୍ରଧାନ କୃଷି ଭିତ୍ତିକ ପର୍ବ । ଏହି ପର୍ବ ପୁର୍ବଦିନ ପଡୁଥିବା ତିହାରୀ ହାଟକୁ ସମସ୍ତେ ଅପେକ୍ଷା କରିଥାନ୍ତି । ହାଟରେ ଲୁଗା ଦୋକାନୀମାନେ ବେଶ୍ ଦି ପିସାଇ ଅର୍ଜନ କରନ୍ତି । ପ୍ରାୟ ସବୁ ଦୋକାନୀ ବର୍ଷକର ଲାଭ ଏହି ତିହାରୀ ହାଟରେ ମିଳିଥାଏ ବୋଲି ଏକତ୍ରିତ ହୋଇଥାନ୍ତି ।

# ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

**କର୍ଲାମୁଣ୍ଡା,୧୮।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ପଞ୍ଚାୟତ ସମିତି ହାଇସ୍କୁଲଠାରେ ବ୍ଲକସ୍ତରୀୟ ବିଜ୍ଞାନ ସମ୍ବନ୍ଧୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ବ୍ଲକରେ ଥିବା ୧୪ଟି ହାଇସ୍କୁଲ ମଧ୍ୟରୁ ୪ଟି ବ୍ଲକଗ୍ରାଣ୍ଟ ହାଇସ୍କୁଲ ବ୍ୟତୀତ ସମସ୍ତ ହାଇସ୍କୁଲର ଛାତ୍ରୀଛାତ୍ରମାନେ ଯୋଗଦେଇ ଔଦ୍ୟୋଗିକ କ୍ରାନ୍ତିରେ ଚତୁର୍ଥ ଅବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ପ୍ରସନ୍ନ ପଧାନଙ୍କ ସଭାପତିତ୍ୱରେ ବ୍ଲକ ଶିକ୍ଷା ଅଧିକାରୀ ଆଲୁ ମାଲୁ ଭୀମ ରାଓ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ବିଭିନ୍ନ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକମାନେ ଯୋଗଦେଇଥିଲେ। ଏଥିରେ ଔଦ୍ୟୋଗିକ କ୍ରାନ୍ତିର ଚତୁର୍ଥ ଅବସ୍ଥା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ର ଗୋବିନ୍ଦ ସାହୁ ପ୍ରଥମ ସ୍ଥାନ, ବାପୁଜୀ ହାଇସ୍କୁଲ ରିଷିଡା ପ୍ରମୋଦ ପୁଟେଲ ଦ୍ୱିତୀୟ ସ୍ଥାନ, କର୍ଲାମୁଣ୍ଡା ହାଇସ୍କୁଲର ଶୁଭମ ନାଏକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିରେ ବିଚାରକ ଭାବେ ମନୋଜ କୁମାର ମଲ୍ଲିକ, ଆଶିସ କୁମାର ଭୋଇ, ପ୍ରିୟତମା ଜେନା, ପୂର୍ଣ୍ଣଚନ୍ଦ୍ର ରାଉତ, ସୁମନ୍ତ ଦୀପ, ହେମନ୍ତ ଦୀପ, ମାମିନ ସାହୁ ରହିଥିଲେ । କର୍ଲାମୁଣ୍ଡା ପଞ୍ଚାୟତ ସମିତି ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ପବିତ୍ର ମୋହନ ପଣ୍ଡା, ବାଞ୍ଜିପଦର ହାଇସ୍କୁଲ ଶିକ୍ଷକ ଜଗଦୀଶ ନାଏକ ସହଯୋଗ କରିଥିଲେ।



ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅଂଶଗ୍ରହଣକାରୀ ଛାତ୍ରୀଛାତ୍ରମାନେ।

# ଧାନ କିଆରିରେ ଜୟ ଯବାନ ଜୟ କିଶାନ ସଙ୍କେତ



ଧାନ ତଳି ଘେରାରେ ଜୟ ଯବାନ ଜୟ କିଶାନ ସଂକେତ ସୃଷ୍ଟି କରାଯାଇଛି । କକ

**ଭବାନୀପାଟଣା,୧୮।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଉଦୟମାନ ଦେଶପ୍ରେମୀ ଚାଷୀ ପ୍ରାଣରଞ୍ଜନ ବେହେରା ନିଜ ଚାଷ ଜମି ତଳି ଘେରାରେ ଜୟ ଯବାନ ଜୟ କିଶାନ ସଂକେତ ସୃଷ୍ଟି କରି ଦେଶ ପାଇଁ ଏକ ଅମୂଲ୍ୟ ସନ୍ଦେସ ପ୍ରଦାନ କରିଛନ୍ତି। ବିଗତ ବର୍ଷରେ ସେ ମଧ ଏହି ଚାଷୀ ମେରା ଭାରତ ମହାନ, ନାରୀ ଜାତି ପ୍ରତି ସମ୍ମାନ ପ୍ରଭୃତି ସଙ୍କେତ ତଳି ଘେରାରେ ସୃଷ୍ଟି କରି ସମ୍ମାନ ଜଣାଇ ଆସୁଛନ୍ତି । ଚଳିତ ବର୍ଷ ତାଙ୍କ ପ୍ରୟାଶରେ ଆକୃତି ହୋଇଥିବା ଜୟ ଯବାନ ଜୟ କିଶାନ ସଙ୍କେତ ସମ୍ମାନ ଜଣାଇବା ପାଇଁ ଜୟପାଟଣା ବ୍ଲକ ଅତିରିକ୍ତ କୃଷି ଅଧିକାରୀ ଏମ ପ୍ରକାଶ ରାଓ, ଆତ୍ମା କମିଟି ଚେୟାରମ୍ୟାନ ଅର୍ଜୁନ ପଟ୍ଟନାୟକ, ସୁପରଭାଇଜର ଲିଙ୍ଗରାଜ ବାଗ, ଅସର ଅଲି, ରାଜେନ୍ଦ୍ର ପ୍ରସାଦ ପଣ୍ଡା ଏବଂ ଅନ୍ୟ କୃଷି କର୍ମଚାରୀମାନେ ପରିଦର୍ଶନ କରିଥିଲେ । ଏହି କୃତିକୁ ଭାରତୀୟ ସେନା ଏବଂ ଭାରତୀୟ କିଶାନକୁ ସମର୍ପଣ ପାଇଁ ଉତ୍ସର୍ଗୀକୃତ ବୋଲି ଚାଷୀ ବେହେରା ପ୍ରକାଶ କରିଛନ୍ତି ।

# ବାଦ ପଡିଥିବା ୧୧ ଉଚ୍ଚ ବିଦ୍ୟାଳୟକୁ ସରକାରୀ ଅନୁଦାନ ଦାବି

**ଧର୍ମଗଡ,୧୮।୯ (ଡି.ଏନ.ଏ.)**

ସରକାରଙ୍କ ପକ୍ଷରୁ ରାଜ୍ୟରେ ୨୦୧୫ରୁ ଯୋଗ୍ୟ ବିବେଚିତ ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୩୯୯ ବିଦ୍ୟାଳୟକୁ ସରକାରୀ ଅନୁଦାନ ପ୍ରଦାନ କରାଯାଇଥିବା ବେଳେ ୧୭୭ଟି ବିଦ୍ୟାଳୟ ବାଦ ପଡିଥିଲା । ସେହି ତାଲିକାରେ କଳାହାଣ୍ଡିଜିଲା ୧୧ଟିବିଦ୍ୟାଳୟ ରହିଛି । ବାଦପଡିଥିବା ବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ ପାଇଁ ବିଭାଗୀୟ ଚିଠି ସଂଖ୍ୟା ୩୪୦୪/୨୭।୦୧।୨୦୧୮ ଅନୁଯାୟୀ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇପାରିନାହିଁ । ଆଶାୟୀ ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏହି ବିଦ୍ୟାଳୟରେ ଶିକ୍ଷକଶିକ୍ଷୟିତ୍ରୀମାନେ ବିନା ଦରମାରେ କାମ କରୁଛନ୍ତି । ଫଳରେ ନିଜର ପରିବାର ପୋଷଣରେ ବହୁ ଅସୁବିଧା ହେଉଥିବା ଶିକ୍ଷକମାନେ ପ୍ରକାଶ କରିଛନ୍ତି। ବିଶ୍ୱ ରଞ୍ଜନ ମେହେର, ସମ୍ପଦ କୁମାର ପାତ୍ର, ପଦ୍ମନାଭ ପଟେଲ, ମୁରଳୀ ଧର ପାତ୍ର, ପ୍ରମୋଦ ପଣ୍ଡା, ଅମୀୟ କୁମାର ପଣ୍ଡାଙ୍କ ସମେତ ବହୁ ଶିକ୍ଷକ ଏକ ଜରୁରୀ ବୈଠକରେ ନିଜ ଅଞ୍ଚଳର ବିଧାୟକମାନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀଙ୍କୁ ଏହି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଦାବି ଜଣାଇଛନ୍ତି ।

# କନିଷ୍ଠ ସହକାରୀ ଯନ୍ତ୍ରୀଙ୍କ ସାମୂହିକ ଛୁଟି

**ମ.ମରାପୁର,୧୮।୯ (ଡି.ଏନ.ଏ.)**

ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ପକ୍ଷରୁ ସେପ୍ଟେମ୍ବର ୧୮ରୁ ଅକ୍ଟୋବର ୩୧ ତାରିଖ ଯାଏଁ ୪୪ ଦିନିଆ ସାମୂହିକ ଛୁଟି ଡାକରା ଦିଆଯାଇଛି । ଏଥିରେ କଳାହାଣ୍ଡି ଜିଲାର ପୂର୍ତ୍ତ, ଜଳ ସମ୍ପଦ, ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଆଦି ବିଭାଗରେ କାର୍ଯ୍ୟରତ ଗ୍ରାମପଞ୍ଚାୟତ ବୈଷୟିକ ସହାୟକ, କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ଏଇଇ ପ୍ରମୁଖ ସାମିଲ ହେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ମଙ୍ଗଳବାରଠାରୁ ଉକ୍ତ ବିଭାଗୀୟ ଉନ୍ନୟନ ଓ ସାମାଜିକ ଯୋଜନା ତଦାରଖ ଓ ତତ୍ତ୍ୱାବଧାନ କାର୍ଯ୍ୟ ସମ୍ପାଦନ ବନ୍ଦ କରାଯାଇଛି । ଜିପିଟିଏ, କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀଙ୍କ ଉକ୍ତ ଲମ୍ବା ଛୁଟି ଯୋଗୁ ବ୍ଲକ ପ୍ରଶାସନ ଅଧୀନରେ ଥିବା ହିତାଧିକାରୀ ଯଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କା ଘର ଯୋଜନା, ମୋ କୁଡିଆ, ଏମ୍‌ଜିଏନ୍‌ଆରଇଜିଏସ୍, ଜମି ମରାମତି ଓ ରକ୍ଷଣା ବେକ୍ଷଣ ଯୋଜନା, ବନ୍ୟା କ୍ଷତିଗ୍ରସ୍ତ କେନାଲର ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଆଦି ସହିତ ରାସ୍ତାଘାଟ ମରାମତି ଆଦି ବହୁଳ ଭାବେ ପ୍ରଭାବିତ ହେବା ସମ୍ଭାବନା ରହିଛି । ଠିକ୍ ଦଶହରା ପୂର୍ବରୁ ଯନ୍ତ୍ରୀଙ୍କ ସାମୂହିକ ଛୁଟି ଗ୍ରାମାଞ୍ଚଳର ଗରିବ ଖଟିଖିଆ ତଥା ସରକାରୀ ଗୃହପ୍ରାପ୍ତ ହିତାଧିକାରୀଙ୍କୁ ଅସୁବିଧା ଦିଗକୁ ଠେଲି ଦେବାକୁ ଯାଉଛି । କନିଷ୍ଠ ଯନ୍ତ୍ରୀ ବଦଳରେ ସହକାରୀ ଯନ୍ତ୍ରୀ ପଦବୀ ମାନ୍ୟତା, ଡିପ୍ଲୋମା ଇଞ୍ଜିନିୟରଙ୍କୁ ପଦୋନ୍ନତିରେ ୩୩ ପ୍ରତିଶତ ପରିବର୍ତ୍ତେ ୫୦ ପ୍ରତିଶତ ସଂରକ୍ଷଣ ଧାର୍ଯ୍ୟ, ଗୋଟିଏ ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ୩ ପ୍ରକାର ପଦବୀ ନ ରଖି ଗୋଟିଏ ପଦବୀ ଧାରି ନାମ ରଖାଯିବା, ୨୦ ବର୍ଷ ପୁରଣ କରିଥିବା ଯନ୍ତ୍ରୀଙ୍କୁ ଆରଏସିଆ ପ୍ରଦାନ କରି ୫୪୦୦ ଗ୍ରେଡ ପେ ପ୍ରଦାନ କରିବା, ଖାଲିଥିବା ଏଇଇ, ଡିଇଇ ପଦବୀ ଡିପ୍ଲୋମା ଓ ଡିଗ୍ରୀଧାରୀଙ୍କୁ ସମାନ ହାରରେ ପଦୋନ୍ନତି ସଂରକ୍ଷିତ କରିବା, ବ୍ଲକରେ କାର୍ଯ୍ୟରତ ୧୭୦୫ ଜଣ ଜିପିଟିଏଙ୍କୁ ନିୟମିତ ଯନ୍ତ୍ରୀ ମାନ୍ୟତା ପ୍ରଦାନ କରିବା ଆଦି ବହୁ ଦାବି ନେଇ ଯନ୍ତ୍ରୀମାନେ ସାମୂହିକ ଛୁଟି ଭାବେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । କଳାହାଣ୍ଡି ଜିଲା ଡିପ୍ଲୋମା ଇଞ୍ଜିନିୟ ସେବା ସଂଘ ଉପଦେଷ୍ଟା ସର୍ବେଶ୍ୱର ପ୍ରଧାନ, ଜିଲା ସଭାପତି ବାସୁଦେବ ମହାରଣା, ସମ୍ପାଦକ ପ୍ରଶାନ୍ତ ସାହୁ, ସମିକ୍ଷକ ସମରେନ୍ଦ୍ର ସାମଲ, ସହ ସମ୍ପାଦକ ସତ୍ୟନାରାୟଣ ବେହେରା ଓ ସୁବାଷ ନାଏକଙ୍କ ନେତୃତ୍ୱରେ ଜିଲା ତମାମ ଏହି ଆନ୍ଦୋଳନ ଆରମ୍ଭ ହେଇଛି । ସରକାରୀ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେବା ନେଇ ପୂର୍ତ୍ତ ବିଭାଗ, ଜଳ ସମ୍ପଦ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ରାଜ୍ୟ କର୍ତ୍ତୃପକ୍ଷ ପକ୍ଷରୁ ଜିଲା ପଦାଧିକାରୀଙ୍କୁ ସୂଚୀତ କରି ଯନ୍ତ୍ରୀମାନଙ୍କୁ ଛୁଟି ପ୍ରଦାନ ନ କରିବାକୁ ଚିଠି ପ୍ରଦାନ କରିଛନ୍ତି । ଏହା ସତ୍ତ୍ୱେ ମଧ ଯନ୍ତ୍ରୀମାନଙ୍କ ଛୁଟି ନେଇ ଆନ୍ଦୋଳନ ଆରମ୍ଭ କରିଛନ୍ତି ।



କନିଷ୍ଠ ଯନ୍ତ୍ରୀମାନେ ସମୂହ ଛୁଟି ନେଇ ଆଲୋଚନା କରୁଛନ୍ତି।

# ୭ ଦଫା ଦାବି ନେଇ ରାଜରାସ୍ତାକୁ ଓହ୍ଲାଇଲେ ଶିକ୍ଷକ

- ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ
- ପଞ୍ଚାୟତସ୍ତରୀୟ ପଦଯାତ୍ରା
- ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ଆଶଙ୍କା

**କର୍ଲାମୁଣ୍ଡା,୧୮।୯ (ଡି.ଏନ.ଏ.)**

ଓଡିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ରାଜଧାନୀ ଭୁବନେଶ୍ୱର ଆନ୍ଦୋଳନ ଜାରି ରହିଥିବା ବେଳେ ଏବେ ସଂଘ ପକ୍ଷରୁ ପଞ୍ଚାୟତସ୍ତରୀୟ ପଦଯାତ୍ରା ଆରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ସୋମବାରଠାରୁ ବ୍ଲକର ରେଗେଡା, ଯୋରାଡବ୍ରା ଓ ମଙ୍ଗଳବାର ରିଷିଡା, ପୌରକେଲା ପଞ୍ଚାୟତଠାରେ ପଞ୍ଚାୟତସ୍ତରୀୟ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ମାଧମରେ ରାଜ୍ୟ ସରକାର କିଭଳି ଶିକ୍ଷକ କର୍ମଚାରୀମାନଙ୍କୁ ୨୦୧୭ରେ ବ୍ଲକଗ୍ରାଣ୍ଟ ଉଚ୍ଛେଦ କରାଯାଇଥିବା ଘୋଷଣା କରିଥିଲେ ତାହା ବାସ୍ତବରେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ନ କରିବା, ସରକାରୀ ସ୍କୁଲଗୁଡ଼ିକୁ ସମସ୍ତ ସୁବିଧା ମିଳୁଥିବା ବେଳେ ବ୍ଲକଗ୍ରାଣ୍ଟ ସ୍କୁଲ କଲେଜ ଏଥିରୁ ବଞ୍ଚିତ ରହୁଥିବା ବିଷୟଗୁଡିକୁ ଜନସାଧାରଣଙ୍କୁ ଅବଗତ କରେଇବାର ଲକ୍ଷ୍ୟ ଥିବା ସଂଘ ପକ୍ଷରୁ କୁହାଯାଇଛି। ଏଥିରେ ବ୍ଲକର ପୌରକେଲା ହାଇସ୍କୁଲ, ରିଞ୍ଜା, ଭଟାପଲା, ରେଗେଡା ହାଇସ୍କୁଲ ଓ ରିଷିଡା ଯୁକ୍ତ ତିନି କଲେଜ, କୁର୍ଶୁଲା ଯୁକ୍ତ ଦୁଇ ଓ କର୍ଲାମୁଣ୍ଡା ଯୁକ୍ତ ଦୁଇ କଲେଜର ଶିକ୍ଷକ କର୍ମଚାରୀମାନେ ଯୋଗଦେଇଥିଲେ। ଓଷ୍ଟା ରାଜ୍ୟ ପରାମର୍ଶ ଦାତା ଅରବିନ୍ଦ ସାହୁ, ଓଷ୍ଟା ବ୍ଲକ ସମ୍ପାଦକ ଲଳିତ ମୋହନ ସାହୁ, ଓଷ୍ଟା ଉପସଭାପତି ସୁବୋଧ ଶତପଥ, ଓଷ୍ଟା ଉପସଭାପତି ଶ୍ରୀବସ୍ତ୍ର ରଣା, ଫିରୋଜ ଚାନ୍ଦ ତଥା ଅନ୍ୟ କର୍ମଚାରୀମାନେ ନେତୃତ୍ୱ ନେଇଥିଲେ।

**ଜୁନାଗଡ, (ଡି.ଏନ.ଏ.)**

୭ ଦଫା ଦାବି ନେଇ ଗତ ୧୧ ଓ ୧୨ ତାରିଖ ଜୁନାଗଡ ବ୍ଲକ ସମ୍ମୁଖରେ ମିଳିତ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଥିବା ବେଳେ ମଙ୍ଗଳବାର ସେମାନେ ରାଜ ରାସ୍ତାକୁ ଓହ୍ଲାଇଛନ୍ତି। ପ୍ରଥମେ ସେମାନେ ଜୁନାଗଡ ବ୍ଲକ ବଳଦିଆମାଳ ଓ ପରେ ଛୋରିଆଗଡ, ପିଲିକିଆ, ଭେଜିପଦର ଆଦି ସ୍ଥାନରେ ରାଲି କରିବା ସହ ପ୍ରତିବାଦ ସଭାମାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ହେବା ପୂର୍ବରୁ ରାଜ୍ୟ ସରକାର ଶୀଘ୍ର ୭ ଦଫା ଦାବିକୁ ମାନି ନିଅନ୍ତୁ ବୋଲି ଆନ୍ଦୋଳନକାରୀ ଶିକ୍ଷକମାନେ କହିଛନ୍ତି। ଏହି ସମୟରେ ସେମାନଙ୍କୁ ଦାବିକୁ ସ୍ଥାନୀୟ ଲୋକ ପ୍ରତିନିଧି ଓ ବ୍ଲକ ଗ୍ରାଣ୍ଟ ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ମଧ ସମର୍ଥନ ଜଣାଇଥିଲେ। ଏହି ରାଲି ଓ ପ୍ରତିବାଦ ସଭାରେ ବୈଦ୍ୟନାଥ ବେହେରା, ସାରଙ୍ଗଧର ପ୍ରଧାନ, ଶୁଭେନ୍ଦୁ ପଣ୍ଡା, ସୁଧୀର ପଣ୍ଡା, ପ୍ରବୀର କୁମାର ନାୟକ, କାହ୍ନୁଚରଣ ପଣ୍ଡା, କିଶୋର ଚନ୍ଦ୍ର ମେହେର, ଚନ୍ଦ୍ରହାସ୍ୟ ମେହେର ପ୍ରମୁଖ ନେତୃତ୍ୱ ନେଇଥିଲେ।

**ସେରଗଡ଼, (ଡି.ଏନ.ଏ.)**

ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ପଞ୍ଚାୟତସ୍ତରୀୟ ସମାବେଶ ନର୍ଲା ବ୍ଲକ ସେରଗଡ଼, ବାଲସିଙ୍ଗା ଓ ଭାନପୁର ପଞ୍ଚାୟତରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ମଞ୍ଚ ଦୀର୍ଘଦିନ ଧରି ବିଧାନସଭା ସମ୍ମୁଖରେ ଧରଣାରେ ବସିଥିବା ବେଳେ କୌଣସି ନିଷ୍କର୍ଷ ବାହାରିପାରି ନ ଥିବାରୁ ମଞ୍ଚ ଏହି ନିଷ୍ପତ୍ତି ନେଇଥିବା ଶିକ୍ଷକମାନେ କହିଛନ୍ତି। ସେରଗଡ଼ ପଞ୍ଚାୟତ ସମାବେଶରେ ସଭାପତି ରୂପେ ସ୍ଥାନୀୟ ସରପଞ୍ଚ ପ୍ରହଲ୍ଲାଦ ସାହୁ, ମୁଖ୍ୟ ଅତିଥି ଭାବେ ମୃତ୍ୟୁଞ୍ଜୟ ବେହେରା ରାଜ୍ୟସ୍ତରୀୟ ସଭ୍ୟ ଓଷ୍ଟା, ସମ୍ମାନିତ ଅତିଥି ଶିବପ୍ରସାଦ ଶତପଥୀ ଓଷ୍ଟା ନର୍ଲା ବ୍ଲକ ସଭାପତି, ବିଜୟ କୁମାର ଭୋଇ ଇତିହାସ ଅଧ୍ୟାପକ, ସ୍କୁଲ ପରିଚାଳନା କମିଟି ତଥା ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଜଗଦିଶ ପୂଝାରୀ, ନରହରି ଭୋଇ ପ୍ରଧାନ ଶିକ୍ଷକ, ପଲମର ଭାଗବତ ବେହେରା ପ୍ରମୁଖ ଉପସ୍ଥିତ ରହି ସମାନ କାମକୁ ସମାନ ଦରମା ଏବଂ ସ୍କୁଲ, କଲେଜର ଭବିଶ୍ୟତ ଉପରେ ଆଲୋକପାତ କରିଥିଲେ । ଉକ୍ତ ସମାବେଶରେ ଅଭିଭାବକ, ବୁଦ୍ଧିଜୀବୀ ମଧ୍ୟ ସରକାରକୁ ବ୍ଲକଗ୍ରାଣ୍ଟ ଭଳି ଏକ କୁତ୍ସିତ ପ୍ରଥାକୁ ଶୀଘ୍ର ଉଚ୍ଛେଦ କରିବା ପାଇଁ ଦାବି କରିଥିଲେ । ଏପଟେ ସ୍କୁଲ, କଲେଜଗୁଡ଼ିକରେ ତାଲା ବନ୍ଦ ଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଅନ୍ଧକାରମୟ ହୋଇପଡ଼ିଛି । ଏହି ସମାବେଶରେ ବ୍ଲକର ବିଭିନ୍ନ ସ୍କୁଲ, କଲେଜର ବହୁ ଶିକ୍ଷକ ସାମିଲ ହୋଇଥିଲେ । ଦେବ ପ୍ରସାଦ ପଧାନ ମଞ୍ଚ ପରିଚାଳନା କରିଥିଲେ ।





କର୍ଲାମୁଣ୍ଡା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ବାହାରୁଛନ୍ତି (ବାମ) । ଜୁନାଗଡ଼ ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଶୋଭାଯାତ୍ରା ।



ଅଳ୍ପ ବୟସରେ ଯଦି ଜଣେ ଉଦୀୟମାନ ଯୁବକ ମରିଗଲା, ତେବେ ଜାଣିବ ଯେ ସେ ଈଶ୍ୱରଙ୍କର ଅତି ପ୍ରିୟ ଥିଲା ଓ ଈଶ୍ୱରଙ୍କ ଡାକରାରେ ଚାଲିଗଲା।

- ମେନାଣ୍ଡର



## ସଂକ୍ଷେପରେ

### ଭସାଣି ଉତ୍ସବ ଅନୁଷ୍ଠିତ

ଟିକ୍ରାପଡା,୧୮।୯(ଡି.ଏନ.ଏ):ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବାନ୍ଧୁପଲାଠାରେ ଗଣେଶ ପୂଜା କମିଟି ଆନୁକୂଲ୍ୟରେ ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଘନଶ୍ୟାମ କୁମ୍ଭାର, ଧନୟ କୁମ୍ଭାର, ବୁଲୁ କୁମ୍ଭାରଙ୍କ ନେତୃତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

### ମେଡିକାଲ କଲେଜ ହସ୍‌ପିଟାଲ ଲିଫ୍ଟ ଅଟକିଗଲା

### ଦୁଇଘଣ୍ଟା ପରେ ଲିଫ୍ଟରୁ ଉଦ୍ଧାର ହେଲେ ୩ଜଣ

ବଲାଙ୍ଗୀର ଅଫିସ, ୧୮।୯: ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲର ମାତୃ ଓ ଶିଶୁ ହସପିଟାଲ (ଏମ୍‌ସିଏଚ୍) କୋଠାର ଗୋଟିଏ ଲିଫ୍ଟ ମଙ୍ଗଳବାର ସନ୍ଧ୍ୟାରେ ଅଟକି ଯିବାରୁ ୩ଜଣ ରୋଗୀ ଓ ପରିଜନ ଦୀର୍ଘ ଦୁଇଘଣ୍ଟା କାଳ ଲିଫ୍ଟ ଭିତରେ ଫଶି ରହିଥିଲେ । ତେବେ ସେମାନଙ୍କୁ ପରେ ସୁରକ୍ଷିତ ବାହାର କରାଯାଇଥିବା ଜଣାପଡିଛି । ଏମ୍‌ସିଏଚ୍ କୋଠାର ଲିଫ୍ଟ ଭିତରେ ଜଣେ ରୋଗୀ ଓ ଦୁଇଜଣ ରୋଗୀ ପରିଜନ ଉପରକୁ ଚଢୁଥିବାବେଳେ ସନ୍ଧ୍ୟା ପ୍ରାୟ ୭ଟାରେ କୌଣସି କାରଣରୁ ହଠାତ୍ ଲିଫ୍ଟ ଅଟକି ଯାଇଥିଲା । ଲିଫ୍ଟ ଅଟକି ଯିବାରୁ ସେଠାରେ ଅସ୍ୱାଭାବିକ ପରିସ୍ଥିତି ଦେଖାଯାଇଥିଲା । ଲିଫ୍ଟ କାମ ନ କରିବାରୁ ତଳକୁ ଓହ୍ଲାଇବାକୁ ଏବଂ ଉପରକୁ ଚଢ଼ିବାକୁ ଥିବା ରୋଗୀ ଓ ରୋଗୀ ପରିଜନ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଲିଫ୍ଟ ଭିତରେ ରହିଯାଇଥିବା ରୋଗୀ ଓ ପରିଜନ ୩ଜଣ ଚିନ୍ତାରେ ପଡିଥିଲେ । ତେବେ ଦୁଇଘଣ୍ଟା ପରେ ଅଟକି ଯାଇଥିବା ହସପିଟାଲ ଲିଫ୍ଟକୁ ଗ୍ରାଉଣ୍ଡ ଫ୍ଲୋରକୁ ଅଣାଯାଇ କବାଟ ଭାଙ୍ଗି ସେମାନଙ୍କୁ ଉଦ୍ଧାର କରାଯାଇଥିଲା । ପ୍ରଥମେ ଲିଫ୍ଟରେ ଥିବା ୩ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସୁପରିଣ୍ଟେଣ୍ଡେଣ୍ଟ ଡା ନାରାୟଣ ଆଚାର୍ଯ୍ୟ ପରାମର୍ଶ ଦେଇଥିଲେ । ଲିଫ୍ଟ ଅଟକ ଯିବାରୁ ଏବଂ ଏହାକୁ ଭାଙ୍ଗି ଲୋକଙ୍କୁ ଉଦ୍ଧାର କରାଯିବା ପରେ ଏମ୍‌ସିଏଚ୍ କୋଠାରେ ଥିବା ଦୁଇ ଲିଫ୍ଟକୁ ବନ୍ଦ କରାଯିବାକୁ ପରାମର୍ଶ ଦିଆଯାଇଛି। ଉପଯୁକ୍ତ ବୈଷୟିକ ପରାମର୍ଶ ପରେ ଏଠାରେ ଲିଫ୍ଟ କାର୍ଯ୍ୟକାରୀ କରାଯିବ ବୋଲି ଡା ଆଚାର୍ଯ୍ୟ କହିଛନ୍ତି । ଏହି ଲିଫ୍ଟ ଅଟକି ଯିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ସହ ରୋଗୀ ମହଲରେ ହଇଚଇ ସୃଷ୍ଟି ହୋଇଥିଲା ।

**ଆଜି କ'ଣ କେଉଁଠି ସ୍ତମ୍ଭ**ରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ସ୍କୁଲ କର୍ତ୍ତୃପକ୍ଷଙ୍କ ଅପରିଣାମଦର୍ଶିତା

# ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ପାଣିରେ ବୁଡ଼ି ଛାତ୍ର ମୃତ

■ ମୃତଦେହ ରଖି ଲୋକଙ୍କ ରାସ୍ତାରୋକୋ
■ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି
■ ତଦନ୍ତ ରିପୋର୍ଟ ଆଧାରରେ ହେବ କାର୍ଯ୍ୟାନୁଷ୍ଠାନ

ପାଟଣାଗଡ, ୧୮।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ ଥାନା ଅନ୍ତର୍ଗତ ସିଆଲବନ୍ଧ ଗ୍ରାମରେ ମଙ୍ଗଳବାର ଗଣେଶ ମୂର୍ତ୍ତୀ ବିସର୍ଜନ କରିବାକୁ ଯାଇ ପାଣିରେ ବୁଡି ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ଜଣକ ହେଲେ ରୂପାନନ୍ଦ ସା(୧୩)। ସେ ସିଆଲବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ସେ ଅନ୍ୟ ପାଞ୍ଚ ସହପାଠୀଙ୍କ ସହ ସ୍କୁଲର ଗଣେଶ ମୂର୍ତ୍ତି ବିସର୍ଜନ କରିବାକୁ ଗାଁ ପୋଖରୀକୁ ଯାଇଥିଲେ। ସେଠାରେ ଅସାବଧାନବଶତଃ ସେ ପାଣିରେ ବୁଡି ଯାଇଥିଲେ। ସହପାଠୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ରୂପାନନ୍ଦଙ୍କୁ ଉଦ୍ଧାର କରି ପାଟଣାଗଡ ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଛାତ୍ରମାନଙ୍କ ସହ ବିସର୍ଜନ କରିବାକୁ କୌଣସି ଶିକ୍ଷକ ନ ଯିବାରୁ ଏପରି ଘଟଣା ଘଟିଥିବା ମୃତକଙ୍କ ପରିବାର ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୃତ ଛାତ୍ରଙ୍କ ପିତା ଯୋଗିନ୍ଦ୍ର ସା ସ୍କୁଲର ପ୍ରଧାନଶିକ୍ଷୟିତ୍ରୀଙ୍କୁ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ବୋଲି କହିଛନ୍ତି। ପାଟଣାଗଡ ପୋଲିସ ଏକ ଅପମୃତ୍ୟୁ



ପାଟଣାଗଡ ରାମଜୀ ଛକଠାରେ ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

ମାମଲା(ନଂ.୩୬/୧୮) ରୁଜୁ କରି ତଦନ୍ତ ଜାରି ରଖିଛି। ପାଟଣାଗହ ଉପଖଣ୍ଡ ଡାକ୍ତରଖାନାରେ ଛାତ୍ରଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରାହ୍ନରେ ମୃତଦେହ ସିଆଲବନ୍ଧରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ପାଟଣାଗଡ ରାମଜୀ ଛକଠାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ରୂପାନନ୍ଦଙ୍କ ମୃତ୍ୟୁ ପାଇଁ ଦାୟି ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଅନୁକମ୍ପାମୂଳକ ସହାୟତା ରାଶି ଯୋଗାଇ ଦେବାକୁ ଆନ୍ଦୋଳନକାରୀ ଦାବି କରିଥିଲେ। ଘଟଣାସ୍ଥଳରେ ସହକାରୀ ଜିଲାପାଳ ପଦ୍ମନାଭ ପୁରୋହିତ, ଉପଜିଲାପାଳଙ୍କ କିରାଣୀ କିଶୋର କୁମାର ନନ୍ଦ, ପାଟଣାଗଡ ଥାନା ଅଧିକାରୀ ବାରିଣୀ ଦାସ ପହଞ୍ଚି ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ମୃତକଙ୍କ ବାପାଙ୍କୁ ପ୍ରଦାନ କରିଥିଲେ। ତଦନ୍ତ ପରେ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଅପରାହ୍ନ ପ୍ରାୟ ୪ଟାରେ ବ୍ଲକ ଶିକ୍ଷାଧିକାରୀ ଷଷ୍ଠୀ ଝାଙ୍କର ଏବିଇଓ ସୁରେଶ ମିଶ୍ରଙ୍କ ସହ ସିଆଲବନ୍ଧ ସ୍କୁଲରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ହେଲେ ଏଥିରେ ସନ୍ତୁଷ୍ଟ ନ ହୋଇ ମୃତକଙ୍କ ପରିବାର ଲୋକେ ଗ୍ରାମବାସୀଙ୍କ ସହ ଉପଜିଲାପାଳ ଯଦୁମଣି ମହଲାଙ୍କୁ ସନ୍ଧ୍ୟାରେ ଫେରାଦ ହୋଇ କର୍ତ୍ତବ୍ୟରେ ଅବହେଳା କରିଥିବା ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ଛାତ୍ର ମୃତ୍ୟୁ ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଜିଲା ଶିକ୍ଷାଧିକାରୀଙ୍କୁ କହିଥିବା ଉପଜିଲାପାଳ ମହଲା ଗ୍ରାମବାସୀଙ୍କୁ ଜଣାଇଥିଲେ।

## ନୂଆଁଖାଇ ଭେଟ୍‌ଘାଟ ପ୍ରସ୍ତୁତି

ମୁରିବାହାଲ, ୧୮।୯(ଡି.ଏନ.ଏ)

ଜଙ୍ଗଲ ବିଭାଗ ଡାକ ବଙ୍ଗଳାଠାରେ ମୁରିବାହାଲ ପଞ୍ଚାୟତ ସମିତି ସ୍ତରୀୟ ନୂଆଁଖାଇ ଭେଟଘାଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ହଂସରାଜ ଜୈନଙ୍କ ଅବାହନକ୍ରମେ ଅନୁଷ୍ଠିତ ଏହି ବୈଠକରେ ସରପଞ୍ଚ ସଂଘ ସଭାପତି ଗୋପୀନାଥ ପାଣିଗ୍ରାହୀ, ଏମପି ପ୍ରତିନିଧି ନିମାଇଁ ଚରଣ ବଘାର, ବ୍ଲକ ବିଜେଡି ସଭାପତି ସିଦ୍ଧେଶ୍ୱର ଦାସ, ଅଭିମନ୍ୟୁ ମହାନନ୍ଦ, ପୂର୍ବତନ ଜିଲା ପରିଷଦ ସଭ୍ୟ ଯୁଧିଷ୍ଠିର ପୁଟେଲ, ପୂର୍ବତନ ସରପଞ୍ଚ ପ୍ରତାପ ପୋଢ଼, ପଞ୍ଚାୟତ ସିମିତି ଉପାଧ୍ୟକ୍ଷ ସୁନ୍ଦରମତି ବାଗ ଓ ୨୨ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମକୁ ସଫଳଭାବେ ସମ୍ପୂର୍ଣ୍ଣ କରିବା ଉପରେ ମତପ୍ରକାଶ ପାଇଥିଲା। ଭେଟ୍‌ଘାଟ ଅବସରରେ ଅଞ୍ଚଳରେ ପ୍ରତିଭା ସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ହଳଦୀ ସମିତି ସଭ୍ୟ ମଧୁସୂଦନ ମହାନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ବ୍ଲକ ଉପାଧ୍ୟକ୍ଷା ସୁନ୍ଦରମତି ବାଗ ।

## ନୂଆଁଖାଇ ଭେଟ୍‌ରେ ଅଞ୍ଚଳର ବିକାଶ ଚିନ୍ତା

ଦେଓଗାଁ,୧୮।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡାରେ ଭାଜପା ତରଫରୁ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦଳର ୧୨ ନଂ ଜୋନ ମଣ୍ଡଳ ସଭାପତି ବାସୁଦେବ ସିଂ ନିନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବରିଷ୍ଠ ଭାଜପା ନେତା ଡ. ବାସୁଦେବ ପତି ଯୋଗଦେଇ ଅଞ୍ଚଳର ବିକାଶରେ ଏକଜୁଟ ହୋଇ ହାତ ବଢ଼ାଇଲେ ଅଞ୍ଚଳର ସାମଗ୍ରିକ ବିକାଶ ସୁନିଶ୍ଚିତ ବୋଲି ମତ ଦେଇଥିଲେ । ସମ୍ମାନୀତ ଅତିଥିଭାବେ ଉଜ୍ଜଳ ଦଣ୍ଡସେନା, ଅବସରପ୍ରାପ୍ତ ଫର୍ମାଶିଷ୍ଟ ଚକ୍ରଧର ପଧାନ, ଶ୍ୟାମ ସୁନ୍ଦର ଦାଶ ପ୍ରମୁଖ ଯୋଗଦେଇ ନୂଆଁଖାଇ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ । ଏ ଅବସରରେ ଅଞ୍ଚଳର କଳାକାରମାନଙ୍କୁ ନେଇ ନୃତ୍ୟ , ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଧବଳେଶ୍ୱର ବାଗ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଦୟାମୟ ସାହୁ, ଯୁଧିଷ୍ଠିର ବାଗ, କଳାକାର ବେହେରା, ପିତାମ୍ବର ପଧାନତଥା କର୍ମକର୍ତ୍ତା ବୃନ୍ଦ ସହଯୋଗ କରିଥିଲେ ।



ଭାଜପା ନୂଆଁଖାଇ ଭେଟଘାଟ ରେ ମଞ୍ଚାସୀନ ଅତିଥିବୃନ୍ଦ ।

## କେନ୍ଦୁପତ୍ର ରେଞ୍ଜ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

ଲୋଇସିଂହା,୧୮।୯(ଡି.ଏନ.ଏ.)

ଲୋଇସିଂହା କେନ୍ଦୁପତ୍ର ରେଞ୍ଜ ପକ୍ଷରୁ ସାନଟିକା ଗ୍ରାମର ପ୍ରହରୀ ମଣ୍ଡପଠାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ସମେତ ଏକଶତରୁ ଉର୍ଦ୍ଧ୍ୱ ସାଧାରଣ ଜନତାଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେମାନଙ୍କୁ ଏକ ମାସ ମଧ୍ୟରେ ମାଗଣାରେ ଚଷମା ଯୋଗାଇବା ବ୍ୟବସ୍ଥା ରହିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ । ରେଞ୍ଜର କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳି କଲ୍ୟାଣ ପାଣ୍ଠି ଆନୁକୂଲ୍ୟରେ ଓ ଅନଗୋଳର ସ୍ୱେଚ୍ଛାସେବୀ ଭିଜନ ସ୍ପ୍ରିଙ୍ଗ ସହାୟତାରେ ଶିବିର ଅନୁଷ୍ଠିତ ହୋଇଥିଲା। ଲୋଇସିଂହା ରେଞ୍ଜ ଅଫିସର ବିରଞ୍ଚି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରକୁ ବଲାଙ୍ଗୀର କେନ୍ଦୁପତ୍ର ବଣଖଣ୍ଡ ଅଧିକାରୀ ପ୍ରସନ୍ନ କୁମାର ସାହୁ ଅତିଥି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଭିଜନ ସ୍ପ୍ରିଙ୍ଗରେ କାର୍ଯ୍ୟରତ ଚକ୍ଷୁ ବିଶେଷଜ୍ଞ ଡା ଦୁଃଶାସନ ମହାକୁଡ ଓ ଷ୍ଟାପ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର




ଅତିଥି, ବିଚାରକ ଓ ଶିକ୍ଷକଙ୍କ ଗହଣରେ ମନୋନୀତ ଛାତ୍ରୀ।

ଲୋଇସିଂହା,୧୮।୯(ଡି.ଏନ.ଏ)

ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ହରିହର ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରରେ ବ୍ଲକର ୧୧ଟି ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଚତୁର୍ଥ ଶିଳ୍ପାୟନ ଆବଶ୍ୟକତା ବିଷୟ ବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ । ଏଥିରେ ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଅନିଶା ତ୍ରିପାଠୀ ପ୍ରଥମ, ହରିହର ନୋଡାଲ ଉଚ୍ଚ ବିଦ୍ୟାଳୟରଛାତ୍ରୀ ମିନାକ୍ଷୀ ମଞ୍ଜରୀ ମିଶ୍ର ଦ୍ୱିତୀୟ ଏବଂ ଲୋଇସିଂହା ବାଳିକା ବିଦ୍ୟାଳୟର ଛାତ୍ରୀ ଭାରତୀ ପୁଟେଲ ତୃତୀୟ ହୋଇଥିଲେ। ଆବାହକ ତଥା ଆୟୋଜକ ସ୍କୁଲ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ନାଥଙ୍କ ଅଧ୍ୟକ୍ଷତା ଓ ଶିବ ପ୍ରସାଦ ତ୍ରିପାଠୀଙ୍କ ସଂଯୋଜନାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଏବିଓ ନିମାଇଁ ଚରଣ ମେହେର ମୁଖ୍ୟ ଅତିଥି, ବିଜ୍ଞାନ ଶିକ୍ଷକ ସରୋଜ ନାୟକ ଓ ସୁନୀଲ ବେହେରା ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ । ଆୟୋଜକ ସ୍କୁଲର ବିଜ୍ଞାନ ଶିକ୍ଷକ ନରେଶ ଦ୍ୱାରୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆଁଖାଇ ଭେଟ୍‌ଘାଟରେ ଆଞ୍ଚଳିକ ପ୍ରସଙ୍ଗ ଉଠିଲା

କଣ୍ଟାବାଞ୍ଜି,୧୮।୯(ଡି.ଏନ.ଏ.)

ଜିନ୍ଦାବାଦ ସଂଗଠନ ଓ ଶ୍ରମିକ ଅଧିକାର ମଞ୍ଚ କପସିପାଲି ପକ୍ଷରୁ ମଙ୍ଗଳବାର କଣ୍ଟାବାଞ୍ଜିଠାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତୁରେକେଲା ବ୍ଲକର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଏହି ବ୍ଲକରେ ବିଭିନ୍ନ ସରକାରୀ ଯୋଜନା ଠିକ୍‌ଭାବେ କାର୍ଯ୍ୟକାରୀ ହେଉନାହିଁ। ଏମଜିଏନଆରଜିଏ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଏହି ବ୍ଲକରୁ ଅନେକ ଦାଦନ ଶ୍ରମିକ ସାଜୁଛନ୍ତି। ଜଙ୍ଗଲ ଅଧିକାର ଆଇନ ଠିକ୍ ଭାବରେ କାର୍ଯ୍ୟକାରୀ ହେଉନାହିଁ। ଖାଦ୍ୟ ସୁରକ୍ଷା ଆଇନ ଠିକ୍ ଭାବରେ କାର୍ଯ୍ୟକାରୀ ହେଉ ନ ଥିବା ଯୋଗୁଁ ଅନେକ ଗରିବ ପରିବାର ଏଥିରୁ ବଞ୍ଚିତ ହେଉଛନ୍ତି। । ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନ ଅନୁସାରେ ଲେବର କାର୍ଡ ରେଜିଷ୍ଟ୍ରେଶନ, ରିନ୍ୟୁଆଲ ଓ ଅନ୍ୟାନ୍ୟ ସୁବିଧା ମିଳିପାରୁ ନାହିଁ । ଏହି ସବୁ ମୌଳିକ ସମସ୍ୟାର ତୁରନ୍ତ ପୂରଣ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରିତ ୧୩ଦଫା ଦାବିପତ୍ର ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି । ଏଥିପୂର୍ବରୁ ଜିନ୍ଦାବାଦ ସଂଗଠନର ସଭାପତି ଲୋଚନ ବରିହାଙ୍କ ନେତୃତ୍ୱରେ ସଂଗଠନ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ପହଞ୍ଚିଲା ପରେ ଏକ ସଭା କରାଯାଇ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ସଂଗଠନର କର୍ମକର୍ତ୍ତାଙ୍କ ସହିତ ଶ୍ରମିକ୍ ଅଧିକାର ମଞ୍ଚର ତ୍ରିଲୋଚନ ପୁଞ୍ଜି ଉପସ୍ଥିତ ଥିଲେ ।




ନୂଆଁଖାଇ ଭେଟଘାଟ ଅବସରରେ ବାହାରି ଥିବା ଶୋଭାଯାତ୍ରା।

## ବ୍ଲକଗ୍ରାଣ୍ଟ ଶିକ୍ଷକ, କର୍ମଚାରୀଙ୍କ ପଞ୍ଚାୟତସ୍ତରୀୟ ପଦଯାତ୍ରା

ବଙ୍ଗୋମୁଣ୍ଡା,୧୮।୯(ଡି.ଏନ୍.ଏ.)

ବଙ୍ଗୋମୁଣ୍ଡା ବ୍ଲକର ବ୍ଲକଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀ ମିଳିତ ମଞ୍ଚ ତରଫରୁ ପଞ୍ଚାୟତ ପଦଯାତ୍ରା ମଙ୍ଗଳବାର ଆରମ୍ଭ ହୋଇଛି । ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରୁ ବାହାରିଥିବା ପଦଯାତ୍ରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ମିନତି ରଥ ଏବଂ ବ୍ଲକଗ୍ରାଣ୍ଟ ଶିକ୍ଷକ ଶିକ୍ଷକ ସଂଘ ସଭାପତି ଅରୁଣ କୁମାର ବାରିକଙ୍କ ଆବାହକତ୍ୱରେ ବାହାରିଥିଲା। ଗାଁ ପରିକ୍ରମା ପରେ ବଙ୍ଗୋମୁଣ୍ଡା ପଞ୍ଚାୟତର ସରପଞ୍ଚ ସୁଶାନ୍ତ ଯୋଷୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

■ ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପୁନଃସ୍ଥାପନ ପ୍ରସଙ୍ଗ

## ୨୪ରେ ଓକିଲ ସଂଘ ସାଧାରଣ ପରିଷଦ ବୈଠକ

ବଲାଙ୍ଗୀର ଅଫିସ, ୧୮।୯

ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପୁନଃସ୍ଥାପନ ପ୍ରସଙ୍ଗକୁ ନେଇ ଏକ ନିର୍ଣ୍ଣାୟକ ଆନ୍ଦୋଳନ କରିବା ପାଇଁ ଜିଲା ଓକିଲ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଐତିହାସିକ ପୃଷ୍ଠଭୂମି ତଥା ଯଶବନ୍ତ କମିଶନ ରିପୋର୍ଟକୁ ଭିତ୍ତିକରି ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀବେଞ୍ଚ ସ୍ଥାପନର ଆବଶ୍ୟକତା ରହିଛି ବୋଲି ସଂଘ ପକ୍ଷରୁ କୁହାଯାଇଛି । ସ୍ୱାଧୀନତା ପୂର୍ବରୁ ଏଠାରେ ଏକ ହାଇକୋର୍ଟ କାର୍ଯ୍ୟ କରୁଥିଲା ଏବଂ ଆଜି ବି ଜିଲାଜଜ୍ ଓଡିଶା ହାଇକୋର୍ଟର ଏକ୍ସଅଫିସିଓ ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରୁଛନ୍ତି । ତେଣୁ ବଲାଙ୍ଗୀର ହିଁ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ସବୁଠୁ ଉପଯୁକ୍ତ ସ୍ଥାନ। ଏହା ଆମର ଅଧିକାର ଓ ତୁରନ୍ତ ଏହାକୁ ଫେରାଇ ଦିଅ ବୋଲି ଓକିଲ ସଂଘ ପକ୍ଷରୁ କୁହାଯାଇଛି । ଏହିକ୍ରମରେ ସୋମବାର ସନ୍ଧ୍ୟାରେ ଜିଲାର ବିଭିନ୍ନ ସାମାଜିକ ସଂଗଠନ ମାନଙ୍କୁ ନେଇ ସ୍ଥାନୀୟ କୋର୍ଟ ବାର୍ ହଲଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ସହ ଦାବି ସମ୍ପର୍କରେ ଅବଗତ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ଓ ଦରକାର ପଡିଲେ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ମଧ୍ୟ ସାକ୍ଷାତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଜିଲାର ବିଭିନ୍ନ ସଂଗଠନ, ଛାତ୍ର ସମାଜ ଓ ଯୁବ ସମାଜକୁ ସାମିଲ କରାଇ ଆଗାମୀ ଦିନରେ ଏହି ଦାବିକୁ ନେଇ ଏକ ମଶାଲ ଶୋଭାଯାତ୍ରା ଓ ସରକାରୀ କାର୍ଯ୍ୟାଳୟ ବନ୍ଦ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କୁହାଯାଇଛି। ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଓକିଲ ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବାବେଳେ ସର୍ବସମ୍ମତି କ୍ରମେ ଆସନ୍ତା ୨୪ ତାରିଖ ଅପରାହ୍ଣରେ ଓକିଲ ସଂଘର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା । ଓକିଲ ସଂଘ ସଭାପତି ଅଶୋକ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାମାଜିକ କର୍ମୀ ଲଳିତ କୁମାର ନାୟକ, ପ୍ରଭାକର ମିଶ୍ର, ନୀଳମଣି ମିଶ୍ର, ନାଗରିକ କମିଟି ସଭାପତି ଭବାନୀ ଶଙ୍କର ଶତପଥୀ, କାର୍ଯ୍ୟକାରୀ କମିଟି ସଦସ୍ୟ ଜୟରାମ ମିଶ୍ର, ରାଧାକାନ୍ତ ମହାକୁଡ, ପ୍ରବୀଣ ମିଶ୍ର, ବାସୁଦେବ ରଥ, ମହେନ୍ଦ୍ର ବାଗ, ସଂଘ ଯୁଗ୍ମ ସମ୍ପାଦକ ଜଗଦୀଶ ପ୍ରଧାନ, କୋଷାଧ୍ୟକ୍ଷ ମାନଭଞ୍ଜନ ବେରିହା, ଅଧିକାରୀ ଦନ୍ତା, ରଘୁନନ୍ଦନ ସିଂ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

■ ଜଙ୍ଗଲ ଜମି ପଟ୍ଟା ଦାବି

## ଜିଲା ମଙ୍ଗଳ ଅଧିକାରୀ ଅଫିସ ସମ୍ମୁଖରେ ଧାରଣା

ବଲାଙ୍ଗୀର ଅଫିସ, ୧୮।୯

ବଲାଙ୍ଗୀର ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀ ଅଧିକାର ମହାସଂଘ ପକ୍ଷରୁ ମଙ୍ଗଳବାର ଧାରଣା ଦିଆଯାଇଥିଲା। ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କୁ ଜଙ୍ଗଲ ଅଧିକାର ଆଇନ୍ ୨୦୦୬ ଓ ସଂଶୋଧିତ ଆଇନ୍ ୨୦୧୨ ଅନୁଯାୟୀ ତୁରନ୍ତ ଜମି ପଟ୍ଟା ପ୍ରଦାନ କରିବାକୁ ଦାବି କରାଯାଇଛି। ଏହି ଆଇନ କାର୍ଯ୍ୟକାରୀ ହେବାର ଦୀର୍ଘ ୧୨ବର୍ଷ ପରେ ମଧ୍ୟ ୮୫ ପ୍ରତିଶତ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇ ନ ଥିବା ସଂଘ ପକ୍ଷରୁ କୁହାଯାଇଛି । ସଂଘ ସଭାପତି ଦ୍ୱିଜ ଦଳପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହା ଧାରଣା କାର୍ଯ୍ୟକ୍ରମକୁ ବିଏସ୍‌ପି ତରଫରୁ ସମର୍ଥନ ଘୋଷଣା କରାଯାଇଛି । ବିଏସ୍‌ପି ଜିଲା ସଭାପତି ବିପିନ କୁଶଲିଆ ଧାରଣାରେ ବସିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ଅଧିକାର ସଂଘ ତରଫରୁ ରାତୁ କାଲସାଏ, ମାନୁ ନନ୍ଦ, ଦାଶରଥି ମଲ୍ଲିକ, ଅଇବନ ବିଶ୍ୱାଳ, ନବୀନ କୁମାର ମଲ୍ଲିକ, ସତ୍ୟନାରାୟଣ ଭୋଇ ଧାରଣାରେ ବସିଥିଲେ । ଜିଲା ପ୍ରଶାସନର ଶିଥିଳତା ଯୋଗୁ ଜିଲାରେ ୧୦ ହଜାରରୁ ଊର୍ଦ୍ଧ୍ୱ ପଟ୍ଟା ଦାବିଦାର ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କେବଳ ୨୩୯୫ ଜଣଙ୍କୁ ପଟ୍ଟା ଦିଆଯାଇଥିବା ସୂଚନା ଦେଇଥିଲେ । ଗତ ୧୨ ବର୍ଷ ମଧ୍ୟରେ ମାତ୍ର ୨୩୯୫ ଜଣଙ୍କୁ ପଟ୍ଟା ଦିଆଯାଇ ଅନ୍ୟମାନଙ୍କୁ ଦିଆଯାଇ ନ ଥିବାରୁ ପ୍ରଶାସନିକ ଶିଥିଳତାକୁ ତୀବ୍ର ସମାଲୋଚନା କରାଯାଇଛି । ଏହି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଘ ସଭାପତି ଦଳପତି ସୂଚନା ଦେଇଛନ୍ତି । ସଂଘ ପକ୍ଷରୁ ଦାବି ସମ୍ପର୍କରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜୁଏଲ ଓରାମ୍, ଓଡିଶା ବିଧାନସଭା ବିରୋଧୀଦଳ ନେତା ନରସିଂହ ମିଶ୍ରଙ୍କୁ ଅବଗତ କରାଯାଇଥିବା ସୂଚନା ଦେଇଥିଲେ ।



ଜିଲା ମଙ୍ଗଳ ଅଧିକାରୀଙ୍କ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି ।



ଅନ୍ୟକୁ ଘୃଣା କରିବା ଅର୍ଥ ମୂଷାଙ୍କୁ ଜବତ କରିବା ପାଇଁ ନିଜ ଘରକୁ ପୋଡ଼ିଦେବା ସଙ୍ଗେ ସମାନ।

-ଇମରସନ

## ସଂକ୍ଷେପରେ

### ଭାରିଯାନ ଧକ୍କାରେ ଜଣେ ମୃତ

ବଡଗାଁ, ୧୮।୯ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅନ୍ତର୍ଗତ ଟିକିଲିପଡା ଗାଁ ନିକଟ ରାଜ୍ୟ ରାଜପଥ- ୧୦ରେ ମଙ୍ଗଳବାର ରାତି ୯ଟାରେ ଜଣେ ସାଇକେଲ ଆରୋହୀଙ୍କୁ କୌଣସି ଭାରିଯାନ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ସ୍ଥାନୀୟ ଗ୍ରାମର ଟିଟୁ କେର୍କେଟା (୪୦) ବୋଲି ଗ୍ରାମବାସୀ କହିଛନ୍ତି। ଦୁର୍ଘଟଣା ପରେ ବଡଗାଁ ଦମକଳ ବାହିନୀର କର୍ମଚାରୀମାନେ ଉଦ୍ଧାର କରି ଡାକ୍ତରଖାନା ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଦିବ୍ୟାଙ୍ଗ ସ୍ତ୍ରୀଙ୍କୁ ପ୍ରତାରଣା: ସ୍ୱାମୀ, ମଧ୍ୟସ୍ଥିଙ୍କ ନାଁରେ ମାମଲା

ଖଇରା, ୧୮।୯(ଡି.ଏନ.ଏ.)-ଦିବ୍ୟାଙ୍ଗ ପତ୍ନୀଙ୍କୁ ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ ଖଇରା ପୋଲିସ କୁପାରୀ ପଞ୍ଚାୟତ ଅଧୀନ ହଦଶାସନ ଗ୍ରାମର ଅଶୋକ ପଣ୍ଡା ଓ ପାଣିଛତ୍ର ଗ୍ରାମର ମଧ୍ୟସ୍ଥି ଅଜୟ ଶତପଥିଙ୍କ ନାମରେ ଏକ ମାମଲା (ନଂ. ୨୨୯/୧୮) ରୁଜୁ କରିଛି। ଅଶୋକ ୨୦୧୧ରେ କଲିକତାରେ କାମ କରୁଥିବାବେଳେ ଭବାନୀପୁର ଅଞ୍ଚଳର ଦିବ୍ୟାଙ୍ଗ ଯୁବତୀଙ୍କୁ ଅଜୟଙ୍କ ମଧ୍ୟସ୍ଥତାରେ କବିତା ରାଣୀଙ୍କୁ ବିବାହ କରିଥିଲେ। ମାତ୍ର ସେ ୨୦ଦିନ ରହିବା ପରେ ପତ୍ନୀଙ୍କୁ ଛାଡି ପଳାଇଆସିଥିଲେ। ହେଲେ ୭ବର୍ଷ ଧରି ପତ୍ନୀଙ୍କୁ ଗ୍ରହଣ ନ କରିବାରୁ କବିତା ସ୍ୱାମୀ ଅଶୋକ ଓ ମଧ୍ୟସ୍ଥି ଅଜୟଙ୍କ ବିରୋଧରେ ଖଇରା ଥାନାରେ ଅଭିଯୋଗ କରିଛନ୍ତି।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

ରୂପ୍‌ସା, ୧୮।୯(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଡୁରିପଦା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି।




ଆମେରିକାର ସିଆଟେଲଠାରେ ବସବାସ କରୁଥିବା ଓଡ଼ିଆ ପରିବାର ନୂଆଁଖାଇ ପର୍ବ ପାଳନ ଲାଗି ଏକତ୍ରିତ ହୋଇଛନ୍ତି।

# ଆମେରିକାରେ ପାଳିତ ହେଲା ନୂଆଁଖାଇ

ସୁନ୍ଦରଗଡ଼, ୧୮।୯ (ଡି.ଏନ୍.ଏ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ସୁଦୂର ଆମେରିକାର ସିଆଟେଲଠାରେ ରହୁଥିବା ଓଡ଼ିଆମାନଙ୍କ ଦ୍ୱାରା ଧୁମଧାମ୍‌ରେ ପାଳିତ ହୋଇଯାଇଛି। ସେଦିନ ସିଆଟେଲଠାରେ ବସବାସ କରୁଥିବା ୬୦ରୁ ଊର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ପରିବାର ଏକାଠି ହୋଇଥିଲେ। ସର୍ବପ୍ରଥମେ ମା' ସମଲେଇଙ୍କୁ ସ୍ମରଣ କରି ନବାନ୍ନ ଭକ୍ଷଣ କରିଥିଲେ। ପରେ ପରସ୍ପରକୁ ନୂଆଁଖାଇ ଜୁହାରଭେଟ୍ ଆଦାନ ପ୍ରଦାନ ଜରିଆରେ ସବୁ ପରିବାର ପରସ୍ପର ମଧ୍ୟରେ ପରିଚିତ ହୋଇଥିଲେ। ସିଆଟେଲଠାରେ ଥିବା ବିଭିନ୍ନ ଆଇଟି କମ୍ପାନୀରେ କାର୍ଯ୍ୟରତ ଏହି ଓଡିଆ ପରିବାର ପ୍ରାୟ ୧୫ବର୍ଷ ହେବ ସେଠାରେ ବସବାସ କରି ଆସୁଛନ୍ତି। ନିଜର ଦୈନନ୍ଦିନ ବ୍ୟସ୍ତତା ମଧ୍ୟରେ ନୂଆଖାଇ ପରି ଏକ ସାମାଜିକ ପାରମ୍ପାରିକ ଗଣପର୍ବରେ ଭାଗ ନେଇ ସମସ୍ତେ ସମସ୍ତଙ୍କ ସହିତ ସମୟ ଅତିବାହିତ କରିବାର ସୁଯୋଗ ପାଇଥିବାରୁ ଆନନ୍ଦରେ ଉଲ୍ଲସିତ ହୋଇଉଠିଥିଲେ। ନିଜ ଭିଟାମାଟିଠାରୁ ଅନେକ ଦୂରରେ ଥାଇ ନିଜ ପରିବାରଜନଙ୍କ ସହ ନୂଆଁଖାଇ ପାଳନ କରିବାର ଅବଶୋଷ ଯଦିଓ ସମସ୍ତଙ୍କ ମନରେ ଥିଲା, ଏପରି ସମାଗମର ଆୟୋଜନ ଏହି ଅବଶୋଷ ମେଣ୍ଟାଇବାରେ ନିଶ୍ଚିତ ଭାବେ ସହାୟକ ହୋଇଥିଲା। ପଶ୍ଚିମ ଓଡ଼ିଶାର ଏହି ଗଣପର୍ବ ନୂଆଁଖାଇକୁ ସେଠାରେ ବସବାସ କରୁଥିବା ଓଡ଼ିଶାର ବିଭିନ୍ନ ପ୍ରାନ୍ତର ଓଡିଆ ପରିବାର ଗତ ୬ବର୍ଷ ହେବ ଏକାଠି ହୋଇ ପାଳନ କରିଆସୁଛନ୍ତି। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସମସ୍ତେ ସମ୍ବଲପୁରୀ, ଓଡ଼ିଆ ଗୀତର ତାଳେ ତାଳେ ନାଚି ନୂଆଖାଇର ପରିବେଶକୁ ଆହୁରି ରଙ୍ଗୀନ କରିଥିଲେ। ମହିଳାମାନେ ପାରମ୍ପରିକ ସମ୍ବଲପୁରୀ ଶାଢୀ ଓ ପୋଷାକ, ଆଉ ପୁରୁଷମାନେ ସମ୍ବଲପୁରୀ ସାର୍ଟ, କୁର୍ତ୍ତା ପରିଧାନ କରି ନିଜ ପରମ୍ପରା ଓ ସଂସ୍କୃତିର ପ୍ରଦର୍ଶନ କରି ନିଜକୁ ଗୌରବାନ୍ୱିତ କରିଥିଲେ। ବିପ୍ଳବ ମେହେରଙ୍କ ସମ୍ବଲପୁରୀ ନୃତ୍ୟ ସାଙ୍ଗକୁ କୁନିକୁନି ପିଲାଙ୍କର ନୃତ୍ୟ ପରିବେଷଣ ସମସ୍ତଙ୍କୁ ମତୁଆଲା କରିଥିଲା। ନଭି ଦାଶ, ଆହାନା ବେହେରା, ସାନଭି ପାତ୍ର, ଦିଆ କୋରଡା, ଇଭାନା ମହାପାତ୍ରଙ୍କ ଡାଲଖାଇ ନୃତ୍ୟଗୀତର ତାଳେତାଳେ ଦର୍ଶକ ମଧ୍ୟ ଝୁମି ଉଠିଥିଲେ। ଓଡ଼ିଶାରୁ ସ୍ୱନାମଧନ୍ୟ ବିଶିଷ୍ଟ ଲେଖକ ପଦ୍ମଶ୍ରୀ ମନୋଜ ଦାସ, ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ରାଜ୍ୟସଭା ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ଏବଂ ପୂର୍ବତନମନ୍ତ୍ରୀ ମଙ୍ଗଳା କିଷାନ ପ୍ରମୁଖ ନିଜେ ଇମେଲ ଜରିଆରେ ସୁଦୂର ଆମେରିକାରେ ଏଭଳି ପାରମ୍ପରିକ ଗଣପର୍ବର ଆୟୋଜନ କରି ପଶ୍ଚିମ ଓଡ଼ିଶାର ମହାନ ସାଂସ୍କୃତିକ ପରମ୍ପରାର ପ୍ରସାର ପ୍ରଚାର କରୁଥିବାରୁ କାର୍ଯ୍ୟକର୍ତ୍ତାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଆଲୋକ ମହାପାତ୍ର, ବିକାଶ ବେହେରା, ଲକ୍ଷ୍ମୀ କୋରଡା, ସୁଜିତ୍ ପାତ୍ର, ସନ୍ତୋଷ ଦାଶ, ସୁଧାଂଶୁ ବେହେରା, ବିଶ୍ୱରଞ୍ଜନ ବେହେରା, ସୁମିତ୍ରା ପଟେଲ, ସ୍ୱରାଜ ପଟେଲ, ତନ୍ମୟ ପଟେଲ, ବବି ପଟେଲ, ଅଞ୍ଜନ ଦାସ, ବିପ୍ଳବ ମେହେର, ପ୍ରବୀର ପଣ୍ଡା, ବିଶ୍ୱଜିତ ଠାକୁରଙ୍କ ପରିବାର ସମସ୍ତ ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତ କରି କାର୍ଯ୍ୟକ୍ରମକୁ ସଫଳ କରିବାର ଗୁରୁ ଦାୟିତ୍ୱ ବହନ କରିଥିଲେ। ନୂଆଖାଇ ପାଳନର ମହକରେ ଆମେରିକାର କିରକଲାଣ୍ଡଏଭରେଷ୍ଟ ପାର୍କସେଇଦିନ ସତେ ଯେମିତି ଏକ ଛୋଟ ଓଡ଼ିଶା ପାଲଟି ଯାଇଥିଲା।

■ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଉତ୍ତେଜନା ଘଟଣା

# ଗ୍ରାମବାସୀଙ୍କ ଅଭିଯୋଗ ପରେ ୫ ଗିରଫ

କୁତ୍ରା, ୧୮।୯ (ଡି.ଏନ.ଏ)

- ବିଳମ୍ବିତ ରାତ୍ରିରେ ପୋଲିସ ଦ୍ୱାରା ମୂର୍ତ୍ତି ବିସର୍ଜନ
- ରାତି ତମାମ ଉତ୍ତେଜନା ଜାରି
- ଶାନ୍ତିରକ୍ଷା ପାଇଁ ୪ପ୍ଲାଟୁନ୍ ପୋଲିସ ମୁତୟନ

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅଧିନ ଖତକୁରବାହାଲ ଗ୍ରାମର ମାଲିପଡାଠାରେ ସୋମବାର ସନ୍ଧ୍ୟାରେ ଗଣେଶ ମୂର୍ତ୍ତି ବିସର୍ଜନ ସମୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ବିଳମ୍ବିତ ରାତି ପର୍ଯ୍ୟନ୍ତ ଲାଗି ରହିଥିଲା। ଗ୍ରାମବାସୀଙ୍କ ଅଭିଯୋଗ ପରେ ପୋଲିସ ଏହି ଘଟଣାରେ ମଙ୍ଗଳବାର ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖତକୁରବାହାଲ ଗ୍ରାମର ଏମ୍‌ଡି ସଲମାନ, ଏମ୍‌ଡି ଫଜୁଲ ହସନ୍, ଏମ୍‌ଡି ତନିଫ ରାଜା, ଏମ୍‌ଡି କୁନନ୍ ରାଜା, ଏମ୍‌ଡି ଅଲି ରାଜା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଖତକୁରବାହାଲ ଗ୍ରାମରେ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ପ୍ରକାଶ ଯେ, ଗଣେଶ ମୂର୍ତ୍ତି ବିସର୍ଜନ ସମୟରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକଙ୍କ ଦ୍ୱାରା ମୂର୍ତ୍ତି ଉପରକୁ ପଥରମାଡ କରାଯାଇଥିଲା। ମୂର୍ତ୍ତି ଭାଙ୍ଗିବାକୁ ପ୍ରୟାସ ସହ ବିସର୍ଜନ ଶୋଭାଯାତ୍ରାରେ ଯାଉଥିବା ଲୋକଙ୍କ ଉପରକୁ ଆକ୍ରମଣ କରାଯାଇଥିଲା। ପରେ ଶୋଭାଯାତ୍ରାକାରୀ ଗଣେଶ ମୂର୍ତ୍ତି ବିସର୍ଜନ ନ କରି କୁସମଟୋଲିଠାରେ ରାସ୍ତା ଜାମ କରିଥିଲେ। ପରେ ପୋଲିସ ଏସ୍‌ପି ସୌମ୍ୟା ମିଶ୍ର ଓ ଏସ୍‌ଡିପିଓ ବିଜୟ କୁମାର ନନ୍ଦ ଲୋକଙ୍କୁ ବୁଝାସୁଝା କରିଥିଲେ। ମାତ୍ର ଲୋକେ ମୂର୍ତ୍ତି ବିସର୍ଜନ ପାଇଁ ରାଜି ନ ହେବାରୁ ବିଳମ୍ବିତ ରାତ୍ରିରେ ଲୋକଙ୍କ ଅନିଚ୍ଛା ସତ୍ତ୍ୱେ ପୋଲିସ ଦ୍ୱାରା ମୂର୍ତ୍ତି ବିସର୍ଜନ କରାଯାଇଥିଲା। ଏହି ଘଟଣାକୁ ନେଇ ରାତି ତମାମ ଉତ୍ତେଜନା ରହିଥିବାରୁ ସେଠାରେ ୪ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ମଙ୍ଗଳବାର ସକାଳେ ଉତ୍ତ୍ୟକ୍ତ ଜନତା ଟାୟାର ଜାଳି ରାସ୍ତା ଜାମ କରିବାକୁ ପ୍ରୟାସ କରିଥିଲେ। ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ପାଇଲା ପରେ ଗ୍ରାମବାସୀ କୁତ୍ରା ଥାନାକୁ ଆସି ଏକ ଲିଖିତ ଅଭିଯୋଗ ସହ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଥିଲେ। ପୋଲିସ ଏକ ମାମଲା (ନଂ.୮୧/୧୮) ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।



କୁତ୍ରା ଥାନା ପୋଲିସ ଗିରଫ କରିଥିବା ୫ ଅଭିଯୁକ୍ତ।

# ହାତୀପଲ ୨ଘର ଭାଙ୍ଗିଲେ: ଚାଷ ନଷ୍ଟ କଲେ

ବଡ଼ଗାଁ, ୧୮।୯ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳରେ ଝାଡଖଣ୍ଡ ରାଜ୍ୟ ଜଙ୍ଗଲରୁ ପଶି ଆସିଥିବା ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ସୋମବାର ରାତି ୧ଟାରେ ୧୨ଟି ହାତୀ ଥିବା ପଲ ପାମରା ପଞ୍ଚାୟତ ଅନ୍ତର୍ଗତ ଆମ୍ବିଲଟୁଆଁ ଗ୍ରାମର ଅମରସାନ କାଣ୍ଡୁଲାନା ଓ ମନବୋଧ ଗରଡିଆଙ୍କ ଘର ଭାଙ୍ଗି ଧାନଚାଉଳ ଖାଇଯାଇଛନ୍ତି। ଏହା ସହ ନିକଟବର୍ତ୍ତୀ ବିଲରେ ପଶି ବ୍ୟାପକ ଚାଷ ନଷ୍ଟ କରିଦେଇଛନ୍ତି। ରାତି ୧୦ଟାରୁ ୪ଟା ମଧ୍ୟରେ ଆମ୍ବିଲଟୁଆଁ ଓ ଉଦାରମା ଗ୍ରାମରେ ଚାଷ ନଷ୍ଟ କରିଛନ୍ତି। ହାତୀପଲ ଅଞ୍ଚଳ ଛାଡି ଯାଉ ନ ଥିବାରୁ ଧାନ ଫୁଟିଲା ପରେ ଫସଲ ନଷ୍ଟ ଆଶଙ୍କାରେ ଚାଷୀ ଚିନ୍ତିତ ଅଛନ୍ତି। ହାତୀପଲରେ ଶାବକ ଥିବାରୁ ହାତୀପଲ ସୁରକ୍ଷା ଦୃଷ୍ଟିରୁ ଆକ୍ରମଣାତ୍ମକ ହେଉଛନ୍ତି। ଫଳରେ ହାତୀପଲଙ୍କୁ ଘଉଡାଇବା ଅତ୍ୟନ୍ତ କଷ୍ଟକର ହୋଇପଡିଛି।





ହାତୀପଲ ଭାଙ୍ଗିଥିବା ଘର ଓ ନଷ୍ଟ କରିଥିବା ଫସଲ।

# ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିରେ ଓକିଲଙ୍କ ଆନ୍ଦୋଳନ

ସୁନ୍ଦରଗଡ଼, ୧୮।୯ (ଡି.ଏନ୍.ଏ)

ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିନେଇ ମଙ୍ଗଳବାର ସୁନ୍ଦରଗଡ ଜିଲା ଓକିଲ ସଂଘ ଆନ୍ଦୋଳନ କରିଥିଲା। ଏଥିଯୋଗୁ କୋର୍ଟ କଚେରୀ କାର୍ଯ୍ୟ ସମେତ ରାଜସ୍ୱ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇପଡିଥିଲା। ଜିଲା ଓକିଲ ସଂଘର ସଭାପତି ବିନୟ ଟପ୍ପୋଙ୍କ ନେତୃତ୍ୱରେ ଓକିଲମାନେ କୋର୍ଟ ଫାଟକରେ ତାଲା ପକାଇ ସମ୍ମୁଖରେ ପିକେଟିଂ କରି ଜଜ୍‌ମାନଙ୍କୁ କୋର୍ଟ ଭିତରକୁ ଛାଡି ନ ଥିଲେ। ଫଳରେ ଜଜ୍‌ମାନେ ଫେରିଯାଇଥିଲେ। ଏହା ପରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ରାଜସ୍ୱ ମାମଲା ଗୁଡିକ ପରିଚାଳନା ପାଇଁ ଜିଲାପାଳଙ୍କୁ ଅନୁରୋଧ କରି ପିକେଟିଂ କରିଥିଲେ। ସେହିପରି କ୍ଲେମ କମିଶନଙ୍କ କାର୍ଯ୍ୟାଳୟ ଓ ତହସିଲ ଅଫିସ୍‌ରେ ମଧ୍ୟ ସେମାନେ ପିକେଟିଂ କରିବାରୁ ରାଜସ୍ୱ ମାମଲାଗୁଡିକର ଫଏସଲା ହୋଇପାରି ନ ଥିଲା। ଏହା ପରେ ଓକିଲମାନେ ଜିଲା ଦୌରାଜଜ୍‌ଙ୍କ କୋର୍ଟ ସମ୍ମୁଖରେ ଧାରଣାରେ ବସିଥିଲେ। ଏହି ଆନ୍ଦୋଳନରେ ଜିଲା ଓକିଲ ସଂଘର ସମ୍ପାଦକ ସ୍ୱରାଜ ପଟେଲ, ସୁରେନ୍ଦ୍ର ନାଏକ, ନରେଶ ନାଏକ, ବରିଷ୍ଠ ଆଇନଜୀବୀ ନିମାଁଇ ନାଏକ, ତାରାକାନ୍ତ ରକ୍ସା, ପ୍ରସନ୍ନ ବେହେରା, ଯୁଗଳ ଠାକୁର, ପ୍ରେମକୁମାର, ପରମେଶ୍ୱର ନାଏକ, ସୁପ୍ରଭା ପଟେଲ, ପ୍ରଭାତି ଯୋଶୀ, ସୁନୀତା ପଟେଲ, ଅନୁସୂୟା ନାଏକ, ବୁଦ୍ଧଦେବ ନାଏକଙ୍କ ସମେତ ଓକିଲସଂଘର ସଭ୍ୟମାନେ ସାମିଲ ଥିଲେ। ଓକିଲଙ୍କ ଏହି ଆନ୍ଦୋଳନ ୨୬ ତାରିଖ ଯାଏ ଚାଲିବା ସହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଷ୍ଟାଣ୍ଡିଂ ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ମାସର ଶେଷ ୩ଦିନ କାର୍ଯ୍ୟ ଦିବସରେ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଜିଲା ଓକିଲ ସଂଘର ସଭାପତି ବିନୟ ଟପ୍ପୋ ପ୍ରକାଶ କରିଛନ୍ତି।


## ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨ ପର୍ଶ୍ୱମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍ : ୦୬୭୪-୨୫୪୧୪୦୬/୨୫୪୦୦୩୨/୨୫୪୬୧୬୮

## ବନ୍ଧକ ସୁନା ଅଳଙ୍କାର ନିଲାମ ନୋଟିସ୍

ନିମ୍ନଲିଖିତ ଋଣଗ୍ରହୀତାମାନେ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ର ନିମ୍ନଲିଖିତ ଶାଖା ଗୁଡ଼ିକରୁ ସୁନା ଅଳଙ୍କାର ବନ୍ଧକ ରଖି ନେଇଥିବା ଋଣ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ପଇଠ କରିବାରେ ବିଫଳ ହୋଇଛନ୍ତି ଏବଂ ସେମାନଙ୍କୁ ରେଜିଷ୍ଟ୍ରି ଡ଼ାକ ଯୋଗେ ପଠାଇଥିବା ନୋଟିସ୍‌କୁ ମଧ୍ୟ ଗ୍ରହଣ କରିବା ପାଇଁ ମନା କରିଛନ୍ତି କିମ୍ବା ଦିଆଯାଇପାରି ନଥିବା କାରଣରୁ ଫେରସ୍ତ ଆସିଅଛି । ଏହି ନୋଟିସ୍ ମାଧ୍ୟମରେ ସେମାନଙ୍କୁ ଜଣାଇଦିଆଯାଉଅଛି ଯେ ଆଗାମୀ **ତା୨୫.୦୯.୨୦୧୮ରିଖ** ସୁଦ୍ଧା ସେମାନଙ୍କର ବକେୟା ଋଣ ସହିତ ସୁଧ ଓ ଆନୁସଙ୍ଗିକ ସମସ୍ତ ଖର୍ଚ୍ଚ ପରିଶୋଧ କରିବାରେ ବିଫଳ ହେଲେ ଆସନ୍ତା **ତା ୨୬.୦୯.୨୦୧୮ ରିଖ ପୂର୍ବାହ୍ନ ୧୧.୦୦ ଘଟିକା** କିମ୍ବା ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ କୌଣସି ସମୟରେ କୌଣସି ନୋଟିସ୍ ଦିଆନଯାଇ ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାର ଗୁଡ଼ିକ ବ୍ୟାଙ୍କର ନିମ୍ନଲିଖିତ ସଂପୃକ୍ତ ଶାଖା ପରିସରରେ ସର୍ବସାଧାରଣରେ ଖୋଲା ନିଲାମ କରାଯିବ । ଯଦି ବନ୍ଧକ ସୁନା ନିଲାମପରେ ଋଣଗ୍ରହୀତାଙ୍କର ସମସ୍ତ ଋଣ ପରିଶୋଧ ନହୁଏ ତେବେ ବ୍ୟାଙ୍କ ଆଇନ ଅନୁଯାୟୀ ଅଦାଲତର ଆଶ୍ରୟ ନେଇ ବଳକା ଋଣ ଆଦାୟ କରିପାରିବେ । ଏହି ସମ୍ବନ୍ଧୀୟ ଅନ୍ୟାନ୍ୟ ଖର୍ଚ୍ଚ ଏବଂ ତତ୍‌ପରବର୍ତ୍ତି ସୁଧ ପାଇଁ ଋଣଗ୍ରହୀତା ଦାୟୀ ରହିବେ ଏବଂ ତାଙ୍କର ଉତ୍ତରାଧୀକାରୀମାନଙ୍କର କୌଣସି ଅସୁବିଧା, ଆପତ୍ତି, ଅଭିଯୋଗ ବା କ୍ଷତି ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ ।

| କ୍ର.ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ସ୍ୱର୍ଣ୍ଣ ଋଣ ଆକାଉଣ୍ଟ ନଂ. | ମୋଟ ଓଜନ (ଗ୍ରାମରେ) |
|---|---|---|---|
| | **ପାତ୍ରପଡ଼ା ଶାଖା, ଫୋନ୍ ନଂ.: ୦୬୭୪ - ୨୪୭୫୦୩୩** | | |
| ୦୧. | **ଚରଣ ଚମ୍ପତି**, ପିତା-ଅଗାଧୁ ଚମ୍ପତି, ସା-ଭଗବାନପୁର, ପୋ-ପାତ୍ରପଡ଼ା, ଭୁବନେଶ୍ୱର- ୭୫୧୦୧୯ । | ୨୩୨୮୦୩୧୨୧୫୦୦୦୦୬ | ୧୨.୪୮ |
| ୦୨. | **ଚରଣ ଚମ୍ପତି**, ପିତା-ଅଗାଧୁ ଚମ୍ପତି, ସା-ଭଗବାନପୁର, ପୋ-ପାତ୍ରପଡ଼ା, ଭୁବନେଶ୍ୱର- ୭୫୧୦୧୯ । | ୨୩୨୮୦୩୧୨୧୫୦୦୦୦୫ | ୨୨.୫୦ |
| | **ଧୁରୁକୁଡ଼ିଆ ଶାଖା, ଫୋନ୍ ନଂ.: ୭୮୯୮୬୧୩୧୩୯** | | |
| ୦୩. | **ହାଡ଼ିବନ୍ଧୁ ପାତ୍ରି**, ସା-ଦଶପୁର, ପୋ-ମେଘା, ଆଠଗଡ଼, କଟକ । | ୧୧୨୪୩୨୦୨୮୦୦୦୨୨୫ | ୨୭.୨୦ |
| ୦୪. | **ତ୍ରିନାଥ ସାମଲ**, ସା/ପୋ-ମେଘା, ଆଠଗଡ଼, କଟକ । | ୧୧୨୪୦୩୭୪୧୩୦୦୦୩୧ | ୨୪.୦୦ |
| ୦୫. | **କୁଳମଣୀ ତ୍ରିପାଠୀ**, ସା-ଧୁରୁକୁଡ଼ିଆ, ପୋ-ମେଘା, ଆଠଗଡ଼, କଟକ | ୧୧୨୪୩୨୦୨୮୦୦୦୦୫୨ | ୧୫.୬୦ |
| | **କନ୍ତୋଳ ଶାଖା, ଫୋନ୍ ନଂ.: ୦୬୭୨୩ - ୨୨୦୨୬୮** | | |
| ୦୬. | **ଅର୍ଜ୍ଜୁନୀ ସାହୁ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ । | ୧୦୯୫୦୩୧୨୦୩୦୯୦୬୩ | ୪୩.୯୦ |
| ୦୭. | **ସୁଦର୍ଶନ ସାହୁ**, ସା-ଧନୁର୍ଜୟପୁର, ପୋ-ବେଣ୍ଟପଡ଼ା, ଆଠଗଡ଼-୭୫୪୦୨୯ | ୧୦୯୫୦୩୧୨୧୪୦୦୦୨୪ | ୧୫.୭୦ |
| ୦୮. | **ଶରତ ଚନ୍ଦ୍ର ସାହୁ**, ସା-ଗଜଥା, ପୋ-ତାରାଡ଼ିଙ୍ଗ୍, କଟକ । | ୧୦୯୫୦୩୧୨୧୪୦୦୦୦୪ | ୨୧.୩୦ |
| ୦୯. | **ମାନସ କୁମାର ପରିଡ଼ା**, ସା-ହରିଡ଼ାପୋଷି, ପୋ-ତିଗିରିଆ, କଟକ-୭୫୪୦୩୦ । | ୧୦୯୫୦୩୧୨୧୫୦୦୦୦୭ | ୧୨.୭୦ |
| ୧୦. | **ଦେବାଶିଷ ଭୋଇ**, ସା-ତାରାସିଂ, ପୋ-ଦୋରଦା, ଆଠଗଡ଼, କଟକ | ୧୦୯୫୦୩୧୨୧୫୦୦୦୪୦ | ୧୧.୪୦ |
| ୧୧. | **ଅଶୋକ କୁମାର ପ୍ରଧାନ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୧୦୦୧୬୬ | ୩୬.୬୦ |
| ୧୨. | **ଅଶୋକ କୁମାର ପ୍ରଧାନ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୧୦୦୩୨୯ | ୨୦.୧୦ |
| ୧୩. | **ଅଶୋକ କୁମାର ପ୍ରଧାନ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୨୦୦୦୦୧ | ୧୧.୨୦ |
| ୧୪. | **ଅଶୋକ କୁମାର ପ୍ରଧାନ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୨୦୦୦୦୨ | ୩୧.୨୦ |
| ୧୫. | **ପ୍ରଶନ୍ନ ମହାପାତ୍ର**, ସା/ପୋ-ଆଠଗଡ଼, କଟକ- ୭୫୪୦୨୯ । | ୧୦୯୫୦୩୭୪୧୨୦୦୨୪୫ | ୧୨ |
| ୧୬. | **ଦେବରାଜ ସ୍ୱାଇଁ**, ସା-ମୌରଥା, ପୋ-କୋରନ୍ଦା, କଟକ-୭୫୪୦୨୯ | ୧୦୯୫୦୩୭୪୧୨୦୦୨୮୭ | ୧୫.୯ |
| ୧୭. | **ଲଳିତ ରାୟ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ । | ୧୦୯୫୦୩୭୪୧୩୦୦୦୩୭ | ୧୬.୪୦ |
| ୧୮. | **ସଚିଦାନନ୍ଦ ବେହେରା**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୩୦୦୦୨୯ | ୩୪.୫୦ |
| ୧୯. | **ଏସ୍‌କେ ଅନିସୁଦିନ୍**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୩୦୦୦୧୪ | ୧୨.୨୦ |
| ୨୦. | **କୈଳାସ ଚନ୍ଦ୍ର ଦାଶ**, ସା-ଚମ୍ପାପୁର, ପୋ-ମହାକାଳବସ୍ତ, କଟକ-୭୫୪୦୨୯ | ୧୦୯୫୩୨୦୨୮୦୦୦୩୭୮ | ୮.୧୦ |
| | **ଦଶରଥପୁର ଶାଖା, ଫୋନ୍ ନଂ.: ୦୬୭୨୮ - ୨୫୪୯୯୯** | | |
| ୨୧. | **ଅମର କୁମାର ସାହୁ**, ପିତା-ସୁରଥ ଚନ୍ଦ୍ର ସାହୁ, ସା-ତୁଳତିଆସାହି, ପୋ-ଦଶରଥପୁର, ଜିଲ୍ଲା-ଯାଜପୁର । | ୨୬୩୦୦୩୧୨୧୨୦୦୦୦୨ | ୩୫.୧୬୦ |
| ୨୨. | **ବଳରାମ ସାହୁ**, ପିତା-ସନ୍ୟାସୀ ସାହୁ, ସା-ପାଟଣା, ପୋ-ଦଶରଥପୁର, ଜିଲ୍ଲା-ଯାଜପୁର। | ୨୬୩୦୦୩୧୨୧୨୦୦୦୩୨ | ୦୬.୧୬୦ |
| ୨୩. | **ସୁଜାତା ମଲ୍ଲିକ**, ସ୍ୱା-ନିକୁଞ୍ଜ ମଲ୍ଲିକ, ସା-ଓଡ଼େଇ, ପୋ-ଦଶରଥପୁର, ଜିଲ୍ଲା-ଯାଜପୁର। | ୨୬୩୦୦୩୧୨୧୩୦୦୦୩୫ | ୧୨.୪୫୦ |
| ୨୪. | **ଉମାକାନ୍ତ ନାୟକ**, ପିତା-ହାଡ଼ିବନ୍ଧୁନାୟକ, ସା/ପୋ-ନନ୍ଦିପୁର, ଜିଲ୍ଲା-ଯାଜପୁର | ୨୬୩୦୦୩୧୨୧୩୦୦୦୧୩ | ୧୪.୬୪୦ |
| ୨୫. | **ଆନନ୍ଦ ସାହୁ**, ପିତା-ମଧୁସୂଦନ ସାହୁ, ସା/ପୋ-ଦଶରଥପୁର, ଜିଲ୍ଲା-ଯାଜପୁର | ୨୬୩୦୦୩୧୩୧୨୦୦୦୦୪ | ୩୩.୨୪୦ |
| ୨୬. | **ବଳରାମ ସାହୁ**, ପିତା-ସନ୍ୟାସୀ ସାହୁ, ସା-ପାଟଣା, ପୋ-ଦଶରଥପୁର, ଜିଲ୍ଲା-ଯାଜପୁର। | ୨୬୩୦୦୩୧୩୧୨୦୦୦୧୪ | ୨୯.୨୦୦ |
| ୨୭. | **ଭରତ ଚନ୍ଦ୍ର ସାମଲ**, ପିତା-ଯୁଧିଷ୍ଠୀର ସାମଲ, ସା-ହରିପୁର, ପୋ-ରାମବାଗ୍, ଜିଲ୍ଲା-ଯାଜପୁର। | ୨୬୩୦୦୩୧୩୧୨୦୦୦୨୦ | ୦୭.୭୯୦ |
| ୨୮. | **ସୂର୍ଯ୍ୟମଣି ବେହେରା**, ପିତା-ପୁରୁଷୋତ୍ତମ ବେହେରା, ସା/ପୋ-ମେରଦା କଟିଆ ଛକ, ଜିଲ୍ଲା-ଯାଜପୁର। | ୨୬୩୦୦୩୧୩୧୪୦୦୦୦୯ | ୧୭.୯୦୦ |
| | **ବ୍ରହ୍ମଗିରି ଶାଖା, ଫୋନ୍ ନଂ.: ୦୬୭୫୨ - ୨୩୫୫୪୩** | | |
| ୨୯ | **କବି ପଲାଇ**, ସାନବନ୍ଧକେରା, ବ୍ରହ୍ମଗିରି । | ୧୧୩୫୩୨୦୨୮୦୦୦୪୫୧ | ୨୪.୯ |
| ୩୦ | **ପ୍ରଫୁଲ ସାହାଣୀ**, ସୁଆଁସବଙ୍ଗଳା, ବ୍ରହ୍ମଗିରି । | ୧୧୩୫୩୨୦୨୮୦୦୦୪୩୨ | ୨୭.୪ |
| ୩୧ | **ପ୍ରଫୁଲ ସାହାଣୀ**, ସୁଆଁସବଙ୍ଗଳା, ବ୍ରହ୍ମଗିରି । | ୧୧୩୫୩୨୦୨୮୦୦୦୬୪୧ | ୧୫.୫ |
| ୩୨ | **ଅକ୍ଷୟ କୁମାର ସାହୁ**, ହରିଦାସ, କୁସୁବେଣ୍ଟି, ବ୍ରହ୍ମଗିରି । | ୧୧୩୫୦୩୧୩୧୫୦୦୦୯୭ | ୧୯ |
| ୩୩ | **ବଂଶୀଧର ପ୍ରଧାନ**, ସୁଆଁସବଙ୍ଗଳା, ବ୍ରହ୍ମଗିରି । | ୧୧୩୫୦୩୧୩୧୫୦୦୦୭୫ | ୧୭.୧୨ |
| ୩୪ | **ସୌରୀ ଚରଣ ସାହୁ**, ଗୋଖରି, ବ୍ରହ୍ମଗିରି । | ୧୧୩୫୦୩୧୨୯୮୦୦୦୯୦ | ୨୩.୫ |
| ୩୫ | **ପ୍ରମୋଦ କୁମାର ସ୍ୱାଇଁ**, ବଡ଼ବେଣାକୁଦି, ବ୍ରହ୍ମଗିରି । | ୧୧୩୫୦୩୧୨୦୦୦୦୦୧୬ | ୫୧ |
| ୩୬ | **କୁମା ସେଠୀ**, ଗୋଖର, ବ୍ରହ୍ମଗିରି । | ୧୧୩୫୦୩୧୨୦୦୦୦୦୨୮ | ୧୫.୭ |
| ୩୭ | **ପ୍ରଶନ୍ନ କୁମାର ପଲେଇ**, ବଡ଼ଡ଼ିଆଙ୍ଗି, ଗଡ଼ରୋଡ଼ଙ୍ଗ, ବ୍ରହ୍ମଗିରି । | ୧୧୩୫୦୩୧୨୧୨୦୦୦୦୮ | ୫୪ |
| | **ଭାପୁର ଶାଖା, ଫୋନ୍ ନଂ.: ୦୬୭୫୭ - ୨୩୮୦୨୨** | | |
| ୩୮ | **ବିପିନ ପଟ୍ଟନାୟକ**, ପିତା-ବିଦ୍ୟାଧର ପଟ୍ଟନାୟକ, ସା-ଗୋପାଳ ପ୍ରସାଦ, ଭାପୁର, ନୟାଗଡ଼-୭୫୨୦୬୩। | ୪୬୨୦୦୦୪୦୪ | ୧୨.୭ |
| ୩୯ | **ପୂର୍ଣ୍ଣଚନ୍ଦ୍ର ମହାପାତ୍ର**, ପିତା-କିର୍ତ୍ତନ ମହାରଣା, ସା-ବାଲିଆପଟା, ଭାପୁର, ନୟାଗଡ଼-୭୫୨୦୬୩। | ୪୬୨୦୦୦୪୫୭ | ୬୦.୬ |
| ୪୦ | **ପ୍ରକାଶ ଚନ୍ଦ୍ର ସ୍ୱାଇଁ**, ପିତା-ଲଡୁ ସ୍ୱାଇଁ, ସା-ରାମପଡ଼ା, ଭାପୁର, ନୟାଗଡ଼-୭୫୨୦୬୩। | ୪୬୨୦୦୦୫୩୩ | ୧୦.୯୦ |
| ୪୧ | **ଆରତୀ ବେହେରା**, ସ୍ୱା-ରମେଶ ମହାରଣା, ସା/ପୋ-ଗୋବର୍ଦ୍ଧନ ପ୍ରସାଦ, ଭାପୁର-୭୫୨୦୬୩। | ୪୬୨୦୦୦୬୧୦ | ୬.୫୦ |
| ୪୨ | **ରଶ୍ମୀତା ନାୟକ**, ସ୍ୱା-ପଦ୍ମଲୋଚନ ନାୟକ, ସା-ସାନସହର, ଭାପୁର, ନୟାଗଡ଼-୭୫୨୦୬୩। | ୨୦୨୮୦୦୦୦୩୪ | ୩୭.୨୦ |
| | **କୋଶଳା ଶାଖା, ଫୋନ୍ ନଂ.: ୦୬୭୬୧ - ୨୫୧୬୧୦** | | |
| ୪୩ | **ବୀରବର ଦେହୁରୀ**, ସା-ଦୋଳମଣ୍ଡପ ସାହି, କୋଶଳା । | ୦୯୩୪୦୩୧୨୧୨୦୦୦୦୩ | ୧୭.୦୦ |
| ୪୪ | **ଦିଲେଶ୍ୱର ସାହୁ**, ସା-ବରପଡ଼ା, କୋଶଳା । | ୦୯୩୪୦୩୧୨୧୪୦୦୦୩୨ | ୨୧.୮୦ |
| ୪୫ | **ଅର୍ଣ୍ଣ ବାରିକ**, ସା-କୁଶକିଳା, ଛେଣ୍ଡିପଦା । | ୦୯୩୪୦୩୧୨୧୪୦୦୦୬୯ | ୧୫.୮୦ |
| ୪୬ | **ଶିଳି ପ୍ରଧାନ**, ସା-ଚକ୍ରଧରପୁର । | ୦୯୩୪୦୩୧୨୧୫୦୦୦୪୬ | ୧୪.୧୧ |
| ୪୭ | **ଭରତ ନାଏକ**, ସା-ବ୍ରାହ୍ମଣବିଲ । | ୦୯୩୪୦୩୪୬୨୦୦୦୦୨୨ | ୭.୯୦ |
| ୪୮ | **ଅଖିଳ ଚନ୍ଦ୍ର ପ୍ରଧାନ**, ସା-ପିଢ଼ାସାହି । | ୦୯୩୪୦୩୪୬୨୦୦୦୦୪୧ | ୨୫.୨୦ |
| ୪୯ | **ବଳରାମ ବେହେରା**, ସା-ସିମିଳିସାହି, କୋଶଳା । | ୦୯୩୪୦୩୭୪୧୦୦୦୦୦୦୧ | ୨୫.୭୦ |
| | **ଭଦ୍ରକ ଶାଖା, ଫୋନ୍ ନଂ.: ୦୬୭୮୪ - ୨୩୦୨୯୩/୮୨୦** | | |
| ୫୦ | **ଅନାମ ଚରଣ ଓଝା**, ସା-ବଣିଆ, ପୋଷ୍ଟ-ସରଗରିଆ, ଭଦ୍ରକ-୭୫୬୧୦୧ | ୦୭୯୩୦୩୧୨୧୪୦୦୦୯୧ | ୧୧.୮୦ |
| ୫୧ | **କାହ୍ନୁ ଚରଣ ବାରିକ**, ବାଇପାସ୍, ଭଦ୍ରକ-୭୫୬୧୦୧ । | ୦୭୯୩୦୩୪୬୨୦୦୦୦୦୩୧ | ୨୪.୦୦ |
| ୫୨ | **ମମିତା ନାୟକ**, ସ୍ୱା-ପ୍ରଶାନ୍ତ କୁମାର ନାୟକ, ସା-ଅମରପୁର, ପୋ-କୋଲ୍‌ହା, ଭଦ୍ରକ-୭୫୬୧୩୦। | ୦୭୯୩୦୩୪୬୨୦୦୦୦୮୬ | ୪୬.୦୦ |
| ୫୩ | **ମାନଗୋବିନ୍ଦ ଜେନା**, ସା-ବଣିଆ, ପୋ-ସରଗରିଆ, ଭଦ୍ରକ-୭୫୬୧୦୧ | ୦୭୯୩୦୩୪୬୨୦୦୦୧୬୦ | ୧୦.୫୦ |
| | **ବେଗୁନିଆ ଶାଖା, ଫୋନ୍ ନଂ.: ୦୬୭୫୮ - ୨୫୭୨୨୨** | | |
| ୫୪ | **ଅଶୋକ କୁମାର ସେନାପତି**, ପିତା-ରବିନ୍ଦ୍ର ନାଥ ସେନାପତି, ଏରବାଙ୍ଗ, ପୋଷ୍ଟ-ଗୋପ, ପୁରୀ-୭୫୨୧୧୦ । | ୩୧୫୭୦୩୪୬୨୦୦୦୦୪ | ୫.୯୦୦ |
| ୫୫ | **ରମେଶ ଚନ୍ଦ୍ର ବେହେରା**, ସା-ବେଗୁନିଆ, ପୋଷ୍ଟ-ଗୋପ, ପୁରୀ-୭୫୨୧୧୦ | ୩୧୫୭୦୩୪୬୨୦୦୦୨୬ | ୧୫.୫୦୦ |
| ୫୬ | **ଲକ୍ଷ୍ମୀଧର ବେହେରା**, ସା-ବେଦପୁର, ପୋ-ଭଇରିପୁର, ଗୋପ, ପୁରୀ-୭୫୨୧୧୦। | ୩୧୫୭୦୩୧୨୧୪୦୦୦୧୮ | ୩୦ |
| ୫୭ | **ପବିତ୍ରମୋହନ ବେହେରା**, ସା-ବେଗୁନିଆ, ପୋଷ୍ଟ-ଗୋପ, ପୁରୀ-୭୫୨୧୧୦ | ୩୧୫୭୦୩୪୬୨୦୦୦୦୨୯ | ୭.୭୦୦ |
| | **ଯାଜପୁର ଶାଖା, ଫୋନ୍ ନଂ.: ୦୬୭୨୮ - ୨୨୨୭୦୭** | | |
| ୫୮ | **ଧର୍ମେନ୍ଦ୍ର କୁମାର ରାଉତରାୟ**, ପିତା-ଜୟନ୍ତ କୁମାର ରାଉତରାୟ, ସା/ପୋ-ଲାଲବାଗ, ଯାଜପୁର । | ୨୬୨୯୦୩୧୨୧୫୦୦୦୧୧ | ୪୦.୩ |
| ୫୯ | **ସୁଲଭ ବେହୁରିଆ**, ପିତା-ଅଦୈଇତ ବେହେରା, ସା-ଲଳିତେଶ୍ୱର ନଗର, ପୋ-ଯାଜପୁର-୭୫୫୦୦୧ । | ୨୬୨୯୦୩୧୩୧୫୦୦୦୩୮ | ୩୫.୮ |
| ୬୦ | **ରାଜେନ୍ଦ୍ର କୁମାର ମଲ୍ଲିକ**, ପିତା-ଅରକ୍ଷିତ ମଲ୍ଲିକ, ସା-ଗୋବିନ୍ଦଜିଉ ନଗର, ୟୁନିଟ-୬, ଯାଜପୁର । | ୨୬୨୯୦୩୧୩୧୪୦୦୧୦୬ | ୧୫.୬ |
| ୬୧ | **ତପୋଇ ବେହେରା**, ସ୍ୱା-କାର୍ତ୍ତିକ ବେହେରା, ସା-ଶୀତଳେଶ୍ୱର, ପୋ-ଯାଜପୁର । | ୨୬୨୯୦୩୧୩୧୪୦୦୧୦୭ | ୩୨.୩ |
| | **ନୂଆଗାଁ ଶାଖା, ଫୋନ୍ ନଂ.: ୦୬୭୫୩ - ୨୬୩୦୩୩** | | |
| ୬୨ | **ହାଡୁବନ୍ଧୁ ଯାନୀ**, ପିତା-ଜଗନ୍ନାଥ ଯାନୀ, ସା/ପୋ-ଜକେଡ଼ା, ନୂଆଗାଁ, ନୟାଗଡ଼-୭୫୨୦୮୩। | ୧୧୮୪୦୩୧୩୯୬୦୦୦୭୩ | ୧୧.୫ |
| ୬୩ | **ଧନେଶ୍ୱର ନାୟକ**, ପିତା-ମଧୁସୂଦନ ନାୟକ, ସା/ପୋ-ସିକ୍ରିଡ଼ା, ନୂଆଗାଁ, ନୟାଗଡ଼-୭୫୨୦୮୩। | ୧୧୮୪୩୨୦୨୮୦୦୦୬୪୫ | ୧୩.୪ |
| | **ଭିମପଡ଼ା ଶାଖା, ଫୋନ୍ ନଂ.: ୦୬୭୫୫ - ୨୩୮୦୦୮** | | |
| ୬୪ | **ଅଜୟ ବେହେରା** | ୧୨୪୦୩୨୦୨୮୦୦୦୩୨୩ | ୧୨.୦୦ |
| ୬୫ | **ରୂପା ଦେଇ** | ୧୨୪୦୩୨୦୨୮୦୦୦୬୪୧ | ୩୧.୦୦ |
| | **ଉଦଳା ଶାଖା, ଫୋନ୍ ନଂ.: ୦୬୭୯୫ - ୨୩୨୦୦୧** | | |
| ୬୬ | **ଆଶିଷ କୁମାର ସାହୁ**, ପିତା-ରଞ୍ଜିତ୍ ସାହୁ, ଅସ୍ତପୁର, ବଇସିଙ୍ଗା ମୟୁରଭଞ୍ଜ-୭୫୭୦୨୮ । | ୨୬୩୧୦୩୪୬୨୦୦୦୦୪୩ | ୨୪.୬୫୦ |
| ୬୭ | **ଗଦାଧର ବୁଗୁଡ଼ି**, ପିତା-ଆଦିକନ୍ଦ ବୁଗୁଡ଼ି, କାହ୍ନୁପୁର, ଗଡ଼ିଗାଁଖୁଣ୍ଟା-୭୫୭୦୮୭ | ୨୬୩୧୦୩୪୧୧୪୦୦୦୨୦ | ୭.୪୫୦ |
| | **ଢେଙ୍କାନାଳ ଶାଖା, ଫୋନ୍ ନଂ.: ୦୬୭୬୨ - ୨୨୬୪୩୬** | | |
| ୬୮ | **ଚିତ୍ତରଞ୍ଜନ ବେହେରା**, ପିତା-ଅନାଦୀ ଚରଣ ବେହେରା, ଗ୍ରାମ-ରେଗେଡ଼ା, ପୋ-ନଦୀଆଳି, ଭାୟା-ଗୋବିନ୍ଦପୁର, ଜିଲ୍ଲା-ଢେଙ୍କାନାଳ, ପିନ୍-୭୫୯୦୨୭ | ୦୮୯୫୦୩୪୬୨୦୦୦୦୬୦ | ୩୮.୭୦୦ |
| ୬୯ | **ମିହିର ମହାନ୍ତି**, ପିତା-ମହେନ୍ଦ୍ର ମହାନ୍ତି, ସରକାରୀ ପଲିଟେକ୍ନିକ୍ ନିକଟ, ମହିସାପଟ, ଢେଙ୍କାନାଳ-୭୫୯୦୧୩। | ୦୮୯୫୦୩୪୬୨୦୦୦୦୫୫ | ୧୬.୫୮୦ |
| | **ମଙ୍ଗଳପୁର ଶାଖା, ଫୋନ୍ ନଂ.: ୯୪୩୭୩୪୮୭୭୩** | | |
| ୭୦ | **ଅରବିନ୍ଦ ନାୟକ**, ସା/ପୋ-ମଙ୍ଗଳପୁର, ଜିଲ୍ଲା-ଯାଜପୁର । | ୦୮୭୪୦୩୧୨୧୫୦୦୦୦୧ | ୮ |
| | **ବାଲେଶ୍ୱର ଶାଖା, ଫୋନ୍ ନଂ.: ୦୬୭୮୨ - ୨୬୨୨୪୭** | | |
| ୭୧ | **ଅମରେନ୍ଦ୍ର ଦାସ** | ୦୮୩୨୦୩୧୨୧୪୦୦୦୨୯ | ୧୪୧.୬୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକ ମାନି ନିଲାମରେ ଅଂଶଗ୍ରହଣ କରିପାରନ୍ତି ।**

(୧) ନିଲାମ ଡ଼ାକିବାକୁ ଇଚ୍ଛୁକ ବ୍ୟକ୍ତିମାନେ ନିଲାମ ତାରିଖ ଦିନ ସଂପୃକ୍ତ ଶାଖାରେ ଉପସ୍ଥିତ ରହି ଟ.୨୦୦୦/- ମାତ୍ର ଅମାନତ ରୂପେ ଶାଖା ପରିଚାଳକଙ୍କ ନିକଟରେ ଜମା ରଖିବେ ।
(୨) ଅମାନତ ରାଶି ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାର ଗୁଡ଼ିକୁ ନିଲାମ ସମୟରେ ନିଲାମ ଧରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଯାଞ୍ଚ କରିପାରିବେ ।
(୩) ସର୍ବୋଚ୍ଚ ନିଲାମ ଡ଼ାକ ଡ଼ାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡ଼ାକର ଶତକଡ଼ା ୨୫ ଭାଗ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡ଼ିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡ଼ାକ ଡ଼ାକିଲା ପରେ, ଡ଼ାକର ଶତକଡ଼ା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଏବଂ ଉକ୍ତ ବ୍ୟକ୍ତିଙ୍କୁ ଆଉଥରେ ନିଲାମ ଡ଼ାକିବାକୁ ଅନୁମତି ଦିଆଯିବ ନାହିଁ ଓ ଦ୍ୱିତୀୟ ସର୍ବୋଚ୍ଚ ନିଲାମଧାରିଙ୍କ ସପକ୍ଷରେ ନିଲାମ ସିଦ୍ଧ କରାଯିବ ।
(୪) ଗୋଟିଏ ଆକାଉଣ୍ଟର ନିଲାମ ଡ଼ାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
(୫) ସର୍ବୋଚ୍ଚ ନିଲାମ ଡ଼ାକ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ବୈଧ ଘୋଷଣା ହେଲା ପରେ ହିଁ ନିଲାମ ଡ଼ାକ ସିଦ୍ଧ ହେବ ।
(୬) ପ୍ରକାଶ ଥାଉକି ଆବଶ୍ୟକ ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଧାର୍ଯ୍ୟ ନିଲାମକୁ ରଦ୍ଦ, ସ୍ଥଗିତ ବା ପରିବର୍ତ୍ତନ କରିପାରିବେ
(୭) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡ଼ାକ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ିକରଣ ହେବା ସୂଚନା ପାଇବାର ୩ ଦିନ ମଧ୍ୟରେ ନିଲାମର ଅବଶିଷ୍ଟ ଶତକଡ଼ା ୭୫ ଭାଗ ଟଙ୍କା ଜମା କରିବାକୁ ବାଧ ହେବେ । ନଚେତ୍ ପୂର୍ବରୁ ଜମା କରିଥିବା ଶତକଡ଼ା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ବାଜ୍ୟାପ୍ତି ହେବ ।
(୮) ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡ଼ାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡ଼ା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
(୯) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଏବଂ ବିଶୁଦ୍ଧତା ପାଇଁ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ କୌଣସି ପ୍ରକାର ଦାୟୀ ହେବେ ନାହିଁ ।
(୧୦) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବେ ।

ତାରିଖ: ୧୮.୦୯.୨୦୧୮
ସ୍ଥାନ: ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର ନେଇ ଅଭିଯାନ

ରାଉରକେଲା ଅଫିସ,୧୮।୯ : ସହରାଞ୍ଚଳ ବସ୍ତିବାସିନ୍ଦାଙ୍କୁ ବିଜୁ ପକ୍କା ଘର ଯୋଜନାରେ ଥଇଥାନ କରାଯିବା ନେଇ ଗତ ଜାନୁଆରୀରୁ ଆମ୍ ଆଦ୍‌ମି ଉଦ୍ୟମ ଚଳାଇଛି। ଗ୍ରାମାଞ୍ଚଳ ବାସିନ୍ଦାଙ୍କ ଭଳି ସହରରେ ରହୁଥିବା ବସ୍ତିର ଲୋକେ ବିଜୁ ପକ୍କାଘର ପାଇବାକୁ ହକଦାର ବୋଲି ପାର୍ଟି ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ସହରର ୩୦ ହଜାରରୁ ଉର୍ଦ୍ଧ ବସ୍ତିବାସୀ ଏଡିଏମ୍‌ଙ୍କ ଜରିଆରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଫଳରେ ଗତ ଜୁଲାଇରେ ସରକାର ସହରାଞ୍ଚଳ ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରଦାନ କରିବାକୁ ଅଭିଯାନ ଆରମ୍ଭ କରିଥିଲା ବୋଲି ଆମ୍ ଆଦ୍‌ମୀ ଦାବି କରିଛି। ଏହାଦ୍ୱାରା ସହରାଞ୍ଚଳରେ ଦୀର୍ଘଦିନ ଧରି ପରିବାର ସହ ବସବାସ କରି ଆସୁଥିବା ବସ୍ତି ବାସିନ୍ଦାଙ୍କ ମନରେ ଆଶା ସଞ୍ଚାର ହୋଇଛି। ତେବେ ଏବେ ବି ସମସ୍ୟା ରହିଛି। ପାର୍ଟିର ରାଜ୍ୟ ସମ୍ପାଦକ ବିନୟ ତିୱାରୀ କହିଛନ୍ତି ଯେ ଘର ପାଇବାକୁ ଆଶାୟୀମାନେ ପୁନଃ ଆବେଦନ କରିବା ଉଚିତ ହେବ। ସମସ୍ତ ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର ଦେବା ପାଇଁ ସରକାର ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରନ୍ତୁ ବୋଲି ତିୱାରୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରଛନ୍ତି। ଏହି ପରିପ୍ରେକ୍ଷୀରେ ପାର୍ଟି ପକ୍ଷରୁ ସଚେତନତା ସୃଷ୍ଟି କରାଯିବାକୁ ଉଦ୍ୟମ ଆରମ୍ଭ ହୋଇଥିବା ବିବୃତ୍ତିରେ କୁହାଯାଇଛି।

### ଜୋର ଧରିଲା ଓକିଲ ସଂଘ ଆନ୍ଦୋଳନ

ରାଉରକେଲା ଅଫିସ,୧୮।୯ ହାଇକୋର୍ଟ ବାର ଆସୋସିଏଶନ ଡାକରା କ୍ରମେ ନିର୍ଦ୍ଦିଷ୍ଟ ଦାବି ନେଇ ରାଜ୍ୟ ବ୍ୟାପୀ ବାର୍‌ଗୁଡିକ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆସନ୍ତା ୨୦ ଯାଏଁ କାର୍ଯ୍ୟ ବନ୍ଦ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି। ରାଉରକେଲା ଓକିଲ ସଂଘ ଏହି ଆନ୍ଦୋଳନକୁ ସମର୍ଥନ ଘୋଷଣା କରିଛି। ଆନ୍ଦୋଳନରେ ସାମିଲ ହେବା ସହ କୋର୍ଟ କାର୍ଯ୍ୟ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ରାଉରକେଲାଠାରେ ହାଇକୋର୍ଟ ବେଞ୍ଚ୍ ସ୍ଥାପନା ନେଇ ୨୦ରୁ ୩୦ ପର୍ଯ୍ୟନ୍ତ ପୁନଃ ବନ୍ଦ ଡାକରା ଦେଇଛି ଓକିଲ ସଂଘ। ରାଉରକେଲାରେ ସମସ୍ତ ଭିତ୍ତିଭୂମି ଥାଇ ମଧ ଏହାକୁ ଅଣଦେଖା କରାଯାଉଥିବା ସଂଘ ଅଭିଯୋଗ କରିଛି। ମଙ୍ଗଳବାର ଅନୁଷ୍ଠିତ ସଙ୍ଗଠନର ସାଧାରଣ ପରିଷଦ ବୈଠକରେ ଏହା ଉପରେ ଆଲୋଚନା ହୋଇଥିଲା। ରାଉରକେଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ନ ହେବା ଯାଏ ନିୟମିତ ଧାରାରେ ଆନ୍ଦୋଳନ କରାଯିବାକୁ ବୈଠକରେ ସହମତି ପ୍ରକାଶ ପାଇଛି। ପୁନର୍ବାର ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଏ ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରାଯିବ। ସମସ୍ତ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରାଯିବାକୁ ବୈଠକରେ ମତପ୍ରକାଶ ପାଇଛି।

# ଆରଏମ୍‌ସିରେ ୮ଶହ ପଦବୀ ଖାଲି

ରାଉରକେଲା ଅଫିସ,୧୮।୯

ମହାନଗର ନିଗମ ରାଉରକେଲା(ଆରଏମସି)ରେ ୮୦୦ଶହରୁ ଉର୍ଦ୍ଧ ବିଭିନ୍ନ ପାହ୍ୟାର ପଦବୀ ଖାଲି ପଡ଼ିଛି। ଏଣୁ ସହରର ବିକାଶ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଧାନସଭାରେ ବିଧାୟକ ଦିଲ୍ଲୀପ ରାୟ ଉଠାଇଥିବା ଏହି ପ୍ରସଙ୍ଗ ଉପରେ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏଭଳି ବିବରଣୀ ଦେଇଛନ୍ତି। ଆରଏମସି ଓ ରାଉରକେଲା ସ୍ମାର୍ଟ ସିଟି ପାଇଁ କେଉଁ ପାହ୍ୟାରେ କେତେ ମଞ୍ଜୁରିପ୍ରାପ୍ତ ପଦ ରହିଛି। ସେଥିରୁ କେତେ ଖାଲି ପଡିଛି ଓ ଆଉ କେତେ ପଦର ଆବଶ୍ୟକ ରହିଛି ସଂକ୍ରାନ୍ତରେ ବିଧାୟକ ରାୟ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ପୂଜାରୀ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ମହାନଗର ନିଗମ ଲାଗି ଯେତେ ମଞ୍ଜୁରିପ୍ରାପ୍ତ ପଦ ରହିଛି ସେଥିରୁ ଗତ ନଭେମ୍ବର ମାସ ସୁଦ୍ଧା ୧୫୭ ଖାଲି ପଡ଼ିଥିଲା। ସେହିପରି ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ ଆଇନ ଅନୁଯାୟୀ ଆରଏମସି ଲାଗି ବିଭିନ୍ନ ପାହ୍ୟାର ୧୦୮ ପଦବୀ ଆବଶ୍ୟକ ରହିଥିବା ବେଳେ ସେଥିରୁ ୮୧ ଖାଲି ପଡ଼ିଛି। ରାଉରକେଲା ପରିମଳ ବ୍ୟବସ୍ଥା ଲାଗି ୬୭୯ କର୍ମଚାରୀ ଆବଶ୍ୟକ ସ୍ଥଳେ ମାତ୍ର ୩୮୮ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ମୋଟାମୋଟି ଭାବେ ମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁଯାୟୀ ଆରଏମସିରେ ମୋଟ ୮୩୧ ପଦବୀ ଖାଲି ପଡ଼ିଛି। ସେହିଭଳି ରାୟଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମନ୍ତ୍ରୀ ପୂଜାରୀ କହିଥିଲେ ଗତ ୨୦୧୪-୧୫ ବର୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ତଥା ଅନ୍ୟ ସଂସ୍ଥାରୁ ଆରଏମସିକୁ ୧୩୧କୋଟିରୁ ଉର୍ଦ୍ଧ ପ୍ରଦାନ କରାଯାଇଛି। ଏଥିରେ ଏହି ବର୍ଷ ଗୁଡିକରେ ୬୬କୋଟି ୨୭ କୋଟି ବ୍ୟୟ କରାଯାଇଛି। ଅବଶିଷ୍ଟ ଅର୍ଥ ତୁରନ୍ତ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟୟ କରିବା ଓ ପୂର୍ବରୁ ଖର୍ଚ୍ଚ ହୋଇଥିବା ଅର୍ଥ ଠିକଣା ଭାବେ ଉପଯୋଗ ହୋଇଛି ନା ନାହିଁ ତାହା ଉପରେ ସରକାର ଧ୍ୟାନ ଦେବାକୁ ରାୟ ଦାବି କରିଥିଲେ। ସେ କହିଥିଲେ ଯେ, ରାଉରକେଲା ସମେତ ସମଗ୍ର ଦେଶରେ ସ୍ୱଚ୍ଛତା ଅଭିଯାନ ଜାରି ରହିଛି। ଆରଏମସିରେ ସଫେଇ କର୍ମଚାରୀଙ୍କ ସମେତ ଆଉ ହଜାରେ ଅଧିକ ପଦବୀ ଆବଶ୍ୟକତା ରହିଛି। ମହାନଗର ଅଞ୍ଚଳ ବାସିନ୍ଦାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖାଲି ପଦ ପୂରଣ ଓ ଆବଶ୍ୟକତା ଅନୁଯାୟୀ ନୂଆ ପଦ ସୃଷ୍ଟି କରାଯାଉ। ନ ହେଲେ ବିକାଶ ନେଇ ଯେଉଁ ଯୋଜନା ଆରମ୍ଭ କରାଯାଇଛି ସେଥିରେ ବାଧା ଉପୁଜିବ। ଅତଏବ, ସରକାର ଏ ଦିଗରେ ଯତ୍ନବାନ ହେବାକୁ ରାୟ ଜଣାଇଛନ୍ତି।

### ଗୃହସ୍ଥି ପକ୍ଷରୁ ବିଶ୍ୱକର୍ମା ପୂଜା

ରାଉରକେଲା ଅଫିସ,୧୮।୯

ଗୃହସ୍ଥି ଉଦ୍ୟୋଗ ପକ୍ଷରୁ ବିଶ୍ୱକର୍ମା ପୂଜା ଧୂମଧାମରେ ସମ୍ପନ୍ନ ହୋଇଛି। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ପୂଜା ଉତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗୃହସ୍ଥି ଉଦ୍ୟୋଗର ନୂତନ ପରିଚାଳନା ନିର୍ଦ୍ଦେଶକ ସୁବାଷ ରାଠୋର ଏଥିରେ କର୍ତ୍ତା ଭାବେ ଯୋଗ ଦେଇଥିଲେ। ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଗଣେଷ ବାଗାଡ଼ିଆ, ନିର୍ଦ୍ଦେଶିକା ମଞ୍ଜୁଦେବୀ ବାଗାଡ଼ିଆ, ଗୋକୁଳ ଆନନ୍ଦ ବାଗାଡ଼ିଆଙ୍କ ସମେତ ସମସ୍ତ କର୍ମଚାରୀ ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ ଉଦ୍ୟୋଗ ନିକଟବର୍ତ୍ତୀ ବସ୍ତି ତଥା ଗ୍ରାମାଞ୍ଚଳ ବାସିନ୍ଦାଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ୩ ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

### ଆରଏସପି ପିଏଫ ଟ୍ରଷ୍ଟ ବୈଠକ

# ୦.୩ ପ୍ରତିଶତ ଅତିରିକ୍ତ ସୁଧ ଘୋଷଣା

ରାଉରକେଲା ଅଫିସ,୧୮।୯

ଆର୍‌ଏସ୍‌ପି କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ପିଏଫ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆର୍ଥିକ ବର୍ଷ ୨୦୧୭-୧୮ ନିମନ୍ତେ ୦. ୩ ପ୍ରତିଶତ ଅତିରିକ୍ତ ସୁଧ ଘୋଷଣା କରାଯାଇଥିବା ଭାରତୀୟ ମଜଦୁର ସଂଘ ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ(ଆରଆଇକେକେଏସ) ପକ୍ଷରୁ କୁହାଯାଇଛି। ଏହି ଟ୍ରଷ୍ଟ ଇପିଏଫଓ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୮. ୫୫ ପ୍ରତିଶତ ସୁଧ ଗତ ଏପ୍ରିଲରେ ପ୍ରଦାନ କରିଛି। ଚଳିତ ଆର୍ଥିକ ବର୍ଷରେ ବଳକା ଥିବା ୧୩.୩୬ କୋଟିରୁ ୧୧.୭ କୋଟି ଅତିରିକ୍ତ ସୁଧ ବାବଦରେ ସମସ୍ତ କର୍ମଚାରୀଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଯାହାକି ଶତକଡା ୦. ୩ ବୋଲି କୁହାଯାଇଛି। ଏହି ଅତିରିକ୍ତ ସୁଧ ଗତ ମାର୍ଚ୍ଚ ମାସ ସୁଧା ଜମା ରାଶି ଉପରେ ହିସାବ କରାଯାଇ ଅକ୍ଟୋବର ମାସ ପେ ସ୍ଲିପ୍‌ରେ ପ୍ରଦାନ କରାଯିବ। ଗତବର୍ଷ ଅତିରିକ୍ତ ସୁଧ ବାବଦକୁ ୮. ୭କୋଟି ପ୍ରଦାନ କରାଯାଇଥିଲା। ଏହା ଶତକଡା ୦. ୨୫ ପ୍ରତିଶତ। ଯାହାକି ଇପିଏଫର ମାଗଦର୍ଶିକା ଅନୁଯାୟୀ ପ୍ରତି ବର୍ଷ କର୍ମଚାରୀଙ୍କ ପିଏଫ୍ ରାଶିକୁ ସରକାରଙ୍କ ଗ୍ୟାରେଣ୍ଟିରେ ଭିନ୍ନ ଭିନ୍ନ ଆର୍ଥିକ ସଂସ୍ଥା ଓ କର୍ମଚାରୀଙ୍କୁ ଅସ୍ଥାୟୀ ଋଣ ଆକାରରେ ବିନିଯୋଗ କରାଯାଇଥାଏ। ବିନିଯୋଗ ହେଉଥିବା ପାଣ୍ଠିରୁ ପ୍ରତିବର୍ଷ ମିଳୁଥିବା ଲାଭାଂଶକୁ ଇପିଏଫ ଦ୍ୱାରା ସ୍ଥିରୀକୃତ ବୈଧାନିକ ସୁଧ ସହିତ ଅତିରିକ୍ତ ସୁଧ ଆକାରରେ କର୍ମଚାରୀଙ୍କୁ ପ୍ରଦାନ କରାଯାଇଥାଏ। ଆର୍ଥିକ ବର୍ଷ ୨୦୧୭-୧୮ ପାଇଁ ଆରଏସପି ଟ୍ରଷ୍ଟ ବୋର୍ଡ ପ୍ରଦାନ କରିଥିବା ମୋଟ ସୁଧ ୮. ୮୫ ପ୍ରତିଶତ ସମସ୍ତ ଛାଡ଼ପ୍ରାପ୍ତ ଓ ଅଣଛାଡ଼ପ୍ରାପ୍ତ ପ୍ରତିଷ୍ଠାନଠାରୁ ସର୍ବାଧିକ ବୋଲି କୁହାଯାଇଛି। ଏଭଳି ଶ୍ରେୟ ନେଇ ଆରଆଇକେକେଏସ ପକ୍ଷରୁ ହିମାଂଶୁ ବଳ ସମସ୍ତ ଟ୍ରଷ୍ଟ ସଦସ୍ୟଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏ ନେଇ ମଙ୍ଗଳବାର ଜିଏମ ଫାଇନାନ୍ସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୋର୍ଡ ବୈଠକରେ ୟୁନିୟନ ପକ୍ଷରୁ ବିବେକାନନ୍ଦ ମହାନ୍ତ, ତ୍ରିଲୋଚନ ନାୟକ, ପ୍ରଦୋଷ ପଣ୍ଡା ଓ ଦୈତାରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୁ ପଟ୍ଟନାୟକ ଗ୍ରାମୀଣ ହକି ୩ୟ ଦିବସ

ରାଉରକେଲା ଅଫିସ,୧୮।୯

ବିଜୁ ପଟ୍ଟନାୟକ ଗ୍ରାମୀଣ ହକି ଚାମ୍ପିୟନଶିପ୍‌ର ୩ୟ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ୨୮ଟି ଟିମକୁ ନେଇ ୧୪ ମ୍ୟାଚ ହୋଇଥିଲା। ପାନପୋଷ ସ୍ପୋର୍ଟସ ହଷ୍ଟେଲଠାରେ ବିଶିଷ୍ଟ ହକି ଖେଳାଳି ତଥା କୋଚ ସିଲଭେଷ୍ଟର ଟପୋ, ରବିନ ମାଝି, ସୁନିଲ ଏକ୍କା, ସୁଜିତ କୁଜୁର, ସନ୍ଦୀପ ଖାଲକୋଙ୍କ ତତ୍ତ୍ୱାବଧାନରେ ୧୨ ହକି ଟିମକୁ ନେଇ ୬ ମ୍ୟାଚ ହୋଇଥିଲା। ପୁଟୁକେଲା ଓ ଟୋପାଡ଼ିହି ମଧରେ ହୋଇଥିବା ଖେଳରେ ପୁଟୁକେଲା ବିଜୟୀ ହୋଇଥିଲା। ଅନ୍ୟ ଏକ ମ୍ୟାଚରେ ସୋନାଜରୁ ସୋୟାମ୍ବାକୁ ହରାଇଥିଲା। କୋକେରମାକୁ ପରାଜିତ କରି ୟଙ୍ଗ ଷ୍ଟାର ଜାଗୃତି କ୍ଲବ ବିଜେତା ହୋଇଛି। ସେହିପରି ବୋରବୁଆଲକୁ ବିରିଙ୍ଗଟୋଲି ହରାଇଛି। ଏହିପରି ୧୪ଟି ମ୍ୟାଚର ବିଜେତା ଦଳଙ୍କ ନାମ ଘୋଷଣା କରାଯାଇଛି। ଅନ୍ୟପଟେ, ସେକ୍ଟର-୫ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମଠାରେ ଖେଳାଯାଇଥିବା ଖେଳକୁ ପିଟର ତିର୍କୀ ଓ ତାଙ୍କ ସହଯୋଗୀ ପରିଚାଳନା କରିଥିଲେ। ଏଥିରେ ବେନଡିକ୍ଟ ତିର୍କୀ, ରାଜେଶ ଖାଲ୍‌କୋ, ଆନନ୍ଦ ଏକା, ରାଜୁ ମହାନ୍ତି, କାର୍ତ୍ତିକ ବାଗ ଓ ଅସୀତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ୧୮ ଟିମ ମଧରେ ୮ ଖେଳ ଖେଳାଯାଇଥିଲା। ବିଜୟୀ ଟିମ୍‌ଗୁଡିକର ନାମ ଘୋଷଣା କରାଯାଇଥିଲା।

# ଗାଈ ମାରି ଖାଇଲା ସୁନ୍ଦରୀ ବନ ବିଭାଗ ଦେଲା କ୍ଷତିପୂରଣ

ଆଠମଲ୍ଲିକ,୧୮।୯(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ନଅଗାଁ ପଞ୍ଚାୟତର ଲେହେଡି ଗ୍ରାମରେ ସୁନ୍ଦରୀ ଆତଙ୍କ। ମଙ୍ଗଳବାର ଗ୍ରାମ ନିକଟରେ ବାଘୁଣୀ ସୁନ୍ଦରୀ ଏକ ଗାଈ ମାରି ଖାଇଥିବା ଜଣାପଡ଼ିଛି। ମୃତ ଗାଈ ଲେହେଡି ଗ୍ରାମର ଅକ୍ଷୟ କୁମାର ପଣ୍ଡାଙ୍କର ବୋଲି ଜଣାପଡିବା ପରେ ତୁରନ୍ତ ବନ ବିଭାଗ ପକ୍ଷରୁ ତାଙ୍କୁ କ୍ଷତିପୂରଣ ସ୍ୱରୂପ ୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଘଟଣା ସମ୍ପର୍କରେ ଖବରପାଇ ଡେରାଡୁନ୍‌ରୁ ଆସିଥିବା ବିଶେଷଜ୍ଞ ଦଳ ଉକ୍ତ ଜଙ୍ଗଲରେ ପହଞ୍ଚି ବାଘୁଣୀର ଗତିବିଧି ଅନୁଧ୍ୟାନ କରୁଛନ୍ତି। ସକାଳେ ଅକ୍ଷୟଙ୍କ ଗାଈ ଗାଁ ନିକଟରେ ଚରୁଥିବା ବେଳେ ବାଘୁଣୀ ଆକ୍ରମଣ କରିଥିଲା। ଗାଈକୁ ମାରି ଘୋଷାରି ବୁଦା ଭିତରକୁ ନେଇ ଅଧା ଖାଇ ସେଠାରେ ଶୋଇ ରହିଥିଲା। ନିକଟସ୍ଥ ଜମିରୁ ପାଣି ପିଉଥିବା ମଧ ଦେଖାଯାଇଥିଲା। ଖବର ପାଇ ବନବିଭାଗ କର୍ମଚାରୀଙ୍କ ସମେତ, ବନ୍ୟଜନ୍ତୁ ସଂରକ୍ଷଣ ବିଭାଗ, ଟ୍ରାଙ୍କୁଲାଇଜ ଟିମ୍, ଡେରାଡୁନରୁ ଆସିଥିବା ବିଶେଷଜ୍ଞ ଦଳ ପହଞ୍ଚି ବାଘୁଣୀ ଥିବା ସ୍ଥାନକୁ କର୍ଡନ୍ କରି ରଖିଥିଲେ। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ସେଠାରେ ପୋଲିସ ମୁତୟନ କରାଯାଇଥିଲା। ଉକ୍ତ ଜଙ୍ଗଲ ମଧ୍ୟରୁ ସୁନ୍ଦରୀକୁ ଘଞ୍ଚ ଜଙ୍ଗଲ ମଧକୁ ନେବା ପାଇଁ ଚେଷ୍ଟା ଚାଲିଥିବା ବେଳେ ନିକଟବର୍ତ୍ତୀ ୪ଟି ପଞ୍ଚାୟତ ଗ୍ରାମବାସୀଙ୍କ ମଧରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଡିଏଫଓ ସମ୍ୟକ ସାମନ୍ତରା କହିଛନ୍ତି, ବାଘୁଣୀ ହାତୀଧରା ସଂରକ୍ଷିତ ଜଙ୍ଗଲ ମଧରେ ରହିଛି। ତା'ର ପ୍ରତ୍ୟେକ ଗତିବିଧି ଉପରେ ବିଭାଗ ନଜର ରଖାଯାଇଛି।

# ଏମ୍‌କେସିଜି ମେଡିକାଲ୍ କଲେଜରେ ଏମ୍‌ସିଆଇ ଟିମ୍

ବ୍ରହ୍ମପୁର ଅଫିସ୍,୧୮।୯



ଏମକେସିଜି ମେଡିକାଲ୍ କଲେଜର ଜଣେ କର୍ତ୍ତୃପକ୍ଷଙ୍କ ସହ ଏମସିଆଇ ଟିମ୍ ଆଲୋଚନା କରୁଛନ୍ତି।

ମେଡିକାଲ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ଏମ୍‌ସିଆଇ)ର ଏକ ଟିମ୍ ମଙ୍ଗଳବାର ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ୍ କଲେଜକୁ ପରିଦର୍ଶନରେ ଆସିଥିବା ଜଣାପଡିଛି। ଏହି ଟିମ୍ ଦୁଇ ଦିନ ଧରି ଏମ୍‌କେସିଜି ମେଡିକାଲ୍ କଲେଜର ସମସ୍ତ ବିଭାଗ ଏବଂ ୱାର୍ଡ ପରିଦର୍ଶନ କରିବେ ବୋଲି ସୂଚନା ମିଳିଛି।

ପ୍ରକାଶଯେ, ଆଜକୁ ତିନି ବର୍ଷ ହେଲା ଏମ୍‌କେସିଜି ମେଡିକାଲ୍ କଲେଜରେ ସିଟ୍ ସଂଖ୍ୟା ୧୫୦ରୁ ୨୫୦କୁ ବୃଦ୍ଧି ପାଇଥିବା ବେଳେ ଚଳିତବର୍ଷ ଚତୁର୍ଥ ଫେଜ୍‌ର ଛାତ୍ରୀଛାତ୍ର ଆଡ୍‌ମିଶନ୍ ହୋଇଛନ୍ତି। ଏମ୍‌ସିଆଇ ଟିମ୍ ପ୍ରତି ବର୍ଷ ଆସି ସମସ୍ତ ବିଭାଗ ପରିଦର୍ଶନ କରି ଭିତ୍ତିଭୂମି ପରଖି ଅନୁମତି ପ୍ରଦାନ କଲେ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଶିକ୍ଷାଗ୍ରହଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥାଏ। ମଙ୍ଗଳବାର ଏହି ଟିମ୍ ମେଡିକାଲ୍ କଲେଜ୍ ଏବଂ ବଡମେଡିକାଲର କେତେକ ବିଭାଗ ବୁଲି ପରିଦର୍ଶନ କରିଥିବା ବେଳେ ବୁଧବାର ପରିଦର୍ଶନ ଏବଂ ଯାଞ୍ଚ କାର୍ଯ୍ୟକ୍ରମ ଶେଷ ହେବ ବୋଲି ସୂଚନା ମିଳିଛି। ବନାରସ ଆଇଏମ୍‌ଏସ୍(ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ)ଶିଶୁ ରୋଗ ବିଶେଷଜ୍ଞ ତଥା ଏମ୍‌ସିଆଇର ସଂଯୋଜକ ପ୍ରଫେସର୍ ଡାକ୍ତର ବି.କେ.ଦାସ, ଉତ୍ତରାଖଣ୍ଡ ରାଜ୍ୟର ହାଲଦୱାନୀ ସରକାରୀ ମେଡିକାଲ୍ କଲେଜର ମାଇକ୍ରୋବାୟୋଲୋଜି ବିଭାଗ ପ୍ରଫେସର ଡାକ୍ତର ଉମେଶ, ସୁରଟ ସରକାରୀ ମେଡିକାଲ୍ କଲେଜର ଟ୍ୟୁବରକିଲୋସିସ୍ ବିଭାଗ ପ୍ରଫେସର ଡାକ୍ତର ଏମ.ଜେଡ୍. ପଟେଲ୍ ଏବଂ ଇମ୍ଫାଲ୍ ଜବାହରଲାଲ ନେହରୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ ଫିଜିଓଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ଦେବାନ୍ ଲାଇଶ୍ରାମ୍ ପ୍ରମୁଖ ଟିମ୍‌ର ସଦସ୍ୟ ଭାବେ ପରିଦର୍ଶନରେ ଆସିସମସ୍ତ ବିଭାଗ ବୁଲି ଭିତ୍ତିଭୂମି ପରୀକ୍ଷା କରୁଥିବା ସୂଚନା ମିଳିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏମ୍‌କେସିଜି ମେଡିକାଲ୍ କଲେଜର ସିଟ୍ ସଂଖ୍ୟା ବୃଦ୍ଧି ହୋଇଥିବା ବେଳେ ଚତୁର୍ଥ ସେସନ୍ ଶିକ୍ଷାଦାନ ପାଇଁ ଭିତ୍ତିଭୂମି ନିରୀକ୍ଷଣ କରି ଅନୁମତି ପ୍ରଦାନ ଲାଗି ଏହି ଟିମ ଏମ୍‌କେସିଜିକୁ ଆସିଥିବା ଜଣାପଡିଛି। ଏମ୍‌ସିଆଇ ଟିମ୍ ପରିଦର୍ଶନ କାର୍ଯ୍ୟକ୍ରମ ଶେଷ ହେବା ପରେ ସବିଶେଷ ତଥ୍ୟ ଗଣମାଧ୍ୟମକୁ ପ୍ରଦାନ କରାଯିବ ବୋଲି ମେଡିକାଲ୍ କଲେଜ ଅଧକ୍ଷ ପ୍ରଫେସର ଡାକ୍ତର ରାଧାମାଧବ ତ୍ରିପାଠୀ ସୂଚନା ଦେଇଛନ୍ତି।

# ସମ୍ବିଧାନ ମୁଖବନ୍ଧରେ ରହୁ 'ଅହିଂସା' ଶବ୍ଦ

- ବିଧାନସଭାରେ ସଂକଳ୍ପ ଗୃହୀତ
- ବିରୋଧୀଙ୍କ କକ୍ଷତ୍ୟାଗ

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦକୁ ସ୍ଥାନିତ କରିବା ପାଇଁ ରାଜ୍ୟ ସରକାର ବିଧାନସଭାରେ ଆଣିଥିବା ପ୍ରସ୍ତାବ ମଙ୍ଗଳବାର ଗୃହୀତ ହୋଇଛି। ହେଲେ ଏହା ଗୃହୀତ ହେବା ପୂର୍ବରୁ ବିରୋଧୀ କଂଗ୍ରେସ ଏବଂ ଭାଜପା ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ଯେଉଁଭଳି ଭାବରେ ସଂକଳ୍ପଟିକୁ ଅଣାଯାଇଥିଲା, ତାହାର ବିଭିନ୍ନ ଦିଗ ଉପରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ତଙ୍କ ପାଇଁ ବୋଧଗମ୍ୟ ହେଉ ନ ଥିବା ଏପରି ପ୍ରସ୍ତାବକୁ ଆଉ ଥରେ ଭଲ ଭାବରେ ଆଗତ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ହେଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସଂକଳ୍ପରେ ଥିବା କିଛି ତ୍ରୁଟିକୁ ବାଦ୍ ଦେବେ ବୋଲି ଗୃହରେ କହିଥିଲେ। ଏହାକୁ ବିରୋଧୀ ଦଳ ନେତା ଏବଂ ଅନ୍ୟ ବିରୋଧୀ ସଦସ୍ୟମାନେ ନାପସନ୍ଦ କରିଥିଲେ। ସରକାରୀ ଦଳ ନିଜ ସଂଖ୍ୟା ବଳରେ ସଂକଳ୍ପ ଗୃହୀତ କରାଇବାକୁ ଚାହୁଁଥିବା ଅଭିଯୋଗ କରି ଏକାଧିକ ସଦସ୍ୟ ଗୃହର ମଧ୍ୟଭାଗକୁ ଚାଲି ଆସି ହୋହଲ୍ଲା କରିଥିଲେ। ବାଚସ୍ପତି ସେମାନଙ୍କ ଦାବି ମାନି ନ ଥିବାରୁ ବିରୋଧୀ କଂଗ୍ରେସ ଏବଂ ଭାଜପାର ସଭ୍ୟମାନେ ମିଳିତ ଭାବେ କକ୍ଷତ୍ୟାଗ କରିଥିଲେ। ବିରୋଧୀ କକ୍ଷ ତ୍ୟାଗ କରିବା ପରେ ବାଚସ୍ପତି ପ୍ରଦୀପ ଅମାତ ସେମାନଙ୍କ ସହ ଆଲୋଚନା ପାଇଁ ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ, ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ପ୍ରମୁଖଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ତାହାର କୌଣସି ସୁଫଳ ମିଳି ନ ଥିଲା। ୧୫ ମିନିଟ୍ ଲେଖାଏ ୨ ଥର ଗୃହ ମୁଲତବୀ ହୋଇଥିଲା। ଏହା ମଧରେ ବିରୋଧୀଙ୍କୁ ମନାଇବାରେ ଶାସକ ଦଳ ବିଫଳ ହୋଇଥିଲେ। ବିରୋଧୀ ଦଳ ସଦସ୍ୟଙ୍କ ବ୍ୟତୀତ ଶାସକ ଦଳ ସଭ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ ସଂକଳ୍ପଟିର ଡ୍ରାଫ୍ଟିଙ୍ଗ୍‌କୁ ନେଇ ଆପତ୍ତି ଉଠାଇଥିଲେ। ଅପରପକ୍ଷରେ ବିରୋଧୀଙ୍କ ଅନୁପସ୍ଥିତିରେ ଓଡ଼ିଶା ଭୂତଳ ଜଳ (ନିୟମାବଳୀ, ଉନ୍ନୟନ ଏବଂ ପରିଚାଳନା) ବିଧେୟକ ୨୦୧୧ରେ ଆସିଥିବା ସଂଶୋଧନକୁ ଗୃହର ମଞ୍ଜୁରୀ ମିଳିଥିଲା। ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ୨୦୧୪-୧୫ ଓ ୨୦୧୫-୧୬ ବର୍ଷର ଓଡ଼ିଶା ସୂଚନା କମିଶନର ବାର୍ଷିକ ରିପୋର୍ଟ ଗୃହରେ ଉପସ୍ଥାପନ ହୋଇଥିଲା। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ ମହାରଥୀ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କିତ ପ୍ରଶାସନିକ ବ୍ୟୟର ୨୦୧୫-୧୬, ୨୦୧୬-୧୭, ୨୦୧୭-୧୮ ରିପୋର୍ଟ ଉପସ୍ଥାପନ କରିଥିଲେ। ସେହିପରି ଗୃହରେ ଓଡ଼ିଶା ସରକାରୀ ଭାଷା(୨ୟ ସଂଶୋଧନ,୨୦୧୮) ବିଲ୍‌କୁ ଅଧିକ ତର୍ଜମା ପାଇଁ କାର୍ଯ୍ୟ ପରାମର୍ଶଦାତା କମିଟିକୁ ପଠାଯାଇଛି। ଏହା ଉପରେ ବୁଧବାର ଆଲୋଚନା ହୋଇ ଗୃହୀତ ହେବା ସମ୍ଭାବନା ରହିଛି।

# ବିଧାୟକଙ୍କ ହାରାହାରି ବାର୍ଷିକ ଆୟ ୨୪.୫୯ ଲକ୍ଷ

ନୂଆଦିଲ୍ଲୀ,୧୮।୯

ଆମ ଦେଶରେ ବିଧାୟକଙ୍କ ବାର୍ଷିକ ଆୟ ଶୁଣିଲେ ଯେକେହି ଆଶ୍ଚର୍ଯ୍ୟ ହେବେ। ସବୁ ରାଜ୍ୟର ବିଧାୟକଙ୍କୁ ନେଇ କରାଯାଇଥିବା ଏକ ସର୍ଭେରୁ ଜଣାପଡିଛି, ସେମାନଙ୍କ ହାରାହାରି ଆୟ ବାର୍ଷିକ ୨୪.୫୯ଲକ୍ଷ ଟଙ୍କା। କର୍ଣ୍ଣାଟକ ଏହି ତାଲିକାରେ ସର୍ବାଗ୍ରେ ରହିଥିବା ବେଳେ ସବାତଳେ ଛତିଶଗଡ଼ ରହିଛି। କର୍ଣ୍ଣାଟକରେ ବିଧାୟକଙ୍କ ହାରାହାରି ବାର୍ଷିକ ଆୟ ୧ କୋଟି ଟଙ୍କା। ସୋମବାର ପ୍ରକାଶ ପାଇଥିବା ସର୍ଭେ ରିପୋର୍ଟରେ କୁହାଯାଇଛି, ଛତିଶଗଡର ବିଧାୟକଙ୍କ ଆୟ ସର୍ବନିମ୍ନ ୫.୪ ଲକ୍ଷ ଟଙ୍କା।

ଆସୋସିଏଶନ ଫର ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର୍) ଏବଂ ଦି ନ୍ୟାଶନାଲ ଇଲେକଶନ ୱାଚ୍ ପକ୍ଷରୁ କରାଯାଇଥିବା ସର୍ଭେରୁ ଜଣାପଡିଛି, ଆୟ କରିବାରେ ଲିଙ୍ଗଗତ ପାର୍ଥକ୍ୟ ମଧ ବେଶ୍ ବାରି ହୋଇପଡୁଛି। ମହିଳା ବିଧାୟକଙ୍କ ଆୟ ତୁଳନାରେ ପୁରୁଷଙ୍କ ଆୟ ଦ୍ୱିଗୁଣା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଥିରୁ ଏହା ମଧ ସ୍ପଷ୍ଟ ହୋଇଛି ଯେ, ନିଜକୁ ନିରକ୍ଷର ବା ଅପାଠୁଆ

**କର୍ଣ୍ଣାଟକ ସର୍ବାଗ୍ରେ, ସବାତଳେ ଛତିଶଗଡ଼**

କହୁଥିବା ବିଧାୟକମାନଙ୍କ ହାରାହାରି ବାର୍ଷିକ ଆୟ ୯.୩୧ ଲକ୍ଷ ଟଙ୍କା। ଏଥିସହ ପ୍ରାୟ ଅର୍ଦ୍ଧାଧିକ ବିଧାୟକ ବ୍ୟବସାୟ ଅଥବା ଚାଷକୁ ନିଜର ପେସା ଭାବେ ଉଲ୍ଲେଖ କରିଛନ୍ତି। ସାରା ଦେଶରେ ଥିବା ୪,୦୮୬ ବିଧାୟକଙ୍କ ମଧରୁ ୩୧୪୫ ଜଣଙ୍କ ସ୍ୱଘୋଷିତ ସତ୍ୟପାଠକୁ ତର୍ଜମା କରାଯିବା ପରେ ରିପୋର୍ଟ ପ୍ରକାଶ କରାଯାଇଛି। ବିଧାୟକଙ୍କ ସ୍ୱଘୋଷିତ ଆୟକୁ ନେଇ ତର୍ଜମା କରାଯାଇଥିବାରୁ ଆୟ ଘୋଷଣା କରି ନ ଥିବା ୯୪୧ ଜଣଙ୍କୁ ଏହି ସର୍ଭେରେ ସାମିଲ କରାଯାଇ ନ ଥିଲା। ୩,୧୪୫ ବିଧାୟକଙ୍କ ହାରାହାରି ବାର୍ଷିକ ଆୟ ୨୪.୫୯ ଲକ୍ଷ ଟଙ୍କା ହୋଇଥିବା ବେଳେ ଦକ୍ଷିଣ ଭାରତର ୭୧୧ଜଣଙ୍କ ବାର୍ଷିକ ଆୟ ହାରାହାରି ୫୧.୯୯ ଲକ୍ଷ ଟଙ୍କା ବୋଲି ଜଣାପଡିଛି। ପୂର୍ବଭାରତର ୬୧୪ ଜଣ ବିଧାୟକଙ୍କ ହାରାହାରି ବାର୍ଷିକ ଆୟ ମାତ୍ର ୮.୫୩ ଲକ୍ଷ ଟଙ୍କା ରହିଛି। ରାଜ୍ୟୱାରି ହିସାବକୁ ନେଲେ କର୍ଣ୍ଣାଟକର ୨୦୩ ବିଧାୟକଙ୍କ ହାରାହାରି ଆୟ ୧.୧୧ କୋଟି ଟଙ୍କା ଲେଖାଏ ରହିଥିବା ବେଳେ ମହାରାଷ୍ଟ୍ରର ୨୫୬ ବିଧାୟକଙ୍କ ଆୟ ୪୩.୪ ଲକ୍ଷ ଟଙ୍କା ଲେଖାଏ ରହିଛି। ଏହା ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଛତିଶଗଡ଼ର ୬୩ ଜଣ ବିଧାୟକଙ୍କ ବାର୍ଷିକ ହାରାହାରି ଆୟ ୫.୪ ଲକ୍ଷ ଟଙ୍କା ଲେଖାଏ। ଝାଡଖଣ୍ଡର ବିଧାୟକଙ୍କ ଆୟ ୭.୪ ଲକ୍ଷ ଟଙ୍କା ବୋଲି ଜଣାପଡିଛି। ରିପୋର୍ଟ ଅନୁଯାୟୀ ୩୧୪୫ ବିଧାୟକଙ୍କ ଆୟକୁ ତର୍ଜମା କଲେ ଜଣାପଡୁଛି ଯେ, ପ୍ରାୟ ୫୫ ଅର୍ଥାତ ୨ ପ୍ରତିଶତ ବିଧାୟକ ସତ୍ୟପାଠରେ ସେମାନଙ୍କର ବୃତ୍ତି ଦର୍ଶାଇ ନାହାନ୍ତି। ଏହାଛଡା ୭୭୧ ବିଧାୟକ ଅର୍ଥାତ ୨୫ ପ୍ରତିଶତ ବ୍ୟବସାୟକୁ ଏବଂ ୭୫୮ ବା ୨୪% ଚାଷକୁ ସେମାନଙ୍କର ପେସା ଭାବେ ଦର୍ଶାଇଛନ୍ତି। ଏହାଛଡା ୩୯୭ ବା ୧୩% ବିଧାୟକ ଉଭୟ ବ୍ୟବସାୟ ଓ ଚାଷକୁ ନିଜର ପେସା ଭାବେ ଦର୍ଶାଇଛନ୍ତି ଏବଂ ସେମାନଙ୍କର ହାରାହାରି ବାର୍ଷିକ ଆୟର ପରିମାଣ ୫୭.୮୧ ଲକ୍ଷ ଟଙ୍କା ଲେଖାଏ ବୋଲି ଜଣାପଡିଛି। ୫ମରୁ ଦ୍ୱାଦଶ ପାଶ୍ କରିଥିବା ୧୦୫୨ ବିଧାୟକ(୩୩ %)ଙ୍କ ରୋଜଗାର ହାରାହାରି ୩୧.୦୩ ଲକ୍ଷ ଟଙ୍କା ରହିଥିବା ବେଳେ ୧୯୯୭(୬୩%) ବିଧାୟକ ସ୍ନାତକ ବୋଲି ନିଜର ଶିକ୍ଷାଗତ ଯୋଗ୍ୟତା ଦର୍ଶାଇଛନ୍ତି। ସେମାନଙ୍କର ବାର୍ଷିକ ଆୟ ହାରାହାରି ୨୦.୮୭ ଲକ୍ଷ ଟଙ୍କା ବୋଲି ଜଣାପଡିଛି। ୮ମ ପାଶ୍ କରିଥିବା ୧୩୯ ବିଧାୟକଙ୍କ ଆୟ ୮୯.୮୮ ଲକ୍ଷ ଟଙ୍କା, ୨୫ରୁ ୫୦ ବର୍ଷ ବୟସ୍କର ୧୪୦୨ ବିଧାୟକଙ୍କ ଆୟ ୧୮.୨୫ ଲକ୍ଷ ଟଙ୍କା, ୫୧ରୁ ୮୦ ବର୍ଷ ବୟସର ବିଧାୟକଙ୍କ ଆୟ ୨୯.୩୨ ଲକ୍ଷ ଟଙ୍କା, ୮୧ରୁ ୯୦ ବର୍ଷର ୧୧ ଜଣ ବିଧାୟକଙ୍କ ଆୟ ୮୭.୭୧ ଲକ୍ଷ ଟଙ୍କା, ୯୦ ବର୍ଷରୁ ଉର୍ଦ୍ଧ୍ୱ ୨ ଜଣ ବିଧାୟକଙ୍କ ଆୟ ୬୦.୯୧ ଲକ୍ଷ ଟଙ୍କା ଲେଖାଏ ବୋଲି ଜଣାପଡିଛି। ଏମାନଙ୍କ ମଧରୁ ୨୫୮ ଜଣ(୨ %) ବିଧାୟକ ମହିଳା। ଜଣେ ପୁରୁଷ ବିଧାୟକଙ୍କ ଆୟ ୨୫.୮୫ ଲକ୍ଷ ଟଙ୍କା ହୋଇଥିବା ବେଳେ ମହିଳାଙ୍କ ଆୟ ୧୦.୫୩ ଲକ୍ଷ ଟଙ୍କା ରହିଛି। ପ୍ରାର୍ଥୀମାନେ ଆୟକର ରିଟର୍ନ ଦାଖଲ କରି ନ ଥିଲେ ସୁଦ୍ଧା ନିର୍ବାଚନ ପୂର୍ବରୁ ସେମାନେ ନିଜ ଆୟ ସମ୍ପର୍କରେ ସତ୍ୟପାଠରେ ଦର୍ଶାଇବା ବାଧ୍ୟତାମୂଳକ ହେଉ ବୋଲି ଏଡିଆର୍ ରିପୋର୍ଟରେ ଜୋର୍ ଦିଆଯାଇଛି।

# ନୀତି ନିର୍ଦ୍ଧାରଣକାରୀ ମାନୁନାହାନ୍ତି ନୀତି

- ବିଧାନସଭାରେ ନାମକୁମାତ୍ର ସଦାଚାର କମିଟି
- ସୂଚନା ଅଧିକାର ଯୋଗେ ମିଳିଲା ତଥ୍ୟ

ବଲାଙ୍ଗୀର ଅଫିସ, ୧୮।୯

ଓଡ଼ିଶା ବିଧାନସଭା ସଦସ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ଆଚରଣ ବିଧିକୁ ଅଧିକାଂଶ ସଦସ୍ୟ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ସୂଚନା ଅଧିକାର ଆଇନ ଜରିଆରେ ଏଭଳି ତଥ୍ୟ ହସ୍ତଗତ ହୋଇଛି। ଓଡିଶା ବିଧାନସଭା ଓ ରାଜ୍ୟ ପାଇଁ ନୀତି ନିର୍ଦ୍ଧାରଣ କରିବା ଏବଂ ବିଧାୟକମାନଙ୍କ ମର୍ଯ୍ୟାଦାକୁ ସୁରକ୍ଷା ଦେବା ପାଇଁ ସଦାଚାର କମିଟି ଗଠନ କରାଯାଇଛି। ସଦାଚାର କମିଟି (ଏଥିକ୍ସ କମିଟି) ଗଠନ କରାଯିବା ଦିନଠାରୁ ଏ ପର୍ଯ୍ୟନ୍ତ ୧୭ଟି ଅଭିଯୋଗ କମିଟିକୁ ଆସିଛି। ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଏ ସଂକ୍ରାନ୍ତରେ ସୂଚନା ଅଧିକାର ଆଇନ ଯୋଗେ ତଥ୍ୟ ପାଇଛନ୍ତି। ତଥ୍ୟରୁ ଜଣାପଡିଛି ଯେ, ଚଳିତ ପଞ୍ଚଦଶ ବିଧାନସଭାର ମାତ୍ର ୪ଟି ଅଭିଯୋଗ ବିଚାରାଧୀନ ରହିଛି। ଅବଶିଷ୍ଟ ଅଭିଯୋଗ ବିଧାନସଭାର କାର୍ଯ୍ୟକାଳ ଅବଧି ଶେଷ ହୋଇଯାଇ ଥିବାରୁ ବିନା ନିଷ୍ପତ୍ତି ତଥା ବିନା ବିଚାରରେ ଆପାତତଃ ସମାପ୍ତି ହୋଇଯାଇଥିବା ତଥ୍ୟ ବିଧାନସଭା ସଚିବାଳୟ ପକ୍ଷରୁ ପ୍ରଦାନ କରାଯାଇଛି। ଏହି ଅଭିଯୋଗଗୁଡିକରେ ବିଭିନ୍ନ ସମୟରେ ୬ଜଣ ବିଧାୟକ ଅଭିଯୁକ୍ତ ଥିବାବେଳେ ୧୧ଟି ଅଭିଯୋଗ ବିଭିନ୍ନ ଅଧିକାରୀମାନଙ୍କ ବିରୋଧରେ ଆସିଥିଲା।

୨୦୦୬-୦୭ରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଓ ଅନୁପ ସାଏଙ୍କ ବିରୋଧରେ ତତ୍କାଳୀନ ସରକାରୀ ମୁଖ୍ୟ ସଚେତକ କିଶୋର କୁମାର ମହାନ୍ତି ଅସଦାଚାର ଅଭିଯୋଗ ଆଣିଥିଲେ। ସେହିବର୍ଷ ବିଜେଡି ବିଧାୟକ ପ୍ରତାପ ଜେନାଙ୍କ ବିରୋଧରେ କଂଗ୍ରେସ ଦଳର ମୁଖ୍ୟ ସଚେତକ ସତ୍ୟଭୂଷଣ ସାହୁ ଅଭିଯୋଗ ଆଣିଥିଲେ। ୨୦୧୧-୧୨ମସିହାରେ ବିଧାୟକ ପ୍ରତାପ ଷଡଙ୍ଗୀଙ୍କ ବିରୋଧରେ ବିଧାନସଭାର ପିଟିଶନ କମିଟି ବିଷୟରେ ବକ୍ତବ୍ୟକୁ ନେଇ ବିଜେଡି ସଭ୍ୟ ବିଷ୍ଣୁଚରଣ ଦାସ ଅଭିଯୋଗ ଆଣିଥିଲେ। ୨୦୧୫-୧୬ ବର୍ଷରେ ତାରାପ୍ରସାଦ ବାହିନୀପତିଙ୍କ ବିରୋଧରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ଫ୍ଲଟ ନଂ ୬୧୩/୧୩୨ ର ଲିଜ୍ ଫ୍ଲଟର ଲିଜକୁ ନିୟମିତ କରାଯାଇଥିବା ଅଭିଯୋଗ ବିଚାରାଧୀନ ରହିଥିବାବେଳେ ଝାରସୁଗୁଡା ବିଧାୟକ ନବକିଶୋର ଦାସ ତାଙ୍କ ମୋବାଇଲ ଫୋନରେ ଅଶ୍ଳୀଳ ଭିଡିଓ ଦେଖୁଥିବା ଅଭିଯୋଗ ମଧ ବିଚାରାଧୀନ ଅବସ୍ଥାରେ ରହିଥିବା ତଥ୍ୟ ପ୍ରଦାନ କରାଯାଇଛି। ବିଧାୟକମାନଙ୍କ ପାଇଁ ରହିଥିବା ଆଚରଣ ବିଧି ପୁସ୍ତିକାର ଦ୍ୱିତୀୟ ଅଧ୍ୟାୟର ଧାରା ୩ର ୨୦ନମ୍ବର ଉପଧାରାରେ ସ୍ପଷ୍ଟ ଭାବରେ ବିଧାୟକମାନେ ଗୃହ ଭିତରକୁ ମୋବାଇଲ ଫୋନ ନେବା ପାଇଁ ବାରଣ କରାଯାଇଥିବା ଉଲ୍ଲେଖ ଅଛି। ପୋଷ୍ଟର, ବ୍ୟାଜ ପରିଧାନକୁ ବାରଣ କରାଯିବା ସହ ଜଣେ ସଭ୍ୟ ବକ୍ତବ୍ୟ ପ୍ରଦାନ କରୁଥିବାବେଳେ ପାଟିତୁଣ୍ଡ କରି ବାଧା ନଦେବା ପାଇଁ ଉଲ୍ଲେଖ ରହିଛି। ଏଭଳି ବହୁ ଆଚରଣବିଧି ରହିଛି, ଯାହାକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଛି ବୋଲି ପଣ୍ଡା ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ବିଧାନସଭା ଗୃହ ମଧରେ ସ୍ଲୋଗାନ ଦେବା ପାଇଁ ବାରଣ କରାଯାଇଥିବାବେଳେ ବାରମ୍ବାର ସ୍ଲୋଗାନ ଦେଇ ସଭ୍ୟମାନେ ଗୃହର ମର୍ଯ୍ୟାଦାକୁ କ୍ଷୁଣ୍ଣ କରି ଆଦର୍ଶ ଆଚରଣ ବିଧିକୁ ଉଲ୍ଲଂଘନ କରୁଛନ୍ତି ବୋଲି ପଣ୍ଡା କହିଛନ୍ତି। ବିଧାନସଭା ସଦସ୍ୟ ମାନଙ୍କ ପାଇଁ ସ୍ଥିରୀକୃତ ସମସ୍ତ ଆଚରଣବିଧିକୁ ପାଳନ କରାଗଲେ ଗୃହକୁ ବାସ୍ତବରେ ଗଣତନ୍ତ୍ରର ମନ୍ଦିର ଭାବେ ଜନସାଧାରଣ ଗ୍ରହଣ କରିବେ ବୋଲି ପଣ୍ଡା କହିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୯ ସେପ୍ଟେମ୍ବର, ୨୦୧୮



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।
- ହୋମର



## ସଂକ୍ଷେପରେ

### ବିଦ୍ୟାଳୟ ପରିଚାଳନା କମିଟିର ତାଲିମ କାର୍ଯ୍ୟକ୍ରମ

ବୌଦ୍ଧ,୧୮।୯(ସ୍ୱ.ପ୍ର.): ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାଇସିଡିଏ (ବାଉଁଶୁଣୀ) ପକ୍ଷରୁ ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତରେ ବିଦ୍ୟାଳୟ ପରିଚାଳନା କମିଟିର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଣ୍ଡାପଡ଼ା ସରପଞ୍ଚ ତଥା ଷ୍ଟାଣ୍ଡିଂ କମିଟି ଅଧକ୍ଷ ବିଦ୍ୟାଧର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଅଭିଭାବକଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ମୁଣ୍ଡାପଡ଼ା ଆଞ୍ଚଳିକ ସାଧନକର୍ମୀ ଶେଷଦେବ ପ୍ରଧାନ ଯୋଗଦେଇ ଶିକ୍ଷାର ମାନ ବୃଦ୍ଧି ଉପରେ ଆଲୋଚନା କରିଥିଲେ। ୱାଇସିଡିଏର ପ୍ରକାଶ ପାଣ୍ଡେ ସ୍ୱାଗତ ଭାଷଣ ପ୍ରଦାନ ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ତାଲିମଦାତା ଭାବେ ତାଲସରଡ଼ାର ଆଞ୍ଚଳିକ ସାଧନକର୍ମୀ ସଞ୍ଜୟ ଦେହୁରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶିଶୁ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୱାଇସିଡିଏ ପକ୍ଷରୁ ରୋଜାଲିନ ପରିଡ଼ା, କୁଞ୍ଜବିହାରୀ ନାଏକ ଓ ଅଚ୍ୟୁତ ମହଲା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ମୁଣ୍ଡାପଡ଼ା ପଞ୍ଚାୟତର ୭୦ ଅଭିଭାବକ ତଥା ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଅଂଶଗ୍ରହଣ କରିଥିଲେ।

### ରାସ୍ତାରୁ ତଳକୁ ଖସିଲା ସ୍କୁଲ ଭ୍ୟାନ, ବର୍ତ୍ତିଲେ ୧୦ ଛାତ୍ରୀଛାତ୍ର

ଲୋଇସିଂହା,୧୮।୯(ଡି.ଏନ.ଏ.): ସ୍କୁଲ ଆସୁଥିବା ବେଳେ ସ୍କୁଲ ଭ୍ୟାନ ରାସ୍ତାରୁ ତଳକୁ ଖସିଯାଇଥିଲା । ଅଳ୍ପକେ ଲୋଇସିଂହା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ବର୍ତ୍ତି ଯାଇଥିବା ଜଣାପଡିଛି । ଲୋଇସିଂହା ବ୍ଲକ ଝାରମୁଣ୍ଡାସ୍ଥିତ ଆଦର୍ଶ ବିଦ୍ୟାଳୟକୁ ତଲିଉଡାର ଅଞ୍ଚଳରୁ ୧୦ଜଣ ଛାତ୍ରୀଛାତ୍ର ଏକଭ୍ୟାନରେ ନିୟମିତ ପାଠପଢିବାକୁ ଆସିଥାନ୍ତି । ମଙ୍ଗଳବାର ଉକ୍ତଭ୍ୟାନରେ ସ୍କୁଲ ଆସୁଥିବାବେଳେ ଝାରମୁଣ୍ଡା ଓ ଆଦର୍ଶ ବିଦ୍ୟାଳୟ ମଝିରେ ଭ୍ୟାନ ଡ୍ରାଇଭର ଭାରସାମ୍ୟ ହରାଇବାର ରାସ୍ତାରୁ ତଳକୁ ଗାଡି ଖସି ଯାଇଥିଲା । ସୌଭାଗ୍ୟକୁ ଭ୍ୟାନ ନ ଓଲଟିବାରୁ ସେଥିରେ ଥିବା ୧୦ଜଣ ଛାତ୍ରୀଛାତ୍ର ସୁରକ୍ଷିତ ରହିଥିଲେ । ସ୍ଥାନୀୟ ଲୋକେ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରି ସ୍କୁଲରେ ଛାଡିଥିଲେ ।

### ଭସାଣି ଉତ୍ସବ ଅନୁଷ୍ଠିତ

ଟିକ୍ରାପଡା,୧୮।୯(ଡି.ଏନ.ଏ):ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବାନ୍ଧୁପଲାଠାରେ ଗଣେଶ ପୂଜା କମିଟି ଆନୁକୂଲ୍ୟରେ ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

■ ଝାରସୁଗୁଡା ବିମାନବନ୍ଦର କାର୍ଯ୍ୟକ୍ଷମ ଶ୍ରେୟ ନେଇ ପ୍ରତିଦ୍ୱନ୍ଦ୍ୱିତା

# ବିଜେଡି, କଂଗ୍ରେସ, ଭାଜପାର ପ୍ରଚାର ଜୋର୍‌ଦାର୍










ଝାରସୁଗୁଡ଼ା ଅଫିସ,୧୮।୯

ଝାରସୁଗୁଡ଼ା ବିମାନବନ୍ଦର ନିର୍ମାଣ କାର୍ଯ୍ୟ ଶେଷ ହୋଇ ଲୋକାର୍ପିତ ଅପେକ୍ଷାରେ ରହିଛି। ସେପ୍ଟେମ୍ବର ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଉଦ୍‌ଘାଟନ କରିବେ। ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଏହି ବିମାନବନ୍ଦର ନୁଆଁଖାଇ ଭେଟି ହେବ ବୋଲି ନେତାମାନେ ମତ ରଖୁଛନ୍ତି। ଏସବୁ ସତ୍ତ୍ୱେ ୩ ପ୍ରମୁଖ ରାଜନୈତିକ ଦଳ ଭାଜପା, ବିଜେଡି ଓ କଂଗ୍ରେସ

**ମାଧ୍ୟମ ହୋଇଛି ହୋର୍ଡିଂ, ସାମାଜିକ ଗଣମାଧ୍ୟମ**

ଝାରସୁଗୁଡା ବିମାନବନ୍ଦର କାର୍ଯ୍ୟକ୍ଷମକୁ ପ୍ରସଙ୍ଗ କରି ରାଜନୈତିକ ଫାଇଦା ଉଠାଇବାକୁ ଏକପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଚଳାଇଛନ୍ତି। ଆଗକୁ ସାଧାରଣ ନିର୍ବାଚନ ରହିଥିବାରୁ ବିମାନବନ୍ଦର କାର୍ଯ୍ୟକ୍ଷମର ଶ୍ରେୟ ପାଇଁ ପ୍ରଚାରର ମୁଖ୍ୟ ମାଧମ ସାଜିଛି ହୋର୍ଡିଂ, ସାମାଜିକ ଗଣମାଧମ। କିନ୍ତୁ ଏହି ପ୍ରଚାରରେ ଭାଜପା ବହୁ ଆଗରେ ରହିଥିବା ସ୍ଥାନୀୟ ଲୋକଙ୍କ ମତ। ଅନ୍ୟପକ୍ଷରେ ଜିଲା ବିଜେଡି ମଧ ନିଜ ସରକାରକୁ ଶ୍ରେୟ ଦେବା ପାଇଁ ବିମାନବନ୍ଦରରେ ରାଜ୍ୟ ସରକାରଙ୍କ ଭାଗିଦାରୀକୁ ଉଲ୍ଲେଖ କରି ହୋର୍ଡିଂ ଆକାରରେ ସହରର ମୁଖ୍ୟ ସ୍ଥାନରେ ପ୍ରଦର୍ଶିତ କରିଛି। ସେହିପରି କଂଗ୍ରେସ ସମର୍ଥକ ସମସ୍ତଙ୍କଠାରୁ ଭିନ୍ନ ଢଙ୍ଗରେ ସାମାଜିକ ଗଣମାଧମର ସାହାରା ନେଇ ପ୍ରଚାର ପ୍ରସାର ଆରମ୍ଭ କରିଦେଇଛନ୍ତି।

ବିମାନବନ୍ଦର ଉଦ୍‌ଘାଟନ ପାଇଁ ଜିଲା, ରାଜ୍ୟ ଓ ଜାତୀୟସ୍ତରରେ ଭାଜପାର ନେତାମାନେ ତତ୍ପର ହୋଇଉଠିଛନ୍ତି। ବିମାନବନ୍ଦର କାର୍ଯ୍ୟକ୍ଷମର ଅଧିକାଂଶ ଶ୍ରେୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦେବାକୁ ଭୁଲିନାହାନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଜୁଏଲ ଓରାମ। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତରୁ ନେଇ ଭାଜପା ନିଶ୍ଚିତ ଭାବେ ଆଗାମୀ ଦିନରେ ରାଜନୈତିକ ଫାଇଦା ପାଇବ ବୋଲି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଅନ୍ୟପକ୍ଷରେ ଝାରସୁଗୁଡା ବିମାନବନ୍ଦର ଦୀର୍ଘଦିନ ହେଲା ଅବହେଳିତ ଅବସ୍ଥାରେ ପଡି ରହିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସକରାତ୍ମକ ଆଭିମୁଖ୍ୟ ଓ ସହାୟତା ପ୍ରଦାନ କରିବା ଯୋଗୁଁ ଝାରସୁଗୁଡା ବିମାନବନ୍ଦର କାର୍ଯ୍ୟକ୍ଷମ ହୋଇପାରିଛି ବୋଲି ବିଜେଡି ଜିଲା ବିଜେଡ ସଭାପତି କିଶୋର ମହାନ୍ତି କହିଛନ୍ତି। ସେହିପରି କଂଗ୍ରେସ ସମର୍ଥକ ସାମାଜିକ ଗଣମାଧମରେ ଝାରସୁଗୁଡା ବିମାନବନ୍ଦର କାର୍ଯ୍ୟକ୍ଷମ ପ୍ରସଙ୍ଗରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ଶ୍ରେୟ ଦେବାକୁ ପ୍ରୟାସ କରିଛନ୍ତି। ବିମାନବନ୍ଦର କାର୍ଯ୍ୟକ୍ଷମ ନେଇ ପ୍ରସ୍ତାବ ଦେବା, ପଦକ୍ଷେପ ଗ୍ରହଣ କରିବା ଏବଂ ଅନୁମୋଦନ କରିବାରେ କାହାର ଭୂମିକା ରହିଛି, ଝାରସୁଗୁଡାବାସୀ ତାହା ଭଲଭାବେ ଜାଣିଛନ୍ତି। ତେଣୁ ବାଦ ବିବାଦ ଠାରୁ ଦୂରରେ ରହି ବର୍ତମାନ ସରକାର, ପୂର୍ବତନ ସରକାର ଏବଂ ରାଜ୍ୟ ସରକାରଙ୍କୁ ଶ୍ରେୟ ଦିଆଯିବା ଆବଶ୍ୟକ ବୋଲି କହିଛନ୍ତି। ଏହାସହ ଆଗକୁ ଝାରସୁଗୁଡାରୁ ଦେଶର ଗୁରୁତ୍ୱପୂର୍ଣ୍ଣ ସହରକୁ ସିଧାସଳଖ ବିମାନ ଚଳଚଳ ଦିଗରେ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଛନ୍ତି।

୬ ହଜାରରୁ ଅଧିକ ଦରମା ଦାବି

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗାଁ ସାଥୀଙ୍କ ସ୍ମାରକପତ୍ର

ଝାରସୁଗୁଡ଼ା ଅଫିସ,୧୮।୯


ଜିଲାପାଳ ଅଫିସ ସମ୍ମୁଖରେ ଗାଁସାଥୀ ସଂଘର କର୍ମଚାରୀ।

ମାସିକ ସର୍ବନିମ୍ନ ୬ ହଜାର ଟଙ୍କାରୁ ଅଧିକ ଦରମା ପ୍ରଦାନ ଦାବିରେ ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ଝାରସୁଗୁଡା ଶାଖା ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଛି। ୨୦୦୮ରୁ ସରକାରଙ୍କ ବିଧିବଦ୍ଧ ପ୍ରକ୍ରିୟାରେ ଗାଁ ସାଥୀ ଭାବେ ନିଯୁକ୍ତି ପାଇଥିଲୁ। ଉପଯୁକ୍ତ ଯୋଗ୍ୟତା ଏବଂ ଯାଞ୍ଚ ଆଧାରରେ ନିଯୁକ୍ତି ଦିଆଯାଇଥିଲା। ଇତିମଧ୍ୟରେ ସରକାରଙ୍କ ପାଇଁ ଗ୍ରାମାଞ୍ଚଳସ୍ତରରେ ୧୦ ବର୍ଷରୁ ଅଧିକ ସମୟ ଧରି କାମ କରିସାରିଛୁ। ମାତ୍ର ସରକାରଙ୍କ ଶୁଭଦୃଷ୍ଟି ଆମ ଉପରେ ପଡ଼ିନାହିଁ। ସେଥିପାଇଁ ରାଜ୍ୟର ୬୦୧୩୪ ଗାଁ ସାଥୀ ଆର୍ଥିକ ସଙ୍କଟ ଦେଇ କାଳାତିପାତ କରୁଛନ୍ତି। ଏଣୁ ସରକାର ପୂର୍ବ ପ୍ରତିଶ୍ରୁତି ରକ୍ଷା କରି ଗାଁ ସାଥୀମାନଙ୍କୁ ମାସିକ ୬୦୦୦ ଟଙ୍କାରୁ ଅଧିକ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି। ସଂଘର ସମ୍ପାଦିକା ନଳିନୀ ପ୍ରଧାନ, ସଭାପତି ଦିଲେଶ୍ୱର ପଟେଲ, ଭୋଳାନାଥ ପଟେଲ, ପ୍ରସନ୍ନ କୁମାର ବାଗ, ସୁବାସ ସତନାମୀ, ପ୍ରଭାତି ପଟେଲ ଏବଂ ଅନ୍ୟମାନେ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ନୂଆଁଖାଇ ଭେଟ୍‌ଘାଟରେ ଆଞ୍ଚଳିକ ପ୍ରସଙ୍ଗ ଉଠିଲା

କଣ୍ଟାବାଞ୍ଜି,୧୮।୯(ଡି.ଏନ.ଏ.)

ଜିନ୍ଦାବାଦ ସଂଗଠନ ଓ ଶ୍ରମିକ ଅଧିକାର ମଞ୍ଚ କପସିପାଲି ପକ୍ଷରୁ ମଙ୍ଗଳବାର କଣ୍ଟାବାଞ୍ଜିଠାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତୁରେକେଲା ବ୍ଲକର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଏହି ବ୍ଲକରେ ବିଭିନ୍ନ ସରକାରୀ ଯୋଜନା ଠିକ୍‌ଭାବେ କାର୍ଯ୍ୟକାରୀ ହେଉନାହିଁ। ଏମଜିଏନଆରଜିଏ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଏହି ବ୍ଲକରୁ ଅନେକ ଦାଦନ ଶ୍ରମିକ ସାଜୁଛନ୍ତି। ଜଙ୍ଗଲ ଅଧିକାର ଆଇନ ଠିକ୍ ଭାବରେ କାର୍ଯ୍ୟକାରୀ ହେଉନାହିଁ । ଖାଦ୍ୟ ସୁରକ୍ଷା ଆଇନ ଠିକ୍ ଭାବରେ କାର୍ଯ୍ୟକାରୀ ହେଉ ନ ଥିବା ଯୋଗୁଁ ଅନେକ ଗରିବ ପରିବାର ଏଥିରୁ ବଞ୍ଚିତ ହେଉଛନ୍ତି। । ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନ ଅନୁସାରେ ଲେବର କାର୍ଡ ରେଜିଷ୍ଟ୍ରେଶନ, ରିନ୍ୟୁଆଲ ଓ ଅନ୍ୟାନ୍ୟ ସୁବିଧା ମିଳିପାରୁ ନାହିଁ । ଏହି ସବୁ ମୌଳିକ ସମସ୍ୟାର ତୁରନ୍ତ ପୂରଣ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରିତ ୧୩ଦଫା ଦାବିପତ୍ର ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଏଥିପୂର୍ବରୁ ଜିନ୍ଦାବାଦ ସଂଗଠନର ସଭାପତି ଲୋଚନ ବରିହାଙ୍କ ନେତୃତ୍ୱରେ ସଂଗଠନ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ପହଞ୍ଚିଲା ପରେ ଏକ ସଭା କରାଯାଇ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଗଠନର କର୍ମକର୍ତ୍ତାଙ୍କ ସହିତ ଶ୍ରମିକ୍ ଅଧିକାର ମଞ୍ଚର ତ୍ରିଲୋଚନ ପୁଞ୍ଜି ଉପସ୍ଥିତ ଥିଲେ ।

# ପାରିବାରିକ ହିଂସା ସୁରକ୍ଷା ଆଇନ ତାଲିମ ଶିବିର

ଝାରସୁଗୁଡା ଅଫିସ,୧୮।୯


ତାଲିମ ଶିବିରରେ ଉପସ୍ଥିତ ଅତିଥି ଏବଂ ଆଇନ୍ ପରାମର୍ଶଦାତା।

ଦେଶର ନ୍ୟାୟିକ ବ୍ୟବସ୍ଥାରେ ସବୁ ବର୍ଗର ଲୋକଙ୍କ ପାଇଁ ନ୍ୟାୟ ପାଇବାର ସୁବିଧା ରହିଛି। ଉପଯୁକ୍ତ ସମୟରେ ଉପଯୁକ୍ତ ଫୋରମର ଦ୍ୱାରସ୍ଥ ହୋଇ ସମସ୍ତେ ନ୍ୟାୟ ହାସଲ କରିପାରିବେ। ମହିଳାମାନେ ପାରିବାରିକ ହିଂସା ସୁରକ୍ଷା ଆଇନ୍-୨୦୦୫ର ଆଶ୍ରୟ ନେବା ଜରୁରୀ। ମଙ୍ଗଳବାର ଜିଲା ସଂସ୍କୃତି ଭବନଠାରେ ଜିଲା ସମାଜ ମଙ୍ଗଳ ବିଭାଗ ତରଫରୁ ଆୟୋଜିତ ପାରିବାରିକ ହିଂସା ଆଇନ୍-୨୦୦୫ ସମ୍ପର୍କିତ କର୍ମଶାଳାରେ ଅତିଥିମାନେ ଏହା ସୂଚାଇଛନ୍ତି। କର୍ମଶାଳାକୁ ଆଇନସେବା ପ୍ରାଧିକରଣ ସଚିବ ଜାନକୀ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ତାଲିମଦାତା ତଥା ଅତିଥି ଭାବେ ଜିଲା ବାର୍ ଆସୋସିଏଶନର ଆଇନଜୀବୀ ବି. ନାଗେଶ୍ୱରୀ, ଧମାଲି ପଟେଲ, ଶିଶୁ ମଙ୍ଗଳ କମିଟି ଅଧକ୍ଷା ଆନନ୍ଦିନୀ ପାଢୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁପ୍ରଭା ସେଠ୍, ସୁରକ୍ଷା ଅଧିକାରୀ ବୃନ୍ଦାବତୀ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପାରିବାରିକ ହିଂସାରେ ପୀଡିତା ମହିଳାଙ୍କ ଆଇନଗତ ଅଧିକାର ଓ ଆଇନସେବା ପ୍ରଦାନକାରୀ ଅନୁଷ୍ଠାନର ଭୂମିକା ସମ୍ପର୍କରେ ଅତିଥିମାନେ ଅବଗତ କରିଥିଲେ। ପରାମର୍ଶଦାତ୍ରୀ ପ୍ରିୟଙ୍କା ସିଂ, ତରୁଲତା ଭୋଇ, ଟିକେଶ୍ୱରୀ ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନା କରିଥିଲେ। ବିଭିନ୍ନ ସରକାରୀ, ବେସରକାରୀ ସ୍କୁଲ, କଲେଜର ଶିକ୍ଷୟତ୍ରୀ, ଅଧ୍ୟାପିକା ତାଲିମ୍ ଗ୍ରହଣ କରିଥିଲେ।

ହିତାଧିକାରୀଙ୍କ ଭତ୍ତା ହଡ଼ପ ଅଭିଯୋଗ

# ତିଲେଇମାଲ ସରପଞ୍ଚ ନିଲମ୍ବିତ

ଝାରସୁଗୁଡା ଅଫିସ/ଲଇକେରା,୧୮।୯

ମଧୁବାବୁ ପେନଶନ ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କ ପେନଶନ ଟଙ୍କା ହଡ଼ପ ଅଭିଯୋଗରେ ଝାରସୁଗୁଡା ଜିଲା ଲଇକେରା ବ୍ଲକ୍ ତିଲେଇମାଲ ପଞ୍ଚାୟତର ସରପଞ୍ଚ କଳ୍ପନା କିଶାନଙ୍କୁ ନିଲମ୍ବିତ କରାଯାଇଛି। ରାଜ୍ୟ ପଞ୍ଚାୟତିରାଜ ବିଭାଗ ସରପଞ୍ଚଙ୍କୁ ନିଲମ୍ବିତ କରିଥିବା ନେଇ ଜିଲା ପଞ୍ଚାୟତ କାର୍ଯ୍ୟାଳୟକୁ ଜଣାଇ ଦିଆଯାଇଛି। ନିଲମ୍ବିତ ଆଦେଶ ପାଇବାର ୩୦ ଦିନ ମଧ୍ୟରେ ସରପଞ୍ଚ ନିଜ ବିରୋଧରେ ଆସିଥିବା ଅଭିଯୋଗ ସମ୍ପର୍କରେ ଉତ୍ତର ରଖିବାକୁ କୁହାଯାଇଛି। ସରପଞ୍ଚ କଳ୍ପନା କିଶାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ଗଣ୍ଡ ମିଳିତ ଭାବେ ହିତାଧିକାରୀଙ୍କ ପେନଶନ ବାବଦ ୬୭୮୦୦ ଟଙ୍କା ହଡ଼ପ କରିଥିବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଦର୍ଶାଯାଇଛି।

ଅଭିଯୋଗ ଅନୁସାରେ, ମଧୁବାବୁ ପେନଶନ ଯୋଜନାରେ ହିତାଧିକାରୀଙ୍କୁ ମାସିକ ୩୦୦ ଟଙ୍କା ଭତ୍ତା ପ୍ରଦାନ କରାଯାଏ। ୨୦୧୭ ଡିସେମ୍ବର, ୨୦୧୮ ଜାନୁଆରୀ ଏବଂ ଫେବ୍ରୁଆରୀ ମାସରେ ଲଇକେରା ବ୍ଲକ୍ ତିଲେଇମାଲ ପଞ୍ଚାୟତର ୧୧୩ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ପ୍ରଦାନ ପାଇଁ ସରପଞ୍ଚ ଏବଂ ନିର୍ବାହୀ ଅଧିକାରୀ ଟଙ୍କା ଉଠାଇଥିଲେ। ୩ ମାସର ଭତ୍ତା ଟଙ୍କା ପ୍ରଦାନ କରିବା ପରିବର୍ତ୍ତେ ହିତାଧିକାରୀଙ୍କୁ ଗୋଟିଏ ମାସର ଟଙ୍କା ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ଟଙ୍କା ହଡ଼ପ କରାଯାଇଥିବା ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଅଭିଯୋଗର ତଦନ୍ତ କରି ଲଇକେରା ବିଡିଓ ତିଲେଇମାଲ ନିର୍ବାହୀ ଅଧିକାରୀ ବିଜୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ସୁପାରିଶ କରିଥିଲେ। ବିଡିଓଙ୍କ ସୁପାରିଶ କ୍ରମେ ଜିଲାପାଳ ନିର୍ବାହୀ ଅଧିକାରୀ ବିଜୟଙ୍କୁ ନିଲମ୍ବିତ କରିଥିଲେ। ସେହିପରି ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ ସୁପାରିଶ କ୍ରମେ ରାଜ୍ୟ ପଞ୍ଚାୟତି ରାଜ ବିଭାଗ ସରପଞ୍ଚ କଳ୍ପନା କିଶାନଙ୍କୁ ନିଲମ୍ବିତ କରିଛି।

ଅଭିବ୍ୟକ୍ତିର ସ୍ୱତନ୍ତ୍ରତା ଉପରେ ଆକ୍ରମଣକୁ ନିନ୍ଦା

# ଲୋକତନ୍ତ୍ର ସୁରକ୍ଷା ମଞ୍ଚର ପ୍ରତିବାଦ

ଝାରସୁଗୁଡ଼ା ଅଫିସ,୧୮।୯



ଲୋକତନ୍ତ୍ର ସୁରକ୍ଷା ମଞ୍ଚ ତରଫରୁ ପ୍ରତିବାଦ କରାଯାଉଛି।

ଭିନ୍ନ ମତ ଉପରେ ଦମନ ଅନ୍ୟାୟ ଅଟେ। ଅଭିବ୍ୟକ୍ତିର ସ୍ୱତନ୍ତ୍ରତା ଉପରେ ଆକ୍ରମଣ ବନ୍ଦ କରାଯାଉ। ସେହିପରି ଗିରଫ ୫ ମାନବାଧିକାର କର୍ମୀଙ୍କୁ ଅବିଳମ୍ବେ ମୁକ୍ତ କରିବା, ଫାଶିବାଦୀ ଶକ୍ତି ବିରୋଧରେ ଏକଜୁଟ୍ ହେବା, ଆଦିବାସୀ ଦଳିତ ଓ ଅଳ୍ପସଂଖ୍ୟକଙ୍କ ଉପରେ ଆକ୍ରମଣ ଏବଂ ଲୋକତନ୍ତ୍ରର ସୁରକ୍ଷା ନେଇ ମଙ୍ଗଳବାର ଝାରସୁଗୁଡ଼ା ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଲୋକତନ୍ତ୍ର ସୁରକ୍ଷା ମଞ୍ଚ ତରଫରୁ ପୂର୍ବାହ୍ନ ୧୧ରୁ ୧୨ଘଟିକା ପର୍ଯ୍ୟନ୍ତ ଏହି ବିକ୍ଷୋଭ କରାଯାଇଥିଲା। ମହାରାଷ୍ଟ୍ରର ଭୀମାକୋରେଗାଓଁ ହିଂସାକାଣ୍ଡ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୫ ଆକ୍ଟିଭିଷ୍ଟଙ୍କୁ ଗିରଫ କରାଯାଇଥିଲା। ପରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ ସେମାନଙ୍କୁ ଜେଲକୁ ପଠା ନ ଯାଇ ନଜରବନ୍ଦୀ କରାଯାଇଥିଲା। ଭିନ୍ନମତ ପୋଷଣ କରୁଥିବା ଆକ୍ଟିଭିଷ୍ଟଙ୍କ ଗିରଫ ପ୍ରତିବାଦରେ ବିଭିନ୍ନ ସଙ୍ଗଠନର ଆକୁଳ ରାମ, ରତ୍ନାକର ପ୍ରଧାନ, ପ୍ରଭା ଓରାମ, ଲକ୍ଷ୍ମୀଚରଣ ପାଲ, ଦିଲୀପ ସାହୁ, ଅନନ୍ତ, ଟଙ୍କଧର ସାହୁ, ଜିନିଦ ସାମାଦ, ଦୁଲାରୀ ସାହୁ, ଗୀତା ନାଏକ, ପଦ୍ମଲୋଚନ ବରିହା, କୈଳାଶ ପିଙ୍ଗ ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ବୀମା ଟଙ୍କା ଉଠାଣ ପାଇଁ ବ୍ୟାଙ୍କରେ ଚାଷୀଙ୍କ ଭିଡ

ଲଇକେରା, ୧୮।୯ (ଡି.ଏନ.ଏ)


ବୀମା ଟଙ୍କା ଉଠାଣ ପାଇଁ ଚାଷୀଙ୍କ ଭିଡ଼ ଲାଗିଛି।

୨୦୧୭ ଖରିଫ ଋତୁରେ ଧାନ ଚାଷ ଉଜୁଡି ଯାଇଥିବାବେଳେ ସରକାର ଚାଷୀଙ୍କ ବୀମା ଟଙ୍କା ପ୍ରଦାନ କରୁଛନ୍ତି। ଝାରସୁଗୁଡା ଜିଲା ଲଇକେରା ବ୍ଲକ କିର୍ମିରା ବ୍ଲକ ଏବଂ କୋଲାବିରା ବ୍ଲକ ଅଧିନ ଚାଷୀମାନେ ସେବା ସମବାୟ ସମିତି ମାଧ୍ୟମରେ ଋଣ ନେଇଥିବା ଚାଷୀ ବୀମା ଟଙ୍କା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଲଇକେରା ବ୍ଲକର ଖୁଣ୍ଟାମାଲ, କୁଲେମୁରା, କୋଲାବିରା ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତ ଏବଂ କିର୍ମିରା ବ୍ଲକର କିର୍ମିରା, ନକ୍ସାପାଲି ଓ ଅର୍ଡା ଆଦି ଗ୍ରାମ ପଞ୍ଚାୟତର ୪ ହଜାର ୧୮ଜଣ ଚାଷୀ ୧୨ କୋଟି ୪୩ ଲକ୍ଷ ବୀମା ପାଇବାକୁ ଯୋଗ୍ୟ ହୋଇଛନ୍ତି। ତେବେ ଗତ ୧୨ ତାରିଖରୁ ସମ୍ବଲପୁର ଜିଲା କୋଅପରେଟିଭ୍ ବ୍ୟାଙ୍କ ଶାଖା ଲଇକେରା ଠାରେ ବୀମା ଟଙ୍କା ଉଠାଣ ପାଇଁ ପ୍ରତ୍ୟେକ ଦିନ ସକାଳ ପ୍ରାୟ ୯ଟାରୁ ହଜାର ହଜାର ଚାଷୀଙ୍କ ଭିଡ ଦେଖିବାକୁ ମିଳୁଛି । ଏନେଇ ବ୍ୟାଙ୍କ ମ୍ୟାନେଜର ଛବିଳ ସାହୁଙ୍କୁ ପଚରାଯିବାରୁ ସେ କହନ୍ତି, ନିର୍ଦ୍ଧାରିତ ସମୟ ମଧ୍ୟରେ ଟଙ୍କା ଦେଉଛୁ। ଅନ୍ୟପଟେ ସମସ୍ତ ଚାଷୀଙ୍କ ଜମା ଖାତାରେ ଟଙ୍କା ଡିପୋଜିଟ୍ ହୋଇଛି । ମାତ୍ର ଗୋଟିଏ କାଉଣ୍ଟର ଥିବା ବେଳେ କଷ୍ଟ ହେଉଛି ତଥାପି କାମ କରୁଛୁ ଏବଂ ଚାଷୀଙ୍କୁ ଟଙ୍କା ପ୍ରଦାନ କରୁଛୁ । ଯଦି ଅଧିକ କର୍ମଚାରୀ ଯୋଗାଇ ଆହୁରୀ ଗୋଟିଏ କାଉଣ୍ଟର କରାଗଲେ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରନ୍ତା। ଚାଷୀଙ୍କ ଏଟିଏମ କାର୍ଡ ଦିଆଯାଇଛି ହେଲେ ତାହା କାର୍ଯ୍ୟକ୍ଷମ ହୋଇନାହିଁ। ଏଟିଏମ କାର୍ଡ କାର୍ଯ୍ୟକ୍ଷମ ହେଲେ ମଧ କାର୍ଯ୍ୟ ସୁରୁଖୁରୁରେ ହୋଇପାରନ୍ତା ବୋଲି କହିଛନ୍ତି। ଅନ୍ୟ ଏକ କାଉଣ୍ଟର କରାଯିବା ସହିତ ଏଟିଏମ କାର୍ଯ୍ୟକ୍ଷମ ପାଇଁ ଚାଷୀମାନେ ମଧ ଅନୁରୋଧ କରିଛନ୍ତି।



"୪ଟି ପଦାର୍ଥ ଉପରେ ଭରସା କରନାହିଁ-ଜୟ କରାଯାଇ ନ ଥିବା ମନ, ଶତ୍ରୁମାନଙ୍କର ସ୍ନେହ, ସ୍ୱାର୍ଥୀମାନଙ୍କର ତୋଷାମଦ ଏବଂ ବଜାର ଜ୍ୟୋତିଷୀମାନଙ୍କ ଭବିଷ୍ୟବାଣୀ।
- ଗୌତମ ବୁଦ୍ଧ

## ସଂକ୍ଷେପରେ



### କୃଷକ ସଚେତନତା କାର୍ଯ୍ୟକ୍ରମରେ ଲାଠିକଟା ବ୍ଲକ ଚାଷୀଙ୍କ ଯୋଗଦାନ

**ବେଦବ୍ୟାସ, ୧୮।୯ (ଡି.ଏନ.ଏ)-** ଲାଠିକଟା ବ୍ଲକ ସହକାରୀ କୃଷି ଅଧିକାରୀ ସୁବ୍ରତ କୁମାର ସାହୁଙ୍କ ନେତୃତ୍ୱରେ ଲାଠିକଟା ବ୍ଲକର ପ୍ରାୟ ୫୦ଜଣ କୃଷକ ସୋମବାର ଭୁବନେଶ୍ୱର ସ୍ଥିତ ଇମେଜଠାରେ ଅନୁଷ୍ଠିତ କୃଷକ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଏନେଇ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି କୃଷି କ୍ଷେତ୍ରରେ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ବିକାଶ ଓ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ନେଇ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିଥିବା ସହ ଚାଷୀମାନଙ୍କ ପ୍ରତ୍ୟେକ ସମସ୍ୟାକୁ ସମାଧାନ କରିବା ନିମନ୍ତେ ସଂକଳ୍ପବଧ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ କୃଷି ଅଧିକାରୀ ଓ ଏଟିଏମମାନେ ଯୋଗ ଦେଇଥିଲେ।

### ବନବାସୀ କଲ୍ୟାଣ ଆଶ୍ରମ ପକ୍ଷରୁ କରମା ମହୋତ୍ସବ ପାଳନ ପ୍ରସ୍ତୁତି ବୈଠକ

**ସୁନ୍ଦରଗଡ଼,୧୮।୯ (ଡି.ଏନ୍.ଏ)** -ଭୋଜପୁରସ୍ଥିତ ବନବାସୀ କଲ୍ୟାଣ ଆଶ୍ରମଠାରେ କରମା ମହୋତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୦ ତାରିଖ ଭାଦ୍ରବ ମାସ ଏକାଦଶୀ ତିଥି ଗୁରୁବାର ଅପରାହ୍ନ ୫ଟାରୁ ଏହି ମହୋତ୍ସବର ଶୁଭାରମ୍ଭ କରାଯିବା ପାଇଁ ସ୍ଥିର ହୋଇଛି। ସୁନ୍ଦରଗଡ ତଥା ଆଖପାଖ ଅଞ୍ଚଳର ୨୦ରୁ ଉର୍ଦ୍ଧ୍ୱ ଗ୍ରାମରୁ କରମା ପୂଜକ ଓ ଭକ୍ତ ମାନଙ୍କୁ ନିମନ୍ତ୍ରଣ କରାଯାଇଥିବା ବୈଠକରେ ପ୍ରକାଶ କରାଯାଇଥିଲା। ଏହି ଦିନ ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରାରେ କରମା ଡାଳ ବରଣ କରି ଅଣାଯିବା ପରେ ବନବାସୀ କଲ୍ୟାଣ ଆଶ୍ରମ ପରିସରରେ ପୂଜାସ୍ଥଳ (ଆଖଡାରେ ) ସ୍ଥାପନ କରାଯିବ। ପଙ୍କଜ କୁମାର ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜନାର୍ଦ୍ଦନ ପାଣିଗ୍ରାହୀ, ଅନୀଲ ଦାସ, ସମ୍ପାଦକ ଶ୍ୟାମସୁନ୍ଦର ଭୋଇ, ଅମୀୟ ପଟ୍ଟନାୟକ, ଚିତ୍ର ଭାନୁପ୍ରଧାନଙ୍କ ସମେତ ବନବାସୀ କଲ୍ୟାଣ ଆଶ୍ରମର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।



### ଫଗୁଆପଡାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ

**ସବ୍‌ଡେଗା, ୧୮।୯ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକର ବିଭିନ୍ନ ଅନୁଷ୍ଠାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କର ପୂଜା ହୋଇଯାଇଛି। କରମଡିହି ପଞ୍ଚାୟତର ଫଗୁଆପଡା ଗ୍ରାମରେ ଅନେକ ରାଜମିସ୍ତ୍ରୀ ଓ ଯାନବାହାନ ମାଲିକମାନେ ଏକତ୍ର ହୋଇ ବିଶ୍ୱକର୍ମା ପୂଜା କରି ଅଞ୍ଚଳ ଓ ଗ୍ରାମର କୁନିକୁନି ପିଲାଙ୍କୁ ନେଇ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଗ୍ରାମବାସୀ ଦେଖିବା ପାଇଁ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ପିଲାମାନଙ୍କୁ ଅନୁଷ୍ଠାନ ତରଫରୁ ସାନ୍ତ୍ୱନାମୂଳକ ଭାବେ ଖାତା, କଲମ, ଚକୋଲେଟ, କମ୍ପାସ ଇତ୍ୟାଦି ପୁରସ୍କାର ଦିଆଯାଇଥିଲା। ମୁଖ୍ୟଅତିଥି ଭାବେ ଉକ୍ତ ଗ୍ରାମର ୱାର୍ଡ ମେମ୍ବର ପ୍ରକାଶ ଧୁରୁଆ ଯୋଗଦେଇ କୁନି କୁନି ପିଲାଙ୍କୁ ପୁରସ୍କୃତ କରିଥିଲେ। ଛୋଟିଆ ଗ୍ରାମରେ ଏଭଳି କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ ସ୍ୱାଗତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପିଲାଙ୍କୁ ତାଙ୍କର ମାଆ, ବାପାଙ୍କ ସହ କମିଟିର ସୁମନ୍ତ ପଟେଲ, ସୁଧିର ନାଏକ, ସମ୍ବିତ ପଟେଲ, ଚିନ୍ମୟ ସେନାପତି, ନୟନ ପଟେଲ, ପିଣ୍ଟୁ ପଟେଲ ପ୍ରମୁଖ ସହଯୋଗ କରିଥିଲେ।

# ଆଇଆଇପିଏମ୍‌ରେ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଜାରି

**ରାଜଗାଙ୍ଗପୁର, ୧୮।୯ (ଡି.ଏନ.ଏ)**

**୮ ଦିନରେ ପହଞ୍ଚିଲା ଧାରଣା**
- ମଙ୍ଗଳବାରରୁ ଆମରଣ ଅନଶନରେ ବସିଲେ
- ଛାତ୍ରୀଛାତ୍ରଙ୍କୁ ସମର୍ଥନ ଦେଲେ ମନ୍ତ୍ରୀ ଜୁଏଲ ଓରାମ
- ୨୨ରୁ ଧାରଣାରେ ବସିବେ ବୀରମିତ୍ରପୁର ବିଧାୟକ
- କେତେକ ସାମାଜିକ କର୍ମୀଙ୍କ ସମର୍ଥନ
- ଜିଲା ଗ୍ରାମାଞ୍ଚଳ ସାମ୍ବାଦିକ ସଂଘର ବି ସମର୍ଥନ
- ୮ ଦିନ ବିତିଯାଇଥିଲେ ମଧ ପ୍ରଶାସନର ଦେଖାନାହିଁ

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକର କାଂଶବାହାଲସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଫର ପ୍ରୋଡକସନ ମ୍ୟାନେଜମେଣ୍ଟ (ଆଇଆଇପିଏମ୍)ରେ ଛାତ୍ର ଅଶାନ୍ତି ଜାରି ରହିଛି। ଆଇଆଇପିଏମର ଡାଇରେକ୍ଟର ନିରଞ୍ଜନ ନାଏକଙ୍କୁ ବହିଷ୍କାର କରିବା ଦାବିନେଇ ଛାତ୍ରୀଛାତ୍ରମାନେ ଅନୁଷ୍ଠାନର ଗେଟରେ ଦେଇଥିବା ଧାରଣା ୮ ଦିନରେ ପହଞ୍ଚିଥିବାବେଳେ ପ୍ରଶାସନ ଏଯାଏ କୌଣସି ପଦକ୍ଷେପ ନେଇ ନାହିଁ। ମଙ୍ଗଳବାର ଦିନଠାରୁ ଛାତ୍ରୀଛାତ୍ର ଆମରଣ ଅନଶନରେ ବସିଥିବା ବେଳେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ଜିଲାପାଳଙ୍କ ସହିତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଆଲୋଚନା କରିଛନ୍ତି। ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଯଦି ୨୧ ତାରିଖ ପର୍ଯ୍ୟନ୍ତ ପ୍ରଶାସନ କୌଣସି ପଦକ୍ଷେପ ନ ନିଏ, ତାହେଲେ ଜର୍ଜ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏହାଛଡା ସାମାଜିକ କର୍ମୀ ରଶ୍ମି ଏକ୍କା ଛାତ୍ରୀଛାତ୍ରଙ୍କୁ ସମର୍ଥନ କରି ଯଥାଶୀଘ୍ର ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ଛାତ୍ରୀଛାତ୍ରଙ୍କ ଦାବିକୁ ସମର୍ଥନ ଜଣାଇ ସୁନ୍ଦରଗଡ ଜିଲା ଗ୍ରାମାଞ୍ଚଳ ସାମ୍ବାଦିକ ସଂଘ ମଧ ଯଥାଶୀଘ୍ର ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି।



ଆଇଆଇପିଏମ୍‌ରେ ଛାତ୍ରୀଛାମାନେ ଆନ୍ଦୋଳନ ଚଳାଇଛନ୍ତି।

ପ୍ରକାଶ ଥାଉ ଯେ, ଆଇଆଇପିଏମର ଡାଇରେକ୍ଟର ଛାତ୍ରୀଛାତ୍ରଙ୍କୁ ଧମକ ଚମକ ଦେବା ସାଙ୍ଗକୁ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି। ଆଦିବାସୀ ପିଲାଙ୍କ ଭତ୍ତା ଟଙ୍କାକୁ ହଡପ ପାଇଁ ଯୋଜନା କରୁଥିବା ନେଇ ଛାତ୍ରୀଛାତ୍ର ତାଙ୍କ ନାମରେ ଥାନାରେ ଅଭିଯୋଗ କରିବା ସାଙ୍ଗକୁ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନକୁ ଲିଖିତ ଜଣାଇଥିଲେ। ହେଲେ ଡାଇରେକ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ବରଂ ଡାଇରେକ୍ଟରଙ୍କ ଦ୍ୱାରା ତିଆରି କରାଯାଇଥିବା ମ୍ୟାନେଜମେଣ୍ଟ କମିଟି ଡାଇରେକ୍ଟର ଅବସର ନେଇଥିଲେ ମଧ ତାଙ୍କୁ ପୁଣି ପଦବୀରେ ଅବସ୍ଥାପନ କରିଥିଲେ। ଏଣୁ ଡାଇରେକ୍ଟର ନିରଞ୍ଜନ ନାଏକଙ୍କୁ ବହିଷ୍କାର ନେଇ ଛାତ୍ରୀଛାତ୍ରମାନେ ସାତଦିନ ହେବ ଆନ୍ଦୋଳନ କରି ଆସୁଛନ୍ତି। ୧୧ ତାରିଖରେ ସେମାନେ ଆନ୍ଦୋଳନ ଆରମ୍ଭ କରିଥିଲେ। ବିଭିନ୍ନ ପ୍ଲାକାର୍ଡ଼ ଧରି ଗେଟରେ ଧାରଣା ଦେଇଥିଲେ।

## ମା' ମେଡିକାଲ ଷ୍ଟୋର, କ୍ଲିନିକକୁ ସିଲ୍ କଲା ପ୍ରଶାସନ

**ବିଶ୍ରା, ୧୮।୯ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅନ୍ତର୍ଗତ ବିଶ୍ରା ମୁଖ୍ୟ ରାସ୍ତାରେ ଅବସ୍ଥିତ ମା' ମେଡିକାଲ ଷ୍ଟୋର ଓ କ୍ଲିନିକକୁ ମଙ୍ଗଳବାର ସିଲ କରାଯାଇଛି। ସୁନ୍ଦରଗଡ଼ ଜିଲାପାଳଙ୍କ ନିର୍ଦ୍ଦେଶନାମାକୁ ପାଳନ କରି ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଦେବରାଜ ହାଁସଦା, ବିଶ୍ରା ତହସିଲଦାର ଦିଲୀପ କୁମାର ପଟ୍ଟନାୟକ ଏବଂ ବିଶ୍ରା ପୋଲିସର ଉପସ୍ଥିତିରେ ଏକ ଟିମ୍ ଆଇନ ସଙ୍ଗତ କାଗଜପତ୍ର ଯାଞ୍ଚ କରିଥିଲେ। ଟିମ୍ କାଗଜପତ୍ର ଯାଞ୍ଚରେ ଅସନ୍ତୁଷ୍ଟ ହୋଇଥିଲେ। ନିୟମ ଅନୁସାରେ କାଗଜପତ୍ର ମେଡିକାଲ ଷ୍ଟୋର ଓ କ୍ଲିନିକର ଉପଲବ୍ଧ କରି ନ ଥିଲେ ମାଲିକ। ଏଣୁ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ଟିମ୍ ଦୁଇ ଦୋକାନକୁ ତାଲା ମାରି ସିଲ୍ କରିଥିଲେ। ଏ ବିଷୟରେ ଡା. ଦେବରାଜ ହାଁସଦାଙ୍କୁ ପଚାରିବାରୁ ସେ କହିଲେ, ଜିଲାପାଳଙ୍କ ନିର୍ଦ୍ଦେଶରେ ବିଶ୍ରା ଅଞ୍ଚଳର ସମସ୍ତ ମେଡିକାଲ ଷ୍ଟୋର ଓ କ୍ଲିନିକ୍‌ର କାଗଜପତ୍ର ଯାଞ୍ଚ କରାଯାଉଛି। ଯାହାର କାଗଜପତ୍ର ଠିକ୍ ନାହିଁ। ସେମାନଙ୍କର ଦୋକାନ ସିଲ୍ କରିବାର ନିର୍ଦ୍ଦେଶ ରହିଛି ବୋଲି କହିଲେ।


କଳାସାଂସ୍କୃତିକ ସଂଘର ସଭାପତି ସୌମେନ୍ଦ୍ର କୁମାର ଦାସ କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

## କଳାସାଂସ୍କୃତିକ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

**ଲେଫ୍ରିପଡା,୧୮।୯(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ କଳାସାଂସ୍କୃତିକ ସଂଘ ପକ୍ଷରୁ ମଙ୍ଗଳବାର ନୂଆଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କଳାସାଂସ୍କୃତିକ ସଂଘର ସଭାପତି ତଥା ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମେନ୍ଦ୍ର କୁମାର ଦାସ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସଂଘର ମଙ୍ଗଳ କାମନା କରିଥିଲେ। ପରେ କଳା ସାଂସ୍କୃତିକ ସଂଘ ପକ୍ଷରୁ ସଂକୀର୍ତ୍ତନ୍ୟ ଦଳ ମାଦଳ ନୃତ୍ୟର ତାଳେ ତାଳେ ବ୍ଲକ୍ କାର୍ଯ୍ୟାଳୟରୁ ବାହାରି ଲେଫ୍ରିପଡା ଗ୍ରାମ ପରିକ୍ରମା ସହ ନୂଆଖାଇ ଭେଟ୍‌ଘାଟ୍ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ଉପସଭାପତି ନୀଳମଣି ପଟେଲ, ସମ୍ପାଦକ ସଦାନନ୍ଦ ଦଣ୍ଡସନା, ଆବାହକ ରଜନୀକାନ୍ତ ଆଚାର୍ଯ୍ୟ, ପୀତାମ୍ବର ମାଝି, ସୁନୀତା ପଟେଲ, ସାଲିନୀ ଦେଓ, ହୃଦାନନ୍ଦ ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ଲେଫ୍ରିପଡା, ଝୁରିମାଲ, କୁଲାବିରା, ତେଲେନଡିହି ଇତ୍ୟାଦି ଗ୍ରାମର ସାଂସ୍କୃତିକ ଦଳ ଯୋଗ ଦେଇଥିଲେ।

## ଡିପ୍ଲୋମା ଇଞ୍ଜିନିୟର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

**ସୁନ୍ଦରଗଡ଼, ୧୮।୯ (ଡି.ଏନ୍.ଏ)**

ବିଭିନ୍ନ ବିଭାଗରେ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟରମାନଙ୍କୁ ସରକାରଙ୍କ ଅଣଦେଖା ପ୍ରତିବାଦରେ ମଙ୍ଗଳବାରରୁ ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ତରଫରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ସଂଘର ଜିଲା ଶାଖା ପକ୍ଷରୁ ସଭାପତି ସୁରେନ୍ଦ୍ର ନାଥ ମହନ୍ତ, ସମ୍ପାଦକ ବସନ୍ତ କୁମାର ଦେହୁରୀଙ୍କ ନେତୃତ୍ୱରେ ଡିପ୍ଲୋମା ଇଞ୍ଜିନିୟରମାନେ ସାମୂହିକ ଛୁଟିରେ ଯାଇ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଡିପ୍ଲୋମା ଇଞ୍ଜିନିୟରମାନଙ୍କ ମୂଳ ନିଯୁକ୍ତି ପଦବୀ ସରକାରୀ କରାଯିବା ଓ ପଦୋନ୍ନତି ହାର ୫୦ ଭାଗକୁ ବୃଦ୍ଧି, କ୍ୟାଡର ପୁନର୍ଗଠନ, କୃଷି ମେକାନିକାଲ ବିଭାଗରେ ନିଯୁକ୍ତ ଡିପ୍ଲୋମା ଇଞ୍ଜିନିୟର କ୍ୟାଡରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ, ପଂଚାୟତ ରାଜ ବିଭାଗରେ କାର୍ଯ୍ୟରତ ଜିପିଟିଏ ଓ କନିଷ୍ଠ ଯନ୍ତ୍ରୀ -୨ ଦୁହିଁଙ୍କୁ ନିୟମିତ କନିଷ୍ଠ ଯନ୍ତ୍ରୀର ମାନ୍ୟତା ଏବଂ ବର୍ତ୍ତମାନର ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ସହକାରୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି, ଆରଏସସିପି ପ୍ରଦାନ ଆଦି ଦାବି ନେଇ ସଂଘ ପକ୍ଷରୁ ଏହି ସମୂହ ଛୁଟି ଆନ୍ଦୋଳନ ଅକ୍ଟୋବର ୩୧ପର୍ଯ୍ୟନ୍ତ ଚାଲିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ରାମପୁର ସାପ୍ତାହିକ ହାଟରୁ ବାଇକ୍ ଚୋରି

**ବାଲିଶଙ୍କରା, ୧୮।୯ (ଡି.ଏନ.ଏ)**

ତଳସରା ଥାନା ଅନ୍ତର୍ଗତ ରାମପୁର ଗ୍ରାମ ପଞ୍ଚାୟତର ରାମପୁର ସାପ୍ତାହିକ ମଙ୍ଗଳବାର ହାଟରୁ ଏକ ବାଇକ ଚୋରି ହୋଇଥିବା ଜଣାପଡିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବାଲିଶଙ୍କରା ଗ୍ରାମର ଗୋବିନ୍ଦ ସାହୁ ତାଙ୍କ ହିରୋ ସ୍ପେଲେଣ୍ଡର ଲାଲ ରଙ୍ଗର ବାଇକ ନଂ. (ଓଡି ୧୬ ଏ- ୬୮୩୦)କୁ ରାମପୁର ମଙ୍ଗଳବାର ହାଟରୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଜଣାପଡିଛି। ଗୋବିନ୍ଦ ନିଜ ବାଇକ ରାସ୍ତା କଡରେ ରଖି ହାଟ ଭିତରକୁ ଯାଇ ପରିବା କିଣାକିଣି ସାରି ଅପରାହ୍ନ ୨ଟାରେ ନିଜ ବାଇକ ରଖିଥିବା ସ୍ଥାନକୁ ଯାଇ ବାଇକ ନ ଥିବା ଦେଖିଥିଲେ। ଆଖପାଖ ଲୋକଙ୍କୁ ବୁଝାସୁଝା କଲାପରେ ମଧ କୌଣସି ଖୋଜଖବର ଜଣାପଡି ନ ଥିଲା। ଗୋବିନ୍ଦ ସାହୁ ଘଟଣା ବିଷୟରେ ଲିଖିତ ଅଭିଯୋଗ କରିଥିବାବେଳେ ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି। ଗତ ଅଗଷ୍ଟ ୧୪ ତାରିଖରେ ମଧ ବ୍ଲକ ସମ୍ମୁଖରୁ ଜଣେ କର୍ମଚାରୀଙ୍କ ବାଇକ ଚୋରି ହୋଇଥିଲା। ପୂର୍ବରୁ ବାଲିଶଙ୍କରା ଶନିବାର ସାପ୍ତାହିକ ହାଟରୁ ବାଲିଶଙ୍କରା ଗ୍ରାମର କାର୍ତ୍ତିକ ପ୍ରସାଦ ସିଂଙ୍କ ହିରୋ ସ୍ପେଲେଣ୍ଡର ବାଇକ ମଧ ଚୋରି ହୋଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ପୋଲିସ ଚୋରକୁ ଧରିବାରେ ବିଫଳ ହୋଇଛି। ତଳସରା ପୋଲିସ ବ୍ୟବସ୍ଥା ଢ଼ିଲା ଥିବାରୁ ଦିନକୁ ଦିନ ଅଞ୍ଚଳରେ ଚୋରି ଓ ବିଭିନ୍ନ ଅପରାଧ ବଢ଼ିବାରେ ଲାଗିଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

## ଲହୁଣୀପଡା: ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା

**ଲହୁଣୀପଡା, ୧୮।୯ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଅଞ୍ଚଳରେ ଆନନ୍ଦ ଉଲ୍ଲାସର ସହିତ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଅଞ୍ଚଳ ଉତ୍ସବମୁଖର ହୋଇ ଉଠିଛି। ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକମାଳାରେ ଝଲସୁଛି ମଣ୍ଡପ। ସନ୍ଧ୍ୟା ସମୟରେ ବିଭିନ୍ନ ପୂଜା ମଣ୍ଡପରେ ଦର୍ଶକମାନଙ୍କର ଭିଡ ଦେଖିବାକୁ ମିଳିଛି। ସନ୍ଧ୍ୟା ସମୟରେ ଭଜନ କୀର୍ତ୍ତନ ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଅନ୍ନଭୋଗର ବ୍ୟବସ୍ଥା କରାଯାଇଛି। ରାଜାମୁଣ୍ଡାସ୍ଥିତ ବିଦ୍ୟୁତ ବିଭାଗ, ପୁରୁଣାପାଣି ସ୍ଥିତ ବିଦ୍ୟୁତ ଗ୍ରୀଡ, ପ୍ରଧାନ ଲେଦ, ରାଜାମୁଣ୍ଡା ଅଟୋ ଷ୍ଟାଣ୍ଡ, ଲହୁଣୀପଡା ଅଟୋ ମାଲିକ ସଂଘ ପକ୍ଷରୁ ଅଟୋ ଷ୍ଟାଣ୍ଡରେ ଜାକ ଜମକରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି। ଅନେକ ଶିଳ୍ପାନୁଷ୍ଠାନ, ଛୋଟ ବଡ ଗ୍ୟାରେଜରେ ପୂଜା ବିଧିମୁତାବକ ହୋଇଛି। ସେହିଭଳି ବିଭିନ୍ନ ସ୍ପଞ୍ଜ କାରଖାନା ଓ ରାଇସ ମିଲରେ ପୂଜା ହୋଇଛି। ଆଞ୍ଚଳିକ ଟ୍ରକ ଟିପର ମାଲିକ ସଂଘ ତୁମକଳା ପକ୍ଷରୁ ଲଖମାପତଳାଠାରେ ବଡ ଧୁମଧାମରେ ବିଶ୍ୱକର୍ମ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭୂତିଭୂଷଣ କର କର୍ତ୍ତା ଦାୟୀତ୍ୱ ତୁଲାଇଥିବା ବେଳେ ପଣ୍ଡିତ ମିରା ଶଙ୍କର ନନ୍ଦ ପୂଜା ସଞ୍ଚାଳନା କରିଥିଲେ । ରଣଜିତ ସାହୁ, ଘାସିରାମ ମାହାନ୍ତ, ଫକିର ସାହୁ, ସୁଜିତ ମହାପାତ୍ର, ଟଙ୍କଧର ମାହାନ୍ତ, ଜଗଦିଶ ପଣ୍ଡା, ଯୁଗଳ କିଶୋର ମାହାନ୍ତ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ପୂଜା ଅନୁଷ୍ଠିତ ହୋଇଥିଲା।


ଲହୁଣୀପଡା ଅଞ୍ଚଳର ଏକ ମଣ୍ଡପରେ ବିଶ୍ୱକର୍ମା ପୂଜା ପାଉଛନ୍ତି।

ବ୍ଲକସ୍ତରୀୟ ହାଇସ୍କୁଲ ସମୂହ ବିଜ୍ଞାନ ସେମିନାର ଉଦ୍‌ଯାପିତ

# ପ୍ରଥମ ହୋଇ ଶିକ୍ସା ଜିଲାସ୍ତରକୁ ଉନ୍ନୀତ

**କୁଆଁରମୁଣ୍ଡା,୧୮।୯(ଡି.ଏନ.ଏ)**

ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲାର କୁଆଁରମୁଣ୍ଡା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନ କୁମଝରିଆ ସରକାରୀ ହାଇସ୍କୁଲରେ ମଙ୍ଗଳବାର ବ୍ଲକସ୍ତରୀୟ ହାଇସ୍କୁଲ ସମୂହ ବିଜ୍ଞାନ ସେମିନାର ଉଦ୍‌ଯାପିତ ହୋଇଯାଇଛି। ଦିନିକିଆ ଏହି ସେମିନାରରେ ବିଷୟ ବସ୍ତୁ 'ଔଦ୍ୟୋଗିକ କ୍ରାନ୍ତି ୪:୦ ଆମେ ପ୍ରସ୍ତୁତ କି' ଥିଲାବେଳେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସନ୍ଦର୍ଭ, ଚାର୍ଟ, ମଡେଲ ଇତ୍ୟାଦି ପ୍ରଦର୍ଶନ କରିଥିଲେ। ସେ ସମ୍ପର୍କରେ ନିଜର ସୁଚିନ୍ତିତ ମତକୁ ବାଖ୍ୟା କରିଥିଲେ। ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇ ଅଭିଜ୍ଞ ବିଚାରକମଣ୍ଡଳୀ ପ୍ରତିଯୋଗୀମାନଙ୍କୁ ସେମାନଙ୍କ ସନ୍ଦର୍ଭ ସମ୍ପର୍କରେ ବିଭିନ୍ନ ପ୍ରକାର ପ୍ରଶ୍ନ କରିଥିଲେ। ଏହା ପୂର୍ବରୁ ପ୍ରତିଯୋଗୀମାନଙ୍କୁ ପ୍ରଦତ୍ତ ବିଷୟ ସମ୍ପର୍କିତ ଲିଖିତ ପରୀକ୍ଷା କରାଯାଇଥିଲା। ଉଭୟ ଲିଖିତ, ମୌଖିକ ପରୀକ୍ଷା ସହ ମଡେଲ ଓ ଚାର୍ଟ ପ୍ରଦର୍ଶନୀକୁ ବିଚାରକୁ ନେଇ ବିଚାରକମଣ୍ଡଳୀ ଫଳାଫଳ ଘୋଷଣା କରିଥିଲେ। ଏଥିରେ କୁମଝରିଆ ସରକାରୀ ହାଇସ୍କୁଲର ଛାତ୍ରୀ ଶିକ୍ସା ସାହୁ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ କୁମଝରିଆ ସରକାରୀ ବାଳିକା ହାଇସ୍କୁଲର ଛାତ୍ରୀ ଆରତୀ କୁଜୁର ଓ ବୀରମିତ୍ରପୁର ସରକାରୀ ବାଳିକା ହାଇସ୍କୁଲ ଛାତ୍ରୀ ସୁଶିଳା ସିଂ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ ହାସଲ କରିଛନ୍ତି। ଏହି ଉପଲକ୍ଷେ ଅପରାହ୍ନରେ ପୁରସ୍କାର ବିତରଣୀ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ବୀରମିତ୍ରପୁର ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ବୀଣା ମୁଣ୍ଡା ଯୋଗଦେଇ ଛାତ୍ରୀଛାତ୍ରମାନେ ବିଜ୍ଞାନ ବିଷୟକୁ ଘୋଷିବା ଅପେକ୍ଷା ତା'ର ବାସ୍ତବତା ପ୍ରତି ବିଶେଷ ଆଗ୍ରହ ରଖିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ସମ୍ମାନିତ ଅତିଥିଭାବେ କୁଆଁରମୁଣ୍ଡା ବ୍ଲକ ଶିକ୍ଷାଧିକାରୀ (ବିଇଓ) ସଦାନନ୍ଦ ପଧାନ ଯୋଗଦେଇ ବ୍ଲକସ୍ତରୀୟ ବିଜ୍ଞାନ ସେମିନାରରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ କିଭଳି ଜିଲାସ୍ତରୀୟ ପ୍ରତିଯୋଗିତାରେ ଯୋଗ୍ୟ ବିବେଚିତ ହୋଇପାରିବେ, ସେଥିପାଇଁ ବ୍ଲକର ସମସ୍ତ ବିଜ୍ଞାନ ଶିକ୍ଷୟିତ୍ରୀ/ଶିକ୍ଷକମାନଙ୍କ ସମ୍ମିଳିତ ପ୍ରୟାସ ଆବଶ୍ୟକ ବୋଲି କହିଥିଲେ। ଯଦ୍ୱାରା ଆମ ବ୍ଲକର ସୁନାମ୍ ନିଶ୍ଚିତଭାବେ ବଢିବ ବୋଲି ଉପସ୍ଥିତ ବିଜ୍ଞାନ ଶିକ୍ଷୟିତ୍ରୀ/ଶିକ୍ଷକମାନଙ୍କୁ ବିଇଓ ପଧାନ ପରାମର୍ଶ ଦେଇଛନ୍ତି। ଏଥିରେ ଏବିଇଓ ମୋହନ କୁମାର ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଅନୁରୂପ ମତବ୍ୟକ୍ତ କରିଥିଲେ। ପରିଶେଷରେ ୧ମ, ୨ୟ ଓ ୩ୟ ଘୋଷିତ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ସହ ୧ମ ଘୋଷିତ ପ୍ରତିଯୋଗୀ ଚଳିତ ମାସ ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନ ସେମିନାରରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବିଇଓ ପଧାନ ଏହି ଅବସରରେ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଚାରକଭାବେ କୁଆଁରମୁଣ୍ଡା ସିଟି ଟ୍ରେନିଂ ସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ସୁଜାତା ପଣ୍ଡା, ସଲଙ୍ଗାବାହାଲ ନବଜ୍ୟୋତି ହାଇସ୍କୁଲ ଓ ଡୁମେରଯୋର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ତ୍ରିଲୋଚନ ବେହେରା, ଜଗନ୍ନାଥ ସାହୁ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କର ପରୀକ୍ଷା ନେଇଥିଲେ। ଏଥିରେ ବ୍ଲକ ଅଞ୍ଚଳର ୧୭ଟି ହାଇସ୍କୁଲର ଜଣେ ଲେଖାଏଁ କୃତୀ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ସହ ଉକ୍ତ ସ୍କୁଲର ଜଣେ ଲେଖାଏଁ ବିଜ୍ଞାନ ଶିକ୍ଷୟିତ୍ରୀ/ଶିକ୍ଷକ ଗାଇଡ଼ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ଏବିଇଓ ଗୁରୁଚରଣ ସାହୁ ପରିଚାଳନା କରିଥିବା ବେଳେ ବାନିଗୁନି ସ୍କୁଲର ଶିକ୍ଷୟିତ୍ରୀ ନିବେଦିତା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।



କୁମଝରିଆ ସରକାରୀ ହାଇସ୍କୁଲରେ ବିଜ୍ଞାନ ସେମିନାରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।